# ସାମାଜିକ ବିଜ୍ଞାନ ଅଧ୍ୟୟନ : ଭାରତ ଓ ଆମ ପୃଥିବୀ

## ସପ୍ତମ ଶ୍ରେଣୀ


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ସାମାଜିକ ବିଜ୍ଞାନ ଅଧ୍ୟୟନ :
# ଭାରତ ଓ ଆମ ପୃଥିବୀ

## ସପ୍ତମ ଶ୍ରେଣୀ


ପରୀକ୍ଷାମୂଳକ ସଂସ୍କରଣ- ୨୦୨୬

**ସମ୍ପାଦକ ମଣ୍ଡଳୀ :**

ଡ. ନିରଞ୍ଜନ ଦାସ
ଡ. ହେମନ୍ତ କୁମାର ପରିଡ଼ା
ଡ. ଚିତ୍ତରଞ୍ଜନ ମିଶ୍ର
ଅରବିନ୍ଦ ଦାଶ
ଶଶିଭୂଷଣ ପଶାୟତ
ଅମ୍ବିକା ପ୍ରସାଦ ଦାସ
ରାଣୀବାଳା ସୁନ୍ଦରାୟ

**ସଂଯୋଜକ :**

ମାନସ ଚନ୍ଦ୍ର ରାଉତ

**ମୁଖ୍ୟ ସଂଯୋଜିକା :**

ଡ. ସବିତା ସାହୁ

**ସମୀକ୍ଷକ ମଣ୍ଡଳୀ :**

ଡ. ସୌଦାମିନୀ ରାୟ
ଡ. ହେମନ୍ତ କୁମାର ପରିଡା
ଡ. ଶାରଦାକାନ୍ତ ମିଶ୍ର
ଡ. ପ୍ରଦୀପ କୁମାର ମିଶ୍ର
ଅରବିନ୍ଦ ଦାଶ
ଅମ୍ବିକା ପ୍ରସାଦ ଦାସ

**ବିଷୟ ବିଶେଷଜ୍ଞ :**

ଡ. ସୁଶାନ୍ତ କୁମାର ଦାସ
ଅମ୍ବିକା ପ୍ରସାଦ ଦାସ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ତଥା ପ୍ରମୁଖ ଶିକ୍ଷାନୀତି, ଯାହାକି ଦେଶରେ ଏକ ନୂତନ ଅଭିନବ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି । ଭାରତର ନୀତି ଓ ଆଦର୍ଶ, ମାନବୀୟ ପ୍ରୟାସ ତଥା ଜ୍ଞାନ ବିକାଶର ସମସ୍ତ କ୍ଷେତ୍ରରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାର ଉପଲବ୍ଧି ଉପରେ ଏହା ଆଧାରିତ ହୋଇଛି । ଏହା ସହିତ ଗଠନମୂଳକ ଭାବେ ଚଳିତ ଶତାବ୍ଦୀର ସୁଯୋଗ, ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରିତ ତଥା ପ୍ରସ୍ତୁତ କରାଉଛି । ନୂତନ ଶିକ୍ଷାନୀତିର ଆକାଂକ୍ଷୀ ଦୃଷ୍ଟିକୋଣର ଆଧାରରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ୨୦୨୩ର ରୂପରେଖ ଅନୁସାରେ ସମସ୍ତ ବିଷୟରେ ଓ ସବୁ ସ୍ତରରେ ପାଠ୍ୟକ୍ରମ ସୁବ୍ୟବସ୍ଥିତ କରାଯାଇଛି । ମାନବ ଅସ୍ତିତ୍ୱର ସମସ୍ତ ପାଞ୍ଚଟି ସ୍ତର; ପଞ୍ଚକୋଷକୁ ସ୍ପର୍ଶ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତାକୁ ମୌଳିକ ଏବଂ ପ୍ରସ୍ତୁତି ପର୍ଯ୍ୟାୟରେ ପୋଷଣ କରି ମଧ୍ୟମ ପର୍ଯ୍ୟାୟରେ ସେମାନଙ୍କର ଶିକ୍ଷାର ଆହୁରି ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି । ଏହିପରି ମଧ୍ୟମ ପର୍ଯ୍ୟାୟ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷ ବ୍ୟାପୀ, ପ୍ରସ୍ତୁତି ଏବଂ ମାଧ୍ୟମିକ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା-୨୦୨୩ (NCF-SE-2023) ମଧ୍ୟମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢ଼ିବା ସହିତ ଅଧିକ ବିକଶିତ କରିବା ପାଇଁ ଆବଶ୍ୟକ ଦକ୍ଷତା ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିଛି । ଏହା ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ଆଲୋଚନାତ୍ମକ କ୍ଷମତାକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ପ୍ରସ୍ତୁତ କରିବାକୁ ପ୍ରୟାସ କରିଛି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ଭାଷାରୁ ଅତିକମ୍‌ରେ ଦୁଇଟି ଭାରତୀୟ ଭାଷାରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷା ପର୍ଯ୍ୟନ୍ତ ନଅଟି ବିଷୟ ଅନ୍ତର୍ଭୁକ୍ତ କରି ଏକ ବିବିଧ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଏପରି ଏକ ପରିବର୍ତ୍ତନଶୀଳ ଶିକ୍ଷା-ସଂସ୍କୃତି ପାଇଁ କିଛି ଅତ୍ୟାବଶ୍ୟକୀୟ ପରିସ୍ଥିତିର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି, ବିଭିନ୍ନ ପାଠ୍ୟକ୍ରମ କ୍ଷେତ୍ରରେ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଣୟନ; କାରଣ ଏହି ପାଠ୍ୟପୁସ୍ତକଗୁଡ଼ିକ ବିଷୟବସ୍ତୁ ଏବଂ ଶିକ୍ଷାଦାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ, ଯାହା ସିଧାସଳଖ ଶିକ୍ଷା ଏବଂ ତତ୍‌ସମ୍ବନ୍ଧୀୟ ଅନୁସନ୍ଧାନର ସୁଯୋଗ ମଧ୍ୟରେ ଏକ ବିଚାରପୂର୍ଣ୍ଣ ସନ୍ତୁଳନ ସ୍ଥାପନ କରିପାରିବ । ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ, ଶିକ୍ଷକ ପ୍ରସ୍ତୁତି ଏବଂ ଶ୍ରେଣୀଗୃହ ବ୍ୟବସ୍ଥା ଉଭୟ ପାଠ୍ୟକ୍ରମ ମଧ୍ୟରେ ଓ ପାଠ୍ୟକ୍ରମ ବାହାରେ ଧାରଣାଗତ ସଂଯୋଗ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦକୁ ଅନୁସରଣ କରି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ - ଗୁଣବତ୍ତା ସମ୍ପନ୍ନ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଭିନ୍ନ ବିଷୟରେ

ପାଠ୍ୟକ୍ରମ ସମୂହ ଏକ ମହତ ଉଦ୍ଦେଶ୍ୟରେ ଗଠନ କରାଯାଇଛି । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ, ବିଷୟଭିତ୍ତିକ ଶିକ୍ଷକ ଏବଂ ଅଭିଜ୍ଞ ଅଧ୍ୟାପକ ସେମାନଙ୍କର ସଦସ୍ୟ ଭାବରେ ସମ୍ମିଳିତ ହୋଇ ଗୁଣାବତ୍ତାପୂର୍ଣ୍ଣ ପାଠ୍ୟ ବିଷୟବସ୍ତୁ ରଖିବାକୁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଛନ୍ତି ।

ସପ୍ତମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସାମାଜିକ ବିଜ୍ଞାନ ପୁସ୍ତକ "ସାମାଜିକ ବିଜ୍ଞାନ : ଭାରତ ଓ ଆମ ପୃଥିବୀ," ମଧ୍ୟମ ପର୍ଯ୍ୟାୟର ଦ୍ୱିତୀୟ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଅଛି । ଏହା ଷଷ୍ଠ ଶ୍ରେଣୀର ବିଷୟବସ୍ତୁ ଏବଂ ଆଭିମୁଖ୍ୟକୁ ସ୍ୱତନ୍ତ୍ର ଧ୍ୟାନ ଦେଇ, ମୁଖ୍ୟଧାରଣା ଏବଂ ପ୍ରମୁଖ ବିକାଶ ଦିଗରେ ପାଠ୍ୟକ୍ରମର ଧ୍ୟାନ କେନ୍ଦ୍ରିତ କରେ। ଏକ ଆକର୍ଷଣୀୟ ଡିଜାଇନ୍‌ର ଚିତ୍ରଣ, ମାନଚିତ୍ର ଓ ଚିତ୍ର ମାଧ୍ୟମରେ ଏହା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣରେ ନିୟୋଜିତ କରିବାକୁ ଚେଷ୍ଟା କରେ। ଅନୁସନ୍ଧାନ, ଆବିଷ୍କାର ଏବଂ ବିଷୟବସ୍ତୁକୁ ସହଜରେ ବୁଝିବା ପାଇଁ ପାଠ୍ୟ ପୁସ୍ତକରେ ଅନେକ ପ୍ରତିଫଳନାତ୍ମକ ଅଭ୍ୟାସ ଏବଂ କାର୍ଯ୍ୟକଳାପ ସନ୍ନିବେଶିତ କରାଯାଇଛି । ବହୁବିଧ ଦିଗ ସହିତ ବିଷୟବସ୍ତୁ ଭିତ୍ତିକ ଆଭିମୁଖ୍ୟ ଏଥିରେ ଜାରି ରହିଛି ଯାହା ଛାତ୍ରଛାତ୍ରୀମାନଙ୍କୁ ଧାରଣାଗୁଡ଼ିକୁ ସାମଗ୍ରିକ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ । ପାଠ୍ୟ ବିଷୟ ବସ୍ତୁ ଗୁଡ଼ିକ ଆମର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିକଶିତ କରିବାକୁ ଚାହୁଁଥିବା ମୂଲ୍ୟବୋଧଗୁଡ଼ିକୁ ଏକୀକୃତ କରି ଭାରତୀୟ ସାଂସ୍କୃତିକ ପ୍ରସଙ୍ଗର ମୂଳଉତ୍ସ ସହିତ ପରିଚିତ କରାଇ ବୟସ ଉପଯୋଗୀ ବିଶ୍ୱ ଦୃଷ୍ଟିକୋଣ ସହିତ ପରିଚିତ କରିବାରେ ସଫଳ ହୋଇପାରିବ । ବାସ୍ତବରେ ମୋ ମତରେ ପ୍ରଥମତଃ, ଉପଯୁକ୍ତ ବିଷୟବସ୍ତୁ ଚୟନ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ମନରେ ସ୍ୱାଭାବିକ କୌତୁହଳ ବୃଦ୍ଧି କରିବା ଏବଂ ଦ୍ୱିତୀୟତଃ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା- ୨୦୨୩ (NCF - SE-୨୦୨୩) ଏବଂ ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା- ୨୦୨୫ (OCF-2025) ଆଧାରରେ ଏକ ଶୈକ୍ଷିକ ପନ୍ଥା ଅନୁସରଣ ମାଧ୍ୟମରେ ଆମେ ଲକ୍ଷ୍ୟ ପଥରେ ସଫଳ ହୋଇପାରିବା।

ତେବେ ଏହି ପାଠ୍ୟପୁସ୍ତକ ବ୍ୟତୀତ ଏହି ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳ ଅନୁସନ୍ଧାନ ପାଇଁ ପ୍ରୋତ୍ସାହିତ କରାଯିବା ଉଚିତ୍ । ଏଭଳି ସମ୍ବଳ ଉପଲବ୍ଧ କରାଇବାରେ ବିଦ୍ୟାଳୟ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ମାର୍ଗଦର୍ଶନ ଓ ଉତ୍ସାହିତ କରିବାରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଏହା ସହିତ ଏହି ପାଠ୍ୟପୁସ୍ତକର ବିକାଶରେ ସମ୍ପୃକ୍ତ ଥିବା ସମ୍ପାଦକ ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ଡିଜାଇନର୍ ଓ ପ୍ରକାଶନ ସଂସ୍ଥା ଆଦିଙ୍କୁ ମୁଁ କୃତଜ୍ଞତା ଜଣାଉଛି ଏବଂ ଆଶା କରୁଛି ଯେ ଏହା ସମସ୍ତ ଅଂଶୀଦାରଙ୍କ ଆଶା ପୂରଣ କରିବ । ଏହା ସହିତ ଆଗାମୀ ବର୍ଷଗୁଡ଼ିକରେ ଉକ୍ତ ପୁସ୍ତକର ଅଧିକ ଉନ୍ନତି ପାଇଁ ମୁଁ ଏହାର ସମସ୍ତ ପାଠକଙ୍କ ଠାରୁ ପରାମର୍ଶ ଏବଂ ମତାମତ ମଧ୍ୟ ଆମନ୍ତ୍ରଣ କରୁଛି ।

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

# ଛାତ୍ରଛାତ୍ରୀଙ୍କୁ ପତ୍ର

**ପ୍ରିୟ ଛାତ୍ରଛାତ୍ରୀ ଗଣ,**

ତୁମେ ଏବେ ମଧ୍ୟମ ପର୍ଯ୍ୟାୟର ଦ୍ୱିତୀୟ ବର୍ଷରେ ପ୍ରବେଶ କରିଛ । ସାମାଜିକ ବିଜ୍ଞାନରେ, ଆମେ ଗତବର୍ଷ ଆରମ୍ଭ କରିଥିବା ସମସ୍ତ ପାଞ୍ଚଟି ବିଷୟବସ୍ତୁକୁ ଆଧାର କରି ଚଳିତ ବର୍ଷ ଆମ ଦେଶ ଭାରତ ବିଷୟରେ ଆହୁରି ଅଧିକ ଅନୁସନ୍ଧାନ କରିବା । ଅତୀତ ଏବଂ ବର୍ତ୍ତମାନ ସମୟରେ ବିଶ୍ୱର, ଅନ୍ୟାନ୍ୟ ଦେଶ ସହିତ ଆମ ଦେଶର ପାରମ୍ପରିକ ସମ୍ପର୍କର ଝଲକ ମଧ୍ୟ ତୁମେ ପାଇବ । ଯେହେତୁ ତୁମେ ପୂର୍ବାପେକ୍ଷା ଏବେ ଅଧିକ ବୟସ୍କ ହୋଇଛ, ତେଣୁ ପଠନ, ଲିଖନ ଏବଂ କର୍ମ ଶୈଳୀରେ ଟିକେ ଅଧିକ ସ୍ୱାଧୀନ ହେବ । ଏହି ବର୍ଷ ମଧ୍ୟ ଆମେ ପାଠ୍ୟକ୍ରମକୁ ସର୍ବନିମ୍ନ ରଖିବାକୁ ଚେଷ୍ଟା କରିଛୁ । ଏହି ପୁସ୍ତକରେ ଅନେକ ରଙ୍ଗୀନ୍ ମାନଚିତ୍ର, ଚିତ୍ର ଏବଂ ଦୃଷ୍ଟାନ୍ତ ଆଦି ରଖାଯାଇଛି ।

ଯେହେତୁ ଉତ୍ତମ ଶିକ୍ଷା ବୁଝାମଣା ଏବଂ ପ୍ରତିଫଳନକୁ ପ୍ରୋତ୍ସାହିତ କରିବା ଉଚିତ୍, ଆମେ ତୁମ ପାଇଁ ଅନୁସନ୍ଧାନ, ଆବିଷ୍କାର, ଚିନ୍ତନ, ସର୍ଜନା, ପ୍ରଶ୍ନ ପଚାରିବା ଏବଂ ଉତ୍ତର ଦେବା ପାଇଁ ସୁଯୋଗ ସୃଷ୍ଟି କରିଛୁ ।

ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ କିମ୍ବା ଅର୍ଥନୀତିର ପ୍ରତ୍ୟେକ ବିଷୟବସ୍ତୁ ବିଭିନ୍ନ ବିଷୟରୁ ଲବ୍ଧ ଜ୍ଞାନ ସବୁକୁ ସଂଗଠିତ ଭାବେ ଆମକୁ ସାରାଂଶ ପ୍ରଦାନ କରୁଛି । ଏହା ଆମକୁ ବାସ୍ତବ ଜୀବନର ନିକଟତର କରାଏ ଏବଂ ବର୍ତ୍ତମାନକୁ ଅଧିକ ବୁଝିବାରେ ସାହାଯ୍ୟ କରେ ।

ଶେଷରେ, ଆମେ ଭାରତର ମୂଳଦୁଆକୁ ମଜବୁତ କରିଥିବା କିଛି ବ୍ୟକ୍ତି, ସ୍ଥାନ ଏବଂ ଚିନ୍ତାଧାରା ଅନୁସନ୍ଧାନ ଆରମ୍ଭ କରିବୁ ଏବଂ ଆମ ସମାଜର କିଛି ଦିଗକୁ ମଧ୍ୟ ଅନୁସନ୍ଧାନ କରିବୁ । ତୁମେ ଦେଖିବ ଯେ ଅତୀତର ସୂତ୍ରଗୁଡ଼ିକ ବର୍ତ୍ତମାନ ଘଟଣାବଳୀର ପ୍ରମୁଖ ଅଂଶ ହୋଇ ରହିଛି ଏବଂ ତାହା ଆମର ଭବିଷ୍ୟତକୁ ସୁଦୃଢ଼ କରାଇବାରେ ମଧ୍ୟ ପ୍ରେରଣା ପ୍ରଦାନ କରୁଛି ।

ଏହି ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଅନେକ ଲୋକ ସେମାନଙ୍କର ହୃଦୟ ଏବଂ ମନ ଲଗାଇଛନ୍ତି । ଏହା ଆମ ସମସ୍ତଙ୍କୁ ବହୁତ ଆନନ୍ଦ ଦେଇଛି, ଏବଂ ଆମେ ଏହାକୁ ତୁମକୁ ଏହି ଆଶା ସହ ପ୍ରଦାନ କରୁଛୁ ଯେ, ଯେତେବେଳେ ତୁମେ ନୂତନ ଦିଗନ୍ତ ଆବିଷ୍କାର କରିବ କିମ୍ବା କିଛି ଆହ୍ୱାନ ମୂଳକ ପ୍ରଶ୍ନର ଉତ୍ତର ଖୋଜିବ ସେତେବେଳେ ତୁମେ ଏହି ଆନନ୍ଦର କିଛି ଅଂଶ ଅନୁଭବ କରିବ ।

ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ଯୋଡ଼ିବାକୁ ପଡ଼ିବ । ଏହି ପୁସ୍ତକରେ ଏହାର ପ୍ରତ୍ୟେକ ଅଂଶ - ପାଠ୍ୟବିଷୟ, ପାର୍ଶ୍ୱ ବାକ୍ସ, ପ୍ରତିଛବି କିମ୍ବା ମାନଚିତ୍ର ଆଦି ମାନନିର୍ଦ୍ଧାରଣର ବିଷୟ ହୋଇପାରେ । ତଥାପି ନିମ୍ନଲିଖିତ ବ୍ୟତିକ୍ରମ ରହିଛି ।

- ଅଧ୍ୟାୟର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ଉଦ୍ଧୃତି ଗୁଡ଼ିକ । ସେଗୁଡ଼ିକ କିଛି ସିଧାସଳଖ ଏବଂ ଅନ୍ୟଗୁଡ଼ିକ ଗଭୀର ଚିନ୍ତନ ପାଇଁ ସୁଯୋଗ ଦିଅନ୍ତି । ତୁମେ ପ୍ରଥମ ପଠନରେ ଯଦି ସେଗୁଡ଼ିକୁ ବୁଝିପାରୁନାହଁ ତେବେ ଚିନ୍ତା କର ନାହିଁ, ତୁମମାନଙ୍କୁ ଉତ୍ସାହିତ କରିବା କିମ୍ବା ତୁମମାନଙ୍କୁ ପ୍ରେରଣା ଦେବା ପାଇଁ ସେଗୁଡ଼ିକ ଉଦ୍ଦିଷ୍ଟ ।
- ଆମେ ପାଠ୍ୟରେ ଯେଉଁଠାରେ ଉଲ୍ଲେଖ କରିଛୁ, "ଏହାକୁ ତୁମେ ମନେ ରଖିବାର ଆବଶ୍ୟକତା ନାହିଁ ।" ତାହା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ।
- ପାଠ୍ୟପୁସ୍ତକରେ ବ୍ୟବହୃତ କିଛି ସଂସ୍କୃତ ଶବ୍ଦରେ ଥିବା ଦ୍ୱନ୍ଦ୍ୱାତ୍ମକ ଚିହ୍ନଗୁଡ଼ିକ - ଆମେ କଣ କହିବାକୁ ଚାହଁଛୁ ତାହା ବୁଝିବା ପାଇଁ ପରବର୍ତ୍ତୀ ପୃଷ୍ଠାରେ ତୁମେ ଜାଣିପାରିବ ।

ଏହି ଦିଗ ଉପରେ କୌଣସି ମୂଲ୍ୟାୟନ ହେବ ନାହିଁ ।

## ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା

ମଧ୍ୟମ ପର୍ଯ୍ୟାୟରେ ଏହା ତୁମର ଦ୍ୱିତୀୟ ବର୍ଷ । ଏବେ ତୁମେ ସାମାଜିକ ବିଜ୍ଞାନ ଅଧ୍ୟୟନର ପଦ୍ଧତି ସହିତ ଯଥେଷ୍ଟ ପରିଚିତ ହୋଇଗଲଣି । ଏହି ବର୍ଷ ଆମେ ଭାରତକୁ ଅନୁସନ୍ଧାନ କରିବାରେ ଆମ ଯାତ୍ରାକୁ ଆହୁରି ଆଗକୁ ନେଇଯିବୁ । ଆମେ ପ୍ରଶ୍ନ ପଚାରିବା ଏବଂ ଉତ୍ତର ଅନୁସନ୍ଧାନ କରିବା ପଦ୍ଧତି ଜାରି ରଖିବୁ -ଯେପରି ଅତୀତରେ ଲୋକମାନେ କିପରି ରହୁଥିଲେ ? ଆମ ଦେଶ ଇଣ୍ଡିଆ ବା ଭାରତ, ଦେଖିବାକୁ କିପରି ? ଏହାର ନଦୀ, ପର୍ବତ ଏବଂ ସମତଳ ଅଞ୍ଚଳ କିପରି ଦେଖାଯାଏ ? ପାଣି-ପାଗରେ ପରିବର୍ତ୍ତନ ଆସେ କାହିଁକି ? ଇତ୍ୟାଦି । କେତେକ ଅଧ୍ୟାୟରେ, ଆମର ବନ୍ଧୁ ଧରିତ୍ରୀ ଓ ଧ୍ରୁବ (ଆମେ ଆଶା କରୁଛୁ ତୁମେମାନେ ମଧ୍ୟ ସେମାନଙ୍କ ବନ୍ଧୁ ହେବ) ସେମାନଙ୍କର ସମୟ ଯନ୍ତ୍ର ସହିତ ଆମ ସହିତ ଯିବେ ।

ଏହି ପାଠ୍ୟପୁସ୍ତକରେ ଆକର୍ଷଣୀୟ ବୈଶିଷ୍ଟ୍ୟ ଅଛି । ଯେତେବେଳେ ଏହି ବହିର ପୃଷ୍ଠାକୁ ଓଲଟାଇବ, ତୁମେ ଅନେକ ଚିତ୍ର, ମାନଚିତ୍ର ଏବଂ ବିଭିନ୍ନ ପ୍ରକାରର ଚିତ୍ରାଙ୍କନ ବିଶିଷ୍ଟ ଉଦାହରଣ ସବୁ ଦେଖିବାକୁ ପାଇବ । ଆମେ ତୁମକୁ ଏବେ ଏହି ପୁସ୍ତକ ଏବଂ ଏହାର ବୈଶିଷ୍ଟ୍ୟଗୁଡ଼ିକର ଏକ ସମ୍ୟକ୍ ପରିଚୟ କରାଇବୁ । ତୁମର ଶିକ୍ଷକ ମଧ୍ୟ ତୁମକୁ ଏହା ମାଧ୍ୟମରେ ମାର୍ଗଦର୍ଶନ କରିବେ ।

ପ୍ରତ୍ୟେକ ଅଧ୍ୟାୟ ଜଣେ ପ୍ରସିଦ୍ଧ ବ୍ୟକ୍ତି କିମ୍ବା ପାଠ୍ୟରୁ ଏକ ପ୍ରେରଣାଦାୟକ ଉଦ୍ଧୃତି ସହ ଆରମ୍ଭ ହୋଇଛି । ଏହାକୁ ଭଲ ଭାବରେ ପଢ଼ ଏବଂ ହୃଦୟଙ୍ଗମ କର । ଏହି ଉଦ୍ଧୃତିଗୁଡ଼ିକ ମଧ୍ୟରୁ କିଛି ଗଭୀର ଚିନ୍ତାଧରର ଉଦ୍ରେକକାରୀ ଅଟେ । ଯଦି ତୁମେ ତୁରନ୍ତ ବୁଝିପାରୁନାହଁ ତେବେ ଚିନ୍ତା କର ନାହିଁ, ତୁମେ ପରେ ସେଗୁଡ଼ିକର ମର୍ମକୁ ଜାଣିପାରିବ ଏବଂ ଶ୍ରେଣୀରେ ମଧ୍ୟ ସେଗୁଡ଼ିକ ବିଷୟରେ ଆଲୋଚନା କରାଯାଇପାରିବ । ଏଠାରେ ଏକ ଉଦାହରଣ ଅଛି

ଅଧ୍ୟାୟ ୪

### ସାମ୍ରାଜ୍ୟର ଅଭ୍ୟୁଦୟ

"ଲୋକମାନଙ୍କ ବିନା ରାଜ୍ୟ ଅସମ୍ଭବ ଏବଂ ରାଜ୍ୟ ବିନା ଦେଶ ଅସମ୍ଭବ ।"

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଆନୀତ

ମୁଖ୍ୟପାଠ୍ୟ ବିଷୟବସ୍ତୁ ସବୁ ସରଳ ଭାଷାରେ ଲେଖାଯାଇଛି । ତୁମେ ଭାରତ ଏବଂ ଭାରତ ବାହାରେ ଥିବା ଲୋକ ଏବଂ ସ୍ଥାନ ବିଷୟରେ ମଧ୍ୟ ଜାଣିବ । ପାରିଭାଷିକ ଶବ୍ଦ ଗୁଡ଼ିକ ପାଠର ଠିକ୍ ନିକଟରେ ମାର୍ଜିନ୍‌ରେ ବର୍ଣ୍ଣନା କରାଯାଇଛି ।

**ଆବଶ୍ୟକତା (Needs) :**

ଅର୍ଥନୀତିରେ, ଆବଶ୍ୟକତା ହେଉଛି ଏପରି କିଛି ଦ୍ରବ୍ୟ, ଯାହା ଜଣେ ବ୍ୟକ୍ତିଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ହୁଏ । ଯଥା-ଖାଦ୍ୟ, ଜଳ, ବସ୍ତ୍ର ଏବଂ ବାସଗୃହ ।

**ଚାହିଦା (Wants) :**

ଅର୍ଥନୀତିରେ, ଚାହିଦା ହେଉଛି ଏପରି କିଛି ଦ୍ରବ୍ୟ ଯାହା ଜଣେ ବ୍ୟକ୍ତି ପାଇବାକୁ ଇଚ୍ଛା କରେ କିନ୍ତୁ ତାହା ତା'ର ବଞ୍ଚିବା ପାଇଁ ଅତ୍ୟାବଶ୍ୟକ ନଥାଏ ।

**ବଜାର କ'ଣ ?**

ଯେଉଁ ସ୍ଥାନରୁ ଲୋକମାନେ ଦ୍ରବ୍ୟ କିଣାବିକା କରନ୍ତି, ତାହାକୁ ବଜାର କୁହାଯାଏ । ଏହା ମଧ୍ୟ ବଜାର, ହାଟ ଭାବେ ହିନ୍ଦୀରେ ଓ ଓଡ଼ିଆରେ ଏବଂ କନ୍ନଡ଼ ଭାଷାରେ ମାରୁକଟେ ନାମରେ ଜଣାଶୁଣା । ତୁମ ଅଂଚଳରେ ଏହାକୁ କ'ଣ କୁହାଯାଏ ? ଏହା କୌଣସି ସ୍ଥାନରେ ହୋଇପାରେ କିମ୍ବା ଆଜିକାଲି ଯେପରି ଲୋକପ୍ରିୟ ହେଉଛି ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ହୋଇପାରେ । ବଜାରରୁ ବ୍ୟକ୍ତି ବିଶେଷଙ୍କୁ, ପରିବାରକୁ କିମ୍ବା ବ୍ୟବସାୟ ପାଇଁ ଦ୍ରବ୍ୟ ଓ ସେବା ଉପଲବ୍ଧ ହୋଇଥାଏ ।

ଦୀର୍ଘ ସମୟରୁ ଲୋକମାନେ ସେମାନଙ୍କର ଆବଶ୍ୟକୀୟ ସାମଗ୍ରୀ ଓ ସେବାର ଚାହିଦା ପୂରଣ ପାଇଁ ବଜାର ଉପରେ ନିର୍ଭର କରି ଆସୁଛନ୍ତି । ଏହା ସହିତ ବଜାର ମଧ୍ୟ ଲୋକ ପରମ୍ପରା ଏବଂ ଚିନ୍ତାଧାରାକୁ ପରସ୍ପର ବାନ୍ଧି ରଖିଛି ।

**ଆସ ଭାରତର ଷୋଡ଼ଶ ଶତାବ୍ଦୀର ଏକ ବଜାରର ଉଦାହରଣକୁ ଦେଖିବା ।**

**ଆସ ଚିନ୍ତା କରିବା ?**

୧. ଭାରତର ଜଳବାୟୁରେ ଏତେ ବିବିଧତା କାହିଁକି ?
୨. ମୌସୁମୀ ବାୟୁ କ'ଣ ? ସେଗୁଡ଼ିକ କିପରି ଗଠିତ ହୁଏ ?
୩. ଅର୍ଥନୀତି, ସଂସ୍କୃତି ଏବଂ ସମାଜ ଉପରେ ଜଳବାୟୁର ପ୍ରଭାବ କ'ଣ ?
୪. ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଜନିତ ପ୍ରସ୍ତୁତିରେ ଜଳବାୟୁ ସମ୍ବନ୍ଧୀୟ ଜ୍ଞାନ କିପରି ସହାୟକ ହୋଇଥାଏ ?
୫. ଜଳବାୟୁ ପରିବର୍ତ୍ତନ କ'ଣ ? ଏହାର କି କି ପରିଣାମ ରହିଛି ?

"ଆସ ଚିନ୍ତା କରିବା"ରେ ମାତ୍ର ଦୁଇଟି କିମ୍ବା ତିନୋଟି ପ୍ରଶ୍ନ ଦିଆଯାଇଛି ଯାହା ସେହି ଅଧ୍ୟାୟରେ ତୁମେ କ'ଣ ଅନୁସନ୍ଧାନ କରିବାକୁ ଯାଉଛ, ସେ ବିଷୟରେ ତୁମକୁ ଏକ ଧାରଣା ଦିଏ ।

ଆମେ ଗୋଟିଏ ଅଧ୍ୟାୟ ଦେଇ ଆଗକୁ ବଢ଼ିଲା ବେଳେ "ଆସ ଅନୁସନ୍ଧାନ କରିବା", 'ଏହା ବିଷୟରେ ଚିନ୍ତା କର', 'ଆସ ମନେରଖିବା' ନାମକ କିଛି ବିଭାଗ ପାଇବା ଯାହା କାର୍ଯ୍ୟକଳାପ, ପାଠ୍ୟ ମଧ୍ୟରେ ଅଭ୍ୟାସ, ପୂର୍ବରୁ ଶିଖିଥିବା ଧାରଣାଗୁଡ଼ିକୁ ମନେ ରଖିବାକୁ ପ୍ରସ୍ତାବ ଦିଏ କିମ୍ବା ପୁନଃ ଚିନ୍ତନର ସୁଯୋଗ ସୃଷ୍ଟି କରେ ।

**ଏହା ବିଷୟରେ ଚିନ୍ତା କର ।**

ଯଦି ରାଜା ନିଜକୁ ଦିବ୍ୟ ଶକ୍ତି ସମ୍ପନ୍ନ ଥିବା ବ୍ୟକ୍ତି ବୋଲି ବିବେଚନା କରନ୍ତି ତେବେ କ'ଣ ହୋଇପାରେ ? ସେ କିପରି ଲୋକଙ୍କ ଉପରେ ଶାସନ କରିବେ ?

**ଆସ ଅନୁସନ୍ଧାନ କରିବା**

ଯୁଦ୍ଧ ବ୍ୟତୀତ, ଶାସକମାନେ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଅନ୍ୟ କେଉଁ ପଦ୍ଧତି ବ୍ୟବହାର କରୁଥିଲେ ବୋଲି ତୁମେ ଅନୁଭବ କରୁଛ ? ତୁମ ଧାରଣାଗୁଡ଼ିକୁ ଲେଖି ଶ୍ରେଣୀ ଗୃହରେ ଆଲୋଚନା କର ।



## ଆସ ମନେରଖିବା

ଷଷ୍ଠ ଶ୍ରେଣୀର ବିଜ୍ଞାନ ପୁସ୍ତକରେ, ଉତ୍ତାପ ମାପିବାରେ ବ୍ୟବହୃତ ବିଭିନ୍ନ ଥର୍ମୋମିଟର ବିଷୟରେ ତୁମେ ପଢ଼ିଛ, ଯେପରିକି କ୍ଲିନିକାଲ ଥର୍ମୋମିଟର ଏବଂ ଲାବୋରୋଟରୀ ଥର୍ମୋମିଟର । ତୁମେ ମଧ୍ୟ ତାପମାତ୍ରା ସ୍କେଲ ବିଷୟରେ ପଢ଼ିଛ । ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସେଲ୍‌ସିୟସ୍ ସ୍କେଲ୍ ଓ ଫାରେନହିଟ୍ ସ୍କେଲ । ଉଦାହରଣ ସ୍ୱରୂପ: ୧୫° ସେଲ୍‌ସିଅସ୍‌ର ନିମ୍ନ ତାପମାତ୍ରା (୧୫°C), ୫୯°ଫାରେନ୍‌ହଟ୍ (୫୯°F) ସହିତ ସମାନ ଅଟେ ।

## ମନେରଖିବା :

"ମନେରଖ" ଶିରୋନାମଟି କିଛି ଚିତ୍ତାକର୍ଷକ କିମ୍ବା ମଜାଦାର ତଥ୍ୟକୁ ସାମ୍ନାକୁ ଆଣିଥାଏ ଯାହା ତୁମର ଉତ୍କଣ୍ଠାକୁ ଉତ୍ସାହିତ କରିବ ।

## ମନେରଖ

ନନ୍ଦମାନଙ୍କ ସମୟରେ ଖ୍ରୀ.ପୂ. ୫ମ ଶତାବ୍ଦୀ ବେଳକୁ ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣିକ ପାଣିନୀଙ୍କ ଆବିର୍ଭାବ ହେଇଥିଲା । ସେ "ଅଷ୍ଟାଧ୍ୟାୟୀ" ନାମକ ଏକ ପ୍ରାଚୀନ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ଯେଉଁଥିରେ ୩୯୯୬ ଟି ସଂକ୍ଷିପ୍ତ ସୂତ୍ର ସନ୍ନିବେଶିତ ହୋଇଥିଲା ।



୫.୮ ପାଣିନିଙ୍କ ଛବି ଥିବା ଭାରତର ଡାକ ଟିକଟର ଚିତ୍ର

## ଆମେ କ'ଣ ଶିଖିଲେ.....



→ ସବୁ ଧର୍ମର ପବିତ୍ର ସ୍ଥଳୀ ସବୁ ଭାରତରେ ରହିଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ଶିଖ ଧର୍ମର ମହାମନିଷୀ ମାନଙ୍କ ସହିତ ସେହି ସ୍ଥାନ ଗୁଡ଼ିକର ସମ୍ପର୍କ ରହିଅଛି ।

→ ଭାରତର ସମସ୍ତ ଭୌଗୋଳିକ ଅଞ୍ଚଳରେ ହିନ୍ଦୁ ଧର୍ମର ଅନେକ ତୀର୍ଥସ୍ଥଳ ରହିଛି । ତୀର୍ଥଯାତ୍ରା ବ୍ୟବସ୍ଥା ସାଧାରଣ ଲୋକଙ୍କ ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ କାରଣ ଏହା ସେମାନଙ୍କର ସାଧାରଣ ଜୀବନ ସହିତ ଆଧାତ୍ମିକ ବିକାଶ ମଧ୍ୟ କରିଥାଏ । ଏଥିସହିତ ଏହା ସେମାନଙ୍କର ସାମାଜିକ ଆର୍ଥିକ ଦିଗ ନିମନ୍ତେ ବାଣିଜ୍ୟର ପ୍ରସାର ସହିତ ସାରା ଭାରତର ସାଂସ୍କୃତିକ ଅଖଣ୍ଡତା ରକ୍ଷା କରେ ।

→ ଅନେକ ହିନ୍ଦୁ ପରମ୍ପରା, ଜନଜାତି ଏବଂ ଲୋକ ପରମ୍ପରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କ ନିମନ୍ତେ ସେହି ସ୍ଥାନ ଗୁଡ଼ିକ ପବିତ୍ର ଭାବେ ବିବେଚନା କରାଯାଏ ।

→ ଆମର ହେୟ ମନୋବୃତ୍ତି ଯୋଗୁଁ ଆମ ପବିତ୍ରସ୍ଥଳୀ ସବୁ ପ୍ରଦୂଷିତ ହୋଇ ରହୁଛି । ସେହି ଜାତୀୟ ସ୍ମାରକୀ ଗୁଡ଼ିକୁ ସୁରକ୍ଷା ପ୍ରଦାନ ଆମ କର୍ତ୍ତବ୍ୟ ଅଟେ, ଯାହା ଆମର ପବିତ୍ର ସମ୍ବିଧାନ ବାରମ୍ବାର ମନେ ପକାଇ ଦେଉଛି ।

ପ୍ରତ୍ୟେକ ଅଧ୍ୟାୟର ଶେଷରେ ଆମେ କ'ଣ ଶିଖିଲେ- ଅଧ୍ୟାୟର ମୂଳ ଧାରଣାଗୁଡ଼ିକୁ ସଂକ୍ଷେପରେ ବୁଝାଇଥାଏ । ଏହା ପରେ କିଛି ଅଭ୍ୟାସକାର୍ଯ୍ୟ, ପ୍ରଶ୍ନ କିମ୍ବା ପ୍ରକଳ୍ପ ଦିଆଯାଇଥାଏ ।

ପାଠ୍ୟ ପୁସ୍ତକ ଅନୁସନ୍ଧାନର ଏହି ଯାତ୍ରାରେ ତୁମ ଶିକ୍ଷକ/ଶିକ୍ଷୟତ୍ରୀ ତୁମ ସହିତ ରହିବେ । ଆମେ ଆଶା କରୁଛୁ ତୁମେ ଏହାର କିଛି ଅଂଶ ତୁମର ପିତାମାତା କିମ୍ବା ଅଭିଭାବକ ମାନଙ୍କ ସହିତ ମଧ୍ୟ ପଢ଼ିବ । ତୁମେ ସେମାନଙ୍କ ସହିତ କିଛି କାର୍ଯ୍ୟକଳାପ କରିବାକୁ ଚେଷ୍ଟା କରିପାର । ଆମେ ତୁମକୁ ସାମାଜିକ ବିଜ୍ଞାନ ମାଧ୍ୟମରେ ଏକ ଆନନ୍ଦଦାୟକ ଯାତ୍ରା, ମାନବ ଜୀବନ ଏବଂ ସମାଜ ବିଷୟରେ ଏକ୍ନତ ଅନ୍ତର୍ଦୃଷ୍ଟି ହାସଲ କରିବା ପାଇଁ କାମନା କରୁଛୁ ।

## ଭାରତୀୟ ସମ୍ବିଧାନ

ତୃତୀୟ ଭାଗ (ଧାରା ୧୨-୩୫)
(କେତେକ ସର୍ତ୍ତ, କିଛି ବ୍ୟତିକ୍ରମ ଏବଂ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଅଧୀନରେ)
ଏଗୁଡ଼ିକର ଗ୍ୟାରେଣ୍ଟି ଦିଏ

# ମୌଳିକ ଅଧିକାର

**ସମାନତା ଅଧିକାର**

- ଆଇନ୍ ଆଗରେ ଏବଂ ଆଇନ୍‌ର ସମାନ ସୁରକ୍ଷା,
- ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ କିମ୍ବା ଜନ୍ମସ୍ଥାନ ନିର୍ବିଶେଷରେ,
- ସାର୍ବଜନୀନ ସରକାରୀ ଚାକିରିରେ ସୁଯୋଗ,
- ଅସ୍ପୃଶ୍ୟତା ଏବଂ ଉପାଧି ଉଚ୍ଛେଦ ଦ୍ୱାରା ।

**ସ୍ୱାଧୀନତା ଅଧିକାର**

- ଅଭିବ୍ୟକ୍ତି, ସମାବେଶ, ସଙ୍ଗଠନ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତି,
- ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ସମ୍ବନ୍ଧରେ କେତେକ ସୁରକ୍ଷା,
- ଜୀବନଧାରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା,
- ୬ରୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା,
- କେତେକ ମାମଲାରେ ଗିରଫ ଏବଂ ଅଟକ ରଖିବା ବିରୋଧରେ ସୁରକ୍ଷା ।

**ଶୋଷଣ ବିରୋଧରେ ଅଧିକାର**

- ମାନବ ଚାଲାଣ ନିଷେଧ ଏବଂ ବାଧ୍ୟତାମୂଳକ ଶ୍ରମ ପାଇଁ,
- ବିପଜ୍ଜନକ କାର୍ଯ୍ୟରେ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ଦେବା ଉପରେ କଟକଣା।

**ଧର୍ମମତ ସ୍ୱାଧୀନତା ଅଧିକାର**

- ବିବେକର ସ୍ୱାଧୀନତା ଏବଂ ମୁକ୍ତ ବୃତ୍ତି, ଅଭ୍ୟାସ ଏବଂ ଧର୍ମର ପ୍ରଚାର
- ଧାର୍ମିକ ବ୍ୟାପାର ପରିଚାଳନା କରିବାର ସ୍ୱାଧୀନତା,
- କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପ୍ରସାର ପାଇଁ ଟିକସ ପୈଠ ନ କରିବାର ସ୍ୱାଧୀନତା,
- ରାଜ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧାର୍ମିକ ଶିକ୍ଷା କିମ୍ବା ଧାର୍ମିକ ଉପାସନା ନ କରିବାର ସ୍ୱାଧୀନତା ।

**ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର**

- ସଂଖ୍ୟାଲଘୁଙ୍କ ଭାଷା, ଲିପି ଓ ସଂସ୍କୃତିର ସଂରକ୍ଷଣ ପାଇଁ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ,
- ସଂଖ୍ୟାଲଘୁମାନେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରିପାରିବେ ।

**ସାମ୍ବିଧାନିକ ପ୍ରତିକାର ଅଧିକାର**

- ଏହି ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ଏବଂ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶନାମା କିମ୍ବା ଆଦେଶ କିମ୍ବା ରିଟ୍ ଜାରି କରି ।

# ଭାରତୀୟ ସମ୍ବିଧାନ

## ଚତୁର୍ଥ ଭାଗ-କ (ଧାରା ୫୧କ)

## ମୌଳିକ କର୍ତ୍ତବ୍ୟ

ଏହା ଭାରତର ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବ-

(କ) ସମ୍ବିଧାନକୁ ପାଳନ କରିବା ଏବଂ ଏହାର ଆଦର୍ଶ ଏବଂ ଅନୁଷ୍ଠାନ, ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା,

(ଖ) ସ୍ୱାଧୀନତା ପାଇଁ ଆମର ଜାତୀୟ ସଂଗ୍ରାମକୁ ପ୍ରେରଣା ଦେଇଥିବା ମହାନ ଆଦର୍ଶକୁ ସ୍ମରଣ କରିବା ଏବଂ ଅନୁସରଣ କରିବା,

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ଏବଂ ସୁରକ୍ଷିତ ରଖିବା,

(ଘ) ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ମିଳିଲେ ଜାତୀୟ ସେବା ପ୍ରଦାନ କରିବା,

(ଙ) ଧାର୍ମିକ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବିଭାଗୀୟ ବିବିଧତାକୁ ଅତିକ୍ରମ କରି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ସାଧାରଣ ଭାଇଚାରାର ଭାବନାକୁ ପ୍ରୋତ୍ସାହିତ କରିବା; ନାରୀର ମର୍ଯ୍ୟାଦା ପ୍ରତି ଅପମାନଜନକ ଆଚରଣକୁ ତ୍ୟାଗ କରିବା,

(ଚ) ଆମର ମିଳିତ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ମୂଲ୍ୟ ଦେବା ଏବଂ ସଂରକ୍ଷଣ କରିବା,

(ଛ) ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା, ଉନ୍ନତି ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା କରିବା,

(ଜ) ବୈଜ୍ଞାନିକ ମନୋଭାବ, ମାନବିକତାବାଦ ଏବଂ ଅନୁସନ୍ଧାନ ଓ ସଂସ୍କାର ଭାବନାର ବିକାଶ କରିବା

(ଝ) ସର୍ବସାଧାରଣ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଏବଂ ହିଂସା ତ୍ୟାଗ କରିବା,

(ଞ) ସ୍ୱତନ୍ତ୍ର ଏବଂ ସାମୂହିକ କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିବା ନିମିତ୍ତ ଉଦ୍ୟମ କରିବା ଯାହାଦ୍ୱାରା ଦେଶ ଏକ ଉନ୍ନତ ସ୍ତରରେ ପହଞ୍ଚିପାରିବ ।

(ଟ) ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ ମାନଙ୍କ ଶିକ୍ଷା ବାଧ୍ୟତାମୂଳକ କରିବା । (ଏହା ପିତାମାତାଙ୍କ ନିମନ୍ତେ)

ଟିପ୍ପଣୀ -

- ମୌଳିକ କର୍ତ୍ତବ୍ୟକୁ ବର୍ଣ୍ଣନା କରୁଥିବା ଧାରା-୫୧ କ, ୧୯୭୬ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୪୨ତମ ସଂଶୋଧନ) ଦ୍ୱାରା (୩ ଜାନୁୟାରୀ ୧୯୭୭ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।
- ମୌଳିକ କର୍ତ୍ତବ୍ୟ (ଟ) ୨୦୦୨ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୮୬ ତମ ସଂଶୋଧନ) ଦ୍ୱାରା (୦୧ ଏପ୍ରିଲ ୨୦୧୦ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାୟୋଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।


ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀରଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

**(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)**



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ବିଷୟବସ୍ତୁ


**ପ୍ରସ୍ତାବନା**

**ଛାତ୍ରଛାତ୍ରୀଙ୍କୁ ପତ୍ର**

**ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା**

**ଭାଗ 'କ'-ଭାରତ ଏବଂ ବିଶ୍ୱ : ଭୂମି ଏବଂ ମାନବ**

ଅଧ୍ୟାୟ-୧. ଭାରତର ଭୌଗୋଳିକ ବିବିଧତା ୧

ଅଧ୍ୟାୟ-୨. ପାଣିପାଗକୁ ବୁଝିବା ୨୭

ଅଧ୍ୟାୟ-୩. ଭାରତର ଜଳବାୟୁ ୪୫

**ଭାଗ 'ଖ'-ଅତୀତର ସ୍ମୃତିଫର୍ଦ୍ଦ**

ଅଧ୍ୟାୟ-୪. ନୂତନ ଅଭ୍ୟୁଦୟ : ସହର ଓ ରାଜ୍ୟ ୬୭

ଅଧ୍ୟାୟ-୫. ସାମ୍ରାଜ୍ୟର ଅଭ୍ୟୁଦୟ ୮୩

ଅଧ୍ୟାୟ-୬. ପୁନର୍ଗଠନର ଯୁଗ ୧୧୭

ଅଧ୍ୟାୟ-୭. ଗୁପ୍ତଯୁଗ : ନିରନ୍ତର ସୃଜନଶୀଳତାର ଏକ ନିଦର୍ଶନ ୧୪୫

**ଭାଗ 'ଗ'-ଆମର ସଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା**

ଅଧ୍ୟାୟ-୮. ଭୂମି ପବିତ୍ର ହୁଏ କିପରି ? ୧୮୯

**ଭାଗ 'ଘ'-ଶାସନ ଏବଂ ଗଣତନ୍ତ୍ର**

ଅଧ୍ୟାୟ-୯. ଶାସକଙ୍କ ଠାରୁ ଶାସିତଙ୍କ ପର୍ଯ୍ୟନ୍ତ : ସରକାରର ପ୍ରକାର ଭେଦ ୨୦୭

ଅଧ୍ୟାୟ-୧୦. ଭାରତର ସମ୍ବିଧାନ : ଏକ ପରିଚୟ ୨୩୧

**ଭାଗ 'ଙ'-ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ ଜୀବନ**

ଅଧ୍ୟାୟ-୧୧. ଦ୍ରବ୍ୟ ବିନିମୟରୁ ମୁଦ୍ରା ପର୍ଯ୍ୟନ୍ତ ୨୫୧

ଅଧ୍ୟାୟ-୧୨. ବଜାରକୁ ବୁଝିବା ୨୬୯



ବସୁଧୈବ କୁଟୁମ୍ବକମ୍ :
ସମଗ୍ର ପୃଥିବୀ ଏକ ପରିବାର

ଅଧ୍ୟାୟ ୧

# ଭାରତର ଭୌଗୋଳିକ ବିବିଧତା

"ଆମ ପାଇଁ ଆମ ଦେଶ (ଭାରତ) ଭୌଗୋଳିକ ଦୃଷ୍ଟିକୋଣରୁ ଅନ୍ୟଦେଶ ମାନଙ୍କ ଠାରୁ ପୃଥକ୍ ଏବଂ ତାହାହିଁ ଭାରତକୁ ଏକ ନିର୍ଦ୍ଦିଷ୍ଟ ଜାତୀୟ ପରିଚୟ ପ୍ରଦାନ କରିଛି ।"

- ଶ୍ରୀ ଅରବିନ୍ଦ

ଚିତ୍ର - ୧.୧. କର୍ଣ୍ଣାଟକର ଯୋଗ ଜଳପ୍ରପାତ । ସେଠାକାର ମାଳଭୂମି ଏବଂ ଜଳପ୍ରପାତଗୁଡ଼ିକୁ ଲକ୍ଷ୍ୟକର । ଜଳପ୍ରପାତର ପ୍ରବାହିତ ଜଳ ଶକ୍ତିକୁ ସ୍ୱତନ୍ତ୍ର ଟରବାଇନ ମାଧ୍ୟମରେ ବିଦ୍ୟୁତ ଶକ୍ତି (ଜଳ ବିଦ୍ୟୁତ ଶକ୍ତି)ରେ ପରିଣତ କରାଯାଏ ।



## ଆସ ଚିନ୍ତା କରିବା ?

୧. ଭାରତର କେତେକ ପ୍ରମୁଖ ଭୌଗୋଳିକ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?

୨. ଭାରତର ଭୌଗୋଳିକ ବିବିଧତା ଆମ ଜୀବନକୁ କିପରି ପ୍ରଭାବିତ କରେ ?

୧୯୮୪ ମସିହାର କଥା । ଭାରତର ପ୍ରଥମ ମହାକାଶଚାରୀ ଶ୍ରୀ ରାକେଶ ଶର୍ମା ମହାକାଶକୁ ଯାତ୍ରା କରିଥାନ୍ତି । ସେହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥାନ୍ତି ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ସେ ଶ୍ରୀ ରାକେଶ ଶର୍ମାଙ୍କୁ ପଚାରିଲେ, "ଆମ ଦେଶ ଭାରତ ମହାକାଶରୁ କିପରି ଦିଶୁଛି" ? ସେ ତୁରନ୍ତ ଉତ୍ତର ଦେଇଥିଲେ "ସାରେ ଯାହାଁ ସେ ଅଚ୍ଛା" ଅର୍ଥାତ୍ ମୋ ଦେଶ ଦୁନିଆରେ ସବୁଠୁ ସୁନ୍ଦର । ଏହା ବିଂଶ ଶତାବ୍ଦୀର ଅତି ପ୍ରସିଦ୍ଧ କବିତା "ସାରେ ଯାହାଁ ସେ ଅଚ୍ଛା ହିନ୍ଦୁସ୍ଥାନ ହମାରା" କବିତାର ସାରାଂଶ ।

## ଆସ ଅନୁସନ୍ଧାନ କରିବା




ଉକ୍ତ ପୁସ୍ତକର ଶେଷରେ ଥିବା ଭାରତର ମାନଚିତ୍ରକୁ ଅନୁଧ୍ୟାନ କର । ସେଥିରେ ତୁମେ କ'ଣ ସବୁ ଦେଖିଲ ? ପୂର୍ବ ଶ୍ରେଣୀରେ ଆଲୋଚିତ ବିଭିନ୍ନ ପ୍ରକାର ଭୂମିରୂପ ଯଥା - ପର୍ବତ, ସମତଳଭୂମି ଓ ମାଳଭୂମି କଥା ମନେପକାଅ । ଭାରତର ମାନଚିତ୍ରରେ କେଉଁ କେଉଁ ଭୂମିରୂପକୁ ଲକ୍ଷ୍ୟ କଲ ? ମାନଚିତ୍ରରେ ବିଭିନ୍ନ ରଙ୍ଗ କାହିଁକି ବ୍ୟବହାର କରାଯାଇଥାଏ ? (ଏହି ମାନଚିତ୍ରରେ ପ୍ରଦତ୍ତ ସୂଚକାଙ୍କ ବିଭିନ୍ନ ଅଞ୍ଚଳର ଉଚ୍ଚତା ଦର୍ଶାଏ)

ଏହି ଅଧ୍ୟାୟଟି ପଢ଼ିବା ବେଳେ ଆମେ ଭାରତର ପ୍ରାକୃତିକ ମାନଚିତ୍ରକୁ ବାରମ୍ବାର ଦେଖିବା ଆବଶ୍ୟକ ।

ଭାରତ ପୃଥିବୀର ସପ୍ତମ ବୃହତ୍ତର ଦେଶ ଏବଂ ଏସିଆ ମହାଦେଶର ଏକ ଅଂଶ । ପାକିସ୍ଥାନ, ବାଙ୍ଗ୍ଲାଦେଶ, ନେପାଳ, ଭୁଟାନ, ଶ୍ରୀଲଙ୍କା ଏବଂ ମିଆଁମାର ଭାରତର ପଡ଼ୋଶୀ ଦେଶ, ଓ ଏହି ଗୁଡ଼ିକ ସହ ଭାରତ ଏକ ସ୍ୱତନ୍ତ୍ର ସୁସଂଗଠିତ ଭୂଖଣ୍ଡ ଗଠନ କରେ । ଏହି ଭୂଖଣ୍ଡକୁ ଭାରତୀୟ ଉପମହାଦେଶ କୁହାଯାଏ, ଯେହେତୁ ଏହା ଏସିଆ ମହାଦେଶର ଏକ ଅଂଶ। ଆଲୋଚନା ଦୃଷ୍ଟିରୁ ଭାରତକୁ ପାଞ୍ଚଗୋଟି ଭାଗରେ ବିଭକ୍ତ କରାଯାଏ । ସେଗୁଡ଼ିକ ହେଲା ; ୧ - ଉତ୍ତରସ୍ଥ ବୃହତ ପର୍ବତମାଳା, ୨ - ଗଙ୍ଗା ଓ ସିନ୍ଧୁ ବିଶାଳ ସମତଳ ଅଞ୍ଚଳ, ୩ - ମରୁଭୂମି ଅଞ୍ଚଳ, ୪ - ଦାକ୍ଷିଣାତ୍ୟମାଳଭୂମି, ୫ - ଦ୍ୱୀପପୁଞ୍ଜ । ଆସ ଆମେ ଏଗୁଡ଼ିକ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିବା । ଭାରତ ଏକ ବିଶାଳ ତଥା ବିଭେଦତାପୂର୍ଣ୍ଣ ଦେଶ ହୋଇଥିବାରୁ ସେ ସମ୍ବନ୍ଧରେ ଟିକିନିଖି ବିବରଣୀ ତୁମମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

ଭାରତର ଉତ୍ତରରେ ହିମାଳୟ ପର୍ବତମାଳା ଏକ ପ୍ରାକୃତିକ ପ୍ରତିବନ୍ଧକ ରୂପେ ରହିଅଛି । ପଶ୍ଚିମ ଭୂଭାଗରେ ଥର୍ ମରୁଭୂମି ଏବଂ ଜଳଭାଗ ରୂପେ ଆରବ ସାଗର ଏହାର ପଶ୍ଚିମ ସୀମା ନିର୍ଦ୍ଧାରଣ କରୁଛି । ଦକ୍ଷିଣରେ ଭାରତ ମହାସାଗର ଓ ପୂର୍ବରେ ବଙ୍ଗୋପସାଗର ଏହାର ପ୍ରାକୃତିକ ସୀମା ନିର୍ଦ୍ଧାରଣ କରୁଛି । ଏହି ଭୌଗୋଳିକ ବୈଶିଷ୍ଟ୍ୟ ଗୁଡ଼ିକ ଭାରତକୁ ଏସିଆର ଅନ୍ୟାନ ଅଞ୍ଚଳଠାରୁ ପୃଥକ କରୁଛି । ଫଳତଃ ଭାରତର ଜଳବାୟୁ, ସଂସ୍କୃତି ଏବଂ ଇତିହାସ ଏକ ସ୍ୱତନ୍ତ୍ରତା ବହନ କରୁଛି ।

## ଆସ ଅନୁସନ୍ଧାନ କରିବା



→ ପୂର୍ବ ଶ୍ରେଣୀରେ ପଢ଼ି ଥିବା ଅକ୍ଷାଂଶ ଓ ଦ୍ରାଘିମା ବିଷୟରେ ତୁମର ମନେ ପଡୁଛି କି ? ଭାରତର ମାନଚିତ୍ରକୁ ଲକ୍ଷ୍ୟ କର ; ଏହାର ଅକ୍ଷାଂଶ ଓ ଦ୍ରାଘିମା ଗତ ବିସ୍ତୃତି କେତେ ତୁମେ ଜାଣି ପାରୁଛ କି ?

→ ଭାରତର ଏକ ଭୌତିକ ମାନଚିତ୍ରରେ ଉପରୋକ୍ତ ବୈଶିଷ୍ଟ୍ୟ ଗୁଡ଼ିକ ଦର୍ଶାଅ ।

ମାନଚିତ୍ରରେ ବ୍ୟବହୃତ ବିଭିନ୍ନ ରଙ୍ଗ ଆମକୁ ଭାରତର ଭୌଗୋଳିକ ବିବିଧତା ସମ୍ବନ୍ଧରେ ସୂଚନା ଦେଇଥାଏ । ମାନଚିତ୍ରରେ ପ୍ରଦତ୍ତ ସୂଚକାଙ୍କ ସହିତ ନିଜକୁ ପରିଚିତ କରାଅ । ଏଥିରେ ପ୍ରଦତ୍ତ ବିଭିନ୍ନ ରଙ୍ଗ ଭିନ୍ନ ଭିନ୍ନ ଉଚ୍ଚତାକୁ ଦର୍ଶାଇଥାଏ ।

## ହିମାଳୟ ପର୍ବତମାଳା :

ମାନଚିତ୍ରରେ ହିମାଳୟ ପର୍ବତମାଳାର ବିସ୍ତୃତିକୁ ଲକ୍ଷ୍ୟ କର । ଏହା ଏକ ବିଶାଳ ପ୍ରାଚୀର ସଦୃଶ ଦଣ୍ଡାୟମାନ । ପ୍ରଦତ୍ତ ଚିତ୍ର-୧.୨ରେ ଧଳା ଦେଖାଯାଉଥିବା ହିମାଳୟର ବିଭିନ୍ନ ଅଂଶ ଗୁଡ଼ିକ କଣ ସୂଚାଉଛି ?



ଚିତ୍ର ନଂ - ୧.୨ ଉକ୍ତ ଫଟୋଗୁଡ଼ିକ ଉପଗ୍ରହଦ୍ୱାରା ଉତ୍ତୋଳନ କରାଯାଇଥିବା ହିମାଳୟର ଫଟୋ ।
ମନେରଖ ଏଥିରେ ପ୍ରତ୍ୟେକ ପର୍ବତ ଶ୍ରେଣୀର ଦୈର୍ଘ୍ୟ ପ୍ରାୟ ୨୫୦୦ କି.ମି. ।

## ଆସ ମନେ ରଖିବା

ନିକଟରୁ ଦେଖିଲେ ହିମାଳୟ ପର୍ବତମାଳା ଆକାଶକୁ ଛୁଇଁଲା ପରି ମନେହୁଏ । ବାସ୍ତବରେ ଏଥିରେ ଥିବା ଅନେକ ଗିରିଶୃଙ୍ଗର ଉଚ୍ଚତା ୮୦୦୦ ମିଟରରୁ ଅଧିକ । ମିଳିତ ଭାବେ ଏହି ସବୁ ଗିରିଶୃଙ୍ଗ ଗୁଡ଼ିକୁ 'ଅଷ୍ଟ ସହସ୍ରୀୟ'(Eight Thousanders) ବୋଲି କୁହାଯାଏ । ଏହି ପର୍ବତମାଳା ଏସିଆର ଛଅଗୋଟି ଦେଶରେ ବ୍ୟାପ୍ତ । ସେଗୁଡ଼ିକ ହେଲା, ଭାରତ, ନେପାଳ, ଭୁଟାନ, ଚୀନ, ପାକିସ୍ଥାନ ଓ ଆଫଗାନିସ୍ଥାନ । ତୁମେ ପୃଥିବୀର ଉଚ୍ଚତମ ପର୍ବତର ନାମ ଜାଣିଛ କି ?

ଗ୍ରୀଷ୍ମ ଋତୁରେ ହିମାଳୟ ପର୍ବତମାଳାରେ ଥିବା ବରଫ ତରଳେ । ଏହା ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ ଆଦି ପ୍ରମୁଖ ନଦୀଗୁଡ଼ିକୁ ଜଳ ଯୋଗାଇ ଥାଏ । ଏହି ନଦୀ ଓ ସେମାନଙ୍କ ଉପନଦୀ ଗୁଡ଼ିକ କୋଟି କୋଟି ଜନସାଧାରଣଙ୍କୁ ପାନୀୟ ଜଳ, କୃଷି ଓ କଳକାରଖାନାଙ୍କୁ ଜଳଯୋଗାଇ ଥାଏ । ସେଥିପାଇଁ ହିମାଳୟକୁ "ଏସିଆର ଜଳଦୁର୍ଗ"(Water Tower of Asia) ଆଖ୍ୟା ଦିଆଯାଇଛି । ହିମାଳୟ ଅନେକ ସଂସ୍କୃତି, ଆସ୍ଥା ଓ ଉଦ୍ଭବ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତୀୟ ସଂସ୍କୃତିରେ ପର୍ବତଗୁଡ଼ିକୁ ପବିତ୍ର ବୋଲି ବିବେଚନା କରାଯାଏ । ସେଥିପାଇଁ ସେଠାରେ ଅନେକ ମଠ, ମନ୍ଦିରମାନ ଗଢ଼ି ଉଠିଛି । ଏହା ପୃଥିବୀର କୋଣଅନୁକୋଣରୁ ସନ୍ନ୍ୟାସୀ ଏବଂ ଭଗବତ ପ୍ରେମୀମାନଙ୍କୁ ପୂଜା ଧ୍ୟାନ ନିମନ୍ତେ ଆକର୍ଷିତ କରିଥାଏ ।

## ମନେରଖ :

ଗଙ୍ଗାର ପ୍ରମୁଖ ଉପନଦୀ ଭାଗିରଥୀ ଉତ୍ତରାଖଣ୍ଡର ଗୋମୁଖ (ଗାଈର ମୁହଁ) ନାମକ ସ୍ଥାନରୁ ଉତ୍ପତ୍ତି ଲାଭ କରିଛି । ଗୋମୁଖ ସ୍ଥାନଟି ଗଙ୍ଗୋତ୍ରୀ ତୁଷାର ସ୍ରୋତର ନିମ୍ନାଂଶରେ ଅବସ୍ଥିତ । ଗଙ୍ଗୋତ୍ରୀ ହିମାଳୟରେ ପ୍ରବାହିତ ତୁଷାର ସ୍ରୋତଗୁଡ଼ିକ ମଧ୍ୟରେ ବୃହତ୍ତମ । ଗଙ୍ଗା ଏକ ପବିତ୍ର ନଦୀଭାବେ ବିବେଚିତ । ସୁତରାଂ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ଏଠାକୁ ଆକର୍ଷିତ ହୋଇ ଆସିଥାନ୍ତି । ଗୋମୁଖ ମଧ୍ୟ ପର୍ବତାରୋହଣର ଏକ ଗନ୍ତବ୍ୟ ସ୍ଥଳ । ମନେରଖ - ଗଙ୍ଗାର ଉତ୍ପତ୍ତି ଗୋମୁଖରୁ ହିଁ ହୋଇଛି ।






ଚିତ୍ର - ୧.୩. ଗୋମୁଖ

## ହିମାଳୟ ସୃଷ୍ଟି : "ଏକ କୌତୁହଳପ୍ରଦ କାହାଣୀ"

ନିୟୁତ ନିୟୁତ ବର୍ଷ ପୂର୍ବେ ଭାରତ ଗଣ୍ଡୱାନା ଲାଣ୍ଡ ନାମରେ ଏକ ବିଶାଳ ଭୂଭାଗର ଅଂଶ ଥିଲା । ଏହା ଆଫ୍ରିକା ମହାଦେଶର ପଡ଼ୋଶୀ ଥିଲା । ପରବର୍ତ୍ତୀ ସମୟରେ ଭାରତ ମୁଖ୍ୟ ଭାଗରୁ ବିଚ୍ଛିନ୍ନ ହେଲା ଏବଂ ଧୀରେ ଧୀରେ ଉତ୍ତର ଦିଗକୁ ଅଗ୍ରସର ହେଲା । ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ଏହା ୟୁରେସିଆ (ୟୁରୋପ + ଏସିଆ) ଭୂଭାଗର ନିକଟବର୍ତ୍ତୀ ହେଲା ଏବଂ ଏହା ସହ ଧକ୍‌କା ଖାଇଲା । ୟୁରେସିଆ ଭୂଭାଗକୁ ଠେଲିବା ଯୋଗୁଁ ତତ୍‌ମଧ୍ୟସ୍ଥ ସ୍ଥଳଭାଗ କୁଞ୍ଚିତ ହୋଇ ଉର୍ଦ୍ଧ୍ୱଗାମୀ ହେଲା । ଏହି ପ୍ରକ୍ରିୟାକୁ ଏକ ଗାଲିଚାକୁ ଠେଲିବା ଯୋଗୁ ସେଥିରେ ପଡୁଥିବା ଭାଙ୍ଗ ସହ ତୁଳନା କରାଯାଇପାରେ । ଏହିପରି ଭାବେ ବିଶାଳ ହିମାଳୟ ପର୍ବତ ସୃଷ୍ଟି ହୋଇଛି ।

ଆଶ୍ଚର୍ଯ୍ୟର କଥା ଭାରତ ଏବେ ବି ଧୀରେ ଧୀରେ ଉତ୍ତରସ୍ଥ ଏସିଆ ଦିଗରେ ଅଗ୍ରସର ହେଉଛି । ଏହି ଚଳନ ବାର୍ଷିକ ପ୍ରାୟ ପାଞ୍ଚ ସେଣ୍ଟିମିଟର ହାରରେ ହୋଇଥାଏ । ଏହା ଆମ କେଶର ବୃଦ୍ଧି ହାର ଠାରୁ ମଧ୍ୟ କମ୍ । ଏହାର ଅର୍ଥ ହିମାଳୟର ଉଚ୍ଚତା ଏବେ ବି ବୃଦ୍ଧି ପାଉଛି । ଏହି ବୃଦ୍ଧିହାର ଅତ୍ୟନ୍ତ ନଗନ୍ୟ ଏବଂ ବର୍ଷକୁ ପ୍ରାୟ ପାଞ୍ଚ ମିଲିମିଟର, ତେବେ ଏକ ନିୟୁତ ବର୍ଷରେ ଏହାର ଉଚ୍ଚତା ୫ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ ।



ଚିତ୍ର - ୧.୪ ଭାରତର ୟୁରେସିୟା ଯାତ୍ରା


ଚିତ୍ର - ୧.୫ ହିମାଳୟ ଅନ୍ତର୍ଗତ ଶିଳାର ଭଙ୍ଗିଳ ସ୍ତର

### ମନେରଖ

ହିମାଳୟ ଶବ୍ଦଟି ଦୁଇଟି ସଂସ୍କୃତ ଶବ୍ଦରୁ ଉଦ୍ଭୃତ – ହିମ + ଆଳୟ । ହିମ କହିଲେ ବରଫ ଓ ଆଳୟ ଅର୍ଥ ଘର । ତେଣୁ ହିମାଳୟର ପ୍ରକୃତ ଅର୍ଥ "ବରଫର ଘର" ।

ହିମାଳୟ ପର୍ବତମାଳାକୁ ମୁଖ୍ୟତଃ ତିନିଗୋଟି ପର୍ବତଶ୍ରେଣୀରେ (Range) ବିଭକ୍ତ କରାଯାଇଛି ।

- ହିମାଦ୍ରୀ (ବୃହତ ହିମାଳୟ) ହେଉଛି ହିମାଳୟର ସର୍ବୋଚ୍ଚ ଏବଂ ଦୁର୍ଗମ ଅଂଶ । ଏଥିରେ ମାଉଣ୍ଟ୍ ଏଭେରେଷ୍ଟ ଓ କାଞ୍ଚନଜଙ୍ଘା ଭଳି ନଭଶ୍ଚୁମ୍ବୀ ଗିରିଶୃଙ୍ଗ ରହିଛି । ଏହି ପର୍ବତଶ୍ରେଣୀ ବର୍ଷସାରା ବରଫାବୃତ୍ତ ରହିଥାଏ । ଜୀବନ ଏଠାରେ ଦୁର୍ବିସହ ହୋଇଥିବାରୁ କୌଣସି ଜନବସତି ଦେଖାଯାଏ ନାହିଁ ।

- ହିମାଚଳ (ମଧ୍ୟ ହିମାଳୟ) ସର୍ବୋଚ୍ଚ ହିମାଳୟର ଦକ୍ଷିଣରେ ଅବସ୍ଥିତ । ଏଠାକାର ସୁଷମ ଜଳବାୟୁ, ସମୃଦ୍ଧ ଜୈବ ବିବିଧତା ଓ ଜନବସତି ସୃଷ୍ଟି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ନୈନିତାଲ (ଉତ୍ତରାଖଣ୍ଡ), ଦାର୍ଜିଲିଂ (ପଶ୍ଚିମବଙ୍ଗ), ସିମଲା (ହିମାଚଳ ପ୍ରଦେଶ) ଏବଂ ମଶୌରୀ (ଉତ୍ତରାଖଣ୍ଡ) ଆଦି ପ୍ରସିଦ୍ଧ ଶୈଳନିବାସମାନ ଏଠାରେ ରହିଛି ।

- ସିଓ୍ୱାଲିକ୍ (ବାହ୍ୟ ହିମାଳୟ) ହିମାଳୟ ପର୍ବତମାଳାର ବାହ୍ୟାଂଶ ବା ଦକ୍ଷିର ଭାଗରେ ଅବସ୍ଥିତ ନିମ୍ନତମ ପର୍ବତଶ୍ରେଣୀ, ଏହା ଅନେକ ଛୋଟ ଛୋଟ ପାହାଡ଼କୁ ନେଇ ଗଠିତ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ । ଏହାର ପାଦଦେଶ ବନ୍ୟପ୍ରାଣୀ ସମୃଦ୍ଧ । ଏହି ଅଞ୍ଚଳଟି ହିମାଳୟ ଓ ଗାଙ୍ଗେୟ (ଉତ୍ତରସ୍ଥ ସମତଳ ଅଞ୍ଚଳ) ଅଞ୍ଚଳର ମଧ୍ୟସ୍ଥ ଅଞ୍ଚଳ ।



## ଆସ ଅନୁସନ୍ଧାନ କରିବା

ହିମାଳୟ ପାର୍ବତ୍ୟାଞ୍ଚଳର ବିଭିନ୍ନ ଅଂଶରେ ଥିବା ରାଜ୍ୟଗୁଡ଼ିକୁ ଚିହ୍ନଟ କରିପାରିବ କି ? ଏଥିପାଇଁ ଭାରତର ଭୌତିକ ଓ ରାଜନୈତିକ ମାନଚିତ୍ରର ସାହାଯ୍ୟ ନିଅ ।



## ମନେରଖ



ଚିତ୍ର - ୧.୬ ହିମାଚଳ ପ୍ରଦେଶର କାଠ-କୁନି ଘର

ପଶ୍ଚିମ ହିମାଳୟ ଅଞ୍ଚଳରେ ପାରମ୍ପରିକ ପଦ୍ଧତିରେ ନିର୍ମିତ ଘରଗୁଡ଼ିକୁ "କାଠ-କୁନି" କିମ୍ବା ଧାଜି - ଦେଓ୍ୱାରୀ" କୁହାଯାଏ । ଏଥିରେ ସ୍ଥାନୀୟ ଭାବେ ମିଳୁଥିବା ପଥର ଓ କାଠ ବ୍ୟବହୃତ ହୋଇଥାଏ । ଏହାର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଘରକୁ ଉଷ୍ମ ରଖିବା ସଙ୍ଗେ ସଙ୍ଗେ ଏହାକୁ ମୃଦୁ ଭୂମିକମ୍ପ ଜନିତ କ୍ଷୟକ୍ଷତିରୁ ରକ୍ଷା କରିଥାଏ ।

## ମନେରଖ

ହିମାଚଳ ପ୍ରଦେଶ ଅନ୍ତର୍ଗତ ବୃହତ ହିମାଳୟସ୍ଥ ଜାତୀୟ ଉଦ୍ୟାନରେ ବହୁପ୍ରକାରର ଉଦ୍ଭିଦ, ପ୍ରାଣୀ ଏବଂ ଜୀବଜନ୍ତୁ ରହିଛନ୍ତି । ୟୁନେସ୍କୋ ଦ୍ୱାରା ଏହା ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ପାଇଛି




**ଚିତ୍ର - ୧.୭ :** ୧. ବୃହତ ହିମାଳୟର ଜାତୀୟ ଉଦ୍ୟାନ ଅଞ୍ଚଳ ୨. ହିମାଳୟାନ୍ ମୋନାଲ୍ (ଏକ ପ୍ରକାର ପକ୍ଷୀ) ୩. ଲାଦାଖସ୍ଥ ମଠ ୪. ହିମାଚଳ ପ୍ରଦେଶସ୍ଥିତ ବେୟାସ ନଦୀ ୫. ତୁଷାର ଚିତାବାଘ ୬. ହିମାଳୟର ଏକ ସ୍ଥାନୀୟ ବଜାର ରେ ଦ୍ରବ୍ୟ ପ୍ରଦର୍ଶନ ୭. ରୋଡୋଡେଣ୍ଡ୍ରୋନ୍ ନାମକ ଫୁଲ ଯେଉଁଥିରୁ ସରବତ୍ ତିଆରି ହୁଏ ।

ଏହି ଉଦ୍ୟାନର ଜୈବ ବିବିଧତାକୁ ସରକାର ତଥା ଉଦ୍ୟାନ ପରିସରରେ ରହୁଥିବା ଗ୍ରାମବାସୀମାନଙ୍କ ଦ୍ୱାରା ସଂରକ୍ଷଣ କରାଯାଉଛି ।

### ଭାରତର ଶୀତଳ ମରୁଭୂମି :

'ମରୁଭୂମି' ଶବ୍ଦଟି ମନରେ ହଠାତ୍ ଏକ ଗରମ ସ୍ଥାନର ଛବି ସୃଷ୍ଟି କରେ । ତେବେ କେତେକ ଅଞ୍ଚଳରେ ଶୀତଳ ମରୁଭୂମି ମାନ ରହିଛି । ଆମ ଦେଶରେ ମଧ୍ୟ ଏକ ଶୀତଳ ମରୁଭୂମି ରହିଛି । ଏହି ଶୀତଳ ମରୁଭୂମିଟି "ଲାଦାଖ" ଅଟେ । ଏଠାରେ ଶୀତଦିନେ ସର୍ବନିମ୍ନ ତାପମାତ୍ରା -୩୦° ସେଲ୍‌ସିୟସ୍ ନିମ୍ନରେ ରହିଥାଏ । ଏଠାରେ ଅତି କମ୍ ବର୍ଷା ହୋଇଥାଏ । ଏଠାକାର ଭୂଭାଗ ପଥୁରିଆ ଓ ଆବଡ଼ା ଖାବଡ଼ା । ଏଠାରେ କେତେକ ଗଭୀର ଉପତ୍ୟକା ଓ ହ୍ରଦମାନ ଦେଖାଯାଏ । 'ପାଙ୍ଗଙ୍ଗସୋ' ଏହି ହ୍ରଦମାନଙ୍କ ମଧ୍ୟରେ ଅନ୍ୟତମ । ଏଠାରେ ଭୂ - ରୂପ ଚନ୍ଦ୍ର ପୃଷ୍ଠର ଭୂପ୍ରକୃତି ସହ ସାମଞ୍ଜସ୍ୟ ରହିଛି । ସେଥିପାଇଁ ଏହାକୁ 'ଚନ୍ଦ୍ରଭୂମି' ବୋଲି କୁହାଯାଏ । ଭୂତତ୍ତ୍ୱବିତ୍‌ମାନେ ଏହି ପ୍ରକାର ଭୂମିର ସୃଷ୍ଟି ସମ୍ବନ୍ଧରେ ପୂର୍ବରୁ ମତ ଦେଇଛନ୍ତି । ଆଗରୁ ଆମେ ଜାଣିଛେ ଯେ ହିମାଳୟ ପର୍ବତମାଳା ଭାରତୀୟ ଭୂଖଣ୍ଡ ଓ ୟୁରେସିଆ



ଚିତ୍ର. ୧. ୮ ଲାଦାଖର ଚନ୍ଦ୍ରଭୂମି



ଚିତ୍ର - ୧. ୯ : ହିମାଳୟରେ ବାସ କରୁଥିବା ଅଧିବାସୀଙ୍କ ପାଇଁ ୟାକ୍ ବା ଚମରି ଗାଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷୀର, ମାଂସ, ପଶମ ଓ ଗୋବର ପାଇଁ ସେମାନେ ଏହାକୁ ପାଳନ କରନ୍ତି ଓ ଏମାନଙ୍କୁ ମଧ୍ୟ ପରିବହନ କାର୍ଯ୍ୟରେ ବ୍ୟବହାର କରନ୍ତି ।



ଚିତ୍ର ୧. ୧୦ - ଲାଦାଖର ପାଙ୍ଗଙ୍ଗ୍ ସୋ । ଏହି ହ୍ରଦରେ ପାଣି ଲୁଣିଆ ହେଲେ ମଧ୍ୟ ଅନ୍ୟ ହ୍ରଦ ପରି ନୁହେଁ । ଏହାର ଚତୁଃପାର୍ଶ୍ୱରେ ଥିବା ପାର୍ବତ୍ୟାଞ୍ଚଳରୁ ଦ୍ରବୀଭୂତ ଖଣିଜ ପଦାର୍ଥ ଏହି ଲବଣତାର କାରଣ ।

ସହ ଧକ୍କା ହୋଇ ସୃଷ୍ଟି ହୋଇଛି । ଏହି ଭଙ୍ଗିଳ ପର୍ବତମାଳାଟି ପୂର୍ବରୁ ଥିବା ମହାସାଗରରୁ ସୃଷ୍ଟି ହୋଇଛି । ସୁତରାଂ ଏହି ଅଞ୍ଚଳ ଶିଳାଗୁଡ଼ିକ ମୁଖ୍ୟତଃ ବାଲି ଓ କର୍ଦ୍ଦମ ଦ୍ୱାରା ସୃଷ୍ଟି । ଯୁଗ ଯୁଗ ଧରି ଉଭୟ ବର୍ଷା ଓ ପବନ ଦ୍ୱାରା ଏହି ଅଞ୍ଚଳ କ୍ଷୟିତ ହୋଇ ଏପରି ଆବଡ଼ା ଖାବଡ଼ା ଭୂମିରୂପ ସୃଷ୍ଟି ହୋଇଛି । ମାନଚିତ୍ରରେ ଏହି ଭୂମିରୂପଗୁଡ଼ିକୁ ଅନୁସନ୍ଧାନ କର ।

ଉପରୋକ୍ତ ଆଲୋଚନାରୁ ଆମେ ଜାଣିଲେ ଯେ ଲାଦାଖର ପରିବେଶ ବେଶ ପ୍ରତିକୂଳ । ତଥାପି ଏଠାରେ ବରଫ ଚିତାବାଘ ଏବଂ ଆଇବେକ୍ସ ନାମକ ପାହାଡ଼ିଆ ଛେଳି ଓ ତିବ୍ବତୀୟ ମୃଗ ବାସ କରନ୍ତି । ଲାଦାଖର ଅଧିବାସୀମାନେ ସରଳ ଜୀବନଯାପନ କରନ୍ତି । ଏହି ଅଞ୍ଚଳଟି ପୁରାତନ ମଠ ଏବଂ ଲୋସାର ଓ ହେମିସ୍ ପରି ଆକର୍ଷଣୀୟ ପର୍ବପର୍ବାଣୀ ପାଇଁ ପ୍ରସିଦ୍ଧ ।

## ଗାଙ୍ଗେୟ ସମତଳ ଭୂମି :

ହିମାଳୟର ଦକ୍ଷିଣରେ ଏକ ସୁବିସ୍ତୃତ ଉର୍ବର ସମତଳ ଭୂମି ରହିଛି । ଏହାକୁ ଗାଙ୍ଗେୟ ସମତଳ ଭୂମି କୁହାଯାଏ । ଏହି ସମତଳ ଭୂମି ଭାରତ ଇତିହାସ ଏବଂ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ହିମାଳୟରୁ ଉତ୍ପତ୍ତି ଲାଭ କରିଥିବା ବଡ଼ ବଡ଼ ନଦୀ ଗୁଡ଼ିକ ଜଳ ଦ୍ୱାରା ଏହି ଅଞ୍ଚଳ ପରିପୁଷ୍ଟ । ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର ଏବଂ ସେମାନଙ୍କ ଉପନଦୀ ସମୂହ ଦ୍ୱାରା ସଞ୍ଚିତ ପଟୁମାଟି ଦ୍ୱାରା ଏହି ଅଞ୍ଚଳର ମୃତ୍ତିକା ସମୃଦ୍ଧ । ଏହି ମୃତ୍ତିକାରେ ପ୍ରଚୁର ଖଣିଜ ପଦାର୍ଥ ଥିବାରୁ ଏହା ଅତ୍ୟନ୍ତ ଉର୍ବର ଓ କୃଷିପଯୋଗୀ । ଫଳତଃ ନଦୀ ଆନୀତ ପଟୁମାଟି ସଂଚୟ ଯୋଗୁ ଏହି ଅଞ୍ଚଳ ଶସ୍ୟଶ୍ୟାମଳା । ଉକ୍ତ ଅଞ୍ଚଳର ନଦୀଗୁଡ଼ିକ ମଧ୍ୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନର ଉତ୍ସ । ଏହି ସମତଳ ଭୂମିରେ ଭାରତ ଜନସଂଖ୍ୟାର ଏକ ବଡ଼ ଅଂଶ ବାସ କରନ୍ତି ।



ଚିତ୍ର. ୧. ୧୧ ସମତଳ ଅଞ୍ଚଳରେ ଆଧୁନିକ କୃଷି ପ୍ରଣାଳୀ



ଚିତ୍ର. ୧. ୧୨ ଆକାଶରୁ ଯମୁନା ନଦୀ ସହ ଦିଲ୍ଲୀର ଦୃଶ୍ୟ



ଚିତ୍ର ୧. ୧୩ ଉତ୍ତର ପ୍ରଦେଶର ବହୁବିଧ କୃଷି ଅଞ୍ଚଳ



ଚିତ୍ର ୧. ୧୪ ପଶ୍ଚିମ ବଙ୍ଗର ଧାନ କିଆରୀରେ କାମ କରୁଥିବା ଗ୍ରାମୀଣ ମହିଳା ।

ଉତ୍ତରସ୍ଥ ସମତଳ ଅଞ୍ଚଳର ସମପ୍ରାୟ ଭୂମି ଜାଲ ଭଳି ବିସ୍ତୃତ ପରିବହନ ବିକାଶରେ ସହାୟକ ହୋଇଛି । ସଡ଼କ ଓ ରେଳ ପରିବହନର ବ୍ୟାପକତା ଯୋଗୁ ଦୂରସ୍ଥାନକୁ ଯାତାୟତ ଓ ମାଲପରିବହନ ସହଜ ହୋଇଥାଏ । ବିଗତ ଅଧ୍ୟାୟର ଅତୀତର ସ୍ମୃତି ଫର୍ଦ୍ଦକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଗଙ୍ଗା, ବ୍ରହ୍ମପୁତ୍ର ଓ ଅନ୍ୟ ନଦୀମାନେ ଯୁଗ ଯୁଗ ଧରି ଜଳଯାତ୍ରା ଓ ବାଣିଜ୍ୟ ନିମିତ୍ତ ବ୍ୟବହୃତ ହୋଇଛନ୍ତି ।





ଚିତ୍ର. ୧. ୧୫. ଗାଙ୍ଗେୟ ସମତଳ ଭୂମିରେ ପରିବହନର ମାଧ୍ୟମ

## ମନେରଖ


ଭାରତର ଅଧିକାଂଶ ନଦୀ ଯଥା ଗଙ୍ଗା, କାବେରୀ, ଯମୁନା ଆଦି ବିଭିନ୍ନ ଦେବୀଙ୍କ ନାମରେ ନାମିତ ହୋଇଛି । କିନ୍ତୁ ବ୍ରହ୍ମପୁତ୍ର ନଦୀ ସ୍ୱତନ୍ତ୍ର । ଏହି ନଦୀ 'ବ୍ରହ୍ମାଙ୍କ ପୁତ୍ର ବା ବ୍ରହ୍ମପୁତ୍ର' ଭାବେ ଜଣା । ଏହି ନଦୀ ଗ୍ରୀଷ୍ମ କାଳରେ ଶୁଷ୍କ ରହିବା ପରିବର୍ତ୍ତେ ଅଧିକ ଜଳରେ ପୁରି ଉଠେ । ଏପରି କାହିଁକି ହୁଏ ଜାଣି ପାରୁଛ କି ?

## ଆସ ଅନୁସନ୍ଧାନ କରିବା

ସମତଳ ଅଞ୍ଚଳର ସଘନ ଆଲୋକ ସଜ୍ଜାକୁ ଲକ୍ଷ୍ୟ କର । ଏପରି ଆଲୋକ ସଜ୍ଜାର କାରଣ କଣ ହୋଇପାରେ ?



ଚିତ୍ର. ୧. ୧୬ – ସାଟେଲାଇଟ୍ ବା ଉପଗ୍ରହରୁ ଉତ୍ତୋଳନ କଥାଯାଇଥିବା ଗାଙ୍ଗେୟ ସମତଳ ଭୂମିର ଫଟୋ ।



ଚିତ୍ର ୧. ୧୭. – ଉତ୍ତରସ୍ଥ ସମତଳ ଭୂମି ଅନ୍ତର୍ଗତ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ଧୂସର ଲଙ୍ଗୁର ଏକ କାଠଗଣ୍ଡି ଉପରେ ବସିଛି ।



ଚିତ୍ର ୧. ୧୮ – ବିଲୁପ୍ତ ହେବାକୁ ଥିବା ମହାବଳ ବାଘ । ପ୍ରୋଜେକ୍ଟ ଟାଇଗର ମହାବଳ ବାଘକୁ ତାର ବସସ୍ଥାନକୁ ଫେରିବାରେ ସାହାଯ୍ୟ କରିଛି ।



ଚିତ୍ର ୧. ୧୯ – ଭାରତୀୟ ଘଡ଼ିଆଳ; ଗୋଟିଏ ବୟସ୍କ ଘଡ଼ିଆଳର ଲମ୍ବ ୨.୫ ରୁ ୪. ୫ ମିଟର ମଧ୍ୟରେ ହୋଇଥାଏ । ଏହି ସରିସୃପଟି ବିଲୁପ୍ତ ହେବାକୁ ବସିଛି । ଏମାନଙ୍କର କ୍ଷତି ବା ଶିକାରକୁ ଆଇନ୍ ନିଷେଧ କରିଛି ।



ଚିତ୍ର. ୧. ୨୦ – ଏକ ମୟୂର ଓ ମୟୂରୀ – ଭାରତୀୟ ମୟୂର ହେଉଛି ଆମର ଜାତୀୟ ପକ୍ଷୀ ।

## ବୃହତ ଭାରତ ମରୁଭୂମି : ଥର୍ ମରୁଭୂମି :

ଭାରତର ପ୍ରାକୃତିକ ମାନଚିତ୍ରର ପଶ୍ଚିମ ଆଡ଼କୁ ଲକ୍ଷ୍ୟ କଲେ ଆମେ ଏକ ହଳଦିଆ ରଙ୍ଗର ଅଞ୍ଚଳ ଦେଖିବାକୁ ପାଇବା । ଏହି ଅଞ୍ଚଳ ଥର୍ ମରୁଭୂମି । ବହିରେ ପ୍ରଦତ୍ତ ଚିତ୍ର ୧. ୨୧ କୁ ଲକ୍ଷ୍ୟ କର । ଏଥିରେ ଅନେକ ଗୁଡ଼ିଏ ବହୁଦୂରକୁ ଲମ୍ବିଥିବା ସୁନେଲି ବାଲୁକା ପାହାଡ଼ (ବାଲୁକା ସ୍ତୁପ), ଉଚ୍ଚ, ନୀଚ ଭୂମି ଓ ଖୋଲା ଆକାଶ ଦୃଶ୍ୟମାନ ହେବ । ଆରାବଳୀ ପର୍ବତମାଳାର ପଶ୍ଚିମାଂଶରେ ଏକ ବାଲୁକାମୟ ପ୍ରାନ୍ତର ରହିଛି । ଯାହାକି ଥର୍ ମରୁଭୂମି ନାମରେ ନାମିତ ।



ଚିତ୍ର. ୧. ୨୧. ଥର୍‌ମରୁଭୂମିର ବାଲିପାହାଡ଼ ମଧ୍ୟରେ ଜଣେ ଯାତ୍ରୀ

### ଆସ ଅନୁସନ୍ଧାନ କରିବା



ବାଲୁକା ସ୍ତୁପର ଆକୃତି କିପରି ? ପର୍ବତଗୁଡ଼ିକ ପଥରରେ ତିଆରି ଓ ସେମାନେ ସ୍ଥିର ; ବାଲି ପାହାଡ଼ଗୁଡ଼ିକ ପର୍ବତ ଆକୃତି କିପରି ହୋଇଛି, ଯଦିବା ଏହା ବାଲିରେ ତିଆରି ?



ଚିତ୍ର ୧. ୨୨ : ଭାରତର ଥର୍ ମରୁଭୂମିର ମଧ୍ୟଭାଗରେ ଅବସ୍ଥିତ "ସ୍ୱର୍ଣ୍ଣ ନଗରୀ" ଜୈସଲମେର । ଜୈସଲମେର ଦୁର୍ଗ ୟୁନେସ୍କୋ ଦ୍ୱାରା ସ୍ୱୀକୃତି ପାଇଥିବା ଏକ ବିଶ୍ୱ ଐତିହ୍ୟସ୍ଥଳୀ ।

ଏଠାରେ ବେଗଶାଳୀ ପବନ ବାଲିକୁ ଠେଲି ଠେଲି ଏକ ପାହାଡ଼ ଆକୃତି ସୃଷ୍ଟି କରିଥାଏ । କେତେକ କ୍ଷେତ୍ରରେ ଏହି ବାଲିପାହାଡ଼ଗୁଡ଼ିକ ୧୫୦ ମିଟର ଉଚ୍ଚତା ବିଶିଷ୍ଟ ହୋଇଥାନ୍ତି ।

ଥର୍ ଏକ ବିସ୍ତୃତ ଶୁଷ୍କ ଅଞ୍ଚଳ ଏହାର ଅଧିକାଂଶ ଭାଗ ଭାରତରେ ରହିଛି । ରାଜସ୍ଥାନ, ଗୁଜୁରାଟ, ପଞ୍ଜାବ ଓ ହରୟାଣା ରାଜ୍ୟରେ ଏହା ପରିବ୍ୟାପ୍ତ ।

ମରୁଭୂମି ଏକ ପ୍ରାକୃତିକ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରେ । ଏଠାକାର ଅତି ଉତ୍ତପ୍ତ ଦିନ, ଶୀତଳ ରାତି ଓ ଜଳାଭାବ ଜନିତ ପ୍ରତିକୂଳ ପରିସ୍ଥିତିରେ ମାନବ ଓ ପ୍ରାଣୀମାନଙ୍କ ଚଳାଚଳ ପ୍ରତିହତ ହୋଇଥାଏ ।

ଥର୍ ଅଞ୍ଚଳରେ ରହୁଥିବା ଅଧିବାସୀମାନେ ଏଠାକାର ପରିବେଶ ସହ ନିଜକୁ ଖାପଖୁଆଇ ବଞ୍ଚିଥାନ୍ତି । ଏଠାକାର କଠୋର ପରିସ୍ଥିତି ସହ ସେମାନଙ୍କ ଖାଦ୍ୟ, ବସ୍ତ୍ର ଏବଂ ଜୀବନଧାରା ସଂଶ୍ଳିଷ୍ଟ ଓ ସେହି ଅନୁସାରେ ପରିଚାଳିତ ।



ଚିତ୍ର. ୧. ୨୩ : ପୁଷ୍କର ମେଳାରେ ଜଣେ ଓଟ ବିକାଳୀ (ଥର୍ ମରୁଭୂମିର ଶେଷଭାଗରେ)

## ମନେରଖ





ଚିତ୍ର - ୧. ୨୪ ଘରଠାରୁ ଦୂରରେ ଥିବା ଏକ ଉତ୍ସରୁ ପାଣି ଆଣୁଥିବା ମହିଳା । ଏକ ଗ୍ରାମରେ ବର୍ଷାଜଳ ଅମଳ ପ୍ରକଳ୍ପ ।

ମରୁଭୂମିରେ ଜଳ ଦୁର୍ଲ୍ଲଭ ଅଟେ । ନିଜ ପରିବାର ପାଇଁ ପାଣି ଆଣିବାକୁ ସେଠାକାର ସ୍ତ୍ରୀଲୋକମାନଙ୍କୁ ପ୍ରତିଦିନ ବହୁଦୂର ଯାତ୍ରା କରିବାକୁ ପଡ଼ିଥାଏ। ପାରମ୍ପରିକ ଭାବେ ବାସନକୁସନକୁ ମାଜିବା ପାଇଁ ସେମାନେ ସେଗୁଡ଼ିକୁ ବାଲିରେ ଭଲଭାବେ ରଗଡ଼ି ସଫା କରିଥାନ୍ତି । ପରେ ଏହି ବାସନକୁସନକୁ ଅଳ୍ପ ପାଣିରେ ଧୋଇଥାନ୍ତି । ବାସନ ଧୋଇବାରେ ବ୍ୟବହୃତ ଜଳକୁ ପୁନଃ ବ୍ୟବହାର କରାଯାଏ । କେତେକ କ୍ଷେତ୍ରରେ ଏହି ଜଳ ବଗିଚାରେ ବ୍ୟବହୃତ ହୋଇଥାଏ । ବେଳେ ବେଳେ ତୁମେ ଦାନ୍ତ ଘଷିବା ବେଳେ ପାଣି ଟ୍ୟାପ୍‌କୁ ଖୋଲା ଛାଡ଼ି ଦେଇଥାଅ । ଏହି ସମୟରେ ତୁମେ ଥର୍ ଅଞ୍ଚଳର ଅଧିବାସୀଙ୍କ କଥା ଟିକେ ମନେ ପକାଅ ତ ?

ନିଜସ୍ୱ ଜ୍ଞାନ କୌଶଳ ବ୍ୟବହାର କରି ପାଣି ସଂରକ୍ଷଣର ବିଭିନ୍ନ ପ୍ରକ୍ରିୟା ପାଇଁ ରାଜସ୍ଥାନ ପ୍ରସିଦ୍ଧ । ସ୍ୱତନ୍ତ୍ର ଜଳ ସଂରକ୍ଷଣ ପଦ୍ଧତିରେ ବୃଷ୍ଟିଜଳକୁ ସଂଚୟ କରି ରଖିଥିବା ଜଳାଶୟଗୁଡ଼ିକୁ "ଟନ୍‌କା ବା କୁଣ୍ଡ୍" କୁହାଯାଏ । ଏହି ଜଳ ବିଶୋଧିତ ଜଳ ପିଇବା ପାଇଁ ବ୍ୟବହୃତ ହୋଇଥାଏ ।

## ଆରାବଳୀ ପର୍ବତଶ୍ରେଣୀ :

### ଆସ ଅନୁସନ୍ଧାନ କରିବା

ଆଉ ଥରେ ଭାରତର ଭୌତିକ ମାନଚିତ୍ରକୁ ଦେଖ । ଥର୍ ମରୁଭୂମିର ପୂର୍ବ ପଟରେ ଆରାବଳୀ ପର୍ବତ ରହିଛି । ଆରାବଳୀ ପୃଥିବୀର ଅତି ପ୍ରାଚୀନ ପର୍ବତ ଶ୍ରେଣୀ ମଧ୍ୟରୁ ଅନ୍ୟତମ। ଏହାର ବୟସ ପ୍ରାୟ ୨୫୦ ନିୟୁତ ବର୍ଷ ଓ ଏହି ପର୍ବତମାଳାରେ ଅନେକ ଗୁଡ଼ିଏ ଗିରିଶୃଙ୍ଗ ଓ ପର୍ବତଶ୍ରେଣୀ ରହିଛି। ମାଉଣ୍ଟଆବୁ ଏହାର ଉଚ୍ଚତମ ଗିରିଶୃଙ୍ଗ । ଏହାର ଉଚ୍ଚତା ପ୍ରାୟ ୧୭୦୦ ମିଟରରୁ ଅଧିକ । ତେବେ ଅଧିକାଂଶ ପାହାଡ଼ ଗୁଡ଼ିକର ଉଚ୍ଚତା ପ୍ରାୟ ୩୦୦ ମିଟରରୁ ୯୦୦ ମିଟର ମଧ୍ୟରେ ରହିଛି। ମାଉଣ୍ଟଆବୁରୁ ପ୍ରାୟ ସାଢ଼େ ଚାରିଘଣ୍ଟା ଯାତ୍ରା କଲେ ଆମେ ଥର୍ ମରୁଭୂମି ଅନ୍ତର୍ଗତ ଯୋଧପୁର ସହରରେ ପହଞ୍ଚିବା । ଉଭୟ ସ୍ଥାନର ଭୌଗୋଳିକ ପରିସ୍ଥିତି ସଂପୂର୍ଣ୍ଣ ଅଲଗା । ଅଳ୍ପ ଦୂରତାରେ ଏଭଳି ସମ୍ପୂର୍ଣ୍ଣ ଭୌଗୋଳିକ ପରିବର୍ତ୍ତନ ସତରେ ବେଶ୍ କୌତୁହଳପ୍ରଦ ।



ଚିତ୍ର ୧. ୨୫. ଆରାବଳୀ ପର୍ବତର ଏକ ଦୃଶ୍ୟ, ଏହି ପର୍ବତର ଠିକ୍ ଅପର ପାର୍ଶ୍ୱରୁ ଥର୍ ମରୁଭୂମି ଆରମ୍ଭ ହୋଇଛି ।



ମହାକାଶରୁ ଦୃଶ୍ୟମାନ ହେଉଥିବା ଆରାବଳୀର ଏକ ଅଂଶ ।

## ଆସ ଅନୁସନ୍ଧାନ କରିବା



ବହିରେ ଥିବା ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କର । ଆରାବଳୀ ପର୍ବତମାଳା କେଉଁ କେଉଁ ରାଜ୍ୟ ଦେଇ ଯାଇଛି ଚିହ୍ନଟ କର । ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଓ ଗୁଜୁରାଟ ରାଜ୍ୟଗୁଡ଼ିକ ଦେଇ ଏହା ଲମ୍ବିଛି ବୋଲି ତୁମେ ଲକ୍ଷ୍ୟକଲ କି ?

ଆରାବଳୀ ପର୍ବତମାଳା ଉତ୍ତର ପଶ୍ଚିମ ଭାରତର ଭୂଗୋଳ ଏବଂ ଜଳବାୟୁ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏକ ପ୍ରାକୃତିକ ପ୍ରତିବନ୍ଧକ ଭାବେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଛି, ଯାହାକି ଥର୍ ମରୁଭୂମିର ପୂର୍ବଦିଗ ପ୍ରସାରଣକୁ ପ୍ରତିହତ ହୋଇଛି । ଏ ବିଷୟରେ ଆମେ ପରେ ଅଧିକ ଆଲୋଚନା କରିବା । ଆରାବଳୀ ପର୍ବତମାଳା ମାର୍ବଲ, ଗ୍ରାନାଇଟ୍ ଦସ୍ତା ଏବଂ ତମ୍ବା ଭଳି ଖଣିଜ ପଦାର୍ଥରେ ସମୃଦ୍ଧ । ତେଣୁ ଅନେକ ଶତାବ୍ଦୀ ଧରି ଏହା ଖଣି ଓ ବିଭିନ୍ନ ନିର୍ମାଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରି ଆସିଛି । ରାଜସ୍ଥାନର ଜୱାର ଠାରେ ଥିବା ଦସ୍ତା ଖଣି ପ୍ରାୟ ଆଠ ଶତାବ୍ଦୀ ପୂର୍ବର । ଅତି ସୂକ୍ଷ୍ମ ପ୍ରକ୍ରିୟାରେ ଏଥିରୁ ଦସ୍ତା ନିଷ୍କାସନ କରିବାରେ ଭାରତୀୟମାନେ ପୃଥିବୀରେ ପ୍ରଥମ ବୋଲି ପ୍ରମାଣ ମିଳେ । ଚିତ୍ତୋରଗଡ଼, କୁମ୍ଭଲଗଡ଼ ଏବଂ ରନ୍ଥାମ୍ବୋର ଆଦି ଐତିହାସିକ ଦୁର୍ଗ ଏହି ଅଞ୍ଚଳରେ ଅବସ୍ଥିତ ।



ଚିତ୍ର. ୧.୨୬. ଆରାବଳୀ ପର୍ବତ ଦ୍ୱାରା ପରିବେଷ୍ଟିତ "କୁମ୍ଭଲଗଡ଼ ଦୁର୍ଗ" ପର୍ବତରେ ଅବସ୍ଥିତ ଓ ଏହି ଦୁର୍ଗ ଶତ୍ରୁ ପ୍ରତି ଏକ ଉତ୍କୃଷ୍ଟ ପ୍ରତିରୋଧକ ପ୍ରମାଣିତ ହୋଇଥିଲା ।

# ଉପଦ୍ୱୀପୀୟ ମାଳଭୂମି :

## ଆସ ଅନୁସନ୍ଧାନ କରିବା

ମାଳଭୂମି ହେଉଛି ଏକ ଭୂମିରୂପ ଯିଏକି ନିକଟବର୍ତ୍ତୀ ଭୂମିଠାରୁ ଉଚ୍ଚରେ ଥାଏ ଏବଂ ଏହାର ପୃଷ୍ଠ କମ୍ ବା ଅଧିକ ସମତଳ ଥାଏ । ଏହାର କିଛି ପାର୍ଶ୍ୱ ଢାଲୁ ବା ତିଖ୍ ।

ଉପଦ୍ୱୀପ (Peninsula) : ତିନିପାର୍ଶ୍ୱରେ ଜଳ ପରିବେଷ୍ଟିତ ଭୂମିକୁ ଉପଦ୍ୱୀପ କୁହାଯାଏ ।

ଭାରତରେ ଅନେକ ମାଳଭୂମି ରହିଛି । ଆମ ଦେଶର ମଧ୍ୟ ଓ ଦକ୍ଷିଣ ଭାଗରେ ଥିବା ତ୍ରିକୋଣୀୟ ଉପଦ୍ୱୀପୀୟ ମାଳଭୂମି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ଏହା ହେଉଛି ବହୁପୁରାତନ ଭୂମିରୂପ ଯାହାର ତିନି ପାର୍ଶ୍ୱରେ ଆରବସାଗର, ଭାରତମହାସାଗର ଓ ବଙ୍ଗୋପସାଗର ଘେରି ରହିଛି । ତେଣୁ ଏହାକୁ ଏକ ଉପଦ୍ୱୀପୀୟ ମାଳଭୂମି କୁହାଯାଏ ।

ଏହି ମାଳଭୂମିର ଦୁଇ ପାର୍ଶ୍ୱ ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତମାଳା ଦ୍ୱାରା ଆବଦ୍ଧ । ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ଠାରୁ ଉଚ୍ଚରେ ପ୍ରାଚୀର ପରି ଦଣ୍ଡାୟମାନ । ବର୍ଷା ଋତୁରେ ଅନେକ ସୁନ୍ଦର ଜଳପ୍ରପାତମାନ ଏହାର ତିଖ ପାର୍ଶ୍ୱରେ ଦୃଶ୍ୟମାନ ହୋଇଥାଏ ।

## ମନେରଖ

ପଶ୍ଚିମଘାଟକୁ ୟୁନେସ୍କୋ (UNESCO - United Nations Educational, Scientific and Cultural Organisation) ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରିଛି । ଏହି ଅଞ୍ଚଳ ଅନେକ ନଦୀଙ୍କର ଉତ୍ପତ୍ତିସ୍ଥଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ । ପଶ୍ଚିମଘାଟ ପର୍ବତ ମାଳାର ଉତ୍ତରାଂଶକୁ ସହ୍ୟାଦ୍ରୀ କୁହାଯାଏ ।

ପୂର୍ବଘାଟ ପର୍ବତମାଳା ପଶ୍ଚିମଘାଟ ତୁଳନାରେ କମ୍ ଉଚ୍ଚତା ବିଶିଷ୍ଟ । ଏହା ବଙ୍ଗୋପସାଗରରେ ପଡ଼ିଥିବା ନଦୀମାନଙ୍କ ଦ୍ୱାରା ଛୋଟ ଛୋଟ ଭାଗରେ ଖଣ୍ଡବିଖଣ୍ଡିତ ହୋଇଛି । ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳାର ମଧ୍ୟବର୍ତ୍ତୀ ବିସ୍ତୀର୍ଣ୍ଣ ଉଚ୍ଚଭୂମିକୁ ଡେକାନ୍ ମାଳଭୂମି କୁହାଯାଏ ।

ଗୋଦାବରୀ, କ୍ରିଷ୍ଣା ଓ କାବେରୀ ଆଦି ନଦୀ ପଶ୍ଚିମରୁ ପୂର୍ବକୁ ଏହି ମାଳଭୂମିରେ ପ୍ରବାହିତ ହୋଇଛନ୍ତି । ଏହି ନଦୀ ଗୁଡ଼ିକ କୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଜଳଯୋଗାଇ ଥାଆନ୍ତି ।

## ଆସ ଅନୁସନ୍ଧାନ କରିବା :

ଉକ୍ତ ପୁସ୍ତକର ଶେଷରେ ପ୍ରଦତ୍ତ ଭାରତର ପ୍ରାକୃତିକ ମାନଚିତ୍ରକୁ ଦେଖ । ନଦୀଗୁଡ଼ିକର ପ୍ରବାହକୁ ଅନୁଧ୍ୟାନ କର ।



**ଚିତ୍ର ୧. ୨୭. ଅନେକ ଆଦିବାସୀ ସମ୍ପ୍ରଦାୟର ବାସସ୍ଥାନ ଓଡ଼ିଶାର ଘନ ଜଙ୍ଗଲ ।**

ଏହି ମାଳଭୂମି ଖଣିଜ ପଦାର୍ଥ, ଜଙ୍ଗଲ ଏବଂ ଉର୍ବର ଭୂମି ପାଇଁ ଭାରତ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅଞ୍ଚଳ ପୂର୍ବ ଆଡ଼କୁ କ୍ରମଶଃ ଢାଲୁ ଥିବାରୁ ଏଥିରେ ପ୍ରବାହିତ ନଦୀ ଗୁଡ଼ିକ ବଙ୍ଗୋପସାଗରେ ପଡ଼ିଛନ୍ତି । ପୂର୍ବାଭୀମୁଖୀ ନଦୀ ଯଥା ଗୋଦାବରୀ, କୃଷ୍ଣା ଓ ମହାନଦୀ ଆଦି ନଦୀ ଏହି ଅଞ୍ଚଳରୁ ଉତ୍ପତ୍ତି ଲାଭ କରିଛନ୍ତି । ଏହି ନଦୀଗୁଡ଼ିକ କୃଷି କ୍ଷେତ୍ର ଓ କଳକାରଖାନାକୁ ଜଳଯୋଗାଇବା ସହ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ସହାୟକ ହୋଇଛନ୍ତି। ଏଠାରୁ ମଧ୍ୟ ନର୍ମଦା ଓ ତାପ୍ତୀ ପଶ୍ଚିମାଭିମୁଖୀ ନଦୀ ଉତ୍ପତ୍ତି ଲାଭ କରି ଆରବ ସାଗରରେ ପଡ଼ିଛନ୍ତି ।

ଏହି ମାଳଭୂମିର ଘଞ୍ଚ ଜଙ୍ଗଲ, ଆଦିବାସୀ ସମ୍ପ୍ରଦାୟ ଯଥା ସାନ୍ତାଳ, ଗୋଣ୍ଡ, ବୈଗା, ଭିଲି ଏବଂ କୋର୍‌କୁ ଜନଜାତିମାନଙ୍କର ବାସସ୍ଥଳୀ। ଏହି ଜନଜାତିମାନଙ୍କର ଭିନ୍ନ ଭାଷା, ପରମ୍ପରା ଏବଂ ଜୀବନଶୈଳୀ ପ୍ରକୃତି ସହ ଘନିଷ୍ଠ ଭାବେ ଜଡ଼ିତ ।

## ଆସ ଅନୁସନ୍ଧାନ କରିବା



ଜନଜାତି ସମ୍ପ୍ରଦାୟ ମୁଖ୍ୟତଃ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ଆସାମ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜୁରାଟ ଓ ତେଲେଙ୍ଗାନା ରାଜ୍ୟମାନଙ୍କରେ ବସବାସ କରୁଛନ୍ତି ।

ଉକ୍ତ ପୁସ୍ତକର ଶେଷଭାଗରେ ଥିବା ଭାରତର ପ୍ରାକୃତିକ ଓ ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କର ଓ ରାଜ୍ୟମାନଙ୍କୁ ଚିହ୍ନିତ କରି ଏହାକୁ ପ୍ରାକୃତିକ ମାନଚିତ୍ରରେ ଦର୍ଶାଅ ।

ଭାରତରେ ଅନେକ ସୁନ୍ଦର ଜଳପ୍ରପାତର ଉତ୍ପତ୍ତିସ୍ଥଳ ହେଉଛି ମାଳଭୂମି, କାରଣ ନଦୀଗୁଡ଼ିକ ମାଳଭୂମିର ଅସମାନ ପଥୁରିଆ ଶଯ୍ୟାରେ ପ୍ରବାହିତ ହୋଇଥାଏ । ଏହି ଜଳପ୍ରପାତଗୁଡ଼ିକ କେବଳ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିନଥାନ୍ତି ବରଂ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ଜଳସେଚନ ପାଇଁ ଜଳ ଯୋଗାଇ ଥାନ୍ତି ।



ଚିତ୍ର - ୧. ୨୮. କେରଳର ମୁନ୍ନାର ନିକଟବର୍ତ୍ତୀ ପେରିୟାର କେନାଲରେ ଥିବା ପାୱାରହାଉସ୍ ଜଳପ୍ରପାତ ।



ଚିତ୍ର - ୧. ୨୯ ପଶ୍ଚିମଘାଟରେ ଥିବା ସିଂହ -ଲାଞ୍ଜ ବିଶିଷ୍ଟ ମାଙ୍କଡ଼



ଚିତ୍ର - ୧. ୩୦ ପଶ୍ଚିମଘାଟରେ ଦୃଶ୍ୟମାନ ହେଉଥିବା ଅହିରାଜ ସର୍ପ



ଚିତ୍ର - ୧. ୩୧. ଏହା ଏକ କୀଟଭକ୍ଷୀ ଉଦ୍ଭିଦ, ଏହା ପଶ୍ଚିମଘାଟରେ ମିଳୁଥିବା କୀଟପତଙ୍ଗଙ୍କୁ ଖାଏ । ଏହା ତାର ଅଠାଳିଆ ଫାଶରେ ଛୋଟ ଛୋଟ କୀଟପତଙ୍ଗଙ୍କୁ ଧରିଥାଏ ଏବଂ ହଜମ କରେ ।



ଚିତ୍ର - ୧. ୩୨. ମାଳଭୂମିସ୍ଥିତ ଏକ କୋଇଲା ଖଣି ; ବିଶେଷ କରି ବିଦ୍ୟୁତ୍ ଉତ୍ପାଦନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଂପଦ । କୋଇଲା ଏକ ଜୀବାଶ୍ମ ଇନ୍ଧନ, ଏହାର ବ୍ୟବହାର ବିଶ୍ୱ ଉଷ୍ଣତା ବୃଦ୍ଧିରେ ସହାୟକ ହୁଏ ।



ଚିତ୍ର – ୧. ୩୩. ମୁମ୍ବାଇ, ପଶ୍ଚିମ ଉପକୂଳରେ ଥିବା ଭାରତର ଏକ ଆର୍ଥିକ କେନ୍ଦ୍ର ।

## ଭାରତର ଅଦ୍ଭୁତ ତଟରେଖା :

ଭାରତର ଉପକୂଳ ସୁନ୍ଦର ବେଳାଭୂମି, ପଥୁରିଆ ଚଟାଣ ଏବଂ ସବୁଜ ଜଙ୍ଗଲରେ ପରିପୂର୍ଣ୍ଣ । କେତେକ ବେଳାଭୂମିରେ ସ୍ୱର୍ଣ୍ଣ ବାଲି ଥାଏ ତ ଆଉ କେତେକ ବେଳା ଭୂମିରେ କଳାପଥର ଭରି ରହିଥାଏ । କେତେକ ଦ୍ୱୀପରେ ପ୍ରବାଳର ପ୍ରାଚୀର(Coral reef) ରହିଛି ତ ଅନ୍ୟ ଦ୍ୱୀପମାନେ ଘନ ଜଙ୍ଗଲରେ ଆଚ୍ଛାଦିତ । ଭାରତର ଉପକୂଳ ଅତୁଳନୀୟ । ଏହାର ତଟରେଖା ପ୍ରାୟ ୭୫୦୦ କି.ମି. ରୁ ଅଧିକ ଦୀର୍ଘ ।

### ଆସ ଅନୁସନ୍ଧାନ କରିବା



→ ଭାରତର ପ୍ରାକୃତିକ ମାନଚିତ୍ର, ସ୍କୁଲ ଆଟଲାସ୍ କିମ୍ବା କାନ୍ଥ ଟଙ୍ଗା ମାନଚିତ୍ରକୁ ଅନୁଧ୍ୟାନ କରି ବଙ୍ଗୋପସାଗରରେ ପଡ଼ିଥିବା ପାଞ୍ଚଗୋଟି ନଦୀର ନାମ ଲେଖ । ଭାରତ ଉପକୂଳ ରାଜ୍ୟଗୁଡ଼ିକୁ ଖୋଜି ବାହାର କର ଏବଂ ପଶ୍ଚିମ ଓ ପୂର୍ବ ଉପକୂଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

→ ନଦୀଗୁଡ଼ିକ ଉପକୂଳ ନିକଟରେ ଅନେକ ସ୍ରୋତରେ ବା ଭାଗରେ ବିଭକ୍ତ ହେଲେ ଏହାକୁ କ'ଣ କୁହାଯାଏ ? ସବିଶେଷ ଜାଣିବା ପାଇଁ ତୁମ ଶ୍ରେଣୀର ଶିକ୍ଷକଙ୍କ ସହ ଆଲୋଚନା କର ।


## ଭାରତର ପଶ୍ଚିମ ଉପକୂଳ :

ଭାରତର ପଶ୍ଚିମ ଉପକୂଳ ଗୁଜୁରାଟରୁ ଆରମ୍ଭ ହୋଇ ମହାରାଷ୍ଟ୍ର, ଗୋଆ ଓ କର୍ଣ୍ଣାଟକ ଦେଇ କେରଳ ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳରେ ପ୍ରବାହିତ ଅଧିକାଂଶ ନଦୀ ପଶ୍ଚିମଘାଟରୁ ଉତ୍ପତ୍ତି ଲାଭକରି ଦ୍ରୁତ ଗତିରେ ପ୍ରବାହିତ ହୋଇ ଗଭୀର ମୁହାଣମାନ(Estuaries) ସୃଷ୍ଟି କରିଛନ୍ତି । ଏହି ଉପକୂଳ କ୍ଷୁଦ୍ର କ୍ଷୁଦ୍ର ନଦୀମାନଙ୍କ ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଗଠିତ । ଏଠାରେ ଦୃଷ୍ଟିଗୋଚର ହେଉଥିବା ଖାତ, କ୍ଷୁଦ୍ର ଜଳଧାରା ଓ ମୁହାଣମାନଙ୍କ ମଧ୍ୟରେ ନର୍ମଦା ଓ ତାପ୍ତିନଦୀର ମୁହାଣ ସବୁଠାରୁ ବଡ଼ । ପଶ୍ଚିମ ଉପକୂଳରେ ଅନେକ ପ୍ରସିଦ୍ଧ ବନ୍ଦର ଓ ସହର ରହିଛି । ସେଗୁଡ଼ିକ ଶହ ଶହ ବର୍ଷ ଧରି ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ହୋଇଆସିଛି ।



ଚିତ୍ର. ୧. ୩୪. ମହାକାଶରୁ ଦୃଶ୍ୟମାନ ହେଉଥିବା ପଶ୍ଚିମ ଉପକୂଳର ଏକ ଦୃଶ୍ୟ । ଲକ୍ଷକର ପଶ୍ଚିମଘାଟର ପର୍ବତଗୁଡ଼ିକ ଆରବସାଗରର କେତେ ନିକଟତର ।

## ପୂର୍ବ ଉପକୂଳ :



ଚିତ୍ର. ୧. ୩୫. ଉପଗ୍ରହରୁ ଉତ୍ତୋଳିତ ଭାରତର ପୂର୍ବ ଉପକୂଳର ଦୃଶ୍ୟ

ପୂର୍ବଘାଟ ଓ ବଙ୍ଗୋପସାଗର ମଧ୍ୟରେ ପୂର୍ବ ଉପକୂଳ ଅବସ୍ଥିତ । ଏହା ଗାଙ୍ଗେୟ ତ୍ରିକୋଣଭୂମିଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ । ଏଥିରେ ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀମାନଙ୍କର ଦ୍ୱାରା ସୃଷ୍ଟ ବିସ୍ତୀର୍ଣ୍ଣ ସମତଳ ଭୂମି ଓ ତ୍ରିକୋଣ ଭୂମି ରହିଛି । ଚିଲିକା ଏବଂ ପୁଲିକାଟ ଦୁଇଟି ଉପହ୍ରଦ (ପ୍ରାକୃତିକ ବନ୍ଧ ଦ୍ୱାରା ସମୁଦ୍ରଠାରୁ ଅଲଗା ବୃହତ୍ ଜଳରାଶିକୁ ଉପହ୍ରଦ ବା 'Lagoon' କହନ୍ତି) ଏହି ଉପକୂଳରେ ଦେଖାଯାଏ ।

(ବି.ଦ୍ର : ଚିଲିକା ଏବଂ ପୁଲିକଟକୁ ହ୍ରଦ କୁହାଯାଉଥିଲେ ହେଁ ପ୍ରକୃତିରେ ଏଗୁଡ଼ିକ ଲାଗୁନ ବା ଉପହ୍ରଦ)

ନଦୀ, ବୃହତ ଜଳଭାଗ ଯଥା ସାଗର, ହ୍ରଦ ଓ ଅନ୍ୟ ନଦୀରେ ମିଶି ଥାଏ ଯାହାକୁ ନଦୀର ମୁହାଣ କୁହାଯାଏ । ଏହି ମୁହାଣରେ ସଞ୍ଚୟଜାତ ପଦାର୍ଥ ଦ୍ୱାରା ନିର୍ମିତ ଭୂମିରୂପକୁ ତ୍ରିକୋଣ ଭୂମି କୁହାଯାଏ ଓ ଏହି ସଞ୍ଚୟଜାତ ଭୂମି କାଳକ୍ରମେ ଏକ ତ୍ରିକୋଣାକାର ବା ପଙ୍ଖାକୃତି ଆକାର ଧାରଣ କରେ । ଗୋଦାବରୀ, କୃଷ୍ଣା, କାବେରୀ ଓ ମହାନଦୀ ଦ୍ୱାରା ସୃଷ୍ଟ ଉର୍ବର ତ୍ରିକୋଣ ଭୂମି ଏହି ଅଞ୍ଚଳରେ କୃଷି ପାଇଁ ଅତ୍ୟନ୍ତ ଉପଯୋଗୀ ।

## ଭାରତୀୟ ଦ୍ୱୀପ ପୁଞ୍ଜ :

ଭାରତୀୟ ଦ୍ୱୀପପୁଞ୍ଜ କହିଲେ ଭାରତ ମହାସାଗର, ଆରବ ସାଗର ଏବଂ ବଙ୍ଗୋପସାଗରରେ ବିସ୍ତାରିତ ଦ୍ୱୀପପୁଞ୍ଜକୁ ବୁଝାଏ । ଭାରତର ଦୁଇଟି ପ୍ରମୁଖ ଦ୍ୱୀପପୁଞ୍ଜ ରହିଛି । ଯାହାକି ଭାରତର ଅଂଶବିଶେଷ ଅଟେ । ଭାରତର ଦୁଇଟି

ଦ୍ୱୀପପୁଞ୍ଜ ଗୁଡ଼ିକ - ଆରବସାଗରରେ ଲାକ୍ଷାଦ୍ୱୀପ ପୁଞ୍ଜ ଓ ବଙ୍ଗୋପସାଗରରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ । ଏହି ଦ୍ୱୀପପୁଞ୍ଜରେ ବିବିଧ ବନ୍ୟପ୍ରାଣୀ, ସୁନ୍ଦର ବେଳାଭୂମି, ପ୍ରବାଳ ପାହାଡ ଏବଂ ଆଗ୍ନେୟଗିରି ରହିଛି । ଦଶ ହଜାର ବର୍ଷ ପୂର୍ବେ ଅନେକ ପ୍ରାଚୀନ ଜନଜାତି ଏହି ଦ୍ୱୀପପୁଞ୍ଜରେ ବସବାସ କରୁଥିଲେ ।

## ଲକ୍ଷାଦ୍ୱୀପ ପୁଞ୍ଜ :

ଲାକ୍ଷାଦ୍ୱୀପ ପୁଞ୍ଜ ହେଉଛି ଏକ ଦ୍ୱୀପପୁଞ୍ଜ ଯାହାକି କେରଳର ମାଳାବାର ଉପକୂଳ ନିକଟସ୍ଥ ଆରବ ସାଗରରେ ଅବସ୍ଥିତ । ଏହି ଦ୍ୱୀପପୁଞ୍ଜ ପ୍ରବାଳରେ ନିର୍ମିତ ୩୬ ଗୋଟି ଦ୍ୱୀପପୁଞ୍ଜକୁ ନେଇ ଗଠିତ । ଏହି ସମସ୍ତ ଦ୍ୱୀପରେ ଲୋକମାନେ ବାସ କରନ୍ତି ନାହିଁ । ଭାରତ ଏହି ବିଶାଳ ସାମୁଦ୍ରିକ ଅଞ୍ଚଳକୁ ନିୟନ୍ତ୍ରଣ କରେ, ଯାହାକି ମାଛ ଧରିବା, ପ୍ରାକୃତିକ ସମ୍ପଦ ଅନୁସନ୍ଧାନ କରିବା ଓ ପରିବେଶ ସୁରକ୍ଷା ପାଇଁ ବିଶେଷ ସହାୟକ ହୋଇଥାଏ ।

## ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ :

ଏହି ଦ୍ୱୀପପୁଞ୍ଜ ୫୦୦ ରୁ ଅଧିକ ଛୋଟ ବଡ଼ ଦ୍ୱୀପମାନଙ୍କ ଦ୍ୱାରା ଗଠିତ । ମାତ୍ର ସେଗୁଡ଼ିକ ଦୁଇଗୋଟି ଶ୍ରେଣୀରେ ବିଭକ୍ତ - ଆଣ୍ଡମାନ୍ ଓ ନିକୋବର । ସେମାନଙ୍କ ଅବସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ




ଚିତ୍ର. ୧. ୩୬. ଲାକ୍ଷାଦ୍ୱୀପପୁଞ୍ଜରେ ଥିବା ପ୍ରବାଳ ପ୍ରାଚୀର



ଚିତ୍ର. ୧. ୩୭. ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଥିବା ପ୍ରବାଳ ପ୍ରାଚୀର




ଚିତ୍ର. ୧. ୩୮. ଆଣ୍ଡାମାନ୍ ଦ୍ୱୀପପୁଞ୍ଜରେ ଥିବା ଭାରତୀୟ ନୌସେନାର ଏକ ଭାସମାନ ଡକ୍ (ଏକ ଛୋଟ ବନ୍ଦର)



ଚିତ୍ର. ୧. ୩୯. ଆକାଶରୁ ଦୃଶ୍ୟମାନ ହେଉଥିବା ବ୍ୟାରେନ୍ ଦ୍ୱୀପରେ ଥିବା ଭାରତର ଏକମାତ୍ର ଜୀବନ୍ତ ଆଗ୍ନେୟଗିରି

ଅଟେ । ଯାହାକି ଭାରତର ଫାଣ୍ଡି ବା ଜାଗ୍ରତ ପ୍ରହରୀ (Outpost) ଭଳି ସମୁଦ୍ର ଉପରେ ନଜର ରଖିଥାନ୍ତି । ଏହି ଅଞ୍ଚଳ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀମାନଙ୍କ ଆବାସସ୍ଥଳ । ଐତିହାସିକ ଦୃଷ୍ଟିକୋଣରୁ ଏହି ଆଣ୍ଡାମାନ୍ ଦ୍ୱୀପପୁଞ୍ଜ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଆମର ଅନେକ ସ୍ୱାଧୀନତା ସଂଗ୍ରାମୀ ସେଠାରେ "ସେଲୁଲାର ଜେଲ୍" ନାମକ ବନ୍ଦୀଶାଳାରେ ବହୁ କଠିନ ପରିସ୍ଥିତିରେ ବନ୍ଦୀ ହୋଇ ରହିଥିଲେ । ଆମ ପୂର୍ବ ପୁରୁଷ ମାନଙ୍କର ସେହି ମହାନ ବଳୀଦାନକୁ ମନେ ରଖିବା ପାଇଁ କେନ୍ଦ୍ର ସରକାର ଏହାକୁ ସଂରକ୍ଷିତ କରି ରଖିଛନ୍ତି । ଉପର ଶ୍ରେଣୀରେ ଏହି ବିଷୟରେ ଆମେ ଅଧିକ ଆଲୋଚନା କରିବା ।

### ମନେରଖ

ଆଣ୍ଡାମାନ୍ ଏବଂ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଗତ ବ୍ୟାରେନ୍ ଦ୍ୱୀପପୁଞ୍ଜ (ଉପରଚିତ୍ର ୧. ୩୯) ହେଉଛି ଭାରତର ଏକମାତ୍ର ଜୀବନ୍ତ ଆଗ୍ନେୟଗିରି । ବେଳେବେଳେ ଏଥିରୁ ଧୂଆଁ ଓ ଲାଭା ଆକାଶକୁ ନିର୍ଗତ ହେଉଛି ।

## ପଶ୍ଚିମବଙ୍ଗର ତ୍ରିକୋଣଭୂମି ଓ ସୁନ୍ଦରବନ :



ଚିତ୍ର. ୧.୪୦. ପଶ୍ଚିମବଙ୍ଗ ତ୍ରିକୋଣ ଭୂମି ଓ ଓଡ଼ିଶାର ଉପକୂଳରେ ଜୁଆରିଆ ଅରଣ୍ୟ ସୁନ୍ଦରବନ ଓ କ୍ଷୁଦ୍ର ସୁନ୍ଦରବନ ।

ବଙ୍ଗୋପସାଗର ଦେଇ ହିମାଳୟର ପୂର୍ବ ଆଡ଼କୁ ଅଗ୍ରସର ହେବା ସମୟରେ ଆମେ ସୁନ୍ଦରବନରେ ପହଞ୍ଚିବା । ଏହା ଗଙ୍ଗା ବ୍ରହ୍ମପୁତ୍ର ଓ ସେମାନଙ୍କ ଉପନଦୀମାନଙ୍କ ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ଅବସ୍ଥିତ । ଏହି ତ୍ରିକୋଣ ଭୂମି ନଦୀ, ସମୁଦ୍ର ଓ ସ୍ଥଳଭାଗ ମାନଙ୍କର ଅନନ୍ୟ ମିଶ୍ରଣ । ଏହାର ଅର୍ଦ୍ଧେକାଂଶ ଭାରତରେ ଥିବା ବେଳେ ଅବଶିଷ୍ଟାଂଶ ବାଲାଂଦେଶରେ ରହିଛି । ଏହା ମଧ୍ୟ ୟୁନେସ୍କୋ ଦ୍ୱାରା ଏକ ଐତିହ୍ୟସ୍ଥଳର ମାନ୍ୟତା ପାଇଛି । ସୁନ୍ଦରବନ ଅନେକ ପ୍ରଜାତିଙ୍କ ବାସସ୍ଥଳୀ, ସେମାନଙ୍କ ମଧ୍ୟ ରୟାଲ୍ ବେଙ୍ଗଲ ଟାଇଗର ମଧ୍ୟ ଅନ୍ତର୍ଭୁକ୍ତ । ଓଡ଼ିଶା ଉପକୂଳରେ ଏହାକୁ କ୍ଷୁଦ୍ର ସୁନ୍ଦରବନ କୁହାଯାଏ । ସୁନ୍ଦରୀ, ହେନ୍ତାଳ, ଆଦି ବୃକ୍ଷ ସହ ଘଡିଆଳ କୁମ୍ଭୀର, ହରିଣ, ଅନେକ ପକ୍ଷୀ ଓ ଅଲିଭ୍ ରିଡ୍‌ଲେ କଇଁଛ ଆଦି ଏଠାରେ ଦେଖାଯାଆନ୍ତି ।

### ତୁମ ପାଇଁ କାମ

ଭାରତର ମାନଚିତ୍ର ଅଧ୍ୟୟନ କରି ତ୍ରିକୋଣ ଭୂମି କେଉଁଠି ରହିଛି ତାହା ଚିହ୍ନଟ କର ।








ଚିତ୍ର. ୧. ୪୧. ଭାରତର ମେଘାଳୟସ୍ଥ ସାତଭଉଣୀ ଜଳପ୍ରପାତ (ଉପର); ପ୍ରକୃତି ପ୍ରତି କୃତଜ୍ଞତା ଜଣାଇ ଖାସୀ, ଜନଜାତି ସମ୍ପ୍ରଦାୟ ଲୋକମାନେ "ଶାଦ ସୁକ୍ ମିନ୍‌ସିମ୍ ଉତ୍ସବ" ପାଳନର ଦୃଶ୍ୟ (ନିମ୍ନରେ ବାମ); ମେଘାଳୟର ନନ୍‌ଗ୍ରିଆଣ୍ଟ ଗ୍ରାମ ନିକଟସ୍ଥ ବୃକ୍ଷର ଜୀବନ୍ତ ଚେରରେ ନିର୍ମିତ 'ସେତୁ' (ନିମ୍ନରେ ଡ଼ାହାଣ) ।

## ଉତ୍ତର ପୂର୍ବ ପାହାଡ଼ ସମୂହ :

ବର୍ତ୍ତମାନ ଆମେ ମାନଚିତ୍ରରେ ଶେଷ ଗନ୍ତବ୍ୟସ୍ଥଳ ଉତ୍ତରପୂର୍ବ ପାହାଡ଼ଆଡ଼କୁ ଅଗ୍ରସର ହେଲେ କେତେ ଗୁଡ଼ିଏ ପାହାଡ଼ ଥିବାର ଲକ୍ଷ କରିବା । ମାନଚିତ୍ରରେ ଗାରୋ, ଖାସି ଓ ଜୟନ୍ତିଆ ପାହାଡ଼କୁ ଲକ୍ଷ୍ୟକର । ମେଘାଳୟ ମାଳଭୂମିରେ ଅବସ୍ଥିତ ଏହି ପାହାଡ଼ ଘନ ସବୁଜପଥ, ଅତ୍ୟଧିକ ବୃଷ୍ଟିପାତ ଓ ମନୋରମ ଝରଣା ପାଇଁ ପ୍ରସିଦ୍ଧ । ପୃଥିବୀର ସର୍ବାଧିକ ବୃଷ୍ଟିବହୁଳ ଏହି ଅଞ୍ଚଳ ଘନଜଙ୍ଗଲ, ସ୍ୱତନ୍ତ୍ର ପ୍ରଜାତିର ବନ୍ୟପ୍ରାଣୀ ଓ ଉର୍ବର ଭୂମି ପାଇଁ ଜଣାଶୁଣା ।

## ମନେରଖ :



ଏସିଆ ମହାଦେଶର ସବୁଠାରୁ ସ୍ୱଚ୍ଛ ଗ୍ରାମ (Clean Village) "ମାଓ୍ୱଲିନୋଙ୍ଗ" ଗ୍ରାମ ମେଘାଳୟ ରାଜ୍ୟ ଅନ୍ତର୍ଗତ ଖାସି ପାହାଡ଼ର ପୂର୍ବଭାଗର ଅବସ୍ଥିତ । ଏହି ସ୍ୱଚ୍ଛ ମନୋରମ ଗ୍ରାମ ଏହାର ସୁପରିଚାଳିତ ପରିଷ୍କାର ପରିଚ୍ଛନ୍ନତା, ବାଉଁଶରେ ପ୍ରସ୍ତୁତ ବର୍ଜ୍ୟବସ୍ତୁ ପାତ୍ର (Dustbin) ଓ ପରିବେଶ ଅନୁକୂଳ ଜୀବନଯାପନ ପାଇଁ ପ୍ରସିଦ୍ଧ । ଏହି ଗ୍ରାମ ଏହାର ଜୀବନ୍ତ 'ଚେର ସେତୁ' ପାଇଁ ପରିଚିତ, ଯାହାକି ବହୁ ବର୍ଷ ଧରି ଚେରରେ ବୁଣାଦ୍ୱାରା ସୃଷ୍ଟି ହୋଇଛି (ଏହାର ତଳେ ନଦୀ ଅତିକ୍ରମ କରିଥାଏ ।)

ଚିତ୍ର. ୧. ୪୨. ଉତ୍ତର ପୂର୍ବ ଭାରତର ଜନଜାତିଙ୍କ କାରିଗରୀକୁ ପ୍ରଦର୍ଶନ କରୁଥିବା "ଜୀବନ୍ତ ଚେର ସେତୁ" ।



## ଆମେ କ'ଣ ଶିଖିଲେ...

→ ଭାରତ ଉପମହାଦେଶ ନାମରେ ନାମିତ ଯାହା ବିଶାଳ ଭୂଖଣ୍ଡର ଏକ ଅଂଶ ।

→ ଏହାର ବିବିଧ ଭୌଗୋଳିକ ବୈଶିଷ୍ଟ୍ୟ ଅଛି ଯଥା – ବରଫାବୃତ୍ତ ହିମାଳୟ ଠାରୁ ଉତ୍ତପ୍ତ ଥର୍ ମରୁଭୂମି ପର୍ଯ୍ୟନ୍ତ । ଏଥିରେ ପ୍ରବାହିତ ନଦୀମାନଙ୍କ ଦ୍ୱାରା ସମତଳ ଅଞ୍ଚଳ ଜଳ ପାଇଥାଏ । ପଶ୍ଚିମରେ ଆରବ ସାଗର, ପୂର୍ବରେ ବଙ୍ଗୋପ ସାଗର ସହିତ ଏଠାରେ ଏକ ଉପଦ୍ୱୀପୀୟ ମାଳଭୂମି ରହିଛି ।

→ ଏହି ବିବିଧ ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ମୃତ୍ତିକା, ଉଦ୍ଭିଦ, ପ୍ରାଣୀ, ଜୀବନ ଓ ଆର୍ଥିକ ସୁଯୋଗ ସମ୍ବନ୍ଧରେ ବିଭିନ୍ନ ପରିସ୍ଥିତ ସୃଷ୍ଟି କରିଛି ଏକ ସମୃଦ୍ଧ ସଂସ୍କୃତିକୁ ସୁଦୃଢ଼ କରିଛି ।

→ ଏହି ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ଆମର ସଭ୍ୟତାକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ :

୧. ତୁମ ମତରେ, ଭାରତର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ବୈଶିଷ୍ଟ୍ୟ କ'ଣ ? ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କାହିଁକି ଭାବୁଛ ?

୨. ଯଦି ହିମାଳୟ ନ ଥାନ୍ତା ଭାରତ କିପରି ଦେଖାଯାଇଥାନ୍ତା ବୋଲି ତୁମେ ଭାବୁଛ ? ଏ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ କିମ୍ବା ଚିତ୍ର ମାଧ୍ୟମରେ ତୁମ ଭାବନାର ପରିପ୍ରକାଶ କର ।

୩. ଭାରତକୁ ଏକ 'କ୍ଷୁଦ୍ର ମହାଦେଶ' କୁହାଯାଏ । ତୁମେ ଯାହା ପଢ଼ିଛ, ତାହା ଆଧାରରେ କାହିଁକି ତୁମେ ଏପରି ଭାବୁଛ ?

୪. ଓଡ଼ିଶାର ଯେକୌଣସି ଗୋଟିଏ ନଦୀର ଉତ୍ପତ୍ତିସ୍ଥଳରୁ ସମୁଦ୍ରରେ ମିଶିବା ପର୍ଯ୍ୟନ୍ତ ଅନୁସରଣ କର । ଲୋକମାନେ ନଦୀକୁ କି କି ଉପାୟରେ ବ୍ୟବହାର କରି ପାରିବେ ? ତାହା ଶ୍ରେଣୀରେ ଆଲୋଚନା କର ।

୫. ଭାରତର ଦକ୍ଷିଣାଂଶକୁ କାହିଁକି ଏକ ଉପଦ୍ୱୀପୀୟ ମାଳଭୂମି ବୋଲି କୁହାଯାଏ ?

୬. ଏହି ଅଧ୍ୟାୟରେ ୟୁନେସ୍କୋ ଦ୍ୱାରା ଘୋଷିତ କେଉଁ ଐତିହ୍ୟସ୍ଥଳୀଟି ତୁମକୁ ଅତ୍ୟନ୍ତ ଭଲ ଲାଗିଲା ? ତାର ଆକର୍ଷଣୀୟତା ଏକ ଅନୁଚ୍ଛେଦ ମାଧ୍ୟମରେ ବର୍ଣ୍ଣନା କର ।

୭. ଉକ୍ତ ପୁସ୍ତକ ଶେଷ ଭାଗରେ ଥିବା ଭାରତର ଦୁଇ ଗୋଟି ପ୍ରାକୃତିକ ଓ ରାଜନୈତିକ ମାନଚିତ୍ରକୁ ଦେଖ । ବର୍ତ୍ତମାନ ତୁମେ କେଉଁସ୍ଥାନରେ ରହିଛ ତାହା ଚିହ୍ନଟ କର । ସେହି ସ୍ଥାନ ସମ୍ବନ୍ଧରେ ବର୍ଣ୍ଣନା କରିବା ପାଇଁ ତୁମେ କେଉଁ ଭୌତିକ ଲକ୍ଷଣ ଉପରେ ଗୁରୁତ୍ୱ ଦେବ ?

୮. ଖାଦ୍ୟ ସଂରକ୍ଷଣ ପାଇଁ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଉପାୟମାନ ଅବଲମ୍ବନ କରାଯାଇଥାଏ । ସେଗୁଡ଼ିକୁ ସ୍ଥାନୀୟ ଭାବେ ଗ୍ରହଣ କରାଯାଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ଋତୁରେ ଉପଲବ୍ଧ ପନିପରିବାକୁ କିପରି ଅନ୍ୟ ଋତୁରେ ଶୁଖାଇ ସଂରକ୍ଷଣ କରାଯାଏ ସେ ସମ୍ବନ୍ଧରେ ଏକ ପ୍ରକଳ୍ପ ପ୍ରସ୍ତୁତ କର ।

୯. ବହୁ ବିଭିନ୍ନାଞ୍ଚଳ (ପର୍ବତ, ମରୁଭୂମି, ସମତଳଭୂମି, ଉପକୂଳ) ସତ୍ତ୍ୱେ ଭାରତ ଗୋଟିଏ ଦେଶ ହୋଇ ରହିଛି । ଭୂଗୋଳ ଭାରତୀୟମାନଙ୍କୁ ଗୋଟିଏ ସୂତ୍ରରେ ଏକତ୍ର କରିବାରେ କିପରି ସାହାଯ୍ୟ କରିଛି ?

# ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୨

# ପାଣିପାଗକୁ ବୁଝିବା

"ପାଣିପାଗରେ କୌଣସି ପରିବର୍ତ୍ତନ ପୃଥିବୀ ତଥା ବ୍ୟକ୍ତିବିଶେଷରେ ନୂତନତା ଆଣିଥାଏ ।

ମାର୍ଶେଲ୍ ପ୍ରୋଷ୍ଟ, ଫରାସୀ ଔପନ୍ୟାସିକ ।"



ଚିତ୍ର ୨.୧

## ଆସ ଚିନ୍ତା କରିବା ?


୧. ଆମ ଚତୁଃପାର୍ଶ୍ୱସ୍ଥ ପାଣିପାଗ ବା ପାଗକୁ ଆମେ କିପରି ମାପିବା ଓ ନିରୀକ୍ଷଣ କରିବା ?

୨. ପାଣିପାଗର ପୂର୍ବାନୁମାନ ଆମକୁ କିପରି ପ୍ରବଳ ବର୍ଷା ଝଡ଼-ତୋଫାନ, ମରୁଡ଼ି, ଗ୍ରୀଷ୍ମ ପ୍ରବାହ ଆଦି ବିପର୍ଯ୍ୟୟରୁ ରକ୍ଷା ପାଇଁ ସାହାଯ୍ୟ କରେ ?

## ପାଣିପାଗ ଓ ଏହାର ଉପାଦାନ

ଏକ ଶୀତୁଆ ସକାଳରେ ଶେଯରୁ ଉଠିଗଲେ ତୁମେ ଥରିବାକୁ ଲାଗ । ନିଜକୁ ଉଷ୍ଣମ ରଖିବା ପାଇଁ ତୁମେ ଶୀତ ପୋଷାକ ବ୍ୟବହାର କରିଥାଅ । ଗ୍ରୀଷ୍ମ କାଳରେ ଶରୀରକୁ ଶୀତଳ ଓ ଆରାମ ରଖିବା ଭଳି ପୋଷାକ ଲୋଡ଼ା ପଡ଼ିଥାଏ । ପ୍ରକୃତପକ୍ଷେ, ଏହା ବିଭିନ୍ନ ଋତୁରେ ଆମ ଶରୀର ଦେଉଥିବା ସଙ୍କେତର ଫଳ, ଅପରପକ୍ଷେ ଆମ ଶରୀରହିଁ ପାଗକୁ ଅନୁଭବ କରିଥାଏ ।

## ପାଗ କ'ଣ ?




ଚିତ୍ର ୨.୨

**ପାଗ :** ଏହି ନିର୍ଦ୍ଦିଷ୍ଟ ସ୍ଥାନର ନିର୍ଦ୍ଦିଷ୍ଟ ସମୟରେ ବାୟୁମଣ୍ଡଳର ଅବସ୍ଥାକୁ ପାଗ କୁହାଯାଏ । ଏଠାରେ ପ୍ରଶ୍ନ ଉଠେ, ବାୟୁମଣ୍ଡଳ କ'ଣ ? ପୃଥିବୀକୁ ଚାରିପାଖରେ ଘେରି ରହିଥିବା ଗ୍ୟାସୀୟ ସ୍ତରକୁ ବାୟୁମଣ୍ଡଳ କୁହାଯାଏ । ଏଥିରେ ଥିବା ସମସ୍ତ ଗ୍ୟାସ୍‌ଗୁଡ଼ିକୁ ବାୟୁ କୁହାଯାଏ । ପୃଥିବୀର ବାୟୁମଣ୍ଡଳ ଥାକ ପରେ ଥାକ ଥିବା କୌଣସି 'କେକ୍' ସହ ତୁଳନା କରାଯାଇପାରେ ।

ପୃଥିବୀକୁ ଲାଗି ରହିଥିବା ସର୍ବନିମ୍ନ ସ୍ତରକୁ ଟ୍ରପୋସ୍ପିୟର କୁହାଯାଏ । ଏହି ସ୍ତରରେ ଭୂଭାଗସ୍ଥ ସମସ୍ତ ବୃକ୍ଷଲତା, ପଶୁପକ୍ଷୀ (ମନୁଷ୍ୟକୁ ଅର୍ନ୍ତଭୁକ୍ତ କରି) ବାସ କରନ୍ତି ଓ ଶ୍ୱାସକ୍ରିୟା କରିଥାନ୍ତି । ଏହି ସ୍ତରରେ ପାଣିପାଗ ଜନିତ ସମସ୍ତ ଘଟଣାବଳୀ ଘଟିଥାଏ । ଏ ସମ୍ପର୍କରେ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା । ଟ୍ରପୋସ୍ପିୟର ଭୂ-ଭାଗରୁ ୬ ରୁ ୧୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବିସ୍ତୃତ । ମେରୁ ଅଞ୍ଚଳରେ ଏହି ସ୍ତର ଉଚ୍ଚତା ସର୍ବନିମ୍ନ (କାରଣ ଏଠାକାର ଶୀତଳବାୟୁ ଘନୀଭୂତ ହୋଇ ସଙ୍କୁଚିତ ହୋଇଥାଏ) । କ୍ରାନ୍ତୀମଣ୍ଡଳରେ ଏହାର ବିସ୍ତୃତି ଅଧିକ (କାରଣ ଏଠାକାର ଉଷ୍ଣବାୟୁ ପ୍ରସାରିତ ହୋଇଥାଏ) । ବାୟୁମଣ୍ଡଳରେ ଅନ୍ୟାନ୍ୟ ସ୍ତରଗୁଡ଼ିକ ବିଷୟରେ ତୁମେ ଅଧିକଭାବେ ବିଜ୍ଞାନ ବିଷୟରେ ପଢ଼ିବ ।

ପାଗକୁ ବର୍ଣ୍ଣନା କରିବାପାଇଁ ଆମେ ଅନେକ ଶବ୍ଦ ବ୍ୟବହାର କରିଥାଉ । ଯଥା– ଗରମ, ଥଣ୍ଡା, ବର୍ଷା, ମେଘୁଆ, ଆର୍ଦ୍ର, ତୁଷାରପାତ, ପବନ ଇତ୍ୟାଦି । ଏଗୁଡ଼ିକ ଆମେ ପାଣିପାଗର ଉପାଦାନଗୁଡ଼ିକୁ କିପରି ବିଭିନ୍ନ ଭାବରେ ଅନୁଭବ କରୁଛେ, ସେ ବିଷୟରେ ବର୍ଣ୍ଣନା କରିଥାଉ ।

## ଆସ ଅନୁସନ୍ଧାନ କରିବା



ସ୍ଥାନୀୟ ଭାଷାରେ ପାଣିପାଗକୁ ବର୍ଣ୍ଣନା କରିବାକୁ ତୁମେ କି କି ଶବ୍ଦ ବ୍ୟବହାର କର ? ଓଡ଼ିଆରେ ସାଧାରଣ ଭାବେ ଗରମ, ଥଣ୍ଡା, ଉଷ୍ଣମ, ଶୀତୁଆ, ଖରା, ଆରାମ ଦାୟକ, ଗୁଳୁଗୁଳିଆ ଓ ମେଘୁଆ ଆଦି ଶବ୍ଦ ପାଗ ବର୍ଣ୍ଣନାରେ ବ୍ୟବହୃତ ହୋଇଥାଏ ।

**ପାଗର ଉପାଦାନଗୁଡ଼ିକ ହେଲା:**

- **ତାପମାତ୍ରା :** ବାୟୁମଣ୍ଡଳ କେତେ ଉଷ୍ଣ ବା ଶୀତଳ।
- **ବର୍ଷଣ :** ଆକାଶରୁ ପଡୁଥିବା ଜଳର ବିଭିନ୍ନ ପ୍ରରୂପ ଯଥା– ବୃଷ୍ଟିପାତ, ତୁଷାରପାତ, ହିମ ମିଶ୍ରିତ ବୃଷ୍ଟି ବା କୁଆପଥର ବୃଷ୍ଟି ଇତ୍ୟାଦି।
- **ବାୟୁମଣ୍ଡଳୀୟ ଚାପ :** ଭୂପୃଷ୍ଠରେ ଅନୁଭୂତ ଆମ ଉପରେ ଥିବା ବାୟୁର ଓଜନ
- **ପବନ :** ଗତିଶୀଳ ବାୟୁର ବେଗ ଓ ଦିଗ।
- **ଆର୍ଦ୍ରତା :** ବାୟୁମଣ୍ଡଳରେ ଉପସ୍ଥିତ ଜଳୀୟ ବାଷ୍ପର ପରିମାଣ।

**ତୁଷାରପାତ (Sleet) :** ହିମ କିମ୍ବା ଆଂଶିକ ହିମବୃଷ୍ଟିକୁ ତୁଷାରପାତ କୁହାଯାଏ।

**କୁଆପଥର (Hail) :** ଆକାଶରୁ ବର୍ଷା ପରି କ୍ଷୁଦ୍ର, କଠିନ ବରଫର ଗୋଲାକାର ବୃଷ୍ଟିପାତକୁ କୁଆପଥର କହନ୍ତି।

**ଜଳୀୟ ବାଷ୍ପ (Water vapour) :** ତରଳ ପରିବର୍ତ୍ତେ ଜଳର ଗ୍ୟାସୀୟ ଅବସ୍ଥାକୁ ଜଳୀୟ ବାଷ୍ପ କହନ୍ତି।


## ଏହା ବିଷୟରେ ଚିନ୍ତା କର

ଏକ ପରିସ୍ଥିତି ସମ୍ବନ୍ଧରେ କଳ୍ପନା କର। ଚେନ୍ନାଇର କ୍ରିଷ୍ଟାନ୍, କାଶ୍ମୀରର ଅମିର ସହ ଫୋନ୍‌ରେ କଥା ହେଉଛି। କ୍ରିଷ୍ଟାନ୍ ଅମିରକୁ କହୁଛି ଯେ ଚେନ୍ନାଇରେ ଶୀତୁଆ ପାଗ ହୋଇଛି; କାରଣ କାଲି ରାତିରେ ଏଠି ବର୍ଷା ହୋଇଥିଲା। ଅମିର ତାକୁ ପଚାରୁଛି; କିଭଳି ଥଣ୍ଡା ଲାଗୁଛି ? କ୍ରିଷ୍ଟାନ୍ କିପରି ଅମିରକୁ ବୁଝାଇବ ଯେ ଥଣ୍ଡା କେତେ ପରିମାଣରେ ଲାଗୁଛି ? କାହିଁକି ନା କ୍ରିଷ୍ଟାନ୍ ପାଇଁ ଯାହା ଥଣ୍ଡା ତାହା ଅମିର ପାଇଁ ବେଶ୍ ଆରାମଦାୟକ !

ଏଥିରୁ ଜଣାପଡ଼ିଲା ଯେ କ୍ରିଷ୍ଟାନ୍ ପାଗର ଶୀତଳତା ସମ୍ବନ୍ଧରେ ଅମିରକୁ ବୁଝାଇବା ବେଶ୍ କଷ୍ଟକର ହେଉଛି। ସହମତି ଭିତ୍ତିରେ ତାପମାତ୍ରା ନିରୂପଣ ଦ୍ୱାରାହିଁ ଏ ସମସ୍ୟାର ସମାଧାନ ସମ୍ଭବ। ପାଗର ଅନ୍ୟାନ୍ୟ ଉପାଦାନଗୁଡ଼ିକ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ବିଭିନ୍ନ ସାଧାରଣ ମାନଦଣ୍ଡ ବ୍ୟବହାର କରି ପାଗକୁ କିପରି ମାପିବା, ଏହି ଅଧ୍ୟାୟରେ ଆସ ଶିଖିବା।

## ଆସ ଅନୁସନ୍ଧାନ କରିବା

ପାଗକୁ ଅଧିକ ସଠିକ୍ ଭାବେ ନିରୂପଣ କରିବାର ଆଉ କେଉଁ କେଉଁ ଉପାୟ ଥାଇପାରେ ? (ସଂକ୍ଷିପ୍ତ ସୂଚନା– କିଛି ଘଣ୍ଟା ବା କିଛିଦିନ ପୂର୍ବରୁ ସମ୍ଭାବ୍ୟ ପାଗ ସମ୍ବନ୍ଧରେ ଜାଣିବା ଦ୍ୱାରା କିପରି ଏହା ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଯୋଜନା ପ୍ରସ୍ତୁତି ପାଇଁ ସାହାଯ୍ୟ କରିଥାଏ, ଚିନ୍ତା କର।)



ଆଦିମ କାଳରୁ ମନୁଷ୍ୟ ପ୍ରକୃତିକୁ ଅତି ନିକଟରୁ ନିରୀକ୍ଷଣ କରି ଆସୁଛି। ନିଜ ଅଭିଜ୍ଞତାରୁ ପାଗର ପୂର୍ବାନୁମାନ ପାଇଁ ପ୍ରକୃତିର ସଙ୍କେତଗୁଡ଼ିକୁ ସଠିକ୍ ଭାବେ ବୁଝିପାରିଛି। ଅଳ୍ପ ଉଚ୍ଚତାରେ ଉଡୁଥିବା ପକ୍ଷୀ, ଅଣ୍ଡାବୋହି ନେଉଥିବା ପିମ୍ପୁଡ଼ି, ବିଭିନ୍ନ ମଞ୍ଜି ସଂଗ୍ରହ କରୁଥିବା ଗୁଣ୍ଡୁଚି ମୂଷା, ବେଙ୍ଗ ରଡ଼ି, ଶଙ୍କୁ (Pine cone) ବିଶିଷ୍ଟ ପାଇନ୍ ଫଳର ପେଣ୍ଟା ଖୋଲିବା ଓ ବନ୍ଦ ହେବା ଆଦି ଘଟଣା ଆଗାମୀ ସମୟରେ ଝଡ଼ ବର୍ଷା ହେବାର ମୂଲ୍ୟବାନ ସୂଚନା ପ୍ରଦାନ କରିଥାଏ। ଏହି ଜ୍ଞାନ ଏକ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ଚାଲି ଆସୁଅଛି। ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ଲୋକମାନେ ପାରମ୍ପରିକ ପଦ୍ଧତିରେ ପାଗର ପୂର୍ବାନୁମାନ କରୁଛନ୍ତି। ମୁଖ୍ୟତଃ ମୌସୁମୀର ଆଗମନ ସମ୍ବନ୍ଧରେ ଜାଣିବା ପାଇଁ ଏହି ଜ୍ଞାନ ବ୍ୟବହାର କରୁଛନ୍ତି।

**ପୂର୍ବାନୁମାନ (Forecast) :** ଘଟଣା ଜାଣିବା ପୂର୍ବରୁ ଅନୁମାନ କରିବା (ଏ କ୍ଷେତ୍ରରେ ପାଗ)।

# ପ୍ରକୃତିପ୍ରଦତ୍ତ ସୂଚନା ପର୍ଯ୍ୟବେକ୍ଷଣ



ଚିତ୍ର. ୨.୩. ୧ .ପାଗର ପରିବର୍ତ୍ତନ ମୁଖ୍ୟତଃ ପ୍ରବଳ ବର୍ଷାର ଆଗାମୀ ସୂଚନା ପିମ୍ପୁଡ଼ିମାନଙ୍କ ବ୍ୟବହାରରେ ଦୃଷ୍ଟିଗୋଚର ହୁଏ। ଏକ ପ୍ରାକୃତିକ ଆଚରଣ ଭାବେ ପିମ୍ପୁଡ଼ିମାନେ ସେମାନଙ୍କର ଅଣ୍ଡାଗୁଡ଼ିକୁ ଉଚ୍ଚ ସ୍ଥାନମାନଙ୍କୁ ସ୍ଥାନାନ୍ତର କରିବା ପାଗ ପରିବର୍ତ୍ତନରେ ମୁଖ୍ୟତଃ ପ୍ରବଳ ବର୍ଷାର ଆଗାମୀ ସୂଚନା ଦେଇଥାଏ।

ଚିତ୍ର ୨.୩.୨. ବର୍ଷା ଆଗମନର ପ୍ରାରମ୍ଭିକ ସୂଚନା ସ୍ୱରୂପ ବେଙ୍ଗଟିଏ ରଡ଼ି କରୁଅଛି ।





ଚିତ୍ର ୨.୩.୩. ପାଇନ୍‌ର ଶଙ୍କାକୃତି ଫଳ ବାୟୁମଣ୍ଡଳର ଆର୍ଦ୍ରତା ଦ୍ୱାରା ଖୋଲିବା ଏବଂ ବନ୍ଦ ହେବା ଏକ ପ୍ରାକୃତିକ ପଦ୍ଧତି। ଆର୍ଦ୍ର ପରିବେଶରେ ଏହି ଫଳ ତା'ର ମଞ୍ଜିକୁ ସୁରକ୍ଷା ଦେବାପାଇଁ ବନ୍ଦ ହୋଇଯାଇଥାଏ। ପାଗ ଶୁଖିଲା ଥିଲେ ଫଳଟି ଖୋଲିଯାଏ ଓ ବୀଜ ବିକ୍ଷେପ ହୁଏ।

**ଜଳବାୟୁ ବିଜ୍ଞାନ (Meteorology):** ଜଳବାୟୁ ବିଜ୍ଞାନ ପାଗର ଧାରା ବାହିକ ଅଧ୍ୟୟନ ଓ କ୍ରମବିବର୍ତ୍ତନକୁ ବୁଝାଏ। ଏହି ଅଧ୍ୟୟନ ପାଗ ପୂର୍ବାନୁମାନର ଆଧାର।

## ଆସ ଅନୁସନ୍ଧାନ କରିବା



ତୁମ ଆଖପାଖରେ ରହୁଥିବା ବୟସ୍କ ବ୍ୟକ୍ତିମାନଙ୍କ ସହ କଥା ହୁଅ। ସେମାନେ ପାଗର ପୂର୍ବାନୁମାନ କିପରି କରନ୍ତି ପଚାରି ବୁଝ। ପ୍ରକୃତିର କେଉଁ ସଙ୍କେତ ଦ୍ୱାରା ସେମାନେ ପୂର୍ବାନୁମାନ କରିଥାନ୍ତି ? ସେମାନଙ୍କ ମତରେ ପାଣିପାଗ ପୂର୍ବାନୁମାନ କିପରି କରାଯାଏ ତାହା ନିଜ ଆଞ୍ଚଳିକ ଭାଷାରେ ଲିପିବଦ୍ଧ କର ।

ବିଗତ କିଛି ଶତାବ୍ଦୀ ଧରି ବୈଜ୍ଞାନିକମାନେ ପାଗର ଉପାଦାନଗୁଡ଼ିକୁ ସଠିକ୍ ଭାବେ ମାପିବା ତଥା ନିରୀକ୍ଷଣ କରିବା ପାଇଁ ପଦ୍ଧତିମାନ ନିର୍ଣ୍ଣୟ କରିଛନ୍ତି। ଉପଲବ୍ଧ ସୂଚନା ଆଧାରରେ ଜଳବାୟୁ ବିଜ୍ଞାନୀମାନେ ଆଗାମୀ କିଛି ଘଣ୍ଟା, କିଛି ଦିନ, ବା କିଛି ସପ୍ତାହରେ ପାଗ କିପରି ଆଚରଣ କରିବ ତା'ର ପୂର୍ବାନୁମାନ ପାଇଁ ଚେଷ୍ଟା କରିଥାନ୍ତି। ସେମାନେ ଏହା କିପରି କରନ୍ତି ? ସେମାନେ କ'ଣ କେବଳ ଆକାଶକୁ ଚାହିଁ ଅନୁମାନ କରନ୍ତି କି ? ପ୍ରକୃତ ପକ୍ଷେ, ସେମାନେ କିଛି ବୈଜ୍ଞାନିକ ଉପକରଣ ସାହାଯ୍ୟରେ ଏପରି କରିଥାନ୍ତି। ତନ୍ମଧ୍ୟରୁ କେତେକ ବିଷୟରେ ଆମେ ଆଲୋଚନା କରିବା ।

# ପାଗ ପର୍ଯ୍ୟବେକ୍ଷଣ ଯନ୍ତ୍ର

## (କ) ତାପମାତ୍ରା :



### ଆସ ମନେରଖିବା

ଷଷ୍ଠ ଶ୍ରେଣୀ ବିଜ୍ଞାନ ବହି "ଜିଜ୍ଞାସା"ରେ ତୁମେମାନେ ତାପ ମାପିବା ପାଇଁ ବିଭିନ୍ନ ପ୍ରକାର ତାପମାନ ଯନ୍ତ୍ର ଯଥା– ଜ୍ୱର ମାପକ ତାପମାନ ଯନ୍ତ୍ର, ପରୀକ୍ଷାଗାର ତାପମାନ ଯନ୍ତ୍ରର ବ୍ୟବହାର ତଥା ତାପମାତ୍ରାର ମାନକ ଭାବେ ସେଲ୍‌ସିୟସ୍ ମାନ ଓ ଫାରେନ୍‌ହିଟ୍ ମାନ ବିଷୟରେ ଅବଗତ ଅଛ। ଉଦାହରଣ ସ୍ୱରୂପ, ଏକ ଶୀତଳ ଗୃହର ତାପମାତ୍ରା ଯଦି ୧୫ ଡିଗ୍ରୀ ସେଲ୍‌ସିୟସ (୧୫°C) ଉଲ୍ଲେଖ ହେବ, ତେବେ ଏହା ୫୯° ଫାରେନ୍‌ହିଟ୍, (୫୯°F) ସହ ସମାନ।




୨.୪.୧. : ଗରମ ହେଲେ ବରଫ ଶୀଘ୍ର ତରଳି ଯାଏ।



ଚିତ୍ର : ୨.୪.୨ ମେଘୁଆପାଗ, ଥଣ୍ଡା ହେଉଛି।



ଚିତ୍ର ୨.୪.୩ ଶୀତଦିନେ ନଡ଼ିଆ ତେଲ କଠିନ ହୋଇଯାଏ।



ଚିତ୍ର ୨.୪.୪ ଥଣ୍ଡାପାଗରେ ଦହି ବସିବାକୁ ଅଧିକ ସମୟ ଲାଗେ।

**ଆଖପାଖ ପରିବେଶ (Ambient) :** ଅପେକ୍ଷାକୃତ ପାଖାପାଖି ଅଞ୍ଚଳ

**ପରିସଂଖ୍ୟାନ (Statistics) :** ବିଭିନ୍ନ ପଦ୍ଧତିରେ ତଥ୍ୟ ସଂଗ୍ରହ ତଥା ସେଗୁଡ଼ିକର ବିଶ୍ଳେଷଣ ମାଧ୍ୟମରେ ବିଭିନ୍ନ ଘଟଣାବଳୀର ପ୍ରରୂପକୁ ଚିହ୍ନିବା ସଠିକ୍ ଭାବେ ବୁଝିବା ଭବିଷ୍ୟବାଣୀ କରିବାର ପ୍ରକ୍ରିୟା/କୌଶଳକୁ ବୁଝାଏ।

ବିଭିନ୍ନ ପ୍ରକାର ତାପମାନ ଯନ୍ତ୍ର ରହିଛି। କେତେକ କେବଳ ଆଖାପାଖ ପରିବେଶର ତାପମାତ୍ରା ମାପ କରନ୍ତି। ଆଉ କେତେକ ଦୈନିକ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ରେକର୍ଡ଼ କରିଥାନ୍ତି। ଅଧିକାଂଶ ଥର୍ମୋମିଟରରେ ଏକ ରଙ୍ଗୀନ ତରଳ ପଦାର୍ଥ ବ୍ୟବହାର କରାଯାଏ। ତାପମାତ୍ରା ବୃଦ୍ଧି ପାଇଲେ ଏହା ପ୍ରସାରିତ ହୋଇଥାଏ। ଆଜି କାଲି ଅଧିକରୁ ଅଧିକ ଭାବେ ଡିଜିଟାଲ ଥର୍ମୋମିଟରକୁ ପସନ୍ଦ କରାଯାଉଛି। କାରଣ ସେଗୁଡ଼ିକ ସଠିକ୍ ଭାବେ ଅଧିକ ତଥ୍ୟ ରେକର୍ଡ଼ କରିପାରନ୍ତି। ବାସ୍ତବରେ ତାପମାତ୍ରା ଅଧ୍ୟୟନ (Recording)ରୁ ମିଳୁଥିବା ତଥ୍ୟ ଆଧାରରେ ଅନେକଗୁଡ଼ିଏ ଉପାଦେୟ ପରିସଂଖ୍ୟାନ ଉପଲବ୍ଧ ହୋଇପାରିବ।

- **ତାପମାତ୍ରା ବ୍ୟବଧାନ**

  ଏହା କୌଣସି ଦିନରେ ସାଧାରଣ ଭାବେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ତାପମାତ୍ରା ଓ ସର୍ବନିମ୍ନ ତାପମାତ୍ରାର ବ୍ୟବଧାନ ବୁଝାଏ।

- **ହାରାହାରି ଦୈନିକ ତାପମାତ୍ରା**

  ଏହା କୌଣସି ଦିନର ସର୍ବୋଚ୍ଚ ତାପମାତ୍ରା ଓ ସର୍ବନିମ୍ନ ତାପମାତ୍ରାକୁ ଯୋଗ କରି ଦୁଇ (୨)ରେ ହରଣ (ଭାଗ) କରିବା ଦ୍ୱାରା ଉପଲବ୍ଧ ହୋଇଥାଏ।

## ମନେରଖ



→ ଭାରତ ପାଣିପାଗ ବିଭାଗ ୧୮୭୫ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ମୂଳ ମନ୍ତ୍ର ହେଉଛି "ଆଦିତ୍ୟାତ୍ ଜାୟତେ ବୃଷ୍ଟି" ଅର୍ଥାତ୍ ସୂର୍ଯ୍ୟଙ୍କଠାରୁ ବର୍ଷା ଉପନ୍ନ ହୁଏ। ଏହି ବାକ୍ୟାଂଶଟି 'ପ୍ରାଚୀନ ଗ୍ରନ୍ଥ ମନୁସ୍ମୃତିରୁ ଉଦ୍ଧୃତ ହୋଇଛି।' ସମ୍ପୂର୍ଣ୍ଣ ଶ୍ଳୋକଟିର ଅର୍ଥ ହେଲା, "ସୂର୍ଯ୍ୟଙ୍କଠାରୁ ବର୍ଷା ଉପନ୍ନ ହୁଏ, ବର୍ଷାରୁ ଖାଦ୍ୟ ଆସେ, ଏବଂ ଖାଦ୍ୟରୁ ଜୀବଜଗତର ଉତ୍ପତ୍ତି ହୁଏ।"

ବର୍ଷା କାହିଁକି ସୂର୍ଯ୍ୟଙ୍କଠାରୁ ସୃଷ୍ଟି ହୋଇଥାଏ ? ଏହାର କୌଣସି ଏକ କାରଣ ଚିନ୍ତାକରି ପାରିବ କି ?

## ଆସ ଅନୁସନ୍ଧାନ କରିବା



ଏଠାରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଦିନର ତାପମାତ୍ରାର ଏକ ଚାର୍ଟ (ସାରଣୀ) ଦିଆଯାଇଛି। ଦର୍ଶାଯାଇଥିବା ସପ୍ତାହରେ ସର୍ବାଧିକ ତାପମାତ୍ରା କେତେ ରେକର୍ଡ଼ କରାଯାଇଛି ? ସର୍ବନିମ୍ନ କେତେ ? ଏହାର ବ୍ୟବଧାନ ହିସାବ କର ।


| ତାରିଖ | ସର୍ବୋଚ୍ଚ ତାପମାତ୍ରା (° ସେଲ୍‌ସିୟସ୍) | ସର୍ବନିମ୍ନ ତାପମାତ୍ରା (° ସେଲ୍‌ସିୟସ୍) |
|---|---|---|
| ୦୬.୦୪.୨୦୨୫ | ୩୮° | ୨୫° |
| ୦୭.୦୪.୨୦୨୫ | ୩୭° | ୨୬° |
| ୦୮.୦୪.୨୦୨୫ | ୩୬° | ୨୬° |
| ୦୯.୦୪.୨୦୨୫ | ୩୫° | ୨୪° |
| ୧୦.୦୪.୨୦୨୫ | ୩୬° | ୨୫° |
| ୧୧.୦୪.୨୦୨୫ | ୩୫° | ୨୦° |
| ୧୨.୦୪.୨୦୨୫ | ୩୬° | ୨୫° |

ଉପରୋକ୍ତ ତାଲିକାର ଅନୁସରଣରେ ତୁମେ ଏକ ସପ୍ତାହର ବିଭିନ୍ନ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରାର ଏକ ତାଲିକା ତୁମ ସହପାଠୀମାନଙ୍କ ସହ ଆଲୋଚନା କରି ପ୍ରସ୍ତୁତ କର ।

## (ଖ) ବର୍ଷଣ

ତୁମେ କୌଣସି ଗଣମାଧ୍ୟମରୁ ଜାଣିଲ ଯେ ଭୁବନେଶ୍ୱରରେ ଗୋଟିଏ ଦିନରେ ୩୦ ମି.ମି. (ମିଲିମିଟର) ବର୍ଷା ହୋଇଛି । ଏହାର ଅର୍ଥ କ'ଣ ? ବୃଷ୍ଟିପାତ କିପରି ମପାଯାଏ ?

କୌଣସି ସ୍ଥାନରେ ବର୍ଷାର ପରିମାଣ, ବୃଷ୍ଟି ପରିମାପକ ଯନ୍ତ୍ର (ରେନ୍‌ଗଜ) ଦ୍ୱାରା ମପାଯାଏ (ଚିତ୍ର ୨.୬) । ଏହି ଯନ୍ତ୍ରର ଉପର ଅଂଶରେ ଏକ କାଚ କାହାଳୀ ଥାଏ । କାହାଳୀର ନିମ୍ନଭାଗ ଏକ ସିଲିଣ୍ଡର ମଧ୍ୟକୁ ପ୍ରବେଶ କରିଥାଏ । ବର୍ଷା ହେଲେ କାହାଳୀ ଉପରେ ପଡୁଥିବା ଜଳ ସିଲିଣ୍ଡର ମଧ୍ୟକୁ ପ୍ରବେଶ କରେ । ସିଲିଣ୍ଡରରେ ଏକ ଇଞ୍ଚ/ମିଲିମିଟର ଦାଗ ଥିବା ମାପକ ସଂଯୁକ୍ତ ଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ସିଲିଣ୍ଡର ୫ ମି.ମି. ହୁଏ, ସେତେବେଳେ ସେହି ଅଞ୍ଚଳରେ ୫ ମି.ମି. ବୃଷ୍ଟିପାତ ହୋଇଛି ବୋଲି ଜଣାପଡ଼େ ।




ଚିତ୍ର ୨.୬: ବୃଷ୍ଟିମାପକ ଯନ୍ତ୍ର


## ଆସ ଅନୁସନ୍ଧାନ କରିବା

ଚିତ୍ର (୨.୬)ରେ ପ୍ରଦତ୍ତ ବୃଷ୍ଟିମାପକ ଯନ୍ତ୍ର ଭଳି ଆଉ ଏକ ଯନ୍ତ୍ର ତିଆରି କର। ସେହି ଯନ୍ତ୍ରଟିକୁ କୌଣସି ଖୋଲା ସ୍ଥାନରେ ନେଇ ରଖ। ବର୍ଷାକୁ ବାଧା ଦେଲା ଭଳି କୌଣସି ବଡ଼ ବୃକ୍ଷ ବା ଉଚ୍ଚ ଅଟ୍ଟାଳିକାଠାରୁ ଏହା ଦୂରରେ ରହିବା ଆବଶ୍ୟକ। ଯନ୍ତଟି ଏକ ସମତଳରେ ରହିବା ନିତ୍ୟାନ୍ତ ଆବଶ୍ୟକ। ଏହା ଯେପରି ପବନରେ ଢଳି ନଯାଏ ବା ଗଡ଼ି ନ ପଡ଼େ ସେଥିପ୍ରତି ବିଶେଷ ଧ୍ୟାନ ଦେବା। ସିଲିଣ୍ଡରରେ ଦିଆଯାଇଥିବା ପରିମାପକ ଚିହ୍ନ ଦ୍ୱାରା ସଂଗୃହୀତ ବର୍ଷା ଜଳର ପରିମାଣ ନିର୍ଣ୍ଣୟ କର। ତେବେ ମନେରଖ, ଏକ ମାସର ପ୍ରତ୍ୟେକ ଏକ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତର ପରିମାଣ ନିର୍ଣ୍ଣୟ ହେବା ଆବଶ୍ୟକ। ମୁଖ୍ୟତଃ ବର୍ଷା ଋତୁରେ ଏକ ମାସ ଧରି ଏହି କାର୍ଯ୍ୟ ସୂଚାର ରୂପେ କରିବା ଆବଶ୍ୟକ। (ଯେଉଁ ଅଞ୍ଚଳରେ ତୁଷାରପାତ ହେଉଥିବ ସେଠାରେ ବରଫ ତରଳିଲା ପରେ ହିଁ ମାପ ନିଆଯିବ।) ତୁମ ପାଖରେ ଥିବା ବୃଷ୍ଟିପାତ ତଥ୍ୟରୁ ମାସର ପ୍ରତ୍ୟେକ ସପ୍ତାହର ହାରାହାରି ବୃଷ୍ଟିପାତ ନିର୍ଣ୍ଣୟ କର ଏବଂ ସପ୍ତାହରୁ ସପ୍ତାହ ମଧ୍ୟରେ ବୃଷ୍ଟିପାତରେ ଥିବା ପରିବର୍ତ୍ତନ ଉପରେ ନିଜର ମତାମତ ଦିଅ।

### ବାୟୁମଣ୍ଡଳର ଚାପ

ଆମ ଶରୀର ତାପମାତ୍ରା ଓ ବର୍ଷା ସହ ବେଶ୍ ସଚେତନ। ତୁମେ ଅନୁଭବ କରିଥିବା ଯେକୌଣସି ଝଡ଼ତୋଫାନ ଆସିବା ପୂର୍ବରୁ ପାଗ ଭାରି ଭାରି (ଗୁମ୍‌ସୁମ୍) ଲାଗିଥାଏ। ଏହା ବାୟୁମଣ୍ଡଳୀୟ ଚାପସହ ଜଡ଼ିତ, ଯାହା ଆମ ଉପର ଓ ଚାରିପାର୍ଶ୍ୱର ବାୟୁମଣ୍ଡଳର ଓଜନଦ୍ୱାରା ପ୍ରଦତ୍ତ ଚାପ।

ଉପକୂଳ ଅଞ୍ଚଳରେ ବାୟୁ ଚାପ ଅଧିକ ଥାଏ ଏବଂ ସ୍ଥାନର ଉଚ୍ଚତା ବୃଦ୍ଧି ସହ ଏହା ହ୍ରାସ ପାଇଥାଏ। କୌଣସି ପର୍ବତ ଉପର ଆଡ଼କୁ ଗଲେ ନିମ୍ନରେ ଥିବା ସମତଳ ଅଞ୍ଚଳ ତୁଳନାରେ ବାୟୁ ପତଳା ହେବାକୁ ଲାଗେ। ଫଳତଃ, ବାୟୁ ଚାପ ହ୍ରାସ ପାଏ। ବାୟୁ ପତଳା ହେବାରୁ କମ୍ ଅମ୍ଳଜାନ ମିଳିଥାଏ,




ଚିତ୍ର : ୨.୭

ଯାହା ତୁମର ଫୁସ୍‌ଫୁସ୍‌ର ଆବଶ୍ୟକତା ଠାରୁ କମ୍ ହୋଇଥାଏ । ରକ୍ତରେ କମ୍ ଅମ୍ଳଜାନ ମିଶୁଥିବାରୁ ପାହାଡ଼ ଚଢ଼ିବା ପାଇଁ ଶରୀରକୁ ଅଧିକରୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହି କାରଣରୁ ଅତ୍ୟଧିକ ଉଚ୍ଚତାରେ ମଣିଷ ବେଳେବେଳେ ଅଣନିଶ୍ୱାସୀ ହେବା ସଙ୍ଗେ ସଙ୍ଗେ ମୁଣ୍ଡ ବୁଲାଇବା ଓ କ୍ଳାନ୍ତ ଅନୁଭବ କରେ ।

ଅଭ୍ୟସ୍ତ ହେବା (Acclimatise) ନୂତନ ଜଳବାୟୁ କିମ୍ବା ନୂତନ ପରିସ୍ଥିତି ସହିତ ଖାପଖୁଆଇ ଚଳିବା

ସମୁଦ୍ର ଉପକୂଳରେ ଉପରେ ବା ତଳେ ଥିବା ସମତଳ ଅଞ୍ଚଳରେ ବାୟୁର ଚାପ ଯେ ସବୁବେଳେ ଉଚ୍ଚ ରହେ, ତାହା ମଧ୍ୟ ଠିକ୍ ନୁହେଁ । ବେଳେବେଳେ ଏଠାରେ ବାୟୁଚାପ ନାଟକୀୟ ଭାବେ ହ୍ରାସ ପାଇଥାଏ । ଜଳବାୟୁ ବିଜ୍ଞାନୀମାନେ ଏପ୍ରକାର ସ୍ଥିତିକୁ 'ଅବପାତ' ବା 'ଲଘୁଚାପ କେନ୍ଦ୍ର' ବୋଲି କହିଥାନ୍ତି । ଯାହା ପରବର୍ତ୍ତୀ ସମୟରେ ଏକ ଘୂର୍ଣ୍ଣିଝଡ଼ ବା ବାତ୍ୟାରେ ପରିଣତ ହୋଇଥାଏ ।

## ଏହା ବିଷୟରେ ଚିନ୍ତା କର

ବାୟୁମଣ୍ଡଳୀୟ ଚାପ ମାପିବା ଗୁରୁତ୍ୱପୂର୍ଣ୍ଣ କାହିଁକି ? କେଉଁମାନେ ଏହି ଚାପ ମାପକୁ କାମରେ ଲଗାଇଥାନ୍ତି ବା ବ୍ୟବହାର କରିଥାନ୍ତି ?

ବାରୋମିଟର ନାମକ ଯନ୍ତ୍ର ଦ୍ୱାରା ବାୟୁଚାପ ମପାଯାଏ । ଥର୍ମୋମିଟର ଭଳି ବିଭିନ୍ନ ପ୍ରକାର ଚାପମାନ ଯନ୍ତ୍ର ରହିଛି । ମିଲିବାର ଏକକ ଦ୍ୱାରା ବାୟୁ ଚାପ ପ୍ରକାଶିତ ହୋଇଥାଏ । (ସଂକ୍ଷେପରେ ଏହାକୁ ଏମ୍.ବି. କୁହାଯାଏ ।) ସମୁଦ୍ର ପତ୍ତନରେ ସାଧାରଣ ବାୟୁ ଚାପ ୧୦୧୩ ମିଲିବାର ହୋଇଥାଏ । ବାୟୁଚାପ ୧୦୦୦ ମିଲିବାରରୁ କମିଗଲେ, ଅବପାତରେ ପରିଣତ ହୁଏ ।

## ଏହା ବିଷୟରେ ଚିନ୍ତା କର

ବହୁ ଉଚ୍ଚ ସ୍ଥାନକୁ ଯାତ୍ରା କରୁଥିବା ବ୍ୟକ୍ତିମାନଙ୍କୁ ମଝିରେ ମଝିରେ ବିଶ୍ରାମ ନେବାକୁ ଉପଦେଶ ଦିଆଯାଇଥାଏ । ଏହା ଦ୍ୱାରା ବିଭିନ୍ନ ଉଚ୍ଚତାରେ ଜଳବାୟୁ ସହ ଶରୀର ନିଜକୁ ଖାପଖୁଆଇଥାଏ । ଲାଦାଖର ଖାରଡୁଙ୍ଗଲା ଭଳି ଥିବା ସ୍ଥାନମାନଙ୍କରେ ପଦାତିକ ବାହିନୀର ସୈନିକମାନେ କାର୍ଯ୍ୟ କରିଥାନ୍ତି । ଏହା ସମୁଦ୍ର ପତ୍ତନରୁ ୫୬୦୦ ମି. ଉଚ୍ଚତାରେ ଅବସ୍ଥିତ । ବାୟୁରେ ଅମ୍ଳଜାନର ପରିମାଣ କମ୍ ଥିବାରୁ ଏଠାରେ ରହିବା ଓ କାମ କରିବା କେତେ ଯେ କଷ୍ଟକର ତୁମେ ଭାବିପାରିବ ନାହିଁ । ଏହା ବ୍ୟତୀତ ଏଠାରେ ବାୟୁ ଚାପ ସାଧାରଣ ଭାବେ ପ୍ରାୟ ୬୫୦ ମିଲିବାର ଥାଏ ।




ଚିତ୍ର ୨.୮

## (ଘ) ପବନ

ଗତିଶୀଳ ବାୟୁକୁ ପବନ କୁହାଯାଏ । ବାୟୁ ଉଚ୍ଚଚାପ ବିଶିଷ୍ଟ ଅଞ୍ଚଳରୁ ନିମ୍ନ ଚାପ ବିଶିଷ୍ଟ ଅଞ୍ଚଳ ଆଡ଼କୁ ପ୍ରବାହିତ ହୋଇଥାଏ । ପବନର ଦୁଇଟି ବୈଶିଷ୍ଟ୍ୟ ରହିଛି ଯଥା; ବେଗ ଓ ଦିଗ । ଏହି ଦୁଇଟି ଦ୍ୱାରା ପବନର ବିଶେଷତା ପ୍ରକାଶ କରାଯାଏ ।

### ଏହା ବିଷୟରେ ଚିନ୍ତାକର

ଚିତ୍ର : ୨.୯ ଦେଖ । ଶିମିଳି ତୁଳା ଭଳି ତନ୍ତୁଯୁକ୍ତ ମଞ୍ଜିଗୁଡ଼ିକ ପବନରେ ଉଡୁଥିବା ଦେଖିଛକି ? ଯଦି ପବନ ବହୁନଥାନ୍ତା ଏ ମଞ୍ଜି ଗୁଡ଼ିକର କ'ଣ ହୋଇଥାନ୍ତା ? କ'ଣ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବିକ୍ଷେପ ହୋଇଥାନ୍ତେ କି ? ପବନ ପାଗର ଏକ ବିଶିଷ୍ଟ ଉପାଦାନ ।



ଚିତ୍ର : ୨.୯

ପବନର ବେଗ ଓ ଦିଗ ପାଣିପାଗର ପୂର୍ବ ସୂଚନା ଦେବାରେ ସହାୟକ ହୋଇଥାଏ । ନୌଚାଳନା ତଥା ଉଡ଼ାଜାହାଜ ଚଳାଚଳରେ ପବନର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସେଥିପାଇଁ ନାବିକ ତଥା ବୈମାନିକମାନେ ପବନର ବେଗ ତଥା ଦିଗ ବିଷୟରେ ସଚେତନ ରହିବା ଆବଶ୍ୟକ । କୃଷକମାନେ ମଧ୍ୟ ପବନର ଦିଗକୁ ଅନୁଧ୍ୟାନ କରି ବର୍ଷାର ପୂର୍ବାନୁମାନ କରିଥାନ୍ତି । ଏତଦ୍‌ବ୍ୟତୀତ ବେଗଶାଳୀ ପବନ ମୃତ୍ତିକାକୁ ଶୀଘ୍ର ଶୁଷ୍କ କରି ଦେଇଥାଏ ।

ସୁତରାଂ ଆମେ ପବନର ବେଗ ଓ ଦିଗ କିପରି ନିର୍ଣ୍ଣୟ କରିବା ? ଦିଗବାରେଣୀ ବା ଉଇଣ୍ଡଭେନ୍ ଯନ୍ତ୍ର ସାହାଯ୍ୟରେ ପବନର ଦିଗ ମପାଯାଏ । ଏହି ଯନ୍ତ୍ରରେ ଏକ ଖମ୍ବ ଉପରେ ଏକ ଘୂର୍ଣ୍ଣୟମାନ ତୀର ଲାଗିଥାଏ । ଏହାର ଗୋଟିଏ ପାର୍ଶ୍ୱ ମୁନିଆ ଅପର ପାର୍ଶ୍ୱଟି ମାଛ ଲାଞ୍ଜ ସଦୃଶ ଚଉଡ଼ା ହୋଇଥାଏ । ପବନ ବହିଲେ ମୁନିଆ ପାର୍ଶ୍ୱଟି ପବନ ଯେଉଁ ଦିଗରୁ ବହୁଛି ସେହି ପଟକୁ ଲକ୍ଷ୍ୟ କରିଥାଏ । ଅର୍ଥାତ୍ ପବନ ଦକ୍ଷିଣ ଦିଗରୁ ବହୁଥିଲେ ତୀରଟି ଦକ୍ଷିଣ ଦିଗକୁ ଚାହିଁ ଥାଏ । ପୁଚ୍ଛ ପାର୍ଶ୍ୱଟି ଏହାର ବିପରୀତ ଦିଗ ଅର୍ଥାତ୍ ଉତ୍ତର ପଟେ ଥାଏ । ଏପରିକି ଏହା ଅତି ହାଲୁକା ପବନରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ





ଚିତ୍ର : ୨.୧୦ ବାମ – ଉଇଣ୍ଡ ଭେନ୍; ଦକ୍ଷିଣ – ଆନିମୋମିଟର

କରେ । ଉଡ଼ାଜାହାଜ ପଡ଼ିଆ ମାନଙ୍କରେ ଥିବା ପବନ ଦିଗ୍‌ଦର୍ଶକ ଗୁଡ଼ିକୁ "ବାତାଶଙ୍କୁ (Wind Sock)" କୁହାଯାଏ। ଏହା ବୈମାନିକ ମାନଙ୍କୁ ଉଡ଼ାଜାହାଜ ଉଡ଼ାଣ ଓ ଅବତରଣ ସମୟରେ ପବନର ଦିଗ ଜାଣିବାରେ ସାହାଯ୍ୟ କରିଥାଏ। ଏହି ପ୍ରକାରର ଶଙ୍କୁ କଳକାରଖାନାରେ ବ୍ୟବହୃତ ହୋଇଥାଏ, ଯେଉଁଥିରୁ ଧୂଆଁ ଓ ଅନ୍ୟାନ୍ୟ ଗ୍ୟାସ୍ ନିର୍ଗତ ହୋଇଥାଏ।

ବାୟୁର ବେଗ ମାପିବା ପାଇଁ ଆନିମୋମିଟର ନାମକ ଏକ ସରଳ ଯନ୍ତ୍ର ବ୍ୟବହାର କରାଯାଏ। ଏଥିରେ ତିନୋଟି ବା ଚାରୋଟି ଅର୍ଦ୍ଧ ଗୋଲାକାର ଧାତବ କପ୍ ରହିଥାଏ। ଏହି କପ୍ ଗୁଡ଼ିକ ଲମ୍ବଭାବେ ଥିବା ଏକ ଧାତବ ଖମ୍ବ ସହ ସଂଯୁକ୍ତ ଥାଏ। ପବନ ବହିଲେ, କପ୍ ଭିତରେ ପବନ ପଶେ ଓ କପ୍ ଗୁଡ଼ିକ ଘୂରିବାକୁ ଲାଗିଥାଏ। ପବନର ବେଗ ବୃଦ୍ଧି ସହ କପଗୁଡ଼ିକ ଅଧିକରୁ ଅଧିକ ବେଗରେ ଘୂରିଥାନ୍ତି। ଧାତବ ଖମ୍ବର ମୂଳରେ ଘଣ୍ଟାପରି ଏକ ପରିମାପକ ଯନ୍ତ୍ର ଥାଏ। ଏହି ଯନ୍ତ୍ରଟି ତାର ଦ୍ୱାରା କପ୍‌ଗୁଡ଼ିକ ସହ ସଂଯୁକ୍ତ। ଫଳତଃ ପବନର ବେଗ ନିମ୍ନରେ ଥିବା ମାପ ଯନ୍ତ୍ରରେ ଜଣାପଡ଼େ। କପ୍‌ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ କେତେଥର ଘୂରିଛନ୍ତି ତାହା ମାପକ ଯନ୍ତ୍ର ହିସାବ ରଖେ ଏବଂ ବାୟୁର ବେଗକୁ କି.ମି.(କିଲୋମିଟର) ପ୍ରତି ଘଣ୍ଟା ଆକାରରେ ପ୍ରକାଶ କରେ।

## (ଙ) ଆର୍ଦ୍ରତା

ଶେଷରେ, ଆସ ପାଣିପାଗର ଉପାଦାନ ଭାବେ ଆର୍ଦ୍ରତାକୁ ଜାଣିବା। ବାୟୁମଣ୍ଡଳରେ ଥିବା ଜଳୀୟ ବାଷ୍ପର ପରିମାଣକୁ ଆର୍ଦ୍ରତା କୁହାଯାଏ। ଆର୍ଦ୍ରତାର ପରିମାଣ, ତାପମାତ୍ରା, ପବନ, ବାୟୁଚାପ ଓ ସ୍ଥାନ ଆଦି ଦ୍ୱାରା ପ୍ରଭାବିତ ହୋଇଥାଏ।

### ଆସ ଅନୁସନ୍ଧାନ କରିବା



ଆର୍ଦ୍ରତା ପୁରୀ କିମ୍ବା ରାଉରକେଲା କେଉଁଠି ଅଧିକ ଥିବ ବୋଲି ତୁମେ ଭାବୁଛ ? ପୁରୀ ସମୁଦ୍ରକୂଳରେ ଥିବାରୁ ଏଠାରେ ଆର୍ଦ୍ରତା ଅଧିକ ଏବଂ ରାଉରକେଲା ସମୁଦ୍ରଠାରୁ ଦୂରରେ ଥିବାରୁ ଏଠାରେ ଆର୍ଦ୍ରତା କମ୍ ଥିବ ବୋଲି ତୁମେ ଜାଣିପାରୁଥିବ। କିନ୍ତୁ ତୁମେ ଏ ବିଷୟରେ ନିଶ୍ଚିତ ହେବ କିପରି ? ପୁରୀ ଓ ରାଉରକେଲା ମଧ୍ୟରେ ଆର୍ଦ୍ରତା ସ୍ତରକୁ ଆମେ କିପରି ତୁଳନା କରିବା ? ଏ ବିଷୟରେ ଶ୍ରେଣୀଗୃହରେ ଆଲୋଚନା କର।

ଆମେ ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଜାଣିବା ପାଇଁ ଆର୍ଦ୍ରତାକୁ ମାପିବାର ଆବଶ୍ୟକତା ରହିଛି। ଆଗକୁ ବଢ଼ିବା ପୂର୍ବରୁ ଷଷ୍ଠ ଶ୍ରେଣୀର ବିଜ୍ଞାନ ବହିରେ ଦିଆଯାଇଥିବା ଜଳର ବିଭିନ୍ନ ଅବସ୍ଥା ସମ୍ବନ୍ଧରେ ଜାଣିରଖିବା ଉଚିତ। ଏହା ଆମକୁ ଆର୍ଦ୍ରତା କିପରି ମପାଯାଏ ଜାଣିବାରେ ସହାୟକ ହେବ।



## ଆସ ମନେରଖିବା

→ ଜଳ ବାଷ୍ପୀଭୂତ ହେଲେ ଶୀତଳତା ପ୍ରଦାନ କରେ।

→ ବାୟୁରେ ଅଧିକ ପରିମାଣର ଜଳୀୟ ବାଷ୍ପ ଥିଲେ ବାଷ୍ପୀଭବନ ମନ୍ଥର ହୋଇଥାଏ। ଏପରି ଅବସ୍ଥା ମୁଖ୍ୟତଃ ବର୍ଷାଦିନେ ଦେଖାଯାଏ।

ବାୟୁରେ ଜଳୀୟ ବାଷ୍ପର ପରିମାଣ 'ଆପେକ୍ଷିକ ଆର୍ଦ୍ରତାରେ' ଶତକଡ଼ା ହିସାବରେ ପ୍ରକାଶ କରାଯାଏ। ବାୟୁରେ ଆଦୌ ଜଳୀୟ ବାଷ୍ପ ନଥିଲେ ଆପେକ୍ଷିକ ଆର୍ଦ୍ରତା ୦% (ଶୂନ୍ୟ ଶତକଡ଼ା) ଏବଂ ଜଳୀୟ ବାଷ୍ପ ପରିପୂର୍ଣ୍ଣ ଥିଲେ ଆପେକ୍ଷିକ ଆର୍ଦ୍ରତା ୧୦୦% (ଶହେ ଶତକଡ଼ା) ହୋଇଥାଏ। ତେବେ ପାଗ ଶୁଷ୍କ ଥିଲେ ଆପେକ୍ଷିକ ଆର୍ଦ୍ରତା ୨୦% ରୁ ୪୦% ମଧ୍ୟରେ ଥାଏ। ଆର୍ଦ୍ର ପାଣି ପାଗରେ ଏହା ୬୦% ରୁ ୮୦% ରହିଥାଏ।

## ଏହା ବିଷୟରେ ଚିନ୍ତାକର

ଗୋପାଳପୁରର ଏକ ନିର୍ଦ୍ଦିଷ୍ଟ ଦିନରେ ଆର୍ଦ୍ରତା ୮୪% ଓ ନୂଆପଡ଼ାର ଆର୍ଦ୍ରତା ୫୨%। ଉକ୍ତ ଦୁଇଗୋଟି ସ୍ଥାନ ମଧ୍ୟରୁ କେଉଁଠାରେ ତୁମେ ଓଦା ଲୁଗାଟି ଶୀଘ୍ର ଶୁଖିବ ? ଯଦି ଉଭୟ ସ୍ଥାନର ତାପମାତ୍ରା ସମାନ ଥାଏ ତା'ହେଲେ କେଉଁଠି ଅଧିକ ଝାଳ ବୋହିବ ?

ତେବେ ଆମେ ଆର୍ଦ୍ରତାର ପରିମାଣାତ୍ମକ ସଂଖ୍ୟା କିପରି ମାପି ପାରିବା। ଏହା 'ହାଇଗ୍ରୋମିଟର' ନାମକ ଯନ୍ତ୍ର ଦ୍ୱାରା ମପାଯାଇଥାଏ। ହାଇଗ୍ରୋମିଟର ମଧ୍ୟ ବିଭିନ୍ନ ପ୍ରକାରର। ମୂଳତତ୍ତ୍ୱ ବା ନୀତି ଆଧାରରେ ବିଭିନ୍ନ ପ୍ରକାରର ହାଇଗ୍ରୋମିଟର ରହିଛି। ଖାଦ୍ୟ ପ୍ରକ୍ରିୟାକରଣ ଆଦି ଶିଳ୍ପରେ ଆର୍ଦ୍ରତାର ନିରୂପଣ ବେଶ୍ ଗୁରୁତ୍ୱ ବହନ କରିଥାଏ। ସଂଗ୍ରାହଳୟ ଗୁଡ଼ିକ ମଧ୍ୟ ଆର୍ଦ୍ରତା ନିରୀକ୍ଷଣ କରିଥାନ୍ତି, କାରଣ ଶୁଷ୍କ ପରିବେଶରେ ହିଁ ସେଠାରେ ପ୍ରଦର୍ଶିତ ସାମଗ୍ରୀ ଗୁଡ଼ିକ ସଂରକ୍ଷିତ ରହିଥାଏ।

## ପାଣିପାଗ କେନ୍ଦ୍ର



ଚିତ୍ର : ୨.୧୧

କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ପାଣିପାଗକୁ ମାପିବା ପାଇଁ ଆମେ ଅନେକଗୁଡ଼ିଏ ଯନ୍ତ୍ର ଆବଶ୍ୟକ କରିଥାଉ । ପାଣିପାଗ କେନ୍ଦ୍ରରେ ଏ ସବୁ ଯନ୍ତ୍ର ଏକାଠି ରହିଥାଏ । ଫଳରେ ପାଗ ନିର୍ଣ୍ଣୟ ଓ ଅନୁସରଣ ସହଜ ହୋଇଥାଏ । ସମସ୍ତ ପାଣିପାଗ ଯନ୍ତ୍ର ଗୁଡ଼ିକର ତଥ୍ୟ ସଂଗ୍ରହ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରିବା ଆବଶ୍ୟକ । ଏହା ମାନଚିତ୍ରୀକରଣ ଓ ପାଣିପାଗର ପୂର୍ବାନୁମାନରେ ସହାୟକ ହୋଇଥାଏ ।


## ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

ଆଜିକାଲି କେତେକ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରଗୁଡ଼ିକ (AWS-Automated Weather Station) ସ୍ଥାପନା କରାଗଲାଣି । ଏହି ସବୁ କେନ୍ଦ୍ରଗୁଡ଼ିକରେ ସେନ୍‌ସର ଦ୍ୱାରା ତାପମାତ୍ରା, ଆର୍ଦ୍ରତା, ପବନର ବେଗ ଓ ଦିଗ, ବର୍ଷଣ, ବାୟୁଚାପ ଭଳି ପାଣିପାଗ ତଥ୍ୟ ସଂଗୃହୀତ ହୋଇଥାଏ । ମନୁଷ୍ୟର ହସ୍ତକ୍ଷେପ ବିନା ମିଳୁଥିବା ଏହି ତଥ୍ୟଗୁଡ଼ିକ ବେଶ୍ ସଠିକ୍ ଓ ଉଚିତ ସମୟରେ ଉପଲବ୍ଧ ହୋଇଥାଏ । ଏହି ଗୁଡ଼ିକ କୃଷି, ଉଡ଼ାଜାହାଜ ଚଳାଚଳ, ପାଣିଜାହାଜ ଚଳାଚଳ ତଥା ପରିବେଶ ନିରୀକ୍ଷଣ କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି ।



### ମନେରଖ

୨୦୨୩ ମସିହାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସମୁଦ୍ର ପତ୍ତନରୁ ୪୮୦୦୦ ମିଟର ଉଚ୍ଚତାରେ ଥିବା ସିକିମର ଏକ ତୁଷାର ହ୍ରଦ ଠାରେ ଗୋଟିଏ ସ୍ୱୟଂଚାଳିତ ପାଣି ପାଗକେନ୍ଦ୍ର ସ୍ଥାପନ କରିଛି । ଏହି କେନ୍ଦ୍ର ଆଞ୍ଚଳିକ କ୍ଷେତ୍ରରେ ହେବାକୁ ଯାଉଥିବା ପାଣିପାଗ ସମ୍ବନ୍ଧରେ ଆଗୁଆ ସୂଚନା ପ୍ରଦାନ କରୁଛି ।




ଚିତ୍ର : ୨.୧୨ ସିକିମ୍‌ର ତୁଷାର ହ୍ରଦ ନିକଟସ୍ଥ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

## ପାଣିପାଗର ଆଗାମୀ ସୂଚନା

ଜଳବାୟୁ ବିଜ୍ଞାନୀମାନେ ଆଲୋଚିତ ଯନ୍ତ୍ରଗୁଡ଼ିକ ସାହାଯ୍ୟରେ ଦୀର୍ଘକାଳୀନ ତଥ୍ୟ ସଂଗ୍ରହ କରିଥାନ୍ତି । ସେମାନେ ଏହି ତଥ୍ୟଗୁଡ଼ିକୁ ଅଧ୍ୟୟନ କରନ୍ତି ଏବଂ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରି ପାଣିପାଗର ପୂର୍ବାନୁମାନ କରିଥାନ୍ତି । ପାଣିପାଗର ପୂର୍ବାନୁମାନ ଆଜିକାଲି ବେଶ୍ ଗୁରୁତ୍ୱ ବହନ

କରେ। କାରଣ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମରୁଡ଼ି, ବନ୍ୟା, ବାତ୍ୟା ଭଳି ଚରମ ଅବସ୍ଥା ବାରମ୍ଭାର ସଂଗଠିତ ହେବାରେ ଲାଗିଛି।

ସଠିକ୍ ପୂର୍ବାନୁମାନ ଆମକୁ ଏଭଳି ପ୍ରାକୃତିକ ଦୁର୍ବିପାକ ପାଇଁ ସତର୍କ ରଖିବା ସହିତ, ଏହା ସ୍ଥାନୀୟ ପ୍ରଶାସନ/ସରକାରଙ୍କୁ ସମ୍ବଳ ଯୋଗାଡ଼ କରିବା ତଥା ବିପର୍ଯ୍ୟୟକୁ ସାମନା କରିବା ପାଇଁ ପ୍ରସ୍ତୁତ ରଖେ।




ଚିତ୍ର ୨.୧୩ – ଭାରତ : ୧୯ ମଇ ୨୦୨୪ରେ ଭାରତ ପାଇଁ ପାଣିପାଗ ସତର୍କତା।

ଉଦାହରଣ ସ୍ୱରୂପ, ସାମୁଦ୍ରିକ ଝଡ଼ତୋଫାନ ହେବାର ଆଗୁଆ ସୂଚନା ମିଳିଲେ, ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଡଙ୍ଗା ନେଇ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଥାଏ। ବାତ୍ୟାର ସମ୍ଭାବନା ଥିଲେ ସମଗ୍ର ଉପକୂଳ ଅଞ୍ଚଳର ଅଧିବାସୀମାନଙ୍କୁ ସ୍ଥାନାନ୍ତରଣ କରିବାକୁ ପଡ଼ିଥାଏ।

## ଆସ ଅନୁସନ୍ଧାନ କରିବା



ତୁମ ଶ୍ରେଣୀର ପ୍ରତି ଦୁଇ ଜଣଙ୍କୁ ନେଇ ଦଳ ଗଠନ କର। ବିଭିନ୍ନ ପରିସ୍ଥିତିରେ ପାଣିପାଗର ପୂର୍ବାନୁମାନ ଆମ ପାଇଁ କିପରି ଉପଯୋଗୀ ହୋଇଛି ଆଲୋଚନା କର। ତୁମେ ଆଲୋଚନା କରିଥିବା ତଥ୍ୟଗୁଡ଼ିକ ବିଷୟରେ ଏକ ତାଲିକା ପ୍ରସ୍ତୁତ କର ଏବଂ ତୁମେ ଯେଉଁ ପାଣିପାଗର ପରିସ୍ଥିତି ବିଷୟରେ ତର୍ଜମା କରିଛ, ତାହାକୁ ପାଖରେ ବସିଥିବା ଦଳ ସହିତ ଆଲୋଚନା କର । ଅନାଲୋଚିତ ପାଗ ପରିସ୍ଥିତି ସମ୍ବନ୍ଧରେ ଶିକ୍ଷକଙ୍କଠାରୁ ପଚାରି ବୁଝ। ପାଗ ସମ୍ବନ୍ଧୀୟ କେତେ ପ୍ରକାରର ଅବସ୍ଥା ତୁମେ ଚିହ୍ନଟ କରିପାରିଲ ?

ପ୍ରଦତ୍ତ ଭାରତ ମାନଚିତ୍ରକୁ ଦେଖ। ଏହି ମାନଚିତ୍ର ଭାରତ ପାଣିପାଗ ବିଭାଗ ଦ୍ୱାରା ୨୦୨୪ ମସିହା ମଇ ତା ୧୯ ରିଖରେ ଜାରି କରାଯାଇଛି। ଏଥିରେ ପ୍ରଦତ୍ତ ପ୍ରତୀକଗୁଡ଼ିକୁ ନିରୀକ୍ଷଣ କର ଏବଂ ମାନଚିତ୍ରରେ ଦିଆଯାଇଥିବା ବିଭିନ୍ନ ପ୍ରତୀକକୁ ପରିସ୍ଥିତି ସହ ସମ୍ପର୍କିତ କର।

## ଆସ ଅନୁସନ୍ଧାନ କରିବା



→ ସେହି ଦିନ କେଉଁକେଉଁ ଘଟଣାବଳୀ ସଂଗଠିତ ହେଉଛି ? ଲୋକମାନେ କେଉଁ ସବୁ ପାଣି ପାଗ ଅବସ୍ଥା ପାଇଁ ସତର୍କ ରହିବାକୁ ଭାରତୀୟ ପାଣିପାଗ ବିଭାଗ ପରାମର୍ଶ ଦେଉଛି ?

→ କେଉଁ ରାଜ୍ୟଗୁଡ଼ିକ ପାଇଁ ସତର୍କ ସୂଚନା ଦିଆଯାଇଛି ?

→ ଭାରତର କେଉଁ ସବୁ ଅଞ୍ଚଳରେ ପାଗ ଖରାପ ହେବାର ସମ୍ଭାବନା ନାହିଁ ?

→ କେଉଁ ସବୁ ରାଜ୍ୟରେ ଗ୍ରୀଷ୍ମପ୍ରବାହର ସମ୍ଭାବନା ରହିଛି ?

→ ତ୍ରିପୁରା ଓ ଲାକ୍ଷାଦ୍ୱୀପରେ କେଉଁ ସବୁ କାରଣ ପାଇଁ ସତର୍କ ସୂଚନା ଦିଆଯାଇଛି।

## ଆମେ କ'ଣ ଶିଖିଲେ...



→ କୌଣସି ସ୍ଥାନର ପାଗର ସଂଜ୍ଞା ତାହାର ତାପମାତ୍ରା, ଆର୍ଦ୍ରତା, ବର୍ଷଣ, ପବନ, ବାୟୁ ଚାପ ଦ୍ୱାରା ପ୍ରକାଶିତ ହୋଇଥାଏ।

→ ଏହି ସବୁ ଉପାଦାନ ଗୁଡ଼ିକର ଅବସ୍ଥା ବା ପରିମାଣ ସ୍ୱତନ୍ତ୍ର ଯନ୍ତ୍ରଗୁଡ଼ିକ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ। ଏଥିରୁ ସଂଗୃହୀତ ତଥ୍ୟ ପାଗ ଅନୁସରଣ ଓ ପୂର୍ବାନୁମାନରେ ସହାୟକ ହୋଇଥାଏ।

→ ସମୟ ଓ ପରିସ୍ଥିତି ଅନୁଯାୟୀ ପାଣିପାଗରେ କୌଣସି ଏକ ଉପାଦାନରେ ଅଧିକ ପ୍ରଭାବ ଅନୁଭୁତ ହୋଇଥାଏ । ଉଦାହରଣ ସ୍ୱରୂପ– ଜୁଲାଇ ମାସରେ ବୃଷ୍ଟିପାତ, ମଇ ଓ ଡିସେମ୍ବର ମାସରେ ତାପମାତ୍ରା, ବାତାବର୍ତ୍ତ ଗତି ସମୟରେ ବାୟୁଚାପ ଏବଂ ଲୁ' (ଉତ୍ତର ଭାରତରେ ଗ୍ରୀଷ୍ମ କାଳରେ ପ୍ରବାହିତ ବେଗଶାଳୀ ଧୂଳି ଓ ବାଲି ମିଶା ପବନ) ପବନ ଓ ବନାଗ୍ନି କ୍ଷେତ୍ରର ପବନର ପ୍ରଭାବ ବିଶେଷଭାବେ ଅନୁଭୂତ ହୁଏ ।

→ ପାଣିପାଗ ଜଳବାୟୁ ସହିତ ଅନ୍ତରଙ୍ଗ ଭାବେ ଜଡ଼ିତ । ଏ ବିଷୟରେ ଆମେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ପାଣିପାଗ ଯନ୍ତ୍ର ସହ ଏହା ମାପୁଥିବା ଉପାଦାନଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କର ।

| ବ୍ୟବହୃତ ଯନ୍ତ୍ର | ପାଗର ଉପାଦାନ |
|---|---|
| ୧. ହାଇଗ୍ରୋମିଟର | (କ) ବର୍ଷଣ |
| ୨. ଆନିମୋମିଟର | (ଖ) ବାୟୁମଣ୍ଡଳର ଚାପ |
| ୩. ବାରୋମିଟର | (ଗ) ପବନର ଦିଗ ଓ ବେଗ |
| ୪. ଥର୍ମୋମିଟର | (ଘ) ଆର୍ଦ୍ରତା |
| ୫. ରେନ୍ ଗଜ୍ | (ଙ) ତାପମାତ୍ରା |

୨. ଜ୍ୟୋସ୍ନା ଜୁନ ମାସରେ ବିଦ୍ୟାଳୟ ତରଫରୁ ମୁମ୍ବାଇ ପରିଭ୍ରମଣ ପାଇଁ କେଉଁ କେଉଁ ପୋଷାକ ନେବ ଚିନ୍ତା କରୁଛି । ସେ ପାଗର ପୂର୍ବାନୁମାନ ବିଷୟରେ ଅବଗତ ହେଲା, ଯେଉଁଥିରେ ସେଠିକାର ତାପମାତ୍ରା ୨୯° ସେଲ୍‌ସିୟସ୍ ଓ ଆର୍ଦ୍ରତା ୮୪° ଅଛି ବୋଲି ଜାଣିଲା ।

ତୁମେ ତାକୁ କି ପ୍ରକାର ପୋଷାକ ନେବାକୁ ପରାମର୍ଶ ଦେବ ।

୩. କିଛି ପିଲା ମିଶି ଏକ ରେନ୍‌ଗଜ୍ (ବୃଷ୍ଟି ମାପକ ଯନ୍ତ୍ର) ତିଆରି କରିଛ ବୋଲି ଭାବ । ରେନ୍‌ଗଜ୍‌ଟି କେଉଁଠି ସ୍ଥାପନ କରାଯିବ ଦଳଗତ ଭାବେ ଆଲୋଚନା କର ଓ ସ୍ଥାନଟିକୁ ଚିହ୍ନଟ କର (ନିମ୍ନ ବିକଳ୍ପ ମଧ୍ୟରୁ)

୧. ବିଦ୍ୟାଳୟର ପରିବା ଉଦ୍ୟାନ

୨. ବିଦ୍ୟାଳୟ କୋଠାର ପାହାଚ

୩. ଖୋଲା ପଡ଼ିଆ ଅନ୍ତର୍ଗତ ଏକ ଉତ୍‌ଥିତ ସମପ୍ରାୟ ଭୂମି

୪. ବିଦ୍ୟାଳୟ ପ୍ରାଚୀର

୫. ବିଦ୍ୟାଳୟ ପରୀକ୍ଷାଗାରର ବାରଣ୍ଡା

ଦଳଗତ ଭାବେ ଆଲୋଚନା କର ଏବଂ ସ୍ଥାନଟିକୁ ଚିହ୍ନଟ କର । ତୁମେ ସ୍ଥାନଟି ବାଛିବାର କାରଣ ଲେଖ ।

୪. ନିମ୍ନରେ ଭାରତ ପାଣିପାଗ ବିଭାଗରୁ ଉଦ୍ଧୃତ ଏକ ଚାର୍ଟ (ସାରଣୀ) ପ୍ରଦାନ କରାଯାଇଛି। ତା ୦୧.୦୨.୨୦୨୪ରିଖ ପାଇଁ ପ୍ରଦତ୍ତ ତଥ୍ୟ ଆଧାରରେ ଜାମ୍ମୁ ଓ କାଶ୍ମୀରର ବିଭିନ୍ନ ପ୍ରାନ୍ତର ପାଗ ପରିସ୍ଥିତି ସମ୍ବନ୍ଧରେ ସଂକ୍ଷିପ୍ତ ଲେଖାଟିଏ ପ୍ରସ୍ତୁତ କର।

(ସୂଚନା : ତାପ ବ୍ୟବଧାନ, ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା, ଆର୍ଦ୍ରତା, ବର୍ଷଣ ଆଦି ବିଷୟରେ ଚର୍ଚ୍ଚା କର।)

## ଦୈନିକ ପାଗ ମାପଦଣ୍ଡ (ଜାମ୍ମୁ ଓ କାଶ୍ମୀର-ସନ୍ଧ୍ୟା)
## ତା ୦୧.୦୨.୨୦୨୪ ରିଖ

| ସ୍ଥାନ | ସର୍ବାଧିକ ତାପମାତ୍ରା | | | ସର୍ବନିମ୍ନ ତାପମାତ୍ରା | | | ୦୮.୩୦ ଠାରୁ ୧୭.୩୦ ପର୍ଯ୍ୟନ୍ତ (ମି.ମି. / ସେ.ମି.) | | ୦୮.୩୦ ମଧ୍ୟରେ ପୂର୍ବ ୨୪ ଘଣ୍ଟା ମଧ୍ୟରେ ହୋଇଥିବା ବୃଷ୍ଟିପାତ (ମି.ମି. / ସେ.ମି.) | | ଆପେକ୍ଷିକ ଆର୍ଦ୍ରତା | |
|---|---|---|---|---|---|---|---|---|---|---|---|---|
| | ପ୍ରକୃତ (°ସେ) | ସ୍ୱାଭାବିକ (°ସେ) | ପାର୍ଥକ୍ୟ (°ସେ) | ପ୍ରକୃତ (°ସେ) | ସ୍ୱାଭାବିକ (°ସେ) | ପାର୍ଥକ୍ୟ (°ସେ) | ବୃଷ୍ଟିପାତ ମି.ମି. | ତୁଷାରପାତ ସେ.ମି. | ବୃଷ୍ଟିପାତ | ତୁଷାରପାତ | ୮.୩୦ (%) | ୧୭.୩୦ (%) |
| ଶ୍ରୀନଗର | ୬.୫ | ୮.୯ | -୨.୪ | ୦.୨ | -୦.୭ | ୦.୯ | TR | ୦.୦ | ୧୩.୪ | ୨.୪ | ୮୯ | ୮୯ |
| କାଜିଗଣ୍ଡ | ୩.୨ | ୮.୫ | -୫.୩ | -୦.୪ | -୨.୧ | ୧.୭ | ୧୧.୮ | ୧୦.୦ | ୩୬.୨ | ୨୨.୦ | ୯୭ | ୯୦ |
| ପହଲଗାମ | ୧.୧ | ୫.୬ | -୪.୫ | -୪.୧ | -୬.୧ | ୨.୦ | ୬.୦ | ୮.୦ | ୧୯.୪ | ୨୩.୦ | ୯୬ | ୯୬ |
| କୁପୱାରା | ୫.୧ | ୮.୫ | -୩.୪ | -୦.୭ | -୨.୩ | ୧.୬ | ୦.୫ | ୦.୦ | ୨୧.୯ | ୧୦.୦ | ୯୭ | ୯୪ |
| କୁକେରେନାଗ | ୨.୬ | ୬.୬ | -୪.୦ | -୧.୪ | -୨.୪ | ୧.୦ | ୧୨.୦ | ୮.୦ | ୩୫.୨ | ୩୦.୦ | ୯୬ | ୯୭ |
| ଗୁଲମାର୍ଗ | -୨.୬ | ୧.୪ | -୪.୦ | -୭.୬ | -୭.୬ | ୦.୦ | ୮.୨ | ୬.୩୫ | ୩୫.୨ | ୩୫.୦ | ୭୬ | ୧୦୦ |
| ମୁଜାଫରବାଦ | ୮.୫ | – | – | ୫.୬ | – | – | – | – | ୨୫.୮ | – | ୯୩ | – |

୫. ନିମ୍ନରେ ଭାରତ ପାଣିପାଗ ବିଭାଗରୁ ଉଦ୍ଧୃତ ଏକ ଚାର୍ଟ (ସାରଣୀ) ପ୍ରଦାନ କରାଯାଇଛି। ତା ୦୧.୦୫.୨୦୨୫ରିଖ ପାଇଁ ପ୍ରଦତ୍ତ ତଥ୍ୟ ଆଧାରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ପାଗ ପରିସ୍ଥିତି ସମ୍ବନ୍ଧରେ ସଂକ୍ଷିପ୍ତ ଲେଖାଟିଏ ପ୍ରସ୍ତୁତ କର।

(ସୂଚନା : ତାପ ବ୍ୟବଧାନ, ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା, ଆର୍ଦ୍ରତା, ବର୍ଷଣ ଆଦି ବିଷୟରେ ଚର୍ଚ୍ଚା କର।)

## ଦୈନିକ ପାଗ ମାପଦଣ୍ଡ (ଓଡ଼ିଶାର ବିଭିନ୍ନ ପ୍ରାନ୍ତ)
## ତା ୦୧.୦୫.୨୦୨୫ ରିଖ

| ସ୍ଥାନ | ସର୍ବାଧିକ ତାପମାତ୍ରା( °C) | | | ସର୍ବନିମ୍ନ ତାପମାତ୍ରା( °C) | | | ୦୮.୩୦ ଠାରୁ ୧୭.୩୦ ପର୍ଯ୍ୟନ୍ତ (ମି.ମି. / ସେ.ମି.) | ୦୮.୩୦ ମଧ୍ୟରେ ପୂର୍ବ ୨୪ ଘଣ୍ଟା ମଧ୍ୟରେ ହୋଇଥିବା ବୃଷ୍ଟିପାତ (ମି.ମି. / ସେ.ମି.) | ଆପେକ୍ଷିକ ଆର୍ଦ୍ରତା | |
|---|---|---|---|---|---|---|---|---|---|---|
| | ପ୍ରକୃତ (°ସେ) | ସ୍ୱାଭାବିକ (°ସେ) | ପାର୍ଥକ୍ୟ (°ସେ) | ପ୍ରକୃତ (°ସେ) | ସ୍ୱାଭାବିକ (°ସେ) | ପାର୍ଥକ୍ୟ (°ସେ) | ବୃଷ୍ଟିପାତ ମି.ମି. | ବୃଷ୍ଟିପାତ ମି.ମି. | ୮.୩୦ (%) | ୧୭.୩୦ (%) |
| ଭୁବନେଶ୍ୱର | ୩୫.୩ | ୩୭.୭ | -୨.୪ | ୨୩.୪ | ୨୬.୪ | -୩.୦ | ୦.୦ | ୦.୦ | ୭୦ | ୫୮ |
| ପାରାଦ୍ୱୀପ | ୩୩.୩ | ୩୨.୬ | +୦.୭ | ୨୪.୭ | ୨୬.୯ | -୨.୨ | ୦.୦ | ୦.୦ | ୬୪ | ୭୦ |
| ବାଲେଶ୍ୱର | ୩୪.୨ | ୩୬.୨ | -୨.୦ | ୨୩.୭ | ୨୫.୪ | -୧.୭ | ୦.୦ | ୦.୦ | ୭୦ | ୭୧ |
| ସମ୍ବଲପୁର | ୩୮.୭ | ୪୦.୧ | -୧.୪ | ୨୪.୩ | ୨୪.୨ | +୦.୧ | ୦.୦ | ୦.୧ | ୬୪ | ୪୧ |
| ଚାନ୍ଦବାଲି | ୩୪.୨ | ୩୭.୯ | -୩.୭ | ୨୩.୭ | ୨୫.୯ | -୨.୨ | ୦.୦ | ୦.୦ | ୭୧ | ୬୭ |
| ଗୋପାଳପୁର | ୩୨.୧ | ୩୨.୫ | -୦.୪ | ୨୩.୮ | ୨୬.୩ | -୨.୫ | ୦.୦ | ୦.୦ | ୭୬ | ୭୦ |
| ପୁରୀ | ୩୨.୭ | ୩୨.୯ | -୦.୨ | ୨୫.୦ | ୨୭.୪ | -୨.୪ | ୦.୦ | ୦.୦ | ୭୧ | ୭୦ |
| ଝାରସୁଗୁଡ଼ା | ୩୮.୦ | ୪୦.୭ | -୨.୭ | ୨୨.୮ | ୨୬.୧ | -୩.୩ | ୦.୦ | ୦.୦ | ୫୫ | ୩୫ |
| କେନ୍ଦୁଝର | ୩୨.୮ | ୩୭.୨ | -୪.୪ | ୨୦.୬ | ୨୩.୧ | -୨.୫ | Trace | ୦.୦ | ୭୨ | ୫୬ |
| ହୀରାକୁଦ | ୩୬.୭ | ୩୯.୫ | -୨.୮ | ୨୨.୬ | ୨୫.୨ | -୨.୬ | ୦.୦ | ୦.୦ | ୬୪ | ୪୧ |

ଟିପ୍ପଣୀ : ACT ଅର୍ଥ ପ୍ରକୃତ, NOR ଅର୍ଥ ସ୍ୱାଭାବିକ, DEP ଅର୍ଥ ସ୍ୱାଭାବିକରୁ କମ୍/ଅଧିକ, R/F ହେଉଛି ବର୍ଷା TR ନଗଣ୍ୟ ପରିମାଣ, S/N ତୁଷାରପାତ।

**Note :** ACT - Actual, NOR - Normal, DEP - Departure from Normal, R/F - Rainfall, S/N - Snowfall, TR - Trace Amount

# ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୩

# ଭାରତର ଜଳବାୟୁ

କାଳେ ବର୍ଷତୁ ପର୍ଜନ୍ୟଃ ପୃଥିବୀ ଶସ୍ୟଶାଳିନୀ
ଦେଶୋୟଂ କ୍ଷୋଭ ରହିତଃ ବ୍ରାହ୍ମଣାଃ ସନ୍ତୁ ନିର୍ଭୟାଃ ।
ଅର୍ଥାତ୍ :- ନିୟମିତ ବୃଷ୍ଟି ହେଉ, ପୃଥିବୀ ଶସ୍ୟଶ୍ୟାମଳା ହେଉ ଆମ ଦେଶ ସମସ୍ତ ଅଶାନ୍ତିରୁ ମୁକ୍ତରହୁ । ସଜ୍ଜନମାନେ ନିର୍ଭୟ ହୁଅନ୍ତୁ ।

ସୁଭାଷିତ



ଚିତ୍ର ୩.୧

## ଆସ ଚିନ୍ତା କରିବା ?

୧. କେଉଁ କାରଣରୁ ଭାରତର ଜଳବାୟୁରେ ବିବିଧତା ଦେଖାଯାଏ ?
୨. ମୌସୁମୀ କ'ଣ ? ଏହା କିପରି ସୃଷ୍ଟି ହୁଏ ?
୩. ଅର୍ଥନୀତି, ସଂସ୍କୃତି ଏବଂ ସମାଜ ଉପରେ ଜଳବାୟୁ କି ପ୍ରଭାବ ପକାଇଥାଏ ?
୪. ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଜନିତ ପ୍ରସ୍ତୁତି ପାଇଁ ଜଳବାୟୁ ସମ୍ବନ୍ଧୀୟ ଜ୍ଞାନ କିପରି ସହାୟକ ହୋଇଥାଏ ?
୫. ଜଳବାୟୁ ପରିବର୍ତ୍ତନ କ'ଣ ? ଏହାର କି କି ପରିଣାମ ରହିଛି ?

# ପାଗ, ଋତୁ ଓ ଜଳବାୟୁ

ଲୋକମାନେ ପ୍ରତିଦିନ କଥାବାର୍ତ୍ତା ହେଲାବେଳେ 'ଜଳବାୟୁ' ଶବ୍ଦଟି ବ୍ୟବହାର କରିଥାନ୍ତି। ପ୍ରକୃତପକ୍ଷେ ଜଳବାୟୁ ନୁହେଁ, ବରଂ ସେମାନେ ପାଗ ବିଷୟରେ ଉଲ୍ଲେଖ କରିଥାନ୍ତି, ତେବେ ପାଗ ଓ ଜଳବାୟୁ ମଧ୍ୟରେ କି ପାର୍ଥକ୍ୟ ରହିଛି ? ଆମେ ପ୍ରତି ସମୟରେ ବା ପ୍ରତିଦିନ ଅନୁଭବ କରୁଥିବା ବାୟୁମଣ୍ଡଳର ଅବସ୍ଥାକୁ 'ପାଗ' କୁହାଯାଏ। କେତେବେଳେ ବର୍ଷା, କେତେବେଳେ ପ୍ରଚଣ୍ଡ ଖରା, ବେଗଶାଳୀ ପବନ ଆଦି ପାଗକୁ ବୁଝାଏ। ପାଣିପାଗ ସର୍ବଦା ପରିବର୍ତ୍ତନଶୀଳ। ତୁମେ ଲକ୍ଷ କରିଥିବ, ପ୍ରତ୍ୟେକ ଦିନର ସକାଳ, ଖରାବେଳ, ସନ୍ଧ୍ୟା ଓ ରାତି ସମୟର ପାଗ ଅଲଗା ହୋଇଥାଏ। ମାତ୍ର ଜଳବାୟୁ, କୌଣସି ଅଞ୍ଚଳର ବହୁବର୍ଷ ବ୍ୟାପି (ଦଶନ୍ଧି ଦଶନ୍ଧିଧରି) ପାଣିପାଗର ହାରାହାରି ଅବସ୍ଥାକୁ ବୁଝାଇ ଥାଏ। ଅଞ୍ଚଳ ଭିତ୍ତିରେ ଜଳବାୟୁରେ ଭିନ୍ନତା ଦେଖାଯାଏ।

ବିଭିନ୍ନ ପ୍ରକାର ଜଳବାୟୁ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆସ ବିଭିନ୍ନ ଋତୁ ବିଷୟରେ ପରିଚିତ ହେବା। ପୃଥିବୀ ସୂର୍ଯ୍ୟଙ୍କ ପରିକ୍ରମଣ କରିବା କାରଣରୁ ଋତୁ ସମ୍ଭବ ହୋଇଥାଏ। ପ୍ରତ୍ୟେକ ଋତୁ କିଛି ମାସ ପାଇଁ ରହେ ଓ ପ୍ରତିବର୍ଷ ପୁନଶ୍ଚ କ୍ରମାନୁସାରେ ଆସିଥାଏ। ଏକ ବର୍ଷରେ ଅନେକଗୁଡ଼ିଏ ଋତୁ ରହିଛି ବୋଲି ଆମେ ଜାଣିଛେ। ଯଥା– ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ ଓ ଶୀତ। ଏହି ଋତୁଗୁଡ଼ିକ ନିର୍ଦ୍ଦିଷ୍ଟ କ୍ରମରେ ଚକ୍ରଗତି କରିଥାନ୍ତି। ଋତୁଗୁଡ଼ିକ ପାଗ ସହ ନା ଜଳବାୟୁ ସହ ସମ୍ପର୍କୀତ ? ଏହାର ଉତ୍ତର; ଉଭୟ।

ଋତୁ ସହ ପାଗରେ ପରିବର୍ତ୍ତନ ହୋଇଥାଏ। ଅର୍ଥାତ୍ ଗ୍ରୀଷ୍ମକାଳରେ ପାଗ ଶୁଷ୍କ ଓ ଉଷ୍ଣ, ବର୍ଷା ଋତୁରେ ପାଗ ବୃଷ୍ଟିପାତ ସହ ଆର୍ଦ୍ର ରହିଥାଏ। ପୁନଶ୍ଚ କୌଣସି ଅଞ୍ଚଳରେ ଋତୁକ୍ରମ ଜଳବାୟୁ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପୃଥିବୀର ଅଧିକାଂଶ ଅଞ୍ଚଳରେ ବସନ୍ତ, ଗ୍ରୀଷ୍ମ, ଶରତ ଓ ଶୀତ ଏହି ଚାରିଗୋଟି ଋତୁ ଅନୁଭୂତ ହୋଇଥାଏ। ତେବେ ଭାରତ ବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତ ପାଇଥାଏ। ସୁତରାଂ ଏଠାରେ ଉପରୋକ୍ତ ଚାରିଗୋଟି ଋତୁ ବ୍ୟତୀତ 'ବର୍ଷା ଋତୁ' ବା ମୌସୁମୀ ଅନୁଭୂତ ହୁଏ।



ଚିତ୍ର ୩.୨

ପାରମ୍ପରିକ ଭାବେ ଭାରତର ବହୁ ଅଞ୍ଚଳରେ ଏକବର୍ଷକୁ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଓ ଶୀତ ଭଳି ଛଅଗୋଟି ଋତୁରେ ବିଭକ୍ତ କରାଯାଇଛି।

ପ୍ରତ୍ୟେକ ଋତୁ ସହ ବସନ୍ତ ପଞ୍ଚମୀ ବା ଶରଦ ପୂର୍ଣ୍ଣିମା ଭଳି ନିର୍ଦ୍ଦିଷ୍ଟ ରୀତି ନୀତି ଓ ପର୍ବପର୍ବାଣୀ ଜଡ଼ିତ। ତୁମ ଚତୁଃପାର୍ଶ୍ୱରେ ପୃଥିବୀକୁ ଲକ୍ଷ୍ୟ କଲେ ଜାଣି ପାରିବ ଯେ, ମଣିଷ, ଉଦ୍ଭିଦ ଓ ପ୍ରାଣୀମାନଙ୍କର

ଜୀବନ ଋତୁ ସହ ତାଳ ଦେଇ ଗତି କରିଥାଏ । ଆମେ ଉତ୍ପାଦନ କରୁଥିବା ଶସ୍ୟ, ଖାଉଥିବା ଖାଦ୍ୟ ଓ ପିନ୍ଧୁଥିବା ବସ୍ତ୍ର ଆଦି, ଋତୁ ସହ ପରିବର୍ତ୍ତନ ହୋଇଥାଏ । ଅଞ୍ଚଳ ଭିତ୍ତିରେ କେତେକ ସ୍ଥାନର ଗଛଲତାଗୁଡ଼ିକ ବସନ୍ତ ଋତୁରେ ଫୁଲରେ ସଜାଇ ହୋଇଥାନ୍ତି । ଅନ୍ୟ କିଛି ସ୍ଥାନରେ ଶରତ ତଥା ହେମନ୍ତ ଋତୁରେ ବୃକ୍ଷଗୁଡ଼ିକ ପତ୍ରଝଡ଼ା ଦେଇଥାନ୍ତି ବା ସେମାନଙ୍କ ରୂପରଙ୍ଗରେ ପରିବର୍ତ୍ତନ ଆସିଥାଏ । ଶୀତ ଋତୁରେ କେତେକ ପ୍ରାଣୀଙ୍କ ଦେହରେ ଅଧିକ ଲୋମ କଅଁଳି ଥାଏ ।

## ଆସ ଅନୁସନ୍ଧାନ କରିବା



→ ତୁମର ପ୍ରିୟ ଋତୁଟି କଣ ? ଏହାର କାରଣ ବୁଝାଇ ଏକ ସଂକ୍ଷିପ୍ତ ରଚନା ଲେଖ ।

→ ତୁମ ଶ୍ରେଣୀର ତିନି ଚାରିଜଣ ପିଲାମିଶି ଗୋଟିଏ ଗୋଟିଏ ଦଳ ଗଠନ କର ।

ଋତୁ ବିଷୟରେ ତୁମ ଅଞ୍ଚଳରେ ସଂଗଠିତ ନିର୍ଦ୍ଦିଷ୍ଟ ଘଟଣାବଳୀଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର । ସେହି ଘଟଣା ସମ୍ବନ୍ଧିତ ସଙ୍ଗୀତ, ଭୋଜିଭାତରେ ହେଉଥିବା ସ୍ୱତନ୍ତ୍ର ଖାଦ୍ୟ, ତଥା ଚଳଣୀ ଆଦି ବିଷୟରେ ତଥ୍ୟ ସଂଗ୍ରହ କର । ଏହି ତଥ୍ୟଗୁଡ଼ିକୁ ଲିପିବଦ୍ଧ କର ଏବଂ ତୁମର ଉପଲବ୍ଧିକୁ ଶ୍ରେଣୀଗୃହରେ ଆଲୋଚନା କର ।

→ ଶୀତ ଋତୁ ଆସିବା ପୂର୍ବରୁ ତୁମ ଅଞ୍ଚଳର କେଉଁ ବୃକ୍ଷଗୁଡ଼ିକ ସେମାନଙ୍କର ରୂପ ରଙ୍ଗ ବଦଳାଇଥାନ୍ତି ? ଏହି ସମୟରେ କିଛି ବୃକ୍ଷ, ପତ୍ରଝଡ଼ା ଦେଇଥାନ୍ତି କି ? ଏପରି କାହିଁକି ହୁଏ ବୋଲି ଭାବୁଛ ? ସେହି ଗଛଗୁଡ଼ିକୁ ଚିହ୍ନଟ କର ଏବଂ ସେଗୁଡ଼ିକର ସ୍ଥାନୀୟ ନାମ ଲେଖ ।

ସାଧାରଣ ଭାବେ ଜଳବାୟୁ ଦୀର୍ଘ ସମୟ ଧରି ସ୍ଥିର ରହିଥାଏ । ତେବେ ବିଗତ କିଛି ଦଶନ୍ଧି ଧରି ବୈଜ୍ଞାନିମାନେ ଜଳବାୟୁରେ ପରିବର୍ତ୍ତନ ହେଉଥିବାର ତଥ୍ୟ ସଂଗ୍ରହ କରିଛନ୍ତି । ଅଧ୍ୟୟନରୁ ଜଣାପଡ଼ିଛି ଯେ ମାନବୀୟ କାର୍ଯ୍ୟକଳାପ ହିଁ ଅଧିକାଂଶ ପରିବର୍ତ୍ତନର ମୁଖ୍ୟ କାରଣ ।

### ଆସ ସାରାଂଶ ଜାଣିବା

- ଆମେ ଦୈନନ୍ଦିନ ଅନୁଭବ କରୁଥିବା ପବନ, ବର୍ଷା, ଗରମ, ଶୁଷ୍କତା ଆଦିକୁ ପାଗ କୁହାଯାଏ ।
- ପ୍ରତି ବର୍ଷ ଋତୁର ପୁନରାଗମନ ହୋଇଥାଏ ଏବଂ ଋତୁ ବିଶେଷରେ ଗୋଟିଏ ସ୍ଥାନର ପାଗ ଭିନ୍ନ ଭିନ୍ନ ହୋଇଥାଏ ।
- ଜଳବାୟୁ କୌଣସି ଅଞ୍ଚଳର ଏକ ଦୀର୍ଘକାଳୀନ ଧାରା । ପୃଥିବୀରେ ବିଭିନ୍ନ ପ୍ରକାରର ଜଳବାୟୁ ଅନୁଭୂତ ହୁଏ । ଆସ ଭାରତରେ ଅନୁଭୂତ ବିଭିନ୍ନ ଜଳବାୟୁ ସମ୍ବନ୍ଧରେ ଜାଣିବା

# ଭାରତର ବିଭିନ୍ନ ପ୍ରକାର ଜଳବାୟୁ

ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ ବୋଲି ଆମେ ଜାଣିଛେ । ଏହା ମଧ୍ୟ ଜଳବାୟୁ କ୍ଷେତ୍ରରେ ପ୍ରଯୁଜ୍ୟ । ଉତ୍ତରସ୍ଥ ହିମାଳୟ ପାର୍ବତ୍ୟାଞ୍ଚଳର ଉଚ୍ଚ ଭାଗରେ ଆଲ୍‌ପୀୟ ଜଳବାୟୁ ଅନୁଭୂତ ହୁଏ । ଏହି ଅଞ୍ଚଳଟି ଶୀତଦିନେ ବେଶ୍ ଥଣ୍ଡା ଓ ତୁଷାରପାତ ହୋଇଥାଏ । ଗ୍ରୀଷ୍ମକାଳରେ ଶୀତଳ ଜଳବାୟୁ ଅନୁଭୂତ ହୁଏ (ଆଲ୍‌ପୀୟ ଶବ୍ଦଟି ୟୁରୋପରେ ଅବସ୍ଥିତ 'ଆଲପସ୍' ପର୍ବତମାଳାରୁ ଆସିଅଛି) । ଏହି ଠାରେ ହିଁ ସବୁଠାରୁ ମୋଟା ଶୀତବସ୍ତ୍ର ବ୍ୟବହୃତ ହୋଇଥାଏ ।

- ହିମାଳୟର ନିମ୍ନଭାଗରେ ତଥା ଭାରତର ଅନେକ ପାହାଡ଼ିଆ ଅଞ୍ଚଳରେ ନାତିଶୀତୋଷ୍ଣ ଜଳବାୟୁ ଅନୁଭୂତ ହୁଏ । ଏଠାରେ ଶୀତଦିନେ ମଧ୍ୟମ ଧରଣର ଶୀତ ଓ ଗ୍ରୀଷ୍ମକାଳରେ ଅଧିକ ଗରମ ହୋଇନଥାଏ । ସେଥିପାଇଁ ଏଠାରେ ଶୈଳନିବାସ ମାନ ଦେଖାଯାଏ । ନିମ୍ନସ୍ଥ ସମତଳ ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକମାନେ ଗରମରୁ ରକ୍ଷା ପାଇବା ପାଇଁ ବାରମ୍ବାର ଏହି ଅଞ୍ଚଳକୁ ଆସିଥାନ୍ତି ।



ଚିତ୍ର ୩.୩

- ଉତ୍ତରସ୍ଥ ସମତଳ ଭୂମିରେ ଉପକ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୁଏ । ଏଠାକାର ଗ୍ରୀଷ୍ମଋତୁ ଉତ୍ତପ୍ତ ଏବଂ ଶୀତ ଋତୁ ବେଶ୍ ଥଣ୍ଡା । ଏହି ଅଞ୍ଚଳରେ ଭାରତର ସର୍ବାଧିକ ଗହମ ଚାଷ ହୋଇଥାଏ ।
- ପଶ୍ଚିମସ୍ଥ ଥର ମରୁଭୂମିର ଜଳବାୟୁ ଅତି ଶୁଷ୍କ । ଏଠାରେ ଦିନବେଳା ଅଧିକ ଗରମ ଓ ରାତିରେ ଶୀତ ଏବଂ ଅତିକମ୍ ବୃଷ୍ଟିପାତ ହୋଇଥାଏ । ଏହି ଅଞ୍ଚଳର ଅଧିବାସୀମାନେ ଜଳ ସଂଗ୍ରହ ଓ ସଞ୍ଚୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ବିକାଶ କରିଛନ୍ତି ।
- ପଶ୍ଚିମ ଉପକୂଳ ଅଞ୍ଚଳ, ମୌସୁମୀ ମାସରେ ପ୍ରଚୁର ବୃଷ୍ଟିପାତ ପାଇଥାଏ । ଏଠାରେ ଆର୍ଦ୍ର କ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୁଏ ଯାହା ଧାନ ଓ ବିଭିନ୍ନ ମସଲା ଆଦି ଚାଷ କରିବାପାଇଁ ବେଶ୍ ଅନୁକୂଳ ।
- କେନ୍ଦ୍ରୀୟ ଡେକାନ୍ ମାଳଭୂମିରେ ଅର୍ଦ୍ଧଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଏଠାକାର ଗ୍ରୀଷ୍ମ ଋତୁରେ ଗରମ, ଶୀତ ଋତୁରେ ହାଲୁକା ଶୀତ ଓ ବର୍ଷା ଋତୁରେ ମଧ୍ୟମ ଧରଣର ବର୍ଷା ହୋଇଥାଏ ।
- ପୂର୍ବ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପରେ କ୍ରାନ୍ତୀୟ ଜଳବାୟୁ ଅନୁଭୂତ ହୋଇଥାଏ । ଏଠାରେ ମୃଦୁ ଶୀତଋତୁ ଓ ମୌସୁମୀ ବାୟୁଦ୍ୱାରା ନିୟନ୍ତ୍ରିତ ନିର୍ଦ୍ଦିଷ୍ଟ ଶୁଷ୍କ ଓ ଆର୍ଦ୍ର ଋତୁ ବା ସମୟ ପରିଲକ୍ଷିତ ହୁଏ । (ସବିଶେଷ ଚର୍ଚ୍ଚା ପରେକରାଯାଇଛି) ।

ଟିପ୍ପଣୀ : ପରବର୍ତ୍ତୀ ସମୟରେ ତୁମେ କ୍ରାନ୍ତୀୟ ଏବଂ ଉପକ୍ରାନ୍ତୀୟ ଶବ୍ଦ ଦ୍ୱୟର ଅର୍ଥ ଜାଣିପାରିବ । ଦୁଇଟି ସ୍ୱତନ୍ତ୍ର ସମାକ୍ଷରେଖା ଯଥା କର୍କଟକ୍ରାନ୍ତି ଓ ମକରକ୍ରାନ୍ତି ସହ ଏଗୁଡ଼ିକ ସମ୍ପର୍କିତ ।

## ଜଳବାୟୁ ନିୟନ୍ତ୍ରଣକାରୀ କାରଣ/ନିୟାମକ

କେଉଁ କାରଣରୁ ଜଳବାୟୁରେ ଭିନ୍ନତା ଦେଖାଯାଏ ? ଏଥିପାଇଁ ବିଭିନ୍ନ କାରଣ ଦାୟୀ । ତନ୍ମଧ୍ୟରୁ କେତେକ ଜାଗତିକ ସ୍ତରର ହୋଇଥିବାବେଳେ ଅନ୍ୟଗୁଡ଼ିକ ଆଞ୍ଚଳିକ ଏପରିକି ସ୍ଥାନୀୟ କାରଣରୁ ହୋଇଥାଏ । ଆସ କେତେକଙ୍କ ସମ୍ବନ୍ଧରେ ଅନୁଧ୍ୟାନ କରିବା ।


### (କ) ଅକ୍ଷାଂଶ

#### ଆସ ମନେରଖିବା



୬ଷ୍ଠ ଶ୍ରେଣୀରେ ତୁମେ ଅକ୍ଷାଂଶ ବିଷୟରେ ପଢ଼ିଛ । ବିଷୁବ ରେଖାଠାରୁ କୌଣସି ସ୍ଥାନର ଦୂରତା ଆମେ ଅକ୍ଷାଂଶ ଦ୍ୱାରା ମାପିଥାଉ । ବିଷୁରେଖାଠାରୁ କୌଣସି ସ୍ଥାନ ଯେତେଦୂରରେ (ଉତ୍ତରକୁ ବା ଦକ୍ଷିଣକୁ) ଥାଏ, ତାହାର ଅକ୍ଷାଂଶ ବୃଦ୍ଧି ପାଇଥାଏ । ଏକଥା ତୁମର ମନେ ଅଛି କି ? ବିଷୁରେଖାଠାରେ ଜଳବାୟୁ ଅତି ଉଷ୍ଣ । ଅକ୍ଷାଂଶ ବୃଦ୍ଧି ପାଇବା ସହ ଏହା ନାତିଶୀତୋଷ୍ଣ ଓ ପରେ ଅତି ଥଣ୍ଡା ବା ହିମ ଜଳବାୟୁରେ ପରିଣତ ହୋଇଥାଏ । ଏପରି କାହିଁକି ହୁଏ ?

ବିଷୁବରେଖା ନିକଟବର୍ତ୍ତୀ ନିମ୍ନ ଅକ୍ଷାଂଶ ଅଞ୍ଚଳର ଜଳବାୟୁ ଉଷ୍ଣ ଓ ମେରୁ ଅଞ୍ଚଳ (ଉଚ୍ଚ ଅକ୍ଷାଂଶ)ରେ ଏହା ଅଧିକ ଥଣ୍ଡା । ସୌର ରଶ୍ମିର ପତନ କୋଣରେ ତାରତମ୍ୟ ଯୋଗୁଁ ଏପରି ହୋଇଥାଏ । ବିଷୁବ ରେଖାଠାରେ ଲମ୍ବକିରଣ ପଡ଼ିଥାଏ ଓ ଏହାର ସମସ୍ତ ଶକ୍ତି ଭୂପୃଷ୍ଠର ଅଳ୍ପ ଅଞ୍ଚଳରେ କେନ୍ଦ୍ରୀତ ହୋଇଥାଏ ।





ଚିତ୍ର : ୩.୪ ସୌରବିକିରଣ

ମେରୁ ଅଞ୍ଚଳରେ ସୌରରଶ୍ମି ତୀର୍ଯ୍ୟକ ଭାବେ ପଡ଼ିଥାଏ । ଫଳତଃ ସୌର ରଶ୍ମି ଅଧିକ ଅଞ୍ଚଳରେ ବିଛାଡ଼ି ହୋଇ ପଡ଼ିଥାଏ । ତୀର୍ଯ୍ୟକ ରଶ୍ମୀ ବହୁବାଟ ଦେଇ ଆସୁଥିବାରୁ ଶକ୍ତି ଅପଚୟ ମଧ୍ୟ ଘଟିଥାଏ । ଫଳତଃ ମେରୁ ଅଞ୍ଚଳରେ ବିଷୁବ ଅଞ୍ଚଳ ଅପେକ୍ଷା କମ୍ ତାପ ସଂଗୃହୀତ ହୋଇଥାଏ । ଭାରତରେ ମଧ୍ୟ ଆମେ ଏହି ପ୍ରକାର ସ୍ଥିତି ଦେଖି ପାରିବା । ବିଷୁବରେଖା ନିକଟବର୍ତ୍ତୀ କନ୍ୟାକୁମାରୀ ଓ ନିକୋବର ଦ୍ୱୀପପୁଞ୍ଜରେ ବର୍ଷ ସାରା ଉଷ୍ଣ ବା ଗରମ ଜଳବାୟୁ ଅନୁଭୂତ ହୁଏ । ତେବେ ଉତ୍ତରରେ ଅବସ୍ଥିତ ଶ୍ରୀନଗରର ଜଳବାୟୁ ବେଶ୍ ଶୀତଳ ।

## (ଖ) ସମୁଦ୍ର ପତ୍ତନରୁ ଉଚ୍ଚତା

ଆଗରୁ ଆମେ ଶୈଳନିବାସଗୁଡ଼ିକ ବିଷୟରେ ଆଲୋଚନା କରିଛେ । ସେଠାକାର ଶୀତଳ ଜଳବାୟୁ ଯୋଗୁଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ଭାରତରେ ମୁନ୍ନାର, ଥେନି, ଉଦ୍‌ଗାମଣ୍ଡଳମ୍ (ଉଟି), ମାଡ଼ିକେରୀ, ମହାବଳେଶ୍ୱର, ମାଉଣ୍ଟଆବୁ, ସିମଳା, ନୈନିତାଲ, ଦାର୍ଜିଲିଂ, ଦାରିଙ୍ଗିବାଡି ଆଦି ଅନେକ ଶୈଳନିବାସ ରହିଛି । ଏହି ଶୈଳ ନିବାସଗୁଡ଼ିକ ନିମ୍ନସ୍ଥ ସମତଳ ଅଞ୍ଚଳଠାରୁ ଅପେକ୍ଷାକୃତ ଅଧିକ ଉଚ୍ଚରେ ଅବସ୍ଥିତ ବୋଲି ଆମେ ଜାଣିଛେ । ତେବେ, ସେ ସବୁସ୍ଥାନର ଶୀତଳ ତାପମାତ୍ରାକୁ ଏହାଦ୍ୱାରା କିପରି ବୁଝିହେବ ? ଏହାର ସମ୍ପୂର୍ଣ୍ଣ ଉତ୍ତର ତୁମେ ପରବର୍ତ୍ତୀ ସମୟରେ ବିଜ୍ଞାନ ପାଠରେ ପଢ଼ିବ ।

ତେବେ ଏବେ ଜାଣିଥାଅ ଯେ, ଉଚ୍ଚତା ବୃଦ୍ଧି ସହ ତାପମାତ୍ରା ହ୍ରାସ ପାଇଥାଏ ।





ଚିତ୍ର ୩.୫

୧. ଉଚ୍ଚତା ବୃଦ୍ଧି ସହ ବାୟୁଚାପ ତଥା ବାୟୁର ଘନତା ହ୍ରାସ ପାଇଥାଏ । (ଏ ବିଷୟରେ ଆମେ "ଆସ ପାଣିପାଗ କ'ଣ ବୁଝିବା" ଏହି ଅଧ୍ୟାୟରେ ଜାଣିଛେ) ଏବଂ ବାୟୁର ଘନତା ହ୍ରାସ ପାଇବା ସହ ଏହା କ୍ରମଶଃ ଶୀତଳ ହୋଇଯାଏ ।

୨. ଭୂପୃଷ୍ଠ ସୂର୍ଯ୍ୟଙ୍କ ଦ୍ୱାରା ଉତ୍ତପ୍ତ ହୋଇଥାଏ ଏବଂ ଏହି ତାପକୁ ବାୟୁମଣ୍ଡଳକୁ ଛାଡ଼ିଥାଏ । ଭୂପୃଷ୍ଠରୁ ଅଧିକ ଉଚ୍ଚରେ ଥିବା ସ୍ଥାନମାନଙ୍କରେ ବାୟୁ କମ୍ ଗରମ ହୋଇଥାଏ । ହିମାଳୟ ଏତେ ଉଚ୍ଚ ଯେ ଅଧିକାଂଶ ଶୃଙ୍ଗରେ ତାପମାତ୍ରା ହିମାଙ୍କ ତଳେ ରହିଥାଏ । ଫଳତଃ ଏଗୁଡ଼ିକ ବର୍ଷସାରା ତୁଷାରାଚ୍ଛନ୍ନ ରହିଥାନ୍ତି ।

## ଆସ ଅନୁସନ୍ଧାନ କରିବା

ଉଦ୍‌ଗାମଣ୍ଡଳମ୍ (ଉଟି) ଓ କୋଇମ୍ବାଟୁର ସ୍ଥାନ ଦୁଇଟି ପ୍ରାୟ ସମାନ ଉଚ୍ଚତାରେ ଅବସ୍ଥିତ । ତେବେ ଉଟିଠାରେ ଗ୍ରୀଷ୍ମକାଳରେ ତାପମାତ୍ରାର ବ୍ୟବଧାନ ୧୦°–୨୫° ସେଲ୍‌ସିୟସ୍ ହୋଇଥିବାବେଳେ କୋଇମ୍ବାଟୁରରେ ଏହା ୨୫°–୩୮° ସେଲ୍‌ସିୟସ୍ । ଏହି ସ୍ଥାନ ଦୁଇଟି ମଧ୍ୟରେ ଏତେ ପରିମାଣରେ ତାପମାତ୍ରାରେ ପାର୍ଥକ୍ୟ ହୋଇଥାଏ କାହିଁକି ? ଏ ବିଷୟରେ ତୁମେ କ'ଣ ଚିନ୍ତା କରୁଛ ?



## (ଗ) ସମୁଦ୍ର ନିକଟତା

ଉପକୂଳ ଅଞ୍ଚଳର ତାପମାତ୍ରାରେ ବିଶେଷ ପାର୍ଥକ୍ୟ ନ ଥାଏ । ଏହି ଅଞ୍ଚଳରେ ଗ୍ରୀଷ୍ମ କାଳ ଅଧିକ ଗରମ ଓ ଶୀତକାଳ ଅଧିକ ଥଣ୍ଡା ହୋଇନଥାଏ । କାରଣ ସମୁଦ୍ର ତାପମାତ୍ରାର ନିୟନ୍ତ୍ରକ ଭାବେ କାର୍ଯ୍ୟ କରେ । ପ୍ରଦତ୍ତ ଚିତ୍ର ଏହି ପ୍ରସଙ୍ଗ ସମ୍ବନ୍ଧରେ ଆଲୋକପାତ କରୁଛି । ତୁମ ବିଜ୍ଞାନ ବହିରେ ଉପକୂଳବର୍ତ୍ତୀ ଅଞ୍ଚଳର ଜଳ ଏବଂ ସ୍ଥଳଭାଗ କିପରି ଉଷ୍ଣ ଓ ଶୀତଳ ହେଉଛି ଆଲୋଚନା ବେଳେ, ଏହାକୁ ଅଧିକଭାବେ ବୁଝାଯାଇଛି ।





ଚିତ୍ର ୩.୬

ଫଳସ୍ୱରୂପ, ଉପକୂଳ ଅଞ୍ଚଳ ସମଶୀତୋଷ୍ଣ ରହେ । ସମୁଦ୍ରଠାରୁ ଦୂରରେ ଥିବା ଅଭ୍ୟନ୍ତର ଅଞ୍ଚଳ ଆଡ଼କୁ ଗଲେ ଚରମ ତାପମାତ୍ରା ଅନୁଭୂତ ହୋଇଥାଏ । ଏହି ଅଞ୍ଚଳରେ ଗ୍ରୀଷ୍ମ କାଳରେ ତାପାମାତ୍ରା ଅଧିକ ଓ ଶୀତକାଳରେ ତାପମାତ୍ରା କମ୍ ରହେ । ଉଦାହରଣ ସ୍ୱରୂପ ମୁମ୍ବାଇ ଏବଂ ନାଗପୁର ପ୍ରାୟ ସମଉଚ୍ଚତାରେ ଅବସ୍ଥିତ । ମାତ୍ର ମୁମ୍ବାଇ ସମୁଦ୍ର ନିକଟରେ ଥିବାରୁ ଏହା ଗ୍ରୀଷ୍ମ କାଳରେ ଅପେକ୍ଷାକୃତ ଶୀତଳ (ପ୍ରାୟ ୩୨° ସେଲ୍‌ସିୟସ୍) ଓ ଶୀତକାଳରେ ମୃଦୁ ଶୀତଳ (ପ୍ରାୟ ୧୮° ସେଲ୍‌ସିୟସ୍) ରହିଥାଏ । ମାତ୍ର ନାଗପୁର ସମୁଦ୍ରଠାରୁ ଦୂରରେ ଥିବାରୁ ଏଠାରେ ଗ୍ରୀଷ୍ମକାଳର ତାପମାତ୍ର ୪୪° ସେଲ୍‌ସିୟସ୍ ଏବଂ ଶୀତ କାଳରେ ପ୍ରାୟ ୧୦° ସେଲ୍‌ସିୟସ୍ ତାପମାତ୍ରା ଅନୁଭୂତ ହୋଇଥାଏ । ଏଥିରୁ ଜାଣିପାରୁଥିବ ମୁମ୍ବାଇର ତାପମାତ୍ରା ବ୍ୟବଧାନ (ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ପାର୍ଥକ୍ୟ) ୧୪° ସେଲ୍‌ସିୟସ୍ ହୋଇଥିବାବେଳେ ନାଗପୁରଠାରେ ଏହା ୩୪° ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚିଯାଏ ।

## (ଘ) ପବନ

ପବନ ଶୀତଳ ଓ ଉଷ୍ଣ ବାୟୁ ରାଶିକୁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବୋହି ନେଇଥାଏ। ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଅଧିକାଂଶ ସମୟରେ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହୋଇଥାଏ। ଆରବ ଦେଶ ଓ ଆଫଗାନିସ୍ଥାନ ଅନ୍ତର୍ଗତ ମରୁଭୂମି ଉପରଦେଇ ପ୍ରବାହିତ ଏହି ବାୟୁ ଅତ୍ୟନ୍ତ ଶୁଷ୍କ ଓ ଉତ୍ତପ୍ତ। ମୁଖ୍ୟତଃ ଗ୍ରୀଷ୍ମ କାଳରେ ଏହି ରାଜ୍ୟ ଗୁଡ଼ିକରେ ପ୍ରଚଣ୍ଡ ଉଷ୍ଣ ଲହରୀ ପ୍ରବାହିତ ହୋଇଥାଏ। ଶୀତକାଳରେ ହିମାଳୟ ଅଞ୍ଚଳରୁ ଅତି ଶୀତଳ ବାୟୁ ସମତଳ ଅଞ୍ଚଳ ଆଡ଼କୁ ପ୍ରବାହିତ ହୋଇଥାଏ ଫଳରେ ଶୀତ ଲହରୀ ଅନୁଭୂତ ହୁଏ। ପବନ କେବଳ ତାପମାତ୍ରା ନୁହେଁ ବରଂ ଆର୍ଦ୍ରତା ଓ ବର୍ଷଣକୁ ପ୍ରଭାବିତ କରିଥାଏ। ହଜାର ହଜାର କିଲୋମିଟର ଦୂରରେ ଅବସ୍ଥିତ ମରୁଭୂମି ଉପର ଦେଇ ପ୍ରବାହିତ ଶୁଷ୍କ ବାୟୁ ବିଷୟରେ ଆମେ ପଢ଼ିଲେ। ସେହିପରି ସମୁଦ୍ର ଉପର ଦେଇ ପ୍ରବାହିତ ବାୟୁ ସ୍ଥଳଭାଗକୁ ଜଳୀୟ ବାଷ୍ପ ବହନ କରିଥାଏ ଏବଂ ବୃଷ୍ଟିପାତ ହେବାର ସମ୍ଭାବନା ଥାଏ। ଏ ବିଷୟରେ ଆମେ ଖୁବ୍ ଶୀଘ୍ର ମୌସୁମୀବାୟୁ ଅଧ୍ୟୟନରୁ ଜାଣିବା।




ଚିତ୍ର ୩.୭



### ଆସ ମନେରଖିବା

୬ଷ୍ଠ ଶ୍ରେଣୀ ବିଜ୍ଞାନ ପୁସ୍ତକ ଜିଜ୍ଞାସାରେ ତୁମେ ଜଳଚକ୍ର ବିଷୟରେ ପଢ଼ିଛ। ସମୁଦ୍ର ତଥା ଭୂପୃଷ୍ଠରୁ ଜଳ ବାଷ୍ପ ଆକାରରେ ବାୟୁମଣ୍ଡଳକୁ ପ୍ରବେଶ କରେ ଏବଂ ବୃଷ୍ଟି, କୁଆପଥର ଓ ତୁଷାର ଆଦି ଆକାରରେ ଭୂପୃଷ୍ଠକୁ ଫେରିଆସେ।

**ଭୂଆକୃତି (Topography) :** କୌଣସି ଅଞ୍ଚଳର ଭୂ-ପୃଷ୍ଠର ସାମଗ୍ରିକ ପ୍ରାକୃତିକ ଗଠନକୁ ଭୂ-ଆକୃତି କୁହାଯାଏ। ଏଥିରେ ପାହାଡ଼, ପର୍ବତ, ଉପତ୍ୟକା, ଢାଲୁ ତଥା ଉପକୂଳ ଆଦି ଭୂ-ରୂପ ରହିଥାଇପାରେ।

## ଭୂ-ଆକୃତି

ଶେଷରେ, କୌଣସି ଅଞ୍ଚଳର ନିୟନ୍ତ୍ରଣରେ ଭୂ-ଆକୃତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଉଦାହରଣ ସ୍ୱରୂପ- କେନ୍ଦ୍ରଏସିଆ ଅନ୍ତର୍ଗତ ଶୀତଳ ମରୁଭୂମିରୁ ବହୁଥିବା ପବନକୁ ହିମାଳୟ ଓ କାରାକୋରମ ପର୍ବତଶ୍ରେଣୀ ଭାରତୀୟ ଉପମହାଦେଶରେ ପ୍ରବେଶ କରିବାରେ ବାଧା ଦେଇଥାଏ। ଥର୍ ମରୁଭୂମିର ସମପ୍ରାୟ ଭୂମିରେ ପ୍ରବାହିତ ଥଣ୍ଡା ବା ଗରମ ପବନକୁ ବାଧା ଦେବାପାଇଁ କୌଣସି

ପ୍ରତିବନ୍ଧକ ନଥାଏ । ଭାରତର ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଉପରେ ପଶ୍ଚିମଘାଟ ପର୍ବତର କି ଭୂମିକା ରହିଛି ଆମେ ଏହା ପରେ ପଢ଼ିବା ।

**ଏସବୁକୁ ଏକାଠି କଲେ......**

କୌଣସି ଅଞ୍ଚଳର ଜଳବାୟୁ, ଆଲୋଚିତ ସମସ୍ତ ନିୟାମକଗୁଡ଼ିକ ଦ୍ୱାରା ସାମୁହିକ ଭାବେ ନିର୍ଦ୍ଧାରିତ ହୋଇଥାଏ । ଜଳବାୟୁ ବର୍ଣ୍ଣନାରେ  ସେ ଅଞ୍ଚଳର ତିନି ଦଶନ୍ଧିରୁ ଅଧିକ ବର୍ଷ ଧରି ତାପମାତ୍ରା, ବର୍ଷଣ (ବୃଷ୍ଟିପାତ, ତୁଷାରପାତ, କୁହୁଡ଼ି, ମିଷ୍ଟ୍ ବା ପତଳା କୁହୁଡ଼ି ଆଦି) ଏବଂ ପନର ଅବସ୍ଥା ଆଦି ଉପାଦାନ ଅନ୍ତର୍ଭୁକ୍ତ ହୋଇଥାଏ ।

ଅତି କ୍ଷୁଦ୍ର ଅଞ୍ଚଳରେ ସ୍ଥାନୀୟ ଭାବେ ଅନୁଭୂତ ଜଳବାୟୁକୁ ସୂକ୍ଷ୍ମ ଜଳବାୟୁ (Micro climate) କୁହାଯାଏ । ଏହି ଜଳବାୟୁ ଚତୁଃପାର୍ଶ୍ୱସ୍ଥ ଜଳବାୟୁ ଠାରୁ ଭିନ୍ନ ହୋଇଥାଏ ।

ଏଠାକାର ସୀମିତ ଅଞ୍ଚଳରେ ତାପମାତ୍ରା, ଆର୍ଦ୍ରତା ବର୍ଷଣ ଆଦିର ସ୍ୱତନ୍ତ୍ର ଧାରା ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ, ଆବଦ୍ଧ ଉପତ୍ୟକା ଓ କେତେକ ଅରଣ୍ୟ ଗୁଡ଼ିକର ନିଜସ୍ୱ ସୂକ୍ଷ୍ମ ଜଳବାୟୁ ରହିଛି । ସେହିପରି "ସହରୀ ତାପଦ୍ୱୀପ"(Urban Heat Island)ର ଉଦାହରଣ ନିଆଯାଇପାରେ । ସହରଗୁଡ଼ିକର ବାୟୁ ତାପମାତ୍ରା ଚତୁଃପାର୍ଶ୍ୱସ୍ଥ ଗ୍ରାମୀଣ ଅଞ୍ଚଳଠାରୁ ପ୍ରାୟତଃ ଅଧିକ ଉଷ୍ଣ ରହେ ।




ଚିତ୍ର ୩.୮ : ଆରାବଳୀ ଏବଂ ସହରୀ ତାପ ଦ୍ୱୀପପୁଞ୍ଜ

ସହରାଞ୍ଚଳରେ ବହୁସଂଖ୍ୟାରେ କୋଠାବାଡ଼ି ତଥା କଂକ୍ରିଟ୍‌ର ଅନ୍ୟାନ୍ୟ ନିର୍ମାଣ ସହ କମ୍ ଗଛଲତା ଦେଖାଯାଏ । ଏଗୁଡ଼ିକ ତାପ ଗ୍ରହଣ କରିଥାନ୍ତି ଓ ସହରକୁ ଅପେକ୍ଷାକୃତ ଉତ୍ତପ୍ତ ରଖିଥାନ୍ତି ।
ସୂକ୍ଷ୍ମ ଜଳବାୟୁ ସ୍ଥାନୀୟ ଉଦ୍ଭିଦ ଓ ପ୍ରାଣୀ, ଶସ୍ୟ ଉତ୍ପାଦନ ଓ ମାନବ ସ୍ୱାସ୍ଥ୍ୟ ଓ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପ୍ରବାହିତ କରିଥାଏ ।

## ମୌସୁମୀ ବାୟୁ ପ୍ରବାହ

ଭାରତରେ ବର୍ଷା ଋତୁ ହିଁ ଜୀବନ କୈନ୍ଦ୍ରିକ। ମୌସୁମୀ ବର୍ଷାରେ ନଦୀଗୁଡ଼ିକ ପୁରି ଉଠନ୍ତି, ମାଟି ଜଳରେ ଓଦାହୁଏ, ଶସ୍ୟ ଶ୍ୟାମଳା ବୃଦ୍ଧି ହୁଏ ଓ ଜୀବନ  ସହଜ ହୁଏ। ନିର୍ଦ୍ଦିଷ୍ଟ ଭାବେ କହିଲେ "ମୌସୁମୀ" ଶବ୍ଦଟି ଆରବ ଶବ୍ଦ "ମୌସମ୍"ରୁ ଆସିଛି ଏହାର ଅର୍ଥ ଋତୁ। ଅଷ୍ଟ୍ରେଲିଆ, ଆଫ୍ରିକା, ଦକ୍ଷିଣ ଏସିଆ ସମେତ ଭାରତ ମହାସାଗର ଓ ଚତୁଃ ପାର୍ଶ୍ୱସ୍ଥ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରବାହିତ ଋତୁକାଳୀନ ବାୟୁକୁ ଏହା ବୁଝାଇଥାଏ।

ମୌସୁମୀ ବାୟୁର ଏକ ବାର୍ଷିକ ଢାଞ୍ଚା ରହିଛି। ଏହାର ସୃଷ୍ଟି ପ୍ରକ୍ରିୟା ଜଟିଳ। କିନ୍ତୁ ସ୍ଥଳଭାଗ ଜଳଭାଗ ତୁଳନାରେ ଶୀଘ୍ର ଉତ୍ତପ୍ତ ଓ ଶୀତଳ ହେବା ସରଳ ତଥ୍ୟ ଉପରେ ଏହା ପର୍ଯ୍ୟବେସିତ। ମୌସୁମୀ ବାୟୁ ସହ ତାପମାତ୍ରା, ବାୟୁ ଚାପ ଓ ପବନର ଗତିଶୀଳତା ମଧ୍ୟରେ ଥିବା ମୌଳିକ ସମ୍ପର୍କ ଏହା ଦର୍ଶାଇଥାଏ। ସରଳରେ କହିଲେ ଗ୍ରୀଷ୍ମଋତୁରେଏସିଆର ସ୍ଥଳଭାଗ  ବହୁତ ଗରମ ହୋଇଯାଏ ଏବଂ ଏହା ଉପରେ ଏକ ତୀବ୍ର ଲଘୁଚାପ ଅଞ୍ଚଳ ସୃଷ୍ଟି ହୋଇଥାଏ। ଏହି ସମୟରେ ସମୁଦ୍ର ଶୀତଳ ଥାଏ ଓ ସେଠାରେ ଗୁରୁଚାପ ସୃଷ୍ଟି ହୋଇଥାଏ। ବାୟୁ ସର୍ବଦା ଗୁରୁଚାପ ଅଞ୍ଚଳରୁ ଲଘୁଚାପ ଅଞ୍ଚଳକୁ ପ୍ରବାହିତ ହୋଇଥାଏ। ଏହି କାରଣରୁ ସମୁଦ୍ର ଉପରିସ୍ଥ ଗୁରୁଚାପ ଅଞ୍ଚଳରୁ ସ୍ଥଳଭାଗସ୍ଥ ଲଘୁଚାପ ଅଞ୍ଚଳ ଆଡ଼କୁ ବାୟୁ ପ୍ରବାହିତ ହୋଇଥାଏ। ସମୁଦ୍ର ଉପରୁ ଆସୁଥିବା ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ଏହା ଉଷ୍ଣ ସ୍ଥଳଭାଗ ଉପରେ ଘନିଭୂତ ହୁଏ ଓ ପ୍ରଚୁର ମୌସୁମୀବର୍ଷା ହୋଇଥାଏ। (ସେଥିପାଇଁ ମୌସୁମୀ କହିଲେ ସାଧାରଣତଃ ପବନ ପରିବର୍ତ୍ତେ ଋତୁକାଳୀନ ବୃଷ୍ଟିପାତକୁ ବୁଝାଏ।)




ଚିତ୍ର ୩.୯


ଶୀତଦିନେ ପରିସ୍ଥିତି ଓଲଟିଯାଏ। ସେତେବେଳେ ସ୍ଥଳଭାଗ ଜଳଭାଗ ଅପେକ୍ଷା ଶୀଘ୍ର ଶୀତଳ ହୋଇଯାଏ। ଏହି ସମୟରେ ସ୍ଥଳଭାଗ ଉପରେ ଗୁରୁଚାପ ଏବଂ ଅପେକ୍ଷାକୃତ ଉଷ୍ଣ ଜଳଭାଗ ଉପରେ ଲଘୁଚାପ ସୃଷ୍ଟି ହୁଏ। ଫଳତଃ ଏହାଯୋଗୁ ପବନ ଠିକ୍ ବିପରୀତ ଦିଗରୁ ଅର୍ଥାତ୍ ସ୍ଥଳଭାଗରୁ ଜଳଭାଗ ଆଡ଼କୁ ବହିଥାଏ। ସ୍ଥଳଭାଗସ୍ଥ ବାୟୁରେ ଜଳୀୟ ବାଷ୍ପ କମ୍ ଥିବାରୁ ଶୀତକାଳରେ ଏସିଆର ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହେ।

ଭାରତ କଥା ବିଚାରକୁ ନେଲେ ମୌସୁମୀ ବର୍ଷା ଜୁନ୍ ମାସର ପ୍ରାରମ୍ଭରେ ଭାରତର ଦକ୍ଷିଣ ପ୍ରାନ୍ତରେ ହୋଇଥାଏ । କ୍ରମଶଃ ଏହା ଉତ୍ତରକୁ ଗତି କରି କିଛି ସପ୍ତାହ ମଧ୍ୟରେ ଜୁଲାଇ ମଧ୍ୟ ଭାଗ ସୁଦ୍ଧା ସମଗ୍ର ଉପମହାଦେଶକୁ ବ୍ୟାପି ଯାଇଥାଏ । ତେବେ ମୌସୁମୀ ଅଗ୍ରଗତିରେ ଧାରାବାହିକତା ନଥାଏ । ପଶ୍ଚିମଘାଟ ପର୍ବତମାଳା (ଭୂଆକୃତିକୁ ସଂକ୍ଷିପ୍ତ ଆଲୋଚନାରେ ଏ ବିଷୟ ମନେପକାଅ) ଏକ ପ୍ରାକୃତିକ ପ୍ରତିବନ୍ଧକ ରୂପେ ମୌସୁମୀ ବାୟୁକୁ ବାଧା ଦେଇଥାଏ । ଏଥିପାଇଁ ଏହାର ପଶ୍ଚିମ ଢାଲୁ ଅଞ୍ଚଳରେ ଅଧିକ ବୃଷ୍ଟିପାତ ହୋଇଥାଏ । ଏହି ପର୍ବତମାଳାର ପୂର୍ବସ୍ଥ ଡେକାନ ମାଳଭୂମି ଅଞ୍ଚଳରେ ଅନିୟମିତ ସ୍ୱଳ୍ପ ବୃଷ୍ଟି ହୋଇଥାଏ । ସାଧାରଣତଃ ଏହାକୁ ଗ୍ରୀଷ୍ମକାଳୀନ ବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କୁହାଯାଏ । (ଏଠାରେ "ଦକ୍ଷିଣ-ପଶ୍ଚିମ" ମୌସୁମୀ ବାୟୁ ପ୍ରବାହିତ ଦିଗକୁ ସୂଚାଇଛି)

ଶୀତ ଋତୁ ଆଗମନରେ, ପବନ ଓଲଟା ଭାବେ ଅର୍ଥାତ୍ ସ୍ଥଳ ଭାଗରୁ ଜଳଭାଗକୁ ପ୍ରବାହିତ ହୁଏ ବୋଲି ପଢ଼ିଛେ । ଏହି ବାୟୁ ଶୁଷ୍କ । ଏହାରି ପ୍ରଭାବରେ ଦକ୍ଷିଣ ଭାରତର ପାଗ ଶୀତଳ ରହେ । ଏହି ବାୟୁର କିଛି ଅଂଶ ବଙ୍ଗୋପସାଗର ଉପରଦେଇ ଗତି କଲାବେଳେ ଜଳୀୟ ବାଷ୍ପ ସଂଗ୍ରହ କରେ ଓ ପୂର୍ବ ଏବଂ ଦକ୍ଷିଣ ଭାରତର କିଛି ସ୍ଥାନରେ ବର୍ଷା କରାଏ । ଏହାକୁ ଉତ୍ତର-ପୂର୍ବ ମୌସୁମୀବାୟୁ କୁହାଯାଏ ।

## ମନେରଖ

- → ମେଘାଳୟରେ ଅବସ୍ଥିତ "ମାଓସିନ୍‌ରାମ" ପୃଥିବୀର ବୃଷ୍ଟିବହୁଳ ଅଞ୍ଚଳ । ଏଠାରେ ବାର୍ଷିକ ହାରାହାରି ପ୍ରାୟ ୧୧୦୦୦ ମିଲିମିଟର (ଯାହାକି ୧୧ମିଟର ସହ ସମାନ) ବୃଷ୍ଟିପାତ ହୋଇଥାଏ ।



ଚିତ୍ର : ୩.୧୦

- → କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ବ୍ୟବହୃତ ଅନେକ ରାଗ ମୌସୁମୀରୁ ପ୍ରେରଣା ପାଇଛି । ମେଘମହ୍ଲାର ଓ ଅମୃତବର୍ଷିନୀ ଭଳି ରାଗ ଦ୍ୱୟକୁ ଉଦାହରଣ ଭାବେ ନିଆଯାଇପାରେ ।



## ଆସ ଅନୁସନ୍ଧାନ କରିବା

ମୌସୁମୀ ବର୍ଷାର ପୂର୍ବାନୁମାନ କରିବାର କ୍ଷମତା ଭାରତରେ ଜୀବନଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିବାରୁ ଆମର ପୂର୍ବପୁରୁଷମାନେ ଚତୁଃପାର୍ଶ୍ୱର ପ୍ରକୃତିକୁ ଯତ୍ନ ସହକାରେ ନିରୀକ୍ଷଣ କରୁଥିଲେ । ସେମାନେ ନିଜସ୍ୱ ଅଭିଜ୍ଞତା ଆଧାରରେ ସ୍ଥାନୀୟ ପାରମ୍ପରିକ ଜ୍ଞାନ ବିକଶିତ କରିଛନ୍ତି । ଏହି ପାରମ୍ପରିକ ଜ୍ଞାନ ଆମର ଐତିହ; ଏହାକୁ ସବୁ ପ୍ରକାରେ ସଂରକ୍ଷିତ ରଖିବା ଆବଶ୍ୟକ । ଉଦାହରଣ ସ୍ୱରୂପ, କୋଙ୍କଣ ଉପକୂଳର ଧୀବରମାନେ ମାଛମାନଙ୍କ ବ୍ୟବହାରରୁ ମୌସୁମୀ ବାୟୁର ଆଗମନ ବିଷୟରେ ଜାଣିଥାନ୍ତି । ସାଧାରଣତଃ ମୌସୁମୀ ପ୍ରବାହ ପୂର୍ବରୁ ଗଭୀର ଜଳରେ ଥିବା ମାଛମାନେ ଜଳପୃଷ୍ଠକୁ ଚାଲି ଆସିଥାନ୍ତି । ଦକ୍ଷିଣ ଭାରତରେ ସୁନାରୀ ଗଛ (କାଶିଆ ଫିସ୍ଟୁଲା)ରେ ଫୁଲ ଧରିଲେ ପଚାଶ ଦିନ ମଧ୍ୟରେ ମୌସୁମୀ ଆସିବ ବୋଲି କୁହାଯାଏ । କେତେକ ସଂପ୍ରଦାୟ ବିଶ୍ୱାସ କରନ୍ତି ଯେ କାଉମାନେ ଗଛର ଉପର ଅଂଶରେ ବସା ବାନ୍ଧିଲେ ସ୍ୱଳ୍ପ ବୃଷ୍ଟି ହୋଇଥାଏ । ପ୍ରକାରାନ୍ତରେ ବସାଗୁଡ଼ିକ ଅଳ୍ପ ଉଚ୍ଚରେ ଥିଲେ ପ୍ରବଳ ବର୍ଷାହେବାର ସୂଚନା ଦେଇଥାଏ । ତୁମ ଅଞ୍ଚଳରେ ବର୍ଷା, କୁହୁଡ଼ି, ତୁଷାରପାତ ଓ କୁଆପଥର ବୃଷ୍ଟି ଭଳି ଘଟଣା ସବୁର ପୂର୍ବାନୁମାନ ପାଇଁ ବ୍ୟବହୃତ ସ୍ଥାନୀୟ ଜ୍ଞାନର ଏକ ତାଲିକା ପ୍ରସ୍ତୁତ କର ।

### ଜଳବାୟୁ ଓ ଜନଜୀବନ

ଆମ ଜୀବନ ଜଳବାୟୁ ସହ ଘନିଷ୍ଠ ଭାବେ ଜଡ଼ିତ ଓ ଏହା ଉପରେ ନିର୍ଭରଶୀଳ । ସ୍ଥାନୀୟ ସଂସ୍କୃତି ତଥା ଚାଲିଚଳଣୀରେ ଜଳବାୟୁର ପ୍ରଭାବ ଦେଖାଯାଇଥାଏ । ଭାରତର ବହୁ ପର୍ବପର୍ବାଣୀ ଗୁଡ଼ିକ ଋତୁ ଓ କୃଷି କାର୍ଯ୍ୟକଳାପ ଭିତ୍ତିକ ।



## ଆସ ଅନୁସନ୍ଧାନ କରିବା

ତୁମେ ତୁମ ଜେଜେବାପା ଜେଜେମା ଅଥବା ପଡ଼ୋଶୀରେ ରହୁଥିବା ବୟସ୍କ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କର । ସେମାନଙ୍କୁ ସେମାନଙ୍କ ପିଲାଦିନ ଏବଂ ଯୁବକାବସ୍ଥାରେ, ବିଶେଷକରି କୃଷି ଓ ବର୍ଷାସହିତ ଜଡ଼ିତ ମନେରଖିଥିବା ବିଭିନ୍ନ ପାରମ୍ପରିକ ପର୍ବ ଓ ନୃତ୍ୟ ବିଷୟରେ ପଚାରି ବୁଝ । ସେମାନେ କେଉଁ ସବୁ ରୀତିନୀତିରେ ଅଂଶଗ୍ରହଣ କରୁଥିଲେ ? ତୁମେ ସାଙ୍ଗ ସହ ମିଶି ଏକ ପାରମ୍ପରିକ ସାଂସ୍କୃତିକ ଉତ୍ସବର ଆୟୋଜନ କର । ବୟସ୍କମାନେ କହିଥିବା କିଛି ନାଚ, ଗୀତ ଓ କାର୍ଯ୍ୟକ୍ରମ ଆଦି ପ୍ରଦର୍ଶନ କର । ଏହା ଏକ ନୃତ୍ୟ, ଫସଲ ଅମଳ ପର୍ବ କିମ୍ବା ବର୍ଷାପାଇଁ ଇନ୍ଦ୍ରଦେବତାଙ୍କୁ ପୂଜା କରିବା ଭଳି ଛୋଟିଆ ଗଳ୍ପ ହୋଇପାରେ । ଏସବୁ ପରମ୍ପରାକୁ ତୁମ ଶ୍ରେଣୀ ସାଥୀମାନଙ୍କୁ ଜୀବନ୍ତ କରିବାକୁ ଚେଷ୍ଟା କର ।



ବିହୁ
ଛଟ୍ ପୂଜା
ମକର ସଂକ୍ରାନ୍ତି
ବୈଶାଖି
ପୋଙ୍ଗଲ
ଆଓ୍ୱେ ଶୀତ ପର୍ବ
ହେମିସ୍
ଲୋସୁଙ୍ଗ ପର୍ବ
ଗୁଡି ପଡ୍‌ୱା
ଲୋହରି
ଓନମ୍

*Fig. 3.11*

ଜଳବାୟୁ ଅର୍ଥନୀତି ଉପରେ ପ୍ରତ୍ୟେକ୍ଷ ପ୍ରଭାବ ପକାଇଥାଏ। ଉଦାହରଣ ସ୍ୱରୂପ "ମୌସୁମୀ ବିଫଳତା" ଶବ୍ଦଟି ତୁମେ ଶୁଣି ଥାଇପାର। ଏହା ମୌସୁମୀ ଜନିତ ସ୍ୱଳ୍ପ ବୃଷ୍ଟିର ସୂଚନା ଦିଏ। ଏପରି ସ୍ଥିତିରେ କୃଷି କ୍ଷତିଗ୍ରସ୍ତ ହୁଏ। ବିଶେଷତଃ ସ୍ତ୍ରୀଲୋକମାନଙ୍କୁ ପାନୀୟ ଜଳ ପାଇଁ ବହୁ ଦୂରକୁ ଯିବାକୁ ପଡ଼ିଥାଏ; କୃଷି ଶ୍ରମିକମାନେ କାମ ପାଇଁ ସହରମୁହାଁ ହୋଇଥାନ୍ତି; ଖାଦ୍ୟ ସାମଗ୍ରୀ (ବିଭିନ୍ନ ଶସ୍ୟ, ପନିପରିବା, ଫଳାଦି) ମହଙ୍ଗା ହୁଏ। ଯାହା ମୁଦ୍ରାସ୍ଫୀତି ବୃଦ୍ଧିରେ ସହାୟକ ହୋଇଥାଏ। ଶିଳ୍ପ କାର୍ଯ୍ୟକଳାପ ମଧ୍ୟ ପୂର୍ବାନୁମାନୀତ ପାଣିପାଗ ଓ ଜଳର ସୁଲଭତା ଉପରେ ନିର୍ଭରଶୀଳ। ସମଗ୍ର ପୃଥିବୀରେ ଜଳବାୟୁ ଓ ସାମାଜିକ ଅର୍ଥନୈତିକ ଅବସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ଆମେ ସହଜରେ ଅନୁମାନ କରିପାରିବା। ଜଳବାୟୁ ଜନୀତ ବିପର୍ଯ୍ୟୟ ସଂଗଠିତ ହେଲେ ଏ ପ୍ରକାର ସ୍ଥିତି ବିଶେଷ ଭାବେ ବିଗିଡ଼ି ଯାଇଥାଏ।

## ଜଳବାୟୁ ଓ ବିପର୍ଯ୍ୟୟ

ଭାରତରେ ଅନୁଭୂତ ବିବିଧତା ପୂର୍ଣ୍ଣ ପାଣିପାଗରେ ଚରମ ପରିସ୍ଥିତି ଜନୀତ ବାତ୍ୟା, ବନ୍ୟା, ଭୂ-ସ୍ଖଳନ ଓ ଅନ୍ୟାନ୍ୟ ଜଳବାୟୁ ଜନୀତ ବିପର୍ଯ୍ୟୟ ଘଟିଥାଏ। ଏସବୁ ବିପର୍ଯ୍ୟୟ ଜନଜୀବନକୁ ପ୍ରବାହିତ କରିବା ସଙ୍ଗେ ସଙ୍ଗେ କୃଷି ହାନୀ, ସଂରଚନା ଜନୀତ କ୍ଷତି ଓ ସ୍ଥାନୀୟ ଅର୍ଥନୀତିକୁ ଅବ୍ୟବସ୍ଥିତ କରିଥାଏ।

### (କ) ବାତ୍ୟା

ପ୍ରତିବର୍ଷ ଭାରତର ଉପକୂଳ ମୁଖ୍ୟତଃ ପୂର୍ବ ଉପକୂଳ ଅନେକଗୁଡ଼ିଏ ବାତ୍ୟାର ସମ୍ମୁଖୀନ ହୋଇଥାଏ। ବିଗତ ବର୍ଷମାନଙ୍କରେ କେତେକ ବାତ୍ୟା ଅତି ବିଧ୍ୱଂସକାରୀ ହୋଇଛନ୍ତି। ଏହା ଯୋଗୁଁ ଅନେକ ମାନବ ଓ ପ୍ରାଣୀଙ୍କ ଜୀବନ ହାନୀ ସହ ବହୁ ସମ୍ପତ୍ତି ଓ ଭିତ୍ତିଭୂମି ନଷ୍ଟ ହୋଇଛି। ଅନେକ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହ ମୃତ୍ତିକା କ୍ଷୟ ମଧ୍ୟ ଘଟିଛି। ଭାରତ ପାଣିପାଗ ବିଭାଗ ଆସୁଥିବା ଝଡ଼ବାତ୍ୟାଗୁଡ଼ିକୁ ଅନୁସରଣ କରିଥାନ୍ତି ଏବଂ ସେଗୁଡ଼ିକର ସୃଷ୍ଟି, ବିବର୍ତ୍ତନ ଓ ସ୍ଥଳଭାଗକୁ ଛୁଇଁବା ସ୍ଥାନ ଆଦି ସମ୍ବନ୍ଧରେ ପୂର୍ବ ସୂଚନା ପ୍ରଦାନ କରିଥାନ୍ତି।

### ମନେରଖ




ଚିତ୍ର : ୩.୧୨


ସ୍ୱତନ୍ତ୍ରଭାବେ ପ୍ରଶିକ୍ଷିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (NDRF- National Disaster Response Force) ଭାରତରେ ବିଭିନ୍ନ ପ୍ରାନ୍ତରେ ହେଉଥିବା ପ୍ରାକୃତିକ ତଥା ମାନବୀୟ ବିପର୍ଯ୍ୟୟ ବେଳେ ଧନଜୀବନ ରକ୍ଷା କରିଥାନ୍ତି। ଏନ୍.ଡ଼ି.ଆର୍.ଏଫ୍ ର ବାଟାଲିୟାନ ଭାରତର ୧୨ ଗୋଟି ସ୍ଥାନରେ ରହିଛି। ବାତ୍ୟା, ଭୂ-ସ୍ଖଳନ, ବନ୍ୟା ସମୟରେ ଏହି ଆପଦକାଳୀନ ଜଳ ଉଦ୍ଧାର ଓ ଅପସାରଣ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଆମ ଓଡ଼ିଶାର କଟକ ସହର ନିକଟସ୍ଥ ମୁଣ୍ଡଳିଠାରେ ୩ୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ରହିଅଛି।

ବାତ୍ୟା କିପରି ସଂଗଠିତ ହୁଏ ? ଆମେ ପୂର୍ବରୁ ଆଲୋଚନା କରୁଥିଲେ ଯେ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅପେକ୍ଷା ବାୟୁର ଚାପ କମ୍ ଯୋଗୁଁ ଏଠାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୁଏ । ଚତୁଃପାର୍ଶ୍ୱ ବାୟୁ ଏହି ଲଘୁଚାପ ଅଞ୍ଚଳକୁ ଆକର୍ଷିତ ହୋଇଆସେ । ସମୁଦ୍ର ଉପର ଦେଇ ଆସୁଥିବା ବାୟୁ ଜଳୀୟ ବାଷ୍ପ ଗ୍ରହଣ କରି ବୃଷ୍ଟି କରେ । ଯେତେବେଳେ ଲଘୁଚାପ ତୀବ୍ର ହୁଏ ତାହା ଅବପାତରେ ପରିଣତ ହୋଇଥାଏ ଓ ଏହାର ପ୍ରଭାବରେ ପ୍ରବଳ ବେଗରେ ପବନ ସହ ପ୍ରଚୁର ବୃଷ୍ଟିପାତ ହୋଇଥାଏ । ଏହା ବାତ୍ୟା ସୃଷ୍ଟିରେ ସହାୟକ ହୋଇଥାଏ ।

ଅବପାତ ବା ବାତ୍ୟାର କେନ୍ଦ୍ର ଆଡ଼କୁ ପ୍ରବାହିତ ବାୟୁ ଘୂରି ଘୂରି ଉପରକୁ ଉଠିଥାଏ । ଏଥିରେ ଥିବା ଜଳୀୟ ବାଷ୍ପ ଘନୀଭୂତ ହୋଇ ମେଘ ସୃଷ୍ଟି ହୁଏ । ଏହାର କେନ୍ଦ୍ରାଂଶକୁ 'ବାର୍ତ୍ତାବର୍ତ୍ତର ଚକ୍ଷୁ' ବୋଲି କୁହାଯାଏ ।

## ଏହା ବିଷୟରେ ଚିନ୍ତାକର

**ମେଘ କ'ଣ ?** ଆକାଶରେ ମେଞ୍ଚା ମେଞ୍ଚା ହୋଇ ଯାହା ଧଳା ଦେଖାଯାଉଛି, ତାକୁ ତୁମେ ମେଘ କହିପାର । କିନ୍ତୁ ସେଗୁଡ଼ିକ କେଉଁଥିରେ ତିଆରି ? ଏହାର ସରଳ ଉତ୍ତର ହେଲା– ଜଳ । ତେବେ ମେଘ କେବଳ ଜଳରେ ତିଆରି ନୁହେଁ । ଏଥିରେ ଜଳକଣା, ବରଫ କଣିକା, ଧୂଳିକଣାର ମିଶ୍ରଣ ରହିଥାଏ ଏବଂ ଏଗୁଡ଼ିକ ବାୟୁମଣ୍ଡଳରେ ଭାସି ବୁଲୁଥାନ୍ତି ।




ଚିତ୍ର : ୩.୧୩ ଫନି ବାତ୍ୟା



ଚିତ୍ର : ୩.୧୪ : ବାତ୍ୟାର ଆଖି

## (ଖ) ବନ୍ୟା

ସାଧାରଣ ଭାବେ ଶୁଷ୍କ ରହୁଥିବା ଭୂମି ଜଳମଗ୍ନ ହେଲେ ବନ୍ୟା ହୋଇଥାଏ। କୌଣସି ଅଞ୍ଚଳରେ ଅତ୍ୟଧିକ ବୃଷ୍ଟିପାତ ହେଲେ, ଏହା ଜଳଧାରା ଆକାରରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗେ। କାରଣ ଭୂମି ବର୍ଷାଜଳକୁ ବେଶୀ ଶୋଷି ପାରେ ନାହିଁ। ପ୍ରବାହିତ ଜଳଧାରା ନଦୀ ଓ ହ୍ରଦରେ ମିଶେ ଓ କ୍ରମେ ଏଗୁଡ଼ିକ ଉଛୁଳି ପଡ଼ନ୍ତି କିମ୍ବା ବନ୍ଧ ଭାଙ୍ଗିଯାଏ। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ବର୍ଷା ଋତୁରେ ବାରମ୍ବାର ବନ୍ୟା ହୋଇଥାଏ। ଉତ୍ତର ପ୍ରଦେଶ, ବିହାର, କେରଳ, ଆନ୍ଧ୍ରପ୍ରଦେଶ ଓ ଆସାମ ଆଦି ରାଜ୍ୟଗୁଡ଼ିକ ବିଶେଷଭାବେ ବନ୍ୟା ପ୍ରବଣ।



### ଆସ ଅନୁସନ୍ଧାନ କରିବା

ତୁମେ ବନ୍ୟା ଦେଖିଛ କି ? ନାଁ ଖାଲି ପଢ଼ିଛ ? ଭାରତର ଭୌତିକ ମାନଚିତ୍ରକୁ ଲକ୍ଷ୍ୟ କର। ତୁମେମାନେ ଦୁଇ ଜଣିଆ ଦଳ ଗଠନ କରି ଉପରେ ଦିଆ ଯାଇଥିବା ରାଜ୍ୟଗୁଡ଼ିକରେ ବାରମ୍ବାର ବନ୍ୟା ହେବାର କାରଣ ଖୋଜି ବାହାର କର।

ପ୍ରକାରାନ୍ତରେ ହିମାଳୟ ଅଞ୍ଚଳରେ ହିମବାହ ସୃଷ୍ଟ ହ୍ରଦଗୁଡ଼ିକ ଜଳପୂର୍ଣ୍ଣ ହେଲେ ତାହା ଉଛୁଳି ପଡ଼େ। ଏହି ହ୍ରଦଗୁଡ଼ିକ  ଶିଳା ଏବଂ ବରଫର ବନ୍ଧକ ଦ୍ୱାରା ଜଳ ଧରି ରଖନ୍ତି। ବରଫ ତରଳିବା ଯୋଗୁଁ ଏଠାରେ ଜଳ ଥାଏ। ବରଫ ଅତିଶୀଘ୍ର ତରଳିବା କାରଣରୁ କିମ୍ବା ପ୍ରଚୁର ବୃଷ୍ଟିପାତ ହେଲେ ଚାପ ବୃଦ୍ଧି ପାଏ ଶିଳା ଓ ବରଫର ବନ୍ଧ ଭାଙ୍ଗିଯାଏ। ଏହାକୁ 'ହିମ ବିସ୍ଫୋଟ' କୁହାଯାଏ ଓ ଏହାଯୋଗୁଁ ଧନଜୀବନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ।




ଚିତ୍ର : ୩.୧୫

## ମନେରଖ

୨୦୧୩ ମସିହାରେ ଉତ୍ତରାଖଣ୍ଡରେ ଅନେକ ଦିନ ଧରି ଲଗାତର ପ୍ରବଳ ବର୍ଷା ହେବା ଯୋଗୁଁ 'ହିମ ବିସ୍ଫୋଟ' ହୋଇଥିଲା। ପରେ ପରେ ଅନେକଗୁଡ଼ିଏ ଭୂ-ସ୍ଖଳନ ହେଲା। ଭାରତର ଏକ ପବିତ୍ର ତୀର୍ଥସ୍ଥଳୀ 'କେଦାରନାଥ ମନ୍ଦିର' ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଥିଲା। ବନ୍ୟାରେ ଅନେକଗୁଡ଼ିଏ ଗ୍ରାମ ସହ ବହୁ ରାସ୍ତା ଓ ପୋଲ ଧୋଇ ହୋଇ ଯାଇଥିଲା। ସର୍ବମୋଟ୍ ପ୍ରାୟ ୬୦୦୦ ଲୋକଙ୍କ ଜୀବନ ହାନୀ ଘଟିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ତୀର୍ଥଯାତ୍ରୀ ଥିଲେ।

ପ୍ରବଳ ବୃଷ୍ଟିପାତ ହେଲେ ଅଧିକାଂଶ ସହରରେ ବନ୍ୟା ଅନୁଭୂତ ହୋଇଥାଏ। କେତେକ କ୍ଷେତ୍ରରେ ସହରର ତ୍ରୁଟିପୂର୍ଣ୍ଣ ଜଳ ନିଷ୍କାସନ ବ୍ୟବସ୍ଥା ଏଥିପାଇଁ ଦାୟୀ। ଅନ୍ୟ କେତେକ କ୍ଷେତ୍ରରେ ଜଳବାହୀ ନାଳ ଉପରେ ଅବ୍ୟବସ୍ଥିତ ନିର୍ମାଣ ଜନୀତ ବାଧାଯୋଗୁଁ ପାଣି ଜମି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ ସହରର ଅଧିକାଂଶ ଭୂମି, କଂକ୍ରିଟ୍ ବା ପିଚୁରେ ତିଆରି ହୋଇଥିବାରୁ ତାହା ଜଳ ଶୋଷିପାରେ ନାହିଁ।

## ଗ) ଭୂ-ସ୍ଖଳନ

ପ୍ରବଳ ବର୍ଷା, ଭୂମିକମ୍ପ କିମ୍ବା ଅଗ୍ନି ଉଦ୍‌ଗୀରଣ ଜନିତ କାରଣ ଯୋଗୁଁ ଶିଳା, ମୃତ୍ତିକା ତଥା ଅସଂଲଗ୍ନ ଶିଳା ସମୂହ ହଠାତ୍ ଉପରୁ ତଳକୁ ଖସିବାକୁ ଭୂ-ସ୍ଖଳନ କୁହାଯାଏ। ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍ ଏବଂ ଅରୁଣାଚଳ ପ୍ରଦେଶ ତଥା ପଶ୍ଚିମଘାଟ ଓ ଅନ୍ୟାନ୍ୟ ପାହାଡ଼ିଆ ଅଞ୍ଚଳରେ ସାଧାରଣଭାବେ ଭୂ-ସ୍ଖଳନ ଘଟିଥାଏ। ମୁଖ୍ୟତଃ ମୌସୁମୀ ପ୍ରବାହ ସମୟରେ ହିଁ ଏହି ଘଟଣାମାନ ଘଟିଥାଏ।

ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏସବୁ ଅଞ୍ଚଳରେ ଭୂ-ସ୍ଖଳନ ହେବାର ସମ୍ଭାବନା ବୃଦ୍ଧି ପାଇଛି। ମୁଖ୍ୟତଃ ଜଙ୍ଗଲକ୍ଷୟ, ଅଣଅନୁମୋଦିତ ରାସ୍ତାଘାଟ ନିର୍ମାଣ ଓ ପ୍ରାକୃତିକ ଜଳପ୍ରବାହକୁ ପ୍ରତିରୋଧକାରୀ ଅତ୍ୟଧିକ ଗୃହନିର୍ମାଣ ଯୋଗୁଁ ଉପୁଜିଥାଏ।

## (ଘ) ବନାଗ୍ନି

ବଣ ଜଙ୍ଗଲରେ ଅଣାୟତଭାବେ ଜୋରରେ ବ୍ୟାପୁଥିବା ନିଆଁକୁ ବନାଗ୍ନି କୁହାଯାଏ। ଶୁଷ୍କ ଜଳବାୟୁ ଜନିତ ପରିସ୍ଥିତି, ମରୁଡ଼ି, ବେଗଶାଳୀ ପବନ ଏହି ବନାଗ୍ନି ବ୍ୟାପିବାରେ ଇନ୍ଧନ ଯୋଗାଇଥାଏ। ମଣିଷର ଅସାବଧାନତା ଏହାର ଅନ୍ୟ ଏକ ପ୍ରମୁଖ କାରଣ। ଅଧିକ ଜଙ୍ଗଲ ଓ ତୃଣଭୂମି ବିଶିଷ୍ଟ ରାଜ୍ୟ ଯଥା: ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ତଥା ପଶ୍ଚିମଘାଟ ଭଳି ପାର୍ବତ୍ୟାଞ୍ଚଳ ଗୁଡ଼ିକରେ ସାଧାରଣତଃ ବନାଗ୍ନି ଦେଖାଯାଏ। ବିସ୍ତୀର୍ଣ୍ଣ ଅଞ୍ଚଳରେ ଜଙ୍ଗଲ କ୍ଷୟ ସହ ବନାଗ୍ନି ବନ୍ୟପ୍ରାଣୀଙ୍କୁ କ୍ଷତ ପହଞ୍ଚାଇଥାଏ। ପରିବେଶର ଅବକ୍ଷୟ ଘଟେ, ବାୟୁର ଗୁଣବତ୍ତା ନଷ୍ଟ ହୁଏ ଓ ସ୍ଥାନୀୟ ଅଧିବାସୀମାନେ ବିସ୍ଥାପିତ ହୋଇଥାନ୍ତି। ଫଳତଃ ଏହା ଯୋଗୁଁ ଉଭୟ ପାରିବେଶିକ ଓ ଆର୍ଥିକ ପ୍ରଭାବ ପଡ଼ିଥାଏ।



### ଆସ ଅନୁସନ୍ଧାନ କରିବା

→ ଚିତ୍ର ୩.୧୫କୁ ଲକ୍ଷ୍ୟକର ଓ ବୃକ୍ଷଲତା, ଜୀବଜନ୍ତୁ, ମନୁଷ୍ୟ ଓ ସେମାନଙ୍କ ଆର୍ଥନୀତିକ ଜୀବନ ଉପରେ ଏଗୁଡ଼ିକର କି ପ୍ରଭାବ ବର୍ଣ୍ଣନା କର।

→ ଶ୍ରେଣୀରେ ଚାରି ବା ପାଞ୍ଚ ଜଣିଆ ଦଳ ଗଠନ କର। ଚିତ୍ରରେ ପ୍ରଦତ୍ତ ପ୍ରତ୍ୟେକ ବିପର୍ଯ୍ୟୟର ପ୍ରାକୃତିକ ତଥା ମାନବୀୟ କାରଣ ସମ୍ବନ୍ଧରେ ଚିନ୍ତା କର। ତୁମର ନିଷ୍କର୍ଷ ଗୁଡ଼ିକୁ ତୁଳନା କର।

→ ଦଳଗତଭାବେ ଏହି ସବୁ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ କି କି ପଦକ୍ଷେପ ନେବାର ଆବଶ୍ୟକତା ରହିଛି, ଆଲୋଚନା କର।

## ଜଳବାୟୁ ପରିବର୍ତ୍ତନ

ଜଳବାୟୁରେ ଉଲ୍ଲେଖନୀୟ ଦୀର୍ଘ କାଳୀନ ପରିବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ଏହା ବ୍ୟାପକ ବା ଆଞ୍ଚଳିକ ଭିତ୍ତିରେ ହୋଇପାରେ। ଏହି ପରିବର୍ତ୍ତନ ତାପମାତ୍ରା, ବର୍ଷଣ ଓ ଅନ୍ୟାନ୍ୟ ପାଗଜନିତ ଘଟଣାବଳୀରେ ପରିବର୍ତ୍ତନ କାରଣରୁ ହୋଇଥାଏ। ନିୟୁତ ନିୟୁତ ବର୍ଷ ପୂର୍ବେ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ହିଁ ଜଳବାୟୁ ପରିବର୍ତ୍ତନର କାରଣ ଥିଲା। ଉନବିଂଶ ଶତାବ୍ଦୀ ପରଠାରୁ ମୁଖ୍ୟତଃ ମାନବୀୟ କାର୍ଯ୍ୟକଳାପ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରିତ କରୁଛି। ବିଶେଷତଃ, ଜୀବାଶ୍ମଇନ୍ଧନର ଦହନ, ବନ୍ୟକ୍ଷୟ, ପରିବେଶ ପାଇଁ କ୍ଷତିକାରକ ଶିଳ୍ପୀକରଣ, ଅଧିକ ଉତ୍ପାଦନ ଓ ବିଭିନ୍ନ ସାମଗ୍ରୀର ଅତ୍ୟଧିକ ତଥା ଅପବ୍ୟବହାରପୂର୍ଣ୍ଣ ଉପଭୋଗ ଆଦି ଏଥି ପାଇଁ ଦାୟୀ।



ଚିତ୍ର ୩.୧୬

**ଜୀବାଶ୍ମ ଇନ୍ଧନ (Fossil fuels) :** ନିୟୁତ ନିୟୁତ ବର୍ଷ ପୂର୍ବରୁ ସମୁଦ୍ର ଓ ଶିଳାସ୍ତର ତଳେ ମରିପୋତି ହୋଇଥିବା ପ୍ରାଣୀ ଓ ଉଦ୍ଭିଦଙ୍କ ଧ୍ୱଂସାବଶେଷରୁ କୋଇଲା, ଖଣିଜତୈଳ, ପ୍ରାକୃତିକ ବାଷ୍ପ ଆଦି ଶକ୍ତି ପ୍ରଦାନକାରୀ ଉତ୍ସକୁ ଜୀବାଶ୍ମ ଇନ୍ଧନ କୁହାଯାଏ।

ଜୀବାଶ୍ମ ଇନ୍ଧନର ବ୍ୟବହାର ଜଳବାୟୁକୁ କାହିଁକି ପ୍ରଭାବିତ କରେ ? ପୃଥିବୀର ପ୍ରାକୃତିକ "ଅଙ୍ଗାରକ ଚକ୍ର"ରେ ଅଙ୍ଗାରକାମ୍ଳ ବାଷ୍ପ ଓ ଅନ୍ୟାନ୍ୟ ଗ୍ୟାସ ଧୀରେ ଧୀରେ ବାୟୁମଣ୍ଡଳକୁ ଆସିଥାନ୍ତି ଓ ସୂର୍ଯ୍ୟଙ୍କ ତାପକୁ ଧରି ରଖିଥାନ୍ତି । ଏହି ପ୍ରାକୃତିକ "ସବୁଜ ଗୃହ ପ୍ରଭାବ" ପୃଥିବୀକୁ ଯଥେଷ୍ଟ ଉଷ୍ମ ରଖିବା ଦ୍ୱାରା ଜୀବଜଗତ ତିଷ୍ଠି ରହେ । ବିଗତ କିଛି ଶତାବ୍ଦୀ ଧରି ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ଯଥା– ଶିଳ୍ପ, ପରିବହନ ଓ କୃଷି କ୍ଷେତ୍ରରୁ ବହୁଳ ପରିମାଣରେ ବିଭିନ୍ନ ସବୁଜ ଗୃହ ଗ୍ୟାସ ବାୟୁମଣ୍ଡଳକୁ ପ୍ରବେଶ କରିଛି । ସବୁଜ ଗୃହ ଗ୍ୟାସ୍‌ଗୁଡ଼ିକର ଅହେତୁକ ବୃଦ୍ଧି ଅଧିକ ତାପ ଧରି ରଖୁଛି । ଫଳତଃ ବିଶ୍ୱ ତାପମାତ୍ରାର ଦ୍ରୁତ ବୃଦ୍ଧିରେ ଏହା ସହାୟକ ହୋଇଛି । ଏହା ଯୋଗୁଁ ହଜାର ହଜାର ବର୍ଷ ଧରି ଜଳବାୟୁ ଧାରା ସହ ନିଜକୁ ଖାପଖୁଆଇ ଚଳିଆସୁଥିବା ଉଦ୍ଭିଦ, ପ୍ରାଣୀ ଓ ମାନବ ସମାଜରେ ବିଘଟନ ଦେଖା ଯାଉଛି ।

**ସ୍ଥିରତା (Resilience) :** ସମସ୍ୟା ସହ୍ୟ କରିବା କିମ୍ବା ଶୀଘ୍ର ପୂର୍ବାବସ୍ଥାନକୁ ଫେରାଇ ଆଣିବାକୁ ପୁନରୁଦ୍ଧାର କୁହାଯାଏ ।

**ପ୍ରଶମନ (Mitigation) :** ବିଶ୍ୱତାପମାତ୍ରାକୁ କ୍ରମଶଃ କମାଇବା ଏବଂ ଜଳବାୟୁ ପରିବର୍ତ୍ତନର କାରଣଗୁଡ଼ିକୁ ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶମନ କହନ୍ତି ।

**ସ୍ଥାୟୀ Sustainable):** କୌଣସି ଜିନିଷକୁ ଦୀର୍ଘ ସମୟ ଧରି ବଜାୟ ରଖିବାକୁ ସ୍ଥାୟୀ କହନ୍ତି ।

ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଥିବାର ସ୍ପଷ୍ଟ ଜଣାପଡୁଛି । ଉଦାହରଣ ସ୍ୱରୂପ – ୨୦୨୫ ମସିହା ପ୍ରାରମ୍ଭରେ ଦେଶର ହାରାହାରି ତାପମାତ୍ରା ସାଧାରଣ ତାପମାତ୍ରା ଠାରୁ ୧° ରୁ ୩° ସେଲ୍‌ସିୟସ୍ ବୃଦ୍ଧି ପାଇଛି । ଏଥିଯୋଗୁଁ ବିଗତ ଶୀତଋତୁଟି ପୂର୍ବଗୁଡ଼ିକ ତୁଳନାରେ କମ୍ ଅବଧି ବିଶିଷ୍ଟ ଓ କମ୍ ଶୀତ ଅନୁଭୂତ ହୋଇଥିଲା । ଏହା କେବଳ କୃଷି ଉତ୍ପାଦନ ବ୍ୟତୀତ ବିଭିନ୍ନ କ୍ଷୁଦ୍ର ଶିଳ୍ପକୁ ପ୍ରଭାବିତ କରିଥିଲା । ଉଷ୍ମତର ପୃଥିବୀ ଆମ ପାଇଁ କି କି ସମସ୍ୟା ସୃଷ୍ଟି କରି ପାରେ ଏହା ତା'ର ଏକ ଉଦାହରଣ ।

ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ସୃଷ୍ଟିର କାରଣ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ଦ୍ୱାରା ହିଁ ଆମେ ବିଭିନ୍ନ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିପାରିବା । ବିଭିନ୍ନ ପରିବେଶ ଅନୁକୂଳ ବ୍ୟବହାରର ଆବଶ୍ୟକତାକୁ ମଧ୍ୟ ଏହା ପ୍ରୋତ୍ସାହନ ଦେଇଥାଏ । ଏହା ସ୍ଥିରତା ବା ପ୍ରତିରୋଧକାରୀ କ୍ଷମତା ସୃଷ୍ଟି ତଥା ପରିବର୍ତ୍ତିତ ପରିସ୍ଥିତିରେ ଗୋଷ୍ଠୀ ସହ ଖାପଖୁଆଇ ଚଳିବା ପାଇଁ ସାମର୍ଥ୍ୟ ଦେଇଥାଏ । ଭାରତ ସମେତ ପୃଥିବୀ ବ୍ୟାପି ବିଭିନ୍ନ ଦେଶର ସରକାର ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ହ୍ରାସ କରିବା ପାଇଁ ପଦକ୍ଷେପମାନ ନେଉଛନ୍ତି । ସେଗୁଡ଼ିକ ମଧ୍ୟରେ ସବୁଜ ଗୃହ ଗ୍ୟାସ୍ ନିର୍ଗମନ ହ୍ରାସ, ବୃକ୍ଷରୋପଣ, ନବୀକରଣ ଯୋଗ୍ୟ ଶକ୍ତିକ୍ଷମତା ବୃଦ୍ଧି ତଥା ଧାରଣୀୟ ଜୀବନ ଧାରଣର ବିକାଶ ଆଦି କେତେକ ଉଦାହରଣ । ତେବେ ଏସବୁ ଅଧିକାଂଶ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ଓ ଅଧିକ ଉପଭୋଗ ଆଦି ଇଚ୍ଛାର ବିରୁଦ୍ଧାଚରଣ କରୁଛି ।



## ଆମେ କ'ଣ ଶିଖିଲେ...

- ଭାରତର ବିବିଧ ଜଳବାୟୁ ଓ ଏହାର ଭୂଗୋଳ ବିଶେଷତଃ ପର୍ବତ, ମରୁଭୂମି ଓ ମାଳଭୂମିଗୁଡ଼ିକ ଦ୍ୱାରା ଗଢ଼ା ହୋଇଛି ।
- ପାଗ ସ୍ୱଳ୍ପସ୍ଥାୟୀ ଅଟେ । ବାର୍ଷିକ ଭିତ୍ତିରେ ଋତୁର ପୁନରାଗମନ ହୋଇଥାଏ ଓ ଜଳବାୟୁ ଦୀର୍ଘକାଳୀନ ପାଗର ଧାରାକୁ ବୁଝାଇଥାଏ ।
- ଜଳବାୟୁକୁ ଅକ୍ଷାଂଶ, ସମୁଦ୍ର ପତ୍ତନରୁ ଉଚ୍ଚତା, ସମୁଦ୍ର ସମୀପତା ଓ ଭୂ-ଆକୃତି ଆଦି ନିୟାମକ ନିର୍ଦ୍ଧାରଣ କରେ ।
- ମୌସୁମୀ, କୃଷି ତଥା ଶସ୍ୟଚକ୍ର ଓ ଜୀବନଚର୍ଯ୍ୟା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

→ ସାଂସ୍କୃତିକ ପରମ୍ପରା, ପର୍ବପର୍ବାଣୀ, କୃଷି ଓ ଆର୍ଥନୀତିକ କାର୍ଯ୍ୟକଳାପ ଜଳବାୟୁ ସହ ସମ୍ପର୍କିତ ।

→ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟକୁ ମୁକାବିଲା କରିବାରେ ଜଳବାୟୁ ସମ୍ବନ୍ଧୀୟ ଜ୍ଞାନ ସାହାଯ୍ୟ କରିଥାଏ ।

→ ଚରମ ପାଣିଗାପ ବା ତାପମାତ୍ରା ଆଦି ଘଟଣା ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଥାଏ ଏବଂ ଏଗୁଡ଼ିକ ଯୋଗୁଁ ପ୍ରାକୃତିକ ଓ ମାନବ ଜଗତ ଉପରେ ତୀବ୍ର ପ୍ରତିକୂଳ ପ୍ରଭାବ ପଡ଼ିପାରେ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧ . ଜଳବାୟୁ ନିୟାମକଗୁଡ଼ିକ ସହ ସେମାନଙ୍କର ଫଳଫଳ ସଂଯୋଗ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (୧) ଅକ୍ଷାଂଶ | (କ) ଗ୍ରୀଷ୍ମ ଋତୁରେ ଭାରତକୁ ଆର୍ଦ୍ରବାୟୁ ଆଣେ । |
| (୨) ସମୁଦ୍ର ପତ୍ତନ ଠାରୁ ଉଚ୍ଚତା | (ଖ) ଉତ୍ତର ଓ ଦକ୍ଷିଣରେ ବିଭିନ୍ନ ଜଳବାୟୁ ସୃଷ୍ଟି କରେ । |
| (୩) ସମୁଦ୍ର ସମୀପତା | (ଗ) ଉଚ୍ଚସ୍ଥାନକୁ ଥଣ୍ଡା ରଖେ । |
| (୪) ମୌସୁମୀ ବାୟୁ | (ଘ) ତାପକୁ ନିୟନ୍ତ୍ରଣ କରେ । |

୨ . ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :

(କ) ପାଗ ଓ ଜାଳବାୟୁ ମଧ୍ୟରେ ପାର୍ଥକ୍ୟ କ'ଣ ?

(ଖ) ସମୁଦ୍ରଠାରୁ ଦୂରରେ ଥିବା ସ୍ଥାନ ଅପେକ୍ଷା ନିକଟବର୍ତ୍ତୀ ସ୍ଥାନରେ ତାପମାତ୍ରା ମୃଦୁ ହୋଇଥାଏ କାହିଁକି ?

(ଗ) ଭାରତର ଜଳବାୟୁକୁ ପ୍ରଭାବିତ କରିବାରେ ମୌସୁମୀ ବାୟୁର ଭୂମିକା କ'ଣ ?

(ଘ) ଚେନ୍ନାଇ ବର୍ଷସାରା ଉଷ୍ଣ ବା ଉତ୍ତପ୍ତ ଥିବାବେଳେ ଲେହ ଥଣ୍ଡା ଥାଏ କାହିଁକି ?

୩. ଏହି ପୁସ୍ତକର ଶେଷରେ ଦିଆଯାଇଥିବା ଭାରତର ମାନଚିତ୍ରକୁ ଦେଖ ।

ଏହି ସହରଗୁଡ଼ିକର ଜଳବାୟୁ ଚିହ୍ନିତ କର : ଲେହ, ଚେନ୍ନାଇ, ଦିଲ୍ଲୀ, ପାଣାଜି ଏବଂ ଜୟପୁର

- ଏହି ସ୍ଥାନ ସମୁଦ୍ର ନିକଟରେ, ପର୍ବତ ଉପରେ ବା ମରୁଭୂମିରେ ଅବସ୍ଥିତ ?
- ଏହି ନିୟାମକଗୁଡ଼ିକ କିପରି ସେହି ସବୁ ସ୍ଥାନର ଜଳବାୟୁକୁ ପ୍ରଭାବିତ କରେ ?

୪. ଭାରତ ମାନଚିତ୍ରରେ ଗ୍ରୀଷ୍ମ ଓ ଶୀତ ଋତୁରେ ମୌସୁମୀ ଚକ୍ର ଦର୍ଶାଅ ।

- କେଉଁଠାରେ ପବନ ଗ୍ରୀଷ୍ମ ଓ ଶୀତ ଋତୁରେ ବହେ, ଚିହ୍ନଟ କର ।
- ମୌସୁମୀ ସମୟରେ ବାୟୁର ଦିଗ ଦର୍ଶାଅ ।

୫. ଭାରତର କୃଷି ଓ ପାଗ ସହିତ ଜଡ଼ିତ ପର୍ବପର୍ବାଣୀ (ଅକ୍ଷୟ ତୃତୀୟା, ହୋଲି) ଦର୍ଶାଇ ରଙ୍ଗୀନ ପୋଷ୍ଟରମାନ ପ୍ରସ୍ତୁତ କର । ଏହି ପର୍ବ ପର୍ବାଣୀର ଚିତ୍ର ବା ଛବି ଅଙ୍କନ କର ।

୬. ନିଜକୁ ଜଣେ କୃଷକ ମନେକର । ବର୍ଷାଋତୁ ପାଇଁ ତୁମେ କିପରି ପ୍ରସ୍ତୁତ ରହିବ ସେ ସମ୍ବନ୍ଧରେ ଏକ କ୍ଷୁଦ୍ର ଅନୁଚ୍ଛେଦ ଲେଖ ।

୭. ପ୍ରାକୃତିକ ବିପର୍ଯ୍ୟାୟ (ବାତ୍ୟା, ବନ୍ୟା, ଭୂ-ସ୍ଖଳନ ଓ ବନାଗ୍ନି) ଚିହ୍ନଟ କର । ଏଗୁଡ଼ିକର କାରଣ ଓ ପ୍ରଭାବ ସମ୍ପର୍କରେ ଛୋଟ ପ୍ରବନ୍ଧ ଲେଖ । ଏଗୁଡ଼ିକର ପ୍ରଭାବ ହ୍ରାସ କରିବା ପାଇଁ ବ୍ୟକ୍ତି, ଗୋଷ୍ଠୀ ଓ ସରକାର କି କି ପଦକ୍ଷେପ ନେଇପାରିବେ ସେ ସମ୍ବନ୍ଧରେ ପରାମର୍ଶ ଦିଅ ।

ଅଧ୍ୟାୟ ୪

# ନୂତନ ଅଭ୍ୟୁଦୟ : ସହର ଓ ରାଜ୍ୟ

"କୌଣସି ଦେଶ ବା ରାଜ୍ୟର ସୁରକ୍ଷା ତା'ର ରାଜଧାନୀ ଓ ମୁଖ୍ୟ ସହରଗୁଡ଼ିକର ସୁରକ୍ଷା ଉପରେ ନିର୍ଭର କରିଥାଏ। ରାଜ୍ୟର ଭୂମି କେବଳ ବାସସ୍ଥାନ କିମ୍ବା କୃଷିପାଇଁ ନୁହେଁ, ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଲୋକମାନଙ୍କୁ ସହାୟତା ଦେବା ଆବଶ୍ୟକ। ପୁନଶ୍ଚ ସେହି ଭୂମି କୃଷି ପାଇଁ ଉପଯୋଗୀ ହେବା ଦରକାର। ସେଠାରେ ଖଣି, ଜଙ୍ଗଲ ସହ ହାତୀ ଭଳି ପଶୁମାନଙ୍କ ବାସସ୍ଥାନ ପାଇଁ ଉପଯୋଗୀ ହେବା ସହିତ ଗୋଚର ପାଇଁ ଭୂମି ଅନୁକୂଳ ଓ ପର୍ଯ୍ୟାପ୍ତ ହେବା ଦରକାର। ଏହା ଜଳ ନିମିତ୍ତ କେବଳ ବର୍ଷା ଉପରେ ନିର୍ଭର କରିବା ଅନୁଚିତ୍। ଏଥିରେ ଗମନାଗମନ ପାଇଁ ସ୍ଥଳପଥରେ ରାସ୍ତା ଏବଂ ଉତ୍ତମ ଜଳପଥ ରହିବା ଭଲ। ଏଠାକାର ଭୂମିରୁ ଉତ୍ପାଦିତ ସାମଗ୍ରୀ ଯାହାକି ଅର୍ଥନୀତିକୁ ଅଭିବୃଦ୍ଧିରେ ସହାୟକ ହେବା ସହ ଏଠାରେ ବ୍ୟାପକ କିସମର ପଣ୍ୟ ଦ୍ରବ୍ୟ ମଧ୍ୟ ମିଳିଥାଏ।"

କୌଟିଲ୍ୟ, ଅର୍ଥଶାସ୍ତ୍ର

ଚିତ୍ର : ୪.୧ ରାଜଗୃହର ମୁଖ୍ୟ ସଂରଚନାର ଧ୍ୱଂସାବଶେଷ (ଅଧୁନା ବିହାରର ରାଜଗିର୍), ଯାହା ତତ୍କାଳୀନ ମଗଧ ମହାଜନପଦର ରାଜଧାନୀ ଥିଲା।



## ଆସ ଚିନ୍ତା କରିବା ?

୧. ଭାରତର ଦ୍ୱିତୀୟ ସହରୀକରଣର ଅର୍ଥ କ'ଣ ?

୨. ପ୍ରାରମ୍ଭିକ ଭାରତ ଇତିହାସରେ ଜନପଦ ଓ ମହାଜନପଦଗୁଡ଼ିକର ବିକାଶ ଗୁରୁତ୍ୱପୂର୍ଣ୍ଣ ଥିଲା କାହିଁକି ?

୩. ସେମାନେ କେଉଁ ପ୍ରକାରର ଶାସନ ବ୍ୟବସ୍ଥା ବିକଶିତ କରିଥିଲେ ?

ଦ୍ୱିତୀୟ ସହସ୍ରାବ୍ଦୀର ପ୍ରାରମ୍ଭରେ (ଅର୍ଥାତ ଖ୍ରୀ.ପୂ. ୨୦୦୦ ବର୍ଷ ପରେ କିଛି ଶତାବ୍ଦୀ ଧରି) ସିନ୍ଧୁ ସଭ୍ୟତା / ହରପ୍ପା ସଭ୍ୟତା / ସିନ୍ଧୁ ସରସ୍ୱତୀ ସଭ୍ୟତା, ଯାହାକି ଭାରତର "ପ୍ରଥମ ନଗର ସଭ୍ୟତା" ରୂପେ ପରିଚିତ ତାହା ଖଣ୍ଡ ବିଖଣ୍ଡିତ ହୋଇଥିଲା । କିଛି ନଗର ପରିତ୍ୟକ୍ତ ଥିବା ସମୟରେ, କେତେକ ସ୍ଥାନରେ ଗ୍ରାମୀଣ ଜୀବନ ଶୈଳୀକୁ ଫେରିଥିବା ଲୋକମାନଙ୍କ ଦ୍ୱାରା ଜନ ବସତି ଦେଖିବାକୁ ମିଳିଥିଲା । ହରପ୍ପା ସଭ୍ୟତାରେ ନଗର ବ୍ୟବସ୍ଥାର ସମସ୍ତ ଉପାଦାନ ଯଥା– ବ୍ୟକ୍ତିଗତ କିମ୍ବା ସର୍ବସାଧାରଣ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥିବା ସମସ୍ତ ଗୃହ, ଜନଗହଳିପୂର୍ଣ୍ଣ ରାସ୍ତା ଓ ବ୍ୟସ୍ତ ବହୁଳ ବଜାର, କାରିଗରୀ କୁଳ (ଧାତୁ କାରିଗର, କୁମ୍ଭାର, ନିର୍ମାଣକାରୀ, ତନ୍ତି, ହସ୍ତଶିଳ୍ପ କାରଗର ଇତ୍ୟାଦି) ଲିପିର ବ୍ୟବହାର ସହିତ ଏକ ଉନ୍ନତ ପରିମଳ ବ୍ୟବସ୍ଥାର ଅନୁସରଣ କରିଥିଲେ । ଏକ ବୃହତ୍ ରାଜ୍ୟର ପରିକଳ୍ପନା ଓ ଉନ୍ନତ ପ୍ରଶାସନିକ ବ୍ୟବସ୍ଥାର ରାଜା ମୁଖ୍ୟ ଥିଲେ । ଏହି ପ୍ରଥମ ନଗର ସଭ୍ୟତାର ପତନ ଦୀର୍ଘ ଏକ ହଜାର ବର୍ଷ ପାଇଁ ଭାରତ ବର୍ଷରୁ ସହର ସଭ୍ୟତାକୁ ଦୂରେଇ ରଖିଥିଲା । ଯଦିଓ ଉତ୍ତର ଭାରତର କିଛି ସ୍ଥାନରେ ସେହି ସହର ସଭ୍ୟତାର କିଛି କିଛି ଅଂଶ ଦେଖିବାକୁ ମିଳିଥିଲା । ଏହା ସହିତ ସେଠାରେ ଏକ ଉନ୍ନତ ଆଞ୍ଚଳିକ ସଂସ୍କୃତି ଓ ପରମ୍ପରାର ଫଳକ ସୃଷ୍ଟି ହୋଇଥିଲା, ଯାହା ଏଠାରେ ଆମ ଅଧ୍ୟୟନର ପରିସର ନୁହେଁ ।



ଚିତ୍ର : ୪.୨ ଗାଙ୍ଗେୟ ସମତଳ ଅଞ୍ଚଳର ଉର୍ବର ମୃତ୍ତିକା ମହାଜନପଦର ଅର୍ଥନୈତିକ ବୃଦ୍ଧି ଓ ବିକାଶର ସହାୟକ ଥିଲା ।

ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀରେ ଏକ ନୂତନ ଚଳଚଞ୍ଚଳ ନଗର ସଭ୍ୟତାର ଆରମ୍ଭ ହୋଇଥିଲା । ଏହି ନଗର ସଭ୍ୟତା ବିଶେଷକରି ଗଙ୍ଗା ଓ ସିନ୍ଧୁ ନଦୀର ଅବବାହିକାରେ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଆରମ୍ଭ ହୋଇ, ପରେ ଧିରେ ଧିରେ ଉପମହାଦେଶରେ ବିସ୍ତାର ଲାଭ କରିଥିଲା । ଏହା ଆମେ କିପରି ଜାଣୁ ? ଏହାର ମୁଖ୍ୟତଃ ଦୁଇଟି ଉତ୍ସ ରହିଛି । (୧) ସେଠାକାର ପତ୍ନତାତ୍ତ୍ୱିକ ଖନନ ଦ୍ୱାରା ସେ ସମୟରେ ପ୍ରାଚୀନ ନଗରଗୁଡ଼ିକର ପରିଚୟ ମିଳିଥିଲା । (୨) ପ୍ରାଚୀନ ସାହିତ୍ୟ, ପରବର୍ତ୍ତୀ ବୈଦିକ ଯୁଗର ସାହିତ୍ୟ, ଜୈନ୍ୟ ଓ ବୌଦ୍ଧ ସାହିତ୍ୟରେ ଏହି ନୂତନ ନଗର ବା ସହରର କେନ୍ଦ୍ରଗୁଡ଼ିକ ବିଷୟରେ ଅନେକ କଥା ଉଲ୍ଲେଖ ଅଛି, ଯାହା ଆଜିର ସହର ସଭ୍ୟତା ସହିତ ମେଳ ଖାଉଛି । ଏହାହିଁ ଥିଲା ପ୍ରାଚୀନ ଭାରତର ଦ୍ୱିତୀୟ ସହରୀ ସଭ୍ୟତା ।

## ଜନପଦ ଏବଂ ମହାଜନପଦ

ଖ୍ରୀ.ପୂ. ୨୦୦୦ ଶେଷ ବେଳକୁ ଉତ୍ତର ଭାରତରେ ଆଞ୍ଚଳିକ ସଂସ୍କୃତିର ପୁର୍ନଗଠନ ଆରମ୍ଭ ହେବାକୁ ଲାଗିଲା । ଏହି ଜନସାଧାରଣ କୁଳ, ଗୋତ୍ର ଓ ଗୋଷ୍ଠୀ ଗଠନ କଲେ ଏବଂ ଏକ ସାଧାରଣ ଭାଷା ସହିତ ଗୋଟିଏ ପ୍ରଥାକୁ ଅନୁସରଣ କଲେ । ପ୍ରତ୍ୟେକ ଗୋଷ୍ଠୀ ଏକ ଅଞ୍ଚଳ ବା ଜନପଦରେ ରହି ଜଣେ ରାଜା ବା ଶାସକଙ୍କଦ୍ୱାରା ଶାସିତ ହେଲେ । 'ଜନ' ଶବ୍ଦର ଅର୍ଥ ଲୋକମାନେ 'ପଦ' ଶବ୍ଦର ଅର୍ଥ ଯେଉଁଠାରେ ପାଦ ରଖାଯାଏ ବା ଯେଉଁଠାରେ ସ୍ଥାୟୀ ଭାବରେ ବସବାସ କରାଯାଏ । ବାଣିଜ୍ୟ କାରବାରର ପ୍ରସାର ହେତୁ ଜନପଦଗୁଡ଼ିକର ବୃଦ୍ଧିଘଟି ପରସ୍ପର ମଧ୍ୟରେ ଯୋଗାଯୋଗ ବଢ଼ିଲା । ଖ୍ରୀ.ପୂ.୮ମ ଓ ୭ମ ଶତାବ୍ଦୀ ବେଳକୁ କେତେକ ପ୍ରାଚୀନ ଜନପଦ ପରସ୍ପର ସହିତ ମିଳିତ ହୋଇ ଏକ ବୃହତ୍ ଅଞ୍ଚଳ ଗଠନ କଲେ, ଯାହାକୁ 'ମହାଜନପଦ' କୁହାଗଲା । ଯଦିଓ ଏହି ଜନପଦଗୁଡ଼ିକର ବିଭିନ୍ନ ତାଲିକା ରହିଛି, ତଥାପି 'ଷୋଡ଼ଶ ମହାଜନପଦ' ସମ୍ପର୍କରେ ସମସ୍ତେ ଏକମତ । ଉତ୍ତର ପଶ୍ଚିମର ଗାନ୍ଧାରଠାରୁ ଆରମ୍ଭ କରି ପୂର୍ବରେ ଅଙ୍ଗ ଓ ମଧ୍ୟଭାରତର 'ଅସ୍ମକ'ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହା ବ୍ୟତୀତ କେତେଗୁଡ଼ିଏ ସ୍ୱାଧୀନ ଜନପଦ ମହାଜନପଦ ସହିତ ମିଶିକରି ଥିଲା ।

## ଏହା ବିଷୟରେ ଚିନ୍ତା କର

ଗାଙ୍ଗେୟ ସମତଳ ଅଞ୍ଚଳରେ କେତୋଟି ମହାଜନପଦ ସୃଷ୍ଟି ହୋଇଥିଲା ଲକ୍ଷ୍ୟକର। ଏଗୁଡ଼ିକର ସୃଷ୍ଟି ପଛରେ ପ୍ରମୁଖ କାରଣଗୁଡ଼ିକ ହେଲା: ଉର୍ବର ଗାଙ୍ଗେୟ ସମତଳ ଭୂମିରେ କୃଷିର ଅଭିବୃଦ୍ଧି, ବିଭିନ୍ନ ପାହାଡ଼ ପର୍ବତରେ ଲୁହାପଥରର ସୁଲଭତା ଏବଂ ନୂତନ ବାଣିଜ୍ୟ କାରବାର ସୃଷ୍ଟି ଇତ୍ୟାଦି।

## ଆସ ଅନୁସନ୍ଧାନ କରିବା



→ ଏହି ଜନପଦଗୁଡ଼ିକ ମଧ୍ୟରେ ଶକ୍ତିଶାଳୀ ଥିଲେ ମଗଧ, କୋଶଳ, ବତ୍ସ ଓ ଅବନ୍ତୀ। ପ୍ରଦତ୍ତ ମାନଚିତ୍ର ଦେଖି (ଚିତ୍ର ୪.୩) ସେମାନଙ୍କର ରାଜଧାନୀଗୁଡ଼ିକୁ ଚିହ୍ନଟ କରିପାରିବ କି ?


→ ସେମାନଙ୍କ ମଧ୍ୟରୁ କେତୋଟିକୁ ଆଜିର ଭାରତୀୟ ସହର ସହିତ ଯୋଡ଼ି ପାରିବ ? ମହାଭାରତରେ ବର୍ଣ୍ଣିତ ମାନଚିତ୍ରରେ ଓଡ଼ିଶାକୁ କ'ଣ କୁହାଯାଉଥିଲା ଏବଂ ଏହା କେଉଁଠି ଅବସ୍ଥିତ ଚିହ୍ନଟ କର।

ଖାଇ (Moat): ଏକ ଗଭୀର ଓସାରିଆ ଖାଲ ଯାହା ଏକ ଦୁର୍ଗ କିମ୍ବା ସୁଦୃଢ଼ ସହରକୁ ଚାରିପାଖରୁ ଘେରି ରହିଥାଏ।

ଚିତ୍ର ୪.୩ ମାନଚିତ୍ରରେ ମହାଜନପଦଗୁଡ଼ିକର ରାଜଧାନୀଗୁଡ଼ିକ ସୂଚିତ କରାଯାଇଅଛି। ଅଧିକାଂଶ ସହର ଆକାରରେ ବଡ଼ ଏବଂ ଦୁର୍ଗ ବା ଗଡ଼ ଖାଇ ଦ୍ୱାରା ସୁରକ୍ଷିତ ଥିଲା। ଦୁର୍ଗର ଦ୍ୱାର ପ୍ରାୟତଃ ସଂକୀର୍ଣ୍ଣ ଥିବାରୁ ପ୍ରବେଶ ପଥ ଦେଇ ଯିବା ଆସିବା କରୁଥିବା ଲୋକ ଏବଂ ସାମଗ୍ରୀ ଉପରେ ନିୟନ୍ତ୍ରଣ ରହୁଥିଲା। ସବୁଠାରୁ ଆକର୍ଷଣୀୟ କଥା ହେଉଛି ଯେ, 'ଦୁର୍ଗ' ବା 'ଗଡ଼ଖାଇ' ଗୁଡ଼ିକ ୫୦୦ ବର୍ଷର ପ୍ରାଚୀନ ହୋଇଥିଲେ ବି ଆଜି ମଧ୍ୟ ସେଗୁଡ଼ିକ ତିଷ୍ଠି ରହିଛି।

## ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା

ପ୍ରତ୍ୟେକ ଜନପଦର 'ସଭା' କିମ୍ବା 'ସମିତି' ନାମରେ ଦୁଇଟି ପରିଷଦ ଥିଲା, ଯେଉଁଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଦଳର ସମସ୍ୟାଗୁଡ଼ିକର ଆଲୋଚନା ହେଉଥିଲା। ଭାରତର ସର୍ବପ୍ରାଚୀନ ଗ୍ରନ୍ଥ ବେଦରେ 'ସଭା' ଓ 'ସମିତି'ର ଉଲ୍ଲେଖ ରହିଛି। ଗୋଷ୍ଠୀ ବା ଦଳର ବିଜ୍ଞ ଲୋକମାନଙ୍କୁ ନେଇ ଏହା ଗଠିତ ହୋଇଥିଲା। ରାଜା ବା ଶାସକ 'ସଭା ଓ ସମିତି'ର ସହାୟତାରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ। ଫଳତଃ ରାଜା କିମ୍ବା ଶାସକ ମନମୁଖୀ କିମ୍ବା ସ୍ୱେଚ୍ଛାଚାରୀ ହୋଇପାରୁନଥିଲେ। ତେଣୁ ସେ ସମୟର ଶାସନ ବ୍ୟବସ୍ଥା ପ୍ରଜାମାନଙ୍କ ପାଇଁ ମଙ୍ଗଳ ଓ କଲ୍ୟାଣକାରୀ ଥିଲା।




ଚିତ୍ର ୪.୩ : ଷୋଡ଼ଶ ମହାଜନପଦର ମାନଚିତ୍ର, ଏହାର ସୀମାରେଖାଗୁଡ଼ିକ ଆନୁମାନିକ

ଜଣେ ପ୍ରଜାବତ୍ସଳ ଶାସକ, ମନ୍ତ୍ରୀ, ପାରିଷଦ, ପ୍ରଶାସକଙ୍କ ଉପଦେଶ ସହ ନିଜର ଅନୁଭବକୁ ନେଇ ଶାସନ କରୁଥିଲେ । ସେ ସମୟର କିଛିପାଠରୁ ଜଣାଯାଏ ଯେ, ଜଣେ ଅପାରଗ ଶାସକଙ୍କୁ ବହିଷ୍କାର କରିବାର କ୍ଷମତା 'ସଭା ଓ ସମିତି' କିମ୍ବା ପରିଷଦର ଥିଲା । ଯଦିଓ ଏହା ଏକ ଆଇନ ରୂପେ ଲିପିବଦ୍ଧ ଥିବାର ଦେଖାଯାଏ ନାହିଁ । ଏହା ଆମେ ଜାଣୁ ଯେ, ଏ ସମ୍ପର୍କୀୟ ତଥ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ଅଟେ । ତତ୍କାଳୀନ ରାଜନୀତିରୁ ଯାହା ଜଣାଯାଏ ମହାଜନପଦଗୁଡ଼ିକ, ଜନପଦଗୁଡ଼ିକ ଦ୍ୱାରା ପ୍ରଚଳିତ ମୌଳିକ ନୀତି (ଆଇନ) ଓ ଆଦର୍ଶରେ ପରିଚାଳିତ ହେଉଥିଲା । କେହି କେହି ରାଜା ବା ଶାସକ, ମନ୍ତ୍ରୀ, ବୟୋଜ୍ୟେଷ୍ଠ ପରିଷଦର ସମର୍ଥନରେ ସର୍ବୋଚ୍ଚ କ୍ଷମତା ଉପଭୋଗ କରୁଥିଲେ ।

ରାଜା ବା ଶାସକମାନେ ବଂଶାନୁକ୍ରମିକ ଥିଲେ । ଯାହାର ଅର୍ଥ ଜଣେ ରାଜା ବା ଶାସକ, ଜଣେ ରାଜାଙ୍କ ବା ଶାସକଙ୍କ ପୁତ୍ର ଥିଲେ । ରାଜା ଖଜଣା (ରାଜସ୍ୱ) ଆଦାୟ କରୁଥିଲେ । ସେ ଆଇନ ଶୃଙ୍ଖଳା ରକ୍ଷା କରୁଥିଲେ । ରାଜଧାନୀର ସୁରକ୍ଷା ପାଇଁ ଦୁର୍ଗ ନିର୍ମାଣ କରୁଥିଲେ । ରାଜ୍ୟର ସୁରକ୍ଷା କିମ୍ବା ପଡ଼ୋଶୀ ରାଜ୍ୟର ଆକ୍ରମଣରୁ ରକ୍ଷା ପାଇବା ପାଇଁ ରାଜା ଏକ ସୈନ୍ୟବାହିନୀ ଗଠନ କରୁଥିଲେ । ମଗଧ (ଆଧୁନିକ ବିହାରର ଅଂଶ) କୋଶଳ (ଉତ୍ତର ପ୍ରଦେଶର ଅଂଶ) ଓ ଅବନ୍ତୀ (ମଧ୍ୟପ୍ରଦେଶର ଅଂଶ) ସେ ସମୟର ଶକ୍ତିଶାଳୀ ମହାଜନପଦ ଥିଲେ । ମହାଜନପଦ 'ଭଜି' କିମ୍ବା 'ଭ୍ରିଜି' ଓ ମଲ୍ଲର ଶାସନ ବ୍ୟବସ୍ଥା ସାମାନ୍ୟ ଭିନ୍ନ ଥିଲା । ସମ୍ଭବତଃ 'ସଭା' ଓ 'ସମିତି' ଦୁଇ ଅନୁଷ୍ଠାନ ଏହି ଦୁଇ ରାଜ୍ୟରେ ଅଧିକ ଶକ୍ତିଶାଳୀ ଥିଲେ । ଏମାନେ ଆଲୋଚନା ମାଧ୍ୟମରେ ବହୁତ ବଡ଼ ବଡ଼ ନିଷ୍ପତ୍ତି ନେଉଥିଲେ, ଏପରିକି କିଏ ରାଜା ବା ଶାସକ ହେବ । ଏ ପ୍ରକାରର ନିଷ୍ପତ୍ତି ମଧ୍ୟ 'ସଭା' ଓ 'ସମିତି'ର ଥିଲା । ସେଠାରେ ଏହିପରି ଭାବରେ 'ଗଣ' ବା 'ସଂଘ' ଶାସନ ବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଏହା ଥିଲା ଗଣତାନ୍ତ୍ରିକ ଶାସନର ନମୁନା । ସେମାନେ ଶାସକ ଚୟନ କରିବା ସହ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନେଇ ପାରୁଥିଲେ । ବିଦ୍ୱାନ ଐତିହାସିକମାନେ ଏହାକୁ ପୃଥିବୀର ସର୍ବପ୍ରାଚୀନ ଲୋକତନ୍ତ୍ର ଭାବରେ ବିବେଚନା କରିଛନ୍ତି ।



ଚିତ୍ର ୪.୪ ବତ୍ସ ଜନପଦର ରାଜଧାନୀ କୌଶାମ୍ବୀ ପରିସରର ଧ୍ୱଂସାବଶେଷ

## ଅଧିକ ନୂଆ କଥା ଜାଣିବା


ଜନପଦ କିମ୍ବା ମହାଜନପଦ ଯୁଗ ଭାରତ ଇତିହାସରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା । ଏହା ଭାରତୀୟ ସଭ୍ୟତାକୁ ବର୍ତ୍ତମାନ ମଧ୍ୟ ପ୍ରଭାବିତ କରିଆସୁଛି । ଷଷ୍ଠ ଶ୍ରେଣୀ ଇତିହାସ ବହିରେ ଭାରତରେ "ସାଂସ୍କୃତିକ ଉତ୍ସ" ଅଧ୍ୟାୟରେ ଆମେ ଅନେକଗୁଡ଼ିଏ ନୂତନ ଚିନ୍ତାଧାରା ବିଷୟରେ ଜାଣିଲୁ । ପରବର୍ତ୍ତୀ ବୈଦିକ ଯୁଗ, ବିଶେଷ କରି ଜୈନ ଓ ବୌଦ୍ଧ ଚିନ୍ତାଧାରା ଓ ସେମାନଙ୍କର ସାହିତ୍ୟ କୃତି ହେଉଛି ଅନ୍ୟତମ । ବିଭିନ୍ନ ଚିନ୍ତାଧାରାର ପ୍ରଚାର କରୁଥିବା ବିଦ୍ୱାନ ସନ୍ନ୍ୟାସୀ, ସନ୍ନ୍ୟାସିନୀ, ବୌଦ୍ଧ ଭିକ୍ଷୁ ନିଜ ନିଜର ତୀର୍ଥ ଯାତ୍ରୀମାନଙ୍କ ମାଧ୍ୟମରେ ସେହି ବିଚାର ଓ ସାହିତ୍ୟର ପ୍ରଚାର କରୁଥିଲେ । ଭାରତୀୟ କଳାର ମଧ୍ୟ ଏକ ନବୀକରଣ ହୋଇଥିଲା । ପରବର୍ତ୍ତୀ ସମୟରେ ସାମ୍ରାଜ୍ୟବାଦୀ ଯୁଗରେ ମଧ୍ୟ ଏହାର ପ୍ରଚାର ପ୍ରସାର ଦେଖିବାକୁ ମିଳିଥିଲା ।

ପ୍ରଯୁକ୍ତିବିଦ୍ୟା ବିନା ଉନ୍ନତ ସହରୀକରଣ ସମ୍ଭବ ନୁହେଁ । ପ୍ରମାଣ ଅଛି ହରପ୍ପା ସଭ୍ୟତାରେ ତମ୍ବା ଓ ବ୍ରୋଞ୍ଜର ବହୁଳ ବ୍ୟବହାର ହେଉଥିଲା । ସେ ସମୟରେ ଧାତୁଶିଳ୍ପୀମାନେ ତମ୍ବା ଓ ବ୍ରୋଞ୍ଜଧାତୁର ଶିଳ୍ପ କଳାରେ ଅତ୍ୟନ୍ତ ନିପୁଣ ଥିଲେ । ମାତ୍ର ଦ୍ୱିତୀୟ ସହରୀକରଣରେ ଲୌହର ଆବିଷ୍କାର ହୋଇଥିଲା । ଲୁହା ଥିଲା ତମ୍ବା କିମ୍ବା ବ୍ରୋଞ୍ଜଠାରୁ ଅଧିକ ଶକ୍ତିଶାଳୀ । ଖ୍ରୀ.ପୂ. ୨ୟ ଶତାବ୍ଦୀର ଶେଷ ଭାଗରେ ଲୁହା ଏକ ମୁଖ୍ୟ ଧାତୁ ଭାବରେ ଉଭା ହୋଇଥିଲା । ଲୁହାର ଆବିଷ୍କାର କୃଷି କ୍ଷେତ୍ରରେ ଅଧିକ ଉନ୍ନତି ଆଣିଥିଲା । ଲୁହା ଦ୍ୱାରା ନିର୍ମିତ ହାଲୁକା ଓ ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ର ଯଥା– ଖଣ୍ଡା, ବର୍ଚ୍ଛା, ଶର, ଢାଲ ଇତ୍ୟାଦି ନିର୍ମିତ ହୋଇପାରିଲା । ମହାଜନପଦଗୁଡ଼ିକ ମଧ୍ୟରେ ହୋଇଥିବା ଯୁଦ୍ଧରେ ଏହି ଲୌହ ନିର୍ମିତ ହାତ ହତିଆର ବ୍ୟବହାରର ପ୍ରମାଣ ମିଳେ । ଭୟଙ୍କର ସାମରିକ ସଂଗ୍ରାମ ଓ ଚୁକ୍ତି ନୂଆ ସାମ୍ରାଜ୍ୟ ସୃଷ୍ଟି କରି ଚାଲିଲା, ଯାହା ଆମେ ପରବର୍ତ୍ତୀ ଅଧ୍ୟାୟରେ ଅଧ୍ୟୟନ କରିବା । ଏହି ସମୟରେ ବିନିମୟର ମାଧ୍ୟମ ରୂପେ 'ମୁଦ୍ରାର' ପ୍ରଥମ ପ୍ରଚଳନ ହୋଇଥିଲା । ଏହା ବାଣିଜ୍ୟ କାରବାରରେ ଅଧିକ ଉନ୍ନତି ଆଣିଥିଲା । ଏହାଦ୍ୱାରା ବିଶ୍ୱର ଅନ୍ୟ ଦେଶ ସହିତ ବାଣିଜ୍ୟ କାରବାର ସହଜ ହୋଇପାରିଥିଲା ।

ରୂପା ଏକ ନରମ ଧାତୁ ଯାହା ପ୍ରଥମ ଭାରତୀୟ ମୁଦ୍ରା ରୂପେ ପରିଚିତ ଏବଂ ବ୍ୟବହୃତ । ଏହାର ନରମ ସ୍ୱଭାବ ଯୋଗୁଁ ଏହା ଦେହରେ ପଞ୍ଚ୍ (ଆହତ) ଦ୍ୱାରା ପ୍ରତୀକଗୁଡ଼ିକ ଛପା ଯାଇପାରୁଥିଲା । ଏହି ପ୍ରକାର ମୁଦ୍ରାକୁ 'ପଞ୍ଚମାର୍କ' ମୁଦ୍ରା କୁହାଯାଉଥିଲା । ଅବଶ୍ୟ ପରେ ତମ୍ବା, ସୁନା ଇତ୍ୟାଦି ଧାତୁ ମୁଦ୍ରାରୂପେ ବ୍ୟବହୃତ ହେଲା । ସାଧାରଣତଃ ଦେଖାଯାଇଛି ଯେ, ମହାଜନପଦଗୁଡ଼ିକ ସେମାନଙ୍କର ନିଜସ୍ୱ ମୁଦ୍ରାର ପ୍ରଚଳନ କରୁଥିଲେ, ଯାହା ସେହି ମହାଜନପଦ ମଧ୍ୟରେ ବିନିମୟର



ମାଧ୍ୟମରୂପେ ବ୍ୟବହୃତ ହେଉଥିଲା । ସ୍ଥଳବିଶେଷରେ ଦେଖାଯାଇଛି ଯେ, କୌଣସି ମହାଜନପଦର ମୁଦ୍ରା ତା'ର ପଡ଼ୋଶୀ ଜନପଦରେ ମଧ୍ୟ ବ୍ୟବହୃତ ହେଉଥିଲା ।



### ଆସ ଅନୁସନ୍ଧାନ କରିବା

ଠିକ୍ (✓) କିମ୍ବା (✗) ଚିହ୍ନ ଦେଇ ସ୍ତମ୍ଭ ପୂରଣ କର, ଯାହାକି ଭାରତୀୟ ସଭ୍ୟତାର ଦୁଇଟି ପର୍ଯ୍ୟାୟ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରେ ।

| | ପ୍ରଥମ ସହରୀକରଣ | ଦ୍ୱିତୀୟ ସହରୀକରଣ |
|---|---|---|
| ଗାଙ୍ଗେୟ ସମତଳ ଅଞ୍ଚଳ | | |
| ମଠ / ବିହାର | | |
| ସାହିତ୍ୟ | | |
| ବ୍ୟବସାୟ | | |
| ଯୁଦ୍ଧକଳା | | |
| ତମ୍ବା / ବ୍ରୋଞ୍ଜ | | |
| ଲୌହ | | |

## ବର୍ଣ୍ଣ ଜାତି ବ୍ୟବସ୍ଥା

ଆମେ ପୂର୍ବରୁ ଜାଣିଛନ୍ତି ସଭ୍ୟତାର ଅଗ୍ରଗତି ସହ ମାନବ ଜାତି କିପରି ଜଟିଳତା ଆଡ଼କୁ ଗତି କଲା । ଏହା ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଏକ ସାମାଜିକ ଶ୍ରେଣୀ ସହ ବୃତ୍ତି କିମ୍ବା ଅନ୍ୟ କିଛି ମାନଦଣ୍ଡକୁ ଆଧାର କରି ନିଜକୁ ଭିନ୍ନ ଭିନ୍ନ ଗୋଷ୍ଠୀରେ ପରିଣତ କଲା । ଉଦାହରଣ ସ୍ୱରୂପ – ଶାସନ, ପ୍ରଶାସନ, ଧର୍ମ, ଶିକ୍ଷା, ବାଣିଜ୍ୟ, ସହର ଯୋଜନା, କର୍ମଚାରୀ, କୃଷି, କାରିଗରୀ, କଳା ଏବଂ ଅନ୍ୟ ସମସ୍ତ ପ୍ରକାରର ବୃତ୍ତିଧାରୀ ବିଭିନ୍ନ ଗୋଷ୍ଠୀ ସହିତ ଜଡ଼ିତ ହେଲେ ।



ଚିତ୍ର : ୪.୫ ସାଞ୍ଚି ସ୍ତୂପର ଏହି ଚିତ୍ରରେ ଏକ କମାର ଶାଳ / ଧାତୁ କର୍ମଶାଳାର ଚିତ୍ର ଦିଆଯାଇଛି, ଯେଉଁଠାରେ ବିଭିନ୍ନ ଶ୍ରମିକ; କାଠ ଓ ପାଣି ନେଇ ନିଆଁ ଜାଳି ଲୁହାକୁ ପିଟିବାର ଦୃଶ୍ୟ ରହିଛି ।



ଚିତ୍ର : ୪.୬ ଉତ୍ତର ଭାରତରେ ଥିବା କିଛି ପ୍ରାଚୀନ ସହରଗୁଡ଼ିକର ଛାପାଯୁକ୍ତ ମୁଦ୍ରା



## ଆସ ଅନୁସନ୍ଧାନ କରିବା

→ ଏକ ଜଟିଳ ସମାଜ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୁଏ କାହିଁକି ? ଏହାର ସମ୍ଭାବ୍ୟ କାରଣ ଗୁଡ଼ିକ ଚିନ୍ତାକର ।

→ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀର ଏକ ଜଟିଳ ସମାଜରେ କେଉଁ କେଉଁ ବୃତ୍ତିଧାରୀଙ୍କୁ ତୁମେ ଜାଣିଛ, ତା'ର ଏକ ତାଲିକା ପ୍ରସ୍ତୁତ କର ।

ଏକ ଆଦର୍ଶ ସମାଜରେ ସମସ୍ତ ଗୋଷ୍ଠୀ ପରସ୍ପର ପ୍ରତି ସହଯୋଗୀ ହୋଇ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଦରକାର । କିନ୍ତୁ ଅଧିକାଂଶ ସମୟରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୁଏ । କିଛି ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଅପେକ୍ଷା ଅଧିକ ଧନ, କ୍ଷମତା କିମ୍ବା ପ୍ରଭାବ ହାସଲ କରିଥାନ୍ତି, ଯାହା ସମାଜରେ ସମାନତା ପରିବର୍ତ୍ତେ ବୈଷମ୍ୟ ସୃଷ୍ଟି କରିଥାଏ । ସମାନତା ଏକ ଆଦର୍ଶ ଯାହା ମାନବ ସମାଜ ସର୍ବଦା ଚାହିଁଥାଏ ।

ଭାରତରେ ସମାଜ ଦୁଇ ଶ୍ରେଣୀରେ ବିଭକ୍ତ ଥିଲା । ତନ୍ମଧ୍ୟରୁ ଗୋଟିଏ ହେଉଛି ଜାତି, ଯାହା ଏକ ଗୋଷ୍ଠୀ ବା ସମୁଦାୟ ଯେଉଁମାନେ ନିର୍ଦ୍ଦିଷ୍ଟ ଜୀବିକା ସହ ନିବିଡ଼ ଭାବେ ସଂପୃକ୍ତ, ସେମାନେ ଅତ୍ୟନ୍ତ କୁଶଳୀ ଯେପରିକି କୃଷକ, ଧାତୁ କାରିଗର, ହସ୍ତଶିଳ୍ପୀ ଇତ୍ୟାଦି ଯାହା ପିଢ଼ିରୁ ପିଢ଼ି ଧରି ଲୋକମାନଙ୍କର ବୃତ୍ତି ହୋଇଥାଏ । ଏହି ଜାତିରୁ ପରବର୍ତ୍ତୀ ସମୟରେ ଅନେକ ଉପଜାତି ବା ବ୍ୟବସାୟୀ ସୃଷ୍ଟି ହେଲେ ।

ଜାତି ସହିତ 'ବର୍ଣ୍ଣ' ନାମରେ ଅନ୍ୟ ଏକ ବର୍ଗର ସୃଷ୍ଟି ହୋଇଥିଲା । 'ବର୍ଣ୍ଣର' ଧାରଣା ବେଦରୁ ଆସିଅଛି, ଯାହା ଚାରି ଭାଗରେ ବିଭକ୍ତ ଯଥା– ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର । 'ବ୍ରାହ୍ମଣ' ବୈଦିକ ପୂଜାଠାରୁ ଆରମ୍ଭ କରି ଜ୍ଞାନର ବିତରଣ କରୁଥିବାବେଳେ, କ୍ଷତ୍ରୀୟ ସମାଜର ସୁରକ୍ଷା ଦାୟିତ୍ୱରେ ରହୁଥିଲେ । ବୈଶ୍ୟମାନେ ବାଣିଜ୍ୟ ବ୍ୟବସାୟ ଦ୍ୱାରା ସମାଜକୁ ବିତ୍ତଶାଳୀ କରୁଥିବାବେଳେ ଶୂଦ୍ରମାନେ ବିଭିନ୍ନ କାରିଗରୀ ବିଦ୍ୟାରେ ନିପୁଣ ହୋଇ ସମାଜର ପ୍ରତ୍ୟେକ ବର୍ଗର ସେବାରେ ସହଯୋଗ କରୁଥିଲେ, ଯେଉଁମାନଙ୍କର ସେବା ଏକ ଉନ୍ନତ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।



## ମନେରଖ

ତୁମେ ଇଂରାଜୀରେ 'କାଷ୍ଟ' (Caste) ବା ଜାତି ଶୁଣିଥିବ, ଯାହା ଏକ ପର୍ତ୍ତୁଗୀଜ ଶବ୍ଦ (କାଷ୍ଟାରୁ) ଆସିଛି। ପର୍ତ୍ତୁଗୀଜମାନେ ଷୋଡ଼ଷ ଶତାବ୍ଦୀର ପ୍ରାରମ୍ଭରେ ଭାରତକୁ ଆସିଥିଲେ। ସେମାନେ ଭାରତର ସମାଜକୁ ବୁଝିବାକୁ ଚେଷ୍ଟା କରିଥିଲେ। କିଛି ବିଦ୍ୱାନ ଜାତିକୁ 'ବର୍ଣ୍ଣ' ବୋଲି ବିବେଚନା କରୁଥିବାବେଳେ, ଅଧିକାଂଶ ଏହାକୁ ଜାତି ବୋଲି ବିବେଚନା କରୁଥିଲେ। ତଥାପି ଏହା ବର୍ଣ୍ଣ-ଜାତି ବ୍ୟବସ୍ଥା ନାମରେ ପରିଚିତ ଥିଲା।

ଐତିହାସିକ ପୃଷ୍ଠଭୂମିରୁ ଜଣାଯାଏ, ସଭ୍ୟତାର ଆରମ୍ଭରେ ଲୋକମାନେ ସେମାନଙ୍କର ଆବଶ୍ୟକତାକୁ ନେଇ ବୃତ୍ତି ଗ୍ରହଣ କରୁଥିଲେ। ଉଦାହରଣ ସ୍ୱରୂପ– ଭୟଙ୍କର ଦୁର୍ଭିକ୍ଷ ବା ଅନ୍ୟ କିଛି ପ୍ରାକୃତିକ ବିପର୍ଯ୍ୟୟ ବେଳେ କୃଷକମାନେ ସେମାନଙ୍କର ବୃତ୍ତି ପରିବର୍ତ୍ତନ କରି ସ୍ଥାନାନ୍ତର ହେବାର ଦୃଷ୍ଟାନ୍ତ ରହିଛି। ବ୍ରାହ୍ମଣମାନେ ଜ୍ଞାନ ବିତରଣ କିମ୍ବା ପୂଜାପାଠ କରାଇବା ପରିବର୍ତ୍ତେ ଅସ୍ତ୍ର ଧରିବାର ପ୍ରମାଣ ଅଛି। ଏହି ଜଟିଳ ସାମାଜିକ ବ୍ୟବସ୍ଥା ଭାରତୀୟ ସମାଜକୁ ଅର୍ଥନୀତି କ୍ଷେତ୍ରରେ ସୁଦୃଢ଼ କରିବାରେ ସହାୟକ ହୋଇଛି। ପରବର୍ତ୍ତୀ ସମୟରେ ଏହି ଜାତିବାଦ ସମୟାନୁକ୍ରମେ ସମାଜରେ ସ୍ଥିରତା ଆଣିଛି। ପରେ ଏହା ଧୀରେ ଧୀରେ କଠୋର ହୋଇ ସମାଜର ଜାତି ବ୍ୟବସ୍ଥାରୁ ବାଦ ପଡ଼ିଥିବା କିଛି ସମ୍ପ୍ରଦାୟ ଭିତରେ ଭେଦଭାବ ସୃଷ୍ଟି କରିଛି। ଏହା ପରବର୍ତ୍ତୀ ଶ୍ରେଣୀରେ ବିଶଦ୍ ଭାବେ ଆଲୋଚନା କରାଯିବ।

ଜାତି, ବର୍ଣ୍ଣ ବ୍ୟବସ୍ଥା ଭାରତୀୟ ସମାଜ ଉପରେ ଗଭୀର ପ୍ରଭାବ ପକାଇଛି ଏବଂ ପିଢ଼ି ପରେ ପିଢ଼ି ଧରି ବିଦ୍ୱାନମାନେ ଏହାର ଅଗଣିତ ଦିଗକୁ ଅଧ୍ୟୟନ କରିଛନ୍ତି। ଏକ ସାଧାରଣ ସହମତିରୁ ଜଣାଯାଏ ଯେ, ଏହି ଜାତି ବର୍ଣ୍ଣ ବ୍ୟବସ୍ଥା ପୂର୍ବ କାଳରେ ଅଧିକ ନମନୀୟ ଥିଲା ଏବଂ ସମୟ କ୍ରମେ ବିଶେଷକରି ଭାରତରେ ବ୍ରିଟିଶ ଶାସନ ସମୟରେ ଅଧିକ କଠୋର ହୋଇଯାଇଥିଲା। ଆମେ ଏହା ମଧ୍ୟ ମନେରଖିବା ଉଚିତ ଯେ, ବର୍ଣ୍ଣ-ଜାତି ଭାରତୀୟ ସମାଜରେ କାର୍ଯ୍ୟ କରୁଥିବା ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ନ ଥିଲା। ଏଠାରେ ଅନେକ ଭିନ୍ନ ବ୍ୟବସ୍ଥାମାନ ରହିଥିଲା ଯାହା ମଧ୍ୟରୁ କେତେକ ଆମେ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କରିବା। ବିଶେଷକରି ଆମର ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା ବିଷୟରେ ଆଲୋଚନା କରିବା।

## ଏହା ବିଷୟରେ ଚିନ୍ତା କର

ସମାଜରେ ଅନେକ ରୂପରେ ଅସମାନତା ରହିପାରେ । ତୁମେ କେବେ କୌଣସି ଘଟଣା ଦେଖିଛ କି ଯାହାକୁ ଭିନ୍ନ ଭିନ୍ନ ଭାବରେ ଅନୁଭବ କରି ହୋଇଥିବ ? ତୁମେ ଭାବୁଛ କି ସମାଜରେ ସମାନତାର ଆବଶ୍ୟକତା ଅଛି ? ଯଦି ହଁ ତେବେ କାହିଁକି ? ସମାଜରୁ ଅସମାନତାକୁ ହ୍ରାସ କରିବା ପାଇଁ ଯେଉଁ ବ୍ୟକ୍ତି କିଛି ପଦକ୍ଷେପ ନେଇଛନ୍ତି, ତୁମେ ସେମାନଙ୍କ ସଂସ୍ପର୍ଶରେ ଆସିଛ କି ?

## ଭାରତର ଅନ୍ୟାନ୍ୟ ଅଞ୍ଚଳରେ ବିକାଶ


ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀରେ ବାଣିଜ୍ୟ, ତୀର୍ଥଯାତ୍ରା, ସାମରିକ ଅଭିଯାନ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ (ରାସ୍ତା) ଖୋଲା ଯାଇଥିଲା। ଦୁଇଟି ମାର୍ଗ ବହୁଳ ଭାବେ ବ୍ୟବହାର ହେଉଥିବାର ପ୍ରମାଣ ସେ ସମୟର ସାହିତ୍ୟରୁ ମିଳେ। ଗୋଟିଏ ହେଲା 'ଉତ୍ତରାପଥ' ଓ ଅନ୍ୟଟି 'ଦକ୍ଷିଣାପଥ' । ଉତ୍ତରାପଥ: ଉତ୍ତର ପଶ୍ଚିମ ଅଞ୍ଚଳକୁ ଗଙ୍ଗାନଦୀର ସମତଳ ଅଞ୍ଚଳ ସହିତ ପୂର୍ବ ଭାରତ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବେଳେ, ଦକ୍ଷିଣାପଥ: (କୌଶାମ୍ବୀ) ଯାହା ଉତ୍ତର ପ୍ରଦେଶର ପ୍ରୟାଗରାଜ ସନ୍ନିକଟ, ଏବଂ ପରବର୍ତ୍ତୀ ସମୟରେ ବସ୍ ମହାଜନପଦର



ଚିତ୍ର ୪.୭ ପ୍ରଥମ ଖନନ – ୧୯୪୮ ମସିହା ଶିଶୁପାଳଗଡ଼, ଯାହା ଆଜି ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ। ଜଳପୂର୍ଣ୍ଣ ଗଡ଼ଖାଇ, ସଂକୀର୍ଣ୍ଣ ପ୍ରବେଶ ପଥ ଯାହା ବାହାରୁ ଦେଖାଯାଉଛି। ଏହା ଜନସାଧାରଣଙ୍କ ଯାତାୟାତ ଓ ପଣ୍ୟ ଦ୍ରବ୍ୟାଦିର ପ୍ରବେଶକୁ ନିୟନ୍ତ୍ରଣ କରୁଥିଲା।

ରାଜଧାନୀ ରୂପେ ପ୍ରତିଷ୍ଠା ପାଇଥିଲା ଏବଂ ଦକ୍ଷିଣରେ ବିନ୍ଧ୍ୟ ପର୍ବତାଞ୍ଚଳକୁ ଅତିକ୍ରମ କରିଥିଲା । ଆମେ ଏହି ପଥଗୁଡ଼ିକ ବିଷୟରେ ଆଲୋଚନା ଜାରି ରଖିବା, ଯେତେବେଳେ ଦେଶର ସାମ୍ରାଜ୍ୟ ଗଠନ ବିଷୟରେ ଆଲୋଚନା ହେବ ।

ସେତେବେଳେ ଅନ୍ୟାନ୍ୟ ପାର୍ଶ୍ୱରାସ୍ତାଗୁଡ଼ିକ ଭାରତର ବିଭିନ୍ନ ଅଂଶକୁ ସଂଯୋଗ କରୁଥିଲା । ମୁଖ୍ୟତଃ ପଶ୍ଚିମ ଓ ପୂର୍ବ ଉପକୂଳରେ ଥିବା ଗୁରୁତ୍ୱପୂର୍ଣ୍ଣ ବନ୍ଦରଗୁଡ଼ିକ ସହିତ, ଯେଉଁଗୁଡ଼ିକ ବାଣିଜ୍ୟର କେନ୍ଦ୍ରସ୍ଥଳୀ ଥିଲା । ପୂର୍ବ ଅଞ୍ଚଳରେ ଶିଶୁପାଳଗଡ଼ (ଯାହା ଆଜି ଭୁବନେଶ୍ୱରର ଅଂଶବିଶେଷ) ଭଳି ପ୍ରମୁଖ ସହରଗୁଡ଼ିକ ଗଢ଼ି ଉଠିଥିଲା । ଶିଶୁପାଳଗଡ଼ ତତ୍କାଳୀନ କଳିଙ୍ଗର ରାଜଧାନୀ ଥିଲା । ଏହା ଏକ ବର୍ଗାକାର ଭୂମି ଉପରେ ଗଢ଼ି ଉଠିଥିବା ଯୋଜନାବଦ୍ଧ ଦୁର୍ଗୀକରଣ ସହ ଏହାର ରାସ୍ତାଗୁଡ଼ିକ ବହୁତ ପ୍ରଶସ୍ତ ଥିବାର ଜଣାଯାଏ । ଉପମହାଦେଶର ଦକ୍ଷିଣାଞ୍ଚଳରେ ଖ୍ରୀ.ପୂ. ୪୦୦ ବେଳକୁ ସହରଗୁଡ଼ିକର ଗଠନ ଆରମ୍ଭ ହୋଇଥିବାର ସଙ୍କେତ ମିଳିଛି । ଏହି ସମୟରେ ଚେର, ଚୋଳ ଓ ପାଣ୍ଡ୍ୟ ଭଳି ତିନୋଟି ରାଜବଂଶର ଉଦ୍ଭବ ହୋଇଥିଲା ।




ଚିତ୍ର : ୪.୮ ଖ୍ରୀ.ପୂ. ୧୯୦୦ ରୁ ଖ୍ରୀ.ପୂ. ୩୦୦ ପର୍ଯ୍ୟନ୍ତ ସମୟର ସମୟ ରେଖା



ଚିତ୍ର : ୪.୯ ତାମିଲନାଡୁର ଏରୋଡ଼ା ନିକଟବର୍ତ୍ତୀ କୋଡୁମାନଲ ଅଞ୍ଚଳରେ ଥିବା ଶାମୁକା ଓ ମୂଲ୍ୟବାନ ପଥର ଶିଳ୍ପର ଦୃଶ୍ୟଚିତ୍ର

ପ୍ରତ୍ନତାତ୍ତ୍ୱିକ ଉପାଦାନ ବ୍ୟତୀତ, ପ୍ରାୟ ସମସ୍ତ ପ୍ରାଚୀନ ତାମିଲ ସାହିତ୍ୟରେ ସେ ସମୟର ରାଜ୍ୟ ଓ ରାଜା ବା ଶାସକମାନଙ୍କ ବିଷୟରେ ବର୍ଣ୍ଣନା ରହିଛି ।

ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଅତ୍ୟନ୍ତ ଧନଶାଳୀ ଥିଲେ । ସେଠାକାର ଖଣିମାନଙ୍କରୁ ଅତି ମୂଲ୍ୟବାନ ଓ ସ୍ୱଳ୍ପ ମୂଲ୍ୟବାନ ପ୍ରସ୍ତର, ସୁବର୍ଣ୍ଣ ଏବଂ ମସଲା ଦ୍ରବ୍ୟର ଉତ୍ପାଦନ ସେମାନଙ୍କୁ ଦେଶ ଭିତରେ ବାଣିଜ୍ୟ କରିବା ସହ ସମୁଦ୍ର ପଥରେ ଅନ୍ୟ ଦେଶ ସହ ବାଣିଜ୍ୟ କରି ଲାଭବାନ କରାଉଥିଲା ।

ଖ୍ରୀ.ପୂ. ୩୦୦ କିମ୍ବା ଖ୍ରୀ.ପୂ. ୨୦୦ ବେଳକୁ ସମଗ୍ର ଭାରତୀୟ ଉପମହାଦେଶରେ ଏପରିକି ଉତ୍ତରପୂର୍ବାଞ୍ଚଳରେ ମଧ୍ୟ ଯୋଗାଯୋଗରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଉଭୟ ଦ୍ରବ୍ୟ ଓ ସଂସ୍କୃତି ଏକ ସଙ୍ଗରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ବ୍ୟାପି ଯାଇଥିଲା । ଏହାର ବ୍ୟାପକତା ଭାରତ ବାହାରେ ଯଥା ମଧ୍ୟ ଏସିଆରୁ ଦକ୍ଷିଣ-ପୂର୍ବ ଏସିଆ ପର୍ଯ୍ୟନ୍ତ ଲମ୍ବିଥିଲା । ପ୍ରାୟ ସେହି ସମୟରେ ଭାରତରେ ମହାଜନପଦଗୁଡ଼ିକର ପତନ ହେବା ସହ ନୂତନ ଭାରତର ଅଭ୍ୟୁଦୟର ପଥ ଉନ୍ମୁକ୍ତ କରିଥିଲା ।

## ଆମେ କ'ଣ ଶିଖିଲେ...



→ ଖ୍ରୀ.ପୂ. ଦ୍ୱିତୀୟ ସହସ୍ରାବ୍ଦୀର ଶେଷ ଭାଗରେ ଉତ୍ତର ଓ ମଧ୍ୟ ଭାରତର କିଛି ଅଞ୍ଚଳରେ ଜନପଦଗୁଡ଼ିକ ଗଢ଼ି ଉଠିଥିଲା। ସେଗୁଡ଼ିକ କ୍ଷୁଦ୍ର ରାଜ୍ୟ ପରିଥିଲେ, ରାଜା ଥିଲେ ଶାସନର ମୁଖ୍ୟ। ବୟସ୍କ ଲୋକମାନଙ୍କୁ ନେଇ ଗଠିତ ଏକ 'ସଭା' ରାଜାଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରୁଥିଲା।

→ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀର ଷୋହଳଟି ମହାଜନପଦ ସର୍ବପ୍ରଥମ ସୁସଂଗଠିତ ରାଜ୍ୟ ଭାବରେ ଖ୍ୟାତ ଥିଲେ। ଏଗୁଡ଼ିକ ଦ୍ୱିତୀୟ ସହର ସଭ୍ୟତାର ମୂକ ସାକ୍ଷୀ ଥିଲେ। ଦ୍ୱିତୀୟ ସହରୀ ସଭ୍ୟତା ଭାରତର ଉତ୍ତର ପୂର୍ବରେ ଗାଙ୍ଗେୟ ସମତଳ ଅଞ୍ଚଳରୁ ଦାକ୍ଷିଣାତ୍ୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ପ୍ରାୟ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ବେଳକୁ ମହାଜନପଦର ପତନ ଦେଖିବାକୁ ମିଳିଥିଲା।

→ ଏହି ସମୟ ମଧ୍ୟରେ ଭାରତର ପୂର୍ବରୁ ପଶ୍ଚିମ ଓ ଉତ୍ତରରୁ ଦକ୍ଷିଣକୁ ଯୋଗାଯୋଗ ବା ଗମନାଗମନର ବିଶେଷ ଉନ୍ନତି ସାଧିତ ହୋଇଥିଲା। ଫଳତଃ ଭାରତ ଉପମହାଦେଶ ମଧ୍ୟରେ ଲୋକମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ, ଜ୍ଞାନ ଓ ଶିକ୍ଷାର ପ୍ରସାର କରିପାରିଲେ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଅଧ୍ୟାୟର ଆରମ୍ଭରେ ଥିବା ଉଦ୍ଧୃତିକୁ ବିଚାର କରି, ତୁମ ଦଳ ଭିତରେ ଆଲୋଚନା କର। ଏକ ପ୍ରଜାମଙ୍ଗଳକାରୀ ରାଜ୍ୟ ପାଇଁ କୌଟିଲ୍ୟଙ୍କ ସୁପାରିଶଗୁଡ଼ିକ ସମ୍ବନ୍ଧରେ ନିଜ ଦଳ ଭିତରେ ଆଲୋଚନା କର।

୨. ପାଠ୍ୟ ଅନୁସାରେ, ପ୍ରାଚୀନ ବୈଦିକ ସମାଜରେ ଶାସକମାନେ କିପରି ମନୋନୀତ ହେଉଥିଲେ ?

୩. ମନେକର ତୁମେ ଜଣେ ଐତିହାସିକ, ମହାଜନପଦମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ ତୁମେ କେଉଁ ପ୍ରକାର ଉପାଦାନଗୁଡ଼ିକୁ (ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ) ବ୍ୟବହାର କରିବ ? ପ୍ରତ୍ୟେକ ଉପାଦାନ ତୁମକୁ ଇତିହାସ ବୁଝିବାରେ କିପରି ସହାୟକ ହୋଇପାରିବ, ବ୍ୟାଖ୍ୟା କର।

୪. ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀରେ ଲୌହଧାତୁ କିପରି ସହର ସଭ୍ୟତାର ବିକାଶରେ ସହାୟକ ହୋଇଥିଲା, ତୁମ ପାଠ୍ୟ ବିଷୟରୁ କିମ୍ବା ନିଜ ଚିନ୍ତାଧାରାରୁ ଲେଖ।

# ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୫

# ସାମ୍ରାଜ୍ୟର ଅଭ୍ୟୁଦୟ

ଲୋକମାନଙ୍କ ବିନା ରାଜ୍ୟ ଅସମ୍ଭବ ଏବଂ ରାଜ୍ୟ ବିନା ଦେଶ ଅସମ୍ଭବ ।

"ଅର୍ଥଶାସ୍ତ୍ରରେ କୌଟିଲ୍ୟଙ୍କ ଉକ୍ତି"

ଚିତ୍ର : ୫.୧ ବିହାରର ବାରବର ପାହାଡ଼ରେ ପଥର କଟା ଗୁମ୍ଫାର ଚିତ୍ର



## ଆସ ଚିନ୍ତା କରିବା ?


୧. ସାମ୍ରାଜ୍ୟ କହିଲେ କ'ଣ ବୁଝ ?

୨. ଭାରତୀୟ ସଭ୍ୟତାରେ ସାମ୍ରାଜ୍ୟଗୁଡ଼ିକର ଅଭ୍ୟୁଦୟ ଓ ସ୍ୱରୂପ କିପରି ଥିଲା ?

୩. ରାଜ୍ୟଗୁଡ଼ିକ ସାମ୍ରାଜ୍ୟର ରୂପ ନେବାରେ ସହାୟକ ଉପାଦାନଗୁଡ଼ିକ କ'ଣ ?

୪. ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରୁ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ଲୋକମାନଙ୍କର ଜୀବନ ଯାପନ ଧାରା କିପରି ଥିଲା ?




ଧରିତ୍ରୀ ଓ ଧ୍ରୁବ ଚିତ୍ରରେ ଉତ୍ସାହିତ ଥିବାର ଦେଖାଯାଉଛନ୍ତି। ଅତୀତକୁ ଫେରିବା ନିମନ୍ତେ ‘ଇତିହାସ’ ନାମକ ଏକ ସମୟ ଯନ୍ତ୍ରକୁ ସେମାନେ ବର୍ତ୍ତମାନ କ୍ରିୟାଶୀଳ କରାଇଲେ । ସେମାନଙ୍କର ଇତିହାସ ପାଠର ଏକ ସୂତ୍ର / ସୂଚନାକୁ ନେଇ ସେମାନେ ପ୍ରଥମ ଯାତ୍ରାରେ ପାଟଳୀପୁତ୍ର ପରିଦର୍ଶନ ଲାଗି ସ୍ଥିର କଲେ । ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ଆଧୁନିକ ‘ପାଟନା’ ଏବଂ ‘ପାଟଳୀପୁତ୍ର’ ସମାନ ସ୍ଥାନ ଅଟେ ।

ମହାନଗର ବାହାରେ ଓହ୍ଲାଇବା ପରେ ସେମାନଙ୍କ ମୁଣ୍ଡ ଘୂରାଇ ଦେଇଥିଲା । ଅଜବ ପୋଷାକ ପିନ୍ଧା ଲୋକ ସହିତ ଗୋଟିଏ ଝିଅ କଥା ହେଉଥିବାର ସେମାନେ ଦେଖିଲେ । ଲୋକଟି ଘୋଡ଼ା ଉପରେ ବସିଥିଲେ । ଯେତେବେଳେ ସେ ଲୋକଟି ଚାଲିଗଲେ, ଝିଅଟି ସେମାନଙ୍କ ଆଡ଼କୁ ବୁଲି ଚାହିଁଲା । ସେମାନେ ତା' ନାଁ ପଚାରିବାରୁ ସେ କହିଲା, "ମୋର ନାମ ଇରା, ମୁଁ କାହ୍ନା ଦାସଙ୍କ ଝିଅ, ମୁଁ ଜଣେ କମାର (ଲୁହା କାମ କରୁଥିବା ବ୍ୟକ୍ତି) । ଆପଣମାନଙ୍କୁ ପାଟଳୀପୁତ୍ରକୁ ସ୍ୱାଗତ ।" ତୁମକୁ ଭେଟି ଆମେ ବହୁତ ଖୁସି, ଇରା । ଆମେ 'ଧରିତ୍ରୀ' ଓ 'ଧ୍ରୁବ' । ଇରା କହିଲା ଟିକେ ଧୀରେ କଥା ହୁଅ । ତୁମେ ସେହି ସୈନିକମାନଙ୍କୁ ଅଗ୍ରସର ହେଉଥିବାର ଦେଖୁଛ କି ? ସେମାନେ ଆମକୁ ଅସୁବିଧାରେ ପକାଉଥିବା ଏକ ପଡ଼ୋଶୀ ରାଜ୍ୟ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯାଉଛନ୍ତି । ଆମ ରାଜା ପ୍ରାୟ ଯୁଦ୍ଧକୁ ଭଲ ପାଆନ୍ତି ନାହିଁ । କିନ୍ତୁ ଆବଶ୍ୟକ ପଡ଼ିଲେ ସେ ନିଜ ଲୋକଙ୍କୁ ରକ୍ଷା ମଧ୍ୟ କରନ୍ତି । ମୋ ବାପା ସେମାନଙ୍କର ଅନେକ ଖଣ୍ଡା ତିଆରିରେ ସାହାଯ୍ୟ କରିଛନ୍ତି ଏବଂ ମୋର ମାମୁଁ ସେହି ଦଳର ଜଣେ ସୈନିକ । ମୁଁ କେବଳ ତାଙ୍କୁ ବିଦାୟ ଦେବାକୁ ଆସିଥିଲି । ମୁଁ ଜାଣିନାହିଁ ସେ କେବେ ଫେରିବେ ।

(ଦଳଟି ସୈନିକମାନଙ୍କର ଚିତ୍ତାକର୍ଷକ ଶୋଭାଯାତ୍ରାକୁ ଦେଖୁଛନ୍ତି, ଯାହା ସହର ବାହାରକୁ ଯାଉଥିବା ଏକ ସୁଦୃଢ଼ ଟଣାସେତୁ ପାର ହେଉଛି; କିଛି ସୈନ୍ୟ ଘୋଡା ଉପରେ ଏବଂ ସେନାପତିମାନେ ହାତୀ ପିଠିରେ ପାରିହେଉଛନ୍ତି । ତା'ପରେ ତିନିଜଣ ପିଲା ସେହି ଟଣାସେତୁ ଦେଇ ସହରରେ ପ୍ରବେଶ କରୁଛନ୍ତି)

ଧରିତ୍ରୀ ପଚାରିଲା ଏହା କି ପ୍ରକାର ସେତୁ ଏବଂ ଏହାତଳେ ଏକ ନଦୀ ଅଛି କି ?

"ଏହି ସେତୁ ଆମକୁ ସୁରକ୍ଷିତ ରଖେ ବୋଲି ଇରା ବର୍ଣ୍ଣନା କଲା ।" ଯେତେବେଳେ ସହର ଉପରେ ଆକ୍ରମଣର ବିପଦ ଥାଏ, ସେତେବେଳେ ଏହାକୁ ଉଠାଇ ଦିଆଯାଏ (ଭିତରକୁ ଟାଣି ଦିଆଯାଏ) । ଏହା ନଦୀ ନୁହେଁ ଏକ ଗଭୀର ପରିଖା (ଖାଇ) । ଏହି ଟଣା ସେତୁକୁ ଉଠାଇ ଦିଆଗଲେ, ଦୁର୍ଗ ଭିତରକୁ ଯିବା କଷ୍ଟକର ହୋଇଥାଏ । ତୁମେ ଦୂରରେ ଥିବା ସେହି ପାହାଡ ଓ ଜଙ୍ଗଲକୁ ଦେଖିପାରୁଛି କି ? ସେମାନେ ଆମକୁ କାଠ, ଔଷଧ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସଂପଦ ଯୋଗାଇଥାନ୍ତି । ହାତୀମାନଙ୍କୁ ଜଙ୍ଗଲରୁ ଧରିଆଣି ସୈନ୍ୟବାହିନୀପାଇଁ ତାଲିମ୍ ଦିଆଯାଇଥାଏ ।"

"ସେହି ପାହାଡରେ ଥିବା ଖୋଲା ସ୍ଥାନଟି କ'ଣ ? ଧ୍ରୁବ ପଚାରିଲା ।

"ଏହା ଏକ ଗୁମ୍ଫା । ଆମ ରାଜା ଏହାକୁ ସନ୍ନ୍ୟାସୀମାନଙ୍କ ନିମନ୍ତେ ଖୋଳିଛନ୍ତି । ମୁଁ ଆଶା କରୁଛି ଯେ ଏହା ସରିବା ପରେ ଆମେ ଏ ସ୍ଥାନକୁ ପରିଦର୍ଶନ କରିପାରିବା ।"



ଚିତ୍ର ୫.୩

ପାଟଳୀପୁତ୍ର ଭିତରେ ଯିବା ବେଳେ ସେମାନେ ଏହାର ବୈଭବ, ପହରାଦାର ସ୍ତମ୍ଭ (Watch Tower) ସହିତ ଉଚ୍ଚ କୋଠାର କାଠ ତିଆରି ଚଉଡ଼ା ପ୍ରାଚୀର, ଭବ୍ୟ ପ୍ରାସାଦ, କୋଠାବାଡ଼ି ଓ ଚଳଚଞ୍ଚଳ ରାସ୍ତା ଦେଖିଲେ । ଇରା ବିଦେଶୀ ବ୍ୟବସାୟୀମାନଙ୍କର ଏକ ବ୍ୟସ୍ତ ବହୁଳ ବଜାର ଆଡ଼କୁ ଆଙ୍ଗୁଳି ଦେଖାଇଲା । "ତୁମେ ଯିବା ପୂର୍ବରୁ ଆମର ମୁଖ୍ୟ ବଜାରକୁ ବୁଲି ଦେଖିବା ଦରକାର । ଆମ ରାଜା ଏଠାରେ ସମସ୍ତ ଭ୍ରମଣକାରୀଙ୍କୁ ସ୍ୱାଗତ କରିଥାନ୍ତି । ତୁମେ ଏହି ପାଟଳୀପୁତ୍ର ବଜାରରୁ ସବୁକିଛି ପାଇ ପାରିବ, ଯେପରିକି ଚୀନ୍‌ର ରେଶମ, ଦକ୍ଷିଣର ମସଲା ଓ ରତ୍ନ ପଥର, ବିଭିନ୍ନ ଅଞ୍ଚଳର ସୁନ୍ଦର ସୁନ୍ଦର ପୋଷାକ ଇତ୍ୟାଦି... ।"

ଧ୍ରୁବ ପଚାରିଲା – ଏ ଲୋକମାନେ ସେଠାରେ କ'ଣ କରୁଛନ୍ତି ? ଇରା କହିଲା– "ଓଃ ସେମାନେ ଜଣେ ଜଣେ କଳାକାର, ସେମାନେ ମାନବ ପିରାମିଡ଼ ତିଆରି କରିବାଠୁ ଆରମ୍ଭ କରି, ଗୀତ ଗାଇବା, ନାଚ କରିବା ସହିତ ଛୋଟଛୋଟ ନାଟକରେ ଅଭିନୟ କରି ଲୋକମାନଙ୍କର ମନୋରଞ୍ଜନ କରିଥାନ୍ତି । ଏପରିକି ବେଳେବେଳେ ରାଜାଙ୍କ ସମ୍ମୁଖରେ ଅଭିନୟ କରିଥାନ୍ତି ।

ଧରିତ୍ରୀ କହିଲା– "ତୁମ ରାଜା ତ ତାହାହେଲେ ବହୁତ ଶକ୍ତିଶାଳୀ ।" ସେ କ'ଣ ପାଟଳୀପୁତ୍ର ଚାରିପାଖରେ ଥିବା ରାଜ୍ୟଗୁଡ଼ିକୁ ବି ଶାସନ କରିଥାନ୍ତି ?

ଇରା ଉତ୍ତର ଦେଲା, ତା'ଠାରୁ ବି ଆହୁରି ଅଧିକ । ଏହି ବିରାଟ ଭୂଖଣ୍ଡକୁ ସେ ଶାସନ କରନ୍ତି, ଯାହା ସହର ବାହାରେ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ । ତାଙ୍କ ଆଧିପତ୍ୟ ଗ୍ରାମ, ସହର ଓ ରାଜ୍ୟମାନଙ୍କରେ ଅପ୍ରତିହତ ଥିଲା । ମୋ ମାମୁଁ କହୁଥିଲେ, ଏହି ସାମ୍ରାଜ୍ୟ ସୀମାରେ ଥରେ ବୁଲି ଆସିବା ପାଇଁ ଘୋଡ଼ା ପିଠିରେ ତାଙ୍କୁ ଦୁଇ ମାସ ସମୟ ଲାଗିଥିଲା । ଧରିତ୍ରୀ କହିଲା–"ଯାହା ଜଣାଯାଉଛି, ଏହାତ ଗୋଟିଏ ରାଜ୍ୟଠାରୁ ବି ବଡ଼, ତୁମେ ଏହାକୁ କ'ଣ କହିବ ? ଇରା ଗର୍ବର ସହିତ କହିଲା– ଏହା ଏକ ସାମ୍ରାଜ୍ୟ ।"

କରଦରାଜ୍ୟ (Tributary) : (କର ଦେଉଥିବା ରାଜ୍ୟ) ଟଙ୍କା, ସୁନା, ମୂଲ୍ୟବାନ ଧାତୁ, ଶସ୍ୟ ଗୃହପାଳିତ ପଶୁ, ହାତୀ, ମୂଲ୍ୟବାନ ଦ୍ରବ୍ୟ ଯାହା ତାଙ୍କ ରାଜ୍ୟରେ ଉତ୍ପାଦିତ ହେଉଥିଲା, ସେସବୁକୁ ସମ୍ମାନ ଓ ଆନୁଗତ୍ୟ ସ୍ୱୀକାର ପୂର୍ବକ ସମ୍ରାଟଙ୍କୁ ଅର୍ପଣ କରୁଥିଲେ । ଅନ୍ୟ ଅର୍ଥରେ ସେମାନଙ୍କୁ ସାମନ୍ତ ରାଜା କୁହାଯାଉଥିଲା, ଯେଉଁମାନେ ସମ୍ରାଟଙ୍କ ପ୍ରଭୁତ୍ୱକୁ ସ୍ୱୀକାର କରୁଥିଲେ ।

## ସାମ୍ରାଜ୍ୟ କ'ଣ ?

ସାମ୍ରାଜ୍ୟ ଶବ୍ଦର ଇଂରାଜୀ ପ୍ରତିଶବ୍ଦ 'empire' ଯାହା ମୂଳ ଲାଟିନ୍ ଶବ୍ଦ 'imperium' ରୁ ଆସିଅଛି, ଏହାର ଅର୍ଥ ସର୍ବୋଚ୍ଚ କ୍ଷମତା (Supreme Power) । ସରଳ ଭାଷାରେ କହିବାକୁ ଗଲେ, ଛୋଟ ଛୋଟ ରାଜ୍ୟ କିମ୍ବା ଅଞ୍ଚଳର ସମଷ୍ଟି; ଯାହା ଉପରେ ଜଣେ ଶକ୍ତିଶାଳୀ ଶାସକ କିମ୍ବା ଶାସକମାନଙ୍କର ଏକ ଗୋଷ୍ଠୀ କ୍ଷମତାର ବ୍ୟବହାର କରିବା ସହିତ ଅନେକ ସମୟରେ ସେମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥାନ୍ତି । ଛୋଟ ଛୋଟ ଅଞ୍ଚଳଗୁଡ଼ିକରେ ସେମାନଙ୍କର ନିଜର ଶାସକ ଥାଆନ୍ତି, କିନ୍ତୁ ସେମାନେ ସମ୍ରାଟଙ୍କ ଅଧିନରେ ସହାୟକ ଶାସକ ରୂପେ କାର୍ଯ୍ୟ କରିଥାନ୍ତି । ସମ୍ରାଟମାନେ ସାଧାରଣତଃ ରାଜଧାନୀର ମୁଖ୍ୟ କେନ୍ଦ୍ରରୁ ଅର୍ଥନୈତିକ ଓ ପ୍ରଶାସନିକ କ୍ଷମତାର ପ୍ରୟୋଗ କରି ଶାସନ କରିଥାନ୍ତି ।

ପ୍ରାଚୀନ ସଂସ୍କୃତ ଗ୍ରନ୍ଥଗୁଡ଼ିକରେ 'ସମ୍ରାଟ' ଶବ୍ଦଟି ସାଧାରଣ ଭାବେ ବ୍ୟବହୃତ ହୋଇଆସିଛି । ଉଦାହରଣ ସ୍ୱରୂପ 'ସମରାଜ' ଯାହାର ଅର୍ଥ ସମସ୍ତଙ୍କର ମୁନିବ ବା ପ୍ରଭୁ କିମ୍ବା 'ସର୍ବୋଚ୍ଚ ଶାସକ' :

ଅଧିରାଜ ବା ରାଜାଧିରାଜ କିମ୍ବା ରାଜାମାନଙ୍କର ରାଜା ଇତ୍ୟାଦି ଶବ୍ଦଗୁଡ଼ିକର ବହୁଳ ବ୍ୟବହାର ହୋଇଛି। ଭାରତୀୟ ଇତିହାସ ସାମ୍ରାଜ୍ୟରେ ପରିପୂର୍ଣ୍ଣ, ଯେଉଁଗୁଡ଼ିକର ଉତ୍ପତ୍ତି, ବିସ୍ତାର, ପତନ ସହ କାଳକ୍ରମେ ବିଲୟ ଘଟିଛି।

ବାସ୍ତବରେ ଭାରତୀୟ ଉପମହାଦେଶରେ ଶାସନ କରୁଥିବା ଶେଷ ସାମ୍ରାଜ୍ୟର ଅସ୍ତିତ୍ୱ ଗୋଟିଏ ଶତାବ୍ଦୀରୁ କିଛି ବର୍ଷରୁ କମ୍ ହେବ। ବର୍ତ୍ତମାନ ସେସବୁ କଥା କହିବାର ସମୟ ନାହିଁ। ଆମକୁ ସମୟ ସାଥୀରେ ଯିବାକୁ ହେବ। ଫଳରେ ଆମେ ବୁଝିପାରିବା ଯେ, ସାମ୍ରାଜ୍ୟଗୁଡ଼ିକ ସୁଦୂର ଅତୀତରେ କିପରି କାର୍ଯ୍ୟ କରୁଥିଲେ ଏବଂ ତାହା କିପରି ଭାରତର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ବିବର୍ତ୍ତନରେ ଗଭୀର ଭାବେ ପ୍ରଭାବ ପକାଇଥିଲା।

## ସାମ୍ରାଜ୍ୟର ବୈଶିଷ୍ଟ୍ୟ ସମୂହ

**କରଦ ରାଜ୍ୟ ଓ ରାଜାମାନଙ୍କ ଉପରେ ସମ୍ରାଟଙ୍କ କେନ୍ଦ୍ରୀୟ କର୍ତ୍ତୃତ୍ୱ କ୍ଷମତାର ପ୍ରୟୋଗ**

୧. ସାମ୍ରାଜ୍ୟର ବିସ୍ତାର ସହିତ ବାହ୍ୟଶତ୍ରୁ ଆକ୍ରମଣରୁ ସୁରକ୍ଷା ଏବଂ କରଦ ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବା ନିମନ୍ତେ ସୈନ୍ୟବାହିନୀ ଗଠନ ଓ ପରିଚାଳନା।

୨. ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳରୁ କର ଆଦାୟ, ଆଇନ କାନୁନ୍ ପରିଚାଳନା ଓ ଶୃଙ୍ଖଳା ଲାଗି ରାଜ କର୍ମଚାରୀମାନଙ୍କର ଦାୟିତ୍ୱ ଯଥାର୍ଥ ଭାବେ ନିର୍ବାହ କରିବା ପାଇଁ ପ୍ରଶାସନିକ ରୂପରେଖର ନିର୍ଦ୍ଧାରଣ ଓ ପରିଚାଳନା।

୩. ବାଣିଜ୍ୟ ପରିଚାଳନା ନିମନ୍ତେ ମାପ ଓ ଓଜନ ଏବଂ ମୁଦ୍ରା ପ୍ରଚଳନ ଲାଗି ଉପଯୁକ୍ତ ଆଇନର ପ୍ରଣୟନ।

୪. ମାନବ ସମ୍ବଳ, ବନ୍ୟ ସମ୍ପଦ, ଖଣିଜ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟାଦିର ନିୟନ୍ତ୍ରଣ ଓ ପରିଚାଳନା।

୫. କଳା, ସାହିତ୍ୟ, ସଂସ୍କୃତି, ଧର୍ମ ଓ ବିଭିନ୍ନ ବିଚାର ଧାରାର ପୃଷ୍ଠପୋଷକତା ସହ ଉତ୍ସାହ ପ୍ରଦାନ।

୬. ଜନସାଧାରଣଙ୍କ କଲ୍ୟାଣ ଓ ବ୍ୟବସାୟର ଅଭିବୃଦ୍ଧି, ସ୍ଥଳପଥ, ନଈ, ସମୁଦ୍ର ଆଦି ଜଳପଥରେ ଯୋଗାଯୋଗର ଭିତ୍ତିଭୂମି ବିକାଶ ଲାଗି ପ୍ରୟାସ।

## ଆସ ଅନୁସନ୍ଧାନ କରିବା

→ ସାମ୍ରାଜ୍ୟଗୁଡ଼ିକ ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା ଏବଂ ସେଠାରେ ବିଭିନ୍ନ ଭାଷା, ରୀତିନୀତି ଏବଂ ଭିନ୍ନ ଭିନ୍ନ ସଂସ୍କୃତି ଆପଣାଇଥିବା ଲୋକମାନେ ବାସ କରୁଥିଲେ। ସାମ୍ରାଜ୍ୟରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଉତ୍ତମ ସଂହତି ଓ ବୁଝାମଣା ଥିବାର ସମ୍ରାଟମାନେ କିପରି ନିଶ୍ଚିତ ଥିଲେ ବୋଲି ତୁମେ ଭାବୁଛ ? ଦଳ ଭିତରେ ଆଲୋଚନା କରି ତୁମ ବିଚାର ଶ୍ରେଣୀରେ ବିତରଣ କର।

→ ସାମ୍ରାଜ୍ୟ ପରିଚାଳନାରେ ଅନେକ ଅସୁବିଧା ପରିଲକ୍ଷିତ ହେଲେ ମଧ୍ୟ ଜଣେ ରାଜା କାହିଁକି ନିଜ ରାଜ୍ୟ ବଢ଼ାଇ ସାମ୍ରାଜ୍ୟ ଗଢ଼ି ନିଜେ ସମ୍ରାଟ ହେବା ପାଇଁ ଇଚ୍ଛା କରୁଥିଲେ ? କିଛି କିଛି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ଏହା ସହ ତୁମେ ଅଧିକ କିଛି ମଧ୍ୟ ଚିନ୍ତା କରିପାରିବ।

- ସମଗ୍ର ବିଶ୍ୱକୁ ଶାସନ କରିବାର ଏକ ଅଭିଳାଷ ସହିତ ବୃହତ୍ ଅଞ୍ଚଳକୁ ନିଜ ନିୟନ୍ତ୍ରଣରେ ରଖି ପରବର୍ତ୍ତୀ ପିଢ଼ି ପାଇଁ ସ୍ମରଣୀୟ ହୋଇ ରହିବାର ଇଚ୍ଛା।
- ଆର୍ଥନୀତିକ ଓ ସାମରିକ ଶକ୍ତିକୁ ବୃଦ୍ଧି କରି, ବୃହତ୍ ଅଞ୍ଚଳକୁ ନିୟନ୍ତ୍ରଣକୁ ଆଣି ସେଠାକାର ସମ୍ବଳକୁ ବିନିଯୋଗ ସହିତ ଏକ ସ୍ୱଚ୍ଛଳ ଅର୍ଥନୀତି ସହ ଶକ୍ତିଶାଳୀ ସାମରିକ ବାହିନୀଗଠନ କରିବାର ଇଚ୍ଛା।
- ସମ୍ରାଟ ନିଜକୁ ତଥା ନିଜ ସାମ୍ରାଜ୍ୟକୁ ବିତ୍ତଶାଳୀ କରାଇବାର ଇଚ୍ଛା।

ଏହାର ପ୍ରତିବଦଳରେ ସମ୍ରାଟ ସାଧାରଣତଃ ଆଞ୍ଚଳିକ ରାଜା କିମ୍ବା ମୁଖିଆମାନଙ୍କୁ ସେମାନଙ୍କ ଅଞ୍ଚଳକୁ ଶାସନ କରିବାର ଅନୁମତି ଦେଉଥିଲେ।



ଚିତ୍ର : ୫.୪.୧ ତାଲିମପ୍ରାପ୍ତ ସୈନିକମାନଙ୍କୁ ପଡ଼ୋଶୀ ରାଜ୍ୟ ଜୟକରି ସେମାନଙ୍କ ଉପରେ ନିୟନ୍ତ୍ରଣ ରଖିବା ଏବଂ ସାମ୍ରାଜ୍ୟର ସୀମାକୁ ସୁରକ୍ଷିତ କରିବା ପାଇଁ ନିୟୋଜିତ କରାଯାଉଥିଲା।




ଚିତ୍ର ୫.୪.୨. ସାମ୍ରାଜ୍ୟର ସୀମାରେ ରଣନୀତି ଦୃଷ୍ଟିରୁ ସୁରକ୍ଷା ପାଇଁ ଦୁର୍ଗ ସ୍ଥାପନ ।



ଚିତ୍ର : ୫.୪.୩ କୌଣସି ରାଜ୍ୟ ପ୍ରଥମେ ପଡ଼ୋଶୀ ଅଞ୍ଚଳରେ ଅଶାନ୍ତି ଓ ଦ୍ୱନ୍ଦ୍ୱ ସୃଷ୍ଟି ପୂର୍ବକ, ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି, ଯୁଦ୍ଧ ଦ୍ୱାରା ସେହି ରାଜ୍ୟ ଜୟ ପୂର୍ବକ ସାମ୍ରାଜ୍ୟ ବିସ୍ତାର କରୁଥିଲା ।



ଚିତ୍ର : ୫.୪.୪ ଶାସକମାନେ ସେ ସମୟରେ ନୌବାଣିଜ୍ୟ ଉପରେ ନିୟନ୍ତ୍ରଣ ରଖି, ବାଣିଜ୍ୟ କର ବ୍ୟତୀତ ମୂଲ୍ୟବାନ ସମ୍ପଦ ଉପରେ କର୍ତ୍ତୃତ୍ୱ ଜାହିର କରୁଥିଲେ ।



ଚିତ୍ର : ୫.୪.୫ ଛୋଟ ଛୋଟ ରାଜ୍ୟ ମିଶି ଅନ୍ୟ ରାଜ୍ୟ ସହ ଲଢ଼ି ବଳକା ସମ୍ପଦ ନିଜ ନିଜ ଭିତରେ ବଣ୍ଟନ ପୂର୍ବକ ନିଜ ସାମରିକ ଶକ୍ତି ପ୍ରଭୁତ୍ୱ ପଣିଆ ବୃଦ୍ଧି କରୁଥିଲେ ।

## ଆସ ଅନୁସନ୍ଧାନ କରିବା

ଯୁଦ୍ଧ ବ୍ୟତୀତ ଶାସକମାନେ, ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ପାଇଁ ଆଉ କେଉଁ ନୀତି ଅନୁସରଣ କରୁଥିଲେ କି ? ଏ ବିଷୟରେ ତୁମର ମତାମତ ଲେଖି ଶ୍ରେଣୀରେ ଆଲୋଚନା କର ।



## ବାଣିଜ୍ୟ, ବାଣିଜ୍ୟ ପଥ ଏବଂ ବାଣିଜ୍ୟିକ ସଂଘ :

ଦୂର ଦେଶରେ ସାମରିକ ଅଭିଯାନ ଚଳାଇବା ଏତେ ସହଜ କାମ ନ ଥିଲା । ଏହା ଅତ୍ୟନ୍ତ ବ୍ୟୟ ବହୁଳ ଥିଲା । ଏଥିପାଇଁ ଆର୍ଥିକ କ୍ଷମତା, ଶ୍ରମ ଶକ୍ତି ଉପରେ ନିୟନ୍ତ୍ରଣ ତଥା ସମ୍ପଦର ସୁଲଭତା ଉପରେ ନିର୍ଭର କରୁଥିଲା । ସୈନ୍ୟମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ଉପକରଣର ଆବଶ୍ୟକତା ସହ, ହାତୀ, ଘୋଡ଼ା ଆଦିର ଯତ୍ନ ନେବା, ରାସ୍ତା ବା ଜଳପଥ ପାଇଁ ଜାହାଜ ନିର୍ମାଣ କରିବା ଆବଶ୍ୟକତା ଥିଲା । ଆମେ ବର୍ତ୍ତମାନ ବୁଝି ପାରୁଛେ ଯେ, ଆର୍ଥିକ କାର୍ଯ୍ୟକଳାପ ବିଶେଷ କରି ଉତ୍ପାଦନ ଓ ବାଣିଜ୍ୟ ଏବଂ ସାମ୍ରାଜ୍ୟର ସ୍ଥିତି, ଜନକଲ୍ୟାଣ ଓ ଜୀବନର ଗୁଣବତ୍ତା ନିଶ୍ଚିତ କରିବାରେ ସହାୟକ ହୁଏ । ଜଣେ ସୁଶାସକଙ୍କର ଏହା ଏକ ବିଶେଷ ଗୁଣ ହେବା ଆବଶ୍ୟକ । ତେଣୁ ସାମ୍ରାଜ୍ୟ ମଝିରେ ଓ ବାହାରେ ବାଣିଜ୍ୟ ମାର୍ଗ ପ୍ରସ୍ତୁତ ଏବଂ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହିପରି ବାଣିଜ୍ୟିକ ସାମଗ୍ରୀର ପରିମାଣ ଓ ପ୍ରକାରରେ ଅଭିବୃଦ୍ଧି ଉତ୍ପାଦକଙ୍କ ପାଇଁ ଅଧିକ ଆୟ ସହିତ ଶାସକମାନଙ୍କ ପାଇଁ ଅଧିକ ଟିକସ ସଂଗ୍ରହ କରିବାର ବାଟ ଫିଟାଉଥିଲା ।

ଆମେ ପ୍ରାଚୀନ ଭାରତର ବାଣିଜ୍ୟ କଥା ଚିନ୍ତା କରିବା । ତେବେ ସେମାନେ କେଉଁ ପ୍ରକାର ଜିନିଷର ବାଣିଜ୍ୟ କରୁଥିଲେ ? ଏହାର ଯଥେଷ୍ଟ ପ୍ରମାଣ ସାହିତ୍ୟ ଓ ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଛି । ଯାହା ଭିତରେ ଥିଲା ବସ୍ତ୍ର, ମସଲା, କୃଷିଜାତ ଦ୍ରବ୍ୟ, ରତ୍ନ, ହସ୍ତଶିଳ୍ପ ଦ୍ରବ୍ୟ ଓ ରତ୍ନ ପଥର ପରି ସୌଖିନ ଦ୍ରବ୍ୟ ସହିତ ବିଭିନ୍ନ ପଶୁ ପ୍ରଭୃତି ମୁଖ୍ୟ ବାଣିଜ୍ୟିକ ସାମଗ୍ରୀ ଥିଲା । ଏହି ପ୍ରକାର ଦ୍ରୁତ ବାଣିଜ୍ୟ କେବଳ ଭାରତ ମଧ୍ୟରେ ସୀମିତ ନ ରହି ସଡ଼କ ଓ ସମୁଦ୍ର ପଥରେ ଦୂର ଦେଶମାନଙ୍କ ସହ ପରିଚାଳିତ ହେଉଥିଲା ।

ଅନେକ ସମୟରେ ବ୍ୟବସାୟୀମାନେ ନିଜର ବ୍ୟବସାୟ ଏକା ଏକା ପରିଚାଳନା କରୁନଥିଲେ । ପରବର୍ତ୍ତୀ ସମୟରେ ସେମାନେ ବାଣିଜ୍ୟିକ ସଂଘ ଗଢ଼ିବା ଦ୍ୱାରା ଏହାର ଉପକାରିତା ସମ୍ପର୍କରେ ବୁଝିପାରିଲେ । ବାଣିଜ୍ୟିକ ସଂଘ ବ୍ୟବସାୟୀ, ଶିଳ୍ପୀ, ମହାଜନ ଏବଂ କୃଷକମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ପରିଗଣିତ ହେଲା । ଯେତେଦୂର ପ୍ରମାଣ ମିଳେ ବାଣିଜ୍ୟିକ ସଂଘକୁ ଦୁଇଟି କଥା ଅତ୍ୟନ୍ତ ଉନ୍ନତମାନର କରି ଗଢ଼ି ତୋଳି ଥିଲା । ସେମାନେ ସେହି ଲୋକମାନଙ୍କୁ ସଂଗଠିତ କଲେ, ଯେଉଁମାନେ ପ୍ରତିଯୋଗୀ ବଦଳରେ ସହଯୋଗୀ ଥିଲେ । ସେମାନେ ଅନୁଭବ

କରିଥିଲେ ଯେ, ବଜାର ସମ୍ବଳ ଓ ସୂଚନା ତଥ୍ୟ ବିତରଣ କରିବା ଦ୍ୱାରା ଯୋଗାଣ, ଚାହିଦା ଓ ଶ୍ରମଶକ୍ତି ପ୍ରଭୃତିରେ ସମସ୍ତଙ୍କର ଉପକାର ହେଲା। ଦ୍ୱିତୀୟତଃ ଏକ ପ୍ରାଚୀନ ପୁସ୍ତକରେ ଲେଖାଅଛି ଚାଷୀ, ବ୍ୟବସାୟୀ, ପଶୁପାଳକ, ଜମିଦାର ବା ମହାଜନ, କଳାକାର ଆଦି ନିଜନିଜ ସଂଘର ନୀତି ନିୟମ




ଚିତ୍ର : ୫.୫ ଏହି ଚିତ୍ରରେ ଖ୍ରୀ.ପୂ. ୫୦୦ର କିଛି ମୁଖ୍ୟ ବାଣିଜ୍ୟ ପଥ ଏବଂ ସେଥିରେ ଚିହ୍ନିତ ପ୍ରମୁଖ ସହର। ଉତ୍ତରାପଥ ଓ ଦକ୍ଷିଣାପଥ ରାସ୍ତା ଦେଖ।

ପ୍ରଣୟନ କରିପାରୁଥିଲେ । ଅନ୍ୟ ଭାବରେ କହିବାକୁ ଗଲେ, ବ୍ୟବସାୟୀ ସଂଘମାନଙ୍କର ଆଭ୍ୟନ୍ତରୀଣ ନୀତି ନିୟମ ପ୍ରଣୟନରେ କର୍ତ୍ତୃତ୍ୱ ଥିଲା ଏବଂ ରାଜା ଏଥିରେ କୌଣସି ହସ୍ତକ୍ଷେପ କରୁନଥିଲେ । କାହିଁକି ବା ହସ୍ତକ୍ଷେପ କରିଥାନ୍ତେ, ଯେହେତୁ ବ୍ୟବସାୟୀ ସଂଘର ଅଭିବୃଦ୍ଧି ହେଉଥିଲା ।

ବାଣିଜ୍ୟିକ ସଂଘଗୁଡ଼ିକ ଭାରତର ଅଧିକାଂଶ ସ୍ଥାନରେ ବ୍ୟାପି ରହିଥିଲା ଏବଂ ଶତାବ୍ଦୀ ଶତାବ୍ଦୀ ଧରି ତିଷ୍ଠି ରହିଥିଲା । ଆନୁଷ୍ଠାନିକ ଭାବରେ ସେମାନଙ୍କର ଅସ୍ତିତ୍ୱ ଲୋପ ପାଇଥିଲେ ମଧ୍ୟ ତାହାର ଭାବନା ଆଜିବି ଭାରତର ବାଣିଜ୍ୟ ଓ ବ୍ୟବସାୟ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି । ସ୍ଥାନୀୟ ଲୋକେ ଏକଜୁଟ୍ ହୋଇ ସନ୍ତୋଷଜନକ କାର୍ଯ୍ୟ କରୁଥିବାରୁ ବିଜ୍ଞ ଶାସକମାନେ ସେମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରୁନଥିଲେ । ଭାରତୀୟ ସମାଜର ନିଜସ୍ୱ ସାଂଗଠନିକ ଦକ୍ଷତାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବାଣିଜ୍ୟିକ ସଂଗଠନ । ପ୍ରାଚୀନ ଗ୍ରାମ୍ୟ ଏକକ, ଏହାର ବିଭିନ୍ନ କମିଟି ଓ ପରିଷଦ ହେଉଛି ଏହାର ଦ୍ୱିତୀୟ ଉଦାହରଣ ।

### ଆସ ଅନୁସନ୍ଧାନ କରିବା



→ ବାଣିଜ୍ୟ ପଥଗୁଡ଼ିକର ମାନଚିତ୍ରକୁ ନିରୀକ୍ଷଣ କର । ଭୌଗୋଳିକ ଅବସ୍ଥିତି କିପରି ବ୍ୟବସାୟୀମାନଙ୍କୁ ଉପମହାଦେଶରେ ବାଣିଜ୍ୟିକ ଭ୍ରମଣରେ ସାହାଯ୍ୟ କରୁଥିଲା ଚିହ୍ନଟ କର ।

→ ସଡ଼କ ପଥରେ ଗମନାଗମନର କେଉଁ ପ୍ରକାର ମାଧ୍ୟମ ଉପଲବ୍ଧ ଥିଲା ଚିନ୍ତା କର ।

## ମଗଧର ଉତ୍ଥାନ

ଖ୍ରୀ.ପୂ. ୬ଷ୍ଠରୁ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ମଧ୍ୟରେ ଉତ୍ତର ଭାରତରେ ବିରାଟ ପରିବର୍ତ୍ତନ ଦେଖାଦେଇଥିଲା । ଆମେ ପୂର୍ବରୁ "ମହାଜନପଦ" ବିଷୟରେ ଜାଣିଛେ, ଯେଉଁଠି ଉତ୍ତର ଓ ମଧ୍ୟ ଭାରତର ବଡ଼ ବଡ଼ ରାଜ୍ୟଗୁଡ଼ିକରେ ପରିଷଦ ବ୍ୟବସ୍ଥା ଥିଲା । ସେମାନଙ୍କ ମଧ୍ୟରୁ ମଗଧ ଥିଲା ଅନ୍ୟତମ (ଆଧୁନିକ ବିହାର ଓ ତତ୍‌ସଂଲଗ୍ନ ଅଞ୍ଚଳ) । ଏହା ଛୋଟ ଛୋଟ ରାଜ୍ୟଗୁଡ଼ିକୁ ନେଇ ନିଜର ଶକ୍ତି ବୃଦ୍ଧି କରିବା ସହ ଭାରତରେ ପ୍ରଥମ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲା । ସମ୍ରାଟ ଅଜାତଶତ୍ରୁ ମଗଧକୁ ଏକ ପ୍ରଧାନ କ୍ଷମତାଶାଳୀ ସାମ୍ରାଜ୍ୟ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ମନେରଖ

ପୃଥିବୀର ଦୁଇଜଣ ପ୍ରଖ୍ୟାତ ଧର୍ମ ପ୍ରଚାରକ ସିଦ୍ଧାର୍ଥ ଗୌତମ ଯିଏ 'ବୁଦ୍ଧ' ନାମରେ ପରିଚିତ ଏବଂ 'ବର୍ଦ୍ଧମାନ' ଯିଏ ମହାବୀର ନାମରେ ବିଶେଷ ଭାବେ ପରିଚିତ, ସେମାନେ ରାଜା ଅଜାତଶତ୍ରୁଙ୍କ ସମସାମୟିକ ଥିଲେ। (ଷଷ୍ଠ ଶ୍ରେଣୀର ଭାରତର ସାଂସ୍କୃତିକ ଉତ୍ସ ଅଧ୍ୟାୟରୁ ସେମାନଙ୍କ ଶିକ୍ଷା ଓ ବାଣୀ ସମ୍ପର୍କରେ ଆଉ ଥରେ ମନେ ପକାଅ।)

ଉର୍ବର ମୃତ୍ତିକା, ବିସ୍ତୀର୍ଣ୍ଣ ଅରଣ୍ୟ ଓ ହସ୍ତୀ ସମ୍ପଦ ଭରା ସମୃଦ୍ଧିଶାଳୀ ଗାଙ୍ଗେୟ ସମତଳ ଅଞ୍ଚଳରେ ମଗଧ ଅବସ୍ଥିତ ଥିଲା। ମନେରଖ ଏହି ସମୟରେ ଲୁହାର ବ୍ୟବହାର ଅନ୍ୟ ଯାନ୍ତ୍ରିକ ବିଦ୍ୟାରେ ବଡ଼ ପରିବର୍ତ୍ତନ ଆଣିଲା। ତନ୍ମଧ୍ୟରୁ କୃଷି ଓ ସାମରିକ କ୍ଷେତ୍ର ଅନ୍ୟତମ। ମଗଧ ନିକଟବର୍ତ୍ତୀ ପାର୍ବତ୍ୟାଞ୍ଚଳରୁ ଲୌହପିଣ୍ଡ (Iron ore) ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ସାମ୍ରାଜ୍ୟ ବିସ୍ତାରରେ ସହାୟକ ହୋଇଥିଲା। ଲୁହା ଦ୍ୱାରା ନିର୍ମିତ ଲଙ୍ଗଳ କୃଷି କ୍ଷେତ୍ରରେ ଉତ୍ପାଦନକୁ ବଢ଼ାଇବା ସହ ହାଲୁକା ତୀକ୍ଷ୍ଣ ଓ ଧାରୁଆ ଅସ୍ତ୍ରଶସ୍ତ୍ର ସୈନ୍ୟ ବାହିନୀର ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରିଥିଲା।



ଚିତ୍ର ୫.୬ ସାଞ୍ଚିସ୍ତୂପର ପୃଷ୍ଠ ଭାଗ କାନ୍ଥରେ ହସ୍ତୀ ବାହିନୀ, ଅଶ୍ୱବାହିନୀ ଓ ପଦାତିକ ବାହିନୀର (ଯୁଦ୍ଧ ଭୂମିରେ) ଦୃଶ୍ୟ ଖୋଦିତ ହୋଇଛି। ଯେଉଁଠି ସୈନ୍ୟବାହିନୀ କୁଶୀନାରା (ଆଧୁନିକ କୁଶୀନଗର, ଉତ୍ତର ଭାରତରେ ଏକ ସହର)କୁ ଅବରୋଧ କରି ସେଠାରେ ଥିବା ବୁଦ୍ଧଙ୍କ ଦେହାବଶେଷକୁ ଉଦ୍ଧାର ପୂର୍ବକ ହାତୀ ପିଠିରେ ଆଣିବାର ଦୃଶ୍ୟ ସ୍ତୂପର ବାମପଟେ ଶୋଭା ପାଉଛି।

## ଆସ ଅନୁସନ୍ଧାନ କରିବା

→ ସାଞ୍ଚିସ୍ତୂପ ଉପରେ ଖୋଦିତ ଚିତ୍ରଗୁଡ଼ିକ ନିରୀକ୍ଷଣ କରି ତୁମେ କେତେ ପ୍ରକାରର ଅସ୍ତ୍ରକୁ ଚିହ୍ନଟ କରିପାରୁଛ ? ଲୌହର ବିଭିନ୍ନ ବ୍ୟବହାରକୁ ତୁମେ ବୁଝି ପାରୁଛ କି ?

→ ବାମ ପାଖ କାନ୍ଥରେ ବୁଦ୍ଧଙ୍କ ଦେହାବଶେଷ ବହନ କରୁଥିବା ପେଟିକା (Box) ଉପରେ ଏକ ଛତ୍ରର ଦୃଶ୍ୟ ରହିଛି; କାହିଁକି ଏପରି କରାଯାଇଛି ବୋଲି ଭାବୁଛ ?



ଚିତ୍ର : ୫.୭ ମହାପଦ୍ମନନ୍ଦଙ୍କ ଏକ ରୌପ୍ୟ ଛାପା ମୁଦ୍ରା

ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ଫଳରେ ଲୋକମାନେ ବଳକା ସମୟକୁ କଳା ଓ ହସ୍ତଶିଳ୍ପ କ୍ଷେତ୍ରରେ ମନୋନିବେଶ କଲେ, ଯାହାର ଦେଶ ଭିତରେ ଓ ବାହାରେ ଅଧିକ ଚାହିଦା ଥିଲା। ଗଙ୍ଗା ଓ ସୋନ ନଦୀ ଭୌଗୋଳିକ ଦୃଷ୍ଟିକୋଣରୁ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ସହ ଯୋଗାଯୋଗରେ ସହାୟକ ହୋଇଥିଲା। ଏହି ବାଣିଜ୍ୟ ବ୍ୟବସାୟର ବୃଦ୍ଧି ମଗଧର ଆର୍ଥିକ ଅଭିବୃଦ୍ଧି ସହ ମଗଧର ଉତ୍‌ଥାନରେ ସହାୟକ ହୋଇଥିଲା।

ପ୍ରାୟ ଖ୍ରୀ.ପୂ.୫ମ ଶତାବ୍ଦୀ ବେଳକୁ ମଗଧରେ ମହାପଦ୍ମନନ୍ଦଙ୍କ ଅଭ୍ୟୁଦୟ ଘଟିଲା। ତାଙ୍କ ଦ୍ୱାରା ସେଠାରେ ନନ୍ଦ ରାଜବଂଶ ପ୍ରତିଷ୍ଠିତ ହେଲା। ସେ ବହୁ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଏକତ୍ରିତ କରି ସଫଳତାର ସହିତ ପୂର୍ବ ଓ ଉତ୍ତରରେ ନିଜ ସାମ୍ରାଜ୍ୟର ବିସ୍ତାର କରିଥିଲେ। ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ଥିବାରୁ ସେ ନିଜ ସାମ୍ରାଜ୍ୟରେ ମୁଦ୍ରା ପ୍ରଚଳନ ଆରମ୍ଭ କରିଥିଲେ, ଯାହା ତାଙ୍କ ଆର୍ଥିକ ବିକାଶର ପରିଚୟ ଦିଏ। ଗ୍ରୀକ୍ ବିବରଣୀରୁ ଜଣାଯାଏ ଯେ, ନନ୍ଦ ରାଜବଂଶର ଏକ ବିଶାଳ ସୈନ୍ୟବାହିନୀ ଥିଲା।

ନନ୍ଦ ରାଜବଂଶର ବିଭିନ୍ନ ବିବରଣୀରୁ ଜଣାଯାଏ ଯେ, ନନ୍ଦ ରାଜାବଂଶର ଶେଷରାଜା ଧନନନ୍ଦ ଯଦିଓ ଅତ୍ୟନ୍ତ ଧନଶାଳୀ ଥିଲେ କିନ୍ତୁ ଅତ୍ୟନ୍ତ ଅତ୍ୟାଚାରୀ ଓ ପ୍ରଜାଶୋଷଣକାରୀ ହେତୁ ଲୋକମାନଙ୍କ ଭିତରେ ବିଶେଷ ଅପ୍ରିୟ ହୋଇପଡ଼ିଥିଲେ। ଫଳରେ ଏହା ନନ୍ଦ ରାଜବଂଶର ପତନ ପାଇଁ ପଥ ପରିଷ୍କାର କରିଦେଇଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ବିଶାଳ 'ମୌର୍ଯ୍ୟ' ସାମ୍ରାଜ୍ୟ ଗଢ଼ି ଉଠିଥିଲା।

**ସୂତ୍ରାବଳୀ (Sutras):** ସୂତ୍ରଗୁଡ଼ିକ ସଂକ୍ଷିପ୍ତ, ଯତ୍ନର ସହ ପ୍ରସ୍ତୁତ ବାକ୍ୟାଂଶ ଯାହା ଜ୍ଞାନ ଓ ଗୁରୁତ୍ୱପୂର୍ଣ୍ଣ ବିଚାରକୁ (ପ୍ରାଚୀନ ଭାରତୀୟ ପାଠ୍ୟ ପୁସ୍ତକରୁ ଆନୀତ) ଧାରଣ କରିଥାଏ। ଏହାକୁ ସହଜରେ ମନେ ରଖିବା ସହ ଅନ୍ୟକୁ କହିବା କିମ୍ବା ଆବୃତ୍ତି କରିବାକୁ ସହଜ ହୋଇଥାଏ।



## ମନେରଖ

ବିଖ୍ୟାତ ସଂସ୍କୃତ ବୈୟାକରଣିକ ପାଣିନିଙ୍କ ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀ ବେଳକୁ ଆବିର୍ଭାବ ଘଟିଲା, ଯିଏ ନନ୍ଦ ରାଜାଙ୍କର ସମସାମୟିକ ଥିଲେ। ସେ "ଅଷ୍ଟାଧ୍ୟାୟୀ" ନାମକ ଏକ ପ୍ରାଚୀନ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ। ଯେଉଁଥିରେ ୩୯୯୬ଟି ସଂକ୍ଷିପ୍ତ ସୂତ୍ର ସନ୍ନିବେଶିତ ହୋଇଥିଲା।




୫.୮ ପାଣିନିଙ୍କ ଛବି ଥିବା ଭାରତର ଡାକ ଟିକଟର ଚିତ୍ର

## ଗ୍ରୀକ୍‌ମାନଙ୍କ ଆଗମନ

ଭାରତୀୟ ଉପମହାଦେଶର ପୂର୍ବ ଭାଗରେ ମଗଧ ଯେତେବେଳେ ଘଟଣାବହୁଳ ଥିଲା, ସେତେବେଳେ ଉତ୍ତର ପୂର୍ବ ଭାରତରେ କ'ଣ ଘଟୁଥିଲା ?

ଏ ଅଞ୍ଚଳ ଛୋଟ ଛୋଟ ରାଜ୍ୟ ମାନଙ୍କର ଆଶ୍ରୟସ୍ଥଳୀ ଥିଲା । ଯେଉଁଗୁଡ଼ିକର ବାଣିଜ୍ୟିକ ସମ୍ପର୍କ ଭୂମଧ୍ୟ ସାଗର ସହ ଥିଲା । ଗ୍ରୀକ୍ ବିବରଣୀ ଅନୁଯାୟୀ ସେମାନଙ୍କ ମଧ୍ୟରେ ଥିଲା ପୌରବ ରାଜବଂଶ, ଯାହାର ରାଜା ଥିଲେ 'ପୁରୁ' ।




ଚିତ୍ର : ୫.୯





ଖ୍ରୀ.ପୂ. ୩୩୪ରୁ ଖ୍ରୀ.ପୂ. ୩୩୧

ଆଲେକଜାଣ୍ଡାର ଥିଲେ ଗ୍ରୀକ୍‌ର ମାସିଡ଼ୋନର ଜଣେ କ୍ଷମତାଶାଳୀ ଯୁବରାଜ ଯିଏ ପାରସ୍ୟ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଯାତ୍ରା କରି ପ୍ରତିଶୋଧ ନେଇଥିଲେ । କିଛି ଭାରତୀୟ ସୈନ୍ୟ ପାରସ୍ୟ ତରଫରୁ ଗ୍ରୀକ୍ ଆକ୍ରମଣ ବେଳେ ସହାୟତା କରିଥିଲେ । ଆଲେକଜାଣ୍ଡାର ପାରସ୍ୟ ଅଧିକାର କରିବା ପରେ ଗ୍ରୀକ୍ ସଂସ୍କୃତିର ପ୍ରସାର ହେଲା, ତାଙ୍କ ସାମ୍ରାଜ୍ୟ ବିସ୍ତାର ତିନୋଟି ମହାଦେଶକୁ ବ୍ୟାପି ଥିଲା ଯାହା ପୃଥିବୀ ଇତିହାସର ସବୁଠାରୁ ବିଶାଳ ସାମ୍ରାଜ୍ୟ ।

ଚିତ୍ର : ୫.୧୦

## ମନେରଖ :

ସତ୍ରାପମାନେ ହେଉଛନ୍ତି ପାରସ୍ୟ ତଥା ଗ୍ରୀକ୍ ସାମ୍ରାଜ୍ୟର ଶାସକ ଯେଉଁମାନେ ଆଲେକ୍‌ଜାଣ୍ଡରଙ୍କ ଦ୍ୱାରା ବିଜିତ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକର ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଯଦିଓ ଏହି ସତ୍ରାପମାନେ ଶାସକଙ୍କର ସାଧାରଣ କର୍ମଚାରୀ ଥିଲେ ତଥାପି ସେମାନେ ଅଖଣ୍ଡ କ୍ଷମତା ଏବଂ ସ୍ୱାଧୀନତାର ଅଧିକାରୀ ଥିଲେ । ସେମାନଙ୍କ ପକ୍ଷରେ ଏପରି କ୍ଷମତା ପ୍ରୟୋଗ କରିବା କିପରି ସମ୍ଭବ ହୋଇ ପାରିଥିଲା, ତୁମେମାନେ ଅନୁମାନ କରିପାରୁଛ ?

## ଏହା ବିଷୟରେ ଚିନ୍ତା କର

ତୁମେ କାହିଁକି ଭାବୁଛ ଯେ ଆଲେକ୍‌ଜାଣ୍ଡର ସମଗ୍ର ପୃଥିବୀ ଉପରେ ଶାସନ କରିବାକୁ ଚାହୁଁଥିଲେ ? ଏପରି କରିବାରେ ସେ କି ଲାଭ ପାଇଥାନ୍ତେ ?

## ଆସ ଅନୁସନ୍ଧାନ କରିବା


ହାଇଦାସପିସ୍ ଯୁଦ୍ଧ ପରେ ଆଲେକଜାଣ୍ଡାର, ପୋରଷ (ପୁରୁ)ଙ୍କୁ ପଚାରିଲେ, ସେ ତାଙ୍କଠାରୁ କିପରି ବ୍ୟବହାର ଚାହାନ୍ତି ? ପୁରୁ କହିଲେ, 'ଜଣେ ରାଜା ଭଳି' । ଆଲକଜାଣ୍ଡାର ଏହି ଉତ୍ତରରେ ମୁଗ୍ଧ ହୋଇ ତାଙ୍କୁ ତାଙ୍କ ବିଜିତ ରାଜ୍ୟର ମୁଖ୍ୟ (ସତ୍ରାପ) ରୂପେ ନିଯୁକ୍ତ କରିଥିଲେ । ତୁମ ଶିକ୍ଷକମାନଙ୍କ ସହାୟତାରେ ପୋରଷ ଓ ଆଲେକଜାଣ୍ଡରଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ବିଷୟରେ ବିଶଦ ଭାବରେ ଆଲୋଚନା କର । ତୁମ କଳ୍ପନାରେ ଏହି ଯୁଦ୍ଧକୁ ଅନୁଭବ କର ଏବଂ ତୁମେ ଏହି ଯୁଦ୍ଧରୁ କ'ଣ ଶିଖିଲ ଲେଖ ।

ପାରସ୍ୟ ଫେରିବା ବାଟରେ ଆଲେକଜାଣ୍ଡାର ବହୁ ବିଦ୍ରୋହ ଓ ରାଜନୈତିକ ଆକ୍ରୋଷର ଶିକାର ହୋଇଥିଲେ । ଏହାପରେ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ ୩୨ ବର୍ଷ ବୟସରେ ବେବିଲୋନ୍‌ଠାରେ ମୃତ୍ୟୁବରଣ କଲେ । ତାଙ୍କର ବିଶାଳ ସାମ୍ରାଜ୍ୟ ପରେ ତାଙ୍କ ସେନାପତି ଓ ସତ୍ରାପଙ୍କ ମଧ୍ୟରେ ଭାଗଭାଗ ହୋଇଗଲା ଏବଂ ସେମାନେ ନିଜ ନିଜର ରାଜ୍ୟ ଗଢ଼ିଲେ ।



୩୨୭ – ୩୨୫ ଖ୍ରୀ.ପୂ.     ୩୨୪ – ୩୨୩ ଖ୍ରୀ.ପୂ.

ପୃଥିବୀର ଶେଷ ସୀମାରେ ପହଞ୍ଚିବାର ତୀବ୍ର ଉତ୍କଣ୍ଠା ଯୋଗୁଁ ଆଲେକଜାଣ୍ଡର ପୂର୍ବ ଆଡ଼କୁ ଯୁଦ୍ଧାଭିଯାନ ଚଳାଇଲେ । ପଞ୍ଜାବ ଅଞ୍ଚଳରେ ପୁରୁଙ୍କୁ ପରାସ୍ତ କଲେ କିନ୍ତୁ ସ୍ଥାନୀୟ ଜନଜାତି ଓ ଶାସକମାନଙ୍କ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେଲେ । ବହୁ ନଗରରେ ଗ୍ରୀକ୍ ସୈନିକମାନେ ନରସଂହାର କରିବା କଥା ଗ୍ରୀକ୍ ବିବରଣୀରୁ ମିଳେ, ଯେଉଁଠି ଉଲ୍ଲେଖ ଅଛି "ନାରୀମାନେ ପୁରୁଷମାନଙ୍କ ପାଖରେ ରହି ଏହି ଯୁଦ୍ଧରେ ଲଢ଼େଇ କରିଥିଲେ ।" ଏହି ଯୁଦ୍ଧରେ ସ୍ୱୟଂ ଆଲେକଜାଣ୍ଡାର ଗଭୀର ଭାବରେ କ୍ଷତାକ୍ତ ହୋଇଥିଲେ । ସେ ଏହାପରେ ଅତ୍ୟନ୍ତ କ୍ଲାନ୍ତ ଓ ରୁଗ୍‌ଣ ହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ ନିମିତ୍ତ ବ୍ୟାକୁଳ ହୋଇଉଠିଲେ । ତାଙ୍କ ସୈନ୍ୟବାହିନୀ ମଧ୍ୟ ଯୁଦ୍ଧ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବା ସହିତ ଗଙ୍ଗାନଦୀ ଅତିକ୍ରମ କରି ଭାରତ ଭିତରକୁ ଯିବାକୁ ନାରାଜ ହେଲେ । ଆଲେକଜାଣ୍ଡାରଙ୍କ ସମେତ ତାଙ୍କର କିଛି ସୈନ୍ୟ ପାରସ୍ୟ ଆଡ଼କୁ ଫେରିବା ବାଟରେ ଇରାନ୍‌ର ମରୁ ଅଞ୍ଚଳରେ କ୍ଷୁଧା, ତୃଷା ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର କିଛି ସୈନ୍ୟ ମୃତ୍ୟୁବରଣ କରିଥିଲେ ।



**ଆଲେକଜାଣ୍ଡାରଙ୍କର ନିର୍ବସ୍ତ୍ର ସାଧୁମାନଙ୍କ ସହ କଥୋପକଥନ :**

ଆଲେକଜାଣ୍ଡାର ଭାରତରେ ବସବାସ କରୁଥିବା ନିର୍ବସ୍ତ୍ର ବା ସ୍ୱଳ୍ପବସ୍ତ୍ର ପରିଧାନ କରୁଥିବା ସାଧୁ ଦାର୍ଶନିକମାନଙ୍କୁ ଭେଟିଥିଲେ। ସେମାନେ ସେମାନଙ୍କର ପାଣ୍ଡିତ୍ୟ ଓ ଜ୍ଞାନ ପାଇଁ ପ୍ରସିଦ୍ଧ ଥିଲେ। ଆଲେକଜାଣ୍ଡାର ସେମାନଙ୍କୁ କିଛି ଜଟିଳ ପ୍ରଶ୍ନ ପଚାରିବା ସହିତ ଭୁଲ ଉତ୍ତର ପାଇଁ ମୃତ୍ୟୁ ଦଣ୍ଡ ଦିଆଯିବ ବୋଲି କହିଥିଲେ। ସାଧୁ ଦାର୍ଶନିକମାନେ କିନ୍ତୁ ଆଲେକଜାଣ୍ଡାରଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଅତି ଶାନ୍ତ ଓ ସରଳ ଭାବରେ ଦେଇଥିଲେ। ଆଲେକଜାଣ୍ଡାର ପଚାରିଥିବା ପ୍ରଶ୍ନଗୁଡ଼ିକ ଏହିପରି ଥିଲା:

ଆଲେକଜାଣ୍ଡାରଙ୍କ ପ୍ରଶ୍ନ : ଜୀବନ ଓ ମୃତ୍ୟୁ ମଧ୍ୟରୁ ଅଧିକ ଶକ୍ତିଶାଳୀ କିଏ ?

ଜଣେ ସାଧୁଙ୍କ ଉତ୍ତର : ଜୀବନ, କାରଣ ଏହା ମୃତ୍ୟୁ ଆସିବା ପର୍ଯ୍ୟନ୍ତ ରହିଥାଏ।

ଆଲେକଜାଣ୍ଡାରଙ୍କ ପ୍ରଶ୍ନ : ଜଣେ ମଣିଷ କିପରି ଅନ୍ୟମାନଙ୍କଦ୍ୱାରା ସର୍ବାଧିକ ପ୍ରିୟପାତ୍ର ହୋଇପାରିବ ? ଅନ୍ୟ ଜଣେ ସାଧୁଙ୍କ ଉତ୍ତର : ଯଦି ସେ ସବୁଠାରୁ ଶକ୍ତିଶାଳୀ ଶାସକ ହୋଇ ମଧ୍ୟ ଭୟ ସୃଷ୍ଟି ନ କରନ୍ତି। ଏହା ଥିଲା ସବୁଠାରୁ ଶକ୍ତିଶାଳୀ ଶାସକଙ୍କ ନିମିତ୍ତ (ଆଲେକଜାଣ୍ଡାର) ସବୁଠାରୁ ବଡ଼ ଇଙ୍ଗିତ। ଏହିସବୁ ଉତ୍ତରରେ ଖୁସି ହୋଇ ଆଲେକଜାଣ୍ଡାର ନିର୍ବସ୍ତ୍ର ସାଧୁ ଦାର୍ଶନିକମାନଙ୍କୁ ଛାଡ଼ି ଦେଇଥିଲେ।



ଚିତ୍ର ୫.୧୧ ଏକ ଗ୍ରୀକ୍ ମୁଦ୍ରା ଯାହା ସମ୍ଭବତଃ ଆଲେକଜାଣ୍ଡାର ଘୋଡ଼ାରେ ବସି ପୋରଷ (ପୁରୁ)ଙ୍କୁ ଆକ୍ରମଣ କରୁଥିବାର ଏକ ଦୃଶ୍ୟ।

ଐତିହାସିକମାନେ ଏହିପରି କଥୋପକଥନକୁ ଗ୍ରୀକ୍ ଏବଂ ଭାରତୀୟ ଦର୍ଶନର ଦୁଇଟି ମହାନ ପରମ୍ପରା ଭାବେ ବିବେଚନା କରିଥାନ୍ତି।




## ଶକ୍ତିଶାଳୀ ମୌର୍ଯ୍ୟ :


ଏବେ ଆସ ଉତ୍ତର ପଶ୍ଚିମରୁ ଫେରି ମଗଧ ଆଡ଼କୁ ଯିବା ଯେଉଁଠାରେ ଆମେ ନନ୍ଦବଂଶର ପତନକୁ ଅବଲୋକନ କରିବା। ପ୍ରାୟ ଖ୍ରୀଷ୍ଟପୂର୍ବ ୩୨୧ ବେଳକୁ ଆଲେକଜାଣ୍ଡାର ଏ ଦେଶରୁ ବିଦାୟ ନେବା ପରେ ଏକ ନୂତନ ରାଜବଂଶ ଏବଂ ଏକ ନୂତନ ସାମ୍ରାଜ୍ୟର ଅଭ୍ୟୁଦୟ ହୋଇଥିଲା। ଏହି ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଖୁବ୍ କମ୍ ସମୟ ମଧ୍ୟରେ ଏହି ସାମ୍ରାଜ୍ୟ ନନ୍ଦ ସାମ୍ରାଜ୍ୟକୁ ଅକ୍ତିଆର କରିବା ସହିତ ନିଜ ସାମ୍ରାଜ୍ୟର ସୀମାକୁ ଆଗକୁ ବଢ଼ାଇ ଚାଲିଥିଲା। ବିଭିନ୍ନ ବିବରଣୀରୁ ଜଣାଯାଏ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଏହି ବିଜୟ ଓ ସଫଳତା ପଛରେ ତାଙ୍କର ଉପଯୁକ୍ତ ମାର୍ଗଦର୍ଶକ କୌଟିଲ୍ୟଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା, ଯିଏକି ନିଜର ରାଜନୈତିକ, ପ୍ରଶାସନିକ ଓ ଅର୍ଥନୈତିକ ଜ୍ଞାନ ଓ ଦକ୍ଷତା ବଳରେ ମୌର୍ଯ୍ୟ ସାମ୍ରାଜ୍ୟକୁ ସମଗ୍ର ଭାରତ ଇତିହାସରେ ଏକ ଶକ୍ତିଶାଳୀ ତଥା ମହାନ ସାମ୍ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲା।

## କୌଟିଲ୍ୟଙ୍କ କାହାଣୀ :

ବୌଦ୍ଧ ଗ୍ରନ୍ଥଗୁଡ଼ିକରୁ ଜଣାଯାଏ କୌଟିଲ୍ୟ ଅନେକ ସମୟରେ ଚାଣକ୍ୟ ବା ବିଷ୍ଣୁଗୁପ୍ତ ନାମରେ ପରିଚିତ ଥିଲେ। ସେ ତକ୍ଷଶିଳା ବିଶ୍ୱବିଦ୍ୟାଳୟ (ଆଧୁନିକ ତକ୍ଷଶିଳା)ର ଜଣେ ପ୍ରଖ୍ୟାତ ଶିକ୍ଷାବିତ୍ ଥିଲେ। ତାଙ୍କର ବିସ୍ମିତ କାହାଣୀ ଆରମ୍ଭ ହୁଏ ଇତିହାସର ଅପ୍ରିୟ ଓ ଅତ୍ୟାଚାରୀ ସମ୍ରାଟ ଧନନନ୍ଦଙ୍କ ରାଜ ସଭାରୁ। ଧନନନ୍ଦଙ୍କ ଔଦ୍ଧତ୍ୟକୁ ଲକ୍ଷ୍ୟକରି କୌଟିଲ୍ୟ ତାଙ୍କୁ କହିଥିଲେ, "ନିଜକୁ ସଂଶୋଧନ କରନ୍ତୁ ଅନ୍ୟଥା ନନ୍ଦବଂଶର ସର୍ବନାଶ ଦେଖିବାକୁ ପ୍ରସ୍ତୁତ ହୋଇ ରୁହନ୍ତୁ।"




ଚିତ୍ର ନଂ. ୫.୧୨




ଚିତ୍ର ୫.୧୩

ଏକଥା ଶୁଣି କ୍ରୋଧୀତ ଧନନନ୍ଦ କୌଟିଲ୍ୟଙ୍କୁ ନିଜ ରାଜସଭାରେ ଅପମାନିତ କରିବା ସହିତ ତାଙ୍କୁ ବହିଷ୍କାର କରିଥିଲେ । ଏହାହିଁ କୌଟିଲ୍ୟଙ୍କୁ ନନ୍ଦ ବଂଶ ଧ୍ୱଂସ କରିବା ପାଇଁ ସଂକଳ୍ପ ନେବାକୁ ବାଧ କରିଥିଲା ।

## ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉତ୍‌ଥାନ :

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉତ୍‌ଥାନ ଓ ସାହସିକ କାର୍ଯ୍ୟ ବିଷୟରେ ଅନେକ କାହାଣୀ ରହିଛି । କିନ୍ତୁ ତାଙ୍କ ବିଷୟରେ ସବୁଠାରୁ ସାଧାରଣ କଥା ହେଉଛି, ନନ୍ଦରାଜା ଧନନନ୍ଦଙ୍କୁ ପରାସ୍ତ କରି ନିଜର ଶାସନ ପ୍ରତିଷ୍ଠା କରିବା ଲାଗି ମଗଧ ସାମ୍ରାଜ୍ୟକୁ ନିଜ ଅଧୀନକୁ ଆଣିଥିଲେ ।



ପାଟଳୀପୁତ୍ର ତାଙ୍କର ରାଜଧାନୀ ହେଲା। ତୁମେମାନେ ଜାଣିଛ ମଗଧର ଭୌଗୋଳିକ ଓ ଅର୍ଥନୈତିକ ଅବସ୍ଥା ତଥା ସମୃଦ୍ଧ ବାଣିଜ୍ୟ ଅତ୍ୟନ୍ତ ଅନୁକୂଳ ଥିଲା। କୌଟିଲ୍ୟ ଏ ସମସ୍ତ ପରିବେଶକୁ ଆଧାର କରି ନିଜର ରଣନୀତି ସହିତ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ଧୀରେ ଧୀରେ ସାମ୍ରାଜ୍ୟ ବିସ୍ତାର ନିମନ୍ତେ ପ୍ରସ୍ତୁତ କଲେ। ଉତ୍ତର ପଶ୍ଚିମରେ ଶାସନ କରୁଥିବା ସତ୍ରାପମାନଙ୍କୁ ପରାସ୍ତ କରି ତାଙ୍କର ସାମ୍ରାଜ୍ୟକୁ ଦାକ୍ଷିଣାତ୍ୟ ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ। ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଗ୍ରୀକ୍‌ମାନଙ୍କୁ ପରାସ୍ତ କରିବା ପରେ ସେମାନଙ୍କ ସହିତ ବୈଦେଶିକ ସମ୍ପର୍କ ସ୍ଥାପନ କରିଥିଲେ। ଗ୍ରୀକ୍ ଦାର୍ଶନିକ ମେଗାସ୍ଥିନିସ୍‌ଙ୍କୁ ନିଜ ଦରବାରରେ ଆତିଥେୟତା ପ୍ରଦାନ କରିଥିଲେ। ଭାରତରେ ମେଗାସ୍ଥିନିସ୍ ତାଙ୍କର ଭ୍ରମଣ ବୃତ୍ତାନ୍ତ 'ଇଣ୍ଡିକା' ରଚନା କରିଥିଲେ ଯାହାର ଅର୍ଥ ହେଉଛି 'ଭାରତ ବିଷୟରେ ଯାହା ସତ୍ୟ'। କିନ୍ତୁ ଦୁର୍ଭାଗ୍ୟର କଥା ଯେ ପରବର୍ତ୍ତୀ ସମୟରେ ଗ୍ରୀକ୍‌ମାନଙ୍କ ଦ୍ୱାରା ଉଦ୍ଧୃତ କିଛି ଅଂଶ ବ୍ୟତୀତ ପୁସ୍ତକର ସମସ୍ତ ଅଂଶ ନଷ୍ଟ ହୋଇଯାଇଛି।

## କୌଟିଲ୍ୟଙ୍କ ରାଜ୍ୟ ପରିକଳ୍ପନା :

ରାଜ୍ୟ କିପରି ସ୍ଥାପିତ ହୁଏ, ଏହାର ସୁପରିଚାଳନା ଓ ସଶକ୍ତିକରଣ ସମ୍ପର୍କରେ କୌଟିଲ୍ୟ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କର ପ୍ରଖ୍ୟାତ କୃତି **ଅର୍ଥଶାସ୍ତ୍ରରେ** (ଆକ୍ଷରିକ ଭାବରେ ଶାସନ ଓ ଅର୍ଥନୀତି ବିଜ୍ଞାନ) ଅନେକ ବିଷୟବସ୍ତୁ ଉପରେ ଟିପ୍ପଣୀ ପ୍ରଦାନ କରିଛନ୍ତି। ପ୍ରତିରକ୍ଷାଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ କୌଟିଲ୍ୟ ତାଙ୍କର ବିବରଣୀ ପ୍ରଦାନ କରିଛନ୍ତି। ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚିନ୍ତାଧାରା **'ସପ୍ତାଙ୍ଗ'** ବା ରାଜ୍ୟଗଠନରେ ମୁଖ୍ୟ ଭୂମିକା ରଖୁଥିବା ସାତଟି ଅଂଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।


କୌଟିଲ୍ୟଙ୍କର 'ସପ୍ତାଙ୍ଗ'
ରାଜା ବା ସ୍ୱାମୀ
ଅମାତ୍ୟ(ମନ୍ତ୍ରୀ ପରିଷଦ ସମେତ ଉଚ୍ଚ ପଦାଧିକାରୀ)
ଜନପଦରାଜ୍ୟର ଅଞ୍ଚଳ ଯେଉଁଠାରେ ଲୋକମାନେ ବସବାସ କରନ୍ତି ।
ଦୁର୍ଗସୁରକ୍ଷିତ ସହର ଏବଂ ନଗର
ରାଜକୋଷ ବା ରାଜ୍ୟର ସମ୍ପଦ
ସୁରକ୍ଷାବଳ ଏବଂ ଆଇନ ଓ ଦଣ୍ଡର ବ୍ୟବସ୍ଥା
ରାଜାଙ୍କର ବନ୍ଧୁ ବା ମିତ୍ର

ଚିତ୍ର ନଂ. ୫.୧୫


କୌଟିଲ୍ୟଙ୍କ ଅନୁସାରେ 'ସପ୍ତାଙ୍ଗ' ହେଉଛି ଏକ ସ୍ଥିର, ସୁରକ୍ଷିତ ଏବଂ ସମୃଦ୍ଧ ରାଜ୍ୟ ଗଠନ ସହିତ ଯୁଦ୍ଧ ଓ ଶାନ୍ତି ମାଧ୍ୟମରେ ମୈତ୍ରୀ ବଜାୟ ରଖି ସାମ୍ରାଜ୍ୟର ସର୍ବାଙ୍ଗ ଉନ୍ନତି ସାଧନ କରିବା। ସମାଜରେ ଆଇନ ଓ ଶୃଙ୍ଖଳା ଉପରେ କୌଟିଲ୍ୟ ଗୁରୁତ୍ୱ ଦେଉଥିଲେ, ଯାହା କେବଳ ଏକ ଦୃଢ଼ ପ୍ରଶାସନ ଦ୍ୱାରା ସମ୍ଭବ ହୋଇପାରିବ। ଦୁର୍ନୀତି ନିବାରଣ ପାଇଁ ସେ ଅନେକ ଆଇନ ପ୍ରଣୟନ କରିଥିଲେ ଯାହା ଲୋକଙ୍କ କଲ୍ୟାଣ ବିରୁଦ୍ଧରେ ଯାଉଥିବା କୌଣସି କାର୍ଯ୍ୟକଳାପ ପାଇଁ ଦଣ୍ଡର ବ୍ୟବସ୍ଥା ରହିଥିଲା।

## ଏହା ବିଷୟରେ ଚିନ୍ତାକର

କୌଟିଲ୍ୟଙ୍କ ଭାଷାରେ, "ଜଣେ ରାଜା ପ୍ରଜାନୁରାଗୀ ହେବା ଆବଶ୍ୟକ। ରାଜ୍ୟର କ୍ଷମତା ଗ୍ରାମାଞ୍ଚଳରୁ ଆସିଥାଏ, କାରଣ ଗ୍ରାମାଞ୍ଚଳର ଆର୍ଥିକ କାରବାର ଯୋଗୁଁ ହିଁ ଏହା ସମ୍ଭବ ହୋଇଥାଏ। ତେଣୁ ଗ୍ରାମାଞ୍ଚଳ ପ୍ରଜାଙ୍କ ଉନ୍ନତି ନିମନ୍ତେ ସେମାନଙ୍କ ପାଇଁ ରାସ୍ତା ନିର୍ମାଣ, ଜଳ ଯୋଗାଣ, ନଦୀବନ୍ଧ ନିର୍ମାଣ ଓ ସେତୁ ନିର୍ମାଣ ସହିତ ଗ୍ରାମାଞ୍ଚଳ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ରାଜାଙ୍କର କର୍ତ୍ତବ୍ୟ ହେବା ଉଚିତ। କୌଟିଲ୍ୟଙ୍କ ଶାସନର ମୁଖ୍ୟ ଦର୍ଶନ ଭାରତୀୟ ସମାଜର ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ। ପ୍ରଜାମାନଙ୍କ ଖୁସିରେ ରାଜାଙ୍କର ଖୁସି ଜଡ଼ିତ ଥାଏ। ମୋଟାମୋଟି ଭାବରେ କହିବାକୁ ଗଲେ ରାଜା ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ ପ୍ରଜାମାନଙ୍କର ସ୍ୱାର୍ଥ ରାଜାଙ୍କର ପ୍ରାଥମିକତା ହେବା ଉଚିତ।

## ଆସ ଅନୁସନ୍ଧାନ କରିବା

ତୁମ ଶ୍ରେଣୀରେ ଏକ ଦଳଗତ ଆଲୋଚନାର ଆୟୋଜନ କର। କୌଟିଲ୍ୟଙ୍କ ସାମ୍ରାଜ୍ୟର ବୈଶିଷ୍ଟ୍ୟଗୁଡ଼ିକ ସହିତ ଆଧୁନିକ ରାଷ୍ଟ୍ରର ବୈଶିଷ୍ଟ୍ୟଗୁଡ଼ିକୁ ତୁଳନା କର।





ଚିତ୍ର ନଂ. ୫.୧ : ଅଶୋକ ନେପାଳର ରାମଗ୍ରାମ ସ୍ତୁପ ପରିଦର୍ଶନ କରୁଥିବାର ଦୃଶ୍ୟ
(ସାଞ୍ଚିସ୍ତୁପର ଏକ ପ୍ୟାନେଲ୍‌ରୁ ସଂଗୃହୀତ)

## ଶାନ୍ତିପ୍ରିୟ ରାଜା

ମୌର୍ଯ୍ୟବଂଶର ଅନ୍ୟତମ ପ୍ରସିଦ୍ଧ ସମ୍ରାଟ ଥିଲେ ଅଶୋକ (ଖ୍ରୀ.ପୂ. ୨୬୮–୨୩୨) ଯିଏ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ପୌତ୍ର ଥିଲେ। ସେ ପ୍ରଶାସନିକ ଓ ଧର୍ମ କ୍ଷେତ୍ରରେ ବେଶ୍ ସଫଳତା ହାସଲ କରିଥିଲେ। ଶାସନର ପ୍ରାରମ୍ଭରେ ସେ ଥିଲେ ଅତ୍ୟନ୍ତ ଉଚ୍ଚାଭିଳାଷୀ। ଉତ୍ତରାଧିକାର ସୂତ୍ରରେ ସେ ଏକ ବିଶାଳ ସାମ୍ରାଜ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାରତୀୟ ଉପମହାଦେଶର ସମସ୍ତ ଅଞ୍ଚଳକୁ ଅଧିକାର କରିବା ପାଇଁ ଉଦ୍ୟମ କରିଥିଲେ। ସୁଦୂର ଦକ୍ଷିଣାଞ୍ଚଳ, ବର୍ତ୍ତମାନର ପାକିସ୍ଥାନ, ବଙ୍ଗଳାଦେଶ ଓ ଆଫଗାନିସ୍ଥାନର କେତେକାଞ୍ଚଳ ତାଙ୍କ ସାମ୍ରାଜ୍ୟଭୁକ୍ତ ନଥିଲା। ଏକମାତ୍ର କଳିଙ୍ଗ ଯୁଦ୍ଧ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ତାଙ୍କର ଶିଳାଲେଖମାନଙ୍କ ମଧ୍ୟରୁ ଗୋଟିକରେ ବର୍ଣ୍ଣିତ ଅଛି ଭାରତର ପୂର୍ବାଞ୍ଚଳରେ ଥିବା କଳିଙ୍ଗ (ଆଧୁନିକ ଓଡ଼ିଶା)କୁ ଅଧିକାର କରିବା ପାଇଁ ସେ ଏକ ଭୟଙ୍କର ଯୁଦ୍ଧାଭିଯାନ ଆରମ୍ଭ କରିଥିଲେ। ଯୁଦ୍ଧ କ୍ଷେତ୍ରରେ ଅଗଣିତ ଲୋକଙ୍କର ମୃତ୍ୟୁ ଓ କ୍ଷୟକ୍ଷତି ଦେଖି ତାଙ୍କ ହୃଦୟ ବଦଳି ଯାଇଥିଲା। ସେ ଅନୁତାପରେ ବିଗଳିତ ହୋଇପଡ଼ିଲେ ଓ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ହିଂସା ପରିତ୍ୟାଗ ପୂର୍ବକ ଶାନ୍ତି ଓ ଅହିଂସାର ପଥକୁ ଆପଣେଇ ନେଇଥିଲେ।

### ଏହା ବିଷୟରେ ଚିନ୍ତାକର

→ ଅଶୋକ ତାଙ୍କ ଶିଳାଲେଖରେ କଳିଙ୍ଗ ଯୁଦ୍ଧର କାହାଣୀ ବର୍ଣ୍ଣନା କରିଛନ୍ତି। ସେ ଋହିଁଥିଲେ ଏହାକୁ ଉଲ୍ଲେଖ ନକରି ଭବିଷ୍ୟତ ପିଢ଼ି ପାଇଁ ନିଜକୁ ଜଣେ ଶାନ୍ତିପ୍ରିୟ ରାଜା ଭାବରେ ଉପସ୍ଥାପନ କରିପାରିଥାନ୍ତେ। ତାଙ୍କର ଧ୍ୱଂସାତ୍ମକ ଯୁଦ୍ଧ ବିଷୟରେ ଉଲ୍ଲେଖ କରିବାର କାରଣ କ'ଣ ବୋଲି ତୁମେ ଭାବୁଛ ? ସେ କାହିଁକି ଏହି ଧ୍ୱଂସାତ୍ମକ ଯୁଦ୍ଧକୁ ସ୍ୱୀକାର କରିଛନ୍ତି ବୋଲି ତୁମେ ଭାବୁଛ ?

→ ବୌଦ୍ଧ ଧର୍ମର ପ୍ରସାର ପାଇଁ ଅଶୋକ ଶ୍ରୀଲଙ୍କା, ଥାଇଲାଣ୍ଡ, ମଧ୍ୟ ଏସିଆ ଏବଂ ଅନ୍ୟ ଦୂରସ୍ଥାନକୁ ନିଜର ସନ୍ତାନ ତଥା ଦୂତମାନଙ୍କୁ ପଠାଇଥିଲେ।

ଐତିହାସିକମାନେ ଅନେକ ସମୟରେ ଅଶୋକଙ୍କୁ ଏକ ମହାନ ବାର୍ତ୍ତା ସଂଗ୍ରହକ ରୂପେ ଅଭିହିତ କରିଥାନ୍ତି । ସମ୍ରାଟ ଅଶୋକ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ପଥରରେ କିମ୍ବା ସ୍ତମ୍ଭରେ ଖୋଦିତ ଶିଳାଲେଖମାନ ସ୍ଥାପନ କରିଥିଲେ । ଯାହାଦ୍ୱାରା ଦେଶର ଆଇନ୍‌କାନୁନ ବିଷୟରେ ଜନସାଧାରଣ ଅବଗତ ହୋଇପାରୁଥିଲେ । ଏତଦ୍‌ବ୍ୟତୀତ ଶିଳାଲେଖ ମାଧ୍ୟମରେ ଅଶୋକ ଧର୍ମ ଓ ଧାର୍ମିକ ଚିନ୍ତାଧାରା ବିଷୟରେ ଲୋକମାନଙ୍କୁ ଜଣାଇଥିଲେ । ସାଧାରଣ ଲୋକମାନଙ୍କ ପାଇଁ କଥିତ ଭାଷା ବା 'ପ୍ରାକୃତ ଭାଷା' ମାଧ୍ୟମରେ ଭାବବିନିମୟର ବ୍ୟବସ୍ଥା ଥିଲା । 'ବ୍ରାହ୍ମୀ'ଲିପି ଲିଖିତ ଭାଷାରେ ବ୍ୟବହୃତ ହେଉଥିଲା । କୁହାଯାଏ, ସେ ସମୟରେ ସମସ୍ତ ଆଞ୍ଚଳିକ ଭାଷାର ଜନନୀ ଭାବରେ 'ବ୍ରାହ୍ମୀ' ଲିପିର ପରିଚୟ ଥିଲା ।




ଚିତ୍ର ୫.୧୭ (ସମଗ୍ର ଉପମହାଦେଶରେ କିଛି ସ୍ଥାନରେ ଥିବା ଅଶୋକଙ୍କ ଶିଳାଲେଖର ଚିତ୍ର)

ଆମେ ବ୍ରାହ୍ମୀ ଲିପିରେ ଲିଖିତ ପ୍ରାକୃତ ଭାଷାକୁ ମୂଳ ଉତ୍ସରୂପେ ସୂଚାଇବାର ଅର୍ଥ ଆମେ କ'ଣ ବୁଝୁ ? ଏହାର ଉତ୍ତର ଅତି ସରଳ। ଏହାକୁ କଥିତ ଓ ଲିଖିତ ଭାଷାଭାବେ ଆମେ ଜାଣୁ। ଆମ ଦୈନନ୍ଦିନ ଜୀବନରେ ଏହି ଭାଷା ବ୍ୟବହାରର କିଛି ଉଦାହରଣ ଦେଇ ପାରିବକି ?

ତାଙ୍କ ଶିଳାଲେଖରେ ଅଶୋକ ନିଜକୁ 'ଦେବାନାଂପ୍ରିୟ ପ୍ରିୟଦର୍ଶୀ' ଭାବେ ଉଲ୍ଲେଖ କରିଛନ୍ତି। ପ୍ରଥମ ଶବ୍ଦର ଅର୍ଥ ଦେବତାଙ୍କର ପ୍ରିୟ (Beloved of Gods), ଦ୍ୱିତୀୟ ଶବ୍ଦର ଅର୍ଥ ଅନ୍ୟମାନଙ୍କୁ ଦୟାର୍ଦ୍ର ଦୃଷ୍ଟିରେ ସମ୍ମାନ ଦେବା ବା ଦୟାର୍ଦ୍ର ଦୃଷ୍ଟିରେ ବିବେଚନା କରିବା। ପ୍ରକୃତରେ ତାଙ୍କର ଶିଳାଲେଖର ଭାଷାରୁ ଜଣାପଡ଼େ ଯେ ସେ ନିଜକୁ ଜଣେ ଦୟାଳୁ ଓ ଜନହିତୈଷୀ ରାଜା ରୂପେ ପ୍ରତିପାଦିତ କରିବାକୁ ଆଗ୍ରହୀ ଥିଲେ। ଆସ ଏହାର କେତୋଟି ଉଦାହରଣ ଦେଖିବା।




ଚିତ୍ର ନଂ. ୫.୧୮ ଅଶୋକଙ୍କ ଦ୍ୱାରା ସ୍ଥାପିତ ଗୁଜୁରାଟର ଗିର୍‌ନାର୍ ଶିଳାଲେଖ (ବାମ ପାର୍ଶ୍ୱ)
ଅଶୋକଙ୍କଦ୍ୱାରା ସ୍ଥାପିତ ଦିଲ୍ଲୀର ଫିରୋଜଶାହା କୋଟ୍‌ଲାର ତୋପ୍ରା ସ୍ତମ୍ଭ ଲେଖ। (ଦକ୍ଷିଣ ପାର୍ଶ୍ୱ)

ଯଦିଓ ଦାକ୍ଷିଣାତ୍ୟର ସମସ୍ତ ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ ନଥିଲା, ତଥାପି ଅଶୋକ ସେମାନଙ୍କର ସମସ୍ତ ପ୍ରକାର ସଫଳତା କାମନା କରୁଥିଲେ। ତାଙ୍କ ସାମ୍ରାଜ୍ୟ ଓ ସାମ୍ରାଜ୍ୟ ବାହାରର ମଣିଷ ତଥା ପଶୁମାନଙ୍କ ନିମିତ୍ତ ଡାକ୍ତରୀ ଚିକିତ୍ସା ଓ ଯତ୍ନ ଉପରେ ଗୁରୁତ୍ୱ ଦେଉଥିଲେ। ଏପରିକି ତାଙ୍କ ସାମ୍ରାଜ୍ୟ ଭିତରେ ପଶୁମାନଙ୍କ ପ୍ରତି ନିଷ୍ଠୁରତା ଓ ପଶୁହତ୍ୟା ସମ୍ପୂର୍ଣ୍ଣ ନିଷେଧ କରିବା ସଙ୍ଗେ ସଙ୍ଗେ ଆବଶ୍ୟକସ୍ଥଳେ ସେମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିଥିଲେ। ସେଥିପାଇଁ ଅଶୋକଙ୍କୁ 'ପ୍ରକୃତି ସଂରକ୍ଷଣ' ଓ 'ଜୀବଜନ୍ତୁ ସୁରକ୍ଷାର' ପ୍ରଥମ ଉଦ୍ୟକ୍ତା ବୋଲି କୁହାଯାଏ। ସେ ରାସ୍ତା ପାର୍ଶ୍ୱରେ ବିଶ୍ରାମାଗାର ନିର୍ମାଣ ଏବଂ କୂପ ଖନନ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଫଳଯୁକ୍ତ ଓ ଛାୟାପ୍ରଦ ବୃକ୍ଷରୋପଣ କରିଥିଲେ। ସେ ତତ୍କାଳୀନ ସମାଜର ପ୍ରଚଳିତ ବିଭିନ୍ନ ଗୋଷ୍ଠୀ (ସମୁଦାୟ)ର ସୁବିଚାର ଓ ନୀତିଶିକ୍ଷାକୁ ଗ୍ରହଣ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଯଦିଓ ବାସ୍ତବରେ ଅଶୋକଙ୍କର ସମସ୍ତ ଦାବୀକୁ ଆମେ ଗ୍ରହଣ କରିନପାରୁ ତଥାପି କୌଟିଲ୍ୟଙ୍କର 'ସୁଶାସନର ଦର୍ଶନ'ରୁ ଜଣାପଡ଼େ ଯେ, ସେ ପ୍ରଜାମାନଙ୍କର କଲ୍ୟାଣ ଉପରେ ଧ୍ୟାନ ଦେଉଥିଲେ ଏବଂ ଏସବୁକୁ ସେମାନଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରାଇଥିଲେ।



## ମନେରଖ

ତୁମେ ଷଷ୍ଠ ଶ୍ରେଣୀରେ ଧର୍ମ (ପ୍ରାକୃତ ଭାଷାରେ ଧମ୍ମ) ଶବ୍ଦ ସହିତ ପରିଚିତ ହୋଇଛ । ଏହାର ସାରାଂଶକୁ ସହଜରେ ବୁଝି ହେବ ନାହିଁ । ସରଳ ଭାଷାରେ କହିବାକୁ ଗଲେ ଧର୍ମ ହେଉଛି ନୈତିକ ନିୟମ (Moral Law) କିମ୍ବା ଜଣକର ପରିବାର, ସମାଜ ଓ ଦେଶପ୍ରତି ଧାର୍ମିକ ଓ ନୈତିକ କର୍ତ୍ତବ୍ୟ ଅଟେ । ଏହାର ଗଭୀର ଅର୍ଥ ହେଉଛି ବିଶ୍ୱବ୍ରହ୍ମାଣ୍ଡର ନିୟମାନୁସାରେ ଜୀବନଯାପନ କରିବା ଯାହାକୁ ସଂସ୍କୃତରେ ଋତମ୍ (Ritam means, divine truth) କୁହାଯାଏ । ଜଣେ ନିଜର କର୍ତ୍ତବ୍ୟକୁ ଯଥାର୍ଥ ଭାବେ ଉତ୍ତମ ଚରିତ୍ର ସହ ସଂସାରର ଦିବ୍ୟ ନିୟମାନୁସାରେ ସମ୍ପାଦନ କରିବାକୁ ବୁଝାଏ । ଅତଏବ ଧର୍ମ କହିଲେ କର୍ତ୍ତବ୍ୟ, ନିୟମ, ସତ୍ୟ ଓ ନୀତି ତଥା ନୈତିକତାର ସମାହାରକୁ ବୁଝାଇଥାଏ ।

## ଆସ ଅନୁସନ୍ଧାନ କରିବା



ଅଶୋକ ତାଙ୍କର ଶିଳାଲେଖମାନଙ୍କ ମଧ୍ୟରୁ ଗୋଟିକରେ ନିଜର ରାଜକର୍ମଚାରୀମାନଙ୍କ ନିମନ୍ତେ ଆଦର୍ଶ ଆଚରଣବିଧି ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସାମ୍ରାଜ୍ୟ ପରିଚାଳନାରେ ସେହି ନିର୍ଦ୍ଦେଶନାମାଗୁଡ଼ିକ କେତେ ସଫଳ ହୋଇପାରିଥାନ୍ତା, ତାହା ନିଜ ନିଜ ମଧ୍ୟରେ ଆଲୋଚନା କର । ନିର୍ଦ୍ଦେଶନାମାଟି ଏହି ପ୍ରକାରର ଥିଲା :

"ସହରର ଅଧିକାରୀ ଓ ବିଚାରପତିମାନଙ୍କୁ ଈଶ୍ୱରଙ୍କ ପ୍ରିୟ ସମ୍ରାଟଙ୍କ ନିର୍ଦ୍ଦେଶ, ଆପଣମାନେ ହଜାର ହଜାର ପ୍ରାଣୀଙ୍କର ଦାୟିତ୍ୱରେ ଅଛନ୍ତି । ତେଣୁ ସେମାନଙ୍କର ଶ୍ରଦ୍ଧା ଭାଜନ ହେବା ଆପଣମାନଙ୍କର ଦାୟିତ୍ୱ । ସମସ୍ତ ମଣିଷ ମୋର ସନ୍ତାନ ଏବଂ ସମସ୍ତେ ଇହକାଳ ଓ ପରକାଳରେ ସୁଖ ଲାଭ କରିବା ମୋର ଇଚ୍ଛା, ସମସ୍ତଙ୍କ ପାଇଁ ନିରପେକ୍ଷ ହୁଅ । ସମଭାବାପନ୍ନ ହୋଇ ଶୀଘ୍ର କୌଣସି ନିଷ୍ପତ୍ତି ନ ନେଇ ଭାବିଚିନ୍ତି ନିଅ । ବିନା କାରଣରେ କେହି ବନ୍ଦୀ ନ ହୁଅନ୍ତୁ ବା ବିନା କାରଣରେ କେହି ନିର୍ଯ୍ୟାତିତ ନହୁଅନ୍ତୁ । ଏହି ବିଷୟରେ ଜାଣିବା ପାଇଁ ମୁଁ (ଅଶୋକ) ପ୍ରତି ପାଞ୍ଚ ବର୍ଷରେ ଥରେ ଜଣେ ରୁକ୍ଷ ଓ ନିର୍ଦ୍ଦୟ ହୋଇନଥିବା ଉତ୍ତମ ଅଧିକାରୀଙ୍କୁ ପରିଦର୍ଶନରେ ପଠାଇବି । ସେ ଅଧିକାରୀ ମୋ ଅନୁଶାସନର କାର୍ଯ୍ୟକାରିତା ବା ସଫଳ ରୂପାୟନର ବିବରଣୀ ପ୍ରଦାନ କରିବେ ।"

ଅଶୋକଙ୍କ ପରେ ତାଙ୍କର ବିଶାଳ ସାମ୍ରାଜ୍ୟ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ତାଙ୍କର ଦୁର୍ବଳ ଉତ୍ତରାଧିକାରୀମାନେ ଏତେବଡ଼ ବିଶାଳ ସାମ୍ରାଜ୍ୟକୁ ଶାସନ କରିବାରେ ଅକ୍ଷମ ଥିଲେ । ଫଳତଃ ତାହା କେତୋଟି ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ସ୍ୱାଧୀନ ଭାବରେ ଶାସନ କରିବାକୁ ଲାଗିଲେ । ପ୍ରାୟତଃ ଖ୍ରୀ.ପୂ. ୧୮୫ ବେଳକୁ ଭାରତରେ ଶାସନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହେଲା । ସେ ସମ୍ପର୍କରେ ଆଲୋଚନା ପାଇଁ ଧରିତ୍ରୀ ଓ ଧ୍ରୁବ ପରବର୍ତ୍ତୀ ଅଧ୍ୟାୟରେ ଆମ ସହିତ ଯୋଗଦେବେ ।

## ମୌର୍ଯ୍ୟ ସମୟରେ ସାମାଜିକ ଜୀବନ

ମୌର୍ଯ୍ୟ ଯୁଗରେ ପାଟଳୀପୁତ୍ର ପରି ସହରଗୁଡ଼ିକ ଶାସନ ଓ ବାଣିଜ୍ୟର ଉତ୍କର୍ଷ କେନ୍ଦ୍ରସ୍ଥଳୀ ଥିଲା । ସେଠାରେ ପ୍ରାସାଦ, ସର୍ବସାଧାରଣମାନଙ୍କର କୋଠା ଓ ରାସ୍ତାଗୁଡ଼ିକ ଯୋଜନାବଦ୍ଧ ଭାବରେ ନିର୍ମିତ ହୋଇଥିଲା । ଏକ ସୁସଂଗଠିତ ଟିକସ ବ୍ୟବସ୍ଥା ଏବଂ ଦ୍ରୁତ ବାଣିଜ୍ୟିକ ପରିବେଶ ସହିତ ରାଜକୋଷ ପରିପୂର୍ଣ୍ଣ ଥିଲା ଯାହା ସାମ୍ରାଜ୍ୟର ଅଭିବୃଦ୍ଧି ଏବଂ ସମୃଦ୍ଧିକୁ ଆଗକୁ ନେଇଥିଲା । ସାମ୍ରାଜ୍ୟର ପ୍ରଶାସନିକ ଅଧିକାରୀ, ବଣିକ ଏବଂ କାରିଗରମାନେ ସହର ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ମନେରଖ

→ ଖ୍ରୀ.ପୂ. ୪ର୍ଥରୁ ୩ୟ ଶତାବ୍ଦୀ ମଧ୍ୟରେ ଲିଖିତ ତାମ୍ରପତ୍ର ଅଭିଲେଖ ଭାରତର ସର୍ବପ୍ରଥମ ଜଣାଶୁଣା ପ୍ରଶାସନିକ ଦସ୍ତାବିଜ ମଧ୍ୟରୁ ଅନ୍ୟତମ ।

→ ଏହା ଉତ୍ତର ପ୍ରଦେଶର ସହଗୌରା ନାମକ ସ୍ଥାନରୁ ଆବିଷ୍କୃତ ହୋଇଛି । ଏହା ବ୍ରାହ୍ମୀଲିପିରେ, ପ୍ରାକୃତ ଭାଷାରେ ଲିଖିତ ।


ଚିତ୍ର ନଂ. ୫.୧୯ ତାମ୍ରପତ୍ରରେ (ବ୍ରାହ୍ମୀ ଲିପି)


→ ଏହା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଶାସନ କାଳର ବୋଲି ବିଶ୍ୱାସ କରାଯାଏ ।

→ ଏହି ଅଭିଲେଖରେ ଖାଦ୍ୟ ଶସ୍ୟକୁ ମହଜୁଦ୍ କରି ରଖିବା ପାଇଁ ଶସ୍ୟାଗାରର ବ୍ୟବସ୍ଥା ରହିଥିବାର ଜଣାଯାଏ । ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ପ୍ରାକୃତିକ ସଙ୍କଟ ସମୟରେ ଲୋକମାନଙ୍କ ନିମନ୍ତେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଏହି ଶସ୍ୟାଗାର ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ମେଗାସ୍ଥିନିସ୍‌ଙ୍କ ବିବରଣୀ ମଧ୍ୟ ତତ୍କାଳୀନ ସମାଜ ଉପରେ ଆଲୋକପାତ କରିଛି । ଜନସଂଖ୍ୟାର ଏକ ବଡ଼ଭାଗ କୃଷିଜୀବୀ ଥିଲେ ଏବଂ କୃଷି ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା । ବର୍ଷକୁ ଦୁଇଥର ଗ୍ରୀଷ୍ମ ଏବଂ ଶୀତ ସମୟରେ ଫସଲ ବୁଣା ହେଉଥିଲା । କାରଣ ଏହି ଦୁଇଟି ସମୟରେ ବର୍ଷାର ଅଭାବ ନଥିଲା । ଫଳତଃ ଦୁର୍ଭିକ୍ଷ ହେଉଥିବାର ବିଶେଷ ପ୍ରମାଣ ମିଳେନାହିଁ । ମୌର୍ଯ୍ୟ ଶାସନ କାଳରେ ଲୋକଙ୍କ ପାଖରେ ଖାଦ୍ୟର ଅଭାବ ନଥିଲା । ବିପଦ ସମୟରେ ଖାଦ୍ୟର ଆବଶ୍ୟକତା ପାଇଁ

ଶସ୍ୟାଗାରଗୁଡ଼ିକ ପରିପୂର୍ଣ୍ଣ ଥିଲା। ନିକଟବର୍ତ୍ତୀ ଅଞ୍ଚଳରେ ଯୁଦ୍ଧର ଭୟ ଥିଲେ ବି କୃଷକ ଓ କୃଷି ସୁରକ୍ଷିତ ରହୁଥିଲେ। ସହରରେ ବଢ଼େଇ, କମାର, କୁମ୍ଭାର, ସୁନାରୀ (ବଣିଆ) ଓ ଅନ୍ୟ କାରିଗରମାନେ ବସବାସ କରୁଥିଲେ। ସହରଗୁଡ଼ିକ ଯୋଜନାବଦ୍ଧ ଭାବରେ ତିଆରି ହୋଇଥିଲା। ରାସ୍ତାକଡ଼ରେ ଫଳକମାନ ଲଗାଯାଇଥିଲା। ଯୋଗାଯୋଗ ନିମିତ୍ତ ଡାକର ବ୍ୟବସ୍ଥା ରହିଥିଲା। ଘରଗୁଡ଼ିକ କାଠରେ ତିଆରି ହୋଇଥିଲା। ଘରଗୁଡ଼ିକ ଏକ କିମ୍ବା ଦୁଇ ମହଲା ବିଶିଷ୍ଟ ଥିବାର ଅନୁମାନ କରାଯାଏ। ସମ୍ଭାବ୍ୟ ଅଗ୍ନିକାଣ୍ଡରୁ ସୁରକ୍ଷା ପାଇବା ପାଇଁ ରାସ୍ତାର କିଛି କିଛି ଦୂରରେ ଜଳପୂର୍ଣ୍ଣ ବଡ଼ ବଡ଼ ପାତ୍ର ରଖାଯାଉଥିଲା। ଏହି ସମୟର ଲୋକମାନେ କପା ତିଆରି ପୋଷାକ ପରିଧାନ କରୁଥିଲେ। ସେ ସମୟରେ ପୋଷାକ ଦୁଇଟି ଅଂଶରେ ପରିଧାନ କରାଯାଉଥିଲା। ଗୋଟିଏ ଅଂଶ ଅଣ୍ଟାରୁ ଆଣ୍ଠୁଯାଏ ପରିଧାନ କରାଯାଉଥିବାବେଳେ ଅନ୍ୟ ଅଂଶଟି ଚଦର ପରି କାନ୍ଧରେ ପକାଇ ଦିଆଯାଉଥିଲା। କେତେକ ଲୋକ ନିଜକୁ ଉଚ୍ଚ ଦେଖାଇବା ପାଇଁ ଚମଡ଼ା ପ୍ରସ୍ତୁତ ହିଲ୍ ଯୋତା (ଚପଲ) ବ୍ୟବହାର କରୁଥିଲେ।

## ଆସ ଅନୁସନ୍ଧାନ କରିବା



ଐତିହାସିକ ଟୋପିଟିଏ ପିନ୍ଧି ପର ପୃଷ୍ଠାରେ ଥିବା ସେହି ସମୟର କଳାକୃତିଗୁଡ଼ିକୁ ଭଲ ଭାବରେ ନିରୀକ୍ଷଣ କର। ମୌର୍ଯ୍ୟ ଯୁଗର ଜନସାଧାରଣ ଓ ସେମାନଙ୍କର ଜୀବନଶୈଳୀ ସମ୍ପର୍କରେ କ'ଣ ଅବତାରଣା କଲ ?

ଏହି ଚିତ୍ରଟି ଆମ ପାଇଁ ଅନେକ ବାର୍ତ୍ତା ବହନ କରୁଛି ଯାହା ସୌନ୍ଦର୍ଯ୍ୟ ଏବଂ ସିଦ୍ଧତା ସହିତ ମୌର୍ଯ୍ୟକଳାର ଏକ ଉତ୍କୃଷ୍ଟ ଉଦାହରଣ।

ଏହି ସ୍ତମ୍ଭର ଉପରିଭାଗ (ଯାହାର ଅର୍ଥ ଉପର ଅଂଶ ବା ମସ୍ତକ) ଅଶୋକଙ୍କ ଦ୍ୱାରା ବାରାଣସୀ ନିକଟବର୍ତ୍ତୀ ସାରନାଥଠାରେ ସ୍ଥାପିତ ହୋଇଥିବା ସ୍ତମ୍ଭର ଶୀର୍ଷରେ ଥିଲା, ଯେଉଁଠାରେ ଗୌତମବୁଦ୍ଧ ତାଙ୍କର ପ୍ରଥମ ଧର୍ମବାଣୀ ଶୁଣାଇଥିଲେ। ଚାରୋଟି ସିଂହ ରାଜକୀୟ ଶକ୍ତିର ପ୍ରତୀକ। ତଳ ରିଙ୍ଗ୍‌ରେ ଚାରୋଟି ଶକ୍ତିଶାଳୀ ପଶୁ (ହାତୀ, ଘୋଡ଼ା, ବୃଷଭ ଓ ସିଂହ) ଧର୍ମଚକ୍ର ସହିତ ଚିତ୍ରିତ ହୋଇଛି, ଯାହା ବୁଦ୍ଧଙ୍କ ବାଣୀକୁ ପ୍ରତୀକ ଭାବରେ ଗ୍ରହଣ କରେ।




ଚିତ୍ର ନଂ.୫.୨୦ସାରନାଥର ଏହି ସ୍ତମ୍ଭରୁ ଜଣାଯାଏ ଯେ ମୌର୍ଯ୍ୟମାନେ ଶିଳାସ୍ତମ୍ଭ ନିର୍ମାଣରେ କେତେ ସିଦ୍ଧହସ୍ତ ଥିଲେ।

# ମୌର୍ଯ୍ୟମାନଙ୍କର କେତୋଟି ଅବଦାନ : ଲୋକ ଓ ଜୀବନ



ଚିତ୍ର. ୫.୨୧ ନୃତ୍ୟରତା ଝିଅଟିର ଟେରାକଟା ମୂର୍ତ୍ତି । ଏହାର ପୋଷାକ, କେଶ ବିନ୍ୟାସ ଓ ଅଳଙ୍କାରକୁ ଲକ୍ଷ୍ୟ କର ।



ଚିତ୍ର. ୫.୨୨ ଦେବୀ ମାତାଙ୍କ ଟେରାକଟା ମୂର୍ତ୍ତି



ଚିତ୍ର. ୫.୨୩ ଋମରଧାରୀ ଦେବୀମାତା (ଯକ୍ଷ)



ଚିତ୍ର. ୫.୨୪ ସପ୍ତମାତୃକା ବା ସପ୍ତ ଦେବୀ ମାତାଙ୍କ ଟେରାକୋଟା ମୂର୍ତ୍ତି



ଚିତ୍ର. ୫.୨୫ ଏକ ଟେରାକୋଟା ଘୋଡ଼ାର ମସ୍ତକ (ଲଗାମର ବିସ୍ତୃତ ଡିଜାଇନକୁ ଲକ୍ଷ୍ୟକର)

# କଳା ଓ ସ୍ଥାପତ୍ୟ



ଚିତ୍ର ନଂ. ୫.୨୬ ଭାରତର ସର୍ବପୁରାତନ ପ୍ରସ୍ତରକଳା ମଧ୍ୟରୁ ସାଞ୍ଚିର ମହାନ ସ୍ତୁପ ଭାରତୀୟ ସ୍ଥାପତ୍ୟ କଳାର ସର୍ବୋତ୍ତମ ଉଦାହରଣ । ଲକ୍ଷ୍ୟକର ମୂଳ ସୌଧଟି ଇଟାରେ ନିର୍ମିତ ହୋଇଥିଲା ଏବଂ ପରେ ପଥରରେ ଏହାର ଆକାର ବୃଦ୍ଧି କରାଯାଇଥିଲା । କୁହାଯାଏ ଯେ ଅଶୋକ ଉପାସନା, ଅଧ୍ୟୟନ ଓ ଧ୍ୟାନ ନିମିତ୍ତ ଏହିପରି ଅନେକ ସ୍ତୁପ, ଚୈତ୍ୟ ଓ ବିହାରର ନିର୍ମାଣ କରାଇଥିଲେ ।



ଚିତ୍ର ନଂ ୫.୨୭ ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳିଠାରେ ଏକ ପୂର୍ଣ୍ଣାୟବ ହାତୀର ପଥର ମୂର୍ତ୍ତି ଯାହା ବୁଦ୍ଧଙ୍କ ପ୍ରତୀକରୂପେ ବୁଦ୍ଧିମାନ, ଶକ୍ତିମାନ, ଧୈର୍ଯ୍ୟବାନ ଏବଂ ଶାନ୍ତ ସ୍ୱଭାବର ପରିଚୟ ଦେଇଥାଏ । ଅଶୋକଙ୍କର ଏକ ଅନୁଶାସନ ନିକଟରେ ଏକ ପଥର ହେହରେ ଏହା ଖୋଦିତ ହୋଇଥିଲା ।




ତୁମମାନଙ୍କ ମଧ୍ୟରୁ କେତେକ ପାର୍ଶ୍ୱରେ ଦିଆଯାଇଥିବା ଚିତ୍ର ସହିତ ପରିଚିତ ଥିବ । ବାସ୍ତବରେ ଏହି ଚିତ୍ରଟି ଭାରତର ଜାତୀୟ ସଙ୍କେତ ଅଟେ । ଯେଉଁଥିରେ ସଂସ୍କୃତରେ 'ସତ୍ୟମେବ ଜୟତେ' ଲେଖାଯାଇଛି, ଯାହାର ଅର୍ଥ 'ସତ୍ୟର ସର୍ବଦା ଜୟ ହେଉ' । ଏତଦ୍‌ବ୍ୟତୀତ ଜାତୀୟ ପତାକା ମଧ୍ୟ ଭାଗରେ ଥିବା ଧର୍ମଚକ୍ରକୁ ଚିତ୍ରିତ କରାଯାଇଛି । 'ସତ୍ୟମେବ ଜୟତେ' 'ମୁଣ୍ଡକ ଉପନିଷଦ'ରୁ ଆସିଅଛି । ସମ୍ପୂର୍ଣ୍ଣ ଭାବରେ ଏହା "ସତ୍ୟମେବ ଜୟତେ ନନୃତମ" ଅର୍ଥାତ୍ ଅସତ୍ୟ ନୁହେଁ, ସତ୍ୟର ସର୍ବଦା ଜୟ ହୋଇଥାଏ ।

## ଆସ ଅନୁସନ୍ଧାନ କରିବା

ମୁଦ୍ରାଗୁଡ଼ିକରେ ଥିବା ଭିନ୍ନ ଭିନ୍ନ ପ୍ରତୀକଗୁଡ଼ିକୁ ଲକ୍ଷ୍ୟ କର । ଏହାର ଅର୍ଥ କ'ଣ ହୋଇପାରେ ଅନୁମାନ କରି ପାରୁଛ କି ?





ଚିତ୍ର ୫.୨୯.୧ ମୌର୍ଯ୍ୟ ଯୁଗର ମୁଦ୍ରାଗୁଡ଼ିକର ଏକ ଭଣ୍ଡାର

ଚିତ୍ର ୫.୨୯.୨ ଅଶୋକଙ୍କର ଏକ ଛାପାଯୁକ୍ତ ମୁଦ୍ରା


## ମନେରଖ

ସ୍ତୂପର ମଧ୍ୟ ଭାଗରେ ଥିବା ବଡ଼ ଅର୍ଦ୍ଧଗୋଲାକାର ଗଠନକୁ 'ଅଣ୍ଡ' କୁହାଯାଏ । ଏହା ବ୍ରହ୍ମାଣ୍ଡକୁ ପ୍ରତିନିଧିତ୍ୱ କରେ ଏବଂ ଏହାକୁ ପ୍ରାୟତଃ ପବିତ୍ର ଅବଶେଷ ରଖିବା ପାଇଁ ବ୍ୟବହାର କରାଯାଏ । ଉପାସନାର ଏକ ଅଂଶ ଭାବରେ ଲୋକମାନେ ଏହା ଚାରିପାଖରେ ପ୍ରଦକ୍ଷିଣ କରିଥାନ୍ତି ।

## ସାମ୍ରାଜ୍ୟଗୁଡ଼ିକର ଭଙ୍ଗୁର (Fragile) ପ୍ରକୃତି :

ବିଶ୍ୱର ଅନ୍ୟ ସ୍ଥାନମାନଙ୍କରେ ଥିବା ଅତୀତର ଶକ୍ତିଶାଳୀ ସାମ୍ରାଜ୍ୟ ଯଥା– ରୋମାନ, ପାରସ୍ୟ, ଅଟୋମାନ, ସ୍ପେନୀୟ, ଋଷୀୟ, ବ୍ରିଟିଶ ଆଦି ସ୍ରାମାଜ୍ୟ ବିଷୟରେ ପରବର୍ତ୍ତୀ ଶ୍ରେଣୀମାନଙ୍କରେ ତୁମେ ଜାଣିବାକୁ ପାଇବ । ସେସବୁ ଅନେକ ଦୃଷ୍ଟିରୁ ଅନ୍ତର୍ହିତ ହୋଇଯାଇଛନ୍ତି । କିନ୍ତୁ ଐତିହାସିକମାନେ ସେମାନଙ୍କର ପତନର କାରଣଗୁଡ଼ିକ ଉପରେ ବିତର୍କ ଜାରି ରଖିଛନ୍ତି । ଏହିପରି ଅନେକଗୁଡ଼ିଏ କାରଣ ମଧ୍ୟରୁ ଗୋଟିଏ ହେଉଛି, ସାମ୍ରାଜ୍ୟର କିଛି ଅଞ୍ଚଳ ସ୍ୱାଧୀନ ହେବାକୁ ଅଭିଳାଷ ପୋଷଣ କରିବା । ଉଦାହରଣ ସ୍ୱରୂପ ଯଦି ସମ୍ରାଟଙ୍କୁ ଦୀର୍ଘକାଳୀନ ସାମରିକ ଅଭିଯାନ କିମ୍ବା ମରୁଡ଼ି

ସମୟରେ ଅଧିକ ରାଜସ୍ୱ ଆବଶ୍ୟକ ପଡ଼େ, ତେବେ ସ୍ଥାନୀୟ ଶାସକମାନେ କରବୃଦ୍ଧି କରିବାକୁ ବାଧ୍ୟ ହେବେ, ଯାହା ଜନ ଅସନ୍ତୋଷ ସୃଷ୍ଟି କରିବ କିମ୍ବା ଯଦି ଜଣେ ଶକ୍ତିଶାଳୀ ଶାସକଙ୍କୁ ଦୁର୍ବଳ ବୋଲି ବିବେଚିତ କରି ସ୍ଥାନୀୟ ରାଜା କିମ୍ବା ସର୍ଦ୍ଦାରମାନେ ଏହାର ସୁଯୋଗ ନେଇ କରଦେବା ବନ୍ଦ କରିଦେବେ। ଆଲେକଜାଣ୍ଡାରଙ୍କ ଅନୁଭୂତିରୁ ଜଣାଯାଏ ଯେ, ସାମ୍ରାଜ୍ୟ ଯେତେବଡ଼ ହେବ ଏହାକୁ ଏକାଠିକରି ରଖିବା ସେତେ କଷ୍ଟସାଧ୍ୟ ହେବ ଏବଂ ରାଜଧାନୀଠାରୁ ଅଧିକ ଦୂରରେ ଥିବା ଅଞ୍ଚଳଗୁଡ଼ିକ ଅନେକ ସମୟରେ ସାମ୍ରାଜ୍ୟର ମୁଖ୍ୟାଂଶରୁ ଅଲଗା ହୋଇଯିବା ଅବଶ୍ୟମ୍ଭାବୀ ହୋଇ ପଡ଼ିବ। ପରିଶେଷରେ ପ୍ରାକୃତିକ ବିପର୍ଯ୍ୟୟ (ମରୁଡ଼ି କିମ୍ବା ବନ୍ୟା) ଦ୍ୱାରା ସୃଷ୍ଟ ଅର୍ଥନୈତିକ ସଂକଟ ସାମ୍ରାଜ୍ୟର ପତନର କାରଣ ହୋଇପାରେ। ଏଥିରୁ ଜଣାଯାଏ, ସାମ୍ରାଜ୍ୟଗୁଡ଼ିକ ଅଧିକ ସମୟରେ ବିରୁଦ୍ଧାଭାସର ସମ୍ମୁଖୀନ ହୋଇଥାଏ। ଗୋଟିଏ ପକ୍ଷରେ ଏହା ମୌର୍ଯ୍ୟ ସାମ୍ରାଜ୍ୟ ପରି ସମ୍ପୂର୍ଣ୍ଣ ଉପମହାଦେଶରେ ରାଜନୈତିକ ସ୍ଥିରତା ଆଣିପାରେ କିନ୍ତୁ ଅପରପକ୍ଷରେ ଏହା କ୍ଷୁଦ୍ର ରାଜ୍ୟମାନଙ୍କ ମଧ୍ୟରେ ଯୁଦ୍ଧକୁ ନିୟନ୍ତ୍ରଣ କରିପାରେ ବା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେଇ ପାରେ। ବାସ୍ତବରେ ଏକ ସୁପରିଚାଳିତ ସାମ୍ରାଜ୍ୟ ବୃହତ୍ତର ଉନ୍ନତି ଆଣିବାରେ ସହାୟକ ହୋଇଥାଏ; ଯାହା ଯୁଦ୍ଧଖୋର ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳିଥାଏ। ଅନ ପକ୍ଷରେ ରାଜ୍ୟଗୁଡ଼ିକ ଅନେକ ସମୟରେ ଯୁଦ୍ଧ ମାଧ୍ୟମରେ ହିଁ ପ୍ରତିଷ୍ଠିତ ହୋଇଥାନ୍ତି ଏବଂ ବଳପ୍ରୟୋଗ ଓ ଦମନମୂଳକ ନୀତି ଦ୍ୱାରା ନିଜର ସ୍ଥିତିକୁ ଜାହିର କରିଥାନ୍ତି। ତାହା ସେଗୁଡ଼ିକୁ ଅସ୍ଥିର ଓ କ୍ଷଣଭଙ୍ଗୁର କରିଦେଇପାରେ। ପ୍ରକୃତରେ ଏକ ସୁପରିଚାଳିତ ସାମ୍ରାଜ୍ୟ କ୍ଷୁଦ୍ର ତଥା ଯୁଦ୍ଧଖୋର ରାଜ୍ୟ ଅପେକ୍ଷା ଅଧିକ ସମୃଦ୍ଧି ଆଣିପାରେ।




ଚିତ୍ର ୫.୩୦

## ଆମେ କ'ଣ ଶିଖିଲେ...



→ ଏକ ସାମ୍ରାଜ୍ୟ ଅନେକ ଛୋଟ ଛୋଟ ରାଜ୍ୟ କିମ୍ବା ଅଞ୍ଚଳକୁ ନେଇ ଗଠିତ ଏକ ବଡ଼ ଅଞ୍ଚଳ । ସମ୍ରାଟମାନେ ମୁଖ୍ୟତଃ ଖ୍ୟାତି ଅର୍ଜନ କରିବା, ସାମରିକ ଶକ୍ତି ସହିତ ଶାସନ ଶକ୍ତି ସଂଗ୍ରହ କରିବା ଏବଂ ସମ୍ବଳ ବୃଦ୍ଧି କରି ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ରାଜ୍ୟ ବିସ୍ତାର କରିଥିଲେ ।

→ ଭାରତର ପ୍ରଥମ ସାମ୍ରାଜ୍ୟ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, ଜଳସେଚନ ଓ ପରିବହନ ପାଇଁ ନଦୀ, ବାଣିଜ୍ୟ ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ ଉତ୍ପାଦନ ହୋଇଥିଲା ।

→ ଆଲେକଜାଣ୍ଡାରଙ୍କ ଭାରତ ଅଭିଯାନ ଭାରତ–ଗ୍ରୀକ୍ ସାଂସ୍କୃତିକ ସମ୍ପର୍କ ପାଇଁ ଦ୍ୱାର ଖୋଲିଥିଲା ।

→ ମୌର୍ଯ୍ୟମାନଙ୍କର ବିରାଟ ସାମ୍ରାଜ୍ୟର ଐତିହ୍ୟ ଶତାବ୍ଦୀ ଶତାବ୍ଦୀ ଧରି ରହିଥିଲା । ସେମାନେ ବାଣିଜ୍ୟର ସମୃଦ୍ଧି, ସୁଦୃଢ଼ ଅର୍ଥନୈତିକ ବ୍ୟବସ୍ଥା, ମୁଦ୍ରାର ବହୁଳ ପ୍ରଚଳନ, ଏକ ଉନ୍ନତ ସହରୀ ସଭ୍ୟତା, ଏକ ବିସ୍ତୃତ ପ୍ରଶାସନ ସହିତ କଳା ଓ ସ୍ଥାପତ୍ୟର ଉନ୍ନତି ମାଧ୍ୟମରେ ନିଜର ପାରଦର୍ଶିତା ପ୍ରତିପାଦନ କରିଥିଲେ ।

→ ଅଶୋକ ନିଜକୁ ଜଣେ ଦୟାଳୁ ଓ ଧର୍ମପରାୟଣ ତଥା ପ୍ରଜାବତ୍ସଳ ଶାସକ ଭାବରେ ପ୍ରତିଷ୍ଠିତ କରାଇବା ସଙ୍ଗେ ସଙ୍ଗେ ଧର୍ମ ପ୍ରତି ଆକୃଷ୍ଟ ହେବାପାଇଁ ପ୍ରଜାମାନଙ୍କୁ ଉତ୍ସାହିତ କରିଥିଲେ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଏକ ସାମ୍ରାଜ୍ୟର ବୈଶିଷ୍ଟ୍ୟ କ'ଣ ଏବଂ ଏହା ରାଜ୍ୟଠାରୁ କିପରି ପୃଥକ ବ୍ୟାଖ୍ୟା କର ।

୨. ରାଜ୍ୟରୁ ସାମ୍ରାଜ୍ୟକୁ ପରିବର୍ତ୍ତନ ହେବାପାଇଁ ଥିବା ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକ କ'ଣ ?

୩. ଆଲେକଜାଣ୍ଡାରଙ୍କୁ ବିଶ୍ୱ ଇତିହାସରେ ଜଣେ ଗୁରୁତ୍ୱପୂର୍ଣ୍ଣ ରାଜା ଭାବରେ ବିବେଚନା କରାଯାଏ – ତୁମେ ଏପରି କାହିଁକି ଭାବୁଛ ?

୪. ପ୍ରାଚୀନ ଭାରତୀୟ ଇତିହାସରେ ମୌର୍ଯ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଥିଲେ – ଏହାର କାରଣ ବର୍ଣ୍ଣନା କର ।

୫. କୌଟିଲ୍ୟଙ୍କର ମୁଖ୍ୟ ଧାରଣାଗୁଡ଼ିକ କ'ଣ ଥିଲା ? ସେଥିରୁ କେଉଁସବୁ ଧାରଣା ଆଜି ବି ଅନୁଭୂତ ହେଉଅଛି ?

୬.	ଅଶୋକ ଏବଂ ତାଙ୍କ ସାମ୍ରାଜ୍ୟର ଅସାଧାରଣ ଦିଗଗୁଡ଼ିକ କ'ଣ ଥିଲା ? ଏହାର କେଉଁ ଦିଗ ଆଜି ମଧ୍ୟ ଭାରତକୁ ପ୍ରଭାବିତ କରୁଛି ଏବଂ କାହିଁକି ? ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ତୁମର ମତ ରଖ ।

୭.	ରାଜା ପ୍ରିୟଦର୍ଶୀ ହେଉଛନ୍ତି ଈଶ୍ୱରଙ୍କର ପ୍ରିୟ । ମୋ ଦ୍ୱାରା ନିଯୁକ୍ତ ଧର୍ମମହାମାତ୍ରମାନେ ଜନସାଧାରଣଙ୍କ ହିତରେ କାର୍ଯ୍ୟ କରନ୍ତି । ସେମାନେ ସମସ୍ତ ସମ୍ପ୍ରଦାୟ, ଉଭୟ ଗୃହୀ ଏବଂ ସନ୍ନ୍ୟାସୀମାନଙ୍କ ନିମନ୍ତେ ସର୍ବଦା କାର୍ଯ୍ୟରତ । ବ୍ରାହ୍ମଣ, ସନ୍ନ୍ୟାସୀ, ଜୈନ ଓ ଅନ୍ୟ ସମ୍ପ୍ରଦାୟ ନିମନ୍ତେ ମୁଁ କେତେକ ଲୋକଙ୍କୁ ବୌଦ୍ଧ ପରମ୍ପରାରେ ନିଯୁକ୍ତି ଦେଇଅଛି । ଏପରି ଅନେକ ପ୍ରକାର ରାଜକର୍ମଚାରୀ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି । କିନ୍ତୁ ମୋର ଧମ୍ମ କର୍ମଚାରୀମାନେ କେବଳ ଏହି କାର୍ଯ୍ୟରେ ଏବଂ ଅନ୍ୟ ସମ୍ପ୍ରଦାୟ ନିମନ୍ତେ ତତ୍ପର ରହିଥାନ୍ତି । ଏସବୁ ପଢ଼ିବା ପରେ ତୁମେ କ'ଣ ଭାବୁଛ ଯେ ଅଶୋକ ଅନ୍ୟ ଧାର୍ମିକ ଚିନ୍ତାଧାରା ଓ ବିଶ୍ୱାସ ପ୍ରତି ସହନଶୀଳ ଥିଲେ ? ଶ୍ରେଣୀ ଗୃହରେ ତୁମର ଚିନ୍ତାଧାରା ଆଲୋଚନା କର ।

୮.	ପ୍ରାଚୀନ ଭାରତରେ ବ୍ରାହ୍ମୀ ଲିପିର ବହୁଳ ପ୍ରଚଳନ ଥିଲା । ଏହି ଲିପି ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର । ଆବଶ୍ୟକସ୍ଥଳେ ଶିକ୍ଷକଙ୍କ ସହିତ ଆଲୋଚନା କରି ତାଙ୍କର ସାହାଯ୍ୟ ନିଅ । ବ୍ରାହ୍ମୀ ଲିପି ସମ୍ପର୍କରେ ତୁମେ ଯାହା ଶିକ୍ଷାଲାଭ କଲ, ତାହାର ଏକ ଛୋଟ ପ୍ରକଳ୍ପ ପ୍ରସ୍ତୁତ କର ।

୯.	ଖ୍ରୀଷ୍ଟ ପୂର୍ବ ୩ୟ ଶତାବ୍ଦୀରେ ତୁମକୁ କୌଶାମ୍ବୀରୁ କାବେରୀ ପଟ୍ଟନମ୍ ଯିବାକୁ କୁହାଯିବ । ତୁମେ ଏହି ଯାତ୍ରା କିପରି ଓ କେତେ ସମୟ ମଧ୍ୟରେ ଆବଶ୍ୟକ ରହଣୀ ସହିତ ସମ୍ପାଦନ କରିବ ବୋଲି ଭାବୁଛ ?

# ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୬

# ପୁନର୍ଗଠନର ଯୁଗ

> "ନିରନ୍ତର ଜୀବନଧାରା ଏବଂ ପୁନର୍ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିଦ୍ୱାରା ଏହି ଭୂମି ଅସଂଖ୍ୟ ରୂପାନ୍ତର ମଧ୍ୟରେ ନିଜକୁ ପୁନଃସଂଗଠିତ କରିଛି।"
>
> ଜଗଦୀଶ ଚନ୍ଦ୍ର ବୋଷ (୧୯୧୭)

ଚିତ୍ର ୬.୧.୧ ପୁର୍ନଗଠନ ଯୁଗର କଳାର ଏକ ଝଲକ



## ଆସ ଚିନ୍ତା କରିବା ?

୧. ମୌର୍ଯ୍ୟ ସାମ୍ରାଜ୍ୟ ପରବର୍ତ୍ତୀ ସମୟକୁ କାହିଁକି "ପୁନର୍ଗଠନ ଯୁଗ" କୁହାଯାଏ ?

୨. ଉକ୍ତ ସମୟର ସମ୍ରାଟମାନଙ୍କୁ କେଉଁ ମୂଲ୍ୟବୋଧ ଓ ନୀତିଗୁଡ଼ିକ ମାର୍ଗଦର୍ଶନ କରିଥିଲେ।

୩. ବିଦେଶୀ ଆକ୍ରମଣକାରୀମାନେ କିପରି ଭାରତୀୟ ସମାଜରେ ମିଶିଯାଇ ସାମାଜିକ ଓ ସାଂସ୍କୃତିକ ମିଶ୍ରଣରେ ସହାୟକ ହୋଇଥିଲେ ?



ଧରିତ୍ରୀ ଏବଂ ଧ୍ରୁବ ମୌର୍ଯ୍ୟ ସାମ୍ରାଜ୍ୟ ଯାତ୍ରାରୁ ନିଜକୁ ଫେରାଇ ଆଣି ଅନ୍ୟ ଏକ ସାହସିକ ଯାତ୍ରା ପାଇଁ ଇଚ୍ଛାପ୍ରକାଶ କଲେ। ସେମାନେ ପୁଣିଥରେ ଇତିହାସକୁ ବ୍ୟବହାର କରିବାକୁ ଠିକ୍ କଲେ ଏବଂ ଏକ ନୂତନ ଐତିହାସିକ ସମୟରେ ଅବତରଣ କଲେ। ସେମାନେ କେତେକ କଳାକୃତିର ସଂସ୍ପର୍ଶରେ ଆସିଲେ। ପ୍ରତ୍ୟେକ ଅନ୍ୟଠାରୁ ଯଥେଷ୍ଟ ଭିନ୍ନ ଥିଲା। (ଚିତ୍ର ୬.୧.୧ ଦେଖ)। ସେମାନେ ଆଶ୍ଚର୍ଯ୍ୟ ହେଲେ – ଏହି କଳାକୃତିଗୁଡ଼ିକ ଗୋଟିଏ ରାଜ୍ୟର ନୁହେଁ ବରଂ ଏକାଧିକ ରାଜ୍ୟର ହୋଇଥାଇପାରେ କି ? ସେମାନେ ଠିକ୍ ଅନୁମାନ କଲେ। ଏହି ଅଧ୍ୟାୟରେ ଆମେ ଏକ ସୁଦୀର୍ଘ ସମୟ ଅତିକ୍ରମ କରିବା। ଆସ ଯିବା...



ଚିତ୍ର ୬.୧.୨


ସମ୍ରାଟ ଅଶୋକଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ଖୁବ କମ୍ ସୂଚନା ମିଳେ। ଏହା ବିଶ୍ୱାସ କରାଯାଏ ଯେ ଖ୍ରୀ.ପୂ. ୧୮୫ରେ ଶେଷ ମୌର୍ଯ୍ୟ ସମ୍ରାଟଙ୍କୁ ତାଙ୍କ ସେନାଧ୍ୟକ୍ଷ ପୁଷ୍ୟମିତ୍ର ଶୁଙ୍ଗ ହତ୍ୟା କରିଥିଲେ। ଏହି ଘଟଣା ମୌର୍ଯ୍ୟ ଶାସନରେ ଏକ ପୂର୍ଣ୍ଣଚ୍ଛେଦ ପକାଇଲା। ଅଶୋକଙ୍କ ଶାସନର ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପରେ ଏହି ମୌର୍ଯ୍ୟ ସାମ୍ରାଜ୍ୟର ବିଭାଜନ ଘଟିଲା, ଯାହା ଆମେ ଗତ ଅଧ୍ୟାୟରେ ପାଠ କରିଛେ। ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଦୁର୍ବଳ ହୋଇଯିବା କାରଣରୁ ଉପମହାଦେଶକୁ ବାହ୍ୟଶତ୍ରୁ ଆକ୍ରମଣର ସୁଯୋଗ ସୃଷ୍ଟି ହେଲା।

ଏହି ସମୟକୁ ବିଦ୍ୱାନମାନେ "ପୁନର୍ଗଠନର ଯୁଗ" ବୋଲି କହିଲେ, କାରଣ ପୂର୍ବରୁ ଥିବା ଅଞ୍ଚଳଗୁଡ଼ିକ ନୂଆ ରାଜ୍ୟରେ ରୂପାନ୍ତରିତ ହୋଇ ଶକ୍ତିଶାଳୀ ହେବା ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଲିପ୍ତ ରହୁଥିଲେ। ସେହି ଯୁଗରେ ଭାରତର ମାନଚିତ୍ର ଓ ଲୋକମାନଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇଥିଲା।



### ଆସ ଅନୁସନ୍ଧାନ କରିବା

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ପ୍ରଥମ ବର୍ଷରୁ ଆରମ୍ଭ ହୋଇ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀର ଶେଷ ବର୍ଷରେ ସମାପ୍ତ ହେବା ପର୍ଯ୍ୟନ୍ତ ସମୟକୁ ଚିହ୍ନିତ କରି କାଗଜର ଏକ ଫର୍ଦ୍ଦରେ ସମୟରେଖା ପ୍ରସ୍ତୁତ କର। ଏହି ସମୟରେଖା କେତେ ବର୍ଷ ଅତିକ୍ରମ କରିଥିବା ସୂଚାଏ ? ଯେହେତୁ ଆମେ ଅଧ୍ୟାୟ ମାଧ୍ୟମରେ ଅଗ୍ରଗତି କରୁଛେ ତେଣୁ ସମୟରେଖାରେ ମୁଖ୍ୟବ୍ୟକ୍ତି, ରାଜ୍ୟ ଏବଂ ଘଟଣାଗୁଡ଼ିକୁ ଚିହ୍ନିତ କର।




ଚିତ୍ର ୬.୨

## ଆସ ମନେରଖିବା

ସମୟରେଖା ପ୍ରସ୍ତୁତ କଲାବେଳେ ଖ୍ରୀଷ୍ଟପୂର୍ବରୁ ଖ୍ରୀଷ୍ଟାବ୍ଦକୁ ପରିବର୍ତ୍ତନକୁ ଲକ୍ଷ୍ୟ କଲକି ? ଯାହା ତୁମେ ଷଷ୍ଠ ଶ୍ରେଣୀର "ସମୟ ରେଖା ଓ ଇତିହାସର ଉପାଦାନ" ଅଧ୍ୟାୟରେ ଅଧ୍ୟୟନ କରିଥିଲ, ଇତିହାସରେ କେମିତି ଐତିହାସିକ ସମୟକୁ ମପାଯାଏ ସେହି ବିଷୟରେ ।

## ଆସ ଅନୁସନ୍ଧାନ କରିବା

ପୂର୍ବ ଅଧ୍ୟାୟରେ ତୁମେ ମୌର୍ଯ୍ୟ ସାମ୍ରାଜ୍ୟର ମାନଚିତ୍ର ଅଧ୍ୟୟନ କରିଛ । (ପୃ-୧୦୦ ଦେଖ) ପୂର୍ବପୃଷ୍ଠାରେ ମୌର୍ଯ୍ୟ ପରି ଭାରତର ଏକ ମାନଚିତ୍ର ଦିଆଯାଇଛି । କେତୋଟି ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା, ତୁମେ ଗଣିକି କହି ପାରିବ କି ?



**ବୈବାହିକ ସମ୍ପର୍କ (Matrimonial Alliance):** ଏହି ସମ୍ପର୍କ ଦୁଇଟି ରାଜପରିବାର ମଧ୍ୟରେ ବିବାହ ସମ୍ବନ୍ଧ ମାଧ୍ୟମରେ ହୋଇଥାଏ । ଏହାଦ୍ୱାରା ଗୋଟିଏ ରାଜା ତାଙ୍କ କନ୍ୟାକୁ ଅନ୍ୟ ଏକ ରାଜ ପରିବାରର କୌଣସି ସଭ୍ୟକୁ ବିବାହ ଦେଇ ଏକ ଦୃଢ ସଂପର୍କ ସ୍ଥାପନ କରିଥାନ୍ତି ।

ବର୍ତ୍ତମାନ ନୂଆରାଜ୍ୟଗୁଡ଼ିକ ଅଞ୍ଚଳ ଦଖଲ ପ୍ରତିଯୋଗିତାରେ ମଗ୍ନ । ବୈବାହିକ ସମ୍ପର୍କ ସ୍ଥାପନ ଭଳି ଶାନ୍ତି ମାର୍ଗ ଏବଂ ଯୁଦ୍ଧରେ ବଳପ୍ରୟୋଗ ଭଳି ହିଂସାତ୍ମକ ମାର୍ଗ, ଏହି ଦୁଇଟି ନୂଆ ଅଞ୍ଚଳ ଦଖଲ / ଅଧିକାର ପାଇଁ ମାର୍ଗ (ମାଧ୍ୟମ) ଥିଲା । ମନେରଖ, ସୀମାନ୍ତ ଅଞ୍ଚଳଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ସୀମା ଆରପଟୁ ନିରନ୍ତର ଚେଷ୍ଟା ଲାଗିରହିଥିଲା । ରାଜ୍ୟକୁ ବାହ୍ୟଶତ୍ରୁ ଆକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ସୀମା ଆରପଟ ଶକ୍ତି ଉପରେ ନିୟନ୍ତ୍ରଣ ରଖିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା । ଏହି ସବୁ ରାଜନୈତିକ ଘଟଣା ସହିତ କଳା ସ୍ଥାପତ୍ୟ ଓ ସାହିତ୍ୟର ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ ବୃଦ୍ଧି ଘଟିଥିଲା । ଆଗାମୀ ଅଧ୍ୟାୟମାନଙ୍କରେ ଆମେ ଏହାର ଏକ ଝଲକ ପାଇବା ।





ଚିତ୍ର ୬.୩

## ଶୁଙ୍ଗବଂଶର ଉତ୍ଥାନ : (ଅଭ୍ୟୁଦୟ)

ପୁଷ୍ୟମିତ୍ର ଶୁଙ୍ଗ, ଶୁଙ୍ଗବଂଶର ପ୍ରତିଷ୍ଠାତା, ଯିଏ କି ଉତ୍ତର ଓ ମଧ୍ୟଭାରତର କିଛି ଅଂଶରେ ଶାସନ କରିଥିଲେ। ସେ ନିଜକୁ ସବୁଠାରୁ ଶକ୍ତିଶାଳୀ ଶାସକରୂପେ ପ୍ରତିଷ୍ଠା କରିବା ପାଇଁ "ଅଶ୍ୱମେଧ ଯଜ୍ଞ" ନାମକ ଏକ ବୈଦିକ ଯଜ୍ଞାନୁଷ୍ଠାନ କରିଥିଲେ, ଯଦିଓ ତାଙ୍କ ସାମ୍ରାଜ୍ୟ ପୂର୍ବ ମୌର୍ଯ୍ୟ ସାମ୍ରାଜ୍ୟଠାରୁ ଛୋଟ ଥିଲା। (ଉଭୟଙ୍କ ଦୁଇଟି ମାନଚିତ୍ରକୁ ତୁଳନା କର)। ଏହାଦ୍ୱାରା ସେ ନିଜ ରାଜ୍ୟକୁ ସମ୍ଭାବ୍ୟ ଆକ୍ରମଣକାରୀଙ୍କଠାରୁ ସୁରକ୍ଷିତ ରଖିଥିଲେ ଏବଂ ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ କିଛି ପ୍ରାରମ୍ଭିକ ସାମରିକ ଅଭିଯାନ କରିବା ପରେ ସେମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିଲେ। କିନ୍ତୁ ତାଙ୍କ ପରେ ସାମ୍ରାଜ୍ୟ ବେଶୀଦିନ ତିଷ୍ଠି ରହିପାରିଲା ନାହିଁ – ଏକ ଶତାବ୍ଦୀ ପରେ ଏହା ଲୋପ ପାଇଗଲା। ଏହି ସମୟ ବୈଦିକ ରୀତିନୀତି ଓ ପରମ୍ପରାର ପୁନରୁଦ୍ଧାରର ସାକ୍ଷୀ ରହିଥିଲା । ଏହା ସହିତ ଅନ୍ୟ ପନ୍ଥ ବା ବିଚାରଧାରାର ଦର୍ଶନଗୁଡ଼ିକ ମଧ୍ୟ ସମାନ୍ତରାଳରେ ବଢ଼ିବାକୁ ଲାଗିଥିଲା।

### ମନେରଖ



(ଚିତ୍ର ୬.୪) ରାମାୟଣରୁ ଏକ ଚିତ୍ର, ଯେଉଁଥିରେ ରାଜା ରାମ ଅଶ୍ୱମେଧ ଯଜ୍ଞ କରୁଥିବା ଦେଖାଯାଇଛି (ଉନ୍ନବିଂଶ ଶତାବ୍ଦୀର ଚିତ୍ରକଳା, ଜାତୀୟ ସଂଗ୍ରହାଳୟ)

ଅଶ୍ୱମେଧ ଯଜ୍ଞ ଏକ ବୈଦିକ ଅନୁଷ୍ଠାନ, ଯାହା ଅନେକ ରାଜାଙ୍କଦ୍ୱାରା କରାଯାଉଥିଲା ନିଜର ଶକ୍ତି ଓ ପ୍ରତିଷ୍ଠା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ। ଏହି ଅନୁଷ୍ଠାନ ସମୟରେ ଏକ ଘୋଡ଼ାକୁ କିଛି ସୈନ୍ୟଙ୍କ ସହ ଛାଡ଼ି ଦିଆଯାଉଥିଲା। ଯେଉଁ ଅଞ୍ଚଳ ଦେଇ ଘୋଡ଼ା ଅପ୍ରତିହତ ଭାବେ ଅତିକ୍ରମ କରୁଥିଲା, ସେହି ରାଜ୍ୟ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିବା ରାଜ୍ୟର ଆନୁଗତ୍ୟ ପ୍ରକାଶ କରିବା ସଙ୍ଗେସଙ୍ଗେ ବନ୍ଧୁରାଷ୍ଟ୍ର ଭାବରେ ପରିଗଣିତ ହେଉଥିଲା। ଯଦି କୌଣସି ଶାସକ ଘୋଡ଼ାକୁ ଅଟକାଉଥିଲେ ତେବେ ଆଧିପତ୍ୟ ନିର୍ଣ୍ଣୟ ପାଇଁ ଉଭୟଙ୍କୁ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡୁଥିଲା।

ଦର୍ଶନ ଏବଂ ସାହିତ୍ୟ (ସୃଷ୍ଟି) ପାଇଁ ସଂସ୍କୃତ ଏକ ପସନ୍ଦନୀୟ ତଥା ମୁଖ୍ୟ ଭାଷା ଭାବେ ଅଭ୍ୟୁଦୟ/ଉଦୟ ହେଲା। ଷଷ୍ଠ ଶ୍ରେଣୀରେ ପଢ଼ିଥିବା ଶାରୀରିକ ବିଜ୍ଞାନ ପାଠର "ଯୋଗସୂତ୍ର ଓ ହିତ/କଲ୍ୟାଣ"ର କିଛି ସୂତ୍ର ମନେ ରଖିଛ କି? ଏହି ସମୟରେ ଯୋଗସୂତ୍ରଗୁଡ଼ିକ ମହର୍ଷୀ ପତଞ୍ଜଳିଙ୍କ ଦ୍ୱାରା ସଙ୍କଳିତ କରାଯାଇଥିଲା।

ଶୁଙ୍ଗମାନେ ସାହିତ୍ୟ, କଳା ଓ ସ୍ଥାପତ୍ୟକୁ ପୃଷ୍ଠପୋଷକତା କରିଥିଲେ। ବର୍ତ୍ତମାନର ମଧ୍ୟପ୍ରଦେଶରେ ସ୍ଥିତ ଭାରହୃତସ୍ତୂପ ଶୁଙ୍ଗକଳାର ଏକ ସୁନ୍ଦର ଉଦାହରଣ। ସମ୍ଭବତଃ ଏହା ଅଶୋକଙ୍କ ସମୟରେ ନିର୍ମିତ ହୋଇଥିଲା। କିନ୍ତୁ ଶୁଙ୍ଗମାନେ ବୁଦ୍ଧଙ୍କ ଜୀବନ କାହାଣୀକୁ ଦର୍ଶାଉଥିବା ସୁନ୍ଦର ରେଲିଂ ଏବଂ ରିଲିଫ୍ ଯୋଡ଼ିଥିଲେ। ଏଗୁଡ଼ିକ ବୌଦ୍ଧକଳାର ପ୍ରାରମ୍ଭିକ ଉଦାହରଣ ଭାବେ ବିବେଚନା କରାଯାଏ।




ଚିତ୍ର ୬.୫.୧ ଭାରହୃତ ସ୍ତୂପର ରେଲିଂ ଚିତ୍ର ୬.୫.୨ ରେଲିଂର ଖୋଦିତ ଲକ୍ଷ୍ମୀଙ୍କ ଚିତ୍ର ଚିତ୍ର ୬.୫.୩ ଗାୟକ ଏବଂ ନୃତ୍ୟଶିଳ୍ପୀ ଗୋଷ୍ଠୀ ଚିତ୍ର ୬.୫.୪ ହାତୀମାନଙ୍କ ଦ୍ୱାରା ଧର୍ମଚକ୍ର ଧାରଣ ଚିତ୍ର




ଚିତ୍ର ୬.୬.୧ ଗ୍ରୀକ୍ ଯୋଦ୍ଧାଙ୍କ ସହ ଏକ ସ୍ତମ୍ଭଚିତ୍ର। ଚିତ୍ର ୬.୬.୨ ପୁରୁଷ ମୂର୍ତ୍ତି ଚିତ୍ର ୬.୬.୩ ଶିଶୁ ସହ ଏକ ମହିଳା ମୂର୍ତ୍ତି ଚିତ୍ର ୬.୬.୪ ଗୋଟିଏ ହାତପଙ୍ଖା ସହ ଜଣେ ନାରୀ ଚିତ୍ର ୬.୬.୫ ଫୁଲଦାନୀ ଚିତ୍ର ୬.୬.୬ କେଶ ଅଳଙ୍କାର ପରିହିତା ଏକନାରୀ ଚିତ୍ର ୬.୬.୭ ରାଜପରିବାର ଚିତ୍ର ୬.୬.୮ ସୁନା ଭାଉଣି ହୋଇଥିବା ବ୍ରୋଞ୍ଜ ଚୁଡ଼ି ଚିତ୍ର ୬.୬.୯ ହାତୀ ଦାନ୍ତ ପାନିଆ ଚିତ୍ର ୬.୬.୧୦ ଏକ ହାରର କଣ୍ଠି ସମୂହ।

## ଆସ ଅନୁସନ୍ଧାନ କରିବା

ନିମ୍ନରେ ଭାରହୂତ ସ୍ତୂପର ଏକ ପ୍ୟାନେଲ ପ୍ରଦତ୍ତ କରାଯାଇଛି । ଏହାର ଦକ୍ଷିଣ ପାର୍ଶ୍ୱର ଦୁଇଟି ଚିତ୍ରକୁ ଦେଖ । ସେମାନେ କ'ଣ କରୁଛନ୍ତି ? ସେମାନଙ୍କ କାର୍ଯ୍ୟକୁ ନେଇ ତୁମେ କିଛି ଅନୁମାନ କରି ପାରୁଛ କି ? ସେମାନଙ୍କ ପୋଷାକକୁ ଲକ୍ଷ୍ୟକର । ଏହା ସେମାନଙ୍କ ପୋଷାକ ସମ୍ପର୍କରେ ଆମକୁ କ'ଣ ସୂଚନା ଦେଉଛି ? ଏହି ପ୍ୟାନେଲରୁ ତୁମେ କ'ଣ ସବୁ ଶିଖିଲ ତାହାର ଏକ ତାଲିକା ପ୍ରସ୍ତୁତ କର ଏବଂ ଶ୍ରେଣୀରେ ଆଲୋଚନା କର ।



(ଚିତ୍ର ୬.୭ ଭାରହୂତ ସ୍ତୂପର ଏକ ପ୍ୟାନେଲ)

## ଆସ ଅନୁସନ୍ଧାନ କରିବା

ପୂର୍ବ ପୃଷ୍ଠାରେ ଥିବା ଚିତ୍ର ୬.୬କୁ ଭଲ ଭାବରେ ଲକ୍ଷ୍ୟ କର । ଚିତ୍ରରେ ଦର୍ଶାଯାଇଥିବା ପୋଷାକ, ଆଭୂଷଣ ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଏକ ବିରବଣୀ ପ୍ରସ୍ତୁତ କର ।

## ସାତବାହନ ବଂଶ

ଉପଲବ୍ଧ ଥିବା ସୀମିତ ଉପାଦାନରୁ ସୂଚନା ମିଳେ ଯେ ଶୁଙ୍ଗମାନେ ସେମାନଙ୍କ ପଡ଼ୋଶୀ ଅଞ୍ଚଳ (ରାଜ୍ୟ) ସହ ବିଭିନ୍ନ ଯୁଦ୍ଧରେ ଲିପ୍ତ ଥିଲେ । ଏହି ଯୁଦ୍ଧରେ ସାତବାହନମାନେ ମଧ୍ୟ ସଂପୃକ୍ତ ଥାଇପାରନ୍ତି, ଯେଉଁମାନେ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ଶୁଙ୍ଗ ସାମ୍ରାଜ୍ୟର ଦକ୍ଷିଣରେ ଅଧିକାଂଶ ଅଞ୍ଚଳରେ ଶାସନ କରୁଥିଲେ । ଏମାନଙ୍କୁ ଆନ୍ଧ୍ର ବେଲି ମଧ୍ୟ କୁହାଯାଏ । ଏକ ଶକ୍ତିଶାଳୀ ରାଜବଂଶ ଭାବେ ଏମାନେ ଏକ ବିରାଟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଯାହା ମଧ୍ୟରେ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ମହାରାଷ୍ଟ୍ର ଅନ୍ତର୍ଭୁକ୍ତ ଥିଲା । ଭିନ୍ନ ଭିନ୍ନ ସମୟରେ ଭିନ୍ନଭିନ୍ନ ରାଜଧାନୀରେ ସେମାନେ ଶାସନ କରିଥିଲେ । ସେଥିମଧ୍ୟରୁ ଅମରାବତୀ ଓ ପ୍ରତିଷ୍ଠାନ ଅଧିକ ପ୍ରସିଦ୍ଧ ଥିଲେ । ବାଣିଜ୍ୟ ଓ ବ୍ୟବସାୟିକ କାରବାର ସାତବାହନ ରାଜ୍ୟରେ ବୃଦ୍ଧି ପାଇଥିବା ସୂଚନା ମିଳେ ।

ସାତବାହନମାନଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାର ସନ୍ଧାନ ଭାରତର ଅନେକ ଅଞ୍ଚଳରୁ ଯଥା– ଗୁଜରାଟ ଓ ଆନ୍ଧ୍ରପ୍ରଦେଶରୁ (ଭାରତର ପଶ୍ଚିମ ଓ ପୂର୍ବ ଉପକୂଳ) ମିଳିଛି । ଅନେକ ମୁଦ୍ରାରେ ଖୋଦିତ ଜାହାଜ (ବୋଇତ) ଚିତ୍ର ବାସ୍ତବରେ ଆମର ନୌବାଣିଜ୍ୟ ପରମ୍ପରାକୁ ବୁଝାଏ ଯାହା ଆମ ଅର୍ଥନୈତିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଥିଲା । ମୁଦ୍ରାମାନଙ୍କରେ ଖୋଦିତ ବିଭିନ୍ନ ପ୍ରକାର ଜାହାଜର ଚିତ୍ର ସେ ସମୟରେ ଉନ୍ନତ ଜାହାଜ ନିର୍ମାଣ କଳା ଓ ନୌଚାଳନା କୌଶଳକୁ ଦର୍ଶାଇଥାଏ ।



ଚିତ୍ର (୬.୮) (ନୌଯାତ୍ରା କରୁଥିବା ଜାହାଜର ଚିତ୍ର ଥିବା ଏକ ସାତାବାହନ ମୁଦ୍ରା । ଦେଖ ସେଥିରେ ଲାଗିଥିବା ଦୁଇଟି ବାହୁଳ କେମିତି ପରସ୍ପର ଛେଦ କରୁଥିବା ଦୁଇଟି ଗାର ଜଳଯାତ୍ରାକୁ ଦର୍ଶାଉଛି ଏବଂ ଜଳର ଢେଉ ସମୁଦ୍ର ଜଳକୁ ଦର୍ଶାଉଛି ।

କୃଷ୍ଣା-ଗୋଦାବରୀ ନଦୀ ଉପତ୍ୟକାର କୃଷି ଏହି ରାଜ୍ୟକୁ ଅର୍ଥନୈତିକ ସମୃଦ୍ଧି ପ୍ରଦାନ କରିଥିଲା । ସାତବାହନମାନଙ୍କ ସକ୍ରିୟ ବାଣିଜ୍ୟିକ ନେଟୱାର୍କ ବା ସଂଯୋଗ ରୋମାନ ସାମ୍ରାଜ୍ୟ ପର୍ଯ୍ୟନ୍ତ ବିସ୍ତାର ଲାଭ କରିବା ସହ ମସଲା, ବସ୍ତ୍ର, ଚନ୍ଦନକାଠ, ସୁନା ଛାଉଣି ଯୁକ୍ତ ମୁକ୍ତା ଓ ହାତୀଦାନ୍ତର ଅଳଙ୍କାର ଭଳି ସୌଖିନ ସାମଗ୍ରୀକୁ ରପ୍ତାନୀ ଅନ୍ତର୍ଭୁକ୍ତ କରାଯାଇଥିଲା । ଆମଦାନୀ ସାମଗ୍ରୀ ମଧ୍ୟରେ କାଚ ଓ ସୁବାସିତ ମଲମ ଅନ୍ତର୍ଭୁକ୍ତ । ଟୋଲ ଏବଂ ଟିକସ ସଂଗ୍ରହ ବ୍ୟବସ୍ଥା ରାଜ୍ୟକୁ ଅତିରିକ୍ତ ରାଜସ୍ୱ ପ୍ରଦାନ କରୁଥିଲା ।

ଅର୍ଥନୈତିକ ସମୃଦ୍ଧି ଓ ସାପେକ୍ଷିକ ରାଜନୈତିକ ସ୍ଥିରତା ସାହିତ୍ୟ, କଳା ଓ ସଂସ୍କୃତିର ବିକାଶକୁ ସହଜ ଓ ସମୃଦ୍ଧ କରିଥିଲା, ଯେଉଁଥିରେ ସାତବାହନମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା ।



ଚିତ୍ର ୬.୯ (ପୁନେ ନିକଟସ୍ଥ ନାନେଘାଟ ଗୁମ୍ଫା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥରେ ଅବସ୍ଥିତ ତଥା ଟୋଲ ଓ ଟିକସ ସଂଗ୍ରହର ଏକ କେନ୍ଦ୍ର ଥିଲା ।)



*Rāño Gotamiputasa Siri-Sātakaṇisa*

ଚିତ୍ର ୬.୧୦ (ବ୍ରାହ୍ମୀ ଲିପିରେ "ରାଜା ସାତକର୍ଣ୍ଣି, ଗୌତମୀପୁତ୍ର" ଲେଖାଥିବା ସାତବାହନ ମୁଦ୍ରା)

## ସାତବାହନ ଶାସନ ସମୟରେ ଜୀବନ


ସାତବାହନ ପରମ୍ପରାରେ ରାଜକୁମାରମାନଙ୍କୁ ମାତାଙ୍କ ନାମ ଯୁକ୍ତକରି ନାମିତ କରାଯାଉଥିଲା । ଗୌତମୀପୁତ୍ର ସାତକର୍ଣ୍ଣି ତାଙ୍କର ମା' ଗୌତମୀ ବାଳାଶ୍ରୀଙ୍କ ନାମାନୁସାରେ ନାମିତ ହୋଇଥିଲେ । ଗୌତମୀ ବାଳାଶ୍ରୀ ଜଣେ ଶକ୍ତିଶାଳୀ ରାଣୀ ଥିଲେ ଯିଏ ବୌଦ୍ଧମାନଙ୍କୁ ଅନେକ ଜମି ଦାନ କରିଥିଲେ ଓ ନାସିକଠାରେ ଏକ ଶିଳାଲେଖ ଖୋଦେଇ କରାଇଥିଲେ, ଯାହା ତତ୍କାଳୀନ ରାଜତନ୍ତ୍ର ଉପରେ ତାଙ୍କର ପ୍ରଭାବକୁ ଦର୍ଶାଇଥାଏ ।

### ଏହା ବିଷୟରେ ଚିନ୍ତା କର

ରାଜାଙ୍କ ନାମ ଆରମ୍ଭରେ ମାତାଙ୍କ ନାମ ବ୍ୟବହାର କରିବା ପରମ୍ପରା ତୁମ ମତରେ କ'ଣ ଦର୍ଶାଉଛି ସୂଚନା ଦିଅ ?

ପୁନେ ନିକଟସ୍ଥ ନାନେଘାଟ ଗୁମ୍ଫାରୁ ଆବିଷ୍କୃତ ଏକ ଅଭିଲେଖ (ଚିତ୍ର ୬.୯)ରୁ ସୂଚନାମିଳେ କିପରି ସାତବାହନ ବଂଶର ଜଣେ ବିଧବା ରାଣୀ ଅଶ୍ୱମେଧ ଯଜ୍ଞ ଭଳି ଅନେକ ବୈଦିକ ଅନୁଷ୍ଠାନ କରିପାରିଥିଲେ । ଅଭିଲେଖଗୁଡ଼ିକରୁ ବୈଦିକ ଦେବତା ଇନ୍ଦ୍ର, ଚନ୍ଦ୍ର ଓ ସୂର୍ଯ୍ୟଙ୍କ ନାମର ସୂଚନା ମିଳିଥାଏ । ରାଣୀଙ୍କ ଦ୍ୱାରା ପୁରୋହିତ, ଅତିଥି, କାରିଗର, ଗବେଷକ ଓ ସାଧୁସନ୍ଥଙ୍କୁ ଜମି, ଗାଈ, ଘୋଡ଼ା, ହାତୀ, ରୁପାମୁଦ୍ରା ଓ ଅନ୍ୟାନ୍ୟ ସାମଗ୍ରୀ ଦାନ କରାଯାଇଥିବା ସୂଚନା ମଧ୍ୟ ଅଭିଲେଖ ଗୁଡ଼ିକରୁ ମିଳେ ।

ଏହି ଅଭିଲେଖଗୁଡ଼ିକ ବ୍ରାହ୍ମୀଲିପିରେ ଲିଖିତ ଓ ଏଥିରେ କିଛି ସଂଖ୍ୟାର ପ୍ରତୀକ ଅନ୍ତର୍ଭୁକ୍ତ ଯାହା ନିମ୍ନରେ ଦର୍ଶାଯାଇଥିବା ଆଜିକାଲିର ଆକୃତି ସହ ସମାନ । ଏହା ଭାରତରେ ଆଧୁନିକ ସଂଖ୍ୟା ଉତ୍ପତ୍ତିର ଅନେକ ପ୍ରମାଣ ମଧ୍ୟରୁ ଗୋଟିଏ ।




### ଏହା ବିଷୟରେ ଚିନ୍ତା କର

ଉପରୋକ୍ତ ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଆମର ଆଧୁନିକ ସଂଖ୍ୟାପରି ଦେଖାଯାଉଛି ? କେଉଁ ଗୁଡ଼ିକ ଦେଖାଯାଉନାହିଁ ?

ସାତବାହନମାନେ ବାସୁଦେବଙ୍କର (ଶ୍ରୀକୃଷ୍ଣଙ୍କର ଅନ୍ୟନାମ) ନିଷ୍ଠାପର ଅନୁଗାମୀ ଥିଲେ। ଯଦିଓ ସେମାନଙ୍କ ମଧ୍ୟରେ ଅଭ୍ୟୁଦୟ ହୋଇଥିବା ଅନ୍ୟ ସମସ୍ତ ପନ୍ଥ ବା ଧାରାକୁ ମଧ୍ୟ ପୃଷ୍ଠପୋଷକତା କରୁଥିଲେ। ଉଦାହରଣ ସ୍ୱରୂପ ସାତବାହନ ରାଜାମାନେ ବୈଦିକ ଶିକ୍ଷାର୍ଥୀ, ଜୈନ ଏବଂ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ନିଷ୍କର ଜମିଦାନ କରି ଅଧିକ ସାଧନା ଓ ଜ୍ଞାନର ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଥିଲେ।



ଚିତ୍ର – ୬.୧୧ ମହାରାଷ୍ଟ୍ରର ଲୋନାଭାଲ ନିକଟ "କାର୍ଲାଗୁମ୍ଫା" ଯାହା ସାତବାହନଙ୍କ ଶାସନ କାଳରେ ବୌଦ୍ଧ ସନ୍ନ୍ୟାସୀଙ୍କ ପାଇଁ ନିର୍ମିତ ହୋଇଥିଲା। ଚମତ୍କାର ସ୍ତମ୍ଭ ଓ କେନ୍ଦ୍ରରେ ଥିବା ସ୍ତୂପର ପଥର ନିର୍ମିତ ପ୍ରତିକୃତିକୁ ଲକ୍ଷ୍ୟ କର – ଏହା ସବୁ ଏକ ପଥୁରିଆ ପାହାଡ଼ରେ ଖୋଦିତ।



(ଚିତ୍ର ୬.୧୨)

## ଏହା ବିଷୟରେ ଚିନ୍ତା କର

ପିଟାଲଖୋରାରୁ ଆବିଷ୍କୃତ ଏହି ଯକ୍ଷମୂର୍ତ୍ତି ହାତରେ ଏକ ଅଭିଲେଖ ଧାରଣ କରିଛି, ଯେଉଁଥିରେ ଲେଖାଯାଇଛି "କାହ୍ନା ଦାସେନ ହିରାମକରେଣ କାଟ"। ଏହାର ଅର୍ଥ ଏହା ସୁନାକାରିଗର କାହ୍ନା ଦାସଙ୍କଦ୍ୱାରା ନିର୍ମିତ। ଏହା କ'ଣ ମଜାଦାୟକ ନୁହେଁ ଯେ ଏକ ସ୍ୱର୍ଣ୍ଣକାର ମଧ୍ୟ ପଥରରେ ଭାସ୍କର୍ଯ୍ୟ ସୃଷ୍ଟି କରିପାରିଛି ? ଭାବିଦେଖ ଏହା ଆମକୁ ସେ ସମୟର ଜୀବିକା ସମ୍ପର୍କରେ କ'ଣ ସୂଚନା ଦେଉଛି ?

ତୃତୀୟ ଶତାବ୍ଦୀ ବେଳକୁ ସାତବାହନ ସାମ୍ରାଜ୍ୟ ଛୋଟ ଛୋଟ ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇ ସାରିଥିଲା। ଏଥିପାଇଁ ଅନେକ କାରଣଦାୟୀ। ତନ୍ମଧ୍ୟରୁ ଦୁର୍ବଳ କେନ୍ଦ୍ରୀୟ ନିୟନ୍ତ୍ରଣ ଓ ଅର୍ଥନୈତିକ

ଅବକ୍ଷୟ ଅନ୍ୟତମ । ଏହା ପୁଣିଥରେ ଆଞ୍ଚଳିକ ଶକ୍ତିମାନଙ୍କ ପାଇଁ ନିଜର ଆଧିପତ୍ୟ ଓ କ୍ଷମତା ଜାହିର କରିବା ଓ ନୂଆ ରାଜ୍ୟ ପ୍ରତିଷ୍ଠା କରିବା ନିମିତ୍ତ ଆଉ ଏକ ନୂତନ ରାସ୍ତା ସୃଷ୍ଟି କଲା ।

## ଚେଦୀମାନଙ୍କ ଆଗମନ :

ଆସ ସାମାନ୍ୟ ପଛକୁ ଫେରିଯିବା । ତୁମର ମନେଅଛି କଳିଙ୍ଗ ଯୁଦ୍ଧ କଥା, ଯାହା ଆମେ ପୂର୍ବପାଠରେ ପଢ଼ିଥିଲେ ? ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଚେଦୀ ରାଜବଂଶ ଅଧିନରେ କଳିଙ୍ଗ ଏକ ପ୍ରମୁଖ ଶକ୍ତିଭାବେ ଉଭା ହେଲା ।

ସେହି ବଂଶର ଜଣେ ପ୍ରମୁଖ ରାଜା ଖାରବେଳ, ଜୈନ ଧର୍ମର ଏକ ନିଷ୍ଠାପର ଅନୁଗାମୀ ଥିଲେ । ଅନେକ ସମୟରେ ତାଙ୍କୁ 'ଭିକ୍ଷୁରାଜା' ବା 'ସନ୍ନ୍ୟାସୀ ରାଜା' ବୋଲି କୁହାଯାଉଥିଲା, ଯଦିଓ ସେ ସମସ୍ତ ବିଚାରଧାରାକୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଭୁବନେଶ୍ୱର ନିକଟ ଉଦୟଗିରି ଓ ଖଣ୍ଡଗିରି (କୁମାରୀ ପର୍ବତ)ରେ ଖୋଦିତ ଗୁମ୍ଫା, ଯାହା ସମ୍ଭବତଃ ଜୈନ ସନ୍ନ୍ୟାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ସେଥିରେ ଖୋଦିତ ପ୍ୟାନେଲ, ମୂର୍ତ୍ତି ଓ ପଥର କୋଠରୀ ସେ ସମୟ କାରିଗରୀ ଦକ୍ଷତା ପ୍ରତିପାଦନ କରେ । ଏହି ଗୁମ୍ଫାଗୁଡ଼ିକରେ ନକ୍ସା / ଗଠନଶୈଳୀ ଓ କାରଗରୀ, ପଥର କଟା ସ୍ଥାପତ୍ୟର ଏକ ଉଲ୍ଲେଖନୀୟ ଉଦାହରଣ । ଏହାର ଏକ ସ୍ୱତନ୍ତ୍ରଶୈଳୀ, ସ୍ଥାପତ୍ୟକଳା ବିଷୟରେ ଆମେ ଉଚ୍ଚ ଶ୍ରେଣୀରେ ପଢ଼ିବା ।










ଚିତ୍ର ୬.୧୩.୧ ଭୁବନେଶ୍ୱର ନିକଟସ୍ଥ ଉଦୟଗିରି ଗୁମ୍ଫା ଚିତ୍ର ୬.୧୩.୨ ହାତୀଗୁମ୍ଫା ଶିଳାଲେଖ ଚିତ୍ର ୬.୧୩.୩ ରାମାୟଣ କାହାଣୀ ଖୋଦିତ ଏକ ଚିତ୍ର ପ୍ୟାନେଲ ।

ଗୁମ୍ଫାମାନଙ୍କ ମଧ୍ୟରୁ ଗୋଟିଏ ଗୁମ୍ଫା ଚେଦି ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖକୁ ପ୍ରମୁଖ ଭାବେ ପ୍ରଦର୍ଶନ କରେ, ଯାହା ବ୍ରାହ୍ମୀଲିପିରେ ଲେଖାଯାଇଛି। ଯେଉଁଥିରେ ସମ୍ରାଟ ଖାରବେଳଙ୍କ ରାଜତ୍ୱର ବର୍ଷବର୍ଷର ସଫଳତାର ଗୁଣଗାନ କରାଯାଇଛି, ଯେପରି ତାଙ୍କର ବିଜୟ ଯାତ୍ରା ଓ ଜନହିତକର କାର୍ଯ୍ୟ। ଖାରବେଳ ସଗୌରବେ ଘୋଷଣା କରିଛନ୍ତି ଯେ, ସେ ଏକଶହ ଅଞ୍ଚଳର ସନ୍ନ୍ୟାସୀ ଏବଂ ଜ୍ଞାନୀମାନଙ୍କୁ ନେଇ ଏକ "ସାଧୁ-ସନ୍ଥ ପରିଷଦ" ଗଠନ କରିଥିଲେ ଏବଂ ଅସାଧାରଣ ଗୁଣର ଅଧିକାରୀ ସମସ୍ତ ବିଗ୍ରହଧାରାର ସମ୍ମାନ ପ୍ରଦାନକାରୀ ଏବଂ ପ୍ରତ୍ୟେକ ମନ୍ଦିରର ମରାମତିକାରୀ ଥିଲେ। ପୁନର୍ବାର ସେ ଜଣେ ଶାସକ, ଯିଏ ଥିଲେ ସମସ୍ତ ଗ୍ରନ୍ଥର ସୁରକ୍ଷା ପ୍ରଦାନକାରୀ। ଏହା ହିଁ ଭାରତୀୟ ଚିନ୍ତାଧାରାର ମୌଳିକ ଅଙ୍ଗ।

## ଏହା ବିଷୟରେ ଚିନ୍ତାକର


ଲକ୍ଷ୍ୟକର ଦୁଇହଜାର ବର୍ଷ ପୂର୍ବେ ଖୋଦିତ ହୋଇଥିବା ଏହି ପଥରକଟା ଗୁମ୍ଫାଘରଗୁଡ଼ିକୁ। କେବଳ ଗୋଟିଏ ନିହାଣ ଏବଂ ହାତୁଡ଼ି ସାହାଯ୍ୟରେ କାରିଗରମାନେ କେମିତି ଏତେ ସଠିକ୍ କାରିଗରୀ କାର୍ଯ୍ୟ ସମ୍ପାଦନ କରିଥିଲେ ? ନିଜକୁ ସେହି ଯୁଗର ମୂର୍ତ୍ତିକାର ଭାବେ କଳ୍ପନା କରି ନିଜ ହାତରେ ପଥରକୁ କଳାର ରୂପ ଦେଉଥିବାର ପରିକଳ୍ପନା କର। ଏଥିପାଇଁ ତୁମେ କେଉଁ କେଉଁ ଉପକରଣ ବ୍ୟବହାର କରିଥାନ୍ତ ?

## ଦକ୍ଷିଣର ରାଜ୍ୟ ଓ ଜୀବନ :

ଖ୍ରୀ.ପୂ. ଦ୍ୱିତୀୟ କିମ୍ବା ତୃତୀୟ ଶତାବ୍ଦୀ ଓ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ମଧ୍ୟରେ ଭାରତର ଦାକ୍ଷିଣାତ୍ୟରେ ତିନୋଟି ଶକ୍ତିଶାଳୀ ରାଜ୍ୟର ଅଭ୍ୟୁଦୟ ହେଲା। ଯଥା– ଚେର, ଚୋଳ ଏବଂ ପାଣ୍ଡ୍ୟ। ସେମାନେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ମଗ୍ନ ରହି ଦକ୍ଷିଣରେ ନିଜର ଆଧିପତ୍ୟ ଜାହିର କରିବା ସହିତ ଉକ୍ତ ଅଞ୍ଚଳର ବାଣିଜ୍ୟ ଏବଂ ସଂସ୍କୃତିର ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇଥିଲେ। ଆସ ଜାଣିବା କେମିତି ଅଶୋକଙ୍କ ସାମ୍ରାଜ୍ୟ ଅଟକିଯାଇଥିଲା ଦକ୍ଷିଣ ଭାରତର ଏହି ରାଜ୍ୟମାନଙ୍କ ନିକଟରେ (ଯାହା ଅଶୋକ ତାଙ୍କ ଶିଳାଲେଖରେ ସ୍ପଷ୍ଟ ଲେଖିଛନ୍ତି)। ଏହା ସୂଚାଉଛି ଯେ ଦକ୍ଷିଣ ରାଜ୍ୟଗୁଡ଼ିକ ମୌର୍ଯ୍ୟ ସାମ୍ରାଜ୍ୟର ଉତ୍ତୁଙ୍ଗ କ୍ଷମତା କାଳରେ ମଧ୍ୟ ସ୍ୱାଧୀନ ଥିଲେ ଏବଂ ଖାରବେଳ ଦାବୀ କରନ୍ତି ଯେ ସେ ଦକ୍ଷିଣ ଭାରତୀୟ ରାଜାମାନଙ୍କର ଏକ ମେଣ୍ଟକୁ ପରାସ୍ତ କରିଥିଲେ ଯାହା ତାଙ୍କ ସାମ୍ରାଜ୍ୟ ପାଇଁ ବିପଦ ଥିଲା। କିନ୍ତୁ ସେହି ଯୁଦ୍ଧର ସ୍ଥାନ ଅଜ୍ଞାତ ଥିବାବେଳେ ସେ ଦକ୍ଷିଣାଞ୍ଚଳ ଆକ୍ରମଣ କରିବାର ପ୍ରମାଣ ମିଳେ ନାହିଁ।

## ଏହା ବିଷୟରେ ଚିନ୍ତା କର

ଚିତ୍ର ୬.୧୪ରେ ଦିଆଯାଇଥିବା ମାନଚିତ୍ରରେ ନାମପାର୍ଶ୍ୱରେ ଥିବା କେତେକ ପ୍ରତୀକକୁ ଲକ୍ଷ୍ୟ କର। ଏହି ପ୍ରତୀକ ଗୁଡ଼ିକ କ'ଣ ପ୍ରତିନିଧିତ୍ୱ କରନ୍ତି ? ଚିନ୍ତାକର ସେମାନେ କିପରି ନିଜ ରାଜ୍ୟର ପରିଚୟକୁ ଉଜ୍ଜିବୀତ କରୁଛନ୍ତି।




ଚିତ୍ର ୬.୧୪ ଦକ୍ଷିଣ ଭାରତୀୟ ରାଜ୍ୟ ସମୂହ (ମନେରଖ ରାଜ୍ୟର ସୀମାଗୁଡ଼ିକ ଆନୁମାନିକ ଓ ପରିବର୍ତ୍ତନଶୀଳ)

ସେହି ସମୟରେ ଅନେକ କବିଙ୍କ ଆବିର୍ଭାବ ହୋଇଥିଲା, ଯେଉଁମାନଙ୍କର ସାମଗ୍ରିକ ସାହିତ୍ୟ କୃତି "ସଙ୍ଗମ ସାହିତ୍ୟ" ଭାବେ ଜଣାଶୁଣା ଥିଲା ଏବଂ ସମଗ୍ର ଯୁଗକୁ ପରିଭାଷିତ କରିଥିଲା । ସଙ୍ଗମ ଶବ୍ଦ ସଂସ୍କୃତ "ସଂଘ" ଶବ୍ଦରୁ ଆନୀତ । ଯାହାର ଅର୍ଥ ସଂଗଠିତ ହେବା ବା ଏକତ୍ର ହେବା । ଏହି ପରିପ୍ରେକ୍ଷୀରେ ଏହାକୁ କବିମାନଙ୍କର ଏକ 'ସଂଗୋଷ୍ଠୀ' ବୋଲି କୁହାଯାଉଥିଲା । ଦକ୍ଷିଣ ଭାରତର ସର୍ବପୁରାତନ ସଙ୍ଗମ ସାହିତ୍ୟରେ ଅନେକ କବିତାର ସଂଗ୍ରହ ବା କବିତା ସଙ୍କଳନ ରହିଛି ଏବଂ ଇତିହାସକାରମାନେ ବହୁଳ ଭାବରେ ଏହି ସାହିତ୍ୟିକ ଉପାଦାନର ଆଶ୍ରୟ ନିଅନ୍ତି ଯେଉଁମାନେ ତତ୍କାଳୀନ ସମାଜ ଓ ସଂସ୍କୃତି ଉପରେ ଗବେଷଣା କରିଥାନ୍ତି । ସଙ୍ଗମ କବିତା ମୁଖ୍ୟତଃ ପ୍ରେମ କିମ୍ବା ସାମାଜିକ ମୂଲ୍ୟବୋଧ ଯଥା– ବୀରତ୍ୱ ଏବଂ ଉଦାରତା ଭଳି ବ୍ୟକ୍ତିଗତ ଭାବନାକୁ ଅତି ଦକ୍ଷ ଓ ସୂକ୍ଷ୍ମ ଭାବରେ ପ୍ରକାଶ କରିଥାଏ ।

## ଚୋଳ ରାଜବଂଶ

ସଙ୍ଗମ ତିନୋଟି ରାଜବଂଶର ସମଷ୍ଟିକୁ ବୁଝାଏ – ଚୋଳ, ଚେର ଏବଂ ପାଣ୍ଡ୍ୟ । ଚୋଳ ଏକ ଶକ୍ତିଶାଳୀ ରାଜବଂଶ, ଯିଏ ଦକ୍ଷିଣ ଭାରତର ଏକ ଅଂଶରେ ତୃତୀୟ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଶାସନ କରୁଥିଲେ । ଜଣାଯାଏ ଚୋଳରାଜା କରିକାଳ ଚେର ଏବଂ ପାଣ୍ଡ୍ୟର ମିଳିତ ଶକ୍ତିକୁ ପରାସ୍ତ କରି ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ ।

# ଶୀଲପ୍ପଦୀକାରମ୍ (ପାଦ ପାହୁଡ଼ର କାହାଣୀ)

ଏହା ପୁରାଣ ସାହିତ୍ୟର ପରବର୍ତ୍ତୀ ସୃଷ୍ଟି, ଯାହା କନ୍ନଗୀର କାହାଣୀ କହେ, ଯିଏ ନିଜ ସ୍ୱାମୀ କୋଭାଲନ ସହ ରାଜଧାନୀ ପୁହାର (ବର୍ତ୍ତମାନର କାବେରୀ ପଟ୍ଟନମ୍)ରେ ଖୁସିରେ ରହୁଥିଲେ। କିନ୍ତୁ କୋଭାଲନ ଏକ ନୃତ୍ୟାଙ୍ଗନାର ପ୍ରେମରେ ପଡ଼ି ନିଜର ସମସ୍ତ ସମ୍ପତ୍ତି ତା' ପଛରେ ବ୍ୟୟ କରିଦେଲେ। ପରେ ନିଜର ଭୁଲ ବୁଝିପାରି ସେ କନ୍ନଗୀ ନିକଟକୁ ଫେରି ଆସିଲେ। କନ୍ନଗୀ ତାଙ୍କୁ କ୍ଷମା କରିଦେଇଥିଲେ। ତା'ପରେ ସେମାନେ ନିଜ ଜୀବନକୁ ନୂତନ ଭାବରେ ଗଢ଼ିବା ପାଇଁ ପାଣ୍ଡ୍ୟ ରାଜଧାନୀ ମଦୁରାଇକୁ ଯାତ୍ରା କରିଥିଲେ।



ଚିତ୍ର ୬.୧୫

ନୂଆ ଜୀବନ ଆରମ୍ଭ ପାଇଁ କନ୍ନଗୀ ନିଜ ଗୋଡ଼ର ଏକ ପାହୁଡ଼କୁ ବିକ୍ରି କରିବା ପାଇଁ ସ୍ୱାମୀ କୋଭାଲନଙ୍କୁ ଦେଲେ। କିନ୍ତୁ ଚୋରି କରିବା ମିଥ୍ୟା ଅଭିଯୋଗରେ ସେ ପାଣ୍ଡ୍ୟ ରାଜାଙ୍କ ଦ୍ୱାରା ବନ୍ଦୀ ହେଲେ। ଏଥିରେ ଭାଙ୍ଗିପଡ଼ି କନ୍ନଗୀ ନିଜର ଅନ୍ୟ ପାହୁଡ଼ ପାଣ୍ଡ୍ୟ ରାଜାଙ୍କୁ ପ୍ରମାଣ ସ୍ୱରୂପ ଦେଖାଇ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରାଇଲେ। ରାଜା କୋଭାଲନ ନିଜର ଭୁଲ ପାଇଁ ଅନୁତାପ କରି ମାନସିକ ଆଘାତ ଯୋଗୁଁ ମୃତ୍ୟୁବରଣ କଲେ। ଏଥିରେ କ୍ରୋଧିତ ହୋଇ କନ୍ନଗୀ ମଦୁରାଇକୁ ଅଭିଶାପ ଦେଲେ, ଯାହାଫଳରେ ଅଗ୍ନିଦେବ ସମଗ୍ର ସହରକୁ ଧ୍ୱଂସ କରିଦେଲେ। ଏହାପରେ ସେ ପଶ୍ଚିମରେ ଥିବା ଚେର ରାଜ୍ୟକୁ ପଳାୟନ କଲେ। ଯେଉଁଠାରେ ତାଙ୍କୁ ଦେବୀ ରୂପରେ ପୂଜା କରାଗଲା। ଆଜି ମଧ୍ୟ କନ୍ନଗୀ ତାମିଲନାଡୁ ଓ କେରଳରେ ଦେବୀ ରୂପେ ପୂଜା ପାଇ ଆସୁଛନ୍ତି।

ଶୀଲପ୍ପଦୀକାରମ୍ କବିତା ଗ୍ରନ୍ଥ ନ୍ୟାୟ ଏବଂ ଶାସକଙ୍କ ନ୍ୟାୟ ରକ୍ଷା ଧର୍ମ ଉପରେ ପର୍ଯ୍ୟବେସିତ। ଏଥିସହିତ ଏହି କାବ୍ୟ ଆମକୁ ବାଣିଜ୍ୟ ସହ ଜଡ଼ିତ ତିନୋଟି ସହର, ତିନୋଟି ରାଜ୍ୟ ଏବଂ ବିଭିନ୍ନ ଚିନ୍ତାଧାରା ଆଡ଼କୁ ନେଇଯାଏ।

## ଏହା ବିଷୟରେ ଚିନ୍ତା କର



ରାଜାଙ୍କ ପ୍ରତିକୃତିକୁ ଲକ୍ଷ୍ୟ କର । ତାଙ୍କୁ କେମିତି ପ୍ରଦର୍ଶିତ କରାଯାଇଛି ? ତାଙ୍କର ଭଙ୍ଗୀ, ପୋଷାକ ଏବଂ ଅଭିବ୍ୟକ୍ତି ତାଙ୍କ କ୍ଷମତା ଓ ସ୍ଥିତି ସମ୍ପର୍କରେ କ'ଣ ସୂଚାଏ ?

(ଚିତ୍ର : ୬.୧୬)
(ତାମିଲନାଡୁର ଗ୍ରାଣ୍ଡ ଆନିକଟ ସ୍ମାରକୀ ଉଦ୍ୟାନରେ ଥିବା ରାଜା କରିକାଳଙ୍କ ମୂର୍ତ୍ତି)

ରାଜା କରିକାଳ ଲୋକଙ୍କ ହିତ ପାଇଁ ଅନେକ କାର୍ଯ୍ୟ ହାତକୁ ନେଇଥିଲେ । ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି 'କାଲାନାଇ' ବା 'ଗ୍ରାଣ୍ଡ ଆନିକଟ' ପରି ଏକ ଜଟିଳ ଜଳ ବିଭାଜକ ବ୍ୟବସ୍ଥା, ଯାହା ଭୌଗୋଳିକ ଦୃଷ୍ଟିରୁ ଶ୍ରୀରଙ୍ଗମ୍ ଦ୍ୱୀପର ଠିକ୍ ନିମ୍ନରେ ଅବସ୍ଥିତ । ଏହା କାବେରୀରୁ ତ୍ରିକୋଣ ଭୂମିର କେନ୍ଦ୍ରୀୟ ଓ ଦକ୍ଷିଣ ଭାଗକୁ ଜଳ ପ୍ରବାହିତ କରିବାରେ ସାହାଯ୍ୟ କରୁଥିଲା । ଏହା ଅଧିକ ଜମିକୁ ଚାଷ ଅଧୀନକୁ ଆଣିବାକୁ ସକ୍ଷମ ହେଲା । ଏହି ଅଞ୍ଚଳକୁ 'ଦକ୍ଷିଣର ଧାନହାଣ୍ଡି' ନାମରେ ନାମିତ କରାଗଲା । ସମୟକ୍ରମେ ଏହାକୁ ଅନେକ ଥର ପୁନରୁଦ୍ଧାର କରାଯାଇଛି । ଏହା ଏବେ ମଧ୍ୟ ବ୍ୟବହାର ଉପଯୋଗୀ ରହିଛି ଏବଂ ତାମିଲନାଡୁର ଲକ୍ଷ ଲକ୍ଷ ଲୋକଙ୍କୁ ଜଳସେଚନ ପାଇଁ ଜଳ ଯୋଗାଇ କୃଷିକୁ ସମୃଦ୍ଧ କରି ଆସୁଛି ।



(ଚିତ୍ର – ୬.୧୭) କାଲାନାଇ ବା ଗ୍ରାଣ୍ଡ ଆନିକଟର ଏକ ଦୃଶ୍ୟ)

## ଚେର ରାଜବଂଶ :

କେରଳ ପୁତ୍ର ନାମରେ ପ୍ରସିଦ୍ଧ ଚେର ରାଜବଂଶ ତାମିଲନାଡୁର ପଶ୍ଚିମାଞ୍ଚଳ ଏବଂ କେରଳ ଉପରେ ସେମାନଙ୍କ ରାଜଧାନୀ ଭଞ୍ଜି, ବର୍ତ୍ତମାନର କରୁର୍ ସହରରୁ ଶାସନ କରୁଥିଲେ । ସେମାନେ ସେହି ଅଞ୍ଚଳର ସାଂସ୍କୃତିକ ଏବଂ ଅର୍ଥନୈତିକ ଇତିହାସକୁ ସାକାର ରୂପ ଦେବାରେ, ତାମିଲ ସାହିତ୍ୟର ସମୃଦ୍ଧି ପାଇଁ ଉତ୍ସାହ ପ୍ରଦାନ କରିବାରେ ଏବଂ ସଙ୍ଗମ କବିମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଚେରମାନେ ରୋମ ସାମ୍ରାଜ୍ୟ ଓ ପଶ୍ଚିମ ଏସିଆ ଦେଶମାନଙ୍କ ସହ ସୁଦୂର ପ୍ରସାରୀ ବାଣିଜ୍ୟିକ ସମ୍ପର୍କ ପାଇଁ ବେଶ୍ ଜଣାଶୁଣା । ଅନେକ ସାମଗ୍ରୀ ସେମାନେ ଭାରତରୁ ରପ୍ତାନୀ କରୁଥିଲେ ବାହ୍ୟ ଜଗତକୁ । ଏହି ରାଜ୍ୟ ମସଲା ଦ୍ରବ୍ୟ, ମୂଲ୍ୟବାନ କାଠ ଗଣ୍ଡି, ହାତୀଦାନ୍ତ ଓ ମୁକ୍ତା ରପ୍ତାନୀର ଏକ କେନ୍ଦ୍ର ଥିଲା ।

### ଏହା ବିଷୟରେ ଚିନ୍ତା କର

ତୁମେ ଆଶ୍ଚର୍ଯ୍ୟ ଅନୁଭବ କରୁଥିବ ନିଶ୍ଚୟ ଯେ ଐତିହାସିକମାନେ କେମିତି ବହୁ ଶତାବ୍ଦୀ ପୂର୍ବର ଦୁଇଟି ରାଜ୍ୟ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କକୁ ଉନ୍ମୋଚନ କଲେ ? ଆସ କିଛି ମୁହୂର୍ତ୍ତ ଚିନ୍ତା କରିବା ଏବଂ ଆଲୋଚନା କରିବା ଯେ ଏହି ସୂଚନା କେମିତି ଲୋକ ଲୋଚନକୁ ଆସିଲା ।

ଚେରମାନେ ସେମାନଙ୍କ ଶାସନ ସମୟରେ ଅନେକ ମୁଦ୍ରା ପ୍ରଚଳନ କରିଥିଲେ । ତୁମେ ଲକ୍ଷ୍ୟକର, ଚେରମାନଙ୍କର ରାଷ୍ଟ୍ରୀୟ ସଙ୍କେତକୁ କିପରି ନିମ୍ନରେ ପ୍ରଦତ୍ତ ଏକ ମୁଦ୍ରାରେ ଅଙ୍କିତ କରାଯାଇଛି ।



ଚିତ୍ର ୬.୧୮ ଚେର ଶାସନ କାଳର ମୁଦ୍ରା

## ପାଣ୍ଡ୍ୟ ରାଜବଂଶ

ଅନେକ ଶତାବ୍ଦୀ ପୂର୍ବରୁ ପାଣ୍ଡ୍ୟମାନେ ତାମିଲନାଡୁର କିଛି ଅଂଶ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସେମାନଙ୍କ ରାଜଧାନୀ ମଦୁରାଇରୁ ଶାସନ କରୁଥିଲେ । ପରବର୍ତ୍ତୀ ରାଜାମାନେ ପାଣ୍ଡ୍ୟ ରାଜ୍ୟର ବିସ୍ତାର କରିଥିଲେ । ମେଗାସ୍ଥିନିସ୍ ତାଙ୍କ ପୁସ୍ତକ ଇଣ୍ଡିକାରେ ଏହି ରାଜ୍ୟକୁ ଏକ ସମୃଦ୍ଧ ରାଜ୍ୟ ବୋଲି ଉଲ୍ଲେଖ କରିଛନ୍ତି, ଯାହାର ଏକ ଦୃଢ଼ ଶାସନ ବ୍ୟବସ୍ଥା ଥିଲା ଏବଂ ସୁଦୂର ଗ୍ରୀକ୍ ଓ ରୋମ ସାମ୍ରାଜ୍ୟ ସହ ଏକ ସକ୍ରିୟ ବାଣିଜ୍ୟିକ ସମ୍ପର୍କ ରହିଥିଲା । (ପ୍ରମାଣ ସ୍ୱରୂପ, ଖାରବେଳ ଉଲ୍ଲେଖ କରିଛନ୍ତି ଯେ, ସେ ପାଣ୍ଡ୍ୟ ରାଜ୍ୟରୁ ଶହ ଶହ ମୋତି ଆଣିଥିଲେ ।) । ପାଣ୍ଡ୍ୟମାନେ ମଧ୍ୟ ଉପମହାଦେଶର ଏକ ଗୁରୁତ୍ୱପୂର୍ଣ୍ଣ ନୌସେନା ଶକ୍ତି ଉପରେ ଅବତୀର୍ଣ୍ଣ ହୋଇଥିଲେ । ପରବର୍ତ୍ତୀ ପାଣ୍ଡ୍ୟ ଶାସକମାନେ ମଧ୍ୟ ଏହି ଅଞ୍ଚଳରେ କଳା ସ୍ଥାପତ୍ୟ ଓ ସାମଗ୍ରିକ ସମୃଦ୍ଧିରେ ଅନେକ ଅବଦାନ ଦେଇଥିଲେ ।

### ଏହା ବିଷୟରେ ଚିନ୍ତା କର

ପାଣ୍ଡ୍ୟମାନେ ସେମାନଙ୍କ ମୋତି ସମ୍ପଦ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ।
ତୁମେ କାହିଁକି ଭାବୁଛ ଯେ ମୋତି ସେ ସମୟରେ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଥିଲା ?

ପାଣ୍ଡ୍ୟମାନେ ଅନେକ ଅଭିଲେଖ ଛାଡ଼ି ଯାଇଛନ୍ତି, ଯେଉଁଥିରେ ସେମାନେ ପ୍ରଜାମାନଙ୍କ ମଙ୍ଗଳ ଓ ସମସ୍ତ ବୌଦ୍ଧିକ ଚିନ୍ତାଧାରା ଓ ବିଶ୍ୱାସକୁ ଉତ୍ସାହ ପ୍ରଦାନ କରୁଥିଲେ ।

## ଇଣ୍ଡୋ-ଗ୍ରୀକ୍‌ମାନଙ୍କ ଆକ୍ରମଣ :



(ଚିତ୍ର ୬.୧୯ ବିଦିଶା ନିକଟସ୍ଥ ହେଲିଓଡ଼ୋରସ୍ ସ୍ତମ୍ଭ)

ଦକ୍ଷିଣ ଭାରତରୁ ଆମର ସାମୟିକ ଯାତ୍ରା ଶେଷକରି ବର୍ତ୍ତମାନ ଉତ୍ତର ଭାରତ ଆଡ଼କୁ ଫେରିବା, ଯେଉଁଠି ଏକ ଭିନ୍ନ ଧରଣର ବିକାଶ ହେବାକୁ ଯାଉଛି । ଏ ପର୍ଯ୍ୟନ୍ତ ଆମେ କେବଳ କିଛି ରାଜବଂଶ ଅନୁଧ୍ୟାନ କରିଛନ୍ତି । ଠିକ୍ ଏହି ସମୟରେ କିଛି ଆକ୍ରମଣକାରୀଙ୍କ ଆଗମନ ମଧ୍ୟ ଦେଖିବାକୁ ମିଳିଥିଲା । ସେମାନେ ଭାରତୀୟ ଉପମହାଦେଶକୁ ଉତ୍ତର-ପଶ୍ଚିମ ସୀମା ଦେଇ ପ୍ରବେଶ କରି ଉତ୍ତର, ଉତ୍ତର ପଶ୍ଚିମାଞ୍ଚଳ ଓ ମଧ୍ୟ ଭାରତରେ କିଛି ଅଞ୍ଚଳ ଦଖଲକୁ ନେଲେ ।

ଆସ ପ୍ରଥମେ ଜାଣିବା ଆଲେକଜାଣ୍ଡାରଙ୍କ ସାମୟିକ ସିନ୍ଧୁ ଉପତ୍ୟକା ଅଭିଯାନ ସମ୍ପର୍କରେ । ସେ ଅଧିକାର କରିଥିବା ଅଞ୍ଚଳରୁ ପଛକୁ ଫେରିବା ବେଳେ ସେଠାରେ କିଛି ସାତ୍ରପ ବା ଶାସକଙ୍କୁ ଛାଡ଼ି ଯାଇଥିଲେ । ସମୟକ୍ରମେ ଏହି ସାତ୍ରପମାନେ ଆଞ୍ଚଳିକ ଶାସକ ଭାବେ ନିଜର ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ ଏବଂ ଇଣ୍ଡୋ-ଗ୍ରୀକ୍‌ଭାବେ ପରିଚିତ ହେଲେ ।

ମୌର୍ଯ୍ୟମାନଙ୍କ ପତନ ପରେ ଉତ୍ତର-ପଶ୍ଚିମାଞ୍ଚଳ (ପ୍ରାୟତଃ ବର୍ତ୍ତମାନର ପାକିସ୍ଥାନ ଓ ଆଫଗାନିସ୍ଥାନ ଅଞ୍ଚଳ) ଅଧିକାର ଇଣ୍ଡୋ-ଗ୍ରୀକ୍‌ମାନଙ୍କ ପାଇଁ ଏକ ସହଜ ଲକ୍ଷ୍ୟ ଥିଲା । ସେମାନେ ଆକ୍ରମଣକାରୀଭାବେ ଆସିଥିବା ସତ୍ତ୍ୱେ ସ୍ଥାନୀୟ ସମୃଦ୍ଧ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହି ସାଂସ୍କୃତିକ ଭାବ ବିନିମୟ ପ୍ରଶାସନ, କଳା, ଭାଷା ଏବଂ ଦୈନନ୍ଦିନ ଜୀବନରେ ଗ୍ରୀକ୍ ଏବଂ ଭାରତୀୟ ଉପାଦାନ ଗୁଡ଼ିକର ମିଶ୍ରଣ ସୃଷ୍ଟିକରି ଏକ ସ୍ୱତନ୍ତ୍ର ସଂସ୍କୃତିର ରୂପରେଖକୁ ଜନ୍ମଦେଲା ।

ମଧ୍ୟପ୍ରଦେଶର ବିଦିଶା ନିକଟସ୍ଥ ହେଲିଓଡ଼ୋରସ ସ୍ତମ୍ଭ ଏହି ସାଂସ୍କୃତିକ ସଂଯୋଗ/ମିଶ୍ରଣର ଏକ ଉଲ୍ଲେଖନୀୟ ଉଦାହରଣ ।

ଏହାର ନାମ ଜଣେ ଇଣ୍ଡୋ-ଗ୍ରୀକ୍ ରାଜଦୂତଙ୍କ ନାମରେ ନାମିତ ହୋଇଛି, ଯିଏ ନିଜ ଅଭିଲେଖରେ ବାସୁଦେବଙ୍କୁ 'ଦେବତାମାନଙ୍କ ଦେବତା' କହି ପ୍ରଶଂସା କରିଛନ୍ତି। ପୁଣି ଏହି ଅଭିଲେଖ ତିନୋଟି ଚିରନ୍ତନ ନିୟମ ଯଥା– ଆତ୍ମସଂଜମ, ଦାନ ଏବଂ ଚେତନା ସମ୍ପର୍କରେ ପ୍ରକାଶ କରେ ଯାହା ମଣିଷକୁ ସ୍ୱର୍ଗ ଆଡ଼କୁ ନେଇଯାଇଥାଏ।

ପ୍ରତ୍ନତତ୍ତ୍ୱବିଦ୍‌ମାନେ ଉତ୍ତର ଭାରତରେ ପ୍ରତ୍ନତାତ୍ତ୍ୱିକ ଖନନ କଲାବେଳେ ଅନେକ ଇଣ୍ଡୋ-ଗ୍ରୀକ୍ ମୁଦ୍ରା ପାଇଛନ୍ତି, ଯାହା ଏହି ଶାସକମାନଙ୍କ ସମ୍ପର୍କରେ ଅନେକ ସୂଚନା ଦେଇଥାଏ। ଏହି ମୁଦ୍ରାଗୁଡ଼ିକ ସୁନା, ରୁପା, ତମ୍ବା ଏବଂ ନିକେଲ ଧାତୁରେ ତିଆରି ହୋଇଥିଲା, ଯେଉଁଥିରେ ଏକ ପାର୍ଶ୍ୱରେ ରାଜାଙ୍କ ପ୍ରତିଛବି ଓ ଅପରପାର୍ଶ୍ୱରେ ଗ୍ରୀକ୍ ଦେବାଦେବୀଙ୍କ ପ୍ରତିଛବି ଅଙ୍କିତ ହୋଇଛି। ଅନ୍ୟ କେତେକ ମୁଦ୍ରାରେ ଭାରତୀୟ ଦେବାଦେବୀ ଯଥା– ବାସୁଦେବ କୃଷ୍ଣ ଓ ଲକ୍ଷ୍ମୀଙ୍କ ଚିତ୍ର ଥିବା ଦେଖାଯାଏ।

ଇଣ୍ଡୋ-ଗ୍ରୀକ୍‌ମାନଙ୍କ ଶାସନର ଅନ୍ତ ଇଣ୍ଡୋସିଥିଆନ ବା ଶକମାନଙ୍କ ଆକ୍ରମଣରୁ ହୋଇଥିଲା।

## ଆସ ଅନୁସନ୍ଧାନ କରିବା

ତୁମେ କ'ଣ ଭାବୁଛ କେତେକ ଇଣ୍ଡୋ-ଗ୍ରୀକ୍ ମୁଦ୍ରାରେ ବାସୁଦେବ କୃଷ୍ଣ ଓ ଲକ୍ଷ୍ମୀଙ୍କ ଛବି ରହିବାର ଅର୍ଥ କ'ଣ ହୋଇପାରେ ?



ଚିତ୍ର ୬.୨୦ (ଗୋଟିଏ ଇଣ୍ଡୋ-ଗ୍ରୀକ୍ ରୁପାମୁଦ୍ରା ଯେଉଁଥିରେ ଗୋଟିଏ ପାର୍ଶ୍ୱରେ ବାସୁଦେବ କୃଷ୍ଣଙ୍କ ଛବି ରହିଛି)।



## ମନେରଖ

ଇଣ୍ଡୋସିଥିଆନ ନାମରେ ପରିଚିତ ଶକମାନେ ଭାରତୀୟ ଉପମହାଦେଶ ପଟୁ ଉତ୍ତର-ପଶ୍ଚିମ ଆକ୍ରମଣକରି ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କଲେ। ଇଣ୍ଡୋ-ଗ୍ରୀକଙ୍କ ପରେ ଏହି ରାଜ୍ୟର ଅଭ୍ୟୁଦୟ ହେଲା ଏବଂ ସେମାନେ କୁଶାଣଙ୍କ ଆଗମନ ପର୍ଯ୍ୟନ୍ତ ଶାସନ କଲେ। ଏମାନଙ୍କ ସମୟରେ ଶକସମ୍ବତ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଥିଲା। ଏହା ଗ୍ରେଗୋରିଆନ କ୍ୟାଲେଣ୍ଡର ଠାରୁ ୭୮ ବର୍ଷ ପଛୁଆ ଅଟେ। (ଜାନୁୟାରୀରୁ ମାର୍ଚ୍ଚ ବ୍ୟତୀତ, ଏହା ୭୯ ବର୍ଷ ପଛୁଆଁ ଥାଏ।) ୧୯୫୭ ମସିହାରେ ଏହାକୁ ଭାରତୀୟ ଜାତୀୟ କ୍ୟାଲେଣ୍ଡର ଭାବେ ଗ୍ରହଣ କରାଯାଇଥିଲା।



भारत का राजपत्र
The Gazette of India

EXTRAORDINARY

PART II — Section 1

PUBLISHED BY AUTHORITY

NEW DELHI, FRIDAY, AUGUST 16, 2024/SRAVANA 25, 1946 (Saka)

Separate paging is given to this Part in order that it may be filed as a separate compilation.

MINISTRY OF LAW AND JUSTICE
(Legislative Department)

New Delhi, the 16th August, 2024/Sravana 25, 1946 (Saka)

The following Act of Parliament received the assent of the President on the 16th August, 2024 and is hereby published for general information:—

ଚିତ୍ର ୬.୨୧ (ଲକ୍ଷ୍ୟକର କେମିତି ତାରିଖ ସବୁ ଉଭୟ ଗ୍ରିଗୋରିଆନ୍ ଏବଂ ଶକ ସମ୍ବତ ଯୁଗ ଆଧାରରେ ଭାରତ ସରକାରଙ୍କ ସରକାରୀ କ୍ୟାଲେଣ୍ଡରରେ ଦିଆଯାଇଛି।)

## କୁଶାଣମାନଙ୍କ ଅଭ୍ୟୁଦୟ :

କୁଶାଣମାନେ ମୂଳତଃ ମଧ୍ୟ ଏସିଆରୁ ଆସି ସମ୍ଭବତଃ ଦ୍ୱିତୀୟ ଶତାବ୍ଦୀ ବେଳକୁ ଭାରତରେ ପ୍ରବେଶ କଲେ । ଶାସନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ବେଳକୁ ସେମାନଙ୍କ ସାମ୍ରାଜ୍ୟ ମଧ୍ୟ ଏସିଆରୁ ଆରମ୍ଭ ହୋଇ ଉତ୍ତରଭାରତର ଏକ ବୃହତ୍ତର ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେମାନଙ୍କ ସମୟରେ ବ୍ୟାପକ ସାଂସ୍କୃତିକ ମିଳନ/ମିଶ୍ରଣ ହୋଇଥିବା ଲକ୍ଷ୍ୟ କରାଯାଏ ଏବଂ ଭାରତୀୟ ଉପମହାଦେଶର ଇତିହାସ ଓ ସଂସ୍କୃତି ଉପରେ ଏହାର ଗଭୀର ପ୍ରଭାବ ପକାଇଥିଲା ।

କୁଶାଣ ରାଜା କନିଷ୍କ ଯେତେବେଳେ ଯୁଦ୍ଧରୁ ନିବୃତ୍ତ ରହୁଥିଲେ, ସେ ରାଜ୍ୟର କଳା ଓ ସଂସ୍କୃତିର ବିକାଶ ପାଇଁ ଉତ୍ସାହ ପ୍ରଦାନ କରୁଥିଲେ ।



ଚିତ୍ର ୬.୨୨
ରାଜା କନିଷ୍କଙ୍କ ମସ୍ତକ ବିହୀନ ମୂର୍ତ୍ତି

### ଆସ ଅନୁସନ୍ଧାନ କରିବା


ଏହି ବିଶାଳ ପ୍ରତିମୂର୍ତ୍ତିକୁ (୧.୮୫ ମିଟର ଉଚ୍ଚ) ଭଲକରି ଲକ୍ଷ୍ୟକର ଏବଂ ସେ ପିନ୍ଧିଥିବା ବସ୍ତ୍ର, ଜୋତା ଓ ଧରିଥିବା ଅସ୍ତ୍ରକୁ ଦେଖ । ଏସବୁ ଏହି ମୂର୍ତ୍ତି ବିଷୟରେ ଆମକୁ କ'ଣ ସୂଚନା ଦେଉଛି ?

ଏହି ମସ୍ତକ ବିହୀନ ପ୍ରସିଦ୍ଧ ମୂର୍ତ୍ତି, ସମ୍ଭବତଃ କୁଶାଣ ବଂଶର ସବୁଠାରୁ ଶକ୍ତିଶାଳୀ ରାଜା କନିଷ୍କଙ୍କର । ମୂର୍ତ୍ତିରେ ଖୋଦିତ ବ୍ରାହ୍ମୀଲିପି ଅଭିଲେଖ କହେ ସେ ଥିଲେ "ମହାରାଜା ରାଜାଧିରାଜ ଦେବପୁତ୍ର କନିଷ୍କ ।"



### ଆସ ଅନୁସନ୍ଧାନ କରିବା

ମୁଦ୍ରାଗୁଡ଼ିକୁ ଭଲକରି ଦେଖ । ସମ୍ରାଟଙ୍କ ପାର୍ଶ୍ୱରେ କାହାର ଚିତ୍ର ଖୋଦିତ ହୋଇଛି ?




ଚିତ୍ର ୬.୨୩ କନିଷ୍କଙ୍କ ମୁଦ୍ରା

ପ୍ରଥମ ମୁଦ୍ରାରେ କନିଷ୍କ ହାତରେ ଏକ ବର୍ଚ୍ଛା ଧରିଥିବା ଦର୍ଶାଯାଇ "ରାଜାମାନଙ୍କର ରାଜା" ଉପାଧି ଖୋଦିତ ହୋଇଛି । ଅନ୍ୟ ପାର୍ଶ୍ୱରେ ଗ୍ରୀକ୍ ଭାଷାରେ (BO△△O) ବୁଦ୍ଧ ଖୋଦିତ ହୋଇଛି । ଦ୍ୱିତୀୟ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ସମ୍ରାଟଙ୍କ ଛବି ଓ ଅନ୍ୟ ପାର୍ଶ୍ୱରେ ଶିବଙ୍କ ସହ ନନ୍ଦୀ ବୃଷଭ ଖୋଦିତ କରାଯାଇଛି । ଆସ ନିମ୍ନ ବିଷୟ ଉପରେ ଚିନ୍ତା କରିବା ।

- ଜଣେ ଶକ୍ତିଶାଳୀ ଶାସକ ତାଙ୍କ ମୁଦ୍ରାରେ ବୁଦ୍ଧ ଏବଂ ଶିବଙ୍କୁ କାହିଁକି ଖୋଦିତ କରିବେ ? ଏହା ତାଙ୍କର ମୂଲ୍ୟବୋଧ ଓ ପ୍ରାଥମିକତା ଉପରେ କ'ଣ କହୁଛି ?
- ଏହିପରି ସାଙ୍କେତିକ ମୁଦ୍ରାର ଆଧୁନିକତା ଉଦାହରଣ ତୁମେ ପାଇପାରିବ କି ?

କୁଶାଣମାନେ ସିଲ୍କ ପଥର (Silk Route) ଏକ ଗୁରତ୍ୱପୂର୍ଣ୍ଣ ଅଂଶକୁ ନିଜ ଅଧିନରେ ରଖିଥିଲେ । (ପର ପୃଷ୍ଠାରେ ଦର୍ଶିତ) ଏବଂ ସେମାନଙ୍କ ସମୟରେ ବାଣିଜ୍ୟିକ ଅଭିବୃଦ୍ଧି ଭାରତକୁ ଏସିଆର ଅନ୍ୟ ଅଞ୍ଚଳ ଓ ପଶ୍ଚିମ ଦେଶ ସହ ଯୋଡ଼ି ଥିଲା ।

ଇଣ୍ଡୋ-ଗ୍ରୀକ୍ ଶାସକଙ୍କ ଦ୍ୱାରା ପ୍ରତିଷ୍ଠିତ ଧାରାକୁ ଆଗେଇ ନେଇ କୁଶାଣ କଳା ଓ ସ୍ଥାପତ୍ୟ, ଗାନ୍ଧାର ଏବଂ ମଥୁରା ଶିଳ୍ପଶୈଳୀ ଉଦାହରଣରେ ଭାରତ ଏବଂ ଗ୍ରୀକ୍ କଳାର ଏକ ମିଶ୍ରିତ ରୂପ ସୃଷ୍ଟି କଲେ । ଭାସ୍କର୍ଯ୍ୟ କଳାଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ବିଭିନ୍ନ ଭାବାଧାରାର ଲୋକମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଦର୍ଶାଏ । ଏହି ଯୁଗର କଳାରେ ମନୁଷ୍ୟ ଆକୃତିର ଦେବତା ମୂର୍ତ୍ତି (ଯଥା– ସୂର୍ଯ୍ୟ ଦେବତା)ର ପ୍ରୟୋଗ ବୃଦ୍ଧି ପାଇଲା ଏବଂ ଧାର୍ମିକ ଚିତ୍ରକଳାର ବିକାଶ ଘଟିଲା, ଯାହା ପରବର୍ତ୍ତି ସମୟରେ ମନ୍ଦିର ସ୍ଥାପତ୍ୟ କଳାର ଭିତ୍ତିଭୂମି ପ୍ରସ୍ତୁତ କଲା ।




ଚିତ୍ର ୬.୨୪ ଗାନ୍ଧାର ଶିଳ୍ପ ଶୈଳୀର ଏକ ବୋଧିସତ୍ତ୍ୱ ମସ୍ତକ ବା ଭବିଷ୍ୟତର ବୁଦ୍ଧ । ଭାରତୀୟ ଓ ଗ୍ରୀକ୍ କଳାର ମିଶ୍ରଣକୁ ଲକ୍ଷ୍ୟକର ।


ଗାନ୍ଧାର ଶିଳ୍ପକଳା ଯାହାର ଅଭ୍ୟୁଦୟ ପଶ୍ଚିମ ପଞ୍ଜାବରେ ହୋଇଥିଲା, ତାହା ଗ୍ରୀକ୍-ରୋମାନ୍ ଉପାଦାନଗୁଡ଼ିକୁ ଭାରତୀୟ ଶିଳ୍ପ ବୈଶିଷ୍ଟ୍ୟ ସହ ଯୋଡ଼ିଲା । ଏହି ଶୈଳୀର ଅଧିକାଂଶ ମୂର୍ତ୍ତି ଏବଂ କଳାକୃତି ଧୂସର-କଳା ଚିଷ୍ଟ ପଥରରେ ନିଖୁଣ ଭାବେ ଖୋଦିତ କରାଗଲା । ବିଶେଷତଃ ମୂର୍ତ୍ତିକାରମାନେ ବାସ୍ତବବାଦୀ ଶରୀର ଗଠନ ଓ ସ୍ୱତନ୍ତ୍ର ଉତ୍ସବ ସମ୍ପର୍କିତ ଲମ୍ବା ପୋଷାକ ସହିତ ନିଖୁଣ ବୁଦ୍ଧ ପ୍ରତିମୂର୍ତ୍ତି ପ୍ରସ୍ତୁତ କରିଥିଲେ ।

## ଏହା ବିଷୟରେ ଚିନ୍ତା କର

ତୁମେ ଜାଣିଛ କି ଗାନ୍ଧାର କେଉଁଠି ଅଛି ? ଏହା ମହାଭାରତର ଏକ ଚରିତ୍ରକୁ ତୁମର ସ୍ମରଣ କରାଏ କି ?




(ଚିତ୍ର ୬.୨୫ ପ୍ରାଚୀନ ଭାରତର କେତେକ ବାଣିଜ୍ୟପଥ। ସବୁଜ ରଙ୍ଗରେ ଚିହ୍ନିତ ପଥ ସିଲ୍କପଥ ଯାହା ମଧ୍ୟ ଏସିଆ ଓ ପାରସ୍ୟ ଦେଇ ଚୀନ ସହ ଭୂମଧ୍ୟସାଗରୀୟ ଅଞ୍ଚଳକୁ ସଂଯୋଗ କରେ)


LEGEND
Main Route of Silk Road
Other Caravan Routes
Important Centres
80°E
90°E
100°E
110°E
120°E
60°N
50°N
40°N
30°N
20°N
10°N
0°
ତକ୍ଷଶିଳା
ମଥୁରା
ପାଟଳିପୁତ୍ର
ତାମ୍ରଲିପ୍ତ
ଭାରତ
ଚୀନ
ଲୁଅଙ୍ଗ
Yellow Sea
East China Sea
South China Sea
Bay of Bengal
Andaman Sea
Gulf of Thailand
Celebes Sea
Indian Ocean

## ମଥୁରା ଶିଳ୍ପକଳା :

ଏହି ଶିଳ୍ପକଳା ଆଧୁନିକ ଉତ୍ତର ପ୍ରଦେଶର ମଥୁରା ଅଞ୍ଚଳରେ ଗଢ଼ି ଉଠିଥିଲା ଏବଂ ଏହା ନିଜର ସ୍ୱତନ୍ତ୍ର ଭାରତୀୟ ଶୈଳୀ ପାଇଁ ପ୍ରସିଦ୍ଧ ଥିଲା । ଗାନ୍ଧାର ଶୈଳୀ ଭଳି ପ୍ରଥମେ ଏହି ଶୈଳୀରେ ମଧ୍ୟ (ନାଲିଆ/ ଲାଲ) ବାଲି ପଥର ବ୍ୟବହାର ହେଉଥିଲା ଏବଂ ଗ୍ରୀକୋ-ରୋମାନ ଶୈଳୀର ପ୍ରଭାବ କମ୍ ପ୍ରତିଫଳିତ ହୋଇଥିଲା । ଏହି ଚିତ୍ରକଳା ଭାରତୀୟ ଦେବାଦେବୀ ଯଥା– କୁବେର, ଲକ୍ଷ୍ମୀ, ଶିବ, ବୁଦ୍ଧ, ଯକ୍ଷ ଏବଂ ଯକ୍ଷିଣୀ ଚିତ୍ରକଳା ପ୍ରଦର୍ଶନ ପାଇଁ ପ୍ରସିଦ୍ଧ ଥିଲା ଏବଂ ସୁନ୍ଦର ଭଙ୍ଗୀ ସହ ପୂର୍ଣ୍ଣ ଅବୟବ ମୂର୍ତ୍ତି ପ୍ରସ୍ତୁତ ହେଉଥିଲା ।



ଚିତ୍ର ୬.୨୬, ମଥୁରା ଚିତ୍ରକଳା ଶୈଳୀର କୁବେର (ଧନର ଦେବତା) ମୂର୍ତ୍ତି । ତୁମେ ସ୍ପଷ୍ଟଭବେ ଖୋଦିତ ନିଶକୁ ଦେଖି ପାରୁ ନାହଁ କି ? ନିଶ ଭାରତୀୟ ଭାସ୍କର୍ଯ୍ୟ କଳାର ଏକ ଗୁରତ୍ୱପୂର୍ଣ୍ଣ ଅଂଶ ।

## ଆସ ଅନୁସନ୍ଧାନ କରିବା :



ତୁମେ ବର୍ତ୍ତମାନ ମଥୁରା ଓ ଗାନ୍ଧାର ଶିଳ୍ପକଳାର ମୌଳିକ ବୈଶିଷ୍ଟ୍ୟ ସହ ପରିଚିତ ହେଲ । (ଚିତ୍ର ୬.୨୭କୁ ଅନୁଧ୍ୟାନ କର ଓ ଏହା କେଉଁ ଶିଳ୍ପକଳା ଶୈଳୀର ଅନ୍ତର୍ଭୁକ୍ତ ଦର୍ଶାଅ ।) ତୁମର ଦର୍ଶନୀୟ ଚିନ୍ତାଧାରାକୁ ଯଥାର୍ଥତା ସହ ପ୍ରତିପାଦନ କର ଏବଂ ସହପାଠୀମାନଙ୍କ ସହ ଆଲୋଚନା କର ।

ରାଜନୈତିକ କ୍ଷମତା ସଂଘର୍ଷ ସତ୍ତ୍ୱେ ଏହି ସମୟରେ ଉଲ୍ଲେଖନୀୟ ସାଂସ୍କୃତିକ ଭାବବିନିମୟ ଓ ମିଶ୍ରଣ ପରିଲକ୍ଷିତ ହୋଇଥିଲା । ପ୍ରଦତ୍ତ ଐତିହ୍ୟ କଳା ସ୍ଥାପତ୍ୟରେ ଶୈଳୀର ଆଦାନ ପ୍ରଦାନ ସତ୍ତ୍ୱେ ଭାରତୀୟ କଳାବୈଶିଷ୍ଟ୍ୟର ପ୍ରାଧାନ୍ୟ ରହିଥିଲା, ବିଶେଷତଃ ହିନ୍ଦୁ ଓ ବୌଦ୍ଧ କଳାରେ । ଏହା ମଧ୍ୟ ସେହି ସମୟ ଯେଉଁ ସମୟରେ ସଂସ୍କୃତ ଭାଷାର ବହୁଳ ପ୍ରସାର ବା ସମୃଦ୍ଧି ପରିଲକ୍ଷିତ ହୋଇଥିଲା । ରାମାୟଣ ଏବଂ ମହାଭାରତ ଭଳି ସଂସ୍କୃତ ଗ୍ରନ୍ଥର ସୃଷ୍ଟି ଏହାର ଉଦାହରଣ । (ଷଷ୍ଠ ଶ୍ରେଣୀର "ବିଭିନ୍ନତା ମଧ୍ୟରେ ଏକତା" ବା "ଅନେକତା ମଧ୍ୟରେ ଏକତା", ଅଧ୍ୟାୟର ସାହାଯ୍ୟ ନିଅ) ।

ଏହି ସଂଯୋଗ ସହ ଆମକୁ ଉତ୍ସାହିତ କରୁଥିବା ଅତୀତର ଐତିହାସିକ ଦୃଶ୍ୟପଟ ସହିତ ପରିଚିତ ହେବା । ଏହା କୌଣସି ଗୋଟିଏ ରାଜ୍ୟ କିମ୍ବା ଶାସକଙ୍କ ମଧ୍ୟରେ ସୀମିତ ନରହି ଏକ ବିଶେଷ ପ୍ରକ୍ରିୟା ଦ୍ୱାରା ପାରସ୍ପରିକ ଭାବବିନିମୟ ଓ ମିଶ୍ରଣ ମଧ୍ୟରେ କାମ କରିଥାଏ ।

୧



୨



୩



୪




୫



୬



ଚିତ୍ର ୬.୨୭.୧ ବୁଦ୍ଧଙ୍କ ମୃତ୍ୟୁକାଳୀନ ଏକ ଦୃଶ୍ୟ ଚିତ୍ର ୬.୨୭.୨ ବୋଧିସତ୍ତ୍ୱ ମୈତ୍ରେୟ ଚିତ୍ର ୬.୨୭.୩ କୁଶାଣ ଭକ୍ତଙ୍କ ଦ୍ୱାରା ଶିବଲିଙ୍ଗ ଉପାସନା ଚିତ୍ର ୬.୨୭.୪ ଦୁଇ ନାଗୁଣୀ ମଧ୍ୟରେ ଗୋଟିଏ ନାଗ, କନିଷ୍କ ଶାସନର ଅଷ୍ଟମ ବର୍ଷର ଏକ ଅଭିଲେଖ ସହିତ ଚିତ୍ର ୬.୨୭.୫ କାର୍ତ୍ତିକେୟ (ଯୁଦ୍ଧ ଦେବତା) ଏବଂ ଅଗ୍ନିଦେବ ଚିତ୍ର ୬.୨୭.୬ ଦଣ୍ଡାୟମାନ ବୁଦ୍ଧ




ଚିତ୍ର ୬.୨୮



## ଆମେ କ'ଣ ଶିଖିଲେ...

→ ମୌର୍ଯ୍ୟ ସାମ୍ରାଜ୍ୟର ବିଭାଜନ ପରେ ଭାରତୀୟ ଉପମହାଦେଶରେ ଅନେକ ଛୋଟ ବଡ଼ ରାଜ୍ୟର ଅଭ୍ୟୁଦୟ ହୋଇଥିଲା ।

→ ଆଭ୍ୟନ୍ତରିଣ କଳହ ବା କନ୍ଦଳ ସହିତ ବିଦେଶୀ ଆକ୍ରମଣ ମିଳିତ ଭାବେ ରାଜନୈତିକ କ୍ଷମତା ପୁର୍ନଗଠନ ଯୁଗର ଅୟମାରମ୍ଭ କଲା ।

→ ଉକ୍ତ ସମୟରେ ବିଭିନ୍ନ ସଂସ୍କୃତି ମଧ୍ୟରେ ଭାବବିନିମୟ ଦେଖିବାକୁ ମିଳିଥିଲା, ଯାହା ପାରସ୍ପରିକ ପ୍ରଭାବକୁ ଗ୍ରହଣ କରି ଏକ ନୂଆ କଳା, ସ୍ଥାପତ୍ୟ, ମୁଦ୍ରା ଇତ୍ୟାଦିର ଶୈଳୀ ସୃଷ୍ଟି କରିବା ସହ ଶେଷରେ ଭାରତୀୟ ବୈଶିଷ୍ଟ୍ୟ ଓ ସମୃଦ୍ଧ ସଂସ୍କୃତ ଭାଷାର ପ୍ରାଧାନ୍ୟ ପ୍ରତିଷ୍ଠା କଲା ।

→ ଏହି ସମୟରେ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ବିକାଶ ଘଟିଥିଲା ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ମୌର୍ଯ୍ୟ ପରବର୍ତ୍ତୀ ଯୁଗକୁ 'ପୁର୍ନଗଠନର ଯୁଗ' ବୋଲି କାହିଁକି କୁହାଯାଏ ?

୨. ୧୫୦ ଶବ୍ଦରେ ସଙ୍ଗମ ସାହିତ୍ୟ ଉପରେ ଏକ ଟିପ୍ପଣୀ ଲେଖ ।

୩. ଏହି ଅଧ୍ୟାୟରେ ବର୍ଣ୍ଣିତ କେଉଁ ରାଜବଂଶ ସେମାନଙ୍କ ନାମ ସହ ନିଜ ମା'ଙ୍କ ନାମ ସଂଯୋଗ କରୁଥିଲେ, ସେମାନେ କାହିଁକି ଏପରି କରୁଥିଲେ ?

୪. ତୁମକୁ ଆକର୍ଷିତ କରିଥିବା ଯେକୌଣସି ଗୋଟିଏ ରାଜ୍ୟ ଉପରେ ୨୫୦ ଶବ୍ଦରେ ଏକ ଟିପ୍ପଣୀ ଲେଖ । କାହିଁକି ତୁମକୁ ଏହା ପସନ୍ଦ ତାହାର ଯଥାର୍ଥତା ପ୍ରତିପାଦନ କର । ତୁମର ଟିପ୍ପଣୀ ଶ୍ରେଣୀରେ ଉପସ୍ଥାପନ କରିବା ପରେ ତୁମ ଅନ୍ୟ ସହପାଠୀମାନେ କେଉଁ ରାଜ୍ୟକୁ ଅଧିକ ପସନ୍ଦ କରିଛନ୍ତି ଅନୁଧ୍ୟାନ କର ।

୫. ମନେକର ତୁମର ଏକ ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି କରିବାର ସୁଯୋଗ ଅଛି । ତୁମେ ଏଥିପାଇଁ କେଉଁ ରାଜକୀୟ ପ୍ରତୀକ ବାଛିବ ଏବଂ କାହିଁକି ? ଶାସକ ଭାବରେ ତୁମେ କେଉଁ ଉପାଧିରେ ଭୂଷିତ ହେବାକୁ ଚାହିଁବ ? ତୁମ ରାଜ୍ୟ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ, ଯେଉଁଥିରେ ତୁମ ରାଜ୍ୟର ମୂଲ୍ୟବୋଧ, ନୀତି, ନିୟମ (ବିଧି ବ୍ୟବସ୍ଥା) ଏବଂ କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟର ସୂଚନା ଥିବ ।

୬. ତୁମେ ପରବର୍ତ୍ତୀ ମୌର୍ଯ୍ୟ ଯୁଗର ସ୍ଥାପତ୍ୟ କଳାର ବିକାଶ ସମ୍ପର୍କରେ ପଢ଼ିଛ । ଭାରତୀୟ ଉପମହାଦେଶର ଏକ ରୂପରେଖ ପ୍ରସ୍ତୁତ କର ଏବଂ ଏହି ପାଠରେ ପଢ଼ିଥିବା କିଛି ପ୍ରାଚୀନ ସଂରଚନାର ଆନୁମାନିକ ଅବସ୍ଥା ଚିହ୍ନାଅ ।

# ଆମ ଲେଖା ଆମ ଚିତ୍ର




ଅଧ୍ୟାୟ ୭

# ଗୁପ୍ତଯୁଗ : ନିରନ୍ତର ସୃଜନଶୀଳତାର ଏକ ନିଦର୍ଶନ

"କେବଳ ଶକ୍ତି କିମ୍ବା କୂଟନୀତି ମନ୍ଦକୁ ଦୂର କରିପାରିବ ନାହିଁ ଯେପରି ଚାଟୁକାରିତା ଦ୍ୱାରା ସଚ୍ଚୋଟତାକୁ ବଜାୟ ରଖାଯାଇପାରିବ ନାହିଁ। ଏହା ହେଉଛି ପ୍ରଜ୍ଞା ଏବଂ ଜ୍ଞାନ, ଯାହା ପ୍ରକୃତରେ ଏକ ରାଜ୍ୟକୁ ଶକ୍ତିଶାଳୀ କରିଥାଏ-ବିଳାସପୂର୍ଣ୍ଣ ଜୀବନ ଶୈଳୀ ନୁହେଁ।"

କାଳିଦାସଙ୍କ ରଘୁବଂଶ



ଚିତ୍ର : ୭.୧ ଅଜନ୍ତା ଗୁମ୍ଫାର ଭୂଦୃଶ୍ୟ। ଯାହା ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ୪୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମିତ ହୋଇଥିଲା।

## ଆସ ଚିନ୍ତା କରିବା ?


୧. କେଉଁମାନେ ଗୁପ୍ତ ଥିଲେ ? ଭାରତ ଇତିହାସରେ ଗୁପ୍ତଯୁଗକୁ ସେତେବେଳେ "ସାଂସ୍କୃତିକ ସମ୍ପର୍ଣ୍ଣ ଯୁଗ" ବୋଲି କୁହାଯାଉଥିଲା କାହିଁକି ?

୨. ଏହି ସମୟରେ ଉପମହାଦେଶର ଅବଶିଷ୍ଟ ଅଞ୍ଚଳରେ କଣସବୁ ଘଟୁଥିଲା ?

୩. ଏହି ସମୟରେ ମହାନ ବ୍ୟକ୍ତିମାନେ କିଏ ଥିଲେ ଏବଂ ବର୍ତ୍ତମାନ ସମୟରେ ଆମେ ସେମାନଙ୍କ ବିଷୟରେ କାହିଁକି ଜାଣିବା ?



ଧ୍ରୁବ ଓ ଧରିତ୍ରୀ ପାଣ୍ଡ୍ୟରାଜ୍ୟକୁ ଯାତ୍ରା କରି ଫେରୁଥିଲେ । ସେମାନେ ସେଠାରେ ଏକ ଚମତ୍କାର ବଜାର ଦେଖିଲେ । ଏକ ଜାହାଜରେ କିଛି ବାଟ ଯାତ୍ରା କଲେ ଏବଂ ମୋତି କିଣୁଥିବା କିଛି ରୋମୀୟ ବ୍ୟବସାୟୀଙ୍କୁ ଭେଟିଥିଲେ । ବର୍ତ୍ତମାନ ସେମାନେ ପୁଣିଥରେ ଇତିହାସ (ସମୟଯନ୍ତ୍ର) ବ୍ୟବହାର କରି କିଛି ଶତାବ୍ଦୀକୁ ଜାଣିବା ପାଇଁ ଇଚ୍ଛୁକ ଥିଲେ । ଏହା କିପରି ହୋଇଥିବ ? ସେମାନେ ଆଶ୍ଚର୍ଯ୍ୟ ହେଲେ । ସହରଗୁଡ଼ିକ କ'ଣ ସମାନ ହୋଇଥିବ କି ? ଲୋକ ଓ ସମାଜ ବିଷୟରେ କ'ଣ ହେବ ? ସେମାନେ ବଦଳିଥାନ୍ତେ କି ? ସେମାନଙ୍କର କି ପ୍ରକାର ଶାସନ ଥିବ ? ସେଠାରେ ନୂତନ ସାହିତ୍ୟ ଓ କଳା ଥିବ କି ? ସେମାନେ ଏସବୁ ଜାଣିବାକୁ ଅପେକ୍ଷା କରିପାରିଲେ ନାହିଁ ଏବଂ ଖୁବ୍ ଶୀଘ୍ର ଚାଲିଗଲେ ।




ଚିତ୍ର ୭.୨ (ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଥିବା ରାଜ୍ୟ ଏବଂ ତା'ର ସାମ୍ରାଜ୍ୟ)

ଧରିତ୍ରୀ : ମୋ ମୁଣ୍ଡ ଘୂରିଯାଉଛି । ଏତେଗୁଡ଼ିଏ ରାଜ୍ୟ ଏବଂ ସାମ୍ରାଜ୍ୟ ରହିଛି, ମୁଁ କିପରି ଏସବୁ ମନେ ରଖିପାରିବି ?

ଧ୍ରୁବ : ଚିନ୍ତା କରନାହିଁ ଧରିତ୍ରୀ, ଆସ, ଆମେ ଜାଣିବା କ'ଣ ସବୁ ଘଟୁଛି ଏବଂ ଏହାକୁ ମନେରଖିବା ।

ଧରିତ୍ରୀ : ଏ ସମୟରେଏପରି କିଛି ଘଟିଛି କି ଯାହା ଆମେ ପଛକୁ ଫେରି ଦେଖିପାରିବା ?

ଧ୍ରୁବ : ଆସ, ଆମର 'ସମୟ ଯନ୍ତ୍ର' ବ୍ୟବହାର କରି ଏହାର ଅତୀତ ଜାଣିବା ।

ଧରିତ୍ରୀ ଇତିହାସ ଯନ୍ତ୍ରକୁ କ୍ରିୟାଶୀଳ କଲା ଏବଂ ସେମାନେ ମେହେରୋଉଲି (ଦିଲ୍ଲୀସ୍ଥିତ) ପ୍ରଖ୍ୟାତ ଲୌହସ୍ତମ୍ଭ ପାଖରେ ପହଞ୍ଚି ଗଲେ ।

ସେମାନେ ନିକଟରେ ବୁଝାଉଥିବା ଜଣେ ଭ୍ରମଣ ଗାଇଡ୍ (Tour guide) ଙ୍କ ଠାରୁ ଏହି ଲୌହସ୍ତମ୍ଭର ଗୁରୁତ୍ୱ ସମ୍ପର୍କରେ ଶୁଣିବାକୁ ଲାଗିଲେ ।





ଚିତ୍ର ୭.୩ ଦିଲ୍ଲୀର ମେହେରୋଲିଠାରେ ଥିବା ଲୌହସ୍ତମ୍ଭ

ଭ୍ରମଣ ଗାଇଡ୍ : ଦିଲ୍ଲୀର ଏହି ଲୌହସ୍ତମ୍ଭ ଆଜକୁ ୧୬୦୦ ବର୍ଷରୁ ଅଧିକ ପୁରାତନ ଏବଂ କଳଙ୍କହୀନ ଭାବେ ଛିଡ଼ା ହୋଇଛି । ପ୍ରାଚୀନ ଭାରତର ଉନ୍ନତମାନର ଧାତବ ଏବଂ ନିପୁଣ କାରିଗରୀକଳାର ଏହା ଏକ ଜ୍ୱଳନ୍ତ ପ୍ରମାଣ ।

ଧରିତ୍ରୀ : ଏହା ୧୬୦୦ ବର୍ଷର ପୁରୁଣା ଏବଂ କଳଙ୍କହୀନ ! ଆସ, ଏହାକୁ ଦେଖିବା ।

ଧରିତ୍ରୀ : ଦେଖ, ଏହା କ'ଣ ସେହି ଲୌହସ୍ତମ୍ଭ ?

ଧ୍ରୁବ : ଦେଖ, ଏହା ଉପରେ କିଛି ଲେଖା ହୋଇଛି, ଯାହାକୁ ମୁଁ ପଢ଼ିପାରୁ ନାହିଁ ।

ଧରିତ୍ରୀ : ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ଏହାକୁ କିଏ ଓ କାହିଁକି ତିଆରି କରିଛନ୍ତି ? ଆସ, ଏଥର ଶୁଣିବା ଗାଇଡ୍ ଅଙ୍କଲ ଜଣକ ଏ ବିଷୟରେ କ'ଣ କହୁଛନ୍ତି ।

ଭ୍ରମଣ ଗାଇଡ଼ (Tour guide) : ଦ୍ୱିତିୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ ଛଅଶହ ଟନରେ ଏହି ଲୌହସ୍ତମ୍ଭ ନିର୍ମାଣ କରାଯାଇଥିଲା । ସେ ଥିଲେ ଗୁପ୍ତ ରାଜବଂଶର ତୃତୀୟ ଶାସକ । ସମ୍ଭବତଃ ଏହି ସ୍ତମ୍ଭ ପ୍ରଥମେ ମଧ୍ୟପ୍ରଦେଶର ଉଦୟଗିରି ଗୁମ୍ଫା ସମ୍ମୁଖରେ ନିର୍ମାଣ କରାଯାଇଥିଲା ଏବଂ କିଛି ଶତାବ୍ଦୀ ପରେ ଏହାକୁ ଦିଲ୍ଲୀକୁ ଅଣାଯାଇଥିଲା । ଏହି ସ୍ତମ୍ଭଟି ଭଗବାନ ବିଷ୍ଣୁଙ୍କୁ ଉତ୍ସର୍ଗ କରାଯାଇଥିଲା ଏବଂ ଏଥିରେ ଥିବା ଲିପିଗୁଡ଼ିକ ରାଜାଙ୍କ ସଫଳତାକୁ ଦର୍ଶାଉଥିଲା ।

ଉଭୟେ : ବାଃ କି ଚମତ୍କାର ! ଆମେ ଏହି ରାଜା ଏବଂ ତାଙ୍କ ସାମ୍ରାଜ୍ୟ ବିଷୟରେ ଅଧିକ ଜାଣିବା ଦରକାର । "ଆମ, ଗୁପ୍ତ ସାମ୍ରାଜ୍ୟ ଇତିହାସରେ ଏହି ରୋମାଞ୍ଚକର ଯାତ୍ରା ଆରମ୍ଭ କରିବା ।"



### ମନେରଖ

ଗୋଟିଏ ସାଇକେଲକୁ ଏକ ବର୍ଷ ପାଇଁ ଖରାବର୍ଷାରେ ରଖିଦିଅ । ଏଥିରେ ଶୀଘ୍ର କଳଙ୍କିର ଚିହ୍ନ ଦେଖାଯିବ । କିନ୍ତୁ ଶତାବ୍ଦୀ ଶତାବ୍ଦୀ ଧରି ଖୋଲା ଆକାଶରେ ଠିଆ ହୋଇଥିବା ଏହି ପ୍ରାଚୀନ ସ୍ତମ୍ଭଟି ଅପରିବର୍ତ୍ତିତ ରହିଛି । ବୈଜ୍ଞାନିକ ତଥା ଐତିହାସିକମାନେ ଏହାର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ ବିଶ୍ୱାସ କରୁଛନ୍ତି ଯେ, ଏହି ସ୍ତମ୍ଭ ଉପରେ ବ୍ୟବହୃତ ହୋଇଥିବା ଏକ ସ୍ୱତନ୍ତ୍ର ପତଳା ସ୍ତର ବାୟୁରୁ ଅମ୍ଳଜାନ ଗ୍ରହଣ କରି ଏହାକୁ କଳଙ୍କିର ଅବକ୍ଷୟରୁ ରକ୍ଷା କରୁଛି ।

## ଏକ ନୂତନ ଶକ୍ତିର ଅଭ୍ୟୁଦୟ

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ଭାରତୀୟ ଉପମହାଦେଶର ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରେ ବ୍ୟାପିଥିବା କୁଶାଣ ସାମ୍ରାଜ୍ୟ ଦୁର୍ବଳ ହେବାକୁ ଲାଗିଲା ଏବଂ ନୂତନ ରାଜ୍ୟଗୁଡ଼ିକର ଉଦ୍ଭବ ହେଲା । ଏହା ଏକତ୍ରୀକରଣ ପାଇଁ ନୂତନ ସମୟ ସହ ମଞ୍ଚ ପ୍ରସ୍ତୁତ କଲା ଏବଂ ଏହି ମଞ୍ଚରେ ନୂତନ ଅଭିନେତା ଭାବରେ ଗୁପ୍ତ ରାଜବଂଶ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ଗୁପ୍ତସାମ୍ରାଜ୍ୟର ଉତ୍ପତ୍ତି ବିଷୟରେ ବିଭିନ୍ନ ତଥ୍ୟ ରହିଛି । ଅବଶ୍ୟ ବର୍ତ୍ତମାନର ଉତ୍ତରପ୍ରଦେଶ ନିକଟରେ ଥିବା ଏହି ଅଞ୍ଚଳରେ ସେମାନେ ଏକ ଆଞ୍ଚଳିକ ଶାସକ ଭାବେ ଉଭା ହୋଇଥିଲେ ବୋଲି ଜନସାଧାରଣରେ ବିଶ୍ୱାସ କରାଯାଏ । ସମୟ ସହିତ ତାଳ ଦେଇ କ୍ରମେ ସେମାନେ ପ୍ରତିଷ୍ଠିତ ହୋଇ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଭାରତ ଇତିହାସରେ ଗୁପ୍ତ ସମୟକୁ ଉଲ୍ଲେଖନୀୟ ଭାବେ ବର୍ଣ୍ଣନା କରଯାଇଛି । ଏହା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ପାଇଁ ପରିଚିତ ହୋଇଥିଲା । କଳା, ସ୍ଥାପତ୍ୟ, ସାହିତ୍ୟ ଏବଂ ବିଜ୍ଞାନ କ୍ଷେତ୍ରରେ ଗୁପ୍ତ ସାମ୍ରାଜ୍ୟ ବିଶେଷକରି ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ସମୟରେ ବିଶେଷ ବୃଦ୍ଧି ପାଇଥିଲା, ଯାହାର ବିଶେଷତା ଆଜି ମଧ୍ୟ ବଜାୟ ରହିଛି ।

ଦିଲ୍ଲୀର ଲୌହସ୍ତମ୍ଭରେ ଲେଖାଯାଇଥିବା "ଚନ୍ଦ୍ର" ନାମକ ଜଣେ ରାଜାଙ୍କ ବିଷୟରେ କୁହାଯାଇଛି ଯିଏ କି ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କୁ ସୂଚିତ କରିଥାଏ। (ଯାହାଙ୍କୁ ମୌର୍ଯ୍ୟବଂଶର ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସହ ଯୋଡ଼ି ଦ୍ୱନ୍ଦ୍ୱରେ ରହିବା ଉଚିତ ନୁହେଁ।) ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବା ବିକ୍ରମାଦିତ୍ୟ ଗୁପ୍ତ ରାଜବଂଶର ଜଣେ ପ୍ରସିଦ୍ଧ ଶାସକ ଥିଲେ। ସେ ବିଷ୍ଣୁଙ୍କର ଜଣେ ଭକ୍ତ ଥିଲେ ଏବଂ ତାଙ୍କ ବାହନ ଗରୁଡ଼ଙ୍କ ସମ୍ପର୍କରେ ଅନେକ ସ୍ଥାନରେ ଓ ଅନେକ ଅଭିଲେଖରେ ବର୍ଣ୍ଣନା କରଯାଇଛି।

## ମନେରଖ


ତୁମେ ଦିଲ୍ଲୀରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ନାମରେ ଥିବା 'ଦ୍ୱିତୀୟ' ସମ୍ପର୍କରେ କିଛି ଜାଣିଛ କି? ଐତିହାସିକମାନେ ତାଙ୍କ ନାମରେ ଦ୍ୱିତୀୟ ଯୋଡ଼ି ଥିଲେ, କାରଣ ତାଙ୍କ ପୂର୍ବରୁ ଆଉ ଜଣେ ଚନ୍ଦ୍ରଗୁପ୍ତ ଥିଲେ। ତାଙ୍କ ଜେଜେ ବାପା ପ୍ରଥମ ଚନ୍ଦ୍ରଗୁପ୍ତ (ପ୍ରଥମ ପୁତ୍ରର ନାମକରଣ କରିବାର ପରମ୍ପରା ଆଜି ମଧ୍ୟ କିଛି ରାଜକୀୟ ପରିବାର ଅନୁକରଣ କରିଥାଏ) ସେ ଗୁପ୍ତ ସାମ୍ରାଜ୍ୟକୁ ବିସ୍ତାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଦ୍ରା ଏବଂ ରଣନୀତି ପାଇଁ ତାଙ୍କୁ ସ୍ମରଣ କରାଯାଏ। ଯାହା ତାଙ୍କୁ ତାଙ୍କର ଶକ୍ତି ବୃଦ୍ଧିକରି ଏବଂ ଏକ ଶକ୍ତିଶାଳୀ ସାମ୍ରାଜ୍ୟର ମୂଳଦୁଆ ପକାଇବାରେ ସାହାଯ୍ୟ କରିଥିଲା।



ଚିତ୍ର ୭.୪ : ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ସହ ତାଙ୍କ ରାଣୀ କୁମାର ଦେବୀଙ୍କ ସହ ଏକ ସ୍ୱର୍ଣ୍ଣ ମୁଦ୍ରାରେ ଏବଂ ଅପର ପାର୍ଶ୍ୱରେ ଦେବୀ ଲକ୍ଷ୍ମୀ ବସିଥିବାର ଚିତ୍ର ରହିଛି।

## ଦିଗ୍ବିଜୟୀ ରାଜା :

ପ୍ରୟାଗରାଜଠାରେ ଥିବା ପ୍ରୟାଗ ପ୍ରଶସ୍ତିରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପିତା ସମୁଦ୍ରଗୁପ୍ତଙ୍କ ସଫଳତାକୁ ପ୍ରଶଂସା କରାଯାଇଛି। ଉକ୍ତ ପ୍ରଶସ୍ତିର ଲେଖକ ରାଜକବି ହରିସେନଙ୍କ ଅନୁସାରେ ରାଜାଙ୍କ ଅଭିଳାଷ ଥିଲା ଯେ "ଧରଣୀବନ୍ଧ" ବା ପୃଥିବୀକୁ ଏକଭୂତ କରିବା। ଏଥିପାଇଁ ସେ ଯୁଦ୍ଧ କରି ଅନେକ ରାଜାଙ୍କୁ ପରାସ୍ତ କରିଥିଲେ।



ଚିତ୍ର ୭.୫ : ହରିସେନଙ୍କ ଦ୍ୱାରା ଲିଖିତ ପ୍ରୟାଗ ପ୍ରଶସ୍ତି

ଅନେକ ରାଜା ତାଙ୍କୁ ତାଙ୍କ ରାଜ୍ୟ ପ୍ରଦାନ କଲେ ଏବଂ ତାଙ୍କ ବଶ୍ୟତା ସ୍ୱୀକାର କଲେ। ଅନେକ ପରାଜିତ ରାଜା ନିଜର ରାଜ୍ୟ ଫେରିପାଇ ପୁନଃ ସ୍ଥାପିତ ହେଲେ ଏବଂ ସମୁଦ୍ରଗୁପ୍ତଙ୍କୁ କରଦେବା ସହ ନିଜର ସହାୟତା ପ୍ରଦାନ କରିଥିଲେ। ଅନ୍ୟ ରାଜାମାନେ ତାଙ୍କର ଶକ୍ତିକୁ ଭୟ କରି ବିନା ବିରୋଧରେ ତାଙ୍କ ପାଖରେ ନିଜକୁ ସମର୍ପଣ କରିଥିଲେ।

ରାଜକବି ହରିସେନ ଆହୁରି ମଧ୍ୟ ଲେଖିଛନ୍ତି– ରାଜା କିପରି କଳା, ଶିକ୍ଷା ଓ ବାଣିଜ୍ୟକୁ ପରିଚାଳନା କରି ତାଙ୍କ ରାଜ୍ୟକୁ ଧନଶାଳୀ ଓ ସଫଳତା ଆଡ଼କୁ ଅଗ୍ରସର କରାଇଥିଲେ। ସମୁଦ୍ରଗୁପ୍ତ ନିଜେ ବୀଣା ବାଜାଉଥିବାର ଏକ ଛବି ତାଙ୍କର ଏକ ମୁଦ୍ରାରେ ଚିତ୍ରିତ ହୋଇଛି। (ଚିତ୍ର ୭.୫)

## ଏହା ବିଷୟରେ ଚିନ୍ତା କର

ତୁମେ ଭାବୁଥିବ –ରାଜାମାନେ କାହିଁକି ସେମାନଙ୍କର ସଫଳତାକୁ ଅଭିଲେଖ ଆକାରରେ ଘୋଷଣା କରିବାକୁ ବାଛିଥିଲେ।



ଚିତ୍ର ୭.୬ : ସମୁଦ୍ରଗୁପ୍ତଙ୍କ ବୀଣା ବଜାଉଥିବାର ଦୃଶ୍ୟ, ଅନ୍ୟ ପାର୍ଶ୍ୱରେ ଦେବୀ ଲକ୍ଷ୍ମୀଙ୍କ ଚିତ୍ର ରହିଛି।

## ଆସ ମନେରଖିବା

ବେଳେବେଳେ ଉଚ୍ଚାଭିଳାଷୀ ରାଜାମାନେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଗଠନ ସହିତ ଭବିଷ୍ୟତ ପାଇଁ ଏକ ରାଜକୀୟ ପରମ୍ପରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଶ୍ୱମେଧ ଯଜ୍ଞର ଆୟୋଜନ କରୁଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ ଘଟଣାର ଚିତ୍ର ୭.୭ରେ ଏକ ସ୍ୱତନ୍ତ୍ର ମୁଦ୍ରାରେ ଖୋଦିତ ହୋଇଅଛି।



ଚିତ୍ର ୭.୭ଏହି ଚିତ୍ରରେ ଅଶ୍ୱମେଧ ଯଜ୍ଞରେ ବଳିଦାନ ଦେବାକୁ ଥିବା ଘୋଡ଼ାକୁ ଚିତ୍ରଣ କରାଯାଇଛି । ଅପର ପାର୍ଶ୍ୱରେ ରାଣୀ ଚାମରୀ (Fly whisk) ଧରିଥିବାର ଚିତ୍ର ରହିଛି ।

କେତେକ ସାହିତ୍ୟିକ ଉପାଦାନ ଆମକୁ ଶାସକ, ରାଜ୍ୟ ଏବଂ ଲୋକଙ୍କ ବିଭିନ୍ନ ତଥ୍ୟ ବିଷୟରେ ସୂଚନା ଦେଇଥାନ୍ତି । ଉଦାହରଣ ସ୍ୱରୂପ – ବିଷ୍ଣୁ ପୁରାଣ ସାମ୍ରାଜ୍ୟର ପ୍ରମୁଖ ଅଞ୍ଚଳଗୁଡ଼ିକୁ ଚିହ୍ନିତ କରିଥାଏ । ଗୁପ୍ତ ରାଜବଂଶ ଅନୁଗଙ୍ଗା (ମଧ୍ୟ ଗାଙ୍ଗେୟ ସମତଳ ଅଞ୍ଚଳ), ପ୍ରୟାଗ (ବର୍ତ୍ତମାନର ପ୍ରୟାଗରାଜ), ସକେତ (ଅଯୋଧ୍ୟା), ମଗଧ (ବିହାର) ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । କିନ୍ତୁ ଶୀର୍ଷ ସୋପାନରେ ଗୁପ୍ତ ସାମ୍ରାଜ୍ୟ ବର୍ତ୍ତମାନର ଉତ୍ତର ଓ ପଶ୍ଚିମ ଭାରତର ମଧ୍ୟଭାଗ ଏବଂ ପୂର୍ବ ଭାରତର କିଛି ଅଂଶ ବ୍ୟତୀତ ଏକ ବୃହତ୍ ଅଞ୍ଚଳ ଅକ୍ତିଆର କରିଥିଲା ।

## ଆସ ଅନୁସନ୍ଧାନ କରିବା



ଷଷ୍ଠ ଶ୍ରେଣୀରେ "ସମୟ ରେଖା ଏବଂ ଇତିହାସର ଉପାଦାନରେ ଆମେ ଏକାଧିକ ଉପାଦାନ ତାଲିକାଭୁକ୍ତ କରିଥିଲେ, ଯାହା ଆମର ଅତୀତକୁ ଜାଣିବାରେ ସାହାଯ୍ୟ କରିଥାଏ । ଆମେ ଏହି ଅଧ୍ୟାୟରେ ଉଲ୍ଲେଖ କରିଥିବା ଉପାଦାନଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବା । ଆମେ ପ୍ରତ୍ୟେକ ଉପାଦାନରୁ କ'ଣ ଶିଖିଲେ ?

କଳ୍ପନା କର ଯେ, ସୈନ୍ୟବାହିନୀର ସୈନ୍ୟ, ହାତୀ, ଘୋଡ଼ା, ରୋଷେୟାଙ୍କ ସହ ଅନ୍ୟାନ୍ୟ ସହାୟକ କର୍ମଚାରୀ, ସମସ୍ତ ସୈନ୍ୟବାହିନୀକୁ ଖାଦ୍ୟ ସହିତ ସମସ୍ତ ସହଯୋଗ କରିବା କେତେ ଅପରିହାର୍ଯ୍ୟ ହୋଇ ପଡ଼ିଥିବ ! ବୋଧହୁଏ କରଦ ରାଜାମାନଙ୍କୁ ଏସବୁ ସହଯୋଗ କରିବା ପାଇଁ କୁହାଯାଉଥିବ ।

## ଆସ ଅନୁସନ୍ଧାନ କରିବା



**ଦର୍ଶାଅ :** ଭାରତର ଏକ ରାଜନୈତିକ ମାନଚିତ୍ର ନିଅ ଏବଂ ବର୍ତ୍ତମାନର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିହ୍ନିତ କର ଯେଉଁଠାରେ ଗୁପ୍ତମାନେ ଶାସନ କରୁଥିଲେ(ଚିତ୍ର ୭.୮ ଦେଖ) । ତୁମେ କେତୋଟି ରାଜ୍ୟ ଚିହ୍ନଟ କଲ ଗଣନା କର । ପରେ ତୁମେ ଯାହା ପାଇଲ ତାହାକୁ ତୁମର ସାଙ୍ଗମାନଙ୍କ ସହିତ ତୁଳନା କର । ସମସ୍ତେ ସମାନ ସଂଖ୍ୟକ ରାଜ୍ୟ ଚିହ୍ନଟ କରିଛନ୍ତି ନା ନାହିଁ କିମ୍ବା ସେଥିରେ କିଛି ଭିନ୍ନତା ରହିଛି କି ?




ଚିତ୍ର ୭.୮ ଗୁପ୍ତ ସାମ୍ରାଜ୍ୟର ସୀମାରେଖା। ଏଥିରେ ଉଲ୍ଲେଖ ଅଛି ଯେ ଭକତକମାନେ ଗୁପ୍ତମାନଙ୍କର ସହଯୋଗୀ ଥିଲେ। ଗୁପ୍ତମାନେ ଦାବୀ କରନ୍ତି ଯେ, ସେମାନେ ପୂର୍ବ ଉପକୂଳର କିଛି ଅଂଶ ପଲ୍ଲବମାନଙ୍କ ପର୍ଯ୍ୟନ୍ତ ଜୟ କରିଛନ୍ତି, ଯାହାକୁ ସେମାନେ ନିଜ ଅଧୀନକୁ ଆଣିଥିବେ।

## ଜଣେ ପରିବ୍ରାଜକଙ୍କ ବର୍ଣ୍ଣନାରେ ଗୁପ୍ତଯୁଗର ଭାରତୀୟ ସମାଜ

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଆରମ୍ଭରେ ଚୀନ ପରିବ୍ରାଜକ ଫା-ହିୟାନ (Fa-hien) ଭାରତ ଭ୍ରମଣରେ ଆସିଥିଲେ । ତାଙ୍କର ଦୀର୍ଘ ଓ କଷ୍ଟଦାୟକ ଭାରତ ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା– ପବିତ୍ର ବୌଦ୍ଧସ୍ଥଳ ପରିଦର୍ଶନ, ପ୍ରଖ୍ୟାତ ଭାରତୀୟ ପଣ୍ଡିତମାନଙ୍କ ଠାରୁ ଶିକ୍ଷା ଗ୍ରହଣ ଏବଂ ବୌଦ୍ଧ ଗ୍ରନ୍ଥର ପାଣ୍ଡୁଲିପି ସଂଗ୍ରହ କରି ସେଗୁଡ଼ିକୁ ନିଜ ଦେଶ ଚୀନକୁ ନେଇଯିବା । ଫାହିୟାନ ଭାରତ ସାରା ଭ୍ରମଣ କରିଥିଲେ ଏବଂ ଭାରତୀୟ ସଂସ୍କୃତି, ଶାସନ ଓ ସମାଜକୁ ଅନୁଧ୍ୟାନ କରିଥିଲେ । ସେସବୁ ଅନୁଭୂତିକୁ ନିଜ ମାତୃଭୂମିର ଲୋକଙ୍କ ପାଇଁ ଏବଂ ଆମ ପାଇଁ ସାଇତି ରଖିଥିଲେ । ଫାହିୟାନଙ୍କ ଭ୍ରମଣ କାହାଣୀ ଆଜି ପର୍ଯ୍ୟନ୍ତ ତିଷ୍ଠି ରହି ଆମକୁ ଅନେକ ତଥ୍ୟ ଯୋଗାଇବାରେ ସହାୟକ ହୋଇପାରିଛି ।

ନିମ୍ନରେ ତାଙ୍କ ଭ୍ରମଣର ଏକ ଉଦ୍ଧୃତାଂଶ ରହିଛି, ଯେଉଁଥିରେ ସେ ଗୁପ୍ତଯୁଗର ସମାଜ ସମ୍ପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି ।

ଲୋକମାନେ ବହୁତ ଖୁସି ଓ ଆନନ୍ଦରେ ଥିଲେ । ସେମାନଙ୍କ ଗୃହଗୁଡ଼ିକ କୌଣସି କାର୍ଯ୍ୟାଳୟରେ ପଞ୍ଜିକରଣ କରିବାକୁ ପଡୁନଥିଲା । ଯେଉଁମାନେ ରାଜାଙ୍କ ଦତ୍ତ ଜମିରେ କୃଷି କରୁଥିଲେ ସେମାନେ ତାଙ୍କ ଆୟର କିଛି ଅଂଶ ଶସ୍ୟ ଆକାରରେ ପ୍ରଦାନ କରୁଥିଲେ । ରାଜକର୍ମଚାରୀ ଓ ଲୋକମାନଙ୍କୁ ବେତନ ପ୍ରଦାନ କରାଯାଉଥିଲା । ରାଜ୍ୟର ମଧ୍ୟଭାଗ (ଗାଙ୍ଗେୟ ସମତଳ)ରେ ଥିବା ସହରଗୁଡ଼ିକ ବୃହଦାକାର ଥିଲା ଏବଂ ଏହାର ଅଧିବାସୀମାନେ ଧନୀ, ସମୃଦ୍ଧ, ଦୟାଳୁ ଏବଂ ସଚ୍ଚୋଟ ଥିଲେ । ବୈଶ୍ୟ (ବ୍ୟବସାୟୀ) ପରିବାରର ମୁଖ୍ୟମାନେ ଦାନ ଓ ଔଷଧ ବିତରଣ କେନ୍ଦ୍ର ସ୍ଥାପନ କରିଥିଲେ । ଗରିବ, ଅନାଥ ଓ ରୋଗୀଙ୍କ ଯତ୍ନ ନିଆଯାଉଥିଲା । ଚିକିତ୍ସକମାନେ ଚିକିତ୍ସା ଯୋଗାଉଥିଲେ ଏବଂ ଗରିବ ଲୋକମାନଙ୍କୁ ଖାଦ୍ୟ ଓ ଔଷଧ ବିତରଣ କରାଯାଉଥିଲା । ସହରର ମନୋରମ ଗୃହରେ ଧନୀ, ବୈଶ୍ୟ ଏବଂ ବିଦେଶୀ ବ୍ୟବସାୟୀମାନେ ବାସ କରୁଥିଲେ । ରାସ୍ତାଗୁଡ଼ିକୁ ସୁନ୍ଦର ଓ ପରିଷ୍କାର ରଖାଯାଇଥିଲା ।

ବୌଦ୍ଧ ରାଜ୍ୟଗୁଡ଼ିକ ଦସ୍ତାବିଜ (ଖ୍ରୀ.ଅ. ୩୯୯ ରୁ ଖ୍ରୀ.ଅ. ୪୧୪)
ଜେ.ଲେଗେଙ୍କ ଦ୍ୱାରା ଅନୁବାଦିତ ।

### ଆସ ଅନୁସନ୍ଧାନ କରିବା



ଫାହିୟାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ଅଂଶଗୁଡ଼ିକୁ ପଢ଼ ଏବଂ ସେ ଉଲ୍ଲେଖ କରିଥିବା ସମାଜର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଚିହ୍ନଟ କର । ତୁମର ଅବଲୋକନଗୁଡ଼ିକୁ ଲେଖ ଏବଂ ତୁମ ସହପାଠୀଙ୍କ ସହ ତୁଳନା କର । ତୁମେ ଆଶ୍ଚର୍ଯ୍ୟ ହୋଇପାର ଯେ ଅନ୍ୟମାନେ କିପରି ଭିନ୍ନ ଭାବରେ ସମାନ ପାଠକୁ ବ୍ୟାଖ୍ୟା କରିଛନ୍ତି ।

ଜାତି ବହିର୍ଭୂତ (Outcastes) : ଯାହାକୁ ସମାଜର କୌଣସି ସାମାଜିକ ଓ ସାଂସ୍କୃତିକ ଗୋଷ୍ଠୀରୁବାଦ କରି ଦିଆଯାଇଥାଏ। ସେହି କ୍ଷେତ୍ରରେ ଗୋଟିଏ ବର୍ଗର ଲୋକଙ୍କୁ ବର୍ଣ୍ଣ ବ୍ୟବସ୍ଥାରେ ସମାଜର ସବୁଠାରୁ ନିମ୍ନ ବର୍ଗର ବିବେଚନା କରାଯାଇଥାଏ।

ଫାହିୟାନଙ୍କ ଐତିହାସିକ ବିବରଣୀରୁ ଉଦ୍ଧୃତ ଅଂଶଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ ଉପାଦାନ। କିନ୍ତୁ ତାହା କେବଳ ଲେଖକଙ୍କ ନିଜସ୍ୱ ଦୃଷ୍ଟିକୋଣ ଓ ଏକ ନିର୍ଦ୍ଦିଷ୍ଟ ସମୟରେ ବର୍ଣ୍ଣନା କରାଯାଇଥିବା ସମାଜର ସୀମିତ ଅଞ୍ଚଳର ପ୍ରତିଫଳନ। ତଥାପି ଆମେ ଭୁଲି ଯିବା ନାହିଁ ଯେ ଫାହିୟାନ ତାଙ୍କର ଭ୍ରମଣ କାହାଣୀରେ ଚଣ୍ଡାଳମାନଙ୍କ ପ୍ରତି କଠୋର ବ୍ୟବହାର ବିଷୟରେ ମଧ୍ୟ ବର୍ଣ୍ଣନା କରିଛନ୍ତି। ସେମାନଙ୍କୁ ଅସ୍ପୃଶ୍ୟ ବିବେଚନା କରାଯାଉଥିଲା ଏବଂ ସେମାନେ ସହରର ସୀମାବାହାରେ ବସବାସ କରୁଥିଲେ।

ଯେପରି ତୁମେ ଫାହିୟାନଙ୍କ ଭ୍ରମଣକାହାଣୀର ଉଦ୍ଧୃତିକୁ ତୁମ ସାଙ୍ଗମାନଙ୍କଠାରୁ ଭିନ୍ନ ଭାବରେ ଅନୁଭବ କରିପାରୁଛ, ସେହିପରି ଐତିହାସିକମାନଙ୍କ ଏକ ଗୋଷ୍ଠୀ, ସମାନ ଉତ୍ସକୁ ପରୀକ୍ଷା କରି ଏଥିରୁ ଭିନ୍ନ ଭିନ୍ନ ବ୍ୟାଖ୍ୟା କରିଥାନ୍ତି। ଐତିହାସିକମାନେ ସେମାନଙ୍କ ବ୍ୟାଖ୍ୟାକୁ ସଠିକ୍ ବୋଲି ପ୍ରମାଣିତ କରିବାପାଇଁ ଉପାଦାନ ଖୋଜିଥାନ୍ତି। ତେଣୁ ଆମକୁ ସିଦ୍ଧାନ୍ତ ନେବା ପୂର୍ବରୁ ଏକାଧିକ ଉତ୍ସର ଦୃଷ୍ଟିକୋଣରେ ବ୍ୟାଖ୍ୟାକୁ ଆକଳନ କରିବାର ଆବଶ୍ୟକତା ପଡ଼ିଥାଏ।

## ଗୁପ୍ତ ସାମ୍ରାଜ୍ୟର ବିବରଣୀ :

### ଶାସନ ଓ ପ୍ରଶାସନ : (ଚିତ୍ର ୭.୮ରେ ଥିବା ମାନଚିତ୍ରକୁ ଅନୁଧ୍ୟାନ କର)

ତୁମେ ଲକ୍ଷ୍ୟ କରିଥିବ ଯେ ସେହି ସମୟ ସମଧରେ ଅନେକ ରାଜ୍ୟ ଏକତ୍ରିତ ହୋଇ ରହିଥିଲେ । କେତେକ ନିଜ ସାମ୍ରାଜ୍ୟକୁ ବୃଦ୍ଧି କରିବାପାଇଁ ପରସ୍ପର ସହ ଯୁଦ୍ଧରେ ଲିପ୍ତ ରହୁଥିଲେ। ପୂର୍ବରୁ କୌଟିଲ୍ୟ ରାଜ୍ୟ ଶାସନ ସମ୍ପର୍କରେ ଦେଇଥିବା ଧାରଣା ବିଷୟରେ ମନେପକାଅ। ରାଜ୍ୟ ଶାସନର "ସପ୍ତାଙ୍ଗ" ଆଧାର ମଧ୍ୟରୁ ମିତ୍ର ବା ମେଣ୍ଟ ଗଠନ ଗୋଟିଏ ବୋଲି ଶାସକମାନଙ୍କୁ କୌଟିଲ୍ୟ ପରାମର୍ଶ ଦେଇଥିଲେ।


## ନୂତନ ରାଜ୍ୟ... ନୂତନ ଉପାଧି

ଅଭିଲେଖ ଏବଂ ମୁଦ୍ରା ଗୁପ୍ତଶାସକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା "ମହାରାଜାଧିରାଜ", "ସମ୍ରାଟ" ଏବଂ "ଚକ୍ରବର୍ତ୍ତୀ" ଭଳି ଉପାଧିଗୁଡ଼ିକ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ। ଏହି ଉପାଧିଗୁଡ଼ିକ ସର୍ବୋଚ୍ଚ କର୍ତ୍ତୃତ୍ୱ ଉପରେ ନିଜର ଦାବୀ ପ୍ରତିଫଳନ କରିଥିଲା ଏବଂ "ରାଜନ" ଓ "ମହାରାଜା" ଭଳି ସରଳ ଉପାଧି ଧାରଣ କରୁଥିବା ପୂର୍ବ ରାଜାମାନଙ୍କ ତୁଳନାରେ ସେମାନଙ୍କ ଶ୍ରେଷ୍ଠତ୍ୱକୁ ପ୍ରତିପାଦିତ କରୁଥିଲା।

ଗୁପ୍ତଶାସକମାନେ ସେମାନଙ୍କ ବିସ୍ତୃତ ସାମ୍ରାଜ୍ୟକୁ ବିସ୍ତାରିତ ଏବଂ ଏକୀଭୂତ କରିବା ପାଇଁ ସାମରିକ ଅଭିଯାନ, କୂଟନୀତି ଏବଂ ମୈତ୍ରୀ ସମେତ ବିଭିନ୍ନ କୌଶଳ ବ୍ୟବହାର କରୁଥିଲେ। ଶେଷୋକ୍ତ ପଦ୍ଧତିରେ ବୈବାହିକ ସମ୍ପର୍କ ଅନ୍ତର୍ଭୁକ୍ତ ଥିଲା। ଏହାର ଏକ ଜଣାଶୁଣା ଉଦାହରଣ ହେଉଛି ଦ୍ୱିତୀୟ

ଚନ୍ଦ୍ରଗୁପ୍ତଙ୍କ କନ୍ୟା ପ୍ରଭାବତୀ ଗୁପ୍ତ। ଯିଏ କି ଭକତକ ରାଜ୍ୟର ଜଣେ ରାଜକୁମାରଙ୍କୁ ବିବାହ କରିଥିଲେ। ଏହା ଗୁପ୍ତ ସାମ୍ରାଜ୍ୟର ଦକ୍ଷିଣ ଭାଗରେ ଏକ ପଡ଼ୋଶୀ ରାଜ୍ୟ ଥିଲା। ଦୁର୍ଭାଗ୍ୟବଶତଃ ଭକତକ ରାଜକୁମାରଙ୍କ ଅକାଳ ବିୟୋଗ ଯୋଗୁଁ ସେହି ରାଜ୍ୟର ଶାସକଙ୍କ ପ୍ରତିନିଧି ଭାବରେ ତାଙ୍କର ପତ୍ନୀଙ୍କୁ ଗ୍ରହଣ କରାଯାଇଥିଲା। ତାଙ୍କର ଶାସନ କାଳରେ ସେ ସୁନିଶ୍ଚିତ କରିଥିଲେ ଯେ ଭକତକ ଏବଂ ଗୁପ୍ତମାନଙ୍କ ମଧ୍ୟରେ ଥିବା ସମ୍ପର୍କ ସୁଦୃଢ଼ ରହିବ । ତାଙ୍କର ଏକ ଅଭିଲେଖରୁ ଭକତକ ସିଂହାସନ ଆରୋହଣ କରିଥିବା ତାଙ୍କର ଦୁଇ ପୁତ୍ରଙ୍କୁ ଲକ୍ଷ୍ୟ କରି ତାଙ୍କୁ ଦୁଇ ରାଜାଙ୍କ ମାଆ ବୋଲି ବର୍ଣ୍ଣନା କରାଯାଇଛି। ତାଙ୍କ ପିତାଙ୍କ ପରି ପ୍ରଭାବତୀ ବିଷ୍ଣୁଙ୍କର ଭକ୍ତ ଥିଲେ ଏବଂ ବିଷ୍ଣୁ ଓ ତାଙ୍କର ଅବତାରମାନଙ୍କୁ ଉତ୍ସର୍ଗୀକୃତ ସାତଟି ମନ୍ଦିରର ନିର୍ମାଣ କରାଇଥିଲେ। ଏହି ମନ୍ଦିର ମଧ୍ୟରୁ କେତେକ ବର୍ତ୍ତମାନର ମହାରାଷ୍ଟ୍ରର ରାମଗିରି (ରାମଟେକ ପର୍ବତ)ରେ ଅବସ୍ଥିତ।

**ରାଜ ପ୍ରତିନିଧି ଶାସକ (Regent ruler) :** ଜଣେ ରାଜପ୍ରତିନିଧି ଅସ୍ଥାୟୀ ଭବରେ ଏକ ରାଜ୍ୟ ଶାସନ କରିଥାନ୍ତି, ଯେତେବେଳେ ପ୍ରତ୍ୟକ୍ଷ ଭାବରେ ରାଜା ଉକ୍ତ ରାଜ୍ୟକୁ ଶାସନ କରିବାକୁ ସକ୍ଷମ ହୋଇନଥାନ୍ତି।



ଚିତ୍ର ୭.୯ ନରସିଂହଙ୍କୁ ଉତ୍ସର୍ଗୀକୃତ କେବଳ ନରସିଂହ ମନ୍ଦିର ବିଷ୍ଣୁଙ୍କ ଅବତାର ମଧ୍ୟରୁ ଗୋଟିଏ। କେତେକ ଐତିହାସିକଙ୍କ ମତାନୁଯାୟୀ ଏହି ମନ୍ଦିରଟି ପ୍ରଭାବତୀ ଗୁପ୍ତଙ୍କ ଝିଅଙ୍କ ସ୍ମୃତିରେ ନିର୍ମିତ ହୋଇଥିଲା।



## ଆସ ଅନୁସନ୍ଧାନ କରିବା

ପ୍ରଭାବତୀ ଗୁପ୍ତ ତାଙ୍କ ଦରବାରରେ ବସିଥିବାର ଚିତ୍ର : ତାଙ୍କର ପୋଷାକର ପରିପାଟି, ତାଙ୍କ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିସମୂହ ଏବଂ ଦରବାରର ପରିବେଶ ଉପରେ ଧ୍ୟାନ ଦିଅ। ଏହି ସବୁ ତଥ୍ୟ ତାଙ୍କ ଜୀବନ, ଭୂମିକା ଏବଂ ସେହି ସମୟର ଚଳଣି ବିଷୟରେ କ'ଣ କହୁଛି ? ଶ୍ରେଣୀରେ କେତୋଟି ଦଳ ତିଆରି କରି ତୁମର ଅନୁଭୂତି ବିଷୟରେ ଆଲୋଚନା କର ଏବଂ ନିଜର ଚିନ୍ତାଧାରା ବିନିମୟ କର।



ଚିତ୍ର : ୧୦ ଜଣେ କଳାକାରଙ୍କ କଳ୍ପନାରେ ପ୍ରଭାବତୀ ଦେବୀ ନିଜର ଦରବାରରେ ସିଂହାସନରେ ଉପବେସନର ଚିତ୍ର।

ଗୁପ୍ତ ସାମ୍ରାଜ୍ୟରେ ଏକ ସୁସଂଗଠିତ ପ୍ରଶାସନିକ ବ୍ୟବସ୍ଥା ଥିଲା । କେନ୍ଦ୍ରୀୟ ଅଧିକାରୀଙ୍କଠାରୁ ସମସ୍ତ ନିୟନ୍ତ୍ରଣ ପରିବର୍ତ୍ତେ ସେମାନେ ସାମ୍ରାଜ୍ୟକୁ କେତୋଟି ପ୍ରଦେଶରେ ବିଭକ୍ତ କରିଥିଲେ ଏବଂ ଶାସକ, ପୁରୋହିତ ଏବଂ ସାମନ୍ତମାନଙ୍କୁ ଜମି ପ୍ରଦାନ କରାଯାଉଥିଲା । ଏହାର ସବିଶେଷ ତଥ୍ୟ ରଖିବା ପାଇଁ ଅନୁଦାନ ଜମିଗୁଡ଼ିକର ସଠିକ୍ ତଥ୍ୟ ତାମ୍ର ଅଭିଲେଖମାନଙ୍କରେ ଖୋଦିତ କରାଯାଇଥିଲା । ସେଥିମଧ୍ୟରୁ ଅନେକ ପ୍ରତ୍ନତତ୍ତ୍ୱବିଦ୍‌ଙ୍କଦ୍ୱାରା ନିକଟ ଅତୀତରେ ଆବିଷ୍କୃତ ହୋଇଅଛି । ଏହି ବ୍ୟବସ୍ଥା ଉପଯୁକ୍ତ ଟିକସ ସଂଗ୍ରହରେ ଅନେକ ସାହାଯ୍ୟ କଲା ଏବଂ ଗୁପ୍ତ ଶାସକମାନଙ୍କୁ ଦକ୍ଷତାର ସହ ଶାସନ ପରିଚାଳନା କରିବାରେ ସହାୟକ ହେଲା । ସ୍ଥାନୀୟ ଅଧିକାରୀଙ୍କୁ ସେମାନଙ୍କ ଅଞ୍ଚଳ ଉପରେ ଶାସନ କରିବାକୁ ଅନୁମତି ଦେବା ବେଳେ ସେମାନଙ୍କୁ ନିୟନ୍ତ୍ରଣରେ ରଖିବାର ସୁଯୋଗ ରହିଲା ।

## ବାଣିଜ୍ୟିକ ଅଭିବୃଦ୍ଧି

ଗୁପ୍ତ ସାମ୍ରାଜ୍ୟରେ ରାଜସ୍ୱର ମୂଳ ଉତ୍ସ ଥିଲା ଭୂମିକର । ଅନ୍ୟ ଉତ୍ସ ମଧ୍ୟରେ ଜରିମାନା, ଖଣିକର, ଜଳସେଚନ, ବାଣିଜ୍ୟ ଓ ହସ୍ତଶିଳ୍ପ କର ଅନ୍ତର୍ଭୁକ୍ତ ଥିଲା । ଏହି ରାଜସ୍ୱ ଆୟ ଶାସନ କାର୍ଯ୍ୟ, ସୈନ୍ୟବାହିନୀର ରକ୍ଷଣାବେକ୍ଷଣ, ମନ୍ଦିର ଓ ଭିତ୍ତିଭୂମି ନିର୍ମାଣ ଏବଂ ପଣ୍ଡିତ ଓ କଳାକାରମାନଙ୍କୁ ସହାୟତା କରିବା ପାଇଁ ଉପଯୋଗ ହେଉଥିଲା । ଆମେ ଦେଖିଥାଉ – ଏପରି ସାମ୍ରାଜ୍ୟ ନିଜକୁ ବଞ୍ଚାଇ ରଖିବା ପାଇଁ ଏକ ଜୀବନ୍ତ ଆଭ୍ୟନ୍ତରୀଣ ଏବଂ ବାହ୍ୟ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାକୁ ପଡ଼ିଥାଏ । ଗୁପ୍ତଯୁଗରେ ଭାରତ ଭୂମଧ୍ୟସାଗରୀୟ ଜଗତ, ଦକ୍ଷିଣ-ପୂର୍ବ ଏସିଆ ଏବଂ ଚୀନ ସହିତ ବାଣିଜ୍ୟ କାରବାରରେ ବସ୍ତ୍ର, ମସଲା, ହାତୀଦାନ୍ତ ଏବଂ ରତ୍ନପଥର ଆଦି ରପ୍ତାନୀ କରୁଥିଲା । ଭାରତ ମହାସାଗର ପଥରେ ବାଣିଜ୍ୟ କାରବାରରେ ଭାରତୀୟ ବନ୍ଦର ସମୂହ ଦୂର ବଜାର ସହିତ ସଂଯୁକ୍ତ ହୋଇଥିଲା । ଭୂମଧ୍ୟ ସାଗରୀୟ ବଜାରକୁ ଯିବା ପାଇଁ ଜଳପଥରେ ସୋକୋଟ୍ରା ଦ୍ୱୀପ ଏକ ପ୍ରମୁଖ ବିଶ୍ରାମାଗାର ଥିଲା, ଯାହା ଆରବ ସାଗରରେ ଅବସ୍ଥିତ । ମୃଣ୍ମୟ ପାତ୍ର, ବ୍ରାହ୍ମୀଲିପିରେ ଲିଖିତ ଅଭିଲେଖ ଏବଂ ବୌଦ୍ଧ ସ୍ତୂପର ସାଜସଜ୍ଜା ଆଦି ପ୍ରତ୍ନତାତ୍ତ୍ୱିକ ଉପାଦନଗୁଡ଼ିକରୁ ଏହାର ପ୍ରମାଣ ମିଳେ ଯେ ମିଶର, ଆରବ, ରୋମ ଓ ଗ୍ରୀସ୍‌ର ବ୍ୟବସାୟୀମାନଙ୍କ ପରି ଭାରତୀୟ ବ୍ୟବସାୟୀମାନେ ଯୁଗଯୁଗଧରି ଆରବ ସାଗରରେ ନିଜ ଆଧିପତ୍ୟ ବିସ୍ତାର କରି ଆସିଥିଲେ ।

## ନୂତନ ଚିନ୍ତାଧାରା ଏବଂ ବିସ୍ମୟ : ପ୍ରାଚୀନ ଯୁଗ

ଆମେ ଜାଣିଲୁ ଯେ ଗୁପ୍ତ ଶାସକମାନେ ବିଷ୍ଣୁଙ୍କର ଉପାସକ ଥିଲେ । ଏହା ସେମାନଙ୍କର ଅଭିଲେଖ ଏବଂ ମୁଦ୍ରାମାନଙ୍କରେ ପ୍ରତିଫଳିତ ହୋଇଛି । ଏହା ସତ୍ତ୍ୱେ ସେମାନେ ଅନ୍ୟ ପରମ୍ପରା ଏବଂ ଚିନ୍ତାଧାରାକୁ ମଧ୍ୟ ସମର୍ଥନ କରୁଥିଲେ । ସେମାନେ ପ୍ରସିଦ୍ଧ ନାଳନ୍ଦା ବିଶ୍ୱବିଦ୍ୟାଳୟ ଓ ବୌଦ୍ଧ ବିହାର (ମଠ) ସମେତ ଅନ୍ୟାନ୍ୟ ବୌଦ୍ଧ ଅନୁଷ୍ଠାନଗୁଡ଼ିକର ପୃଷ୍ଠପୋଷକତା କରିଥିଲେ । ସେମାନଙ୍କର ଶାସନଗତ ଆଭିମୁଖ୍ୟ ସମାବେଶୀ ଓ ସମସ୍ତଙ୍କ ନିମନ୍ତେ ଉନ୍ମୁକ୍ତ ଥିଲା । ଆମେ ଉଚ୍ଚ ଶ୍ରେଣୀରେ ଏହି ଅନୁଷ୍ଠାନଗୁଡ଼ିକ ସମ୍ପର୍କରେ ଅଧିକ ଜ୍ଞାନ ଲାଭ କରିବା ।



ଚିତ୍ର ୭.୧୧: ନାଳନ୍ଦା ବିଶ୍ୱବିଦ୍ୟାଳୟର ଅବଶେଷ

ଗୁପ୍ତ ସାମ୍ରାଜ୍ୟରେ ଦୀର୍ଘ ସମୟ ଧରି ଶାନ୍ତି ଓ ସ୍ଥିରତା ବଜାୟ ରହିଥିବାରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ପ୍ରୋତ୍ସାହିତ ବା ତ୍ୱରାନ୍ୱିତ କରିଥିଲା । ଐତିହାସିକମାନେ ଏହି ସମୟକୁ ଭାରତର ପ୍ରାଚୀନ ଯୁଗ ବା କ୍ଲାସିକ୍ ଯୁଗ ଭାବରେ ନାମିତ କରିଛନ୍ତି । ଏହି ସମୟରେ ବିଭିନ୍ନ ଯୁଗର ଜ୍ଞାନକୁ ଏକତ୍ର ସଂକଳିତ କରାଯାଇ ଅନେକ ପୁସ୍ତକରେ ପ୍ରକାଶ କରାଯାଇଥିଲା । କାଳିଦାସଙ୍କ ରଚନା ସମେତ ଅନେକ ପୁରାଣ ଓ ପୁସ୍ତକ ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଥିଲା । ଆର୍ଯ୍ୟଭଟ୍ଟ ଓ ବରାହମିହିର ଗଣିତ ଓ ଜ୍ୟୋର୍ତିବିଜ୍ଞାନରେ ଅନେକ ଅଗ୍ରଗତି କରିପାରିଥିଲେ । ଏଥିସହିତ ଚିକିତ୍ସାବିଜ୍ଞାନ ସମ୍ପର୍କୀତ ପୁସ୍ତକ ଓ ତାହାର କାର୍ଯ୍ୟାବଳୀ ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସି ପାରିଥିଲା । ଏହି ସମୟରେ ଧାତୁ ଶିଳ୍ପର ପ୍ରସାର ଘଟିଥିଲା । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି– ଦିଲ୍ଲୀରେ ଥିବା କଳଙ୍କହୀନ ଲୌହସ୍ତମ୍ଭ । ଶାସନର ଏହି ସ୍ଥିରତା ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ବିଦ୍ୱାନ, କଳାକାର ଓ ବୈଜ୍ଞାନିକମାନଙ୍କ ସାଂସ୍କୃତିକ ଓ ବୌଦ୍ଧିକ ବିକାଶ ବୃଦ୍ଧି କରିବାରେ ସହାୟତା ପ୍ରଦାନ କରିଥିଲା ।


ଦ୍ୱିତୀୟ ଚନ୍ଦ୍ରଗୁପ୍ତ ନିଜକୁ ଅନେକ ଜ୍ଞାନୀ ବ୍ୟକ୍ତି, କବି ଏବଂ କଳାକାରଙ୍କ ଦ୍ୱାରା ପରିବେଷ୍ଟିତ କରି ରଖିଥିଲେ ଏବଂ ଏପରି ବିବିଧ ପ୍ରତିଭାଙ୍କ ପୃଷ୍ଠପୋଷକତା ତାଙ୍କ ରାଜସଭାକୁ ବହୁଗୁଣରେ ସମୃଦ୍ଧ କରିଥିଲା ।

ଆସ ଏହି ସମସୟରେ କିଛି ଉଲ୍ଲେଖନୀୟ ବ୍ୟକ୍ତିତ୍ୱଙ୍କ ଉପରେ ନଜର ପକାଇବା ।



ଚିତ୍ର : ୭.୧୨ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଯୁଦ୍ଧକୁ ଯାଉଛନ୍ତି । (୧୯୨୦ ଦଶକର ଜଣେ କଳାକାରଙ୍କ କଳ୍ପନା)

## ଆର୍ଯ୍ୟଭଟ୍ଟ



ଆର୍ଯ୍ୟଭଟ୍ଟ କୁସୁମପୁର (ଆଧୁନିକ ପାଟଣା ନିକଟ)ରେ ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ବାସ କରୁଥିଲେ ଏବଂ ସେ "ଆର୍ଯ୍ୟଭଟ୍ଟୀୟ" ନାମକ ଏକ ଗଣିତ ଓ ଜ୍ୟୋତିର୍ବିଜ୍ଞାନ ବିଷୟକ ସଂକ୍ଷିପ୍ତ ପୁସ୍ତକ ରଚନା କରିଥିଲେ। ସେ ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହମାନଙ୍କର ଗତି, ଗଣନା କରିବା ପାଇଁ ସୂତ୍ର ପ୍ରଦାନ କରିଥିଲେ ଏବଂ ପ୍ରକାଶ କରିଥିଲେ ଯେ ପୃଥିବୀ ନିଜର ଅକ୍ଷ ଚାରିପଟେ ଘୂର୍ଣ୍ଣନ କରିଥାଏ, ଯାହାଦ୍ୱାରା ଦିନ ଓ ରାତି ପରିବର୍ତ୍ତନ ସମ୍ଭବ ହୋଇଥାଏ। ସେ ଏକ ବର୍ଷର ସମୟ ୩୬୫ ଦିନ ୬ ଘଣ୍ଟା ୧୨ ମିନିଟ୍ ଏବଂ ୩୦ ସେକେଣ୍ଡ ବୋଲି ସୂଚିତ କରିଥିଲେ। ଯାହା ବର୍ତ୍ତମାନର ୩୬୫ ଦିନ ୫ ଘଣ୍ଟା ୪୮ ମିନିଟ୍ ଏବଂ ୪୫ ସେକେଣ୍ଡଠାରୁ କିଛି ମିନିଟ୍ କମ୍ ଅଟେ। ଆର୍ଯ୍ୟଭଟ୍ଟ ପୃଥିବୀର ଆକୃତିର ଏକ ସଠିକ୍ ଆକଳନ କରିବା ସହିତ ସୌର ଓ ଚନ୍ଦ୍ର ଗ୍ରହଣର ସଠିକ୍ ତଥ୍ୟ ମଧ୍ୟ ପ୍ରଦାନ କରିଥିଲେ। ତାଙ୍କର କାର୍ଯ୍ୟ ଭାରତ ତଥା ବିଦେଶରେ ସୌର ଜଗତ ସମ୍ପର୍କରେ ବୈଜ୍ଞାନିକଙ୍କ କାର୍ଯ୍ୟରେ ଅଗ୍ରଗତି ପାଇଁ ମୂଳଦୁଆ ପକାଇଥିଲା। ଆର୍ଯ୍ୟଭଟ୍ଟ ଗଣିତରେ ଗଣନା ଓ ସମୀକରଣ ସମାଧାନ କରିବାର ଅନେକ କୌଶଳ ବର୍ଣ୍ଣନା କରିଥିଲେ। ସେଥି ମଧ୍ୟରୁ କିଛି ତୁମେ ବିଦ୍ୟାଳୟରେ ଶିକ୍ଷାଲାଭ କରୁଛ। କିନ୍ତୁ ତୁମେ ଜାଣ ନାହିଁ ଯେ ସେଗୁଡ଼ିକ ପ୍ରଥମେ ୧୫୦୦ ବର୍ଷ ପୂର୍ବେ ପ୍ରସ୍ତୁତ କରାଯାଇଥିଲା।



**ବରାହମିହିର :** ଏହି ସମୟରେ ବରାହମିହିର ଜଣେ ଗଣିତଜ୍ଞ, ଜ୍ୟୋତିର୍ବିଦ୍ ଏବଂ ଜ୍ୟୋତିଷୀ ଥିଲେ। ସେ ଉଜ୍ଜୟିନୀରେ ବାସ କରୁଥିଲେ। ଏହି ସହର ଶିକ୍ଷା ଓ ବୃତ୍ତିଗତ ଜ୍ଞାନ ପାଇଁ ପ୍ରସିଦ୍ଧ ଥିଲା। ତାଙ୍କର ଶ୍ରେଷ୍ଠ କୃତି "ବୃହତ ସଂହିତା" ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିଷରୁ ଆରମ୍ଭ କରି ପାଣିପାଗର ପୂର୍ବାନୁମାନ, ସ୍ଥାପତ୍ୟ, ନଗର ପରିକଳ୍ପନା ଏବଂ କୃଷିକାର୍ଯ୍ୟ ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ ଥିଲା। ପୃଥିବୀକୁ ନୀରିକ୍ଷଣ କରିବାର ତାଙ୍କ କୌଶଳ, ଯୁକ୍ତିଯୁକ୍ତ ଚିନ୍ତାଧାରାର ପ୍ରୟୋଗ ଏବଂ ପାରମ୍ପରିକ ଜ୍ଞାନ ସହିତ ତାହାକୁ ସଂଯୋଗ କରିବାର କ୍ଷମତା ତାଙ୍କୁ ବିଜ୍ଞାନ ଜଗତରେ ଅଗ୍ରଣୀ କରିପାରିଥିଲା।

## ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର :-



ଓଡ଼ିଶାର ଗଣିତ ଓ ଜ୍ୟୋତିର୍ବିଜ୍ଞାନ ପରମ୍ପରାର ବିଶିଷ୍ଟ ଗବେଷକ ଓ ଜ୍ୟୋତିର୍ବିଜ୍ଞାନୀ ଥିଲେ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ । ସେ ଓଡ଼ିଶାର ଘରେ ଘରେ ପଠାଣି ସାମନ୍ତ ନାମରେ ବେଶ୍ ପରିଚିତ । ମାତ୍ର ୧୦ ବର୍ଷ ବୟସରୁ ସେ ତାଙ୍କର ପିତା ସାମନ୍ତ ଶ୍ୟାମବନ୍ଧୁ ସିଂହଙ୍କ ଠାରୁ ଗଣିତ ଓ ଜ୍ୟୋତିର୍ବିଦ୍ୟା ଶିକ୍ଷାଲାଭ କରିଥିଲେ । ତାଙ୍କୁ ୩୪ ବର୍ଷ ବୟସ ହେବା ବେଳକୁ ସେ ତାଙ୍କର ଅମରକୃତି "ସିଦ୍ଧାନ୍ତ ଦର୍ପଣ" ପୁସ୍ତକ ରଚନା କରିଥିଲେ । ସେ ମାନ ଯନ୍ତ୍ର, ଗୋଲ ଯନ୍ତ୍ର, ଶଙ୍କୁ ଯନ୍ତ୍ର ଇତ୍ୟାଦି ଉଦ୍ଭାବନ କରିଥିଲେ । ଗ୍ରହର ଚଳନ ଓ ଅବସ୍ଥାନ ନିରୂପଣ କରିବା ନିମନ୍ତେ ସେ ଗୋଲ ଯନ୍ତ୍ର ଓ ଉଲମ୍ବୀ ଚକ୍ର ଯନ୍ତ୍ରର ବ୍ୟବହାର କରିଥିଲେ । ସେ ନିର୍ଭୁଲ ଭାବରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ସମୟ ନିରୂପଣ କରିଥିଲେ । ଦୁଇ ଖଣ୍ଡ ବାଉଁଶ କାଠିର ସହଯୋଗରେ ପଠାଣି ସାମନ୍ତ ଦୂରରେ ଥିବା ପାହାଡ଼ର ଉଚ୍ଚତା ମାପିବାରେ ସକ୍ଷମ ହୋଇପାରିଥିଲେ । ତାଙ୍କ ନାମରେ ପ୍ରଚଳିତ "ସାମନ୍ତ ପଞ୍ଜିକା" ଆଜି ଓଡ଼ିଶାର ଘରେ ଘରେ ପରିଚିତ । ପୁରୀ ଗଜପତି ମହାରାଜାଙ୍କ ଠାରୁ ସେ 'ହରିଚନ୍ଦନ ମହାପାତ୍ର' ଓ ବ୍ରିଟିଶ ସରକାରଙ୍କ ଠାରୁ "ମହାମହୋପାଧ୍ୟାୟ" ଉପାଧି ପାଇଥିଲେ । ତାଙ୍କ ସ୍ମୃତିରେ ଓଡ଼ିଶା ସରକାର ତାଙ୍କ ନାମରେ ଭୁବନେଶ୍ୱର ଠାରେ "ପଠାଣି ସାମନ୍ତ ପ୍ଲାନେଟୋରିୟମ୍" ପ୍ରତିଷ୍ଠା କରିଛନ୍ତି। ପଠାଣି ସାମନ୍ତଙ୍କୁ ଆମ ଦେଶର ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ ଓ ବରାହ ମିହିରଙ୍କ ସହ ତୁଳନା କରାଯାଏ ।

## ଆସ ଅନୁସନ୍ଧାନ କରିବା

ଧରିତ୍ରୀ ଓ ଧ୍ରୁବ ସେମାନଙ୍କ ସମୟ ଯନ୍ତ୍ର ସହିତ ଗୁପ୍ତ ସମୟରେ ଯୋଗ ଦେଲେ । ତୁମେ ଏଥର ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କୁ ଭେଟିବାର ସୁଯୋଗ ପାଉଛ । ତୁମେ ସେମାନଙ୍କୁ କ'ଣ ପଚାରିବ ? ଶ୍ରେଣୀକୁ ଦୁଇଟି ଭାଗରେ ବିଭକ୍ତ କର ଏବଂ ସେମାନଙ୍କ ସହ ସାକ୍ଷାତକାରପାଇଁ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କର ।



ଚିତ୍ର ୭.୧୪ରେ ମେଘକୁ ଯକ୍ଷର ବାର୍ତ୍ତା – ମେଘଦୂତର ଏକ ଦୃଶ୍ୟ

### କାଳିଦାସ

କାଳିଦାସଙ୍କ ଜୀବନୀ ବିଷୟରେ ବହୁତ କମ୍ ଜଣାଯାଏ । କିମ୍ବଦନ୍ତୀରୁ ଜଣାଯାଏ ଯେ ସେ ଥରେ ଅନ୍ୟମାନଙ୍କ ଦ୍ୱାରା ଉପହାସିତ ହୋଇଥିଲେ, ଯାହା ତାଙ୍କୁ କଠିନ ପରିଶ୍ରମ କରିବା ସହିତ ନିଜ ଜୀବନକୁ ଗଢ଼ି ତୋଳିବାକୁ ପ୍ରେରଣା ଦେଇଥିଲା । ସଂସ୍କୃତ ସାହିତ୍ୟ ପ୍ରତି ତାଙ୍କ ଅବଦାନ ଓ ସଂସ୍କୃତରେ ସୁନ୍ଦର କବିତା ରଚନା ପାଇଁ ସେ ପ୍ରସିଦ୍ଧି ଲାଭ କରିଛନ୍ତି । ତାଙ୍କର ଅନ୍ୟତମ ପ୍ରସିଦ୍ଧ ରଚନା ହୋଇଛି "ମେଘଦୂତମ୍" ବା "ମେଘର ସନ୍ଦେଶ" । ଏହା ଏକ ଯକ୍ଷ (କ୍ଷୁଦ୍ର ଦେବତା)ଙ୍କର କାହାଣୀ ଉପରେ ବର୍ଣ୍ଣନା କରାଯାଇଛି ଯିଏ ତାଙ୍କର ମୁନୀବ ବା ମାଲିକଙ୍କ ଦ୍ୱାରା ତାଙ୍କ ଘରୁ ବାହାର ହେବାପରେ, ବହିଯାଉଥିବା ମେଘଖଣ୍ଡ ଦ୍ୱାରା ନିଜ ପ୍ରିୟତମାକୁ ଏକ ପ୍ରେମଭରା ବାର୍ତ୍ତା ପଠାଇଛନ୍ତି । ପ୍ରେମର ଅନେକ ଭାବନା ବ୍ୟକ୍ତ କରିବା ବ୍ୟତୀତ ସେ କବିତାରେ, ଉତ୍ତର ଭାରତର ଭୂମିରୂପ ଏବଂ ପାଣିପାଗ ବିଷୟରେ ସେହି ଭସାମେଘ ମାଧ୍ୟମରେ ତାଙ୍କ ପ୍ରିୟତମାଙ୍କୁ ବର୍ଣ୍ଣନା କରୁଛନ୍ତି ।

ସଂହିତାକରଣ (Codification) : ସୁବ୍ୟବସ୍ଥିତ ଏବଂ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଲେଖା ସ୍ଥାନୀତ କରିବା ।

## ମନେରଖ

ତୁମେ ଜାଣିଛ କି ଗୁପ୍ତ ସମୟରେ ଆୟୁର୍ବେଦ ସଂହିତାକରଣ ହୋଇଥିଲା । ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତିର ବହୁ ପ୍ରାଚୀନ ଉତ୍ପତ୍ତି ରହିଛି, ଯାହା ଖ୍ରୀଷ୍ଟପୂର୍ବ ସମୟରୁ ଅନେକ ଶତାବ୍ଦୀ ଧରି ଲମ୍ବି ଆସିଛି । ଚରକ ସଂହିତା ଓ ଶୁଶ୍ରୁତ ସଂହିତା ପରି ଆଜି ମଧ୍ୟ ବ୍ୟବହୃତ ହେଉଥିବା ଗ୍ରନ୍ଥ ଆୟୁର୍ବେଦ ପଦ୍ଧତିର ଭିତ୍ତି ସ୍ଥାପନ କରିଆସିଛି । ଏସବୁ ଗ୍ରନ୍ଥ ଗୁପ୍ତ ସମୟରେ ସଂକଳିତ ହୋଇ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଇଥିଲା । ସେଗୁଡ଼ିକ ବିଭିନ୍ନ ପ୍ରକାରର ବିଷୟ ସହିତ ଜଡ଼ିତ । ଏଥିରେ ବିଭିନ୍ନ ରୋଗଗୁଡ଼ିକର ତାଲିକା ଏବଂ ତା'ର କାରଣ ନିରୂପଣ, ଚିକିତ୍ସା ପ୍ରଣାଳୀ, ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଖାଦ୍ୟର ଗୁରୁତ୍ୱ, ଔଷଧ ପ୍ରସ୍ତୁତ ଏବଂ ଉନ୍ନତ ଅସ୍ତ୍ରୋପଚାରର କୌଶଳ ଆଦି ରହିଛି । ବିଶେଷ ଭାବରେ ଆୟୁର୍ବେଦ ସାମଗ୍ରୀକ ଆରୋଗ୍ୟ ଏବଂ ମନ, ଶରୀର ଓ ପ୍ରକୃତି ମଧ୍ୟରେ ଏକ ଗଭୀର ସଂଯୋଗର ସେତୁ ନିର୍ମାଣ କରିଥାଏ ।

## ସୌନ୍ଦର୍ଯ୍ୟର ସନ୍ଧାନ

ଗୁପ୍ତ ଶାସକମାନେ ଏପରି ଏକ ସହଯୋଗର ପରିବେଶ ସୃଷ୍ଟି କରିଥିଲେ, ଯେଉଁଠାରେ ସୃଜନଶୀଳତା ଏବଂ କାରିଗରୀ ବିଦ୍ୟା ବିକଶିତ ହୋଇପାରିଥିଲା । ଏହି ସମୟରେ ଇତିହାସର କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୃଷ୍ଟି କରାଯାଇଥିଲା । ଉକ୍ତ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କଳାତ୍ମକ କେନ୍ଦ୍ରମାନ ସୃଷ୍ଟି କରାଯାଇଥିଲା । ସାରନାଥଠାରେ (ବର୍ତ୍ତମାନ ଉତ୍ତର ପ୍ରଦେଶର ବାରାଣସୀ ନିକଟରେ) ବୁଦ୍ଧଙ୍କର ଚମତ୍କାର ପ୍ରତିମୂର୍ତ୍ତି ଏବଂ ଚମତ୍କୃତ ଅଜନ୍ତା ଗୁମ୍ଫା (ବର୍ତ୍ତମାନର ମହାରାଷ୍ଟ୍ର) ଏହାର ଅନ୍ତର୍ଭୁକ୍ତ । ଉଦୟଗିରିଠାରେ (ମଧ୍ୟପ୍ରଦେଶ) ଥିବା ପଥର ଖୋଦିତ ଗୁମ୍ଫା ଏବଂ ଦେବାଦେବୀଙ୍କ ବିସ୍ତୃତ ପଥର ଖୋଦିତ ମୂର୍ତ୍ତି ଆଦିରେ କଳାତ୍ମକ ପ୍ରଦର୍ଶନର ଅନ୍ୟ ଏକ ଉଦାହରଣ "ଗୁପ୍ତକଳା" ଯାହାକି ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏବଂ କଳା ଓ ସ୍ଥାପତ୍ୟର ଶୀର୍ଷସ୍ଥାନ ଗ୍ରହଣ କରିଥିଲା । ଯାହାର ଚିରସ୍ଥାୟୀ ପ୍ରଭାବ ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି । (ଚିତ୍ର ୭.୧୫ ରୁ ୭.୧୮ ଦେଖ)

## ଆସ ଅନୁସନ୍ଧାନ କରିବା



ଗୁପ୍ତ ମୂର୍ତ୍ତିଗୁଡ଼ିକର ନମୂନାକୁ ଭଲଭାବେ ଦେଖ, ଚିତ୍ରଗୁଡ଼ିକୁ ଦେଖି ତୁମେ ଅନୁଧ୍ୟାନ କରିପାରିବ ଯେ ଏଥିରେ କେଉଁ ଦେବାଦେବୀଙ୍କୁ ଚିତ୍ରିତ କରାଯାଇଛି । ପ୍ରଦାନ କରାଯାଇଥିବା ସ୍ଥାନରେ ତୁମର ଅନୁଶୀଳନ ଲେଖ ଏବଂ ଶ୍ରେଣୀରେ ଆଲୋଚନା ସମୟରେ ତୁମର ଭାବନା ପ୍ରକାଶ କର ।

-----------------------------------------------------------

## ଗୁପ୍ତ ସାମ୍ରାଜ୍ୟର ପତନ

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀ ବେଳକୁ ଗୁପ୍ତ ସାମ୍ରାଜ୍ୟର ପତନ ବା ଅବନତିର ଲକ୍ଷଣ ପ୍ରକାଶ ପାଇବାକୁ ଲାଗିଲା । କାରଣ ଏହାର ପରବର୍ତ୍ତୀ ଶାସକମାନେ ବାହ୍ୟ ଆକ୍ରମଣ ଆହ୍ୱାନର ସମ୍ମୁଖୀନ ହେଲେ । ମଧ୍ୟ ଏସିଆରୁ ଆସିଥିବା ଦୁର୍ଦ୍ଧର୍ଷ ହୁଣ ଜନଜାତି ବାରମ୍ବାର ଗୁପ୍ତ ସାମ୍ରାଜ୍ୟ ଉପରେ ଆକ୍ରମଣ କରି ଉତ୍ତର ଭାରତ ଉପରେ ଏହାର ନିୟନ୍ତ୍ରଣକୁ ଦୁର୍ବଳ କରିପକାଇଲା । ଏହି ସମୟରେ ଶକ୍ତିଶାଳୀ ଆଞ୍ଚଳିକ ଶାସକମାନଙ୍କର ଅଭ୍ୟୁଦୟ ହେବାରୁ ଆଭ୍ୟନ୍ତରୀଣ ସଂଘର୍ଷ ମଧ୍ୟ ଦେଖାଦେଲା । ପ୍ରକୃତରେ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆଣିଥିବା ଏକ ଯୁଗର ଏହା ଶେଷ ନା ଆରମ୍ଭ ଥିଲା ? ଏହି ପ୍ରଶ୍ନର ଅନୁସନ୍ଧାନ ଏହି ପୁସ୍ତକର ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା ।

## ଦକ୍ଷିଣ ଓ ଉତ୍ତର-ପୂର୍ବ ଭାଗର ଅବସ୍ଥା

ଚାଲ ଦେଖିବା ଚିତ୍ର ୭.୮ କୁ । ଉତ୍ତର ଭାଗରେ ଗୁପ୍ତମାନେ ଶାସନ କରୁଥିବା ସମୟରେ ଦକ୍ଷିଣରେ ପଲ୍ଲବମାନଙ୍କର ଏକ ଶକ୍ତିଶାଳୀ ରାଜବଂଶର ଉତ୍ପତ୍ତି ଘଟିଲା, ଯାହାକି ବର୍ତ୍ତମାନ ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର କିଛି ଅଂଶରେ ନିଜ ଶକ୍ତିକୁ ଧିରେ ଧିରେ ମଜବୁତ୍ କରିଥିଲା । ସେମାନଙ୍କର ଉତ୍ପତ୍ତି ସଠିକ୍ ଭାବେ ଜଣା ନାହିଁ । କିନ୍ତୁ ସେମାନେ ସାତବାହନଙ୍କ ଅଧିନରେ ଏକ କରଦ ରାଜ୍ୟ ଥିବା ପରି ମନେହୁଏ । ସେମାନଙ୍କ ବିଷୟରେ ଆମେ ପୂର୍ବ ଅଧ୍ୟାୟରେ ଅଧ୍ୟୟନ କରିଥିଲେ ଏବଂ ସାତବାହନଙ୍କ ପତନ ପରେ ସେମାନେ ଶକ୍ତିଶାଳୀ ହୋଇଥିଲେ ।

ପଲ୍ଲବମାନେ କଳା ଓ ସ୍ଥାପତ୍ୟର ମହାନ ପୃଷ୍ଠପୋଷକ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିବଙ୍କ ଉପାସକ ଥିଲେ । ସେମାନଙ୍କୁ ଭବ୍ୟ ମନ୍ଦିର ଏବଂ ପଥର କଟା ଗୁମ୍ଫା ନିର୍ମାଣ କରିବାର ଶ୍ରେୟ ଦିଆଯାଇଥାଏ । ଯେତେବେଳେ ଆମେ ପ୍ରାଚୀନ ଭାରତର ସ୍ଥାପତ୍ୟ ବିଷୟରେ ଜାଣିବା, ସେତେବେଳେ ଏହାକୁ ପରିଦର୍ଶନ କରିବା । ପଲ୍ଲବମାନଙ୍କ ରାଜଧାନୀ କାଞ୍ଚିପୁରମ୍ (ବର୍ତ୍ତମାନ ତାମିଲନାଡୁ) ଯାହାକୁ "ହଜାର ମନ୍ଦିର ସହର" ବୋଲି କୁହାଯାଉଥିଲା, ଦକ୍ଷିଣ ଭାରତରେ ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ଭାବେ ବିକଶିତ ହୋଇଥିଲା । ସାତବାହନମାନଙ୍କ ଶାସନ କାଳରେ 'ଘଟିକା' ରୂପରେ ଉଭା ହୋଇଥିବା ଶିକ୍ଷାକେନ୍ଦ୍ର ଓ ବୌଦ୍ଧିକ ବିକାଶ ପାଇଁ ସୁନ୍ଦର ପରିବେଶ ସୃଷ୍ଟି କରିଥିଲା ।


ଉତ୍ତର ପୂର୍ବାଞ୍ଚଳରେ ବର୍ମନ ରାଜବଂଶ ଦ୍ୱାରା ଶାସିତ କାମରୂପ ରାଜ୍ୟ ବ୍ରହ୍ମପୁତ୍ର ଉପତ୍ୟକା (ବ୍ୟାପକ ଭାବେ ବର୍ତ୍ତମାନର ଆସାମ) ଏବଂ ବର୍ତ୍ତମାନର ପଶ୍ଚିମବଙ୍ଗ ଏବଂ ବାଲାଂଦେଶର ଉତ୍ତର ଭାଗରେ ବିସ୍ତାର ଲାଭ କରିଥିଲା । ଆସାମର ବ୍ରହ୍ମପୁତ୍ର ଉପତ୍ୟକାର ଏକ ପ୍ରାଚୀନ ନାମ ହେଉଛି ପ୍ରାକ୍ ଜ୍ୟୋତିଷା ଯାହା ରାମୟଣ ଏବଂ ମହାଭାରତରେ ଉଲ୍ଲେଖ ରହିଛି । ପରବର୍ତ୍ତୀ ଗ୍ରନ୍ଥମାନଙ୍କରେ ଭଗଦତ୍ତଙ୍କୁ ଏହି ଅଞ୍ଚଳର ରାଜା ବୋଲି ଉଲ୍ଲେଖ କରାଯାଇଛି ।

# ଗୁପ୍ତକଳାର ବିଭିନ୍ନ ଦିଗ





ଚିତ୍ର ୭.୧୫.୧ ରୁ ୭.୧୫.୩ ଚିତ୍ରରେ ଗୁପ୍ତ ସମୟର ଏହି ଟେରାକୋଟା ମୂର୍ତ୍ତିଗୁଡ଼ିକ (ଅହିଛତ୍ର, ପଶ୍ଚିମ ଉତ୍ତର ପ୍ରଦେଶ) ଭାରତର ପବିତ୍ରନଦୀ ଗଙ୍ଗା ଓ ଯମୁନାକୁ ଦର୍ଶାଉଅଛି । ସେମାନଙ୍କ ବାହାନଗୁଡ଼ିକ ସେମାନଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରୁଛି । ଗଙ୍ଗା ଏକ ମକର (ଏକ ପୌରାଣିକ ପ୍ରାଣୀ ଯିଏ କି କୁମ୍ଭୀର ସହ ସମାନ) ଉପରେ ଠିଆ ହେବା ସହ ତଳେ ଯମୁନା ଏକ କଇଁଛ ଉପରେ ଦଣ୍ଡାୟମାନ ହୋଇଛନ୍ତି । ସେମାନଙ୍କ ମୁଣ୍ଡ ଉପରେ ଜଳ ପ୍ରବାହିତ ହେଉଛି ଏବଂ ପାତ୍ରଟି ନଦୀର ସୂଚନା କରୁଛି ।


ଚିତ୍ର ୭.୧୬

ବାମପାର୍ଶ୍ୱରେ ଉତ୍ତର ପ୍ରଦେଶ, ଦେଓଗଡ଼ର ମନ୍ଦିର ଏବଂ ଦକ୍ଷିଣ ପାର୍ଶ୍ୱରେ ଦଶାବତାର ମନ୍ଦିରରେ ବିଷ୍ଣୁ ଶେଷନାଗ ରୂପରେ ଶୟନ ମୁଦ୍ରାରେ ।






ଚିତ୍ର ୭.୧୭ । ଗୁପ୍ତ ଓ ଭକତକମାନଙ୍କ ସହଯୋଗରେ ଏହି ସମୟ ମଧ୍ୟରେ ପ୍ରସିଦ୍ଧ ଅଜନ୍ତା ଗୁମ୍ଫାଗୁଡ଼ିକ ଖୋଦିତ ହୋଇଥିଲା । ବାମ ପାର୍ଶ୍ୱରେ ଏକ କେନ୍ଦ୍ରୀୟ ସ୍ତୂପ ସହିତ ଏକ ମନ୍ଦିରର ନକଲ କରୁଥିବା ଏକ ବିସ୍ତୃତ ଗୁମ୍ଫା ଯେଉଁଥିରେ ଉପବିଷ୍ଟ ହୋଇଥିବା ବୁଦ୍ଧମୂର୍ତ୍ତି ଦୃଷ୍ଟିଗୋଚର ହେଉଛି ।







ଚିତ୍ର ୭.୧୮.୧ ରୁ ୭.୧୮.୩ ଉଦୟଗିରି ଗୁମ୍ଫା ଏବଂ ସାଞ୍ଚି ନିକଟରେ ଥିବା ଗୁପ୍ତଯୁଗର ଏକ ମନ୍ଦିର ଉଭୟ ମଧ୍ୟପ୍ରଦେଶରେ ରହିଛି । ଯୁଦ୍ଧକ୍ଷେତ୍ରରେ ଅର୍ଜ୍ଜୁନ ଓ କର୍ଣ୍ଣ (ମହାଭାରତର କଥାବସ୍ତୁରୁ ଏକ ସ୍ଥାପତ୍ୟ ଚିତ୍ରଣ) ।




ଚିତ୍ର ୭.୧୯

ପ୍ରାକ୍ ଜ୍ୟୋତିଷା (ବର୍ତ୍ତମାନର ଆସାମ) ମହାଭାରତ ଯୁଦ୍ଧରେ କୌରବମାନଙ୍କ ସପକ୍ଷରେ ଯୁଦ୍ଧ କରିଥିଲା। କେତେକ ଐତିହାସିକ ଶାସକ ତାଙ୍କୁ ନିଜ ପୂର୍ବ ପୁରୁଷ ବୋଲି ଦାବୀ କରନ୍ତି। କାମରୂପ (ଆସାମ) ରାଜ୍ୟ ଏକ ପ୍ରମୁଖ ସାଂସ୍କୃତିକ ଏବଂ ରାଜନୈତିକ କେନ୍ଦ୍ର ଥିଲା। ଏଠାରେ ଥିବା ମନ୍ଦିର ଓ ମଠଗୁଡ଼ିକ ଶିକ୍ଷା କେନ୍ଦ୍ର ଭାବରେ ବିକଶିତ ହୋଇଥିଲା। ପଲ୍ଲବ ଓ କାମରୂପ ଉଭୟଙ୍କୁ ପ୍ରୟାଗ ପ୍ରଶସ୍ତିରେ ଉଲ୍ଲେଖ କରାଯାଇଛି।

ସମୁଦ୍ରଗୁପ୍ତ ତାଙ୍କ ଦାକ୍ଷିଣାତ୍ୟ ଅଭିଯାନ ସମୟରେ ଜଣେ ପଲ୍ଲବ ଶାସକଙ୍କୁ ପରାସ୍ତ କରିଥିଲେ ମଧ୍ୟ ସେ ଅଞ୍ଚଳକୁ ନିଜ ସାମ୍ରାଜ୍ୟରେ ମିଶାଇ ନଥିଲେ। ପଲ୍ଲବ ସମେତ ସ୍ଥାନୀୟ ରାଜାମାନଙ୍କୁ ନିଜ ରାଜ୍ୟରେ ଶାସନ କରିବାକୁ ଛାଡ଼ି ଦେଇଥିଲେ। ଯେପର୍ଯ୍ୟନ୍ତ ସେମାନେ ତାଙ୍କର ଶାସନକୁ ସ୍ୱୀକାର କରିବା ସହିତ ରାଜସ୍ୱ ପ୍ରଦାନ କରୁଥିଲେ, ସେ ପର୍ଯ୍ୟନ୍ତ ସେମାନଙ୍କ ସିଂହାସନ ବଜାୟ ରହିଥିଲା।

ଏହି ନୀତି ଶାନ୍ତିପୂର୍ଣ୍ଣ ଭାବରେ ସମ୍ପର୍କକୁ ବଜାୟ ରଖିବାରେ ସହାୟକ ହୋଇଥିଲା। ସେହିପରି ଉତ୍ତର-ପୂର୍ବ ଅଞ୍ଚଳରେ ସମୁଦ୍ରଗୁପ୍ତ କାମରୂପର ଶାସକଙ୍କୁ ପରାସ୍ତ କରିଥିଲେ ମଧ୍ୟ ତାଙ୍କର ରାଜ୍ୟକୁ ସିଧାସଳଖ ନିୟନ୍ତ୍ରଣକୁ ନେଇ ନ ଥିଲେ। ବର୍ତ୍ତମାନ ସୁଦ୍ଧା ଆମେ ଏହି କଥାକୁ କିଛି ଥର ପୁନରାବୃତ୍ତି କରିଛୁ।

ଗୁପ୍ତଯୁଗ ଏକ ଉଲ୍ଲେଖନୀୟ ପ୍ରଗତିର ସମୟ ଥିଲା। ଏହାର ପ୍ରଭାବ ସାମ୍ରାଜ୍ୟଠାରୁ ବହୁଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଯାହା ଅନେକ ଶତାବ୍ଦୀ ଧରି କଳା, ବିଜ୍ଞାନ, ସାହିତ୍ୟ ଏବଂ ଶାସନକୁ ଭିନ୍ନରୂପ ଦେଇଥିଲା। ଗଣିତ, ଜ୍ୟୋର୍ତିବିଜ୍ଞାନ, ଚିକିତ୍ସା ଓ ଧାତୁ ବିଜ୍ଞାନ ଭଳି କେତେକ କ୍ଷେତ୍ରରେ ଅଗ୍ରଗତି ଯୋଗୁଁ ଭବିଷ୍ୟତର ବୈଜ୍ଞାନିକ ଏବଂ ବୈଷୟିକ ଅଭିବୃଦ୍ଧି ପାଇଁ ମୂଳଦୁଆ ପକାଇଥିଲା। ଯାହାର ଫଳସ୍ୱରୂପ ସେ ସମୟର ଅନେକ ସୁନ୍ଦର ମନ୍ଦିର ଏବଂ ସଂସ୍କୃତ ସାହିତ୍ୟ ଆଜି ମଧ୍ୟ ଆମକୁ ପ୍ରେରଣା ଦେଉଛି।

ଗୁପ୍ତମାନେ ଏକ ସ୍ଥିର ଏବଂ ସମୃଦ୍ଧ ସମାଜ ସୃଷ୍ଟି କରିଥିଲେ। ଯାହା ପରବର୍ତ୍ତୀ ଶାସକମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଥିଲା। ଭାରତର ସଂସ୍କୃତି, ପରମ୍ପରା ଏବଂ ଜୀବନ ଶୈଳୀରେ ସେମାନଙ୍କର ଐତିହ୍ୟ ଆଜି ମଧ୍ୟ ଜୀବନ୍ତ ରହିଛି। ଏହି ଯୁଗକୁ ଭାରତ ଇତିହାସରେ ଏକ "ସ୍ୱତନ୍ତ୍ର ଯୁଗ" ରୂପେ ଅବିହିତ କରାଯାଇଛି।

# ଓଡ଼ିଶାର ପ୍ରମୁଖ ରାଜବଂଶ

## (Major Royal Dynasties of Odisha)

ଐତିହାସିକ ବିବରଣୀରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ବେଳକୁ ଦକ୍ଷିଣ ଭାରତରେ ମଗଧ ସାମ୍ରାଜ୍ୟ ପ୍ରଭୂତ କ୍ଷମତା ବିସ୍ତାର କରିସାରିଥିଲା । କଳିଙ୍ଗ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ ଯେ ନନ୍ଦରାଜା ମହାପଦ୍ମ ନନ୍ଦ କଳିଙ୍ଗ ଜୟକରି ଏଠାରେ ନନ୍ଦରାଜତ୍ୱ ପ୍ରତିଷ୍ଠା କରିଥିଲେ । କେତେକ ଐତିହାସିକ ମତ ଦିଅନ୍ତି ଯେ ଏହି ନନ୍ଦରାଜା ହେଉଛନ୍ତି ସମ୍ରାଟ ଅଶୋକ । କଳିଙ୍ଗ ଯୁଦ୍ଧ ପୂର୍ବରୁ ଅର୍ଥାତ୍ ଖ୍ରୀ.ପୂ. ୨୬୧ ପୂର୍ବରୁ ଓଡ଼ିଶାର ଇତିହାସ ସଂପର୍କରେ କୌଣସି ଆବଶ୍ୟକୀୟ ତଥ୍ୟ ନଥିବାରୁ କଳିଙ୍ଗ ଯୁଦ୍ଧ ପରଠାରୁ କଳିଙ୍ଗ ବା ଓଡ଼ିଶାର ଇତିହାସ ରଚନା ଆରମ୍ଭ କରାଯାଇଛି ।

କଳିଙ୍ଗ ଯୁଦ୍ଧ ପରବର୍ତ୍ତୀ ସମୟରେ ଓଡ଼ିଶାରେ ପର୍ଯ୍ୟାୟକ୍ରମେ ଭିନ୍ନ ଭିନ୍ନ ରାଜବଂଶର ରାଜାମାନେ ଶାସନ କରି ଆସିଛନ୍ତି । ଚେଦି ରାଜବଂଶର ସମ୍ରାଟ ଖାରବେଳ ଅନେକ ରାଜ୍ୟ ଜୟକରି ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ ସମୟରେ ଶୈଳୋଦ୍ଭବ, ଭୌମକର, ସୋମବଂଶୀ, ଗଙ୍ଗବଂଶୀ, ସୂର୍ଯ୍ୟବଂଶୀ ଏବଂ ଭୋଇ ରାଜବଂଶର ଶାସକମାନେ ଓଡ଼ିଶାରେ ଶାସନ କରିଛନ୍ତି । ସେମାନେ ସେମାନଙ୍କର ଶାସନ କାଳରେ ଓଡ଼ିଶାର କଳା, ସଂସ୍କୃତି, ଧର୍ମ ଏବଂ ସାମାଜିକ କ୍ଷେତ୍ରରେ ଯେଉଁସବୁ ଅବଦାନ କରିଯାଇଛନ୍ତି ତାହା ଆଜି ମଧ୍ୟ ଗର୍ବ ଓ ଗୌରବର ସ୍ୱାକ୍ଷର ବହନ କରୁଛି । ଏହି ଅଧ୍ୟାୟରେ ଉପରୋକ୍ତ ରାଜବଂଶମାନଙ୍କ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

### ୧. ଚେଦି ରାଜବଂଶ :

ମୌର୍ଯ୍ୟ ସମ୍ରାଟ ଅଶୋକଙ୍କର ମୃତ୍ୟୁ ପରେ କଳିଙ୍ଗ ମଗଧ ସାମ୍ରାଜ୍ୟରୁ ବିଚ୍ଛିନ୍ନ ହୋଇ ନିଜର ସ୍ୱାଧୀନତା ଘୋଷଣା କରିଥିଲା । ଏହି ସ୍ୱାଧୀନତା ହାସଲରେ ଚେଦି ରାଜବଂଶର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଚେଦି ବଂଶର ସବୁଠାରୁ ଶକ୍ତିଶାଳୀ ରାଜା ଥିଲେ ସମ୍ରାଟ ଖାରବେଳ । ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଖୋଦିତ ହାତୀଗୁମ୍ଫା ଶିଳାଲେଖରେ ସମ୍ରାଟ ଖାରବେଳଙ୍କ ଶାସନ ସମ୍ପର୍କରେ ବର୍ଣ୍ଣନା ରହିଛି । ଖାରବେଳଙ୍କ ପୂର୍ବଜମାନେ ଉତ୍ତର ଭାରତରୁ ଆସି କଳିଙ୍ଗ ଉପରେ ଆଧିପତ୍ୟ ବିସ୍ତାର କରିଥିଲେ ବୋଲି ଜଣାଯାଏ । ଖାରବେଳ ଥିଲେ ଚେଦି ରାଜବଂଶର ତୃତୀୟ ରାଜା । ଅନେକଗୁଡ଼ିଏ ରାଜ୍ୟ ଜୟ କରିଥିବାରୁ ତାଙ୍କୁ ରାଜାମାନଙ୍କର ରାଜା ବା 'ସମ୍ରାଟ' ବୋଲି କୁହାଯାଉଥିଲା । ତାଙ୍କର ସଂପୂର୍ଣ୍ଣ ନାମ ଥିଲା ମହାମେଘବାହନ ଐର ଖାରବେଳ ।

## (୨) ଶୈଳୋଦ୍ଭବ ରାଜବଂଶ

ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀ ଆରମ୍ଭରେ ଓଡ଼ିଶାରେ ଶୈଳୋଦ୍ଭବ ରାଜବଂଶର ଶାସନ ଆରମ୍ଭ ହୋଇଥିଲା । ଉତ୍ତରର ମହାନଦୀ ଠାରୁ ଆରମ୍ଭ କରି ଦକ୍ଷିଣରେ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଶୈଳୋଦ୍ଭବମାନେ ସେମାନଙ୍କର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଶୈଳୋଦ୍ଭବର ଅର୍ଥ ଶିଳା ବା ପର୍ବତରୁ ଜାତ । ଶୈଳୋଦ୍ଭବମାନେ ଗଙ୍ଗ ରାଜବଂଶର ବଂଶଧର ଥିଲେ ବୋଲି କେତେକ ଐତିହାସିକ ବିଶ୍ୱାସ କରୁଥିବାବେଳେ ଅନ୍ୟ କେତେକ ବିଶ୍ୱାସ କରନ୍ତି ଯେ ସେମାନେ ହେଉଛନ୍ତି ମଧ୍ୟପ୍ରଦେଶର ଶିଳା ରାଜବଂଶର ଦାୟାଦ । ମହେନ୍ଦ୍ରଗିରି ଶୈଳୋଦ୍ଭବ ରାଜବଂଶର ପ୍ରଥମ ରାଜଧାନୀ ଥିଲା ଏବଂ ଧର୍ମରାଜ ଏହି ବଂଶର ଶ୍ରେଷ୍ଠ ରାଜା ଥିଲେ ।

ଗୌଡ଼ର ରାଜା ଶଶାଙ୍କ ଏବଂ ହର୍ଷବର୍ଦ୍ଧନ ଓଡ଼ିଶାକୁ ଶାସନାଧୀନ କରିଥିଲେ ମଧ୍ୟ ଶୈଳୋଦ୍ଭବମାନେ ସେମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ କି ନାହିଁ ସଠିକ୍ ଭାବରେ କହିହେବ ନାହିଁ । ଗଞ୍ଜାମ ଫଳକରୁ ଜଣାଯାଏ ଯେ ଶୈଳୋଦ୍ଭବ ରାଜା ମାଧବରାଜ ତାଙ୍କ ରାଜତ୍ୱ ସମୟରେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ । ଐତିହାସିକ ତଥ୍ୟ ଆଧାରରେ କୁହାଯାଇପାରେ ଯେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁପରେ ଶୈଳୋଦ୍ଭବମାନେ ଓଡ଼ିଶାରେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ।

## (୩) ଭୌମକର ରାଜବଂଶ

ଭୌମକର ରଜାବଂଶ ଓଡ଼ିଶାରେ ଖ୍ରୀ.ଅ. ୭୩୬ ରୁ ରାଜତ୍ୱ ଆରମ୍ଭ କରିଥିଲେ ବୋଲି ଜଣାଯାଏ । କେତେକ ଐତିହାସିକଙ୍କ ମତରେ ଏହି ବଂଶର ରାଜାମାନେ ସେମାନଙ୍କ ନାମ ପଛରେ 'କର' ଶବ୍ଦ ବ୍ୟବହାର କରୁଥିବାରୁ ଏହି ରାଜବଂଶକୁ ଭୌମକର ରାଜବଂଶ ବୋଲି କୁହାଯାଇଥାଏ । ଉତ୍ତରରେ ମେଦିନୀପୁରଠାରୁ ଦକ୍ଷିଣରେ ମହେନ୍ଦ୍ରଗରି ପର୍ଯ୍ୟନ୍ତ ଭୌମକର ସାମ୍ରାଜ୍ୟ ପରିବ୍ୟାପ୍ତ ଥିଲା । ବୈତରଣୀ ନଦୀକୂଳସ୍ଥ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ ଭୌମକର ସାମ୍ରାଜ୍ୟର ରାଜଧାନୀ ଥିଲା ।

ପରବର୍ତ୍ତୀ ସମୟରେ ଦୁର୍ବଳ ଉତ୍ତରାଧିକାରୀଙ୍କ ଯୋଗୁଁ ଭୌମକର ରାଜବଂଶର ପତନ ଘଟିଥିଲା । କ୍ରମେ ସୋମବଂଶୀ ରାଜାମାନଙ୍କର ପ୍ରଭାବ ତୋଷାଳୀରେ ବଢ଼ିବାକୁ ଲାଗିଲା । ଭୁବନେଶ୍ୱରରେ ଥିବା ଶିଶିରେଶ୍ୱର, ତୁଳେଶ୍ୱର ଏବଂ ବୋଇତାଳ ମନ୍ଦିରଗୁଡ଼ିକ ଭୌମକର ରାଜବଂଶର କୀର୍ତ୍ତି । ଧର୍ମ ମହାଦେବୀ ଭୌମକର ରାଜବଂଶର ଶେଷ ସାମ୍ରାଜ୍ଞୀ ଥିଲେ । ତାଙ୍କ ପରେ ସୋମବଂଶୀ ରାଜାମାନେ ଓଡ଼ିଶା ଅଧିକାର କରିଥିଲେ ।

## (୪) ସୋମବଂଶୀ ରାଜବଂଶ

ସପ୍ତମ ଶତାବ୍ଦୀର ଶେଷ ବେଳକୁ ମଧ୍ୟଯୁଗୀୟ ଓଡ଼ିଶାର ଦକ୍ଷିଣ କୋଶଳରେ ଯେଉଁ ଶକ୍ତିଶାଳୀ ରାଜବଂଶ ଶାସନ ଆରମ୍ଭ କରିଥିଲେ ତାହା ପାଣ୍ଡୁବଂଶୀ ବା ସୋମବଂଶୀ ନାମରେ ପରିଚିତ ଥିଲା। ଏକା ସୁଦୃଢ଼ ଶାସନ ପ୍ରତିଷ୍ଠା କରି ଓଡ଼ିଶାରେ ରାଜନୈତିକ ଏକତା ଆଣିବାରେ ସୋମବଂଶୀ ରାଜାମାନେ ସଫଳତା ଅର୍ଜନ କରିଥିଲେ। ଲିଙ୍ଗରାଜ ମନ୍ଦିର ଓ ରାଜାରାଣୀ ମନ୍ଦିର ପ୍ରଭୃତି ନିର୍ମାଣ କରି ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ବୃଦ୍ଧି କରିବାରେ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଦକ୍ଷିଣ କୋଶଳର ସୋମବଂଶୀରାଜାମାନେ ପରବର୍ତ୍ତୀ ସମୟରେ ଓଡ଼ିଶାରେ ସେମାନଙ୍କର ରାଜତ୍ୱ ପ୍ରତିଷ୍ଠା କରି 'ମହାଶିବଗୁପ୍ତ' ଓ 'ମହାଭବଗୁପ୍ତ' ରୂପକ ଅଭିଷେକ ନାମ ଗ୍ରହଣ କରିଥିଲେ।

### ମହାଭବଗୁପ୍ତ ପ୍ରଥମ ଜନ୍ମେଜୟ (ଖ୍ରୀ.ଅ. ୮୮୨ – ୯୨୨ ଖ୍ରୀ.ଅ.)

ନବମ ଶତାବ୍ଦୀର ଶେଷଭାଗରେ ମହାଭବଗୁପ୍ତ ପ୍ରଥମ ଜନ୍ମେଜୟ ସିଂହାସନ ଆରୋହଣ କରିଥିଲେ ଏବଂ ସେ ଓଡ଼ିଶାରେ ସୋମବଂଶୀ ଶାସନ ପ୍ରତିଷ୍ଠା କରିଥିଲେ। ଭୌମକର ରାଜା ଚତୁର୍ଥ ଶୁଭଂକର ଦେବଙ୍କ ସହିତ ନିଜର କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ପ୍ରଥମ ଜନ୍ମେଜୟ ବିବାହ ଦେଇଥିଲେ। ଜନ୍ମେଜୟ ତାଙ୍କର ରାଜଧାନୀ ସୁବର୍ଣ୍ଣପୁରଠାରେ ପ୍ରତିଷ୍ଠା କରିଥିଲେ। ଅନେକ ସାମନ୍ତ ରାଜା ତାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ। ଜନ୍ମେଜୟ ସାହିତ୍ୟାନୁରାଗୀ ଥିଲେ ଏବଂ କଳା ଓ ଭାସ୍କର୍ଯ୍ୟର ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ସୋମବଂଶୀ ସାମ୍ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ ନିମିତ୍ତ ସେ ସମସ୍ତ ପ୍ରକାର ପଦକ୍ଷେପ ନେଇଥିଲେ। ଏହି ବଂଶର ରାଜାମାନେ କେଶରୀ ଉପାଧି ଧାରଣ କରିଥିବାରୁ ଏହି ରାଜବଂଶକୁ କେଶରୀ ବଂଶ ମଧ୍ୟ କୁହଯାଏ।

### ମହାଶିବଗୁପ୍ତ ପ୍ରଥମ ଯଯାତି (ଖ୍ରୀ.ଅ. ୯୨୨–୯୫୫ ଖ୍ରୀ.ଅ.)

ପ୍ରଥମ ଯଯାତିଙ୍କୁ ଯଯାତି କେଶରୀ ବୋଲି ମାଦଳାପାଞ୍ଜିରେ ବର୍ଣ୍ଣାନ କରାଯାଇଛି । ୯୨୨ ଖ୍ରୀ.ଅ.ରେ ସିଂହାସନ ଆରୋହଣ କରିବା ପରେ ପ୍ରଥମ ଯଯାତି ନିଜ ରାଜଧାନୀକୁ ସୁବର୍ଣ୍ଣପୁରରୁ ମହାନଦୀ କୂଳରେ ଥିବା ବିନୀତପୁର (ଆଧୁନିକ ବିନିକା)କୁ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ରାଜତ୍ୱର ଷୋଡ଼ଶ ବର୍ଷରେ ସେ ଯଯାତିନଗର ନାମରେ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ। ପ୍ରଥମ ଯଯାତିଙ୍କ ପୁତ୍ର ଭୀମରଥଙ୍କ ଘୋଷଣାନାମାରେ ବର୍ଣ୍ଣନା କରାଯାଇଛି ଯେ ତାଙ୍କର ପ୍ରଥମ ରାଜ୍ୟ କୋଶଳ ଦେଶ ଏବଂ ଦ୍ୱିତୀୟ ରାଜ୍ୟ ଥିଲା ଓଡ୍ର। ଏହି ସମୟରେ ପଶ୍ଚିମରେ କାଲାଚୁରୀମାନେ ସୋମବଂଶୀ ରାଜ୍ୟ ପ୍ରତି ବିପଦ ସୃଷ୍ଟି କରିଥିଲେ। ଖ୍ରୀ.ଅ. ୪୯୪ ବେଳକୁ ପ୍ରଥମ ଯଯାତି ତୋଷାଳୀ ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଜାହିର କରିଥିଲେ।

**ମହାଭବଗୁପ୍ତ ଉଦ୍ୟୋତ କେଶରୀ (ଖ୍ରୀ.ଅ. ୧୦୪୦–୧୦୬୫):** ଦ୍ୱିତୀୟ ଯଯାତିଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ଉଦ୍ୟୋତ କେଶରୀ ୧୦୪୦ ଖ୍ରୀ.ଅ.ରେ ସିଂହାସନ ଆରୋହଣ କରିଥିଲେ। ଧର୍ମ ଓ କଳା କ୍ଷେତ୍ରରେ ଉଦ୍ୟୋତ କେଶରୀ ଶାସନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଶିବଙ୍କର ଉପାସକ ଥିଲେ ବି ସେ ଜୈନମାନଙ୍କର ପୃଷ୍ଠପୋଷକତା କରିଥିଲେ। କୁମାର ପର୍ବତ ଉପରେ ଉଦ୍ୟୋତ କେଶରୀ ୨୪ଜଣ ଜୈନ ତୀର୍ଥଙ୍କରଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ତାଙ୍କର ମାତା କୋଳାବତୀ ଦେବୀ ଭୁବନେଶ୍ୱରରେ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରିଥିଲେ।

ଉଦ୍ୟୋତ କେଶରୀଙ୍କ ପୁତ୍ର ଦ୍ୱିତୀୟ ଜନ୍ମେଜୟ ୧୦୬୫ ଖ୍ରୀ.ଅ.ରେ ସିଂହାସନ ଆରୋହଣ କରିଥିଲେ। ତାଙ୍କ ସମୟରେ ଓଡ଼ିଶାରେ ସୋମବଂଶୀ ଶାସନର ପତନ ଆରମ୍ଭ ହୋଇଥିଲା ଏବଂ ଓଡ଼ିଶାର ରାଜନୈତିକ ପ୍ରାଧାନ୍ୟ ହ୍ରାସ ପାଇଥିଲା। ମହାଶିବଗୁପ୍ତ କର୍ଣ୍ଣଦେବ (ଖ୍ରୀ.ଅ. ୧୧୦୦ – ୧୧୧୦) ସୋମବଂଶୀ ଶାସନର ଶେଷ ରାଜା ଥିଲେ। କର୍ଣ୍ଣଦେବଙ୍କ ରାଜ୍ୟ ଉପକୂଳବର୍ତ୍ତୀ ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲା ମଧ୍ୟରେ ସୀମାବଦ୍ଧ ଥିଲା। କର୍ଣ୍ଣଦେବ ଜଣେ ଦୁର୍ବଳ ରାଜା ଥିବାରୁ ଗଙ୍ଗରାଜା ଚୋଳଗଙ୍ଗଦେବ ତାଙ୍କୁ ବିତାଡ଼ିତ କରି ନିଜକୁ ଓଡ଼ିଶାର ରାଜା ଘୋଷଣା କଲେ ଏବଂ ୧୧୦୦ ଖ୍ରୀ.ଅ.ରେ ସୋମବଂଶୀ ରାଜ୍ୟକୁ କଳିଙ୍ଗ ସହିତ ମିଶାଇ ଦେଇଥିଲେ । ୧୧୧୮ ଖ୍ରୀ.ଅ. ବେଳକୁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ ଗଙ୍ଗମାନଙ୍କର ଶାସନାଧୀନ ହୋଇଥିଲା।

## (୫) ଗଙ୍ଗରାଜ ବଂଶ

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗକୁ ଗଙ୍ଗରାଜବଂଶ ଓଡ଼ିଶାର ଦକ୍ଷିଣାଂଶରେ ଶାସନ କରୁଥିଲେ ବୋଲି ପ୍ରମାଣ ମିଳେ। ପରବର୍ତ୍ତୀ ସମୟରେ ସମଗ୍ର ଓଡ଼ିଶାରେ ଏହି ରାଜବଂଶ ପ୍ରତିଷ୍ଠା ଲାଭ କରିଥିଲେ। ଓଡ଼ିଶାର ଗଙ୍ଗ ବଂଶର ପ୍ରଥମ ରାଜା କାମାର୍ଣ୍ଣବ ମହିଶୂର ଗଙ୍ଗବଂଶର ଥିଲେ। ଗଙ୍ଗବଂଶର ରାଜାମାନଙ୍କୁ ମୁଖ୍ୟତଃ ଦୁଇ ଭାଗରେ, ମହିଶୂର ଗଙ୍ଗବଂଶ ଓ ଓଡ଼ିଶା ତ୍ରିକଳିଙ୍ଗରେ ଶାସନ କରୁଥିବା ଗଙ୍ଗବଂଶରେ ବିଭକ୍ତ କରାଯାଇଛି। ଓଡ଼ିଶାର ଗଙ୍ଗବଂଶକୁ ପୂର୍ବଗଙ୍ଗ ବୋଲି କୁହାଯାଏ ଏବଂ ସେମାନେ କ୍ରମାଗତ ପାଞ୍ଚଶହ ବର୍ଷଧରି ତ୍ରିକଳିଙ୍ଗରେ ଶାସନ କରିଥିଲେ। କାମାର୍ଣ୍ଣବଙ୍କ ପରେ ତାଙ୍କର ପୁତ୍ର ବଜ୍ରହସ୍ତ ୧୦୩୮ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ନଗରଠାରେ ମହାରାଜାଧିରାଜ ଉପାଧି ଗ୍ରହଣ କରି ସିଂହାସନ ଆରୋହଣ କରିଥିଲେ। ତାଙ୍କ ପରେ ରାଜରାଜଦେବ ୧୦୭୦ ଖ୍ରୀଷ୍ଟାବ୍ଦରୁ ୧୦୭୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ।

ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ ଦୁଇବର୍ଷ ବୟସରେ ୧୦୭୬ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ନଗରଠାରେ ସିଂହାସନ ଆରୋହଣ କରିଥିଲେ। ପ୍ରାପ୍ତ ବୟସ୍କ ହେବାପରେ ଓଡ଼ିଶାରେ ଗଙ୍ଗ ଶାସନ ପରିସରକୁ ସେ ବୃଦ୍ଧି କରାଇଥିଲେ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ତାଙ୍କର ରାଜ୍ୟ ପରିବ୍ୟାପ୍ତ ଥିଲା। ଉତ୍କଳ

ସହିତ ନିଜର ସାମ୍ରାଜ୍ୟ ମିଶ୍ରଣ କରାଇବା ପରେ ଚୋଡ଼ଗଙ୍ଗଦେବ ନିଜର ରାଜଧାନୀ କଟକଠାରେ ପ୍ରତିଷ୍ଠା କରାଇଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପାଇଁ ସେ ଶ୍ରୀମନ୍ଦିର ନିର୍ମାଣ କରାଇଥିଲେ। ଚୋଡ଼ଗଙ୍ଗ ଦେବ ପ୍ରଥମେ ଶିବଙ୍କର ପରମ ଭକ୍ତ ଥିଲେ କିନ୍ତୁ ଓଡ଼ିଶା ଅଧିକାର କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ଶ୍ରେଷ୍ଠ ଭକ୍ତ ଭାବରେ ପରିଚିତ ହୋଇଥିଲେ। ଚୋଡ଼ଗଙ୍ଗ ଦେବଙ୍କ ମୃତ୍ୟୁ ପରେ କ୍ରମାଗତ ଭାବରେ ତାଙ୍କର ଚାରି ପୁତ୍ର ସିଂହାସନ ଆରୋହଣ କରିଥିଲେ। ତୃତୀୟ ରାଜରାଜ ଦେବଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ତୃତୀୟ ଅନଙ୍ଗ ଭୀମଦେବ ୧୨୧୧ ଖ୍ରୀଷ୍ଟାବ୍ଦରେ ଗଙ୍ଗ ସିଂହାସନ ଆରୋହରଣ କରିଥିଲେ।

ତୃତୀୟ ଅନଙ୍ଗଭୀମଦେବଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ପ୍ରଥମ ନରସିଂହ ଦେବ ୧୨୩୮ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ ଏବଂ ପ୍ରାୟ ଦୁଇ ଦଶନ୍ଧି ଧରି ସୁଶାସନ ସହିତ କାରୁକାର୍ଯ୍ୟ ବିମଣ୍ଡିତ ବିଶାଳ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ। ନରସିଂହ ଦେବଙ୍କ ପରେ ପ୍ରଥମ ଭାନୁଦେବ (୧୨୬୪-୭୮ ଖ୍ରୀଷ୍ଟାବ୍ଦ) ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଦ୍ୱିତୀୟ ନରସିଂହଦେବ (୧୨୭୮-୧୪୦୬ ଖ୍ରୀ.ଅ.), ଦ୍ୱିତୀୟ ଭାନୁଦେବ (୧୩୦୬ - ୧୩୨୮ ଖ୍ରୀ.ଅ.), ତୃତୀୟ ଭାନୁଦେବ (୧୩୫୨-୧୩୭୮ ଖ୍ରୀ.ଅ.), ଚତୁର୍ଥ ନରସିଂହ ଦେବ ((୧୩୭୮-୧୪୧୪ ଖ୍ରୀ.ଅ.) ଏବଂ ଚତୁର୍ଥ ଭାନୁଦେବ (୧୪୧୪-୧୪୩୪ ଖ୍ରୀ.ଅ.) ପର୍ଯ୍ୟନ୍ତ ଗଙ୍ଗ ଶାସନ ପରିଚାଳନା କରିଥିଲେ। ଚୋଡ଼ଗଙ୍ଗଦେବଙ୍କଠାରୁ ଆରମ୍ଭ କରି ଚତୁର୍ଥ ଭାନୁଦେବଙ୍କ ପର୍ଯ୍ୟନ୍ତ ପନ୍ଦରଜଣ ଗଙ୍ଗସମ୍ରାଟ ଓଡ଼ିଶାରେ ପ୍ରାୟ ତିନିଶହ ପଚାଶ ବର୍ଷ କାଳ ଶାସନ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗରୁ ଗଙ୍ଗରାଜାମାନଙ୍କର ସାମରିକ ଶକ୍ତି ଦ୍ରୁତ ଗତିରେ ହ୍ରାସ ପାଇଲା। ବହିଃଶତ୍ରୁ ଆକ୍ରମଣ, ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ରାଜାମାନଙ୍କର ଭୀରୁତା ତଥା ରାଜକର୍ମଚାରୀମାନଙ୍କ ବିଶ୍ୱାସ ଘାତକତା ଯୋଗୁଁ ଗଙ୍ଗ ସାମ୍ରାଜ୍ୟ କ୍ରମେ ପତନ ଆଡ଼କୁ ଟାଣିହୋଇ ଯାଇଥିଲା।

ରାଜାମାନେ ଗଙ୍ଗରାଜବଂଶର ଶାସନ ମୁଖ୍ୟ ଥିଲେ। ମନ୍ତ୍ରୀମାନଙ୍କର ପରାମର୍ଶ ଅନୁସାରେ ସେମାନେ ରାଜ୍ୟ ଶାସନ କରୁଥିଲେ। ମନ୍ତ୍ରୀମାନଙ୍କୁ ପାତ୍ର ସାମନ୍ତ ବୋଲି କୁହାଯାଉଥିଲା ଏବଂ ସେମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗ ବଣ୍ଟନ କରାଯାଇଥିଲା। ସମଗ୍ର ସାମ୍ରାଜ୍ୟକୁ ମହାମଣ୍ଡଳରେ, ମହାମଣ୍ଡଳକୁ ମଣ୍ଡଳରେ, ମଣ୍ଡଳକୁ ବିଷୟରେ ଏବଂ ବିଷୟକୁ କେତେକ ଗ୍ରାମରେ ବିଭକ୍ତ କରାଯାଇଥିଲା। ଏହିସବୁ ବିଭାଗରେ ଶାସନ ପରିଚାଳନା ପାଇଁ ମାଣ୍ଡଳିକ ଓ ମହାମାଣ୍ଡଳିକ ଆଦି କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସମାଜରେ ବର୍ଣ୍ଣ ବ୍ୟବସ୍ଥା ରହିଥିଲା। ପ୍ରଥମାବସ୍ଥାରେ ଚୋଡ଼ଗଙ୍ଗଦେବଙ୍କ ପର୍ଯ୍ୟନ୍ତ ରାଜାମାନେ ଶୈବ ଧର୍ମାବଲମ୍ବୀ ଥିଲେ। କିନ୍ତୁ ସାମ୍ରାଜ୍ୟ ପ୍ରତିଷ୍ଠା କଲା ପରେ ସେମାନେ ବୈଷ୍ଣବ ଧର୍ମ ପ୍ରତି ଅନୁରକ୍ତି ପ୍ରକାଶ କରିଥିଲେ। ଶ୍ରୀଜଗନ୍ନାଥଙ୍କୁ ଗଙ୍ଗ ସମ୍ରାଟମାନେ ରାଷ୍ଟ୍ର ଦେବତା ଭାବରେ ଗ୍ରହଣ କରିଥିଲେ। ଗଙ୍ଗ ରାଜତ୍ୱ ସମୟରେ ବିଦ୍ୟାଧର 'ଏକାବଳୀ', ଜୟଦେବ 'ଗୀତଗୋବିନ୍ଦ', ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ' ଏବଂ ସତ୍ୟାନନ୍ଦ 'ସୂର୍ଯ୍ୟସିଦ୍ଧାନ୍ତ' ଆଦି ପୁସ୍ତକ ରଚନା କରି ଓଡ଼ିଶାର ସାରସ୍ୱତ ଜଗତକୁ ସମୃଦ୍ଧ କରିଥିଲେ।

## (୬) ସୂର୍ଯ୍ୟବଂଶ

ଗଙ୍ଗ ରାଜବଂଶର ପତନ ପରେ ଓଡ଼ିଶାରେ ଯେଉଁ ନୂତନ ରାଜବଂଶ ଶାସନ ଆରମ୍ଭ କଲା, ତାହା ସୂର୍ଯ୍ୟ ରାଜବଂଶ ବା ସୂର୍ଯ୍ୟବଂଶ ନାମରେ ପ୍ରସିଦ୍ଧ ଲାଭ କଲା। ଗଙ୍ଗ ବଂଶର ରାଜା ଚତୁର୍ଥ ଭାନୁଦେବଙ୍କ ପତନ ପରେ କପିଳେନ୍ଦ୍ର ଦେବ ଗଙ୍ଗ ସିଂହାସନ ଅଧିକାର କରି ନିଜକୁ ସୂର୍ଯ୍ୟବଂଶର ବଂଶଧର ବୋଲି ଦାବୀ କରିଥିଲେ। ସୂର୍ଯ୍ୟବଂଶୀ ରାଜାମାନଙ୍କର ସୈନ୍ୟବାହିନୀରେ ବହୁ ସଂଖ୍ୟକ ଗଜ ବ୍ୟବହୃତ ହେଉଥିବାରୁ ଏହି ବଂଶର ରାଜାମାନଙ୍କୁ 'ଗଜପତି' ବୋଲି କୁହାଯାଉଥିଲା।

**କପିଳେନ୍ଦ୍ରଦେବ (୧୪୩୫-୧୪୬୭ ଖ୍ରୀ.ଅ.) :** ସୂର୍ଯ୍ୟବଂଶର ପ୍ରଥମ ଗଜପତି କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦରେ ଭୁବନେଶ୍ୱରଠାରେ ସିଂହାସନ ଆରୋହଣ କରିଥିଲେ। କପିଳେନ୍ଦ୍ର ଦେବ ଗଙ୍ଗ ସୈନ୍ୟବାହିନୀରେ ଜଣେ ସୈନିକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଶେଷ ଗଙ୍ଗରାଜା ଚତୁର୍ଥ ଭାନୁଦେବଙ୍କର ସେ ମନ୍ତ୍ରୀ ଥିଲେ। ସେ ସମ୍ରାଟ ହେବାପରେ ଓଡ଼ିଶାର ସାମନ୍ତ ରାଜାମାନେ ତାଙ୍କର ସାର୍ବଭୌମତ୍ୱ ଗ୍ରହଣ କରିବାକୁ ବାଧ ହୋଇଥିଲେ। କପିଳେନ୍ଦ୍ର ଦେବ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ଦକ୍ଷିଣ ଭାରତର ରେଡ୍ଡି ରାଜା, ବିଜୟନଗରର ଶକ୍ତିଶାଳୀ ସମ୍ରାଟ ଦ୍ୱିତୀୟ ଦେବରାୟ, ତେଲିଙ୍ଗାନା ଅଞ୍ଚଳର ପ୍ରଭାବଶାଳୀ କାକତିୟ ରାଜାଙ୍କୁ ପରାସ୍ତ କରି ଦକ୍ଷିଣ ଭାରତର ଅନେକ ଅଞ୍ଚଳ ଦଖଲ କରିଥିଲେ। ବାହାମନୀ ରାଜ୍ୟର ରାଜଧାନୀ କଳବର୍ଗା ବା କୁଲବର୍ଗା ଅଧିକାରୀ କରି କଳବର୍ଗେଶ୍ୱର ଉପାଧି ଧାରଣ କରିଥିଲେ। ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିପାରିଥିଲେ କପିଳେନ୍ଦ୍ରଦେବ। ୧୪୬୮ ଖ୍ରୀଷ୍ଟାବ୍ଦରେ କୃଷ୍ଣାନଦୀ କୂଳରେ ପ୍ରାଣତ୍ୟାଗ କରିବା ପୂର୍ବରୁ ନିଜର କନିଷ୍ଠ ପୁତ୍ର ପୁରୁଷୋତ୍ତମ ଦେବଙ୍କୁ ନିଜର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। କପିଳେନ୍ଦ୍ରଦେବ ଏକାଧାରରେ ଥିଲେ ଜଣେ ଦକ୍ଷ ସମ୍ରାଟ, ଉଚ୍ଚକୋଟୀର ସେନାଧକ୍ଷ, ପ୍ରଜାବତ୍ସଳ, ସାହିତ୍ୟ ପ୍ରେମୀ ଏବଂ ଜଣେ ଧାର୍ମିକ ରାଜା।

**ପୁରୁଷୋତ୍ତମଦେବ (୧୪୬୮-୧୪୯୭ ଖ୍ରୀ.ଅ.) :** କପିଳେନ୍ଦ୍ରଦେବ ନିଜର କନିଷ୍ଠ ପୁତ୍ର ପୁରୁଷୋତ୍ତମଦେବଙ୍କୁ ନିଜର ଉତ୍ତରାଧିକାରୀ ରୂପେ ଚୟନ କରିବାରୁ ଜ୍ୟେଷ୍ଠପୁତ୍ର ହମ୍ବିରଦେବ ବିଦ୍ରୋହ କରିଥିଲେ। ପରବର୍ତ୍ତୀ ସମୟରେ ପୁରୁଷୋତ୍ତମ ୧୪୭୨ ଖ୍ରୀ.ଅ.ରୁ ୧୪୭୬ ଖ୍ରୀ.ଅ. ପର୍ଯ୍ୟନ୍ତ ରାଜମହେନ୍ଦ୍ରୀ ଶାସନ କରିବା ପାଇଁ ହମ୍ବିରଦେବଙ୍କୁ ସୁଯୋଗ ଦେଇଥିଲେ। ପୁରୁଷୋତ୍ତମ ଦେବ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରିପାରିଥିଲେ। ସେ ଦକ୍ଷିଣରେ ବାହାମନୀ ସୁଲତାନ, ବିଜୟନଗରର ସାଳ୍ୱ ନରସିଂହ ଦେବ ଏବଂ ତେଲେଙ୍ଗାନା ଅଞ୍ଚଳର ଅନେକ ରାଜାଙ୍କୁ ପରାସ୍ତ କରିଥିଲେ। ସାଳ୍ୱ ନରସିଂହଦେବଙ୍କୁ ପରାସ୍ତ କରିବା ପରେ ତାଙ୍କ କନ୍ୟା ପଦ୍ମାବତୀଙ୍କୁ ଅପହରଣ କରି ନେଇଆସିଥିଲେ। ପରବର୍ତ୍ତୀ ସମୟରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ସେ ପଦ୍ମାବତୀଙ୍କୁ ରାଣୀରୂପେ ଗ୍ରହଣ କରିଥିଲେ। ୧୪୮୯ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ

ଦେବ କାଞ୍ଚି ଅଧିକାର କରିଥିଲେ । ସେ ଏକାଧାରାରେ ଜଣେ ପରାକ୍ରମୀ ଯୋଦ୍ଧା, ଉଚ୍ଚକୋଟୀର କବି ଓ ପଣ୍ଡିତ ଥିଲେ ।

## ପ୍ରତାପରୁଦ୍ର ଦେବ (୧୪୯୭–୧୫୩୩ ଖ୍ରୀ.ଅ.)

୧୪୯୭ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମଦେବଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ପ୍ରତାପରୁଦ୍ରଦେବ ସିଂହାସନ ଆରୋହଣ କଲେ । ତାଙ୍କ ସମୟ ବେଳକୁ ସୂର୍ଯ୍ୟବଂଶର ସାମରିକ ଶକ୍ତି ବହୁଗୁଣକୁ ହ୍ରାସ ପାଇଥିଲା । ଶାସନର ପ୍ରାରମ୍ଭିକ ଅବସ୍ଥାରେ ପ୍ରତାପରୁଦ୍ରଦେବ ଗୌଡ଼ର ସୁଲତାନଙ୍କୁ ପରାସ୍ତ କରି ମଣ୍ଡାରଣ ଦୁର୍ଗକୁ ଅଧିକାର କରିଥିଲେ ବି ନିଜର ସେନାପତି ଗୋବିନ୍ଦ ବିଦ୍ୟାଧରଙ୍କ ବିଶ୍ୱାସଘାତକତା ପାଇଁ ସେ ଦୁର୍ଗକୁ ହରାଇଥିଲେ । ୧୫୦୬–୦୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିବାରୁ ପ୍ରତାପରୁଦ୍ରଦେବ ବିଜୟନଗର ରାଜ୍ୟ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିନଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ୧୫୧୨ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ରଦେବ ଓ କୃଷ୍ଣଦେବରାୟ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ଦୀର୍ଘ ସାତବର୍ଷକାଳ ଲାଗି ରହିଥିଲା । ୧୪୧୪ ଖ୍ରୀଷ୍ଟାବ୍ଦରେ ଯୁଦ୍ଧରେ ଜୟଯୁକ୍ତ ହୋଇ କୃଷ୍ଣଦେବ ରାୟ ଗଜପତିଙ୍କ ରାଜ୍ୟକୁ ଖଣ୍ଡବିଖଣ୍ଡତ କରିଦେଇଥିଲେ ଏବଂ ଉଦୟଗିରି ଦୁର୍ଗକୁ ଅଧିକାର କରିଥିଲେ । ୧୫୧୯ ଖ୍ରୀ.ଅ.ରେ କୃଷ୍ଣଦେବରାୟ ପ୍ରତାପରୁଦ୍ରଦେବଙ୍କ ରାଜଧାନୀ କଟକ ଆକ୍ରମଣ କରିଥିଲେ । ପ୍ରତାପରୁଦ୍ରଦେବ ଅନ୍ୟ ଉପାୟ ନପାଇ କୃଷ୍ଣଦେବରାୟଙ୍କ ସହିତ ସନ୍ଧି ସହିତ ୧୫୧୯ ଖ୍ରୀ.ଅ.ରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିଥିଲେ । ସନ୍ଧିର ଚୁକ୍ତି ଅନୁସାରେ ବିଜୟ ନଗର ସମ୍ରାଟ ପ୍ରତାପରୁଦ୍ରଦେବଙ୍କ ଆଧିପତ୍ୟକୁ କୃଷ୍ଣାନଦୀ ପର୍ଯ୍ୟନ୍ତ ସ୍ୱୀକାର କରିଥିଲେ । ଏହି ସହିତ ପ୍ରତାପରୁଦ୍ର ଦେବ ତାଙ୍କର କନ୍ୟାଙ୍କୁ କୃଷ୍ଣଦେବରାୟଙ୍କ ସହିତ ବିବାହ ଦେଇଥିଲେ ।

୧୫୪୦ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ରଦେବ ମୃତ୍ୟୁବରଣ କରିଥିଲେ । ସେ ଧବଳେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ସମୟରେ ଓଡ଼ିଶାରେ ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିଲା । ବୈଷ୍ଣବଧର୍ମ ପ୍ରଚାରକ ଶ୍ରୀଚୈତନ୍ୟ ୧୫୧୦ ଖ୍ରୀ.ଅ.ରେ ଓଡ଼ିଶା ଭ୍ରମଣରେ ଆସି ୧୫୧୬ ଖ୍ରୀଷ୍ଟାବ୍ଦରେ । ପୁରୀରେ ପହଞ୍ଚିଥିଲେ ଓ ୧୫୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏଠାରେ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ଗଜପତି ପ୍ରତାପରୁଦ୍ର ଦେବ ଏବଂ ତାଙ୍କର ଅନେକ ପାତ୍ର ମନ୍ତ୍ରୀ ଶ୍ରୀଚୈତନ୍ୟଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

ସୂର୍ଯ୍ୟବଂଶୀ ରାଜାମାନଙ୍କ ଶାସନକାଳ ମଧ୍ୟରେ ଓଡ଼ିଶା ସମସ୍ତ କ୍ଷେତ୍ରରେ ଗୌରବର ଶିଖରର ଉପନୀତ ହୋଇଥିଲା । ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁ ପରେ ଓଡ଼ିଶାରେ ଗୃହଯୁଦ୍ଧ ଲାଗି ରହିଥିବାରୁ ସୂର୍ଯ୍ୟବଂଶ ଶାସନର ଅବସାନ ଘଟିଲା । ଆଭ୍ୟନ୍ତରୀଣ ଦୁର୍ବଳତା, ସାମରିକ ତଥା ରାଜନୈତିକ ଶକ୍ତିର ଅଧୋଗତି ଏବଂ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଫଳରେ ଓଡ଼ିଶାର ରାଜନୈତିକ ଅଧପତନ ଘଟିଥିଲା ।

ସୂର୍ଯ୍ୟବଂଶୀ ରାଜାମାନେ ସମସ୍ତ କ୍ଷମତା ନିଜ ହାତରେ କେନ୍ଦ୍ରୀଭୂତ କରି ରଖିଥିଲେ । ରାଜ ସଭାରେ ମନ୍ତ୍ରୀ, ଯୁବରାଜ, ଅନ୍ୟାନ୍ୟ ରାଜପୁତ୍ର, ପୁରୋହିତ ବା ରାଜଗୁରୁ, ସାମରିକ କର୍ମଚାରୀ, କବି, ଜ୍ୟୋତିଷ ଏବଂ ପଣ୍ଡିତମାନେ ସ୍ଥାନ ପାଇଥିଲେ । ଗଜପତିମାନଙ୍କ ସାମ୍ରାଜ୍ୟ ଏକ ସାମରିକ ରାଷ୍ଟ୍ର ଥିଲା । ସେମାନେ ଅନେକ ଦୁର୍ଗ ନିର୍ମାଣ କରିଥିଲେ । ସୂର୍ଯ୍ୟବଂଶ ଶାସନ ସମୟରେ ନାରୀମାନେ ସାମାଜିକ ସ୍ତରରେ ଉଚ୍ଚସ୍ଥାନ ପାଇଁ ନଥିଲେ । ସମାଜରେ ପର୍ଦ୍ଦାପ୍ରଥା ପ୍ରଚଳନ ଥିଲା । ମନ୍ଦିରମାନଙ୍କରେ ଦେବଦାସୀମାନଙ୍କୁ ନିଯୁକ୍ତି କରାଯାଇଥିଲା । ସେମାନେ ଅନେକ ମନ୍ଦିର ନିର୍ମାଣ କରିଥିଲେ । ଲୋକମାନେ ବସ୍ତୁ ଆକାରରେ ଭୂମିକର ପ୍ରଦାନ କରୁଥିଲେ । ସୂର୍ଯ୍ୟବଂଶ ଶାସନ ସମୟରେ ଓଡ଼ିଶାର ଅର୍ଥନୈତିକ ଅବସ୍ଥା ସ୍ୱଚ୍ଛଳ ଥିଲା ।

# ସ୍ୱତନ୍ତ୍ର ପ୍ରଦେଶ ଗଠନ

## (Creation of Separate Odisha Province)

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ଓଡ଼ିଶାର କୋର୍ଟ କଚେରୀରେ ପାର୍ଶୀ ଭାଷାର ପ୍ରଚଳନ ଏବଂ ପରବର୍ତ୍ତୀ ସମୟରେ ବଙ୍ଗଳାକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରାଯିବାରୁ ଓଡ଼ିଆ ଭାଷାପ୍ରତି ମହାନ ବିପଦ ଦେଖାଦେଲା । ୧୮୦୩ ରୁ ୧୯୦୩ ମସିହା ପର୍ଯ୍ୟନ୍ତ ଦୀର୍ଘ ଶହେ ବର୍ଷ ଧରି ଓଡ଼ିଆ ଭାଷା କ୍ରମଶଃ ଅବକ୍ଷୟ ପଥରେ ଗତି କରିଥିଲା । ଓଡ଼ିଆ ପୁସ୍ତକ ଓ ଛାପାଖାନାର ଅଭାବ, ବଙ୍ଗୀୟ ବୁଦ୍ଧିଜୀବୀମାନଙ୍କର ବୈମାତୃକ ଭାବ, ନ'ଅଙ୍କ ଦୁର୍ଭିକ୍ଷର ପ୍ରଭାବ ଏବଂ ଇଂରେଜ ସରକାରଙ୍କର ଓଡ଼ିଆ ଭାଷାପ୍ରତି ନ୍ୟୁନ ମନୋଭାବ ଓଡ଼ିଆ ଭାଷାକୁ ଏକ ସଙ୍କଟମୟ ପରିସ୍ଥିତି ଭିତରକୁ ଟାଣି ନେଇଥିଲା । ୧୮୬୬ ମସିହାରେ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା କଟକରେ ପ୍ରଥମ ଛାପାଖାନା ବା ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନ କରାଗଲା । ପରବର୍ତ୍ତୀ ସମୟରେ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ଏବଂ ସମ୍ବଲପୁର ଆଦି ସ୍ଥାନରେ ଓଡ଼ିଆ ଭାଷା ଆନ୍ଦୋଳନର ସୂତ୍ରପାତ ହେଲା । ଏହି ଓଡ଼ିଆ ଭାଷା ଆନ୍ଦୋଳନ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଜନ୍ମ ଦେଇଥିଲା ।

ଓଡ଼ିଶାର ଭାଷା ଆନ୍ଦୋଳନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭିତ୍ତିଭୂମି ସ୍ଥାପନ କରିଥିଲା, ଯାହାର ଫଳସ୍ୱରୂପ ୧ ଅପ୍ରିଲ ୧୯୩୬ ମସିହାରେ ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଊନବିଂଶ ଶତାବ୍ଦୀର ଶେଷବେଳକୁ ଓଡ଼ିଆ ଭାଷା ପ୍ରଚଳିତ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ବିହାର, ମାନ୍ଦ୍ରାଜ ଏବଂ ବଙ୍ଗ ସହିତ ମିଶାଇ ଦିଆଯାଇଥିଲା । ଏହି ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ଏକତ୍ରିତ କରିବା ପାଇଁ ପ୍ରୟାସ କରିଥିବା ବୁଦ୍ଧିଜୀବୀମାନଙ୍କର ନିଷ୍ଠାପର ଉଦ୍ୟମ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ସହାୟକ ହୋଇଥିଲା ।

### ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାର କ୍ରମବିକାଶ :

ଲୋକମାନଙ୍କ ମଧ୍ୟରେ ଜାତୀୟ ଚେତନାର ବିକାଶ ଯୋଗୁଁ ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇପାରିଥିଲା । ଛାପାଖାନାର ପ୍ରତିଷ୍ଠା ଫଳରେ ନୂତନ ପତ୍ରପତ୍ରିକା ପ୍ରକାଶ ପାଇଲା ଯାହା ଫଳରେ ଲୋକମାନଙ୍କ ମନରେ ଜାତୀୟ ଚିନ୍ତାଧାରା ଓ ଜାତୀୟ ଭାବନା ଜାଗରିତ ହେଲା । ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଦାବୀ ତୀବ୍ର ହେବାକୁ ଲାଗିଲା । ୧୮୮୨ ମସିହାରେ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ରିଚାର୍ଡ ଥମ୍‌ସନ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ କଟକର 'ଉତ୍କଳ ସଭା' ପକ୍ଷରୁ ଗଞ୍ଜାମ, ଜୟପୁର ଏବଂ ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇ ଦେବା ପାଇଁ ତାଙ୍କୁ ପ୍ରାର୍ଥନା କରାଯାଇଥିଲା । ପୁନର୍ବାର ୧୮୮୮ ମସିହାରେ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏସ୍.ସି. ବେଲେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ମଧ୍ୟପ୍ରଦେଶ, ମାନ୍ଦ୍ରାଜ

ଏବଂ ବଙ୍ଗରେ ମିଶି ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ପୃଥକ୍ କରି ଓଡ଼ିଶା ସହିତ ମିଶାଇ ଦେବା ପାଇଁ ଉତ୍କଳସଭା ପକ୍ଷରୁ ଦାବୀ ପତ୍ର ପ୍ରଦାନ କରାଗଲା । ଏଥିସହିତ ମଧୁସୂଦନ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ ଏବଂ ନୀଳମଣି ବିଦ୍ୟାରତ୍ନ ଆଦିଙ୍କର ଜାତୀୟତାବାଦୀ ଲେଖାଗୁଡ଼ିକ ଲୋକମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା । ସେହି ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଥିଲେ :

"ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।"

**(୧) ସମ୍ବଲପୁର ସମ୍ମିଶ୍ରଣ :** ସମ୍ବଲପୁରର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମଦନମୋହନ ମିଶ୍ର, ବଜ୍ରମୋହନ ପଟ୍ଟନାୟକ, ବଳଭଦ୍ର ସୁପକାର, ବିହାରୀ ଦାସ ମହନ୍ତ ଏବଂ ଧରଣୀଧର ମିଶ୍ର ପ୍ରମୁଖ ସମ୍ବଲପୁରର କୋର୍ଟକଚେରୀରୁ ହିନ୍ଦୀ ଭାଷାକୁ ଉଠାଇ ଓଡ଼ିଆ ଭାଷା ପ୍ରଚଳନ କରିବା ପାଇଁ ଦାବୀ କଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଆବଶ୍ୟକତା ସମ୍ପର୍କରେ ମଧୁବାବୁ ବଡ଼ଲାର୍ଟ ଲର୍ଡ କର୍ଜନଙ୍କୁ ପ୍ରଭାବିତ କରିଥିଲେ । ୩ ଡିସେମ୍ବର ୧୯୦୩ ମସିହାରେ ଇଂରେଜ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସ୍ୱୀକୃତି ପ୍ରଦାନ କଲେ । ଫଳରେ ୧୯ ଜୁଲାଇ ୧୯୦୫ ମସିହାରେ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ଅଲଗା କରାଯାଇ ଓଡ଼ିଶା ଡିଭିଜନ ସହିତ ରଖାଗଲା । ଏହା ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସଫଳ ପଦକ୍ଷେପ ।

**(୨) ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ :** ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହେବା ଫଳରେ ଓଡ଼ିଆମାନଙ୍କ ମନରେ ଅପୂର୍ବ ଜାଗରଣ ଦେଖାଦେଲା । ୧୯୦୩ ମସିହାରେ ମଧୁବାବୁ ଉତ୍କଳ ସମ୍ମିଳନୀ ଗଠନ କରିବା ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ଆପ୍ରାଣ ଉଦ୍ୟମ କଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆମାନଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇ ମଧୁବାବୁ କହିଥିଲେ :

"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ ।"

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ମଧୁବାବୁ ଇଂଲଣ୍ଡ ଯାତ୍ରା କରି ସେଠାରେ ସମ୍ପୃକ୍ତ ଇଂରେଜ କର୍ମକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ । ବିହାର - ଓଡ଼ିଶା ପ୍ରାଦେଶିକ ବିଧାନ ପରିଷଦର ସଭ୍ୟ ଥିବାବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଯୁକ୍ତି ଦର୍ଶାଇଥିଲେ । ସାଇମନ୍ କମିଶନକୁ ସ୍ୱାଗତ କରି ଉକ୍ତ ଦାବୀକୁ ଉପସ୍ଥାପିତ କରିଥିଲେ ।

**(୩) ବିହାର - ଓଡ଼ିଶା ପ୍ରଦେଶ ଗଠନ :** ୧ ଏପ୍ରିଲ ୧୯୧୨ ମସିହାରେ ସୃଷ୍ଟି ହେଲା ବିହାର - ଓଡ଼ିଶା ପ୍ରଦେଶ । ବଡ଼ଲାଟ୍ ଲର୍ଡ ହାର୍ଡିଞ୍ଜଙ୍କର ସମ୍ମତି ଓ ମଧୁବାବୁଙ୍କର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇଥିଲା । କିନ୍ତୁ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳକୁ ଏକତ୍ରୀକରଣ ପ୍ରଶ୍ନକୁ ଇଂରେଜ ସରକାର ଏଡ଼ାଇ ଦେଇଥିଲେ ।

**(୪) ମଣ୍ଟେଗୁ - ଚେମ୍ସଫୋର୍ଡ ଖସଡ଼ା :** ମଧୁବାବୁଙ୍କ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଭାରତ ସଚିବ ମଣ୍ଟେଗୁଙ୍କୁ ଓଡ଼ିଶା ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ ନିମନ୍ତେ ଦାବୀ କରାଯାଇଥିଲା । ୧୯୧୮ରେ ମଧୁବାବୁ ଉତ୍କଳ ସମ୍ମିଳନୀ ଅଧିବେଶନରେ ମଣ୍ଟେଗୁ ଚେମ୍ସଫୋର୍ଡ ଖସଡ଼ାକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କଲେ । ମଧୁବାବୁ ଏହି ସମୟରେ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରୁ ଇସ୍ତଫା ପ୍ରଦାନ କରିଥିବାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟା ଅଗ୍ରଗତି କରିପାରିନଥିଲା ।

**(୫) ସିନ୍‌ହା ପ୍ରସ୍ତାବ :** ଉତ୍କଳ ସମ୍ମିଳନୀ ଅନୁରୋଧ କ୍ରମେ ୧୯୨୦ ମସିହାରେ ସଚ୍ଚିଦାନନ୍ଦ ସିନ୍‌ହା କାଉନ୍‌ସିଲରେ ପ୍ରସ୍ତାବ ଦେଲେ ଯେଉଁ ଓଡ଼ିଆ ଭାଷଭାଷୀ ବିଚ୍ଛିନ୍ନାଞ୍ଚଳ ବଙ୍ଗ, ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶରେ ରହିଛି ସେସବୁ ଅଞ୍ଚଳକୁ ବିହାର - ଓଡ଼ିଶା ଡିଭିଜନରେ ମିଶାଇଦେବା ନିହାତି ଆବଶ୍ୟକ । ସିନ୍‌ହାଙ୍କର ଏହି ପ୍ରସ୍ତାବକୁ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଦୃଢ଼ ଭାବରେ ସମର୍ଥନ କରିଥିଲେ ।

**(୬) ସାଇମନ୍ କମିଶନ :** ୧୯୨୮ ମସିହାରେ ଭାରତରେ ପଦାର୍ପଣ କରିଥିବା 'ସାଇମନ୍ - କମିଶନ'କୁ ଭାରତୀୟ ଜାତୀୟ କଂଗ୍ରେସ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ବିରୋଧ କରିଥିଲେ । ଲୋକମାନେ 'ସାଇମନ୍ - ଫେରିଯାଅ' ଧ୍ୱନି ଦେଇ ଏହାକୁ ବର୍ଜନ କରିଥିଲେ । କିନ୍ତୁ ଉତ୍କଳ ସମ୍ମିଳନୀ ସାଇମନ୍ କମିଶନକୁ ଅଭିନନ୍ଦନ ଜଣାଇ ଓଡ଼ିଶା ଗଠନର ଦାବୀକୁ ଉତ୍‌ଥାପନ କରିଥିଲେ ଏବଂ ସାଇମନ୍ କମିଶନ୍ ଏହି ଦାବୀପତ୍ର ସହାନୁଭୂତିର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ୧୭ ମେ ୧୯୩୦ ରେ ସାଇମନ୍ କମିଶନର ରିପୋର୍ଟ ପ୍ରକାଶ ପାଇଲା ଯେଉଁଥିରେ ଓଡ଼ିଶାକୁ ଏକ ସ୍ୱତନ୍ତ ପ୍ରଦେଶ ଗଠନ ନେଇ ପ୍ରସ୍ତାବ ଦିଆଯାଇଥିଲା ।

**(୭) ଅଟ୍‌ଲି ସବ୍‌କମିଟି :** ସାଇମନ୍ କମିଶନ୍‌ର ସୁପାରିଶ ଆଧାରରେ ଓଡ଼ିଶାର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ସି. ଆର. ଅଟଲିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା ଯାହାକୁ 'ଅଟ୍‌ଲି ସବ୍‌କମିଟି' ବୋଲି କୁହାଯାଏ । ଅନୁଗୁଳ, ବଙ୍ଗ ପ୍ରଦେଶର ମିଦିନାପୁର ଆଦି ଅଞ୍ଚଳ, ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗଞ୍ଜାମ ଓ ମଧ୍ୟପ୍ରଦେଶ ସରକାରଙ୍କ ଅଧିନସ୍ଥ ଖଡ଼ିଆଳ ଆଦି ଅଞ୍ଚଳକୁ ଓଡ଼ିଶା ସହିତ ମିଶାଇବା ପାଇଁ ଏହି କମିଟି ଇଂରେଜ ସରକାରଙ୍କୁ ପ୍ରସ୍ତାବ


ଦେଇଥିଲା । ଏହି କମିଟିର ରିପୋର୍ଟ ଓଡ଼ିଆମାନଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି କରିଥିଲା ।

**(୮) ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି :** ବଡ଼ଲାଟ୍ ଲର୍ଡ ଲିନ୍‌ଲିଥ୍‌ଗୋଙ୍କ ଅଧ୍ୟକ୍ଷତାରେ ଗଠିତ 'ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି' ୧୯୩୪ ମସିହାରେ ଏହାର ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ଅନୁଗୁଳ, ପଦ୍ମପୁର, ଖଡ଼ିଆଳ, ଗଞ୍ଜାମ, ବ୍ରହ୍ମପୁର, ଜୟପୁର, ପାରଳାଖେମୁଣ୍ଡିର ମହିଳାସ ଓ ଜଳନ୍ତର ପୂର୍ବତନ ଓଡ଼ିଶା ଡିଭିଜନ ସହ ମିଶି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାର ବ୍ୟବସ୍ଥା ରହିଥିଲା । ଏହି କମିଟି କହିବାକୁ ଗଲେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ପଥ ପରିଷ୍କାର କରି ଦେଇଥିଲା ।

**(୯) ହବାକ୍ କମିଟି :** ସାର ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ନେତୃତ୍ୱରେ ୧୯୩୩ ମସିହାର ଶେଷ ଭାଗରେ ଓଡ଼ିଶା ପ୍ରଶାସନିକ କମିଟି ବା ହବାକ୍ କମିଟି ଗଠିତ ହୋଇଥିଲା । ଏହି କମିଟିର ନିଷ୍ପତ୍ତି ଅନୁସାରେ କଟକକୁ ଓଡ଼ିଶାର ରାଜଧାନୀ ଓ ପୁରୀକୁ ଗ୍ରୀଷ୍ମନିବାସ ରୂପେ ଘୋଷଣା କରାଗଲା । ଓଡ଼ିଶାରେ ଏକ ହାଇକୋର୍ଟ ଏବଂ ବିଶ୍ୱବିଦ୍ୟାଳୟର ସ୍ଥାପନର ପ୍ରସ୍ତାବ ରହିଲା । ଶିକ୍ଷା ନିର୍ଦ୍ଦେଶକ, ପୋଲିସ୍ ଇନ୍‌ସପେକ୍ଟର ଜେନେରାଲ ଏବଂ ରେଭେନ୍ୟୁ କମିଶନର ଆଦି ବଡ଼ ବଡ଼ ପଦବୀ ସୃଷ୍ଟି କରାଯିବାର ବ୍ୟବସ୍ଥା କରାଗଲା ।

**ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଜନ୍ମ :** ୧୯୩୫ ମସିହାରେ ପ୍ରଣୟନ ହୋଇଥିବା ଭାରତ ଶାସନ ଆଇନ୍‌ର ୨୮୯ ଧାରାରେ ଓଡ଼ିଶା ଏବଂ ସିନ୍ଧୁ ପ୍ରଦେଶକୁ ଦୁଇଟି ନୂତନ ପ୍ରଦେଶ ଭାବରେ ସ୍ୱୀକୃତି ପ୍ରଦାନ କରାଯାଉଥିଲା । ୩ ମାର୍ଚ୍ଚ ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠନ ଆଇନ୍ ଇଂରେଜ ସମ୍ରାଟଙ୍କ ଅନୁମୋଦନ ଲାଭ କଲା । ଏହି ଅନୁମୋଦନ ଆଧାରରେ ଏପ୍ରିଲ ୧, ୧୯୩୬ ରେ ସୃଷ୍ଟି ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଏବଂ କୋରାପୁଟ ଏହି ଛଅଟି ଜିଲ୍ଲା ଏହି ସ୍ୱତନ୍ତ୍ର ପ୍ରଦେଶରେ ସ୍ଥାନ ପାଇଥିଲା । ସେତେବେଳେ ଓଡ଼ିଶାର ଆୟତନ ଥିଲା ୩୨, ୬୯୫ ବର୍ଗମାଇଲ ଓ ଲୋକସଂଖ୍ୟା ଥିଲା ୮, ୦୪୩, ୬୮୧ ।

ରେଭେନ୍‌ସା କଲେଜର ଐତିହାସିକ ହଲ୍‌ରେ ପାଟଣା ହାଇକୋର୍ଟର ମୁଖ୍ୟ ବିଚାରପତି ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ବା ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବରେ ଶପଥ ପାଠ କରାଇଥିଲେ । ସେହିଦିନ ସନ୍ଧ୍ୟାରେ କଟକର ବାରବାଟୀ ଦୁର୍ଗ ମଧ୍ୟରେ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେଓ ଏକ ବିଶାଳ



ଓଡ଼ିଶା ମାନଚିତ୍ର -୧୯୩୬

ଭୋଜିରେ ଆପ୍ୟାୟିତ କରିଥିଲେ । କିନ୍ତୁ ଏହି ସଫଳତା ଦେଖିବା ପୂର୍ବରୁ ୧୯୩୪ ରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ମହାପ୍ରୟାଣ ଘଟିଥିଲା ।




ବର୍ତ୍ତମାନର ଓଡ଼ିଶା ମାନଚିତ୍ର

## ଆସ ଅନୁସନ୍ଧାନ କରିବା

- ୧୯୩୬ ମସିହା ସମୟର ଓଡ଼ିଶା ମାନଚିତ୍ରକୁ ଲକ୍ଷ୍ୟ କର । କେଉଁସବୁ ଅଞ୍ଚଳକୁ ନେଇ ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା ?
- ଓଡ଼ିଶାର କେଉଁସବୁ ଅଞ୍ଚଳ ବାହାର ରାଜ୍ୟମାନଙ୍କ ସହିତ ମିଶିକରି ରହିଥିଲା ?
- ୧୯୩୬ ବେଳର ଓଡ଼ିଶା ଓ ଏବେକାର ଓଡ଼ିଶା ମଧ୍ୟରେ କ'ଣ ସବୁ ପ୍ରଭେଦ ଦେଖିପାରୁଛ ?

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କେତେଜଣ ପ୍ରମୁଖ ବରପୁତ୍ର

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଶାରେ ଜାତୀୟ କଂଗ୍ରେସର ବାର୍ତ୍ତା ପ୍ରଚାର କରି ଦେଶକୁ ସ୍ୱାଧୀନ କରିବାରେ ଓଡ଼ିଶାର ଯେଉଁ କେତେଜଣ ମହାନ୍ ଜନନାୟକ ଓ ଦେଶପ୍ରେମୀ ଅକ୍ଳାନ୍ତ ପରିଶ୍ରମ ତଥା ଉଦ୍ୟମ ଜାରି ରଖିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ଉତ୍କଳ ମଣି ଗୋପବନ୍ଧୁ ଦାସ, ରମାଦେବୀ, ସରଳା ଦେବୀ ଓ ମାଳତୀ ଦେବୀଙ୍କ ପରି ଅନେକ ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ । ସେହି ମହାନ ଦେଶପ୍ରେମୀ ଓ ଜନନାୟକଙ୍କ ମଧ୍ୟରୁ କେତେଜଣଙ୍କ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

## ମଧୁସୂଦନ ଦାସ (୧୮୪୮ - ୧୯୩୪)



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଭୂମିକା ଥିଲା ସର୍ବଶ୍ରେଷ୍ଠ । ଓଡ଼ିଶାର ପୁରପଲ୍ଲୀରେ ସେ 'ମଧୁବାରିଷ୍ଟର' ନାମରେ ବେଶ ପରିଚିତ । ସେ ଥିଲେ ଅସାଧାରଣ ଜ୍ଞାନୀ, ଗୁଣୀ, ଜନନେତା, ସଂସ୍କାରକ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭଗିରଥ। ଓଡ଼ିଶାର ସ୍ୱାଭିମାନ, ଗୌରବ ତଥା ଓଡ଼ିଆ ଅସ୍ମିତାକୁ ଅକ୍ଷୁଣ୍ଣ ରଖିବା ପାଇଁ ଜୀବନସାରା ସେ ନିଜର ସଂଗ୍ରାମ ଜାରି ରଖିଥିଲେ ।

୧୮୪୮ ମସିହା ଏପ୍ରିଲ ମାସ ୨୮ ମଧୁବାବୁ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଚୌଧୁରୀ ରଘୁନାଥ ଦାସ ଏବଂ ମାତା ଥିଲେ ପାର୍ବତୀ ଦେବୀ । ନିଜ ଗ୍ରାମରୁ ପ୍ରାଥମିକ ଶିକ୍ଷାଲାଭ ପରେ କଟକ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ମାଟ୍ରିକ୍ ପାଶ୍ କରିଥିଲେ । ବାଲେଶ୍ୱରରେ କିଛି ଦିନ ଶିକ୍ଷକତା କରିବା ସହିତ କିରାଣୀ ଚାକିରୀ ମଧ୍ୟ କରିଥିଲେ । ପରବର୍ତ୍ତୀ ସମୟରେ କଲିକତାର ବେଥୁନ୍ କଲେଜରୁ ଏଫ୍. ଏ. (ଆଇ.ଏ.) ଏବଂ କଲିକତା ବିଶ୍ୱବିଦ୍ୟାଳୟରୁ ୧୮୭୩ରେ ଏମ୍.ଏ. ଏବଂ ୧୮୭୮ରେ ବି.ଏଲ୍. ପାଶ୍ କରିଥିଲେ । ଏଭଳି ଶିକ୍ଷାଲାଭ କରିବାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ । ଏହି ସମୟରେ ଅମ୍ବିକା ପ୍ରସାଦ ହାଜରା ନାମକ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ବନ୍ଧୁତା ହୋଇଥିଲା । ଇଂରାଜୀ ଶିକ୍ଷାପ୍ରତି ଆଗ୍ରହ ତଥା ଅମ୍ବିକା ପ୍ରସାଦଙ୍କ ପ୍ରେରଣାରେ ମଧୁବାବୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ । ସୌଦାମିନୀ ନାମକ ଜଣେ ବଙ୍ଗୀୟ ଖ୍ରୀଷ୍ଟିୟାନଙ୍କୁ ସେ ବିବାହ କରିଥିଲେ । ମାତ୍ର ଛଅ ବର୍ଷ ପରେ ପତ୍ନୀ ସୌଦାମିନୀଙ୍କର ମୃତ୍ୟୁ ଘଟିଥିଲା । ଅମ୍ବିକା

ପ୍ରସାଦଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ କନ୍ୟା ଶୈଳବାଳା ଓ ସୁଧାଂଶୁବାଳା ଏବଂ ଏକମାତ୍ର ପୁତ୍ରକୁ ମଧୁବାବୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ମଧୁବାବୁ କଟକକୁ ଫେରିଆସି ଜଣେ ବିଖ୍ୟାତ ବାରିଷ୍ଟର ରୂପେ ପରିଗଣିତ ହୋଇଥିଲେ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ୪ ଫେବୃୟାରୀ ୧୯୩୪ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

## ମଧୁସୂଦନ ଦାସଙ୍କ କର୍ମମୟ ଜୀବନ :

କର୍ମବୀର ଗୌରୀଶଙ୍କର ରାୟଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ୧୮୭୮ ମସିହାରେ ମଧୁବାବୁ 'ଉତ୍କଳସଭା' ନାମକ ଏକ ଅଣରାଜନୈତିକ ସଂଗଠନର ସଭ୍ୟ ହୋଇଥିଲେ । ୧୮୮୮ରେ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଗୌରୀଶଙ୍କର ରାୟଙ୍କ ସହିତ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ମଧୁବାବୁ, ଗୌରୀଶଙ୍କର ରାୟ ଏବଂ ବୈକୁଣ୍ଠନାଥ ଦେ ଆଦିଙ୍କ ଉଦ୍ୟମରେ ଜାତୀୟ କଂଗ୍ରେସର ଚରମ ପନ୍ଥୀ ବିଚାରଧାରା ଓଡ଼ିଶାରେ ପ୍ରସାରିତ ହୋଇଥିଲା ।

୧୯୦୩ ମସିହାରେ ମଧୁବାବୁ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରିଥିଲେ ଏବଂ ଉକ୍ତ ବର୍ଷ କଟକଠାରେ ଏହାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ତିରିଶ ଜଣ ଦେଶୀୟ ରାଜା, ଜମିଦାର ଓ ବହୁ ପ୍ରତିନିଧି ଯୋଗ ଦେଇଥିଲେ । ଯେଉଁଥିରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ । ଏହି ସମ୍ମିଳନୀରେ ବିଛିନ୍ନାଞ୍ଚଳଗୁଡ଼ିକୁ ଓଡ଼ିଶା ସହିତ ମିଶାଇ ଦେବା ପାଇଁ ଦାବୀ କରାଯାଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣର ଦାବୀକୁ ଜାତୀୟ କଂଗ୍ରେସ ସମର୍ଥନ ନକରିବାକୁ ୧୯୦୩ ରେ ମଧୁବାବୁ କଂଗ୍ରେସ ସହିତ ସମସ୍ତ ସମ୍ପର୍କକୁ ଛିନ୍ନ କରିଥିଲେ । ଉତ୍କଳ ସମ୍ମିଳନୀର ଦାବୀ ଯୋଗୁଁ ୧୯୧୨ ମସିହାରେ 'ବିହାର ଏବଂ ଓଡ଼ିଶା ପ୍ରଦେଶ' ଗଠିତ ହୋଇଥିଲା ।

୧୮୯୬ ମସିହାରେ ମଧୁବାବୁ 'ଓଡ଼ିଶା ଏବଂ ଛୋଟନାଗପୁର ମ୍ୟୁନିସିପାଲିଟି ପ୍ରତିନିଧି ରୂପେ ନିର୍ବାଚିତ ହୋଇଥିଲେ । ୧୯୦୨ ଓ ୧୯୦୯ ରେ ମଧୁବାବୁ ବଙ୍ଗ ବ୍ୟବସ୍ଥାପିକା ସଭାର ପ୍ରତିନିଧିରୂପେ ନିର୍ବାଚିତ ହୋଇଥିଲେ । ଏହି ସମୟରେ ଓଡ଼ିଶାରେ ଏକ ଆଇନ୍ ବିଦ୍ୟାଳୟ ଓ ନାରୀ ଶିକ୍ଷାର ବିକାଶ ପାଇଁ ଏକ ମହିଳା ଟ୍ରେନିଂ ସ୍କୁଲ ଖୋଲିବା ପାଇଁ ଦାବୀ କରିଥିଲେ । ଜେଲ୍‌ରେ ଥିବା ବାଳ ଅପରାଧୀମାନଙ୍କୁ ଶାରୀରିକ ଶିକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ । ତାଙ୍କର ଉଦ୍ୟମରେ ୧୯୦୭ ରେ ପ୍ରତିଷ୍ଠିତ ଏକମାତ୍ର ବାଳିକା ବିଦ୍ୟାଳୟ ପରବର୍ତ୍ତୀ ସମୟରେ ଶୈଳବାଳା ମହିଳା ମହାବିଦ୍ୟାଳୟ ରୂପେ ପ୍ରତିଷ୍ଠା ଅର୍ଜନ କରିଥିଲା । ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ସେ ପଦକ୍ଷେପ ନେଇଥିଲେ । ଓଡ଼ିଶାର ପାରମ୍ପରିକ 'ତାରକସୀ ଶିଳ୍ପ'ର ବିକାଶ ନିମନ୍ତେ ଉଦ୍ୟମ କରିଥିଲେ । ଓଡ଼ିଶାରେ ଚମଡ଼ା ଶିଳ୍ପର ପ୍ରସାର ପାଇଁ ସେ କଟକରେ 'ଉତ୍କଳ ଟ୍ୟାନେରୀ' ନାମରେ ଏକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ ଏବଂ ତାଙ୍କରି ଉଦ୍ୟମରେ 'ତାଳଗୁଡ଼ କାରଖାନା' ସ୍ଥାପିତ ହୋଇଥିଲା ।

୧୯୦୨ ମସିହାରେ ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ଇଂରେଜ ସରକାର ଜଣେ ଡେପୁଟି

ମାଜିଷ୍ଟ୍ରେଟ୍‌ଙ୍କୁ ନିଯୁକ୍ତି କରିଥିଲେ । ଏହା ବିରୁଦ୍ଧରେ ହାଇକୋର୍ଟରେ ପୁରୀ ରାଜାଙ୍କ ସପକ୍ଷରେ ଲଢ଼ି ମଧୁବାବୁ ପୁନର୍ବାର ପୁରୀ ରାଜାଙ୍କ ହାତକୁ ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ଫେରାଇ ଆଣିଥିଲେ । ଓଡ଼ିଶାର ସ୍ୱନାମ ଧନ୍ୟ ବରପୁତ୍ର ତଥା ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସ ୪ ଫେବୃଆରୀ ୧୯୩୪ ମସିହାରେ ଇହଲୀଳା ସମ୍ବରଣ କଲେ । ତାଙ୍କରି ଉଦ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାର ସ୍ୱପ୍ନ ସାର୍ଥକ ହୋଇଥିଲା । କିନ୍ତୁ ଏହି ସଫଳତା ଦେଖିବାର ଦୁଇବର୍ଷ ପୂର୍ବରୁ ସେ ଏ ସଂସାରରୁ ଚାଲିଯାଇଥିଲେ । ତାଙ୍କର ଏହି ଲୋକପ୍ରିୟ ପଂକ୍ତିଟି ଆଜି ବି ଓଡ଼ିଶାର ସମସ୍ତଙ୍କ ମୁଖରେ ଗୁଞ୍ଜରିତ ହୋଇଥାଏ :

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ ?"

## କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ (୧୮୯୨ - ୧୯୪୭)

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ନବ ଉତ୍କଳର ନିର୍ମାତା ରୂପେ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଅନ୍ୟତମ । ପରାଧୀନ ଓଡ଼ିଶାରେ ସେ ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀ ହେବାର ଗୌରବ ଲାଭ କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ଜନସାଧାରଣଙ୍କର କଲ୍ୟାଣ ତଥା ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଂଗ୍ରାମ ଜାରି ରଖିଥିଲେ । ୨୬ ମେ ୧୮୯୨ ମସିହାରେ ପାରଳାଖେମୁଣ୍ଡି ରାଜପ୍ରସାଦ ମଧ୍ୟରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜନ୍ମଲାଭ କରିଥିଲେ । ତାଙ୍କର ପିତାଙ୍କର ନାମ ଥିଲା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ମାତାଙ୍କ ନାମ ଥିଲା ବିଷ୍ଣୁପ୍ରିୟା ଦେବୀ । ରାଜନଅରରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ କୃଷ୍ଣଚନ୍ଦ୍ର ପାରଳାଖେମୁଣ୍ଡି 'ମହାରାଜା ଉଚ୍ଚବାଳକ ବିଦ୍ୟାଳୟ'ରୁ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ମାନ୍ଦ୍ରାଜର ନିଉଓ୍ୱିଙ୍ଗଟନ୍ ଆବାସିକ କଲେଜରୁ ଶିକ୍ଷାଲାଭ କରି ୧୯୧୨ ମସିହାରେ ପାରଳାଖେମୁଣ୍ଡି ଫେରିଥିଲେ ।



୧୯୧୩ରେ ସିଂହାସନ ଆରୋହଣ କରି ସେ ଇଂରେଜମାନଙ୍କ ଦ୍ୱାରା 'ମେହେରବାନି-ଇ-ଦୋସ୍ତାନ' ଉପାଧିରେ ଭୂଷିତ ହୋଇଥିଲେ । ଏଥିସହିତ ସେ ନିଜର ପାରମ୍ପରିକ ଉପାଧି 'ବୀରଶ୍ରୀ ବିରାଧିବର ଶ୍ରୀ ଶ୍ରୀ ଶ୍ରୀ ଗଜପତି ଶ୍ରୀ ଶ୍ରୀ ଶ୍ରୀ କ୍ଷେତ୍ରପତି ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଦେବ' ମଧ୍ୟ ଧାରଣ କରିଥିଲେ । ୧୯୧୪ ମସିହାରେ ପାରଳାଖେମୁଣ୍ଡିଠାରେ ଉତ୍କଳ ସମ୍ମିଳନୀର ଏକ

ଅଧିବେଶନର ଆୟୋଜନ କରିଥିଲେ । ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ସତ୍ୟବାଦୀ ବନ ବିଦ୍ୟାଳୟ'ର ଉନ୍ନତି ନିମନ୍ତେ କୃଷ୍ଣଚନ୍ଦ୍ର ଅର୍ଥ ପ୍ରଦାନ କରିଥିଲେ । ସାଇମନ୍ କମିଶନକୁ ପ୍ରଭାବିତ କରିବା ସହିତ ଦୁଇ ଦୁଇ ଥର ଇଂଲଣ୍ଡ ଯାତ୍ରା କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ କରିଥିଲେ । ତାଙ୍କରି ଉଦ୍ୟମ ଯୋଗୁଁ ୧ ଏପ୍ରିଲ ୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଗୌରବ ଲାଭ କରିଥିଲା । ପ୍ରଥମେ ୧୯୩୭ରେ ଏବଂ ପରେ ୧୯୪୧ରୁ ୧୯୪୪ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେବାର ଗୌରବ ଲାଭ କରିଥିଲେ । ୨୫ ମେ ୧୯୪୭ ମସିହାରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଇହଲୀଳା ସମ୍ବରଣ କରିଥିଲେ ।

## କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର କର୍ମମୟ ଜୀବନ :

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ କରି କୃଷ୍ଣଚନ୍ଦ୍ର ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ପାରଳାଖେମୁଣ୍ଡିଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନର ଆୟୋଜନ କରିଥିଲେ । ତାଙ୍କରି ଉଦ୍ୟମରେ କେନ୍ଦ୍ର ତଥା ବିହାର, ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶ ବିଧାନସଭାରେ ଓଡ଼ିଆମାନଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା । ୧୯୨୪ରେ ଗଠିତ ହୋଇଥିବା 'ଫିଲିପ୍-ଡଫ୍' କମିଟି ସମ୍ମୁଖରେ କୃଷ୍ଣଚନ୍ଦ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ନିମିତ୍ତ ଦାବୀ ଉପସ୍ଥାପନ କରିଥିଲେ । ୧୯୨୮ ମସିହାରେ 'ସାଇମନ୍ କମିଶନ୍'କୁ ଭାରତୀୟମାନେ 'ସାଇମନ୍ ଫେରିଯାଅ' ଧ୍ୱନି ଦେଇ ବର୍ଜନ କରିଥିବାବେଳେ ଓଡ଼ିଶାର ସ୍ୱାର୍ଥ ପାଇଁ ଗଜପତିଙ୍କ ଉଦ୍ୟମରେ 'ସ୍ୱାଗତଂ ସାଇମନ୍' କହି ସ୍ୱାଗତ କରାଯାଇଥିଲା । ଫଳରେ ସାଇମନ୍ କମିଶନ ଓଡ଼ିଆମାନଙ୍କ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ । ୨୭ ମେ ୧୯୩୦ ରେ ପ୍ରକାଶିତ ରିପୋର୍ଟରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାକୁ କମିଶନ ପ୍ରସ୍ତାବ ଦେଇଥିଲା ଯାହା ଓଡ଼ିଆମାନଙ୍କ ମନରେ ନୂତନ ଆଶା ସଞ୍ଚାର କରିଥିଲା। ୧୯୩୦ ମସିହାରେ ଇଂଲଣ୍ଡରେ ଅନୁଷ୍ଠିତ 'ପ୍ରଥମ ଗୋଲ୍‌ଟେବୁଲ ବୈଠକ'କୁ ଜାତୀୟ କଂଗ୍ରେସ ବର୍ଜନ କରିଥିବାବେଳେ କୃଷ୍ଣଚନ୍ଦ୍ର ଗଜପତି ଇଂଲଣ୍ଡ ଯାତ୍ରାକରି ବୈଠକରେ ଯୋଗ ଦେଇଥିଲେ ଏବଂ ଓଡ଼ିଆମାନଙ୍କର ଦାବୀକୁ ଦୃଢ଼ ଭାବରେ ଉପସ୍ଥାପିତ କରିଥିଲେ । କୃଷ୍ଣଚନ୍ଦ୍ରଙ୍କର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ଓଡ଼ିଆ ସୀମା ନିର୍ଦ୍ଧାରଣ ପାଇଁ ବିଭିନ୍ନ କମିଟି ଗଠିତ ହୋଇଥିଲା । ପରିଶେଷରେ ୧୯୩୫ 'ଭାରତ ଶାସନ ଆଇନ୍'ର ୨୮୯ ଧାରାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଯାହାର ଫଳସ୍ୱରୂପ ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମ ନେଇଥିଲା ।

ଓଡ଼ିଶାର ପ୍ରଥମ ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ନିମନ୍ତ୍ରଣ କ୍ରମେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ୧ ଏପ୍ରିଲ ୧୯୩୭ରୁ ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ଏବଂ ୧୯୪୧ ନଭେମ୍ବରରୁ ୧୯୪୪ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ବହନ କରିଥିଲେ । ଓଡ଼ିଶାର ଉନ୍ନତି ପାଇଁ କୃଷ୍ଣଚନ୍ଦ୍ର ଗଜପତି ସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଶାର ହାଇକୋର୍ଟ, କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟ, କଟକର ବିଦ୍ୟାଧରପୁରଠାରେ ଥିବା ଏସିଆର ବିଖ୍ୟାତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଇତ୍ୟାଦି ତାଙ୍କର ଉଦ୍ୟମ ଦ୍ୱାରା ସମ୍ଭବ ହୋଇ ପାରିଛି ।

ଓଡ଼ିଶା ପ୍ରତି କୃଷ୍ଣଚନ୍ଦ୍ର ଗଜପତିଙ୍କର ଅବଦାନ ଅତୁଳନୀୟ । ଆଧୁନିକ ଓଡ଼ିଶା ବା ନବୀନ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଅନନ୍ୟ । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିଛନ୍ତି । ତାଙ୍କର ଅବଦାନକୁ ସମ୍ମାନ ଜଣାଇ ତାଙ୍କ ନାମରେ 'ଗଜପତି' ଜିଲ୍ଲା ଏବଂ ବ୍ରହ୍ମପୁର ମେଡିକାଲ କଲେଜ ନାମିତ କରାଯାଇଛି । ବାସ୍ତବରେ କୃଷ୍ଣଚନ୍ଦ୍ର ଗଜପତି ଦେବ ଥିଲେ ଆଧୁନିକ ଓଡ଼ିଶାର ନବ ନିର୍ମାତା । ତାଙ୍କର ଅବଦାନକୁ ଓଡ଼ିଶାବାସୀ କେବେ ହେଲେ ଭୁଲି ପାରିବେ ନାହିଁ ।

## ଗୋପବନ୍ଧୁ ଦାସ (୧୮୭୭ - ୧୯୨୮)

ଓଡ଼ିଶାର ପୁରପଲ୍ଲୀରେ ପଣ୍ଡିତ ଗୋପବନ୍ଧୁ ଦାସ 'ଉତ୍କଳମଣି' ନାମରେ ପରିଚିତ । ଓଡ଼ିଶାର ନିଷ୍ପେଷିତ ଓ ପ୍ରପୀଡ଼ିତ ଜନସାଧାରଣଙ୍କ ସେବାରେ ସେ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗୋପବନ୍ଧୁ ଦାସଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଜଣେ ରାଜନୀତିଜ୍ଞ ଭାବରେ ଓଡ଼ିଶାର ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି କାମନା ତାଙ୍କର ପ୍ରଥମ ଲକ୍ଷ୍ୟ ଥିଲା । ତାଙ୍କର ସତ୍ୟବାଦୀ ବନବିଦ୍ୟାଳୟ ଏବଂ ପ୍ରମୁଖ ସମ୍ବାଦପତ୍ର 'ସମାଜ' ଆଜି ମଧ୍ୟ ଓଡ଼ିଶାର ଜନମାନସକୁ ସତେଜ କରି ରଖିଛି ।



୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ସେ ପୁରୀ ଜିଲ୍ଲାର ଭାର୍ଗବୀ ନଦୀକୂଳସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଏବଂ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଗୋପବନ୍ଧୁ ରୂପଦେଇପୁର ବିଦ୍ୟାଳୟ ଓ ପୁରୀ ଜିଲ୍ଲା ସ୍କୁଲରୁ ଶିକ୍ଷା ସମାପ୍ତ କରି ୧୮୯୯ରେ କଟକର ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ୧୯୦୪ ମସିହାରେ ବି.ଏ. ପାଶ୍ କରି ୧୯୦୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ଡିଗ୍ରୀ ହାସଲ କରିଥିଲେ । ସେହି ବର୍ଷ ନିଜର ଧର୍ମପତ୍ନୀଙ୍କ ବିୟୋଗ ଘଟିବାରୁ ନିଜର ଦୁଇ ପୁତ୍ରଙ୍କୁ ଧରି ଗୋପବନ୍ଧୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲେ । ପରବର୍ତ୍ତୀ ସମୟରେ ମଧୁବାବୁ ଓ ଗୋକୁଳାନନ୍ଦ ଚୌଧୁରୀଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଉତ୍କଳ ସମ୍ମିଳନୀରେ ଯୋଗଦେଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ କରିଥିଲେ । କିଛିଦିନ ମୟୂରଭଞ୍ଜର ରାଜସେବାରେ ଯୋଗ ଦେଇଥିଲେ ଏବଂ ୧୯୧୨ ରେ କଟକ ପ୍ରତ୍ୟାବର୍ତ୍ତନ କରି ଓକିଲାତି ଆରମ୍ଭ କରିଥିଲେ ।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମମୟ ଜୀବନ

୧୯୦୯ ମସିହାରେ ସତ୍ୟବାଦୀଠାରେ ଗୋପବନ୍ଧୁ ପ୍ରତିଷ୍ଠା କରିଥିଲେ ଏକ ଆଦର୍ଶ ବିଦ୍ୟାଳୟ । ସାକ୍ଷୀଗୋପାଳ ମନ୍ଦିରର ପଛପାଖରେ ଥିବା ବକୁଳ ବନର ପ୍ରାକୃତିକ ପରିବେଶରେ ଆରମ୍ଭ ହୋଇଥିଲା ଏହି ଆଦର୍ଶ ବିଦ୍ୟାଳୟ । ଗୋପବନ୍ଧୁଙ୍କ ଆହ୍ୱାନ କ୍ରମେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏହି ବିଦ୍ୟାଳୟରେ ଶିକ୍ଷକ ରୂପେ ଯୋଗ ଦେଇ ଥିଲେ । ଏହି ପାଞ୍ଚଜଣଙ୍କୁ 'ଆଧୁନିକ ଓଡ଼ିଶାର ପଞ୍ଚସଖା' ବୋଲି କୁହାଯାଏ । ବିଦ୍ୟାଳୟର ସମ୍ପାଦକ ଭାବରେ ଗୋପବନ୍ଧୁ ଛାତ୍ରମାନଙ୍କୁ ଆଦର୍ଶବାଦ ଓ ଦେଶାତ୍ମବୋଧ ଶିକ୍ଷା ଦେଉଥିଲେ । ୧୯୨୧ ମସିହାରେ ଏହି ବନବିଦ୍ୟାଳୟ ଜାତୀୟ ଅସହଯୋଗ ଆନ୍ଦୋଳନର ପ୍ରମୁଖ ସ୍ଥାନ ରୂପେ ପରିଗଣିତ ହୋଇଥିଲା ।

୧୯୧୩ ମସିହାରେ ବ୍ରହ୍ମପୁରରୁ ପ୍ରକାଶିତ ସମ୍ବାଦପତ୍ର 'ଆଶା'ର ସମ୍ପାଦନା ଦାୟିତ୍ୱ ନେଇଥିଲେ ଗୋପବନ୍ଧୁ । ୧୯୧୫ରେ ଗୋପବନ୍ଧୁ ସାକ୍ଷୀଗୋପାଳଠାରେ ପ୍ରତିଷ୍ଠିତ ସତ୍ୟବାଦୀ ପ୍ରେସ୍‌ରୁ ପ୍ରକାଶ କରିଥିଲେ 'ସତ୍ୟବାଦୀ' ନାମକ ଏକ ମାସିକ ପତ୍ରିକା । ୧୯୧୯ ମସିହାରେ ଏହି ପ୍ରେସରୁ ଆତ୍ମପ୍ରକାଶ କଲା ସାପ୍ତାହିକ ସମ୍ବାଦପତ୍ର 'ସମାଜ' । ୧୯୩୦ ମସିହାରୁ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ଗଠିତ ହେବା ଦିନଠାରୁ ଗୋପବନ୍ଧୁ ଏହା ସହିତ ଜଡ଼ିତ ଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ସେ ଉଦ୍ୟମ କରିବା ସହିତ ମଧୁବାବୁଙ୍କୁ ସମସ୍ତ ପ୍ରକାର ସହଯୋଗ କରି ଆସିଥିଲେ । ଉତ୍କଳ ସମ୍ମିଳନୀର ଅନେକ ଅଧିବେଶନରେ ଯୋଗଦେଇ ଗୋପବନ୍ଧୁ ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରକ୍ରିୟାକୁ ଅଗ୍ରଗତି କରାଇଥିଲେ । ଗୋପବନ୍ଧୁ ଚାହିଁଥିଲେ ଉତ୍କଳ ସମ୍ମିଳନୀକୁ ଜାତୀୟ କଂଗ୍ରେସ ସହିତ ମିଶାଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣଦାବୀକୁ ଅଧିକ ତୀବ୍ରତର କରିବା ପାଇଁ । କିନ୍ତୁ ମଧୁବାବୁ ଏହାକୁ ବିରୋଧ କରିବାରୁ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ତ୍ୟାଗ କରିବାକୁ ବାଧ ହୋଇଥିଲେ । ୧୯୧୯ରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ ଯୋଗଦେଇ ଓଡ଼ିଶା ପ୍ରତି ନିଜର ଗଭୀର ସ୍ନେହ ଓ ଅନୁରକ୍ତି ବ୍ୟକ୍ତ କରି ଗୋପବନ୍ଧୁ କହିଥିଲେ :

"ଓଡ଼ିଶାର ନଦୀ ହେଉଛି ମହାନଦୀ ;
ଓଡ଼ିଶାର ପର୍ବତ ମହେନ୍ଦ୍ର ;
ଓଡ଼ିଶାର ବୃକ୍ଷ କଳ୍ପବଟ ;
ଓଡ଼ିଶାର ଠାକୁର ଜଗନ୍ନାଥ ଏବଂ
ଓଡ଼ିଶାର ଶ୍ମଶାନ ସ୍ୱର୍ଗଦ୍ୱାର .... ।"

୧୯୧୭ ମସିହାରେ ଗୋପବନ୍ଧୁ ବିହାର - ଓଡ଼ିଶାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ବିଭିନ୍ନ ସମସ୍ୟାକୁ ସେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୨୧ ମସିହାରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ହୋଇଥିଲେ ଗୋପବନ୍ଧୁ । ତାଙ୍କରି ପାଇଁ ଜାତୀୟ କଂଗ୍ରେସ ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହେବା ସହିତ କଂଗ୍ରେସର ଚିନ୍ତାଧାରାକୁ ଜନମାନସରେ ପ୍ରସାରିତ କରିଥିଲା । ୧୯୨୧ ରେ ଗାନ୍ଧିଜୀଙ୍କର ଓଡ଼ିଶାରେ ପଦଯାତ୍ରା ସମୟରେ ଗାନ୍ଧୀଙ୍କ ଭାଷଣକୁ ପ୍ରାଞ୍ଜଳ ଭାବରେ ଅନୁବାଦ କରି ଲୋକଙ୍କ ସମ୍ମୁଖରେ ପ୍ରକାଶ କରୁଥିଲେ ଗୋପବନ୍ଧୁ । କଂଗ୍ରେସର ପାଣ୍ଠି ସଂଗ୍ରହ ନିମିତ୍ତ ଗଠିତ 'ତିଳକ ସ୍ୱରାଜ ପାଣ୍ଠି' ପାଇଁ ଚାନ୍ଦା ସଂଗ୍ରହ କରୁଥିଲେ ଗୋପବନ୍ଧୁ । ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବାରୁ ଇଂରେଜ ସରକାର ତାଙ୍କୁ ବନ୍ଦୀ କରିଥିଲେ । ୧୯୨୪ ମସିହା ଜୁନ୍ ମାସରେ ଉତ୍କଳ ପ୍ରଦେଶ କମିଟିର ଅଧିବେଶନରେ ସଭାପତିତ୍ୱ କରୁଥିବା ପ୍ରସିଦ୍ଧ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ 'ଉତ୍କଳମଣି' ଉପାଧି ପ୍ରଦାନ କରିଥିଲେ । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ସମ୍ପର୍କରେ ସେ ମହାତ୍ମାଗାନ୍ଧୀଙ୍କ ସହିତ ଆଲୋଚନା କରିଥିଲେ । ୧୯୨୬ ରେ କଲିକତାରେ ଲାଲା ଲଜପତି ରାୟଙ୍କୁ ଭେଟିଥିଲେ ଏବଂ ତାଙ୍କ ଅନୁରୋଧରେ କଟକଠାରେ ଲୋକସେବକ ମଣ୍ଡଳର ଏକ ଶାଖା ଖୋଲିଥିଲେ ।

ଗୋପବନ୍ଧୁ ଅନେକ ଦେଶାତ୍ମବୋଧକ କବିତା ଓ ପୁସ୍ତକ ରଚନା କରିଥିଲେ । ତାଙ୍କର ଏକ କବିତାରେ ସେ ଲେଖିଥିଲେ,

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

(କାରା-କବିତା)

୧୯୨୮ ମସିହାରେ ଗୋପବନ୍ଧୁଙ୍କର ଅକାଳ ବିୟୋଗ ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଦେଇଥିଲା । ଓଡ଼ିଶା ପ୍ରକୃତରେ ଜଣେ ଦରଦୀ ନେତାଙ୍କୁ ହରାଇଲା । ତାଙ୍କର ତ୍ୟାଗ ଓ ଜନସେବା ଯୋଗୁଁ ସେ ଓଡ଼ିଆମାନଙ୍କର ହୃଦୟରେ ଏବେ ମଧ୍ୟ ଅମର । ଈଶ୍ୱର ସେବା, ବିଶ୍ୱସେବା, ଦେଶ ସେବା ଓ ଦେଶବାସୀଙ୍କ ସେବାକୁ ଗୋପବନ୍ଧୁ ଜୀବନକାଳ ମଧ୍ୟରେ ଅତି ନିବିଡ଼ ଭାବରେ ପ୍ରତିପାଦନ କରି ପାରିଛନ୍ତି ।

## ଆମେ କ'ଣ ଶିଖିଲେ...

- ଗୁପ୍ତ ରାଜାମାନେ ସାମରିକ ଅଭିଯାନ, ଭୂମିଦାନ ଏବଂ ବୈବାହିକ ସମ୍ପର୍କ ମାଧ୍ୟମରେ ନିଜର ଶକ୍ତିକୁ ଏକତ୍ରିତ କରି ସାମ୍ରାଜ୍ୟରେ ସ୍ଥିରତା ଆଣିବାରେ ସକ୍ଷମ ହୋଇପାରିଥିଲେ ।
- ଏହି ସମୟ କଳା, ସାହିତ୍ୟ, ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିଲା ।
- ଗୁପ୍ତମାନଙ୍କ ବ୍ୟତୀତ ଭକତକ, ପଲ୍ଲବ ଏବଂ ବର୍ମନଙ୍କ ଭଳି ରାଜବଂଶମାନେ ସେମାନଙ୍କର ଅଞ୍ଚଳରେ ଶାସନ କରି ଏହି ସମୟରେ ସାଂସ୍କୃତିକ ଓ ବୌଦ୍ଧିକ ଜ୍ଞାନର ପରିପୂର୍ଣ୍ଣତା ଆଣିଥିଲେ ।
- ଭାରତର ଅନ୍ୟରାଜ୍ୟମାନଙ୍କ ପରି ଓଡ଼ିଶାରେ ବିଭିନ୍ନ ରାଜବଂଶର ରାଜାମାନେ ଶାସନ କରୁଥିଲେ ।
- ରାଜାମାନଙ୍କର ଶାସନକୁ ରାଜତନ୍ତ୍ର କୁହାଯାଉଥିଲା ।
- 'ରାଜାମାନଙ୍କର ରାଜା' ବା ଏକାଧିକ ରାଜ୍ୟ ଜୟ କରିଥିବା ରାଜାଙ୍କୁ 'ସମ୍ରାଟ୍' ବୋଲି କୁହାଯାଉଥିଲା ।
- ନିଜର ସାର୍ବଭୌମତ୍ୱ ଓ ଶକ୍ତି ପ୍ରଦର୍ଶନ ନିମିତ୍ତ ରାଜାମାନେ ଅଶ୍ୱମେଧ ଯଜ୍ଞ କରୁଥିଲେ, ଯେଉଁଥିରେ ଏକ ଅଶ୍ୱ ବା ଘୋଡ଼ାକୁ ସମର୍ପଣ ବା ବଳି ଦିଆଯାଉଥିଲା ।
- ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ମନେକର ତୁମେ ଗୁପ୍ତ ସାମ୍ରାଜ୍ୟରେ ବାସ କରୁଥିବା କେହି ଜଣେ ବ୍ୟକ୍ତିଙ୍କଠାରୁ ଏକ ପତ୍ର ପାଇଲ, ପତ୍ରଟି ଏପରିଭାବେ ଆରମ୍ଭ ହୋଇଛି ।

**ପାଟଳୀପୁତ୍ରରୁ ଅଭିନନ୍ଦନ :** ଏଠାରେ ଜୀବନ ଉତ୍ସାହପ୍ରଦ ଓ ଆନନ୍ଦଦାୟକ । ଗତକାଲି ମୁଁ ଦେଖିଲି

ଗୁପ୍ତ ସାମ୍ରାଜ୍ୟର ଜୀବନ ଶୈଳୀ ବର୍ଣ୍ଣନା କରି ଏକ ସଂକ୍ଷିପ୍ତ ଅନୁଚ୍ଛେଦ (୨୫୦–୩୦୦ ଶବ୍ଦ) ସହିତ ଚିଠିଟିକୁ ସମ୍ପୂର୍ଣ୍ଣ କର ।

୨. କେଉଁ ଗୁପ୍ତ ଶାସକ "ବିକ୍ରମାଦିତ୍ୟ" ଭାବରେ ମଧ୍ୟ ଜଣାଶୁଣା ଥିଲେ ?

୩. ଶାନ୍ତିର ସମୟ : ସାମାଜିକ, ସାଂସ୍କୃତିକ ଜୀବନ, ସାହିତ୍ୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶକୁ ସମର୍ଥନ କରେ । ଗୁପ୍ତ ସମ୍ରାଜ୍ୟର ଆଧାରରେ ଏହି ଉକ୍ତିଟିକୁ ପରୀକ୍ଷା କର ।

୪. ଗୁପ୍ତ ଶାସକଙ୍କ ଦରବାରକୁ ଲକ୍ଷ୍ୟ କରି ଏକ ଦୃଶ୍ୟ ପୁନଃ ସୃଷ୍ଟି କର । ଗୁପ୍ତ ସମୟର ରାଜା, ମନ୍ତ୍ରୀ, ପଣ୍ଡିତଙ୍କ ଭୂମିକାକୁ ଦେଇ ଏକ କ୍ଷୁଦ୍ର ରଚନା ଲେଖ । ଗୁପ୍ତଯୁଗକୁ ଜୀବନ୍ତ କରିବା ପାଇଁ ଏକ ଅଭିନୟର ନାଟକ ପ୍ରସ୍ତୁତ କର ।

୫. ସ୍ତମ୍ଭ ମିଳନ କର–

| ସ୍ତମ୍ଭ 'କ' | ସ୍ତମ୍ଭ 'ଖ' |
|---|---|
| (୧) କାଞ୍ଚିପୁରମ୍ | (କ) ଜାତକ କାହାଣୀଗୁଡ଼ିକୁ ଚିତ୍ରିତ କରୁଥିବା ଉଜ୍ଜ୍ୱଳ ଗୁମ୍ଫା ଚିତ୍ରକଳା ପାଇଁ ପରିଚିତ |
| (୨) ଉଜ୍ଜୟିନୀ | (ଖ) ହିନ୍ଦୁ ଦେବତା, ବିଶେଷତଃ ବିଷ୍ଣୁଙ୍କର ଜଟିଳ ଖୋଦନ ସହିତ ପଥର ଖୋଦିତ ଗୁମ୍ଫା ପାଇଁ ପ୍ରସିଦ୍ଧ |
| (୩) ଉଦୟଗିରି | (ଗ) ଗୁପ୍ତମାନଙ୍କର ରାଜଧାନୀ |
| (୪) ଅଜନ୍ତା | (ଘ) "ହଜାର ମନ୍ଦିରର ସହର" ଭାବରେ ଜଣାଶୁଣା |
| (୫) ପାଟଳୀପୁତ୍ର | (ଙ) ପ୍ରାଚୀନ ଭାରତରେ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର |

୬. ପଲ୍ଲବମାନେ କିଏ ଥିଲେ ଏବଂ ସେମାନେ କେଉଁଠାରେ ଶାସନ କରୁଥିଲେ ?

୭. ନିକଟରେ ଥିବା ଐତିହାସିକ ସ୍ଥାନ, ସଂଗ୍ରହାଳୟ, କିମ୍ବା ଐତିହ୍ୟ ଅଟ୍ଟାଳିକାକୁ ତୁମ ଶିକ୍ଷକମାନଙ୍କ ସହ ଅନୁସନ୍ଧାନ ଯାତ୍ରାର ଆୟୋଜନ କର। ଯାତ୍ରା ପରେ ତୁମ ଅଭିଜ୍ଞତାକୁ ବର୍ଣ୍ଣନା କରି ଏକ ବିସ୍ତୃତ ରିପୋର୍ଟ ଲେଖ।

୮. ଭ୍ରମଣ କରୁଥିବା ଐତତିହାସିକ କୀର୍ତ୍ତିର ଗୁରୁତ୍ୱ ସ୍ଥାପତ୍ୟ, କଳାକୃତି ଏବଂ ପରିଦର୍ଶନ ସମୟରେ ତୁମେ ଶିକ୍ଷା କରିଥିବା କୌଣସି ମଜାଦାର ତଥ୍ୟ ବିଷୟରେ ବର୍ଣ୍ଣନାରେ ସାମିଲ କର। ଇତିହାସ ସମ୍ପର୍କରେ ତୁମର ଧାରଣାକୁ ଐତିହାସିକ ସ୍ଥାନ ପରିଭ୍ରମଣ କିପରି ସାହାଯ୍ୟ କରିଛି, ଆଲୋଚନା କର।

୯. ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ପ୍ରସାର କ୍ଷେତ୍ରରେ ରାଜାମାନଙ୍କର ଭୂମିକା କ'ଣ ଥିଲା ଲେଖ ।

୧୦. ଓଡ଼ିଶାରେ ଶାସନ କରୁଥିବା ବିଭିନ୍ନ ରାଜବଂଶମାନଙ୍କ ମଧ୍ୟରୁ କେଉଁ ରାଜବଂଶର ଶାସନ ତୁମକୁ ଭଲ ଲାଗିଲା ଓ କାହିଁକି ୧୫୦ଟି ଶବ୍ଦ ମଧ୍ୟରେ ଲେଖ ।

୧୧. ଭାଷା ଆନ୍ଦୋଳନ କିପରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସହାୟକ ହୋଇଥିଲା ଲେଖ।

୧୨. ଓଡ଼ିଶାର ଅନ୍ୟ କେଉଁସବୁ ବରପୁତ୍ରମାନେ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଯୋଗଦାନ କରିଥିଲେ ଆଲୋଚନା କର ।

୧୩. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କେଉଁ କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଭାବୁଛ ଓ କାହିଁକି ?


# ଆମ ଲେଖା ଆମ ଚିତ୍ର



ଅଧ୍ୟାୟ ୮

# ଭୂମି ପବିତ୍ର ହୁଏ କିପରି ?

> ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଗ୍ରହ, ନକ୍ଷତ୍ର, ସମସ୍ତ ଜୀବଜନ୍ତୁ, ଦଶଦିଗ, ବୃକ୍ଷଲତା, ନଦୀ, ସମୁଦ୍ର ସମସ୍ତ ବସ୍ତୁ ଈଶ୍ୱରଙ୍କ ସୃଷ୍ଟି ।
>
> ଭାଗବତ ପୁରାଣ



ଚିତ୍ର ୮.୧

## ଆସ ଚିନ୍ତା କରିବା ?

(୧) ପବିତ୍ରତା କ'ଣ ?

(୨) ଭୂମି କିପରି ପବିତ୍ର ହୁଏ ?

(୩) ଲୋକମାନଙ୍କର ଜୀବନ ଓ ସଂସ୍କୃତି ସହିତ କିପରି ପବିତ୍ର ସ୍ଥାନ ଓ ତୀର୍ଥଯାତ୍ରାର ସଂପୃକ୍ତି ରହିଛି ?

(୪) ଭାରତୀୟ ଉପମହାଦେଶରେ ପବିତ୍ର ସାଂସ୍କୃତିକ ଏକତ୍ରୀକରଣରେ ଭୂଗୋଳର ଭୂମିକା କ'ଣ ଥିଲା ?

## ଆସ ଅନୁସନ୍ଧାନ କରିବା

କୌଣସି ଚିତ୍ର ତୁମକୁ ପରିଚିତ ଲାଗୁଛି କି ? ତୁମେ ତୁମ ଆଖପାଖରେ ଥିବା ସେହିପରି ସ୍ଥାନଗୁଡ଼ିକର ନାମ କହି ପାରିବ କି ?

## ପବିତ୍ରତା କ'ଣ ?

ପବିତ୍ରତାର ଅନେକ ଅର୍ଥ ରହିଛି । ଏହି ଅଧ୍ୟାୟର ସୀମିତ ପରିସରରେ ପବିତ୍ରତା ହେଉଛି ଗଭୀର ଧାର୍ମିକ ବା ଆଧ୍ୟାତ୍ମିକ ମହତ୍ତ୍ୱ, ସମ୍ମାନ ଓ ଭକ୍ତିର ମହାନତା ଓ ପବିତ୍ରତା ସମ୍ପର୍କରେ କିଛି ଜାଣିବା । କିନ୍ତୁ ଏହି ନିର୍ଦ୍ଦିଷ୍ଟ ଅର୍ଥ କ'ଣ ହୋଇପାରେ ? ଏହା ଏକ ବିଶେଷ ସ୍ଥାନ ବା ମନ୍ଦିର ହୋଇପାରେ ଯାହା ଏପରି ଗଭୀର ଭାବନା, ଉଚ୍ଚ ଚିନ୍ତାଧାରା କିମ୍ବା ଅନୁଭୂତିକୁ ସୃଷ୍ଟି କରିଥାଏ ! ଏହା ଏକ ବିଶେଷ ପ୍ରକାରର ଯାତ୍ରା (ପ୍ରାୟତଃ ଏକ ତୀର୍ଥଯାତ୍ରା ଭାବେ ପରିଚିତ) । ଯାତ୍ରା ପଥ କିମ୍ବା ଏହା ଉପରେ ଆଚ୍ଛାଦିତ ଥିବା ଭୂମି ମଧ୍ୟ ହୋଇପାରେ । ଯେଉଁ ବିଷୟରେ ଆମେ ଏହି ଅଧ୍ୟାୟରେ ଜାଣିବା ।

ତେଣୁ ପବିତ୍ରତା କେବଳ ଧର୍ମ ଏବଂ ଆଧ୍ୟାତ୍ମିକତା ସହ ଜଡ଼ିତ ନୁହେଁ, ବରଂ ଭୂଗୋଳ, ସମସ୍ତ ପ୍ରକାରର ପରମ୍ପରା ଏବଂ ଭାରତର ଅନେକ କ୍ଷେତ୍ରରେ ଏହା ଜଡ଼ିତ ଯାହା ଆମେ ଏ ଅଧ୍ୟାୟରେ ଜାଣିବାକୁ ପାଇବା ।

ଆସ ପ୍ରଥମେ ପବିତ୍ର ସ୍ଥାନଗୁଡ଼ିକ ଉପରେ ଧ୍ୟାନ ଦେବା । ତୁମେ ଜାଣିଥିବ ଭାରତରେ ପ୍ରତ୍ୟେକ ଚିନ୍ତାଧାରା ବା ଧର୍ମର ନିଜସ୍ୱ ପବିତ୍ର ସ୍ଥାନ ରହିଛି ।



ଚିତ୍ର ୮.୨

ଏହି ଚିତ୍ରଗୁଡ଼ିକରେ ଥିବା ସ୍ଥାନଗୁଡ଼ିକ ଇସ୍‌ଲାମ ଧର୍ମ, ଖ୍ରୀଷ୍ଟ ଧର୍ମ, ଇହୁଦି ଧର୍ମ ଏବଂ ପାର୍ସୀ ଧର୍ମର ଅନୁଗାମୀମାନଙ୍କ ଦ୍ୱାରା ଆଦର ଲାଭ କରିଛି, ଯାହା ଭାରତ ବାହାରେ ସୃଷ୍ଟି ହୋଇଛି। ଲୋକମାନେ ପ୍ରାର୍ଥନା ଓ ଉପାସନା ପାଇଁ ଏହି ସ୍ଥାନଗୁଡ଼ିକରେ ଏକତ୍ରିତ ହୋଇଥାନ୍ତି। ଅନ୍ୟ ବିଶ୍ୱାସର ଅନୁଗାମୀମାନେ ମଧ୍ୟ ଏସବୁ ସ୍ଥାନକୁ ପରିଦର୍ଶନ କରିଥାନ୍ତି। ଉଦାହରଣ ସ୍ୱରୂପ – ଆଜମେର (ରାଜସ୍ଥାନ)ର ଦରଘା ସରିଫ କିମ୍ବା ତାମିଲନାଡୁର ଭେଲାଙ୍କାନୀ ଗୀର୍ଜାରେ ଏପରି ଦେଖାଯାଇଥାଏ। ଲୋକମାନେ ବିଶେଷ ଭାବରେ ଅବସର ସମୟମାନଙ୍କରେ ଏହି ପବିତ୍ର ସ୍ଥାନଗୁଡ଼ିକୁ ଦୀର୍ଘ ଯାତ୍ରାରେ ଯାଇଥାନ୍ତି।

ସ୍ୱାଭାବିକ ଭାବରେ ଯେତେବେଳେ ଆମେ ଭାରତରେ ସୃଷ୍ଟି ହୋଇଥିବା ଧର୍ମଗୁଡ଼ିକର କଥା ଚିନ୍ତାକରୁ, ଆମେ ଦେଖୁ ଯେ ସେମାନଙ୍କର ଅଧିକ ପରିପାଣରେ ଏପରି ସ୍ଥାନସବୁ ରହିଛି। ବୌଦ୍ଧଧର୍ମର ପବିତ୍ର ସ୍ଥାନସବୁ ପ୍ରାୟତଃ ବୁଦ୍ଧଙ୍କ ଦ୍ୱାରା ପରିଦର୍ଶିତ ବା ସେଠାରେ ତାଙ୍କର ଅବଶେଷାଂଶ ରଖାଯାଇଛି। ସେଗୁଡ଼ିକ ମଧ୍ୟରେ ସାଞ୍ଚି (ମଧ୍ୟପ୍ରଦେଶ)ଠାରେ ଥିବା ମହାନ ସ୍ତୂପ ଅନ୍ୟତମ। ଏହା ବୁଦ୍ଧଙ୍କର ଅବଶେଷ ଥିବା ଏକ ସ୍ତୂପ (ତୁମେ ଏହାକୁ ସାମ୍ରାଜ୍ୟର ଉତ୍‌ଥାନ ଅଧ୍ୟାୟରେ ଦେଖିଥିଲ) ଏବଂ ବୋଧଗୟା (ବିହାର) ଠାରେ ଥିବା ମହାବୋଧି ସ୍ତୂପ, ଯେଉଁଠାରେ ବୌଦ୍ଧ ପରମ୍ପରା ଅନୁସାରେ ବୁଦ୍ଧ ଜ୍ଞାନପ୍ରାପ୍ତି ହୋଇଥିଲେ। ଏସବୁ ତୀର୍ଥଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଉଦାହରଣ ସ୍ୱରୂପ ବୋଧଗୟାକୁ ପ୍ରତି ବର୍ଷ ୪୦ ଲକ୍ଷରୁ ଅଧିକ ପରିଦର୍ଶକ ଭ୍ରମଣରେ ଆସିଥାନ୍ତି।



ଚିତ୍ର ୮.୩

ଶିଖଧର୍ମରେ ତଖତ୍ ଗୁଡ଼ିକ ଆଧ୍ୟାତ୍ମିକତାର ସ୍ଥାନ ବା କେନ୍ଦ୍ର ଅଟେ। ଉଦାହରଣ ସ୍ୱରୂପ – ଶ୍ରୀପାଟଣା ସାହେବ ତଖତ୍ (ପାଟଣାରେ), ଅକାଳ ତଖତ୍ (ଅମୃତସର ସ୍ୱର୍ଣ୍ଣମନ୍ଦିରର ଏକ ଅଂଶ, ଚିତ୍ର ୮.୩) ଏବଂ ଶ୍ରୀକେଶଗଡ଼ ସାହେବ ତଖତ୍ (ଆନନ୍ଦପୁର) ପ୍ରଭୃତି ସ୍ଥାନକୁ ଶିଖମାନେ ସେମାନଙ୍କର ଜୀବନାଳ ମଧ୍ୟରେ ଅନ୍ତତଃ ଥରେ ତୀର୍ଥଯାତ୍ରା କରିବାକୁ ଆଗ୍ରହୀ ହୋଇଥାନ୍ତି। କାରଣ ଏହିସବୁ ସ୍ଥାନ ମହାନ ଶିଖଗୁରୁମାନଙ୍କ ସହିତ ଜଡ଼ିତ ହୋଇଥିବାରୁ ଏହାର ବିଶେଷ ମହତ୍ତ୍ୱ ରହିଛି। ଏହା ସହିତ ଶିଖ ପରମ୍ପରା ତଥ୍ୟ ଅନୁଯାୟୀ ଗୁରୁ ନାନକଙ୍କ ପରି ମହାନଗୁରୁ ହରିଦ୍ୱାର, ପ୍ରୟାଗ, ମଥୁରା, ବାରାଣସୀ, ଅଯୋଧ୍ୟା, ପୁରୀ ସମେତ କେତେକ ମୁସଲମାନ ଧର୍ମର ପବିତ୍ର ସ୍ଥଳକୁ ଭ୍ରମଣ କରିଥିବା ପ୍ରମାଣ ମିଳିଥାଏ।

ଯୁଗ ଯୁଗ ଧରି ଭାରତ ଏକ ତୀର୍ଥଯାତ୍ରାର ଦେଶ ଭାବରେ ପରିଚିତ ହୋଇ ଆସିଛି । ସମଗ୍ର ଦେଶରେ ହିମାଳୟର ବରଫାବୃତ୍ତ ଅଞ୍ଚଳରେ ଥିବା ବଦ୍ରିନାଥ, କେଦାରନାଥ ଏବଂ ଅମରନାଥରୁ ଆରମ୍ଭ କରି ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ପ୍ରାଚୀନ ସ୍ଥାନଗୁଡ଼ିକୁ ଦେଖିବାକୁ ମିଳିଥାଏ । ଏହି ମହାନ ତୀର୍ଥଯାତ୍ରାରେ ଦକ୍ଷିଣରୁ ଉତ୍ତର ଏବଂ ଉତ୍ତରରୁ ଦକ୍ଷିଣକୁ ଲୋକମାନଙ୍କୁ ଆକର୍ଷିତ କରିପାରୁଛି ? ଏହା ହେଉଛି ଗୋଟିଏ ଦେଶ ଏବଂ ଗୋଟିଏ ସଂସ୍କୃତିର ଅନୁଭବ ।

ଜବାହରଲାଲ୍ ନେହେରୁ ୧୯୬୧

**ତୀର୍ଥ (Tirtha) :** ଆକ୍ଷରିକ ଅର୍ଥରେ ଏକ ସ୍ଥାନ, ଯେଉଁଠାରେ ଜଣେ ନଦୀ କିମ୍ବା ଅନ୍ୟ ଜଳାଶୟ ପାରି ହୋଇଥାଏ । ସାଙ୍କେତିକ ଭାବରେ – ଏହା ଏପରି ଏକ ସ୍ଥାନ, ଯେଉଁଠାରେ ଜଣେ ସାଂସାରିକ ଜୀବନରୁ ଏକ ଉଚ୍ଚ ଆଧାତ୍ମିକ ଜୀବନକୁ ଅତିକ୍ରମ କରିପାରିବ । ଏହିପରି ସ୍ଥାନଗୁଡ଼ିକୁ ଅତ୍ୟନ୍ତ ସମ୍ମାନ ଦିଆଯିବା ସହିତ ପବିତ୍ର ବିବେଚନା କରାଯାଇଥାଏ ।

## ତୀର୍ଥଯାତ୍ରା :

ଅନେକ ଭାରତୀୟ ନିଜ ନିଜର ଜୀବନକାଳ ମଧ୍ୟରେ ବିଭିନ୍ନ ପବିତ୍ର ସ୍ଥାନକୁ ତୀର୍ଥଯାତ୍ରା କରିଥାନ୍ତି । ତୀର୍ଥଯାତ୍ରାର ଏହି ପ୍ରାଚୀନ ଏବଂ ଅବିରତ ପରମ୍ପରା କେବଳ ଏକ ଶାରୀରିକ ଯାତ୍ରା ନୁହେଁ, ବରଂ ଏହା ଏକ ଅନ୍ତରର ଯାତ୍ରା ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ନିହିତ ଥାଏ । ଅତିକମ୍‌ରେ ୩୦୦୦ ବର୍ଷ ଧରି ଏବଂ କୌଣସି ଆଧୁନିକ ପରିବହନର ସାଧନ ଉପଲବ୍ଧ ନଥିବା ସତ୍ତ୍ୱେ ଭାରତୀୟମାନେ ଏହି ଉପମହାଦେଶକୁ ଅତିକ୍ରମ କରିଛନ୍ତି । ଯାହା ଫଳରେ ଏହାର ସମଗ୍ର ଅଞ୍ଚଳ ପବିତ୍ର ବୋଲି ବିବେଚନା କରାଯାଏ । ଆମେ ଏ ବିଷୟରେ ପରେ ପୁଣି ଆଲୋଚନା କରିବା ।

ଜଣେ ବିଶିଷ୍ଟ ଐତିହାସିକ ଓ ଚିନ୍ତାନାୟକ ଧରମପାଲଙ୍କ ଲେଖାର କିଛି ଅଂଶକୁ ଉଦ୍ଧୃତ କରାଯାଇଛି ।

"ମୁଁ ଗ୍ୱାଲିଅରରୁ ଦିଲ୍ଲୀ ଯାଉଥିବା ସମୟରେ କିଛି ଲୋକଙ୍କୁ ଭେଟିଲି । ସେମାନେ ଥିବା ୧୨ଜଣଙ୍କ ମଧ୍ୟରୁ ତିନି ଚାରିଜଣ ମହିଳା ଏବଂ ସାତ ଆଠଜଣ ପୁରୁଷ ଥିଲେ । ସେମାନେ କହିଲେ ଯେ– ସେମାନେ ତିନିମାସ ତଳୁ ରାମେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନକୁ ତୀର୍ଥଯାତ୍ରାରେ ଯାଇଥିଲେ । ସେମାନେ ଲକ୍ଷ୍ନୌର ଉତ୍ତର ଭାଗରେ ଥିବା ଦୁଇଟି ଭିନ୍ନ ଭିନ୍ନ ଗ୍ରାମରୁ ଆସିଥିଲେ । ସେମାନଙ୍କ ପାଖରେ ବିଭିନ୍ନ ଜିନିଷ ସମେତ କିଛି ମାଟି ପାତ୍ର ଥିଲା । ସେମାନେ ସେମାନଙ୍କ ଖାଦ୍ୟ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଯଥା– ଅଟା, ଚିନି, ଘିଅ ଇତ୍ୟାଦି ସାଙ୍ଗରେ ନେଇଥିଲେ । ମୁଁ ସେମାନଙ୍କୁ ପଚାରିଲି– "ବର୍ତ୍ତମାନ ତୁମେମାନେ କ'ଣ ଦିଲ୍ଲୀ ଯାଉଛ ? ସେମାନେ କହିଲେ ହଁ । ମୁଁ କହିଲି, ତୁମେମାନେ କ'ଣ ଦିଲ୍ଲୀରେ ରହିବ ? ନା ଆମର କେବଳ ସେଠାରେ ଟ୍ରେନ୍ ବଦଳାଇବାର ଅଛି । ଆମେ ହରିଦ୍ୱାର ଯାଉଛୁ । ଆମ ପାଖରେ ସମୟ ନାହିଁ । ଆମକୁ ହରିଦ୍ୱାର ଯିବାକୁ ପଡ଼ିବ ଏବଂ ତା'ପରେ ଫେରିବାକୁ ପଡ଼ିବ ।"

## ଆସ ଅନୁସନ୍ଧାନ କରିବା



ନିମ୍ନଲିଖିତ ଲେଖାକୁ ପଢ଼। ତୁମର ଅନୁଭବଗୁଡ଼ିକ କ'ଣ ? "ରାମେଶ୍ୱରରୁ ହରିଦ୍ୱାରକୁ ଯାଉଥିବା ତୀର୍ଥଯାତ୍ରୀଦଳଙ୍କ ରାସ୍ତାକୁ ଚିହ୍ନାଅ। ତୁମେ କ'ଣ ଭାବୁଛ ଯେ ତୀର୍ଥଯାତ୍ରୀ ଦଳଟି ଦିଲ୍ଲୀରେ ନ ଅଟକି ସିଧା ହରିଦ୍ୱାର ଯାଉଥିଲେ ?

ପ୍ରାଚୀନ କାଳରେ ଯେତେବେଳେ ଲୋକମାନେ ତାମିଲନାଡୁର ମଦୁରାଇରୁ ଉତ୍ତର ପ୍ରଦେଶର ବାରାଣସୀକୁ ଯାତ୍ରା କରୁଥିଲେ ସେମାନେ କେଉଁ ଭାଷାଗୁଡ଼ିକର ସାମ୍ନା କରୁଥିବେ ? ସେମାନେ ସେ ସ୍ଥାନରେ ଲୋକମାନଙ୍କ ସହ କିପରି ଯୋଗାଯୋଗ କରୁଥିବେ ? ସେମାନେ କେଉଁଠାରେ ରହୁଥିବେ ? ସେମାନେ କ'ଣ ଖାଉଥିବେ ?

**ତୀର୍ଥଙ୍କର (Tirthankara) :** ଏହି ଶବ୍ଦର ଅର୍ଥ ଯିଏ ତୀର୍ଥ ନିର୍ମାଣ କରନ୍ତି। ଯିଏ ସାଧାରଣ ଜୀବନରୁ ଉଚ୍ଚମାନର ଜୀବନକୁ ପରିବର୍ତ୍ତନ କରିବାରେ ମାର୍ଗଦର୍ଶନ କରିଥାନ୍ତି। ଜୈନଧର୍ମରେ ତୀର୍ଥଙ୍କର ଅର୍ଥ ହେଉଛି – ଧର୍ମର ସର୍ବୋଚ୍ଚ ପ୍ରଚାରକ।

ଜୈନ ପରମ୍ପରା ଅନୁସାରେ ସର୍ବଦା ତୀର୍ଥଙ୍କରମାନେ ମୋକ୍ଷ ଲାଭ କରିଥିବା ସ୍ଥାନ ବା ସେମାନଙ୍କର ଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିବା ସ୍ଥାନ ସହିତ ସଂପୃକ୍ତ ଥିଲେ। ତୀର୍ଥଙ୍କରମାନେ ପରିଦର୍ଶନ କରିଥିବା ବା ଧ୍ୟାନ କରିଥିବା ବୃକ୍ଷ, ପୁଷ୍କରିଣୀ, ପାହାଡ଼ ପର୍ବତ ଆଦିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ। ଏପରି ସ୍ଥାନଗୁଡ଼ିକ ମଧ୍ୟରେ ମାଉଣ୍ଟ ଆବୁ, ଗିରିନାର ଏବଂ ସୌରାଷ୍ଟ୍ରର ଶତ୍ରୁଞ୍ଜୟ ପର୍ବତର ଉଦାହରଣ ନିଆଯାଇ ପାରେ।

ଅନ୍ୟ ଏକ ଉଦାହରଣ ହେଉଛି ଆୟାପ୍ପା ଦେବତାଙ୍କୁ ସମର୍ପିତ କେରଳର ସାବରିମାଳା ମନ୍ଦିର, ଯାହା ପ୍ରତି ବର୍ଷ ୧୦ ଲକ୍ଷରୁ ଅଧିକ ଭକ୍ତଙ୍କୁ ଆକର୍ଷିତ କରିଥାଏ। ଜଙ୍ଗଲ ଏବଂ ପାହାଡ଼ ମଧ୍ୟଦେଇ ବହୁ କଷ୍ଟରେ ପାହାଡ଼ ଉପରେ ଥିବା ଏହି ପ୍ରାଚୀନ ମନ୍ଦିର ନିକଟକୁ ଯିବାକୁ ପଡୁଥିଲା। ଦେଶର ପାହାଡ଼ ପର୍ବତ ଉପରେ ଥିବା ଏହିପରି ଅନେକ ମନ୍ଦିରରେ ପହଞ୍ଚିବାକୁ ବଣ ଜଙ୍ଗଲ ଦେଇ ଯିବାକୁ ପଡୁଥିଲା ଏବଂ ଏହି ରାସ୍ତାରେ ଥିବା ପ୍ରାକୃତିକ ସ୍ଥାନଗୁଡ଼ିକୁ ପବିତ୍ର ବୋଲି ବିବେଚନା କରାଯାଉଥିଲା।



ଚିତ୍ର ୮.୪ : ପନ୍ଧାରପୁରୱାରୀ, ମହାରାଷ୍ଟ୍ରର ଏକ ୮୦୦ ବର୍ଷର ପୁରୁଣା ପରମ୍ପରା। ୱାରୀର ଅର୍ଥ ତୀର୍ଥଯାତ୍ରା, ଯାହା ପ୍ରତିଦିନ ଅନୁଷ୍ଠିତ ହୋଇଥାଏ। ଏ କ୍ଷେତ୍ରରେ ବର୍ଷକୁ ତୀର୍ଥଯାତ୍ରୀମାନେ ୨୧ ଦିନ ପାଇଁ ପନ୍ଧାରପୁରର ପ୍ରସିଦ୍ଧ ବିଠୋବା ମନ୍ଦିରକୁ ବଡ଼ ଗୋଷ୍ଠୀରେ ଯାଇଥାନ୍ତି।

## ଅଧିକ ପବିତ୍ର ସ୍ଥାନ

ହିନ୍ଦୁ ଓ ଅନେକ ଲୋକ ଏବଂ ଆଦିବାସୀ ବିଶ୍ୱାସ ପ୍ରଣାଳୀ ଆହୁରି ଆଗକୁ ଯାଇଛି। ଷଷ୍ଠ ଶ୍ରେଣୀରେ ଆମେ ଜାଣିଲୁ ଯେ ଏପରିକି ପଥର ପରି ପ୍ରାକୃତିକ ବସ୍ତୁକୁ ଲୋକମାନେ ପବିତ୍ର ବୋଲି ମାନିଥାନ୍ତି। ଉଦାହରଣ ସ୍ୱରୂପ – ହିନ୍ଦୁ ଧର୍ମରେ ନିର୍ଦ୍ଦିଷ୍ଟ କେତୋଟି ପର୍ବତ, ନଦୀ ଓ ଜଙ୍ଗଲ ପରି ଭୌଗୋଳିକ ସ୍ଥାନର ସ୍ୱରୂପ ରହିଛି ଯାହାକୁ ପବିତ୍ର ଭାବରେ ବିବେଚନା କରାଯାଏ ଏବଂ ଦେବାଦେବୀ ଭାବରେ ପୂଜା କରାଯାଇଥାଏ। ଅନେକ ନଦୀକୁ ଦେବୀ ଭାବରେ ବିବେଚନା କରାଯାଉଥିବାବେଳେ କିଛି ପ୍ରଜାତିର ବୃକ୍ଷ, ପଶୁ ଏବଂ ଉଦ୍ଭିଦକୁ ପବିତ୍ର ବୋଲି ମନେ କରିଥାନ୍ତି।



ଚିତ୍ର ୮.୫ ଏହି ଚିତ୍ରରେ ବିଷ୍ଣୁ ତାଙ୍କର ବରାହ ଅବତାରରେ ଏକ ରାକ୍ଷସକୁ ବଧକରି ଭୂଦେବୀ (ମାତା ପୃଥିବୀ)ଙ୍କୁ ରକ୍ଷା କରୁଛନ୍ତି। ଏଠାରେ ଭୂଦେବୀ ବିଷ୍ଣୁଙ୍କ କହୁଣୀ ଉପରେ ବସିଥିବାର ଦେଖାଯାଉଛି। (ବେଲୁର ମନ୍ଦିର, କର୍ଣ୍ଣାଟକ)।

ଏହି ପରମ୍ପରା ପ୍ରକୃତିର ସମସ୍ତ ବସ୍ତୁର ଐଶ୍ୱରୀକ ସତ୍ତାର ଉପସ୍ଥିତିର ଭାବନାରୁ ଆସିଛନ୍ତି। ସେଥିପାଇଁ ସମଗ୍ର ପୃଥିବୀକୁ ପବିତ୍ର ବିବେଚନା କରାଯିବା ସହିତ ପୃଥିବୀକୁ ପୃଥିବୀ ମାଆ ବା ଭୂଦେବୀ ବୋଲି କୁହାଯାଇଥାଏ।

**ଏଠାରେ ଏହି ପରମ୍ପରାର କିଛି ଅଧିକ ଉଦାହରଣ ଦିଆଯାଇଛି;**

- ଝାଡ଼ଖଣ୍ଡର ନିୟମଗିରି ପର୍ବତମାଳାର ନିୟମ ଡୋଙ୍ଗର ପାହାଡ଼ ଡୋଙ୍ଗରିଆ କନ୍ଧ ଜନଜାତିଙ୍କ ପାଇଁ ପବିତ୍ର ଅଟେ। ସେମାନେ ବିଶ୍ୱାସ କରନ୍ତି ଯେ ପାହାଡ଼ ହେଉଛି ନିୟମ ରାଜାଙ୍କ ବାସସ୍ଥାନ, ଯିଏ କି ସର୍ବୋଚ୍ଚ ଦେବତା ଏବଂ ସେମାନଙ୍କ ଜୀବନ ଧାରଣ ପାଇଁ ଆବଶ୍ୟକ ସମସ୍ତ ବସ୍ତୁ ପ୍ରଦାନ କରିଥାନ୍ତି। ଏଠାରେ ଗଛ କାଟିବା ନିଷେଧ ଏବଂ ଏପରି କାର୍ଯ୍ୟକୁ ଦେବତାଙ୍କ ପ୍ରତି ଅସମ୍ମାନ ବୋଲି ବିବେଚନା କରାଯାଇଥାଏ।
- ୨୦୦୦ ମସିହା ପ୍ରାରମ୍ଭରେ ସିକିମ୍ ସରକାର ଅନେକ ପବିତ୍ର ପର୍ବତ, ଗୁମ୍ଫା, ହ୍ରଦ, ପଥର ଏବଂ ଉଷ୍ଣଝରଣା (ଉଷ୍ଣ ପ୍ରସବଣ)କୁ ଚିହ୍ନଟ କରି ସେଗୁଡ଼ିକୁ ସମସ୍ତ ପ୍ରକାର କ୍ଷୟକ୍ଷତିରୁ ସୁରକ୍ଷିତ ରଖିଥିଲେ।
- ତାମିଲନାଡୁର ନୀଳଗିରିରେ ଥିବା ଟୋଡ଼ା ଜନଜାତି ଅନେକ ପର୍ବତ ଶିଖରକୁ ପବିତ୍ର ବୋଲି ମାନି ସେମାନଙ୍କର ଦେବତାମାନଙ୍କ ସହିତ ଯୋଡ଼ିଥାନ୍ତି। ସେମାନେ ସେମାନଙ୍କର ପରମ୍ପରା ସହିତ ସଂପୃକ୍ତ ଅନେକ ଗଛଲତାକୁ ପବିତ୍ର ବୋଲି ମନେ କରିଥାନ୍ତି। ସୋଲା ଜଙ୍ଗଲ, ଆର୍ଦ୍ରଭୂମି, କେତେକ ନିର୍ଦ୍ଦିଷ୍ଟ ପଥର ଏବଂ ବୃକ୍ଷ ଏହାର ଅନ୍ତର୍ଭୁକ୍ତ।

## ପବିତ୍ର ଭୂଗୋଳ ସମ୍ପର୍କରେ ସଚେତନ ହେବା

ଭାରତରେ କେତେକ ପବିତ୍ରସ୍ଥାନ ମାନଚିତ୍ରରେ ଚିହ୍ନିତ କରାଯାଇଛି। (ଚିତ୍ର ୮.୬) ଯାହା ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି। ଯଦିଓ ଏହା ସମଗ୍ର ଭାରତବର୍ଷରେ ବ୍ୟାପିଛି, ସେସବୁ ପରସ୍ପର ସହିତ ସଂପୃକ୍ତ। ଉଦାହରଣ ସ୍ୱରୂପ– କେତେକ ହିନ୍ଦୁ ଭାରତର ଚାରିଧାମ ଯାତ୍ରା କରିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି ଯାହା ଭାରତର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ କୋଣରେ ଅବସ୍ଥିତ। ୧୨ଟି ଜ୍ୟୋର୍ତିଲିଙ୍ଗ କ୍ଷେତ୍ରରେ ସେହିପରି ଧାରଣା ରହିଛି ଯାହାକୁ ଅତ୍ୟନ୍ତ ପବିତ୍ର ବୋଲି ମନେ କରାଯାଇଥାଏ। ସେହିପରି ୫୧ଟି ଶକ୍ତି ପୀଠ ମଧ୍ୟ ସମଗ୍ର ଭାରତ ମାନଚିତ୍ରକୁ ଅଧିକାର କରିଅଛି, ଏପରିକି (ବର୍ତ୍ତମାନର ପାକିସ୍ଥାନ ଓ ବାଲାଂଦେଶର କିଛି ଅଂଶ ସହିତ) ଅନେକ ଆଞ୍ଚଳିକ ନେଟୱାର୍କର ସଂଯୋଗ ରହିଛି।

> ସମଗ୍ର ୧୨ଟି ଜ୍ୟୋର୍ତିଲିଙ୍ଗ ହିନ୍ଦୁ ଦେବତା ଶିବଙ୍କୁ ଉତ୍ସର୍ଗୀକୃତ। ପ୍ରତ୍ୟେକ ପୀଠର ନିଜସ୍ୱ ସ୍ୱତନ୍ତ୍ର ପୌରାଣିକ କଥାବସ୍ତୁ ଓ ନାମ ରହିଛି।


ଏହି ନେଟୱାର୍କସବୁ ଭାରତର ସମସ୍ତ ଦୈର୍ଘ୍ୟ ଓ ପ୍ରସ୍ଥକୁ ସଂଯୁକ୍ତ କରି ଏକ ପବିତ୍ର ଭୂଗୋଳ ମଣ୍ଡଳ ତିଆରି କରିଅଛି। ଯାହାର ଫଳସ୍ୱରୂପ ସମଗ୍ର ଭାରତ ଭୂମି ପବିତ୍ର ବୋଲି ବିବେଚିତ ହୋଇଛି। ୫୧ଟି ଶକ୍ତିପୀଠ ବିଷୟରେ ଏକ କାହାଣୀ ରହିଛି। ଶକ୍ତିରୂପିଣୀ ସତୀ ଓ ତାଙ୍କ ସ୍ୱାମୀ ଶିବଙ୍କୁ ତାଙ୍କର ପିତା ଦକ୍ଷ ପ୍ରଜାପତି ଅପମାନିତ କରିଥିଲେ। ସତୀ ଅତ୍ୟନ୍ତ କ୍ରୋଧିତ ହୋଇ ନିଜକୁ ଅଗ୍ନିରେ ଝାସ ଦେଲେ। ଶିବ ଏଥିରେ କ୍ରୋଧିତ ହୋଇ ସତୀଙ୍କ ଶରୀରକୁ ନେଇ ଅନ୍ତିମ ସଂସ୍କାର କରିବାକୁ ମନା କରିଦେଲେ। ଶିବଙ୍କ କ୍ରୋଧ ସମଗ୍ର ପୃଥିବୀ ଓ ବ୍ରହ୍ମାଣ୍ଡ ପାଇଁ ବିପଜ୍ଜନକ ଥିଲା। ତେଣୁ ଭଗବାନ ବିଷ୍ଣୁ ସତୀଙ୍କ ଶରୀରକୁ କାଟିବା ପାଇଁ ତାଙ୍କର ସୁଦର୍ଶନ ଚକ୍ର ବ୍ୟବହାର କଲେ। ଭାରତୀୟ ଉପମହାଦେଶର ଏସବୁ ହେଉଛି ସେହି ଶକ୍ତିପୀଠ ଯେଉଁଠାରେ ମା' ସତୀଙ୍କର ଖଣ୍ଡବିଖଣ୍ଡିତ ଶରୀରର ବିଭିନ୍ନ ଅଂଶ ପଡ଼ିଥିଲା। ଏହି କାହାଣୀ ପଛରେ ଥିବା ସଙ୍କେତରୁ ଜଣାପଡ଼ିଲା ଯେ ଏହି ସମଗ୍ର ଭୂଖଣ୍ଡ ମା ସତୀଙ୍କର ସମଗ୍ର ଶରୀରର ପବିତ୍ର ଅଙ୍ଗ ବୋଲି ବିବେଚିତ ହେଲା।

### ଆସ ଅନୁସନ୍ଧାନ କରିବା

ଚାରିଧାମ ଅବସ୍ଥାନ ଉପରେ ଧ୍ୟାନ ଦିଅ। ତୁମେ କ'ଣ ଭାବୁଛ, ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏସବୁ ପ୍ରଯୁଜ୍ୟ ?



ଯେତେବେଳେ ତୀର୍ଥଯାତ୍ରୀମାନେ ତାଙ୍କ ନିଜର ଧର୍ମ ବା ବିଶ୍ୱାସ ସହ ସଂପୃକ୍ତ ପବିତ୍ର ସ୍ଥାନସବୁ ପରିଦର୍ଶନ କରୁଥିଲେ, ସ୍ୱାଭାବିକ ଭାବରେ ଭାରତର ସମଗ୍ର ଭୂଖଣ୍ଡକୁ ଗମନ କରୁଥିଲେ। ସେମାନେ ବିଭିନ୍ନ ଭାଷା, ରୀତିନିତି, ପୋଷାକ ଏବଂ ଖାଦ୍ୟ ଆଦିର ସଂସ୍ପର୍ଶରେ ଆସୁଥିବା ସହିତ ବିଭିନ୍ନ ସମାନତାକୁ ମଧ୍ୟ ଅବଲୋକନ କରୁଥିଲେ।




ଚିତ୍ର ୮.୬ ମାନଚିତ୍ରରେ କିଛି ନେଟୱର୍କ ସହ ପାରମ୍ପରିକ ତୀର୍ଥସ୍ଥାନ ଦର୍ଶାଯାଇଛି ।



## ଆସ ଅନୁସନ୍ଧାନ କରିବା

ତୁମେ ମାନଚିତ୍ରରେ ଦିଆଯାଇଥିବା କିଛି ପାରମ୍ପରିକ ତୀର୍ଥସ୍ଥାନର ନାମ ଚିହ୍ନଟ କରିପାରିବ କି ? ତୁମେ ଜାଣିବା ପାଇଁ ବହିର ଶେଷରେ ଥିବା ରାଜନୈତିକ ମାନଚିତ୍ରକୁ ଅନୁସରଣ କରିପାର ।

ଲୋକମାନେ ଏତେ ଦୂର ଯାତ୍ରା କରୁଥିଲେ କାହିଁକି ? ଧାର୍ମିକ ଭାବନା ବ୍ୟତୀତ କେତେକ ବଣିକ ଓ ବ୍ୟବସାୟୀ ନିଜ ଦ୍ରବ୍ୟର ବିନିମୟ ନିମନ୍ତେ, ଅନ୍ୟ କେତେକ ନିଜର ଚିନ୍ତାଧାରା ଓ ବିଶ୍ୱାସକୁ ଆଲୋଚନା, ବା ବିତର୍କ ଦ୍ୱାରା ଲୋକପ୍ରିୟତା ନିମନ୍ତେ ତୀର୍ଥଯାତ୍ରା କରିଥାନ୍ତି। ବିଶିଷ୍ଟ ଶିକ୍ଷାବିଦ୍ ମାନଙ୍କଠାରୁ ଶିକ୍ଷା ଓ ଅଧ୍ୟୟନ ନିମନ୍ତେ ଦୂରଯାତ୍ରା କରୁଥିଲେ। ଯଦିଓ ସେମାନେ ଭିନ୍ନ ଲକ୍ଷ୍ୟନେଇ ଯାତ୍ରା କରୁଥିଲେ, ସେମାନଙ୍କ ଯାତ୍ରାପଥ ଗୋଟିଏ ଥିଲା। ସେମାନଙ୍କ ମଧ୍ୟରେ ଆଲୋଚନା ଓ ବିତର୍କ, ଦ୍ରବ୍ୟର ଆଦାନ ପ୍ରଦାନ ଅଭିଜ୍ଞତା ଏବଂ କାହାଣୀ ସମସ୍ତଙ୍କୁ ସମୃଦ୍ଧ କଲା। ନୂତନ ଚିନ୍ତାଧାରା ସୃଷ୍ଟି ହେଲା ଏବଂ ପୁରାତନ ଚିନ୍ତାଧାରାକୁ ପରିବର୍ତ୍ତନ କରାଗଲା । ଏହି ଜଟିଳ ପ୍ରକ୍ରିୟା ଭାରତୀୟ ଉପମହାଦେଶର ସାଂସ୍କୃତିକ ଏକତ୍ରୀକରଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

## ପବିତ୍ର ପରିବେଶ :

ସାଧାରଣତଃ ତୀର୍ଥସ୍ଥାନଗୁଡ଼ିକ ହ୍ରଦ ବା ନଦୀକୂଳରେ, ଅରଣ୍ୟ ବା ପର୍ବତ ଉପରେ ଅବସ୍ଥିତ ଥିଲା। ଆମେ ଯାହା ଦେଖିଲୁ ଯେ ପ୍ରାକୃତିକ ଭୂକ୍ଷେତ୍ର ସବୁକୁ ପବିତ୍ର ବା ପୁଣ୍ୟକ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି। ଏହି ଅବଧାରଣା ଆମକୁ ପ୍ରାକୃତିକ ସୁରକ୍ଷା ଓ ସଂରକ୍ଷଣ କରିବାରେ ସାହାଯ୍ୟ କରିଛି, ଯେହେତୁ ଆମେ ଏହାଠାରୁ ଭିନ୍ନ ନୁହନ୍ତି। ତେଣୁ ଏହି ସବୁ କ୍ଷେତ୍ରରେ ଭୂଗୋଳ, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ସମ୍ମେଳନ ଘଟିଛି।

## ନଦୀ ଓ ସଙ୍ଗମ (ନଦୀମାନଙ୍କର ମିଳନସ୍ଥଳ) :

ବୈଦିକ କାଳରୁ ଭାରତରେ ନଦୀମାନଙ୍କୁ ପୂଜା କରାଯାଇ ଆସୁଅଛି। ଋଗ୍ ବେଦରେ "ନଦୀସ୍ତୁତି ସୁକ୍ତ" ହେଉଛି ନଦୀମାନଙ୍କର ପ୍ରଶଂସାରେ ଲିଖିତ ସ୍ତୋତ୍ର (ସୁକ୍ତ) ଯେଉଁଠାରେ ଉତ୍ତର-ପଶ୍ଚିମ ଭାରତର ପ୍ରାଚୀନ ୧୯ଟି ମୁଖ୍ୟ ନଦୀକୁ ଆବାହନ କରାଯାଇଥାଏ। ଆଜିମଧ୍ୟ ଭାରତର ଅନେକ ଧାର୍ମିକ ରୀତିନୀତିରେ କେତେକ ପ୍ରଧାନ ନଦୀର ଉପସ୍ଥିତିକୁ ଆହ୍ୱାନ କରାଯାଇଥାଏ।

> "ଗଙ୍ଗେଚ-ଯମୁନେ ଚୈବ ଗୋଦାବରୀ ସରସ୍ୱତୀ
> ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ ସନ୍ନିଧିମ କୁରୁ।"

ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀ ଏହି ଜଳରେ ପ୍ରକଟିତ ହୁଅନ୍ତୁ। ସେହ ନଦୀଗୁଡ଼ିକ ଭାରତୀୟ ସଭ୍ୟତା ପାଇଁ ଜୀବନ ଲେଖା ହୋଇ ଆସିଛନ୍ତି। ସେମାନଙ୍କ ଉତ୍ସ ଶାଖା ଏବଂ ପ୍ରବାହିତ ସ୍ଥାନ ପବିତ୍ର ବୋଲି ବିବେଚିତ ହୋଇଥାଏ ଏବଂ ବହୁ ତୀର୍ଥଯାତ୍ରୀ ଏହିସବୁ ସ୍ଥାନ ପରିଦର୍ଶନ କରିଥାନ୍ତି। ଏହି ନଦୀଗୁଡ଼ିକୁ ସମ୍ମାନର ସହିତ ଗଙ୍ଗାନଦୀ ଏବଂ ଯମୁନାନଦୀ ବୋଲି ସମ୍ବୋଧନ କରାଯାଇଥାଏ।



## ମନେରଖ

- ପ୍ରୟାଗରାଜଠାରେ ପ୍ରତି ଛଅ ବର୍ଷରେ ଥରେ କୁମ୍ଭମେଳାର ଆୟୋଜନ କରାଯାଇଥାଏ । ଗଙ୍ଗା, ଯମୁନା ଏବଂ ଦୃଷ୍ଟିଗୋଚର ହେଉ ନଥିବା ସରସ୍ୱତୀର ସଙ୍ଗମ ସ୍ଥଳରେ ପ୍ରୟାଗରାଜ ଅବସ୍ଥିତ । କିଛି ବର୍ଷ ପୂର୍ବେ UNESCO କୁମ୍ଭମେଳାକୁ ବିଶ୍ୱର ଏକ ମହାନ ଐତିହ୍ୟର ମାନ୍ୟତା ପ୍ରଦାନ କରିଛି ।
- ୨୦୨୫ ମସିହାର କୁମ୍ଭମେଳାରେ ଆନୁମାନିକ ୬୬୦ ନିୟୁତ ଲୋକ ଅଂଶଗ୍ରହଣ କରିଥିଲେ । ସମୁଦାୟ ଭାରତର ଜନସଂଖ୍ୟାର ଏହା କେତେଭାଗ ଜାଣିଛ ?

### କୁମ୍ଭମେଳା

ଅମୃତ ମନ୍ଥନର କିମ୍ବଦନ୍ତୀରୁ କୁମ୍ଭମେଳାର ସୃଷ୍ଟି । ନିଜ ନିଜର ପାରମ୍ପରିକ ଶତ୍ରୁ ଦେବତା ଓ ଅସୁର ସମୁଦ୍ର ମନ୍ଥନ କରିବା ପୂର୍ବକ ଐଶ୍ୱରୀକ ଅମୃତ ଲାଭ କରି ଅମରତ୍ୱ ପ୍ରାପ୍ତ ନିମନ୍ତେ ଏକତ୍ରିତ ହୋଇଥିଲେ । ଅସୁରମାନଙ୍କୁ ଅମୃତ ଲାଭରୁ ବଞ୍ଚିତ କରିବା ପାଇଁ ବିଷ୍ଣୁ ମୋହିନୀ ନାମକ ଏକ ସୁନ୍ଦର ନାରୀ ରୂପ ଧାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ କେତୋଟି ଅମୃତବିନ୍ଦୁ ହରିଦ୍ୱାର, ପ୍ରୟାଗରାଜ, ନାସିକ ଏବଂ ଉଜ୍ଜୟିନୀ ଚାରୋଟି ସ୍ଥାନରେ ପଡ଼ିଥିଲା । ଏହି ସ୍ଥାନମାନଙ୍କରେ କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନଦୀରେ ବୁଡ଼ ପକାଇଲେ ଅତ୍ୟନ୍ତ ପୁଣ୍ୟଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।



ଚିତ୍ର ୮.୭

## ଏହା ବିଷୟରେ ଚିନ୍ତା କର

ଲୋକମାନଙ୍କର ଅର୍ଥନୈତିକ ଜୀବନ ଓ କାର୍ଯ୍ୟକଳାପ ସହିତ ଏହିସବୁ ଧାର୍ମୀକ ସ୍ଥାନଗୁଡ଼ିକର ସମ୍ପର୍କ କିପରି ରହିଛି ବୋଲି ଭାବୁଛ ? ନିଜ ମନରୁ ଚିନ୍ତାକରି ଏହିସବୁ ସମ୍ପର୍କୀୟ ଏକ ମାନଚିତ୍ର ଆଙ୍କ !

ଏହି ଚିତ୍ରଟି ତୁମକୁ କିଛି ସୂଚନା ପ୍ରଦାନ କରିବ ।



ଚିତ୍ର ୮.୮

## ପର୍ବତ ଏବଂ ଜଙ୍ଗଲ

ସାରା ବିଶ୍ୱରେ ପର୍ବତଗୁଡ଼ିକ କୌଣସି ନା କୌଣସି କିମ୍ବଦନ୍ତୀ, ଦେବତା ଏବଂ ମହାପୁରୁଷମାନଙ୍କ ସହିତ ସଂପୃକ୍ତ ହୋଇଥାନ୍ତି । ସେମାନଙ୍କର ଭାବନା ଦୃଷ୍ଟିରୁ ପର୍ବତଗୁଡ଼ିକୁ ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ଏକ ସାଙ୍କେତିକ ଦ୍ୱାର ଭାବରେ ବର୍ଣ୍ଣନା କରାଯାଇଛି ।

ଅନେକ ତୀର୍ଥ ସ୍ଥାନ ଉଚ୍ଚ ପର୍ବତ ଶିଖର ଉପରେ ନିର୍ମିତ ହୋଇଛି । ପର୍ବତାରୋହଣ ସହିତ ଦେବତାମାନଙ୍କ ପାଖକୁ କିଛି ସ୍ୱର୍ଗକୁ ଯାତ୍ରା କରିବାର ଅନୁଭୂତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଲୋକେ ସେହି ସ୍ଥାନ ବା ମନ୍ଦିରକୁ ପର୍ବତ ରାସ୍ତା ଦେଇ କଷ୍ଟଦାୟକ ଯାତ୍ରା କରୁଥିଲେ, ଯାହା କେବଳ ସେମାନଙ୍କର ଶାରୀରିକ ଦକ୍ଷତା ନୁହେଁ, ମାନସିକ ଶକ୍ତିର ପରୀକ୍ଷା ମଧ୍ୟ ହେଉଥିଲା । ଆଜି ଉକ୍ତ ସ୍ଥାନଗୁଡ଼କୁ ସଡ଼କ ଏବଂ ଅନ୍ୟାନ୍ୟ ପରିବହନ ମାଧ୍ୟମରେ ସହଜରେ ଯାଇ ହେଉଛି ।




ଚିତ୍ର ୮.୯

## ବୃକ୍ଷ, ଜଙ୍ଗଲ ଏବଂ ପବିତ୍ର କାନନ :

ଭାରତର ଅନେକ ସ୍ଥାନରେ ବୃକ୍ଷଗୁଡ଼ିକୁ ହଳଦୀ ଏବଂ କୁଙ୍କୁମ ପରି ଦ୍ରବ୍ୟ ଅର୍ପଣ କରାଯାଇ ସଜ୍ଜିତ କରାଯାଇଥାଏ। ଡିମ୍ବିରି ପ୍ରଜାତିର ଏକ ବୃକ୍ଷ ହେଉଛି 'ଅଶ୍ୱତ୍‌ଥ', ଯାହାକୁ ବୋଧିବୃକ୍ଷ ମଧ୍ୟ କୁହାଯାଏ। ତାହା ହିନ୍ଦୁ, ବୌଦ୍ଧ, ଶିଖ ଏବଂ ଜୈନମାନଙ୍କର ଏକ ପବିତ୍ର ବୃକ୍ଷ। ପ୍ରକୃତରେ ଏହି ବୃକ୍ଷର ବୈଜ୍ଞାନିକ ନାମ ହେଉଛି 'ଫିକସ୍ ରେଲିଜିଓସା' ଯାହାର ଲାଟିନ ଅର୍ଥ ହେଉଛି ଧାର୍ମିକ ବୃକ୍ଷ ବା ପବିତ୍ର ଡିମ୍ବିରି ବୃକ୍ଷ।



ଚିତ୍ର ୮.୧୦ ବୋଧଗୟାର ମହାବୋଧି ମନ୍ଦିରରେ ଥିବା ଗଛଟିକୁ ମୂଳତଃ, ଯେଉଁ ବୃକ୍ଷମୂଳରେ ଗୌତମ ବୁଦ୍ଧ ଧ୍ୟାନରେ ବସି ଜ୍ଞାନ ଲାଭ କରିଥିଲେ, ସେହି ବୋଧିଦ୍ରୁମର ଏକ ଅଂଶ ବୋଲି ଧରି ନିଆଯାଇଥାଏ।

ଷଷ୍ଠ ଶ୍ରେଣୀରେ ଆମେ ଭାରତର ଦୁଇଟି ମହାକାବ୍ୟ ରାମାୟଣ ଏବଂ ମହାଭାରତ ବିଷୟରେ ପଢ଼ିଥିଲୁ। ଏହି ପାଠରେ ତୀର୍ଥଯାତ୍ରା ଓ ପରିଦର୍ଶନର ସ୍ଥାନ ଏବଂ ପବିତ୍ର ନଦୀ, ଜଙ୍ଗଲ ଓ ପର୍ବତ ଗୁଡ଼ିକ ସମ୍ପର୍କରେ ଧାରଣା ଦିଆଯାଇଛି। ଭାରତରେ ଅନେକ ଅଞ୍ଚଳର ଅଧିବାସୀ ଓ ଜନଜାତିର ଲୋକେ ଦାବୀ କରନ୍ତି ଯେ ଏହି ପାଠର ନାୟକ ବା ଚରିତ୍ରମାନେ ତାଙ୍କ ଅଞ୍ଚଳ ଦେଇଯାଇଥିଲେ ଏବଂ ଏପରି ଯିବା ଆସିବାକୁ ସ୍ମରଣୀୟ କରିବା ପାଇଁ ମନ୍ଦିର ସବୁ ନିର୍ମିତ ହୋଇଛି।

ଏହିପରି କିମ୍ବଦନ୍ତୀସବୁ ଦୁଇ ମହାକାବ୍ୟ ରାମାୟଣ ଓ ମହାଭାରତକୁ ଭିନ୍ନ ଭିନ୍ନ ସଂପ୍ରଦାୟରେ ନିଜର ବୋଲି ମନେ କରିଥାନ୍ତି।



ଚିତ୍ର ୮.୧୧ : ଛତିଶଗଡ଼ର ବସ୍ତର ଅଞ୍ଚଳ ଦେଇ "ରାମଙ୍କ ଗମନ ଉତ୍ସବ" ପାଳନ କରୁଥିବା ଏକ ମନ୍ଦିର ।



ଚିତ୍ର ୮.୧୨ : ମହେଞ୍ଜୋଦାରୋରୁ ମିଳିଥିବା ଏହି ମୋହରଟିକୁ ଲକ୍ଷ୍ୟ କର ।

ଚିତ୍ରର ଉପରେ ଥିବା ଏହି ପତ୍ରଗୁଡ଼ିକୁ ଚିହ୍ନି ପାରୁଛ କି ? ତୁମେ ଦେଖି ପାରୁଥିବ ଯେ ଅଶ୍ୱତ୍ଥ ବୃକ୍ଷ ଯୁଗଯୁଗ ଧରି ଭାରତରେ ସାଂସ୍କୃତିକ ଭୂଗୋଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛି ।

## ଏହା ବିଷୟରେ ଚିନ୍ତା କର

ଅଶ୍ୱତ୍ଥ ବୃକ୍ଷର ଅନେକ ଅଂଶରେ ଔଷଧୀୟ ଗୁଣ ରହିଛି । ଏହାର ପତ୍ର କେତେକ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଥାଏ ଏବଂ ଏହାର ବକଳ ପେଟରୋଗ ପାଇଁ ବହୁତ ଉପଯୋଗୀ । ବର୍ଷସାରା ଏହା ସବୁଜ ରହୁଥିବାରୁ ଏଥିରେ ଅନେକ ପ୍ରକାରର ପକ୍ଷୀ ଏବଂ ପଶୁମାନଙ୍କୁ ଖାଦ୍ୟ ଓ ଆଶ୍ରୟ ମିଳିଥାଏ ।

ସମୟକ୍ରମେ ଭାରତର ଅନେକ ଗ୍ରାମୀଣ ଓ ଜନଜାତି ସଂପ୍ରଦାୟ ଶିକାର କରିବା, ଗଛ କାଟିବା କିମ୍ବା ଖଣି ଖୋଳିବା ଭଳି ବିଭିନ୍ନ କ୍ଷତିକାରକ କାର୍ଯ୍ୟକଳାପରୁ କ୍ଷାନ୍ତ ରହି ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା ଦେବାକୁ ନିଷ୍ପତ୍ତି କରିଛନ୍ତି । ସେମାନେ ସେହି ଜଙ୍ଗଲଗୁଡ଼ିକୁ ଦେବତାମାନଙ୍କ ବାସସ୍ଥାନ ବୋଲି ଭାବୁଛନ୍ତି । ମେଘାଳୟର ରିଙ୍ଗ୍‌କେଇ ବା ବାସା ଏହାର ଏକ ଉଦାହରଣ । ସ୍ୱତନ୍ତ୍ର ଜଙ୍ଗଲଗୁଡ଼ିକୁ ଇଂରାଜୀରେ ସାକ୍ରେଡ଼ ଗ୍ରୋଭସ୍ ବା ପବିତ୍ର କାନନ ବୋଲି କୁହାଯାଏ । (ଆଞ୍ଚଳିକ ଭାଷାରେ କିଛି ନାମ ପାଇଁ ନିମ୍ନରେ ଥିବା ସାରଣୀ ଦେଖନ୍ତୁ ।) ସେହିସବୁ ସ୍ଥାନର ପବିତ୍ରତା ହେତୁ ଅନେକ ଉଦ୍ଭିଦ ଓ ପ୍ରାଣୀଜଗତ ବିବିଧତାରେ ଆଶ୍ରୟ ନେଇଥାନ୍ତି । ଅନେକ ପବିତ୍ରକାନନ ଛୋଟ ପୁଷ୍କରିଣୀ ବା ଜଳାଶୟ ମଧ୍ୟରେ ରହିଛି, ଯାହା ଜଳ ସଂରକ୍ଷଣରେ ସାହାଯ୍ୟ କରିଥାଏ ।

ଭାରତରେ ଏପରି ହଜାର ହଜାର ସଂଖ୍ୟକ ପବିତ୍ର ବନାନୀ ଥିଲା । ଦୁଃଖର କଥା କୃଷିରୁ ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ଦେଶ୍ୟରେ ଲୋକେ ଏହାକୁ ଅଧିକାର କରିବା ଆରମ୍ଭ କରିବାରୁ ଏହି ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି । ତଥାପି ଭାରତର ଅନେକ ଅଞ୍ଚଳରେ ପବିତ୍ର ବନାନୀଗୁଡ଼ିକ ସୁରକ୍ଷିତ ହୋଇ ରହିଛି ।



ଚିତ୍ର ୮.୧୩ କାଲ୍‌କାଇ ମନ୍ଦିର, ମୁଲସି, ମହାରାଷ୍ଟ୍ର



ଚିତ୍ର ୮.୧୪ ମାଓପଲଙ୍ଗ, ସିଲଂ



ଚିତ୍ର ୮.୧୫ ଭିଲସର ପବିତ୍ର ସ୍ଥାନ



ଚିତ୍ର ୮.୧୬ ଉଦୟୁକ୍କୁଡୁକାଡୁ କାରୁମ୍ବୟୀରାମ୍‌କୋଣ୍ଡନ, ତାମିଲନାଡୁ

ଆଞ୍ଚଳିକ ଭାଷାରେ ଭାରତର କେତେକ ପବିତ୍ର ବନାନୀର ନାମ ନିମ୍ନରେ ଦିଆଯାଇଛି, ତୁମେ ଏହାକୁ ଯୋଡ଼ି ପାରିବ କି ?

| | |
|---|---|
| ମାଲାୟଲାମ | କାଭୁ |
| ତାମିଲ | କୋଭିଲକାଡୁ |
| କନ୍ନଡ଼ | ଦେବାରେକାଡୁ |
| ମରାଠୀ | ଦେବରାଇ |
| ଖାସି (ମେଘାଳୟ) | ଖାଓ୍ୱ କ୍ୟାଷ୍ଟଙ୍ଗ |
| ହିନ୍ଦୀ (ହିମାଚଳ ପ୍ରଦେଶ) | ଦେବଭାନ |
| ଝାଡ଼ଖଣ୍ଡ | ସରନା |
| ଛତିଶଗଡ଼ | ଦେବଗୁଡ଼ି |
| ରାଜସ୍ଥାନ | ଓରାନ |
| | |
| | |
| | |

ତାମିଲନାଡୁର ସ୍ଥାନୀୟ ଇତିହାସଗୁଡ଼ିକ ପବିତ୍ର ବନ, ପ୍ରକୃତି ଏବଂ ମଣିଷମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉଜାଗର କରିଥାନ୍ତି । ତାଞ୍ଜାଭୁର ଜିଲ୍ଲାର ଏପରି ଏକ ଇତିହାସରେ ଉଲ୍ଲେଖ ଅଛି ଯେ, ବନର ଦେବତାମାନେ ଫଳ ବାଦୁଡ଼ିମାନଙ୍କୁ ରକ୍ଷା କରନ୍ତି । ଯାହାକୁ ପବିତ୍ର ବିବେଚନା କରାଯାଇଥାଏ । ସେଥିମଧ୍ୟରୁ ଗୋଟିକୁ ଦେଖିଦେବା ମଧ୍ୟ ଶୁଭ ବୋଲି ମନେକରାଯାଏ । ଏହା ବ୍ୟତୀତ ବାଦୁଡ଼ିମାନେ ଫୁଲର ପରାଗ ସଙ୍ଗମ ଏବଂ ବୀଜ ବିକ୍ଷେପଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏପରି ଭାବେ ପବିତ୍ର ଅରଣ୍ୟ ସବୁ ଦେବତା, ପରିବେଶ ଏବଂ ମଣିଷମାନଙ୍କ ମଧ୍ୟରେ ଏକ ସୁସହାବସ୍ଥାନ ସୃଷ୍ଟି କରିଥାନ୍ତି ।

## ତୀର୍ଥଯାତ୍ରାରୁ ବାଣିଜ୍ୟ ପର୍ଯ୍ୟନ୍ତ


ଚିତ୍ର ୮.୧୭

ତୀର୍ଥ ଯାତ୍ରୀମାନେ ତୀର୍ଥଯାତ୍ରା ସମୟରେ ବ୍ୟବସାୟୀ ଓ ବଣିକମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି । ଏପରି ଭାବରେ ଆଦାନ ପ୍ରଦାନ ଉଭୟ ଗୋଷ୍ଠୀକୁ ଉପକୃତ କରିଥାଏ । ତୀର୍ଥଯାତ୍ରୀମାନେ ଆବଶ୍ୟକ କରୁଥିବା ବିଭିନ୍ନ ସାମଗ୍ରୀ ବ୍ୟବସାୟୀମାନେ ଯୋଗାଇ ଦେଇଥାନ୍ତି । ଫଳସ୍ୱରୂପ ତୀର୍ଥଯାତ୍ରା ପଥ ଏବଂ ବାଣିଜ୍ୟିକ ପଥ ଅନେକ ସମୟରେ ପରସ୍ପର ମିଶି ଯାଆନ୍ତି । କେତେକ ବ୍ୟବସାୟୀ ତୀର୍ଥ ସ୍ଥାନ ପରିଦର୍ଶନ କରିବା ସହିତ ଦୂର ସହର ଏବଂ ନଗରକୁ ନିଜର ଜିନିଷପତ୍ର ବୋହି ନେଇ ଯାଇଥାନ୍ତି ।

ପ୍ରାଚୀନ ଭାରତରେ ଏହି ବ୍ୟବସାୟୀମାନେ କେଉଁ ପଥ ବ୍ୟବହାର କରୁଥିଲେ ? "ସାମ୍ରାଜ୍ୟର ଅଭ୍ୟୁଦୟ" ଅଧ୍ୟାୟରେ ବାଣିଜ୍ୟ ପଥର ମାନଚିତ୍ରଟିକୁ (ଚିତ୍ର ୫.୫) ଆଉଥରେ ଦେଖ । ଉତ୍ତରାପଥ ଏହି ଉପମହାଦେଶର ଉତ୍ତର-ପଶ୍ଚିମ ଏବଂ ପୂର୍ବ ଭାଗକୁ ସଂଯୋଗ କରୁଥିବା ଏକ ମୁଖ୍ୟ ବାଣିଜ୍ୟ ପଥ ଥିଲା । ଦକ୍ଷିଣାପଥ ଉଜ୍ଜୟିନୀ (ଉଜ୍ଜୈନ) ଦେଇ କୌଶାମ୍ବୀ ଓ ପ୍ରତିଷ୍ଠାନ (ପାଇଥାନ) ପର୍ଯ୍ୟନ୍ତ ଯାଇଥିଲା । ତୁମେ ଜାଣିଥିବ ଯେ ଏହି ସବୁ ପଥ ଦେଇ ସାମୁଦ୍ରିକ ଶଙ୍ଖ, ମୋତି, ମୁଦ୍ରା, ସୁନା ଓ ହିରା ସହିତ କପା, ମସଲା ଏବଂ ଚନ୍ଦନ କାଠ ପ୍ରଭୃତି ବହୁ ମୂଲ୍ୟ ଦ୍ରବ୍ୟ ଓ ପଥର କାରବାର ହେଉଥିଲା ।

### ଆସ ଅନୁସନ୍ଧାନ କରିବା



ଟ୍ରେସିଂ ପାଇଁ ବ୍ୟବହାର କରାଯାଉଥିବା ଏକ ସ୍ୱଚ୍ଛ କାଗଜ ନିଅ । "ସାମ୍ରାଜ୍ୟର ଅଭ୍ୟୁଦୟ" ଅଧ୍ୟାୟରୁ ବାଣିଜ୍ୟ ପଥର ଏକ ମାନଚିତ୍ର ଟ୍ରେସ କରେ । ମୁଖ୍ୟ ତୀର୍ଥ ସ୍ଥାନର ମାନଚିତ୍ର ଉପରେ ଏହାକୁ ରଖ । ତୁମେ କ'ଣ ଅନୁଭବ କରୁଛ ?

## ଭାରତ ବାହାରେ ପବିତ୍ର ସ୍ଥାନ

ପବିତ୍ର ସ୍ଥାନ ବା ଭୂଗୋଳର ଧାରଣା ଓ ଆଚାର ଭାରତ ପାଇଁ ଅଲଗା ନୁହେଁ। ପ୍ରାଚୀନ ଗ୍ରୀସ୍‌ରେ ଅନେକ ପବିତ୍ର ଭୂମିରୂପ ସହିତ ପବିତ୍ର ବୃକ୍ଷଲତା ପର୍ଯ୍ୟନ୍ତ ଅନେକ ପବିତ୍ର ସ୍ଥାନ ରହିଥିଲା। ଆମେରିକାର ମୂଳବାସୀନ୍ଦାମାନେ ପ୍ରକୃତି ସହିତ ଏକ ସ୍ୱତନ୍ତ୍ର ସମ୍ପର୍କ ରଖିଥିଲେ, ଯାହାକୁ ସେମାନେ ପବିତ୍ର ବୋଲି ମନେକରୁଥିଲେ। ନ୍ୟୁଜିଲାଣ୍ଡର ମାଓରି ଆଦିବାସୀମାନେ ତାରାନାକି ମାଉଣ୍ଟ ପର୍ବତକୁ ସେମାନଙ୍କର ପୂର୍ବପୁରୁଷ ବୋଲି ଭାବି ପବିତ୍ର ମନେ କରୁଥିଲେ। ମାଓରିଙ୍କ ଅନେକ ପ୍ରତିନିଧିତ୍ୱ ପରେ ସମ୍ପ୍ରତି ଉକ୍ତ ପର୍ବତକୁ ମଣିଷ ପରି ଅଧିକାର ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଂପ୍ରଦାୟର ବୟୋଜ୍ୟେଷ୍ଠମାନେ ଧ୍ୱଂସ ହେବାର ଆଶଙ୍କା ଥିବା ପର୍ବତ ଓ ନଦୀର ସ୍ୱରକୁ ପ୍ରତିନିଧିତ୍ୱ କରିଥାନ୍ତି। ଯାହା ଫଳରେ ପବିତ୍ର ସ୍ଥାନଗୁଡ଼ିକ ଶୋଷିତ ଏବଂ ଅବକ୍ଷୟରୁ ରକ୍ଷା ଯାଇପାରିବ।

## ପବିତ୍ରତାର ପୁନରୁଦ୍ଧାର ଏବଂ ସଂରକ୍ଷଣ

### ଏହା ବିଷୟରେ ଚିନ୍ତା କର



ଚିତ୍ରରେ ବିବେଚିତ ହୋଇଥିବା ପବିତ୍ର ସ୍ଥାନ ଏବଂ ପଶୁମାନଙ୍କର ଏହି ଚିତ୍ରକୁ ଧ୍ୟାନର ସହ ଲକ୍ଷ୍ୟ କର। ଉତ୍ତରରେ ଯମୁନା, ପୂର୍ବରେ ମହାନଦୀ ଏବଂ ଦକ୍ଷିଣରେ କାବେରୀ ନଦୀ, ସମସ୍ତେ ପବିତ୍ର ନଦୀ। ସେସବୁ କିପରି ଏତେ ପରିମାଣରେ ପ୍ରଦୂଷିତ ହୋଇଯାଇଛନ୍ତି ? ତୁମ ଅଞ୍ଚଳରେ ଏପରି କୌଣସି ପବିତ୍ର ସ୍ଥାନ ଅଛି କି ? ଯାହା ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସମାନ ଭାବରେ ପ୍ରଦୂଷିତ କିମ୍ବା ଅବକ୍ଷୟ ଅବସ୍ଥାରେ ପଡ଼ି ରହିଛି। ଆମ ପବିତ୍ର ସ୍ଥାନଗୁଡ଼ିକର ପବିତ୍ରତା ରକ୍ଷା କରିବା କାହାର ଦାୟିତ୍ୱ ? ଏକଥା ଶ୍ରେଣୀରେ ଆଲୋଚନା କର।

ଯୁଗ ଯୁଗ ଧରି ଭାରତୀୟ ଅଧିବାସୀ ଓ ପବିତ୍ର ଭୌଗୋଳିକ ସ୍ଥିତି ମଧ୍ୟରେ ଯେଉଁ ସୁସମ୍ପର୍କ ବିରାଜମାନ କରିଥିଲା, ତାହାର ମୂଲ୍ୟବୋଧ ସମଗ୍ର ଭାରତବର୍ଷରେ ଅନୁଭୂତ ହେଉଥିଲା । କିନ୍ତୁ ଆଜି ତାହା ବିପଦର ସମ୍ମୁଖୀନ ହୋଇଛି । ପବିତ୍ର ଭୂଗୋଳର ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି । ଯେତେବେଳେ ପ୍ରକୃତି ସହିତ ଆମ ସମସ୍ତଙ୍କର ବାଧା ଉପୁଜିଥାଏ, ସେତେବେଳେ ସମସ୍ୟା ଦେଖାଦିଏ । ଏପରିକି ନଦୀଟି ମାତ୍ରାଧିକ ମାତ୍ରାରେ ଶୋଷିତ ହୋଇଗଲେ ତାହା ସ୍ଥିତି ହରାଇବାର ଅବସ୍ଥାକୁ ଆସିଯାଏ ।

ପ୍ରତିଯୋଗିତାରେ ପର୍ବତଟିର ଅସ୍ତିତ୍ୱ ଯେତେବେଳେ ଲୋପ ପାଇବାକୁ ବସେ, ସେତେବେଳେ ଲୋକମାନେ ସେମାନଙ୍କର ପରିବେଶ, ଦେବାଦେବୀ ଏବଂ ମୂଲ୍ୟବୋଧକୁ ସୁରକ୍ଷା ଦେବାକୁ ଆଗେଇ ଆସିଥାନ୍ତି । ପ୍ରକୃତିର ସ୍ଥିରତା ଯେତେବେଳେ ପୃଥିବୀରେ ମୁଖ୍ୟ ପ୍ରସଙ୍ଗ ରୂପେ ଦେଖାଦେଲା, ପବିତ୍ର ଭୂଗୋଳର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତା କରିବାକୁ ଧ୍ୟାନ ଦେବାକୁ ଲାଗିଲେ ।



## ଆମେ କ'ଣ ଶିଖିଲେ...

→ ଭାରତରେ ସମସ୍ତ ଧର୍ମର ଲୋକମାନଙ୍କର ପବିତ୍ର ଧର୍ମ ସ୍ଥାନ ଅଛି । ବୌଦ୍ଧ, ଜୈନ, ଶିଖ ଧର୍ମରେ ଏଭଳି ପବିତ୍ର ସ୍ଥାନଗୁଡ଼ିକ ସାଧାରଣତଃ ସେହି ବିଶ୍ୱାସର କୌଣସି ମହାନ ବ୍ୟକ୍ତିଙ୍କ ସହ ଜଡ଼ିତ ଥାଏ । ହିନ୍ଦୁ ଧର୍ମରେ ଭାରତର ସମଗ୍ର ଭୂଗୋଳକୁ ଆବୃତ୍ତ କରି ତୀର୍ଥଯାତ୍ରାର ବହୁ ନେଟୱର୍କ ରହିଛି । ତୀର୍ଥଯାତ୍ରାର ଅଭ୍ୟାସ ଲୋକଙ୍କ ଜୀବନ ସହିତ ଜଡ଼ିତ । କାରଣ ଏହା ବ୍ୟକ୍ତିଗତ ବିକାଶ ଓ ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିଥାଏ । କିନ୍ତୁ ବାଣିଜ୍ୟ ବିସ୍ତାର ଏବଂ ସର୍ବଭାରତୀୟ ସାଂସ୍କୃତିକ ସମନ୍ୱୟରେ ସାମାଜିକ ଓ ଅର୍ଥନୈତିକ ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇଥାଏ ।

→ ଅନେକ ହିନ୍ଦୁ ଜନଜାତି ଏବଂ ଲୋକ ପରମ୍ପରାରେ ଭୂମିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ ।

→ ବ୍ୟାପକ ଅବହେଳା ଓ ଅଦୂରଦର୍ଶିତା ଦୃଷ୍ଟିକୋଣ ପାଇଁ ଆମର ଅନେକ ପବିତ୍ର ସ୍ଥାନ ଦୂଷିତ ହେବାରେ ଲାଗିଛି । ଆମ ଜାତୀୟ ଐତିହ୍ୟକୁ ରକ୍ଷା କରିବା ଆମର କର୍ତ୍ତବ୍ୟ । ଆମର ସମ୍ବିଧାନ ମଧ୍ୟ ଆମକୁ ଏହା ମନେ ପକାଇ ଦେଇଥାଏ ।

### ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

ବିଶିଷ୍ଟ ପରିବେଶ ଚିନ୍ତକ 'ଡେଭିଡ୍ ସୁଜୁକି'ଙ୍କ ପରିବେଶ ସମ୍ପର୍କୀତ ସୂଚନାଟି ପଢ଼–

ଆମେ ଜଗତକୁ ଯେପରି ଭାବରେ ଦେଖିଥାଉ, ସେପରି ଭାବରେ ବ୍ୟବହାର କରିଥାଉ । ଯଦି ପର୍ବତ ଏକ ଖଣିଜ ଦ୍ରବ୍ୟର ଗଦା ନୁହେଁ; ଏକ ଦେବତା, ଯଦି ନଦୀ ଅଞ୍ଚଳ ଜଳ ସେଚନର ପାଣି ନୁହେଁ, ତାହା ସ୍ଥଳ ଭାଗର ଶିରା ପ୍ରଶିରା, ଯଦି ଜଙ୍ଗଲ ପବିତ୍ର ଅଟେ, କାଠ ନୁହେଁ; ଯଦି ଅନ୍ୟ ପ୍ରଜାତିର ଜୀବଜନ୍ତୁ

ଜୈବିକ ସମ୍ପର୍କୀୟ ସମ୍ବଳ ନୁହନ୍ତି କିମ୍ବା ଯଦି ପୃଥିବୀ ଆମର ମା', ଏକ ସୁଯୋଗ ନୁହେଁ ତେବେ ଆମେ ପରସ୍ପରକୁ ଅଧିକ ସମ୍ମାନର ସହ ବ୍ୟବହାର କରିବା । ଏହାକୁ ହିଁ କୁହାଯିବ ଦୁନିଆକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାର ଏକ ଆହ୍ୱାନ ।

→ ଛୋଟ ଦଳରେ ଆଲୋଚନା କର । ଏହି କଥନର ଅର୍ଥ କ'ଣ ବୋଲି ତୁମେ ଭାବୁଛ ? ଆମ ଚତୁଃପାର୍ଶ୍ୱରେ ଥିବା ବାୟୁ, ଜଳ, ଭୂମି, ବୃକ୍ଷ ଏବଂ ପର୍ବତଗୁଡ଼ିକ ସହିତ ଆମର କାର୍ଯ୍ୟକଳାପରେ କି ପ୍ରଭାବ ରହିଛି ?

୧. ତୁମ ଅଞ୍ଚଳରେ ଥିବା ପବିତ୍ର ସ୍ଥାନଗୁଡ଼ିକର ତାଲିକା ପ୍ରସ୍ତୁତ କର । ସେଗୁଡ଼ିକୁ କାହିଁକି ପବିତ୍ର ବିବେଚନା କରାଯାଏ, ସେ ବିଷୟରେ ଅନୁସନ୍ଧାନ କର । ଏହି ପବିତ୍ର ସ୍ଥାନଗୁଡ଼କ ସହିତ କୌଣସି କାହାଣୀ ସଂଯୁକ୍ତ ଅଛି କି ? ୧୫୦ ଶବ୍ଦରେ ଏକ ସଂକ୍ଷିପ୍ତ ପ୍ରବନ୍ଧ ଲେଖ । (ତୁମେ ଚାହିଁଲେ ତୁମ ପରିବାର ଓ ସଂପ୍ରଦାୟର ବୟସ୍କ ଲୋକଙ୍କ ସହିତ କଥା ହୋଇପାରିବ । ତୁମ ଶିକ୍ଷକଙ୍କ ସହ ଆଲୋଚନା କରିପାରିବ । ପୁସ୍ତକ ଓ ପ୍ରବନ୍ଧ ପଢ଼ିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସୂଚନା ମଧ୍ୟ ସଂଗ୍ରହ କରିପାରିବ ।)

୨. ନଦୀ, ଜଙ୍ଗଲ, ପର୍ବତ ପରି ପ୍ରାକୃତିକ ଉପାଦାନଗୁଡ଼ିକୁ ଲୋକମାନଙ୍କ ପାଇଁ ପବିତ୍ର ବିବେଚନା କରାଯାଏ ବୋଲି ତୁମେ କାହିଁକି ଭାବୁଛ ? ସେମାନେ ଆମ ଜୀବନରେ କିପରି ସହାୟକ ହୋଇଥାନ୍ତି ?

୩. ଲୋକମାନେ ତୀର୍ଥ କିମ୍ବା ଅନ୍ୟ ପବିତ୍ର ସ୍ଥାନଗୁଡ଼ିକୁ କାହିଁକି ପରିଦର୍ଶନ କରିଥାନ୍ତି ?

୪. ପ୍ରାଚୀନ ତୀର୍ଥଯାତ୍ରା ପଥ ସେ ସମୟରେ ବାଣିଜ୍ୟକୁ ବୃଦ୍ଧି କରିବାରେ କିପରି ସାହାଯ୍ୟ କରିଥିଲା ? ତୁମେ ଭାବୁଛ କି ପବିତ୍ର ସ୍ଥାନଗୁଡ଼ିକ ସେ ଅଞ୍ଚଳର ଅର୍ଥନୀତିକୁ ବିକଶିତ କରିବାରେ ସାହାଯ୍ୟ କରିଥାଏ ?

୫. ପବିତ୍ର ସ୍ଥାନଗୁଡ଼ିକ ସେମାନଙ୍କ ନିକଟରେ ରହୁଥିବା ଲୋକଙ୍କ ସଂସ୍କୃତି ଏବଂ ପରମ୍ପରାକୁ କିପରି ପ୍ରଭାବିତ କରିଥାଏ ?

୬. ଭାରତର ବିଭିନ୍ନ ପବିତ୍ର ସ୍ଥାନଗୁଡ଼ିକ ମଧ୍ୟରୁ ତୁମ ପସନ୍ଦର ଦୁଇଟି ସ୍ଥାନ ବାଛ ଏବଂ ସେମାନଙ୍କ ମହତ୍ତ୍ୱ ବ୍ୟାଖ୍ୟା କରି ଏକ ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କର ।

୭. ତୀର୍ଥ କିମ୍ବା ତୀର୍ଥଯାତ୍ରାର ଦ୍ୱିଗୁଣ ମହତ୍ତ୍ୱ କ'ଣ ?

ଅଧ୍ୟାୟ ୯

# ଶାସକଙ୍କ ଠାରୁ ଶାସିତଙ୍କ ପର୍ଯ୍ୟନ୍ତ : ସରକାରର ପ୍ରକାର ଭେଦ

"ଦେଶର ଆଭ୍ୟନ୍ତରୀଣ ଶାସନ ବ୍ୟବସ୍ଥାରେ ଜଣେ ଶାସକଙ୍କର କର୍ତ୍ତବ୍ୟ ତିନି ପ୍ରକାରର : ରକ୍ଷା (ବାହ୍ୟ ଆକ୍ରମଣରୁ ରାଜ୍ୟଟିକୁ ସୁରକ୍ଷା ଦେବା), ପାଳନ (ରାଜ୍ୟ ମଧ୍ୟରେ ଆଇନ ଶୃଙ୍ଖଳାକୁ ପାଳନ କରିବା), ଯୋଗକ୍ଷେମ (ପ୍ରଜାମାନଙ୍କର ମଙ୍ଗଳ/କଲ୍ୟାଣ କରିବା) ।"

(କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଉଦ୍ଧୃତ)



ଚିତ୍ର ୯.୧ ଭାରତର ସଂସଦ ଭବନର ଆଭ୍ୟନ୍ତରୀଣ ଅଂଶର ଦୃଶ୍ୟ

## ଆସ ଚିନ୍ତା କରିବା ?

୧. ସରକାର କେତେ ପ୍ରକାର ଥାଏ ?

୨. ସରକାର ତାଙ୍କର କ୍ଷମତା କେଉଁଠାରୁ ପାଇଥାନ୍ତି ?

୩. ଗୋଟିଏ ଦେଶର ସରକାର ଲୋକମାନଙ୍କ ସହିତ କିପରି ଯୋଗସୂତ୍ର ରକ୍ଷା କରିଥାନ୍ତି ?

୪. ଗଣତନ୍ତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ।

## ସରକାର କହିଲେ କ'ଣ ବୁଝ ?
## ଏହାର କାର୍ଯ୍ୟଗୁଡ଼ିକ କ'ଣ ?

ଷଷ୍ଠ ଶ୍ରେଣୀରେ ଆମେ ପଢ଼ିଲେ ସରକାର କ'ଣ ଏବଂ ଏହାର କେତେକ ଭୂମିକା ସମ୍ବନ୍ଧରେ ମଧ୍ୟ ଜାଣିଛନ୍ତି ।

ଆମ ଜୀବନରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଏହି ଭୂମିକାଗୁଡ଼ିକ ହେଲା–

- ସମାଜରେ ଶାନ୍ତିଶୃଙ୍ଖଳାକୁ ବଜାୟ ରଖିବା;
- ଲୋକମାନଙ୍କ ପାଇଁ ଶାନ୍ତି, ସ୍ଥିରତା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ।
- ଅନ୍ୟଦେଶମାନଙ୍କ ସହିତ ସମ୍ପର୍କ ରଖିବା
- ଜାତୀୟ ପ୍ରତିରକ୍ଷାର ଯତ୍ନ ନେବା;
- ଆବଶ୍ୟକ ସାମଗ୍ରୀ ଓ ସେବା ଯୋଗାଇଦେବା (ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି)
- ଅର୍ଥନୀତି ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ପରିଚାଳନା କରିବା;
- ଲୋକ କଲ୍ୟାଣ ପାଇଁ କାର୍ଯ୍ୟ କରିବା ଏବଂ ଲୋକମାନଙ୍କର ଜୀବନଶୈଳୀକୁ ଉନ୍ନତ କରିବା ।



ଚିତ୍ର ୯.୨

### ଆସ ଅନୁସନ୍ଧାନ କରିବା

→ ଷଷ୍ଠ ଶ୍ରେଣୀ ପାଠ୍ୟପୁସ୍ତକରେ ଦେଖିଥିବା ଏହି ଚିତ୍ରଗୁଡ଼ିକୁ ମନେପକାଇ ପାରୁଛ କି ?

→ ସରକାରଙ୍କର ଆହୁରି ଅନେକ ଭୂମିକା ମଧ୍ୟ ରହିଛି । ସେଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ଚେଷ୍ଟା କର ।

ଷଷ୍ଠ ଶ୍ରେଣୀରେ ଆମେ ଜାଣିଲୁ ଯେ, ଭାରତରେ ଏକ ଗଣତାନ୍ତ୍ରିକ ସରକାର ରହିଛି । ଭାରତ ପରି ଅନେକ ଦେଶରେ ମଧ୍ୟ ଗଣତାନ୍ତ୍ରିକ ସରକାର ଅଛି; କିନ୍ତୁ କେତେକ ଦେଶରେ ଭିନ୍ନ ପ୍ରକାର ସରକାର ମଧ୍ୟ ଦେଖିବାକୁ ମିଳେ। ତଥାପି ସମସ୍ତ ଗଣତାନ୍ତ୍ରିକ ସରକାର ସମ୍ପୂର୍ଣ୍ଣ ରୂପେ ସମାନ ନୁହଁନ୍ତି । ଏହି ଅଧ୍ୟାୟରେ ଆମେ ବିଭିନ୍ନ ପ୍ରକାରର ସରକାର ବିଷୟରେ ଜାଣିବା ସହିତ ସେମାନେ ପରସ୍ପରଠାରୁ କିପରି ପୃଥକ ଏବଂ କିପରି କାର୍ଯ୍ୟ କରନ୍ତି ସେ ସମ୍ପର୍କରେ ମଧ୍ୟ ଜାଣିବା ।

## ଗଣତନ୍ତ୍ର କାହାକୁ କୁହାଯାଏ ?

ଆମେ ଷଷ୍ଠ ଶ୍ରେଣୀରେ ପଢ଼ିଛେ ଯେ 'ଗଣତନ୍ତ୍ର' ହେଉଛି ଲୋକମାନଙ୍କର ଶାସନ। ଏହାର ଅର୍ଥ ହେଉଛି ଯେ ଗଣତନ୍ତ୍ରରେ କ୍ଷମତା ଓ କର୍ତ୍ତୃତ୍ୱର ଉତ୍ସ ହେଉଛନ୍ତି ସେ ଦେଶର ଜନସାଧାରଣ। ଆସ ଏକ ବିଦ୍ୟାଳୟର ଉଦାହରଣ ଦେଇ ଏହାକୁ ବୁଝିବା।

### ବିଦ୍ୟାଳୟର ଉଦାହରଣ

ଏକ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକଳାପ ଏବଂ ଦ୍ରବ୍ୟଗୁଡ଼ିକରେ ପରିପୂର୍ଣ୍ଣ ଯାହା କରାଯିବା ଆବଶ୍ୟକ। ଏଠାରେ ବିଭିନ୍ନ ଦୈନନ୍ଦିନ କାର୍ଯ୍ୟର ପରିଚାଳନା ସହିତ ଦ୍ରବ୍ୟଗୁଡ଼ିକ ସୁସଂଗଠିତ ହୋଇ ରହିବା ଆବଶ୍ୟକ। ଉଦାହରଣ ସ୍ୱରୂପ, ସେଠାରେ ପ୍ରସ୍ତୁତ ଏବଂ ଅନୁସରଣ କରାଯିବାକୁ ଥିବା ସମୟ ସାରଣୀ। ଅନୁଷ୍ଠିତ ହେବାକୁ ଥିବା କ୍ରୀଡ଼ା କାର୍ଯ୍ୟକଳାପ, ମଧ୍ୟାହ୍ନ ଭୋଜନ ସମୟରେ ପରିବେଷଣ କରାଯିବାକୁ ଥିବା ଖାଦ୍ୟ (ମଧ୍ୟାହ୍ନ ଭୋଜନ), ସଫା ହେବାକୁ ଥିବା ବାସନ, ସକାଳର ସଭା ପାଇଁ ବକ୍ତା ନିରୂପଣ ଏବଂ 'ବ୍ୟାଗ୍ ଶୂନ୍ୟ ଦିବସ' ପାଇଁ ବ୍ୟବସ୍ଥା କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ। ବିଦ୍ୟାଳୟରେ ଆବଶ୍ୟକତା ଦୃଷ୍ଟିରୁ କରାଯାଇଥିବା ଏହି ତାଲିକା ବହୁତ ଲମ୍ବା ହୋଇଥାଏ।

ଏତେ ସବୁ କାମ କରିବାକୁ ଥିବାରୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବା ଶିକ୍ଷୟିତ୍ରୀ ଅନୁଭବ କଲେ ଯେ ଏକ ଛାତ୍ର କମିଟି ନିଯୁକ୍ତି ହେବା ଦରକାର ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏହି ସବୁ କାର୍ଯ୍ୟ କରିବା ପାଇଁ ସଂପୃକ୍ତ ନିୟମ ତିଆରି କରିବାରେ ଅଂଶ ହୋଇପାରିବେ, ନିୟମ କାର୍ଯ୍ୟକାରୀ କରିବାରେ ସହାୟକ ହେବ ଏବଂ ନିୟମଗୁଡ଼ିକ ପାଳନ କରାଯାଉଥିବା ସୁନିଶ୍ଚିତ କରାଇବେ। କିନ୍ତୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମ୍ମୁଖରେ ପ୍ରଶ୍ନ ଥିଲା ଏହି କମିଟିରେ କିଏ ସଂପୃକ୍ତି ହେବେ ?

ପ୍ରଧାନଶିକ୍ଷକ ବା ଶିକ୍ଷୟିତ୍ରୀ ସଭାରେ ଏହାପରେ ଆଲୋଚନା କଲେ। ସେ ପ୍ରସ୍ତାବ ଦେଲେ ଯେ ଯଦି କିଛି ଛାତ୍ରଛାତ୍ରୀ ଏହି କାର୍ଯ୍ୟଗୁଡ଼ିକର ଦାୟିତ୍ୱ ନେଇପାରିବେ ତେବେ ଭଲ ହେବ। ତେଣୁ ଏକ ବିଦ୍ୟାର୍ଥୀ କମିଟି ଗଠନ କରାଯିବା ଉଚିତ। ଏହା ଶୁଣି ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ନିଜ ନିଜର ଯୁକ୍ତି ଉପସ୍ଥାପନ କରିବାକୁ ଲାଗିଲେ।

ନଗ୍‌ମା : ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ସବୁଠାରୁ ବରିଷ୍ଠ; ଆମେ ସବୁ କିଛି ଯତ୍ନ ନେବୁ।

ଶୋଭା : କିନ୍ତୁ ତୁମମାନଙ୍କ ସ୍କୁଲ ଶିକ୍ଷା ଅଳ୍ପ କିଛି ମାସ ମଧ୍ୟରେ ଶେଷ ହୋଇଯିବ। ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ତେଣୁ ସବୁକିଛିର ଯତ୍ନ ନେବା ଉଚିତ ହେବ।

ଗୁରପ୍ରୀତ୍ : ଯଦି କେବଳ ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନେ ସବୁକିଛିର ଯତ୍ନ ନେବେ, ତେବେ ସେମାନେ ଅନ୍ୟ ଶ୍ରେଣୀଗୁଡ଼ିକରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ କିପରି ଜାଣିବେ ?



ଚିତ୍ର ୯.୩

**ପ୍ରତିନିଧି (Representative) :** ଜଣେ ବ୍ୟକ୍ତି ଯାହାକୁ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଲୋକଙ୍କ ଗୋଷ୍ଠୀ ପକ୍ଷରୁ କାର୍ଯ୍ୟ କରିବା କିମ୍ବା ନିଷ୍ପତ୍ତି ନେବା ପାଇଁ ଚୟନ କରାଯାଏ ।

ଏହି ରୋମାଞ୍ଚକର ପରିସ୍ଥିତିରେ, ଛାତ୍ରଛାତ୍ରୀମାନେ ଶେଷରେ ତିନୋଟି ବିକଳ୍ପ ପାଇଲେ :

- ବିଦ୍ୟାଳୟର ସମସ୍ତେ କମିଟିର ଅଂଶ ହୁଅନ୍ତୁ ଏବଂ ଦାୟିତ୍ୱ ନିଅନ୍ତୁ ।
- ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକ ନିଜେ କମିଟି ପାଇଁ ଛାତ୍ରଛାତ୍ରୀ ଚୟନ କରନ୍ତୁ ।
- ଛାତ୍ରଛାତ୍ରୀମାନେ ଭୋଟଦେଇ ସେମାନଙ୍କର ପ୍ରତିନିଧି ଚୟନ କରନ୍ତୁ ଏବଂ ସେହି ପ୍ରତିନିଧି କମିଟିର ସଦସ୍ୟ ହୁଅନ୍ତୁ ।

## ଆସ ଅନୁସନ୍ଧାନ କରିବା



ତିନୋଟି ପଦ୍ଧତି ମଧ୍ୟରୁ କେଉଁ ପଦ୍ଧତିଟି ତୁମକୁ ସବୁଠାରୁ ପ୍ରଭାବଶାଳୀ ମନେହେଉଛି ? କାହିଁକି ?

ପ୍ରଥମ ପଦ୍ଧତିଟି ଆକର୍ଷଣୀୟ ମନେ ହୋଇପାରେ କିନ୍ତୁ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଛାତ୍ରୀ ଯଦି କମିଟିର ଅଂଶ ହୁଅନ୍ତି, ତେବେ ନିଷ୍ପତ୍ତି ନେବା ଏବଂ ତାହାକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହେବ । ଦ୍ୱିତୀୟ ପଦ୍ଧତିରେ, ଯେହେତୁ ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କମିଟି ପାଇଁ ଚୟନ କରିବେ, ଅନେକ ଛାତ୍ରଛାତ୍ରୀ ସେଥିରୁ ବାଦ୍ ପଡ଼ିଯିବେ ଏବଂ ସେମାନେ ଯାହା ଆବଶ୍ୟକ କରନ୍ତି କିମ୍ବା ଚାହାଁନ୍ତି ସେ ସମ୍ବନ୍ଧରେ ସେମାନଙ୍କର ମତାମତ ଶୁଣିବାକୁ ନିଶ୍ଚିତ କରିବାର ଉପାୟ ରହିବ ନାହିଁ । ତୃତୀୟ ପଦ୍ଧତି ଅନୁଯାୟୀ ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀ ନିଜ ମଧ୍ୟରୁ ଜଣେ ପ୍ରତିନିଧି ଚୟନ କରିପାରିବେ ଯାହାକୁ ସେମାନେ ଭରସା କରନ୍ତି କି ସେମାନଙ୍କ ଶ୍ରେଣୀର ଆବଶ୍ୟକତା ପାଇଁ ପ୍ରଭାବଶାଳୀ ଯୁକ୍ତି ଉପସ୍ଥାପିତ କରିପାରିବେ । ସେହି ପ୍ରତିନିଧି ଜଣକ କମିଟିରେ କାର୍ଯ୍ୟକରିବେ, ଅର୍ଥାତ୍ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର ପ୍ରତିନିଧିମାନଙ୍କୁ ନେଇ ଛାତ୍ର କମିଟି ଗଠନ କରାଯିବ । ଏହା ଏକ ଗଣତାନ୍ତ୍ରିକ ପଦ୍ଧତି ଏବଂ ଏହିପରି ପ୍ରତିନିଧିମାନଙ୍କୁ ଚୟନ କରାଯାଏ ଏବଂ କମିଟି ଗଠନ କରାଯାଏ ।

## ସରକାରଙ୍କ କାର୍ଯ୍ୟ

ଏକ ବିଦ୍ୟାଳୟରେ ଛାତ୍ର କମିଟିର ଦାୟିତ୍ୱ ପରି ଆମ ଜୀବନରେ ସରକାର ନିର୍ବାହ କରୁଥିବା ଭୂମିକା ବିଷୟରେ ପୂର୍ବରୁ ଆଲୋଚନା କରିଥିଲେ । ବିଦ୍ୟାଳୟ କମିଟି ପରି, ଏକ ସରକାର ଆବଶ୍ୟକୀୟ ନିୟମ ସୃଷ୍ଟି କରିବା, ସେଗୁଡ଼ିକୁ  କାର୍ଯ୍ୟକାରୀ କରିବା ଏବଂ ସମସ୍ତେ ଏହି ନିୟମଗୁଡ଼ିକୁ ଯେପରି ପାଳନ କରନ୍ତି ତାହା ନିଶ୍ଚିତ କରିବା ଉଚିତ । ଏହି ତିନୋଟି ଦାୟିତ୍ୱ ସରକାରଙ୍କ କାର୍ଯ୍ୟଭାବେ ଜଣାଶୁଣା ।

ନିୟମ ସୃଷ୍ଟିକୁ ବ୍ୟବସ୍ଥାପିକା କାର୍ଯ୍ୟ କୁହାଯାଏ; ଏହି ନିୟମଗୁଡ଼ିକ ଦେଶ ପରିଚାଳନା ପାଇଁ ଏକ ଢାଞ୍ଚା ଭାବରେ କାର୍ଯ୍ୟ କରେ। ଏହି ନିୟମଗୁଡ଼ିକର କାର୍ଯ୍ୟକାରୀ କରିବା ଏବଂ ସେହି ଅନୁଯାୟୀ ଦେଶର ପ୍ରଶାସନ କରିବା କାର୍ଯ୍ୟପାଳିକା କାର୍ଯ୍ୟ ଭାବେ ଜଣାଶୁଣା। ଶେଷରେ, ସେହି ନିୟମଗୁଡ଼ିକ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ହେଉଛି ନ୍ୟାୟପାଳିକାର କାର୍ଯ୍ୟ।

ଗଣତନ୍ତ୍ରକୁ ଲୋକମାନଙ୍କ ଶାସନ ଭାବେ ବିବେଚନା କରାଯାଇଛି। ଏହାର ଅର୍ଥ ହେଉଛି, ଆମେ ଆଲୋଚନା କରିଥିବା ବିଦ୍ୟାଳୟର ପ୍ରତିନିଧି ଚୟନ କରିବାର ତୃତୀୟ ପଦ୍ଧତି ପରି, ଏକ ଗଣତନ୍ତ୍ରରେ ଦେଶ ଶାସନ କରିବା ପାଇଁ ଜନସାଧାରଣ ବା ଲୋକମାନେ ସେମାନଙ୍କର ପ୍ରତିନିଧି ଚୟନ କରିଥାନ୍ତି। ତଥାପି ପ୍ରତ୍ୟେକ ଦେଶ ପ୍ରତିନିଧିମାନଙ୍କୁ ବାଛିବା ପାଇଁ ଏକ ସମାନ ପଦ୍ଧତି ବ୍ୟବହାର କରନ୍ତି ନାହିଁ। ଆମେ ଏହି ବିଷୟକୁ ପରବର୍ତ୍ତୀ ବିଭାଗଗୁଡ଼ିକରେ ଅଧିକ ବିସ୍ତୃତ ଭାବରେ ଅନୁସନ୍ଧାନ କରିବା।

## ତୁମେ ଜାଣିଛ କି ?




ଚିତ୍ର ୯.୪ ଏହା ୧୮୯୬ ମସିହାର ଏକ ଚିତ୍ରକଳା, ଚିତ୍ରକର ଭେଡ଼େରଙ୍କ ଦ୍ୱାରା ଅଙ୍କିତ, ଯାହାକୁ 'ସରକାର' କୁହାଯାଏ। ଏହା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଲାଇବ୍ରେରୀରେ ସ୍ଥାନିତ।

**ଚିତ୍ରକଳା / ଭିତ୍ତିଚିତ୍ର (Mural) :** ଏକ ବଡ଼ ଚିତ୍ର କିମ୍ବା ଚିତ୍ରକଳା ଯାହାକି ସିଧାସଳଖ କାନ୍ଥ କିମ୍ବା ଛାତ ଉପରେ କରାଯାଏ।

ଆବ୍ରାହମ ଲିଙ୍କନ, ଯେ କି ଊନବିଂଶ ଶତାବ୍ଦୀରେ ଆମେରିକାର ରାଷ୍ଟ୍ରପତି ଥିଲେ ସେ ଗଣତନ୍ତ୍ରକୁ ବର୍ଣ୍ଣନା କରିଛନ୍ତି ଯେ – "ସରକାର ହେଉଛନ୍ତି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା, ଲୋକମାନଙ୍କ ପାଇଁ" ଉଦ୍ଦିଷ୍ଟ। ଏହି ଉକ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ବହୁଳ ଭାବେ ବ୍ୟବହୃତ ହୁଏ।

## କ'ଣ ସରକାରଙ୍କୁ ଭିନ୍ନ କରାଏ ?

ଯେକୌଣସି ଦେଶର ସରକାର ସମୟ ସହିତ ବିକଶିତ ହୁଏ । ଯେହେତୁ ଦେଶଗୁଡ଼ିକର ନିଜସ୍ୱ ଇତିହାସ, ସଂସ୍କୃତି ଏବଂ ଆକାଂକ୍ଷା ରହିଥାଏ, ତେଣୁ ବିଭିନ୍ନ ଦେଶର ସରକାର ଭିନ୍ନ ହେବା ସ୍ୱାଭାବିକ । ଆସ ଏପରି କିଛି ଦିଗ ଦେଖିବା ଯାହା ଗୋଟିଏ ସରକାର ଠାରୁ ଅନ୍ୟ ଏକ ସରକାରକୁ ଭିନ୍ନ କରିପାରେ । ଏହି ପାର୍ଥକ୍ୟଗୁଡ଼ିକ ଅଧିକ ସ୍ପଷ୍ଟ ହୋଇଯିବ ଯେତେବେଳେ ଆମେ ଆଗାମୀ ଅଧ୍ୟାୟରେ ବିଭିନ୍ନ ପ୍ରକାରର ସରକାରଙ୍କ ସମ୍ବନ୍ଧରେ ଆଲୋଚନା କରିବା ।

## ସରକାରଗୁଡ଼ିକ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ

'ଏହା ହେଉଛି ସରକାର' ବୋଲି କିଏ ନିଷ୍ପତ୍ତି ନେଇପାରେ ?'

**୧. 'ଏହା ହେଉଛି ସରକାର' ବୋଲି କିଏ ନିଷ୍ପତ୍ତି ନେଇପାରେ ?**

ଅନେକ ପ୍ରକାରର ସରକାର ମଧ୍ୟରେ ଏହା ହେଉଛି ସବୁଠାରୁ ମୌଳିକ ପାର୍ଥକ୍ୟ । 'ଏହା ହେଉଛି ଆମ ଦେଶର ସରକାର' ? ଅର୍ଥାତ୍ କିଏ କିମ୍ବା କ'ଣ ସରକାରଙ୍କୁ ଏହାର କର୍ତ୍ତୃତ୍ୱ ଏବଂ କ୍ଷମତା ଦିଏ ? ଉଦାହରଣ ସ୍ୱରୂପ, ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ, ସରକାର ଗଠନରେ ଲୋକମାନେ ହିଁ ନିଷ୍ପତ୍ତି ନିଅନ୍ତି ଏବଂ ସମସ୍ତ କର୍ତ୍ତୃତ୍ୱର ଉତ୍ସ ଅଟନ୍ତି । ଯେପରି ଏକ ଧର୍ମତନ୍ତ୍ରରେ, କର୍ତ୍ତୃତ୍ୱର ଉତ୍ସ ହେଉଛି ଧାର୍ମିକ ବିଶ୍ୱାସ ଏବଂ ଏକ ଧାର୍ମିକ ଅନୁଷ୍ଠାନର ମୁଖ୍ୟ ।

ସରକାର କିପରି ଗଠିତ ହୁଏ ?

**୨. ସରକାର କିପରି ଗଠିତ ହୁଏ ?**

ଗଣତନ୍ତ୍ରରେ, ସାଧାରଣତଃ କୌଣସି ପ୍ରକାର ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୁଏ । ଯେପରି ରାଜତନ୍ତ୍ରରେ ଯେଉଁ ରାଜ୍ୟଗୁଡ଼ିକରେ ରାଜା କିମ୍ବା ରାଣୀ ଥାଆନ୍ତି, ଯେଉଁ ବିଷୟଗୁଡ଼ିକୁ ତୁମେମାନେ ଅନ୍ୟ ଅଧ୍ୟାୟରେ ପଢ଼ିଛ, ସାଧାରଣତଃ ରାଜ ପରିବାର ସଦସ୍ୟଙ୍କ ମଧ୍ୟରୁ କେହି ଜଣେ ଶାସନ ଜାରି ରଖନ୍ତି ଏବଂ ସରକାର କିପରି ପ୍ରତିଷ୍ଠା ହେବ ତାହା ନିଷ୍ପତ୍ତି ନିଅନ୍ତି । ସରକାର ଗଠନ କରିବାର ଅନ୍ୟ ଉପାୟ ମଧ୍ୟ ଅଛି ଏବଂ ଗଣତନ୍ତ୍ରରେ ମଧ୍ୟ ନିର୍ବାଚନ ବିଭିନ୍ନ ପ୍ରକାର ହୋଇପାରେ ।

ସରକାରଙ୍କ ବିଭିନ୍ନ ଅଂଶ କ'ଣ ଏବଂ ସେମାନଙ୍କ କାର୍ଯ୍ୟ କ'ଣ ?

**୩. ସରକାରଙ୍କ ବିଭିନ୍ନ ଅଂଶ କ'ଣ ଏବଂ ସେମାନଙ୍କ କାର୍ଯ୍ୟ କ'ଣ ?**

ଯେକୌଣସି ସରକାରଙ୍କର ବିଭିନ୍ନ ଅଂଶ ଓ ବ୍ୟବସ୍ଥା ରହିଛି ଏବଂ ଏଗୁଡ଼ିକ ବିଭିନ୍ନ ପ୍ରକାରର ସରକାରଙ୍କ ମଧ୍ୟର ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ, ପୂର୍ବରୁ ଉଲ୍ଲେଖ କରାଯାଇଥିବା ସରକାରଙ୍କର ତିନୋଟି କାର୍ଯ୍ୟ– ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା, ସମ୍ପୂର୍ଣ୍ଣ ସ୍ୱାଧୀନ ସଂସ୍ଥା କିମ୍ବା ସମାନ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇପାରେ । ସରକାର କିପରି କାର୍ଯ୍ୟ କରିବ ସେହି ନିଷ୍ପତ୍ତି ବ୍ୟବସ୍ଥାକୁ 'ସମ୍ବିଧାନ' ନାମକ ଦେଶର ମୌଳିକ ନିୟମ ପୁସ୍ତକରେ ଲେଖାଯାଇପାରିବ, ଯାହା ଅଧିକାଂଶ

କ୍ଷେତ୍ରରେ ଗଣତନ୍ତ୍ରରେ ହିଁ ଦେଖାଯାଏ। ଅଥବା ଏହି ନିଷ୍ପତ୍ତି ରାଜା କିମ୍ୱା ରାଣୀଙ୍କ ଦ୍ୱାରା ନିଆଯାଇପାରେ, ଯେପରି ଏହା 'ରାଜତନ୍ତ୍ର'ରେ ଘଟିଥାଏ।

**୪. ସରକାର କଣ ପାଇଁ କାର୍ଯ୍ୟ କରୁଛି ? ଏହା କେଉଁ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛି ?**

କେତେକ ମୂଲ୍ୟବୋଧ ଏବଂ ଆଦର୍ଶଙ୍କୁ ଭିତ୍ତି କରି ସରକାର ଗଠନ କରାଯାଏ। କେତେକ ସରକାର, ଯେପରିକି ଭାରତ ସରକାର, ସମସ୍ତଙ୍କ ସମାନତା ଏବଂ ସମୃଦ୍ଧି ପାଇଁ କାମ କରିବାକୁ ଗଠନ କରାଯାଇଛି, ସେତେବେଳେ ଅନ୍ୟ କେତେକ ସରକାର କେବଳ କିଛି ପରିବାର କିମ୍ୱା ଗୋଷ୍ଠୀର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ ରହିଥାନ୍ତି।

ଏହି ଚାରୋଟି ପ୍ରମୁଖ ଦିଗ ଉପରେ ଆଧାରିତ ବିଭିନ୍ନ ପ୍ରକାରର ସରକାରଙ୍କ ମଧ୍ୟରେ ପାର୍ଥକ୍ୟ ରହିଛି, କିନ୍ତୁ ସେମାନଙ୍କ ମଧ୍ୟରେ ଅନ୍ୟ କିଛି ମଧ୍ୟ ପାର୍ଥକ୍ୟ ରହିପାରେ। ତେଣୁ ଆସ ଏବେ ସରକାରଙ୍କ ପ୍ରକାର ଭେଦ କିମ୍ୱା ରୂପରେଖ ଆଲୋଚନା କରିବା।

## ସାରା ବିଶ୍ୱରେ ଗଣତାନ୍ତ୍ରିକ ସରକାର

ଗଣତନ୍ତ୍ର ହେଉଛି ଆଧୁନିକ ବିଶ୍ୱର ସବୁଠାରୁ ଲୋକପ୍ରିୟ ସରକାର। ଅଧ୍ୟାୟର ଏହି ଅଂଶରେ, ଆମେ ବିଭିନ୍ନ ପ୍ରକାରର ଗଣତାନ୍ତ୍ରିକ ସରକାରମାନ ଦେଖିବା। ଏହି ପାର୍ଥ୍ୟକ୍ୟଗୁଡ଼ିକ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ, ଆମେ ଜାଣିବା ଉଚିତ ଯେ ଯେକୌଣସି ଗଣତନ୍ତ୍ରର କେତେକ ମୌଳିକ ନୀତି ରହିଥାଏ।

## ଗଣତନ୍ତ୍ରର ମୌଳିକ ନୀତି

ଗଣତନ୍ତ୍ରରେ ସମାନତା ଶବ୍ଦର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରରୁ ସମାନ ଭାବରେ ବ୍ୟବହାର ପାଇବାର ଅଧିକାର। ଏହାର ଅର୍ଥ ମଧ୍ୟ ହେଉଛି ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସୁବିଧାଗୁଡ଼ିକୁ ସମସ୍ତ ଲୋକ ସମାନ ଭାବରେ ଉପଭୋଗ କରିବା ଉଚିତ ଏବଂ ପ୍ରତ୍ୟେକ ବ୍ୟକ୍ତି ଆଇନ ଆଗରେ ସମାନ।




ଗଣତନ୍ତ୍ରରେ ସ୍ୱାଧୀନତା ଶବ୍ଦର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକମାନଙ୍କର ନିଜସ୍ୱ ପସନ୍ଦ କରିବା ଏବଂ ମତାମତ ପ୍ରକାଶ କରିବାର ଅଧିକାର ରହିଛି।



ପ୍ରତିନିଧିମୂଳକ ଅଂଶ ଗ୍ରହଣ ବ୍ୟବସ୍ଥାର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତିନିଧି ବାଛିବା ଏବଂ ନିର୍ବାଚିତ କରିବାର ଅଧିକାର ଅଛି। ଏହା ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ କରାଯାଏ। ନିର୍ବାଚିତ ପ୍ରତିନିଧିମାନେ ବ୍ୟବସ୍ଥାପିକା ସଭାର ଏକ ଅଂଶ ହୁଅନ୍ତି।





ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ (ଏକ ନିର୍ଦ୍ଦିଷ୍ଟ ବୟସରୁ ଅଧିକ) ସେମାନଙ୍କର ପ୍ରତିନିଧିଙ୍କୁ ଭୋଟ ବା ମତଦାନ ମାଧ୍ୟମରେ ଚୟନ କରିବାକୁ ଅଧିକାର ପ୍ରଦାନ କରିଥାଏ ।




ନାଗରିକମାନଙ୍କର ମୌଳିକ ଅଧିକାର, ଯେପରିକି ସମାନତା ଅଧିକାର, ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର ଏବଂ ଶୋଷଣ ବିରୋଧୀ ଅଧିକାର ଆଦି ଗଣତନ୍ତ୍ରରେ ହିଁ ପ୍ରଦାନ କରାଯାଏ ଓ ସୁରକ୍ଷିତ କରାଯାଏ ।



ସ୍ୱାଧୀନ ନ୍ୟାୟପାଳିକାର ଉପସ୍ଥିତି ନିଶ୍ଚିତ କରେ ଯେ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷିତ ରହିବ ଏବଂ ନାଗରିକ ଏବଂ ସରକାରଙ୍କ ସମସ୍ତ ଅଂଶଗୁଡ଼ିକ ଦ୍ୱାରା ରାଷ୍ଟ୍ରର ଆଇନଗୁଡ଼ିକ ପାଳନ କରାଯିବ ।

ଏହା ମନେରଖିବା ଉପଯୋଗୀ ଯେ ଏହି ମୌଳିକ ନୀତିଗୁଡ଼ିକ ମଧ୍ୟ ସମୟ ସହିତ ବିକଶିତ ହୋଇଛି । ଉଦାହରଣ ସ୍ୱରୂପ, ୧୯୫୦ ମସିହାରେ ଭାରତୀୟ ଗଣତନ୍ତ୍ରର ଆରମ୍ଭରୁ ରାଷ୍ଟ୍ର ନାଗରିକମାନଙ୍କ ନିମନ୍ତେ ସାର୍ବଜନୀନ ସାବାଳକ ମତାଧିକାର (ଅର୍ଥାତ୍ ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ନିର୍ବାଚନରେ ଭୋଟ ଦେବାର ଅଧିକାର) ପ୍ରଦାନ କରିଥିଲା; ଅନ୍ୟପକ୍ଷରେ, ସ୍ୱିଜରଲ୍ୟାଣ୍ଡରେ, ମହିଳାମାନେ କେବଳ ୧୯୭୧ ମସିହାରେ ଭୋଟ ଦେବାର ଅଧିକାର ହାସଲ କରିଥିଲେ ।

ସ୍ପଷ୍ଟ ଭାବରେ, କହିଲେ ଉପରୋକ୍ତ ନୀତିଗୁଡ଼ିକ ଆଦର୍ଶ ଅଟନ୍ତି; ତଥାପି ସମସ୍ତ ଗଣତନ୍ତ୍ର ସେଗୁଡ଼ିକୁ କାର୍ଯ୍ୟରେ ଲଗାଇପାରନ୍ତି ନାହିଁ । କିନ୍ତୁ ସମାନ ଓ ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ନାଗରିକମାନଙ୍କ ପାଇଁ ଏହି ଆଦର୍ଶଗୁଡ଼ିକ ସେମାନଙ୍କ ଚିନ୍ତାଧାରାରେ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଗଣତାନ୍ତ୍ରିକ ସରକାରର ବିଭିନ୍ନ ପ୍ରକାର ଭେଦ

ଆସ ଏବେ ଆମେ ସାରା ବିଶ୍ୱରେ ପ୍ରଚଳିତ ଗଣତାନ୍ତ୍ରିକ ସରକାରର ବିଭିନ୍ନ ରୂପକୁ ବୁଝିବା ।

### ୧. ପ୍ରତ୍ୟକ୍ଷ ଗଣତନ୍ତ୍ର

ଏହା ଗଣତନ୍ତ୍ରର ଏକ ରୂପ ବା ବ୍ୟବସ୍ଥା ଯେଉଁଠାରେ ଏକ ଦେଶର ସମସ୍ତ ନାଗରିକ ସମସ୍ତ ନୀତି, ନିୟମ ଏବଂ କାର୍ଯ୍ୟ ପାଇଁ ସିଧାସଳଖ ଦାୟୀ ରହିଥାନ୍ତି । ଶାସନର ସମସ୍ତ ନିଷ୍ପତ୍ତିରେ ସେମାନେ ସିଧାସଳଖ ଅଂଶ ଗ୍ରହଣ କରିଥାନ୍ତି ।

ସାମ୍ପ୍ରତିକ ସମୟରେ, ସ୍ୱିଜରଲ୍ୟାଣ୍ଡ ଭଳି କିଛି ଦେଶରେ ଏହି ପ୍ରକାରର ଗଣତନ୍ତ୍ର କେତେକାଂଶରେ ଅନୁସରଣ କରାଯାଏ । ଏହି ପ୍ରକାର ସରକାରଙ୍କ ସୀମା ହେଉଛି ଏହାକୁ କାର୍ଯ୍ୟକାରୀ କରିବା ବହୁତ କଷ୍ଟକର, ବିଶେଷକରି ବଡ଼ ଦେଶଗୁଡ଼ିକରେ ଯେପରି ଆମେ ଆମ ବିଦ୍ୟାଳୟ କାହାଣୀରେ

ଦେଖିଥିଲୁ: ଯଦି ସମସ୍ତେ କମିଟିର ଅଂଶ ହୋଇଯାଆନ୍ତି, ତେବେ ନିଷ୍ପତ୍ତି ଗ୍ରହଣ ଏବଂ ସମସ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବା କଷ୍ଟକର ହେବ ।

**ଦାୟିତ୍ୱବୋଧ (Accountability) :** ଗଣତନ୍ତ୍ରରେ ଦାୟିତ୍ୱବୋଧର ଅର୍ଥ ହେଉଛି ସରକାର ସେମାନଙ୍କୁ ନିର୍ବାଚିତ କରିଥିବା ଲୋକଙ୍କ ପ୍ରତି ଉତ୍ତରଦାୟୀ ରହିବା ।

## ୨. ପ୍ରତିନିଧିମୂଳକ ଗଣତନ୍ତ୍ର

ଏହା ହେଉଛି ଗଣତାନ୍ତ୍ରିକ ସରକାରଙ୍କର ଏପରି ଏକ ରୂପ ଯେଉଁଥିରେ ଲୋକମାନେ ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି, ଠିକ୍ ଭାରତ ପରି । ଏହି ପ୍ରକାରର ଗଣତନ୍ତ୍ରରେ ଲୋକମାନେ ସିଧାସଳଖ ଶାସନ କରନ୍ତି ନାହିଁ । କିନ୍ତୁ ସରକାର ସର୍ବଦା ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ଥାଆନ୍ତି ।

ନିର୍ବାଚନ ହେଉଛି ପ୍ରତିନିଧିମୂଳକ ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ବ୍ୟବସ୍ଥା ଯାହା ମାଧ୍ୟମରେ ଲୋକମାନେ ସେମାନଙ୍କର ପସନ୍ଦରେ ମଧ୍ୟ ପରିବର୍ତ୍ତନ କରିପାରିବେ । ଏହାକୁ ହାସଲ କରିବାପାଇଁ ନିର୍ବାଚନ ନିୟମିତ ଏବଂ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସଂଘଟିତ ହୁଏ । ଭାରତରେ ପ୍ରତି ପାଞ୍ଚବର୍ଷରେ ଥରେ ସାଧାରଣ ନିର୍ବାଚନ କରାଯାଉଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ପ୍ରତି ଚାରିବର୍ଷରେ ଥରେ କରାଯାଇଥାଏ ।



### ମନେରଖ

ଆମେ ଆରମ୍ଭରେ କହିଥିଲୁ, ସମୟ ସହିତ ତାଳଦେଇ ଗଣତନ୍ତ୍ର ଏବଂ ସେମାନଙ୍କର ବୈଶିଷ୍ଟ୍ୟ ବିକଶିତ ହୋଇଅଛି । ଆଜି ମଧ୍ୟ ଏହି ଗଣତନ୍ତ୍ରଗୁଡ଼ିକର କାର୍ଯ୍ୟକାରିତାରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହେଉଛି । ଏହା ମନେରଖିବା ଉପଯୋଗୀ ଯେ, ଯେତେବେଳେ ଏହି ଦେଶଗୁଡ଼ିକ ଗଣତନ୍ତ୍ରକୁ ଗ୍ରହଣ କରିଥିଲେ, ସେତେବେଳେ ସେମାନଙ୍କ ପାଖରେ ଗଣତନ୍ତ୍ରର ସମସ୍ତ ନୀତି ନ ଥାଇ ପାରେ ଯେପରି ଆମେ ଆଜି ବୁଝୁଛୁ । ଉଦାହରଣ ସ୍ୱରୂପ, ଯୁକ୍ତରାଜ୍ୟରେ ପ୍ରଭାବଶାଳୀ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ୧୯୨୮ ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାରେ ତାହା ୧୯୬୫ ମସିହାରୁ କାର୍ଯ୍ୟକାରୀ ହେଲା ।

| ଦେଶ/ ରାଷ୍ଟ୍ର | ଗଣତନ୍ତ୍ର ପ୍ରତିଷ୍ଠିତ ହେବାର ବର୍ଷ/ମସିହା |
|---|---|
| ଯୁକ୍ତରାଷ୍ଟ୍ର ଆମେରିକା | ୧୭୮୭ |
| ସ୍ୱିଜରଲ୍ୟାଣ୍ଡ | ୧୮୪୮ |
| ଭାରତ | ୧୯୪୭ |
| ଜର୍ମାନୀ | ୧୯୪୯ |
| କେନିଆ | ୧୯୬୪ |
| ନେପାଳ | ୨୦୦୮ |



ପୃଥିବୀର ଅଧିକାଂଶ ଗଣତନ୍ତ୍ର ଏବେ ପ୍ରତିନିଧିମୂଳକ ଗଣତନ୍ତ୍ର ଅଟନ୍ତି। କିନ୍ତୁ ପ୍ରତ୍ୟେକ ଗଣତନ୍ତ୍ର ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟ କରେ। ଏଠାରେ ପ୍ରତିନିଧିମୂଳକ ଗଣତନ୍ତ୍ରର ଦୁଇଟି ରୂପ ଆଲୋଚନା କରାଯାଇଛି।

## (କ) ସଂସଦୀୟ ଗଣତନ୍ତ୍ର

ଯେଉଁ ଦେଶର ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ବ୍ୟବସ୍ଥାପିକା ସଭା ବା ସଂସଦର ଭୂମିକା ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ରହିଥାଏ ତାହାକୁ ସଂସଦୀୟ ଗଣତନ୍ତ୍ର କୁହାଯାଏ। ଏହି ବ୍ୟବସ୍ଥା ସର୍ବପ୍ରଥମେ ଇଂଲଣ୍ଡ ଦେଶରୁ କାର୍ଯ୍ୟକାରୀ ହୋଇଥିଲା। ତେଣୁ ଇଂଲଣ୍ଡକୁ ସଂସଦୀୟ ଗଣତନ୍ତ୍ର ଜନନୀ ବୋଲି କୁହାଯାଏ। ଭାରତରେ ମଧ୍ୟ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ। ଏହି ସଂସଦୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକମାନେ ନିର୍ବାଚନ ମାଧ୍ୟମରେ ସେମାନଙ୍କ ପ୍ରତିନିଧିଙ୍କୁ ସଂସଦକୁ ନିର୍ବାଚିତ କରିଥାନ୍ତି। ସେହି ସଂସଦର ସଦସ୍ୟ (ଯାହାଙ୍କୁ ସାଂସଦ ମଧ୍ୟ କୁହାଯାଏ)ମାନଙ୍କ ମଧ୍ୟରୁ ଜଣେ ପ୍ରଧାନମନ୍ତ୍ରୀ ଓ ଅନ୍ୟ କେତେଜଣ ମନ୍ତ୍ରୀ ରୂପେ କାର୍ଯ୍ୟପାଳିକା ହିସାବରେ (ଯାହାକୁ ମନ୍ତ୍ରୀ ପରିଷଦ କୁହାଯାଏ) ଶପଥ ଗ୍ରହଣ କରି କାର୍ଯ୍ୟ କରିଥାନ୍ତି। (ମନ୍ତ୍ରୀ ହିସାବରେ ସେମାନେ କାର୍ଯ୍ୟପାଳିକାର ଅଂଶବିଶେଷ ଅଟନ୍ତି)।

ମନ୍ତ୍ରୀ ପରିଷଦ ଶାସନଗତ କାର୍ଯ୍ୟ ନିମନ୍ତେ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ରହିଥାଏ। ଯେ ପର୍ଯ୍ୟନ୍ତ ବ୍ୟବସ୍ଥାପିକା ସଭା ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରିଥାଏ ସେ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ କରିଥାନ୍ତି। ଅନ୍ୟଥା ମନ୍ତ୍ରୀ ପଦତ୍ୟାଗ କରିବାକୁ ପଡ଼ିଥାଏ।

ଭାରତର ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ସମୂହ ପ୍ରାଥମିକ ଭାବରେ ସଂସଦର ସଦସ୍ୟ ଓ ତାହା ପରେ କାର୍ଯ୍ୟପାଳିକାର ମଧ୍ୟ ଅଂଶବିଶେଷ ଅଟନ୍ତି।

ସେହିପରି ପ୍ରାଦେଶିକ ସ୍ତରରେ ବ୍ୟବସ୍ଥାପିକା ସଭା ରୂପେ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ବିଧାନ ସଭା ରହିଅଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ମଧ୍ୟ ପ୍ରଥମେ ବିଧାନ ସଭା ସଦସ୍ୟରୂପେ ନିର୍ବାଚିତ ହେଲା ପରେ ପରବର୍ତ୍ତୀ ସମୟରେ ମନ୍ତ୍ରୀ /ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟପାଳିକାର ସଦସ୍ୟ ହୋଇ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ସେମାନେ ମଧ୍ୟ ନିଜ ଶାସନଗତ କାର୍ଯ୍ୟ ନିମନ୍ତେ ରାଜ୍ୟ ବ୍ୟବସ୍ଥାପିକା ବା ବିଧାନସଭା ନିକଟରେ ଉତ୍ତରଦାୟୀ ରହିଥାନ୍ତି ଓ ବିଧାନ ସଭାର ଆସ୍ଥା ହରାଇଲେ କ୍ଷମତାଚ୍ୟୁତ ହୋଇଥାନ୍ତି।

## (ଖ) ରାଷ୍ଟ୍ରପତୀୟ ଗଣତନ୍ତ୍ର

ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପତି ଦେଶର ବାସ୍ତବ ବା ପ୍ରକୃତ କ୍ଷମତା ଉପଲବ୍ଧ କରି ଶାସନ ନିୟନ୍ତ୍ରଣ କରିଥାନ୍ତି ତାହାକୁ ରାଷ୍ଟ୍ରପତୀୟ ଗଣତନ୍ତ୍ର କୁହାଯାଏ। ଏହି ବ୍ୟବସ୍ଥାରେ ରାଷ୍ଟ୍ରପତି ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ସେ ବ୍ୟବସ୍ଥାପିକା ସଭାର ସଦସ୍ୟ ନଥାନ୍ତି ତେଣୁ ନିଜ ଶାସନଗତ କାର୍ଯ୍ୟ ନିମନ୍ତେ ସେ ବ୍ୟବସ୍ଥାପିକା ସଭାର (ସଂସଦର) ବିଶ୍ୱାସଭାଜନ ହେବା ଆବଶ୍ୟକ ନଥାଏ। ଏହି ଶାସନ ବ୍ୟବସ୍ଥା ଯୁକ୍ତରାଷ୍ଟ୍ର ଆମେରିକାରେ ଦେଖାଯାଏ। ଭାରତରେ ଯଦିଓ ରାଷ୍ଟ୍ରପତି ପଦବୀ ଦେଖିବାକୁ ମିଳେ କିନ୍ତୁ ସେ ଆମେରିକା ରାଷ୍ଟ୍ରପତିଙ୍କ ପରି ସମ୍ପୂର୍ଣ୍ଣ କ୍ଷମତାର ଅଧିକାରୀ ନୁହନ୍ତି। ବରଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରୀ ପରିଷଦର ନିଷ୍ପତ୍ତି ବା ପରାମର୍ଶରେ ଭାରତରେ ରାଷ୍ଟ୍ରପତି ଶାସନ ନିୟନ୍ତ୍ରଣ କରିଥାନ୍ତି ଅର୍ଥାତ୍ ସେ ଭାରତର ବାସ୍ତବ ଶାସକ ନୁହନ୍ତି। କିନ୍ତୁ ଆମେରୀକାର ରାଷ୍ଟ୍ରପତି ସେ ଦେଶର ବାସ୍ତବ ଶାସକ ଅଟନ୍ତି।

ଭିଭିନ୍ନ ଗଣତାନ୍ତ୍ରିକ ସରକାରର ଗଠନ ଶୈଳୀ ଭିନ୍ନ ଭିନ୍ନ ଅଟେ । ସାରଣୀ ୯.୧ ରୁ ଏହି ପାର୍ଥକ୍ୟଗୁଡ଼ିକୁ ଆମେ  ସହଜରେ ବୁଝିପାରିବା ।

**ଏହି ଶବ୍ଦଗୁଡ଼ିକର ଅର୍ଥ କ'ଣ ?**

**କାର୍ଯ୍ୟପାଳିକା :** କାର୍ଯ୍ୟପାଳିକା ହେଉଛି ସରକାରଙ୍କର ସେହି ଅଙ୍ଗ ଯାହା ଆଇନ କାର୍ଯ୍ୟକାରୀ କରିବା ପାଇଁ ଦାୟୀ । କିନ୍ତୁ ବିଭିନ୍ନ ଦେଶରେ ଏହାର ଚୟନ ପ୍ରକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ ।

| | ଗଣତାନ୍ତ୍ରିକ ସରକାରର ବିଭିନ୍ନ ଅଙ୍ଗ | | |
|---|---|---|---|
| ଦେଶର ନାମ | କାର୍ଯ୍ୟପାଳିକା | ବ୍ୟବସ୍ଥାପିକା | ନ୍ୟାୟପାଳିକା |
| ଭାରତ | ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ | ନିମ୍ନସଦନ (ଲୋକସଭା) ଉଚ୍ଚସଦନ (ରାଜ୍ୟସଭା) ଅପେକ୍ଷା ଅଧିକ କ୍ଷମତାଶାଳୀ | କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା (କ୍ଷମତା ପୃଥିକୀକରଣ) ଠାରୁ ସ୍ୱାଧୀନ ଏବଂ ଉଚ୍ଚତମ (ସୁପ୍ରିମକୋର୍ଟ), ନ୍ୟାୟାଳୟ ନାମରେ ନାମିତ |
| ଯୁକ୍ତରାଷ୍ଟ୍ର ଆମେରିକା | ରାଷ୍ଟ୍ରପତି | ଉଚ୍ଚସଦନ (ସିନେଟ ଏବଂ ନିମ୍ନ ସଦନ୍ (ପ୍ରତିନିଧିମାନଙ୍କ ଗୃହ) ମଧ୍ୟରେ ସମାନ କ୍ଷମତା | କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା (କ୍ଷମତା ପୃଥକୀକରଣ)ଠାରୁ ସ୍ୱାଧୀନ |
| ଦକ୍ଷିଣ କୋରିଆ | ରାଷ୍ଟ୍ରପତି | ଏକକ ସଦନ (ଜାତୀୟ ସଭା) | କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା (କ୍ଷମତା ପୃଥକୀକରଣ)ଠାରୁ ସ୍ୱାଧୀନ |
| ଅଷ୍ଟ୍ରେଲିଆ | ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ | ଉଚ୍ଚ ସଦନ (ସିନେଟ୍) ଏବଂ ନିମ୍ନ ସଦନ । ପ୍ରତିନିଧି ଗୃହ ମଧ୍ୟରେ ସମାନ କ୍ଷମତା | କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା (କ୍ଷମତା ପୃଥକୀକରଣ)ଠାରୁ ସ୍ୱାଧୀନ |
| ରାଜ୍ୟସ୍ତରରେ | ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ | ବିଧାନସଭା | ଉଚ୍ଚ ନ୍ୟାୟାଳୟ |
| (କ) | | | |
| (ଖ) | | | |

ସାରଣୀ ୯.୧ ଗଣତାନ୍ତ୍ରିକ ସରକାରର ବିଭିନ୍ନ ଅଙ୍ଗ

**ବ୍ୟବସ୍ଥାପିକା :** ବ୍ୟବସ୍ଥାପିକା ସଭା ହେଉଛି ସରକାରଙ୍କର ଏକ ଅଙ୍ଗ ଯାହା ଆଇନ ପ୍ରଣୟନ କରିବା ପାଇଁ ଦାୟୀ ହୋଇଥାଏ । ଏହା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଭାରତରେ ଏହାକୁ ସଂସଦ କୁହାଯାଏ । ଆମେରିକାରେ ଏହାକୁ କଂଗ୍ରେସ କୁହାଯାଏ । ଅଧିକାଂଶ ଗଣତନ୍ତ୍ରରେ ଏହାର ଦୁଇଟି ଗୃହ ଥାଏ । ଉଚ୍ଚ ସଦନ ଏବଂ ନିମ୍ନ ସଦନ ।

**ଉଚ୍ଚ ସଦନ ଏବଂ ନିମ୍ନ ସଦନ :** ଅଧିକାଂଶ ଦେଶରେ, ନିମ୍ନ ସଦନ ପ୍ରତ୍ୟକ୍ଷ ଭୋଟ ଦ୍ୱାରା ନିର୍ବାଚିତ ହୁଏ ଏବଂ ସାଧାରଣତଃ ଉଚ୍ଚ ସଦନ ଅପେକ୍ଷା ଅଧିକ କ୍ଷମତାଶାଳୀ, ଯାହା ନିର୍ବାଚନ କିମ୍ବା ମନୋନୟନ ଦ୍ୱାରା ଗଠିତ ହୋଇଥାଏ। ଏହି ସଦନଗୁଡ଼ିକ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମରେ ଜଣାଶୁଣା। ଭାରତରେ ନିମ୍ନ ସଦନକୁ ଲୋକସଭା କୁହାଯାଏ, ଏବଂ ଉଚ୍ଚ ସଦନକୁ ରାଜ୍ୟସଭା କୁହାଯାଏ। ବିଭିନ୍ନ ରାଜ୍ୟରେ ମଧ୍ୟ ବ୍ୟବସ୍ଥାପିକା ସଭା କାର୍ଯ୍ୟକରେ ଯାହାକୁ ବିଧାନମଣ୍ଡଳ କୁହାଯାଏ। ଏହାର ମଧ୍ୟ ଦୁଇଟି ସଦନ ଥାଏ। ଉଚ୍ଚସଦନକୁ ବିଧାନ ପରିଷଦ ଓ ନିମ୍ନ ସଦନକୁ ବିଧାନସଭା କୁହାଯାଏ। ଆମ ରାଜ୍ୟରେ ବିଧାନମଣ୍ଡଳ ଗୋଟିଏ ସଦନ ବିଶିଷ୍ଟ ଯାହାକୁ ବିଧାନସଭା କୁହାଯାଏ।

କ୍ଷମତା ପୃଥକୀକରଣ ଅର୍ଥ ହେଉଛି ସରକାରଙ୍କ ତିନୋଟି ଅଙ୍ଗ– ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା – ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତି ଏବଂ ପରସ୍ପର ପରସ୍ପରର କାର୍ଯ୍ୟ ହସ୍ତକ୍ଷେପ କରନ୍ତି ନାହିଁ।



## ଆସ ଅନୁସନ୍ଧାନ କରିବା

→ ପୂର୍ବ ପୃଷ୍ଠାରେ ଦିଆଯାଇଥିବା ସାରଣୀ ୯.୧ରେ ଦେଶ କ ଓ ଦେଶ ଖ ଅନ୍ତର୍ଗତ ଖାଲି ସ୍ଥାନଗୁଡ଼ିକୁ ଆପଣଙ୍କ ପସନ୍ଦର ଦୁଇଟି ଭିନ୍ନ ଦେଶକୁ ନେଇ ପୂରଣ କର।

→ ସାରଣୀକୁ ବିଶ୍ଳେଷଣ କର ଏବଂ ସମସ୍ତ ଉଦାହରଣର ସମାନତା ଓ ପାର୍ଥକ୍ୟ ବିଷୟରେ ନିଜ ନିଜ ମଧ୍ୟରେ ଆଲୋଚନା କର।

ଏହା ତୁମକୁ ବୁଝିବାର ଏକ କ୍ଷମତା ଦେଇଥିବ ଯେ ବିଭିନ୍ନ ପ୍ରକାରର ଗଣତାନ୍ତ୍ରିକ ସରକାରଗୁଡ଼ିକର ଗଠନ, ସଂରଚନା ଏବଂ କାର୍ଯ୍ୟ କରିବାର ଶୈଳୀ ଭିନ୍ନଭିନ୍ନ ଅଟେ। ଏହା ସହିତ, ସରକାରଙ୍କ ତିନୋଟି ଅଙ୍ଗ ମଧ୍ୟରେ ସମ୍ପର୍କ ମଧ୍ୟ ଭିନ୍ନ। କିନ୍ତୁ ଆମେ ଆରମ୍ଭରୁ ପଢ଼ିଥିଲେ ଯେ ସମାନତା, ସ୍ୱାଧୀନତା ଏବଂ ସର୍ବଜନୀନ ସାବାଳକ ମତଦାନ ଅଧିକାର ଭଳି କିଛି ବୈଶିଷ୍ଟ୍ୟ ସମସ୍ତ ଗଣତନ୍ତ୍ରରେ ସମାନ ରୂପେ ରହିଥାଏ।



## ଆସ ଅନୁସନ୍ଧାନ କରିବା

→ ଉପରୋକ୍ତ ଉଦାହରଣଗୁଡ଼ିକୁ ଅଧ୍ୟୟନ କରିବା ପରେ, ଏକ ଗଣତାନ୍ତ୍ରିକ ସରକାରଙ୍କ ମୂଳ ନୀତିଗୁଡ଼ିକୁ ତାଲିକାଭୁକ୍ତ କର। ନିଜ ହୃଦବୋଧକୁ ଆଧାର କରି ନିମ୍ନରେ ଦିଆଯାଇଥିବା କାର୍ଯ୍ୟକଳାପଗୁଡ଼ିକୁ ସମ୍ପାଦିତ କର।

→ ତୁମମାନଙ୍କୁ ତୁମ ବିଦ୍ୟାଳୟ ନିମନ୍ତେ ଏକ ଛାତ୍ର କମିଟି ଗଠନ କରିବାକୁ ପଡ଼ିବ। ଏକ ଯୋଜନା ପ୍ରସ୍ତୁତ କର ଯାହା ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟକାରୀ ହେବ, ଏବଂ ନିଶ୍ଚିତ କର ଯେ:

- ସମିତିର କାର୍ଯ୍ୟଗୁଡ଼ିକ ଭଲଭାବରେ ପରିଭାଷିତ ହୋଇଛି।
- ସମିତି ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା ଗଣତାନ୍ତ୍ରିକ।

## ଇତିହାସର ଏକ ଝଲକ

### ପ୍ରାଚୀନ ଗଣରାଜ୍ୟ (ସାଧାରଣତନ୍ତ୍ର)

ଗଣରାଜ୍ୟ ହେଉଛି ସରକାରଙ୍କ ଏକ ରୂପ ଯେଉଁଥିରେ ରାଷ୍ଟ୍ରମୁଖ୍ୟ ନିର୍ବାଚନ ମାଧ୍ୟମରେ କ୍ଷମତାପ୍ରାପ୍ତ ହୁଅନ୍ତି ଏବଂ ସେ ଜଣେ ବଂଶାନୁକ୍ରମିକ ରାଜା ନୁହଁନ୍ତି ।

ଭାରତରେ ଅତିକମ୍‌ରେ ଦୁଇଟି ପ୍ରାଚୀନ ମହାଜନପଦରେ ଏପରି ଘଟିଥିଲା, ଯାହାକି ତୁମେମାନେ 'ନୂତନ ଆରମ୍ଭ : ନଗର ଏବଂ ରାଜ୍ୟ' ଅଧ୍ୟାୟରୁ ମନେପକାଇ ପାରିବ । ଭଜ୍ଜୀ (କିମ୍ବା ଭ୍ରିଜି) ମହାଜନପଦରେ, ବଶେଷ କରି ଲିଚ୍ଛାବୀ ବଂଶ ସାମୂହିକ ନିଷ୍ପତ୍ତି ଗ୍ରହଣ କରୁଥିଲେ ଏବଂ ଶାସକ ବା ନେତାମାନଙ୍କୁ ଜନ୍ମଗତ ସୁବିଧା ବଦଳରେ ଯୋଗ୍ୟତା ଆଧାରରେ ଚୟନ କରାଯାଉଥିଲା । ନିର୍ବାଚନ ମାଧ୍ୟମରେ ପ୍ରମୁଖ ପଦବୀ ପୂରଣ କରାଯାଉଥିଲା ଏବଂ ବିଭିନ୍ନ ବଂଶର ପ୍ରତିନିଧିମାନେ ନିୟମିତ ଭାବରେ ସମସ୍ୟାର ସମାଧାନ ଏବଂ ଲୋକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଏକାଠି ହେଉଥିଲେ । ସୁତରାଂ, ଏପରି ରାଜ୍ୟଗୁଡ଼ିକୁ ଭାରତର ପ୍ରାଚୀନ ଗଣରାଜ୍ୟ କୁହାଯାଏ ।

ବାସ୍ତବରେ, ଯୁଗ ଯୁଗ ଧରି ଭାରତରେ ସାଧାରଣ ଲୋକଙ୍କ ମତାମତକୁ ମୂଲ୍ୟବାନ ବିଶେଷକରି ସମର୍ଥନ କରାଯାଇଛି, ଏପରିକି ଯେତେବେଳେ କ୍ଷମତା ଜଣେ ରାଜା କିମ୍ବା ରାଣୀଙ୍କ ହାତରେ ନ୍ୟସ୍ତ ଥିଲା । ଚୋଳ ସାମ୍ରାଜ୍ୟର ଏକ ଉଲ୍ଲେଖନୀୟ ଉଦାହରଣ ତାମିଲନାଡୁର ଦଶମ ଶତାବ୍ଦୀର ଉତ୍ତର ମେରୁର ଶିଳାଲେଖରେ ଦେଖାଯାଏ, ଯାହା ଆମକୁ ଗ୍ରାମ ସଭା (ସ୍ଥାନୀୟ ପ୍ରଶାସନିକ ସଂସ୍ଥା) ପାଇଁ ସଦସ୍ୟଙ୍କ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରେ । ଆମେ ନିର୍ବାଚନ ପ୍ରକ୍ରିୟା ବିଷୟରେ ଜାଣୁ, ଯେଉଁଥିରେ ସିଲ୍ ହୋଇଥିବା ଭୋଟ୍‌ବାକ୍ସ, ସଦସ୍ୟଙ୍କ ଯୋଗ୍ୟତା, ସେମାନଙ୍କର କର୍ତ୍ତବ୍ୟ ଏବଂ ସେମାନଙ୍କୁ ବହିଷ୍କାର କରିବାର ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥାଏ ।



ଚିତ୍ର : ୯.୨ ତାମିଲନଡୁର ଉତ୍ତର ମେରୁର ବୈକୁଣ୍ଠ ପେରୁମାଲ ମନ୍ଦିରର କାନ୍ଥରେ ଚୋଳ ଯୁଗର ଶିଳାଲେଖ

କ୍ରୀତଦାସ (Slave) : ଜଣେ ବ୍ୟକ୍ତି ଯିଏ ଅନ୍ୟ ପଇଁ କାମ କରିବାକୁ ଏବଂ ମାନିବାକୁ ବାଧ ହୁଏ ଏବଂ ସେମାନଙ୍କର ସମ୍ପତ୍ତି ଭାବରେ ବିବେଚନା କରାଯାଏ

ଉଦାହରଣ ସ୍ୱରୂପ, ଯଦି କୌଣସି ସଦସ୍ୟ ଦୁର୍ନୀତିରେ ଲିପ୍ତ ଥିବା ଜଣାପଡ଼େ ତେବେ ତାଙ୍କୁ ତୁରନ୍ତ ବହିଷ୍କାର କରାଯିବା ବ୍ୟବସ୍ଥା । ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଗଣରାଜ୍ୟ ଥିଲା । ଖ୍ରୀ.ପୂ. ୫ମ ଓ ୪ର୍ଥ ଶତାବ୍ଦୀରେ, ରୋମ ଏବଂ ଗ୍ରୀସ୍‌ରେ ଗଣରାଜ୍ୟ ପ୍ରତିଷ୍ଠିତ ଥିଲା । ଗ୍ରୀସ୍‌ର କିଛି ଅଞ୍ଚଳରେ, ସ୍ୱାଧୀନ ପୁରୁଷମାନେ ଭୋଟ ଦେଇ ପାରୁଥିଲେ, କିନ୍ତୁ ମହିଳା, ଶ୍ରମିକ ଏବଂ କ୍ରୀତଦାସ ଭୋଟ ଦେଇପାରୁନଥିଲେ । ଅନ୍ୟାନ୍ୟ ଅଞ୍ଚଳରେ ଏପରି ଏକ ବ୍ୟବସ୍ଥା ଥିଲା, ଯେଉଁଠାରେ କେବଳ ଅଳ୍ପ ସଂଖ୍ୟାକ ସୁବିଧାପ୍ରାପ୍ତ ଗୋଷ୍ଠୀ ଭୋଟ୍ ଦେଇ ପାରୁଥିଲେ କିମ୍ବା ନିଷ୍ପତ୍ତି ନେଇପାରୁଥିଲେ ।

## ସରକାରର ଅନ୍ୟାନ୍ୟ ପ୍ରକାର ଭେଦ

ବଶୀଭୂତ (Subjugate) : ବଳ ପ୍ରୟୋଗ ମାଧ୍ୟମରେ ଲୋକ କିମ୍ବା ଅଞ୍ଚଳକୁ ନିୟନ୍ତ୍ରଣରେ ରଖିବା ।

ପୂର୍ବ ଭାଗରେ ଆମେ ଦେଖିଥିଲୁ ଯେ ଗଣତନ୍ତ୍ର ଆଜିର ବିଶ୍ୱରେ ସବୁଠାରୁ ଲୋକପ୍ରିୟ ସରକାର, ଏବଂ ଗଣତନ୍ତ୍ରର ବିଭିନ୍ନ ପ୍ରକାରଭେଦ ମଧ୍ୟ ଅଛି । ଆସ ବର୍ତ୍ତମାନ ଆମେ ଅନ୍ୟ ପ୍ରକାରର ସରକାରକୁ ମଧ୍ୟ ଦେଖିବା ଏବଂ ସେମାନଙ୍କର ମୌଳିକ ଗଠନ ବ୍ୟବସ୍ଥା ବୁଝିବା ।

**୧. ରାଜତନ୍ତ୍ର :** ଯେପରି ଆମେ 'ପ୍ରାଚୀନ ସ୍ମୃତିର ପଲ୍ଲବ' ଅଧ୍ୟାୟରେ ପଢ଼ିଥିଲୁ, ମହାଜନପଦ ରାଜାମାନଙ୍କ ନେତୃତ୍ୱରେ ଶାସିତ ହେଉଥିଲା, ଯେଉଁମାନେ ସଭା କିମ୍ବା ସମିତି ଦ୍ୱାରା ପରିଚାଳିତ ହେଉଥିଲେ ଏବଂ ଏହି ଅନୁଷ୍ଠାନଗୁଡ଼ିକର ନିଷ୍ପତ୍ତି ଓ ପରାମର୍ଶକୁ ଗମ୍ଭୀରତାର ସହ ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା । ଯେହେତୁ ସମଗ୍ର ଭାରତରେ ସାମ୍ରାଜ୍ୟ ଗଠନ ଓ ବିସ୍ତାର ହେଲା, ରାଜାମାନେ ପ୍ରଚୁର କ୍ଷମତା ହାସଲ କରିବାକୁ ଲାଗିଲେ । ତଥାପି ସେମାନେ ସାମ୍ରାଜ୍ୟ ପରିଚାଳନାରେ ସାହାଯ୍ୟ କରିବା ପାଇଁ ମନ୍ତ୍ରୀପରିଷଦ ଓ ଅଧିକାରୀଙ୍କ ନେଟ୍‌ୱାର୍କ ଉପରେ ନିର୍ଭର କରୁଥିଲେ । ଅନେକ କ୍ଷେତ୍ରରେ ରାଜା ଧର୍ମ ସମ୍ବନ୍ଧୀୟ ପ୍ରସଙ୍ଗରେ ବିଦ୍ୱାନ ପଣ୍ଡିତମାନଙ୍କର ପରାମର୍ଶ ମଧ୍ୟ ଲୋଡ଼ୁଥିଲେ । ଅବଶ୍ୟ, ଏପରି କିଛି ରାଜାମାନଙ୍କର ଉଦାହାରଣ ମଧ୍ୟ ରହିଛି ଯେଉଁମାନେ ସେମାନଙ୍କର କ୍ଷମତା ପ୍ରୟୋଗ କରି ଲୋକମାନଙ୍କୁ ବଶୀଭୂତ କରିରଖିଥିଲେ ।


ଚିତ୍ର : ୯.୭ ସାଞ୍ଚିସ୍ତୂପର ସ୍ତମ୍ଭପୂଜା

ବିଶ୍ୱର କିଛି ସ୍ଥାନରେ, ରାଜାମାନଙ୍କର ଅଖଣ୍ଡ କ୍ଷମତା ଥିଲା, ସେମାନେ ଆଇନ ପ୍ରଣୟନ କରୁଥିଲେ, ସେଗୁଡ଼ିକୁ କାର୍ଯ୍ୟକାରୀ କରୁଥିଲେ, ଏବଂ ଦଣ୍ଡ ମଧ୍ୟ ସ୍ଥିର କରୁଥିଲେ । କେତେକ କ୍ଷେତ୍ରରେ, ସେମାନେ ଭଗବାନଙ୍କଠାରୁ ଦିବ୍ୟ ଶକ୍ତି ପାଇଛନ୍ତି ବୋଲି ଦାବି କରୁଥିଲେ ।

ତଥାପି, ଭାରତର ଅନେକ ସ୍ଥାନରେ, ରାଜାଙ୍କର କ୍ଷମତା ନିରଙ୍କୁଶ ନଥିଲା କିମ୍ବା ପ୍ରଶ୍ନ ବାହାରେ ନଥିଲା ।

ରାଜା ରାଜଧର୍ମର ପରିସୀମା ମଧ୍ୟରେ ରହି ନିଷ୍ପତ୍ତି ନେବାର ଆଶା କରାଯାଉଥିଲା, ଏହାର ଅର୍ଥ ଧର୍ମ ଅନୁଯାୟୀ ଶାସନ କରିବା ଏବଂ ସମସ୍ତ ଲୋକଙ୍କର କଲ୍ୟାଣ ସୁନିଶ୍ଚିତ କରିବା। ଏହା ଏକ ଆଦର୍ଶ ଥିଲା ଯାହା ରାଜାମାନେ ପ୍ରାୟତଃ ହାସଲ କରି ନଥିଲେ।

## ଏହା ବିଷୟରେ ଚିନ୍ତା କର

ଯଦି ରାଜା ନିଜକୁ ଦିବ୍ୟଶକ୍ତିର ଅଧିକାରୀ ବୋଲି ଭାବନ୍ତି ତେବେ କ'ଣ ହୋଇପାରେ ? ସେ କିପରି ଲୋକଙ୍କ ଉପରେ ଶାସନ କରିବେ ?

## ମନେରଖ



ଚିତ୍ର ୯.୮ (କ) ସପ୍ତଦଶ ଶତାବ୍ଦୀର ଏକ ରାଜପୁତ କ୍ଷୁଦ୍ର ଚିତ୍ର ଯେଉଁଥିରେ ଭୀଷ୍ମ ଶରଶଯ୍ୟାରେ ଶୋଇଥିବାର ଚିତ୍ରିତ ହୋଇଛି, ଯୁଧିଷ୍ଠିରଙ୍କୁ ଶିକ୍ଷା ଦେଉଛନ୍ତି ଯେତେବେଳେ କି ଶ୍ରୀକୃଷ୍ଣ ମୁଣ୍ଡ ପାଖରେ ବସି ଏହି ମୁହୂର୍ତ୍ତର ସାକ୍ଷୀ ହେଉଛନ୍ତି।

ମହାଭାରତର ଶାନ୍ତି ପର୍ବରେ, ଯେତେବେଳେ କୁରୁ ରାଜବଂଶର କୂଳ ବୃଦ୍ଧ ଭୀଷ୍ମ ଶରଶଯ୍ୟାରେ ମୃତ୍ୟୁକୁ ଅପେକ୍ଷା କରି ଶୋଇରହି, ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ ଉତ୍ତମ ଶାସନ, ନ୍ୟାୟ ଏବଂ ଜଣେ ରାଜାର ନୈତିକ କର୍ତ୍ତବ୍ୟ ବିଷୟରେ ଦୀର୍ଘ ସମୟ ଧରି ଶିକ୍ଷା ଦେଇଥିଲେ। ଜଣେ ରାଜା କେବଳ ଜଣେ ଶାସକ ନୁହଁନ୍ତି, ପ୍ରଜାଙ୍କ କଲ୍ୟାଣ ତାଙ୍କର ସର୍ବୋଚ୍ଚ ପ୍ରାଥମିକତା, ନ୍ୟାୟ ଏବଂ ସମାନତା ସୁନିଶ୍ଚିତ କରିବା ପାଇଁ ପକ୍ଷପାତିତା ବିନା ଆଇନ ପ୍ରୟୋଗ। ସେ କ୍ଷମତା ପ୍ରତି ଆକର୍ଷିତ ହେବା ଉଚିତ ନୁହେଁ, କାରଣ ଏହା ଅହଙ୍କାର ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ। ନ୍ୟାୟପୂର୍ଣ୍ଣ ଏବଂ ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ତାଙ୍କୁ ବିଜ୍ଞ ପରାମର୍ଶଦାତାଙ୍କ ଠାରୁ ମାର୍ଗଦର୍ଶନ ନେବା ଆବଶ୍ୟକ। ରାଜାଙ୍କୁ ଏକଥା ବୁଝିବାକୁ ପଡ଼ିବ ଯେ ତାଙ୍କର କ୍ଷମତା ଧର୍ମ ଦ୍ୱାରା ଆବଦ୍ଧ ଏବଂ ଅସ୍ଥାୟୀ ଅଟେ।

ରାଜା ଚନ୍ଦ୍ରପଦ ତାଙ୍କ ଦେବତାଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିବାକୁ ଚାହୁଁଥିଲେ, କିନ୍ତୁ ଜଣେ ଜିଦ୍‌ଖୋର ମୋଚିର କୁଡ଼ିଆ ସେଥିରେ ବାଧା ସୃଷ୍ଟି କରିଥିଲା । ଯେତେବେଳେ ନିର୍ମାଣକାରୀମାନେ ରାଜାଙ୍କ ନିକଟରେ ଅଭିଯୋଗ କଲେ ଯେ ସେ ମୋଚି ସେମାନଙ୍କୁ ଜାଗାର ମାପ ନେବାକୁ ଅନୁମତି ଦେଇ ନାହାଁନ୍ତି, ରାଜା ସେମାନଙ୍କୁ ପ୍ରଥମେ ମୋଚିଙ୍କ ଅନୁମତି ନ ମାଗିବାର ଦୋଷ ଦେଲେ । ରାଜା ମୋଚିର କଥାକୁ ଗ୍ରହଣ କଲେ, ଯିଏ ବ୍ୟାଖ୍ୟା କରୁଥିଲେ ଯେ ତାଙ୍କ କୁଟୀରଟି ତାଙ୍କ ପାଇଁ ମାତା ପରି ଏବଂ ରାଜାଙ୍କ ପ୍ରାସାଦ ଭଳି ତାଙ୍କ ପାଇଁ ତାଙ୍କ କୁଟୀରଟି ମୂଲ୍ୟବାନ୍: "ଲୋକମାନେ ଯେତେବେଳେ ସେମାନଙ୍କର ଘର ବଳପୂର୍ବକ ଛଡ଼ାଇ ନେଇ ଯାଆନ୍ତି ସେତେବେଳେ ଯେଉଁ ଦୁଃଖ ସେ ଅନୁଭବ କରନ୍ତି ତାହା କେବଳ ଜଣେ ଦେବତା ଯିଏ ତାଙ୍କ ସ୍ୱର୍ଗୀୟ ଗାଡ଼ିରୁ (ରଥରୁ) ପଡ଼ିଯାଇଛନ୍ତି କିମ୍ବା ଜଣେ ରାଜ୍ୟ ହରାଇଥିବା ରାଜା ତାହା ବର୍ଣ୍ଣନା କରିପାରିବେ !" ତଥାପି ମୋଚି ତାଙ୍କ କୁଡ଼ିଆ ଛାଡ଼ିବାକୁ ପ୍ରସ୍ତୁତ ଥିଲେ ଯଦି ରାଜା ନିଜେ ଆସି ସମ୍ମାନର ସହ ତାଙ୍କ ଅନୁମତି ମାଗିବେ – ଯାହା ରାଜା ମାନିଯାଇଥିଲେ ଏବଂ ତାଙ୍କୁ କ୍ଷତିପୂରଣ ସ୍ୱରୂପ ପର୍ଯ୍ୟାପ୍ତ ଅର୍ଥ ଦେଇଥିଲେ । "ଯେଉଁମାନେ ଖୁସି ରହାଁନ୍ତି, ସେମାନଙ୍କର ମିଥ୍ୟାଗର୍ବ ରହିବା ଉଚିତ ନୁହେଁ ।" ଧର୍ମପରାୟଣ ରାଜାଙ୍କର ଏକ ନିମ୍ନ ସ୍ତରରେ ଅଧିବାସୀ ପ୍ରତି ଥିବା ପ୍ରତିବଦ୍ଧତାକୁ ମୋଚି ପ୍ରଶଂସା କରିଥିଲେ ।

– କାଶ୍ମୀର ବିଦ୍ୱାନ କଲ୍‌ହଣଙ୍କ ଦ୍ୱାରା ଉଦ୍ଧୃତ
ରାଜତରଙ୍ଗିଣୀ ( ୧ ୨ଶ ଶତାବ୍ଦୀ)ରୁ ଆନୀତ ।

**ସାର୍ବଭୌମ (Sovereign) :** ସାର୍ବଭୌମ ସୂଚିତ କରେ ଯେ ଏକ ଦେଶର କ୍ଷମତାର ଉତ୍ସ ବାହ୍ୟ ପ୍ରଭାବରୁ ସ୍ୱାଧୀନ ବା ମୁକ୍ତ ଅଟେ ।

## ୨ . ଆଜିର ରାଜତନ୍ତ୍ର

ରାଜତନ୍ତ୍ର ହେଉଛି ଏକ ପ୍ରକାର ସରକାର ଯାହା ଜଣେ ରାଜାଙ୍କ ଦ୍ୱାରା ଶାସିତ ହୁଏ । ରାଜା ଓ ରାଣୀମାନଙ୍କୁ ଶାସକ (ରାଜା) କୁହାଯାଏ, ଯେଉଁମାନେ ସେମାନଙ୍କର ସାର୍ବଭୌମ କ୍ଷମତା ବ୍ୟବହାର କରନ୍ତି । ରାଜତନ୍ତ୍ର ସାଧାରଣତଃ ବଂଶାନୁକ୍ରମିକ; ପ୍ରଥମାନୁଯାୟୀ/କ୍ରମାନ୍ୱୟରେ, ରାଜାଙ୍କର ବଡ଼ପୁଅ ପରବର୍ତ୍ତୀ ରାଜା ହୁଅନ୍ତି । ରାଜତନ୍ତ୍ର ସାଧାରଣତଃ ଦୁଇ ପ୍ରକାରର ଅନୁଭୂତ ହେଉଅଛି ।

### (କ) ସମ୍ପୂର୍ଣ୍ଣ ରାଜତନ୍ତ୍ର

ଏକ ସମ୍ପୂର୍ଣ୍ଣ ରାଜତନ୍ତ୍ରରେ ଆଇନ ତିଆରି କରିବା, ସେଗୁଡ଼ିକ ପାଳନ କରାଯାଉଛି କି ନାହିଁ ତାହା ନିଶ୍ଚିତ କରିବା ଏବଂ ଯେତେବେଳେ ତାହା ଅନୁସରଣ ହୋଇ ନଥାଏ ସେତେବେଳେ ବିଚାର କରିବା ଇତ୍ୟାଦି କାର୍ଯ୍ୟ ରାଜାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ ।

ସାଉଦି ଆରବ ସମ୍ପୂର୍ଣ୍ଣ ରାଜତନ୍ତ୍ରର ଏକ ଉଦାହରଣ; ଏଠାରେ ରାଜା ସମସ୍ତ କ୍ଷମତା ଧାରଣ କରନ୍ତି ଏବଂ ମୁସଲମାନ ଆଇନ ଅନୁଯାୟୀ ଶାସନ କରିଥାନ୍ତି । ତଥାପି, ସେ ଏକ ପରିଷଦ ନିଯୁକ୍ତ କରିଥାନ୍ତି ଯାହା ତାଙ୍କୁ ଶାସନ ବିଷୟରେ ପରାମର୍ଶ ପ୍ରଦାନ କରି ସହାୟତା କରେ; କିନ୍ତୁ ସେ ସେହି ପରିଷଦର ପରାମର୍ଶକୁ ମାନିବାକୁ ବାଧ୍ୟ ନୁହଁନ୍ତି ।

## (ଖ) ସାମ୍ବିଧାନିକ ରାଜତନ୍ତ୍ର

ଆସ ଏକ ଭିନ୍ନ ପ୍ରକାରର ରାଜତନ୍ତ୍ରର ଉଦାହରଣ ବିଚାର କରିବା, ଯୁକ୍ତରାଜ୍ୟ କିମ୍ବା ବ୍ରିଟେନ ମଧ୍ୟ ଏକ ରାଜତନ୍ତ୍ର । ରାଷ୍ଟ୍ରର ମୁଖ୍ୟ ହେଉଛନ୍ତି ରାଜା କିମ୍ବା ରାଣୀ, କିନ୍ତୁ ତାଙ୍କର କେବଳ ନାମକୁମାତ୍ର କ୍ଷମତା ରହିଛି ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟପାଳିକାର ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ବ୍ୟବସ୍ଥାପିକା କ୍ଷମତାଟି ସଂସଦ ଉପରେ ନ୍ୟସ୍ତ ରହିଅଛି ।

ଏହାର ଅର୍ଥ ହେଉଛି ସେ ଦେଶର ସମସ୍ତ ଆଇନ ନିର୍ବାଚିତ ସଂସଦ ଦ୍ୱାରା ପ୍ରଣୀତ କରାଯାଏ ଏବଂ କାର୍ଯ୍ୟପାଳିକା କ୍ଷମତା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରୀପରିଷଦ ଦ୍ୱାରା ପ୍ରୟୋଗ କରାଯାଏ । ତେଣୁ ବ୍ରିଟେନ୍‌ରେ ଜଣେ ରାଜା ଥିଲାବେଳେ, ଏହା ପ୍ରକୃତରେ ଏକ ସଂସଦୀୟ ଗଣତନ୍ତ୍ର । ଏହି ପ୍ରକାରର ରାଜତନ୍ତ୍ରକୁ ଏକ ସାମ୍ବିଧାନିକ ରାଜତନ୍ତ୍ର କୁହାଯାଏ କାରଣ ଏହା ସେ ଦେଶର ସମ୍ବିଧାନ ଦ୍ୱାରା ସ୍ୱୀକୃତ ଅଟେ ।

**ଶାସକ (Monarchs) :** ରାଜା କିମ୍ବା ରାଣୀ ଯେଉଁମାନେ ସେମାନଙ୍କର ପଦବୀ ଉତ୍ତରାଧିକାରୀ ସୂତ୍ରରେ ପାଇଥାନ୍ତି । ସାଧାରଣତଃ ରାଜପରିବାର ମଧ୍ୟରେ ଏହା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପରିବ୍ୟାପ୍ତ ହୋଇଥାଏ ।

**ବିଚାର (Adjudicating) :** ବିବାଦ ହେଲେ ଏକ ମାମଲାର ବିଚାର କରିବା ।



ଚିତ୍ର ୯.୯ ଜଣେ ବିଦେଶୀ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଗସ୍ତ ସମୟରେ ଏକ ରାଜକୀୟ ଯାନରେ ରାଜା ଚାର୍ଲସ ତୃତୀୟ

## ୨. ଧର୍ମତନ୍ତ୍ର

ଧର୍ମତନ୍ତ୍ର ହେଉଛି ଏକ ପ୍ରକାର ସରକାର ଯାହା ସେ ଦେଶର ଧର୍ମ ଏବଂ ଧାର୍ମିକ ନେତାଙ୍କ ନିୟମ ଦ୍ୱାରା ପରିଚାଳିତ ହୁଏ ।

ଇରାନ୍, ଯାହାର ପୂର୍ଣ୍ଣ ସରକାରୀ ନାମ 'ଇସ୍‌ଲାମିକ୍ ଗଣରାଜ୍ୟ ଇରାନ୍' ଏହାର ଏକ ଅନନ୍ୟ ରାଜନୈତିକ ବ୍ୟବସ୍ଥା ରହିଛି । ଯାହା ଧର୍ମତନ୍ତ୍ର ଏବଂ ଗଣତାନ୍ତ୍ରିକ ଶାସନ ଉଭୟର ଉପାଦାନଗୁଡ଼ିକୁ ମିଶ୍ରଣ କରେ । ସେମାନଙ୍କର ସମ୍ବିଧାନ ଦେଶର ସରକାରୀ ଧର୍ମ ଇସ୍ଲାମ୍‌ର ମୌଳିକ ନୀତି ଉପରେ ଆଧାରିତ । ଦେଶର ସର୍ବୋଚ୍ଚ ନେତା, ଯାହାଙ୍କର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଉପରେ ସର୍ବୋଚ୍ଚ କ୍ଷମତା ରହିଛି, ତାଙ୍କୁ ଇସ୍‌ଲାମିକ୍ ଧର୍ମଗୁରୁଙ୍କର ଏକ ଗୋଷ୍ଠୀ ଦ୍ୱାରା ଚୟନ କରାଯାଏ ଏବଂ ତାଙ୍କର କାର୍ଯ୍ୟକାଳ ଆଜୀବନ ଅଟେ । ସେଠାରେ ଜଣେ ନିର୍ବାଚିତ ରାଷ୍ଟ୍ରପତିଙ୍କ ସହିତ ଏକ ସଂସଦ ମଧ୍ୟ ରହିଛି ଯେଉଁମାନେ ସାଧାରଣ ଶାସନ ପରିଚାଳନା କରନ୍ତି । ଗଣରାଜ୍ୟର ଉଦ୍ଦେଶ୍ୟ ହେଉଛି ଇସ୍‌ଲାମିକ୍ ମାନଦଣ୍ଡ ଉପରେ ଆଧାରିତ ଏକ ସମାଜ ପ୍ରତିଷ୍ଠା କରିବା ।

ବର୍ତ୍ତମାନ ବିଦ୍ୟମାନ ଥିବା ଅନ୍ୟାନ୍ୟ ଧର୍ମତନ୍ତ୍ର ମଧ୍ୟରେ ଆଫଗାନିସ୍ଥାନ ଓ ଭାଟିକାନ୍ ସିଟି ଅନ୍ତର୍ଭୁକ୍ତ ।

## ୩. ଏକଛତ୍ରବାଦ

ଏକଛତ୍ରବାଦ ହେଉଛି ଏପରି ଏକ ସରକାର ଯେଉଁ ବ୍ୟବସ୍ଥାରେ ଜଣେ ବ୍ୟକ୍ତି କିମ୍ବା ଏକ କ୍ଷୁଦ୍ର ଗୋଷ୍ଠୀ ସମ୍ପୂର୍ଣ୍ଣ କ୍ଷମତାର ଅଧିକାରୀ ହୋଇଥାନ୍ତି । ସେମାନଙ୍କ ଉପରେ ସମ୍ବିଧାନ କିମ୍ବା ଆଇନ ଦ୍ୱାରା କୌଣସି କଟକଣା ଲଗାଯାଇ ନଥାଏ । ବିଂଶ ଶତାବ୍ଦୀରେ ଏପରି ଅନେକ ଏକଛତ୍ରବାଦୀଙ୍କ ଉଦାହରଣ ଦେଖାଯାଇଥିଲା ଯେଉଁମାନେ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲେ; ଆମେ ସେମାନଙ୍କ ମଧ୍ୟରୁ କେବଳ ଦୁଇଟିକୁ ହିଁ ଏଠାରେ ଜାଣିବା ।

– ୧୯୩୩ ମସିହାରେ ଆଡ଼ଲଫ୍ ହିଟଲରଙ୍କୁ ଜର୍ମାନୀର ଚାନ୍ସେଲର୍ ଭାବେ ନିଯୁକ୍ତି କରାଯିବା ପରେ, ସେ ଏପରି ଆଇନ ପ୍ରଣୟନ କରିଥିଲେ ଯାହା ତାଙ୍କୁ ପୂର୍ଣ୍ଣକ୍ଷମତା ଦେଇଥିଲା ଏବଂ ବିରୋଧୀଙ୍କୁ ଦୂର କରିଥିଲା । ସେ ଜଣେ ଏକଛତ୍ରବାଦୀ ଥିଲେ । ତାଙ୍କ ଦେଶର ଅଧିବାସୀ ସର୍ବଶ୍ରେଷ୍ଠ ବୋଲି ଅନୁଭବ କରି, ସେ ବିଶ୍ୱାସ କରିଥିଲେ ଯେ ଜର୍ମାନୀ ସାରା ବିଶ୍ୱକୁ ଶାସନ କରିବା ଉଚିତ ଏବଂ 'ନିମ୍ନ ଜାତି' ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଉଚିତ । ସେ ଅତିକମ୍‌ରେ ଛଅ ଲକ୍ଷ ୟୁହୁଦୀ (ଏହାକୁ ହୋଲୋକାଷ୍ଟ ବା ସର୍ବନାଶ କୁହାଯାଏ) ଏବଂ ଅସଂଖ୍ୟ ରୋମା ଏବଂ ଅନ୍ୟାନ୍ୟ ଗୋଷ୍ଠୀର ଲୋକଙ୍କର ହତ୍ୟା ପାଇଁ ଦାୟୀ ଥିଲେ । ପ୍ରକୃତରେ, ସେ ହିଁ ୧୯୩୪–୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ କାରଣ ମଧ୍ୟ ଥିଲେ, ଯାହା ଫଳରେ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର ପ୍ରଚୁର କ୍ଷତି ହୋଇଥିଲା ।



ଚିତ୍ର ୯.୧୦ ଆଡ଼ଲଫ ହିଟଲରଙ୍କ କାର୍ଟୁନ୍ / ବ୍ୟଙ୍ଗାତ୍ମକ ଚିତ୍ର

ଇଦି ଅମିନ ଉଗାଣ୍ଡାର ଜଣେ ସାମରିକ ଏକଛତ୍ରବାଦୀ ଥିଲେ। ହଜାର ହଜାର ଲୋକଙ୍କ ନିର୍ମମ ହତ୍ୟା ପାଇଁ ସେ ସିଧାସଳଖ ଦାୟୀ ଥିଲେ। ଅନେକ ଭାରତୀୟ ଯାହାଙ୍କ ପୂର୍ବପୁରୁଷ କିଛି ପିଢ଼ି ପୂର୍ବରୁ ଉଗାଣ୍ଡାକୁ ଚାଲି ଯାଇଥିଲେ ସେମାନଙ୍କୁ ଦେଶଛାଡ଼ି ପଳାଇବାକୁ ବାଧ୍ୟ କରାଯାଇଥିଲା।



ଚିତ୍ର ୯.୧୧ ଇଦି ଅମିନଙ୍କ ବ୍ୟଙ୍ଗଚିତ୍ର

**ବ୍ୟଙ୍ଗଚିତ୍ର (Caricature) :** ଏକ ଚିତ୍ର ଯାହା କାହାକୁ ହାସ୍ୟାସ୍ପଦ କିମ୍ବା ବୋକା ଦେଖାଯାଏ କାରଣ ବ୍ୟକ୍ତିଙ୍କ ଦୃଶ୍ୟର କିଛି ଅଂଶ ଅତିରଞ୍ଜିତ ହୋଇଥାଏ।

## ମନେରଖ

ରୋମା କିମ୍ବା ରୋମାନି ଲୋକମାନେ; ମୂଳତଃ ଯାଯାବର ଥିଲେ। ସେମାନଙ୍କର ଭାଷାଗତ ଏବଂ ସଂସ୍କୃତିକ ବୈଶିଷ୍ଟ୍ୟଗୁଡ଼ିକୁ ଆଧାର କରି, ବିଦ୍ୱାନମାନେ ନିର୍ଣ୍ଣୟ କରିଛନ୍ତି ଯେ ସେମାନଙ୍କର ଉତ୍ପତ୍ତି ଭାରତରେ ହୋଇଥିଲା। ସେମାନେ ପ୍ରଥମେ ପୂର୍ବ ୟୁରୋପର କିଛି ଅଂଶରେ ବସତି ସ୍ଥାପନ କରିଥିଲେ କିନ୍ତୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶକୁ ପ୍ରବାସ କରିଛନ୍ତି।



ଚିତ୍ର ୯.୧୨

## ଶେନ୍‌ର କାହାଣୀ

ଶେନ୍ ଉତ୍ତର କୋରିଆରେ ବାସକରେ ଯେଉଁଠାରେ ତାଙ୍କ ଦୈନନ୍ଦିନ ଜୀବନଯାପନ ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ରହିଛି। ସେ ବର୍ତ୍ତମାନ ବାଧ୍ୟତାମୂଳକ ସାମରିକ ସେବାରେ କାର୍ଯ୍ୟରତ ଅଛନ୍ତି, ଯେଉଁଥିରେ ସରକାର ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସେ ସାମରିକ ସେବାରେ ରହିବେ ବୋଲି ଆଶା କରାଯାଏ। ତାଙ୍କର କେଶ କାଟିବା ଶୈଳୀ, ଏବଂ ସେ କେଉଁ ପୋଷାକ ପରିଧାନ କରିବେ ସେ ସମ୍ବନ୍ଧରେ ମଧ୍ୟ ନିୟମ ରହିଛି। ବିଶ୍ୱସ୍ତରୀୟ ଇଣ୍ଟରନେଟ୍ ବ୍ୟବହାର ନିମନ୍ତେ ତାଙ୍କ ଉପରେ କଟକଣା ରହିଛି। ତେଣୁ ସେ ନିଜ ଦେଶ ବାହାରର ଦୁନିଆ ବିଷୟରେ ଅଜ୍ଞ। ସରକାର ତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ନିର୍ଦ୍ଦିଷ୍ଟ ନିୟମଗୁଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିଷୟରେ ସେ ମଧ୍ୟ ରିପୋର୍ଟ କରିବେ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ସେ ଜଣେ ପର୍ଯ୍ୟଟକଙ୍କୁ ଭେଟିଲେ ଯିଏ ତାଙ୍କୁ ପଚାରିଲେ; "ଏଠାରେ ତୁମ ସମସ୍ତଙ୍କର କେଶ କାଟିବା ଶୈଳୀ ସମାନ କାହିଁକି ?" ଏହାର ଉତ୍ତରରେ ଶେନ କହିଲେ, "ଆମେ ସମସ୍ତେ ନୂତନ ଶୈଳୀ ଅନୁସନ୍ଧାନ କରିବାକୁ ଚାହୁଁ, କିନ୍ତୁ ଆମେ ଆମର କେଶ କିପରି ରଖିବା ଉଚିତ ତାହା ସରକାର ନିଷ୍ପତ୍ତି ନିଅନ୍ତି।

## ଆସ ଅନୁସନ୍ଧାନ କରିବା

→ ଶେନ୍ ବାସ କରୁଥିବା ଦେଶ କ'ଣ ଗଣତନ୍ତ୍ର ଦେଶ ପରି ଲାଗୁଛି ?

→ ଶେନ୍‌ଙ୍କ ଦୈନନ୍ଦିନ ଜୀବନ କିପରି ହୋଇଥିବ ବୋଲି ତୁମେମାନେ ଭାବୁଛ ?


→ ତୁମେମାନେ କ'ଣ ଏପରି ଏକ ଦେଶରେ ବାସ କରିବାକୁ ଚାହିଁବ ? କରଣ ଦର୍ଶାଅ ।

## ୪. ଗୋଷ୍ଠୀତନ୍ତ୍ର

**ରାଜନୈତିକ ସମୀକ୍ଷକ/ସମାଲୋଚକ (Political Commentators) :** ରାଜନୈତିକ ଘଟଣାଗୁଡ଼ିକ ବିଷୟରେ ବିଶ୍ଳେଷଣ ଏବଂ ମତାମତ ରଖୁଥିବା ବ୍ୟକ୍ତିମାନେ

'ଅଲିଗାର୍କି' ଶବ୍ଦଟି ମୂଳ ଗ୍ରୀକ୍ ଶବ୍ଦରୁ ଉତ୍ପତ୍ତି ଯେଉଁଠାରେ 'ଅଲିଗୋସ୍' ଶବ୍ଦର ଅର୍ଥ କିଛି ବା ଅଳ୍ପ ଏବଂ 'ଅର୍ଖୋ' ଅର୍ଥ ଶାସନ କରିବା କିମ୍ବା ନିର୍ଦ୍ଦେଶ ଦେବା । ଉଭୟ ଶବ୍ଦର ସମ୍ମିଶ୍ରଣରୁ ଅଲିଗାର୍କି ବା ଗୋଷ୍ଠୀତନ୍ତ୍ର ଶବ୍ଦର ଉତ୍ପତ୍ତି । ଏହା ଏକ ପ୍ରକାରର ସରକାର ଯେଉଁଠାରେ ଏକ ଛୋଟ ଶକ୍ତିଶାଳୀ ଗୋଷ୍ଠୀ ଶାସନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି; ସାଧାରଣତଃ ସେମାନେ ସମସ୍ତେ ଧନୀ ପରିବାର କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହୋଇଥାନ୍ତି ।

ପ୍ରାଚୀନ ଗ୍ରୀସ୍‌ର କିଛି ସ୍ଥାନରେ ସମ୍ଭ୍ରାନ୍ତ ପରିବାରଗୁଡ଼ିକ ଗୋଷ୍ଠୀତନ୍ତ୍ର ଭାବରେ ଶାସନ କରୁଥିଲେ । ଆଧୁନିକ ସମୟରେ, ରାଜନୈତିକ ସମାଲୋଚନ/ସମୀକ୍ଷକମାନେ ଦେଖିଛନ୍ତି ଯେ କେତେକ ଗଣତନ୍ତ୍ରରେ ମଧ୍ୟ ଅଲିଗାର୍କିର ଲକ୍ଷଣ ଦେଖାଯାଏ ଯେତବେଳେ ରାଜନେତା ଏବଂ ଧନୀ ବ୍ୟବସାୟୀକ ଏକ ଛୋଟ ଗୋଷ୍ଠୀ ଶାସନରେ ଅତ୍ୟଧିକ ପ୍ରଭାବ ଧାରଣ କରନ୍ତି ।




ଚିତ୍ର ୯.୧୩ । ୧୮୮୯ ମସିହାରେ ଏକ ବ୍ୟଙ୍ଗଚିତ୍ର ଯାହା ଏକ ଗୋଷ୍ଠୀତାନ୍ତ୍ରିକ ପରିସ୍ଥିତିକୁ ଚିତ୍ରଣ କରେ ।

## ଆସ ଅନୁସନ୍ଧାନ କରିବା



→ ପୂର୍ବ ପୃଷ୍ଠାର ଚିତ୍ର ୯.୧୩ରେ ଥିବା ଚିତ୍ରଟିକୁ ଭଲ ଭାବରେ ନିରୀକ୍ଷଣ କ'ଣ। ଏହା ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକାରେ ଏକ ନିର୍ବାଚିତ ସଂସ୍ଥାକୁ ଦର୍ଶାଉଛି। ବ୍ୟଙ୍ଗଚିତ୍ରରେ ଦେଖାଯାଉଥିବା ଲୋକମାନେ ସମସ୍ତେ ନିର୍ବାଚିତ ସଦସ୍ୟ। ତୁମେମାନେ କ'ଣ ନିରୀକ୍ଷଣ କଲ ? ବ୍ୟଙ୍ଗଚିତ୍ରର ଉପର ବାମ କୋଣରେ ତୁମମାନେ କ'ଣ ଦେଖୁଛ ? ଏହି ନିର୍ବାଚିତ ସଂସ୍ଥାରେ କିଏ ନିଷ୍ପତ୍ତି ନେଉଛନ୍ତି ବୋଲି ତୁମେ ଭାବୁଛ ?

→ ଏକ ଗଣତନ୍ତ୍ର କ'ଣ ଏକ ଗୋଷ୍ଠୀତନ୍ତ୍ରରେ ପରିଣତ ହୋଇପାରେ ? ଗଣତନ୍ତ୍ରକୁ ସୁଦୃଢ଼ ରଖିବା ପାଇଁ ଲୋକମାନେ କ'ଣ କରିପାରିବେ ?

## ଗଣତନ୍ତ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ

ଏହି ବିଭିନ୍ନ ପ୍ରକାରର ସରକାର ଆମକୁ ଦର୍ଶାଏ ଯେ ଗଣତନ୍ତ୍ର କେବଳ ଏକମାତ୍ର ଉପାୟ ନୁହେଁ ଯେଉଁଥିରେ ଦେଶଗୁଡ଼ିକ ଶାସିତ ହୁଏ। କିନ୍ତୁ ଅଧିକାଂଶ ଦେଶରେ, ଗଣତନ୍ତ୍ରକୁ ଅନ୍ୟ ଶାସନ ତୁଳନାରେ ସରକାରର ଏକ ଉତ୍ତମ ବ୍ୟବସ୍ଥା ଭାବରେ ବିବେଚନା କରାଯାଏ। ଏହାକୁ ଭଲ ଭାବରେ ବୁଝିବା ପାଇଁ ଆସ ଏକ ଶୀଘ୍ର ତୁଳନା କରିବା।

ସରକାରର ବିଭନ୍ନ ପ୍ରକାର ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ବିଚାର କର ଏବଂ ହଁ କିମ୍ବା ନାହିଁ ମତରେ ଶୂନ୍ୟସ୍ଥାନ ପୂରଣ କର।

| ବୈଶିଷ୍ଟ୍ୟଗୁଡ଼ିକ | ଗଣତନ୍ତ୍ର | ଏକଛତ୍ରବାଦ | ନିରଙ୍କୁଶ ରାଜତନ୍ତ୍ର | ଗୋଷ୍ଠୀତନ୍ତ୍ର |
|---|---|---|---|---|
| ସାର୍ବଜନୀନ ସାବାଳକ ମତାଧିକାର ବ୍ୟାବସ୍ଥା | ହଁ | ନା | ନା | ନା |
| ନାଗରିକମାନଙ୍କ ମଧ୍ୟରେ ସମାନତା | | | | |
| ବାକ୍ ସ୍ୱାଧୀନତା କ୍ଷମତା ପୃଥକୀକରଣ | | | | |
| ସମସ୍ତ ନାଗରିକଙ୍କର କଲ୍ୟାଣ ଓ ସମୃଦ୍ଧି | | | | |
| ସାରଣୀ ୯.୨ ବିଭିନ୍ନ ପ୍ରକାର ସରକାରର ବୈଶିଷ୍ଟ୍ୟ | | | | |



## ଆସ ଅନୁସନ୍ଧାନ କରିବା

ତୁମେମାନେ ସରକାରର ବିଭିନ୍ନ ରୂପର ମୌଳିକ ବୈଶିଷ୍ଟ୍ୟଗୁଡ଼ିକୁ ଜାଣିଗଲ । ଗୋଟିଏ କ୍ଷୁଦ୍ର ନାଟକ ମାଧ୍ୟମରେ ଏହି ରୂପଗୁଡ଼ିକୁ ତୁମ ଶ୍ରେଣୀ ଗୃହରେ ଉପସ୍ଥାପିତ କର :

→ ଗଣତନ୍ତ୍ର ପ୍ରଣୟନ କର

→ ରାଜତନ୍ତ୍ର ପ୍ରଣୟନ କର

→ ଏକଛତ୍ରବାଦ ପ୍ରଣୟନ କର

→ କେଉଁ ପ୍ରକାରର ସରକାର ବା ସରକାରଙ୍କର କେଉଁ ରୂପକୁ ତୁମେ ସବୁଠାରୁ ଉପଯୁକ୍ତ ବୋଲି ଭାବୁଛ ?

ତୁମେମାନେ ଉପରୋକ୍ତ ସରକାରର ବିଭିନ୍ନ ପ୍ରକାର ରୂପ ବିଷୟରେ ଏବଂ ସରକାରର ଏହି ରୂପଗୁଡ଼ିକ ନାଗରିକଙ୍କ ଜୀବନକୁ କିପରି ବ୍ୟାଖ୍ୟା କରେ ପଢ଼ିଛ । ପୂର୍ବ ସାରଣୀରେ ଆମେ ଜାଣି ପାରିଲୁ ଯେ ଲୋକଙ୍କ ପସନ୍ଦ ଏବଂ ଅଧିକାରର ପ୍ରତିନିଧିତ୍ୱ ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ହୋଇଥାଏ । ଏକ ପ୍ରକୃତ ଗଣତନ୍ତ୍ର ବ୍ୟବସ୍ଥାରେ, ଲୋକମାନେ ସେମାନଙ୍କର ଇଚ୍ଛା ଅନୁସାରେ ନିଜର ଦୈନନ୍ଦିନ ଜୀବନଯାପନ କରିପାରିବେ । ସେମାନେ କ'ଣ କହିବେ, କ'ଣ ପିନ୍ଧିବେ, କେଉଁ ବିଶ୍ୱାସକୁ ଅନୁସରଣ କରିବେ ଏବଂ ନିଜକୁ କିପରି ପ୍ରକାଶ କରିବେ ତାହା ନିଜେ ଚୟନ କରିପାରିବେ । ଗଣତନ୍ତ୍ରରେ ଏସବୁ କରାଯାଇପାରିବ ଯେ ପର୍ଯ୍ୟନ୍ତ ଏହା ଅନ୍ୟ କାହାର ଅଧିକାରକୁ କ୍ଷତି ପହଞ୍ଚାଏ ନାହିଁ ।

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ, ଲୋକମାନେ ସେମାନଙ୍କର ସରକାର ଚୟନ କରିଥାନ୍ତି । ସରକାର ତାଙ୍କ ଅଧିବାସୀମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ଉତ୍ତରଦାୟୀ ଏବଂ ସେମାନଙ୍କୁ ମୌଳିକ ଆବଶ୍ୟକତା ଯୋଗାଇ ଦେବା ପାଇଁ ଦାୟୀ । ଯଦି ସରକାର ତାଙ୍କର କାର୍ଯ୍ୟଗୁଡ଼ିକୁ ଠିକ୍ ଭାବରେ ସମ୍ପାଦନ କରନ୍ତି ନାହିଁ, ତେବେ ଲୋକମାନେ ନିର୍ବାଚନ ମାଧ୍ୟମରେ ତାଙ୍କର ପ୍ରତିନିଧିମାନଙ୍କୁ ପରିବର୍ତ୍ତନ କରିପାରିବେ । ଏହା ନିଶ୍ଚିତ କରେ ଯେ ସରକାର ଯାହା କରନ୍ତି ତାହା ନିରନ୍ତର ଯାଞ୍ଚ କରାଯାଉଛି । ତେଣୁ, ଏକ ଗଣତନ୍ତ୍ରରେ ସରକାର ମୂଲ୍ୟବୋଧ ଏବଂ ଆଦର୍ଶ ଭିତ୍ତିକ ଶାସନ ମାଧ୍ୟମରେ ସମସ୍ତ ଲୋକଙ୍କ ମଙ୍ଗଳ ଉପରେ ଧ୍ୟାନ ଦେବା ଉଚିତ ।

ଆମ ଦେଶରେ ଏକ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠିତ ଅଛି ଏବଂ ଆମ ନିତିଦିନିଆ ଜୀବନରେ ଗଣତନ୍ତ୍ରର ଅନେକ ବୈଶିଷ୍ଟ୍ୟ ଆମେ ଦେଖିପାରିବା । ତେଣୁ ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ବିଶ୍ୱର ଅଧିକାଂଶ ଦେଶ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ସରକାର ଗ୍ରହଣ କରିଛନ୍ତି ।

ତଥାପି, ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଗଣତନ୍ତ୍ରର ମଧ୍ୟ ବିଭିନ୍ନ ସମସ୍ୟା ରହିଛି । ଦୁର୍ନୀତି, ସମ୍ପତ୍ତିର ଅସମାନତା, ଗଣତାନ୍ତ୍ରିକ ସଂସ୍ଥା ଉପରେ କିଛି ଲୋକଙ୍କ ଦ୍ୱାରା ଅତ୍ୟଧିକ ନିୟନ୍ତ୍ରଣ, ନ୍ୟାୟପାଳିକାର ସ୍ୱାଧୀନତା ଅବକ୍ଷୟ, ସୂଚନା ମାଧ୍ୟମରେ ହେରଫେର ଭଳି ଅନ୍ୟାନ୍ୟ ଅନେକ

ସମସ୍ୟା ଗଣତନ୍ତ୍ରର ଆଦର୍ଶ ହାସଲ କରିବାରେ ବାଧା ସୃଷ୍ଟି କରିପାରନ୍ତି । ବ୍ୟକ୍ତି ଭାବରେ ଏବଂ ସାମୂହିକ ଭାବରେ ଆମେ ଏହି ସମସ୍ୟା ଏବଂ ବାଧାଗୁଡ଼ିକୁ କମ୍ କରିବା ପାଇଁ କ'ଣ କରିପାରିବା ?

## ଆମେ କ'ଣ ଶିଖିଲେ...



→ ଦେଶ ପରିଚାଳନାରେ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିଶ୍ୱର ବିଭିନ୍ନ ପ୍ରକାରର ସରକାର ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଭିନ୍ନ ଭିନ୍ନ ଉତ୍ତର ଦେଇଥାନ୍ତି : "ଏହା ଏକ ସରକାର" କିଏ ନିଷ୍ପତ୍ତି ନିଏ ? ସରକାରଙ୍କର ଅଂଶଗୁଡ଼ିକ କ'ଣ ଏବଂ ସେଗୁଡ଼ିକ କ'ଣ କହନ୍ତି ? ସରକର କାହା ପାଇଁ କିମ୍ବା କ'ଣ ପାଇଁ କାମ କରୁଛି ? ସରକାର କେଉଁ ମୂଲ୍ୟବୋଧ ଓ ଆଦର୍ଶ ଅନୁସରଣ କରିବା ଉଚିତ ?

→ ଆଜି ବିଶ୍ୱର ସବୁଠାରୁ ଲୋକପ୍ରିୟ ସରକାର ହେଉଛି ଗଣତନ୍ତ୍ରର ସରକାର । ବିଶ୍ୱର ଗଣତାନ୍ତ୍ରିକ ସରକାରଗୁଡ଼ିକର ବିଭିନ୍ନତା ଅଛି, ଯେଉଁଥିରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଏବଂ ପ୍ରତିନିଧିମୂଳକ ଗଣତନ୍ତ୍ର ଅନ୍ତର୍ଭୁକ୍ତ ।

→ ପ୍ରତିନିଧିମୂଳକ ଗଣତନ୍ତ୍ର ଦୁଇ ପ୍ରକାରର ଅଟେ – ରାଷ୍ଟ୍ରପତିୟ ଗଣତନ୍ତ୍ର ଏବଂ ସଂସଦୀୟ ଗଣତନ୍ତ୍ର । ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ ଅଛି ।

→ ଅନ୍ୟ ପ୍ରକାରର ସରକାର ମଧ୍ୟରେ ରାଜତନ୍ତ୍ର, ଧର୍ମତନ୍ତ୍ର, ଏକଛତ୍ରବାଦ ଏବଂ ଗୋଷ୍ଠୀତନ୍ତ୍ରର ଅନ୍ତର୍ଭୁକ୍ତ ହୋଇଥାଏ ।

→ ଗଣତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ଗଣତନ୍ତ୍ର ପାଇଁ ଗୁରୁତର ଆହ୍ୱାନ ରହିଛି ଯାହା ପ୍ରତି ନାଗରିକମାନଙ୍କ ସଜାଗ ରହିବା ଆବଶ୍ୟକ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଏହି ଅଧ୍ୟାୟରେ ତୁମେ ଶିଖିଥିବା ବିଭିନ୍ନ ପ୍ରକାରର ସରକାରଙ୍କ ନାମ ଉଲ୍ଲେଖ କର ।

୨. ଭାରତରେ କେଉଁ ପ୍ରକାରର ସରକାର ଅଛି ? ଏବଂ ଏହାକୁ ସେହି ପ୍ରକାରର ସରକାର କାହିଁକି କୁହାଯାଏ ?

୩. ତୁମେ ଜାଣିଲ ଯେ ସମସ୍ତ ପ୍ରକାରର ଗଣତନ୍ତ୍ରରେ ଏକ ସ୍ୱାଧୀନ ନ୍ୟାୟପାଳିକା ରହିଛି । ନ୍ୟାୟପଳିକା ସ୍ୱାଧୀନ ହେବା କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବୁଛ ତାହାର ତିନୋଟି କାରଣ ଦର୍ଶାଅ ।

୪. ତୁମେ କ'ଣ ଭାବ ଯେ ଗଣତନ୍ତ୍ର ସରକାର ଅନ୍ୟ ପ୍ରକାରର ସରକାର ଅପେକ୍ଷା ଭଲ କାହିଁକି ?

୫. ବିଭିନ୍ନ ଦେଶରେ ଅନୁସୃତ କେତେକ ବ୍ୟବସ୍ଥା ପ୍ରଦାନ କରାଗଲା । ତୁମେ ସେହି ଅନୁସୃତ ବ୍ୟବସ୍ଥାକୁ ଉପଯୁକ୍ତ ସରକାରଙ୍କ ପ୍ରକାର ସହିତ ମେଳ କରିପାରିବ କି ?

| କ୍ର.ନଂ | ଦେଶରେ ଅନୁସୃତ ବ୍ୟବସ୍ଥା | ସରକାରର ପ୍ରକାର |
|---|---|---|
| ୧. | ସମସ୍ତ ନାଗରିକଙ୍କୁ ଆଇନ ସମ୍ମୁଖରେ ସମାନ ବ୍ୟବହାର କରାଯାଏ । | ଏକଛତ୍ରବାଦ |
| ୨. | ସରକାର ଗ୍ରହଣ କରୁଥିବା ପ୍ରତ୍ୟେକ ନିଷ୍ପତ୍ତି ପାଇଁ ଧାର୍ମିକ ନେତାଙ୍କ ମତ ଲୋଡ଼ିଥାନ୍ତି । | ରାଜତନ୍ତ୍ର |
| ୩. | ରାଣୀଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ନୂତନ ରାଜା ହେଲେ । | ଗଣତନ୍ତ୍ର |
| ୪. | ଶାସକ କୌଣସି ସମ୍ବିଧାନ ପାଳନ କରିବାକୁ ବାଧ୍ୟ ନୁହଁନ୍ତି । ସେ ତାଙ୍କ ପସନ୍ଦରେ ସମସ୍ତ ନିଷ୍ପତ୍ତି ନିଅନ୍ତି । | ଧର୍ମତନ୍ତ୍ର |

୬. ନିମ୍ନରେ ଦେଶଗୁଡ଼ିକର ଏକ ତାଲିକା ଦିଆଯାଇଛି । ଏହି ଦେଶଗୁଡ଼ିକରେ କେଉଁ ପ୍ରକାରର ସରକାର ଅଛି ତାହା ଉଲ୍ଲେଖ କର ।

| କ୍ରମିକ ନଂ | ଦେଶ | ସରକାରର ପ୍ରକାର |
|---|---|---|
| ୧. | ଭୂଟାନ | |
| ୨. | ନେପାଳ | |
| ୩. | ବାଂଲାଦେଶ | |
| ୪. | ଦକ୍ଷିଣ ଆଫ୍ରିକା | |
| ୫. | ବ୍ରାଜିଲ | |

୭. ଗଣତନ୍ତ୍ରରେ ମୂଲ୍ୟବୋଧ ଏକ ଆଦର୍ଶ ହାସଲ କରିବାରେ ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକ କ'ଣ ? ସେଗୁଡ଼ିକୁ କିପରି ଦୂର କରାଯାଇପାରିବ ?

୮. ଗଣତନ୍ତ୍ର; ରାଜତନ୍ତ୍ର ଏବଂ ଏକଛତ୍ରବାଦଠାରୁ ଭିନ୍ନ । ବ୍ୟାଖ୍ୟା କର ।

ଅଧ୍ୟାୟ ୧୦

# ଭାରତର ସମ୍ବିଧାନ : ଏକ ପରିଚୟ

"ମୁଁ ଦର୍ଶାଇବାକୁ ଚାହେଁ ଯେ, ଯଦି ଆମେ ଗ୍ରହଣ କରାଯାଇଥିବା ସମ୍ବିଧାନ ଅନୁରୂପ କାର୍ଯ୍ୟ କରିବାକୁ ସମର୍ଥ ହେଉ..., ତେବେ ମୁଁ ନିଶ୍ଚିତ ଯେ, ଆମ ଦେଶକୁ ଆମେମାନେ ଶୀଘ୍ର ମହାନ୍ କରିବାରେ ସକ୍ଷମ ହୋଇପାରିବା । ଏହା ଏକ ଲକ୍ଷ୍ୟ ଅଟେ ଯାହା ଆମର ଶକ୍ତି ଓ ସାମର୍ଥ୍ୟ ମଧ୍ୟରେ ସନ୍ନିବେଶିତ, କିନ୍ତୁ ଏହାର ସଫଳ ରୂପାୟନ ଦୃଢ଼ ଶାରୀରିକ ଓ ମାନସିକ ପରିଶ୍ରମ ଏବଂ ସର୍ବୋପରି ମହାନ ନୈତିକ ପୁର୍ନଜାଗରଣ ଆବଶ୍ୟକ କରେ ।

ଆମେ ଏକ ଗଣତାନ୍ତ୍ରିକ ସରକାର ଗଠନ କରିଛେ । କିନ୍ତୁ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକରେ ସଫଳତା ସେହିମାନଙ୍କ ଉପରେ ନିର୍ଭର କରେ ଯିଏ ବୁଝାମଣା ଓ ଗ୍ରହଣୀୟତାର ଦକ୍ଷତା ରଖିବା ସହିତ ଅନ୍ୟମାନଙ୍କ ମତାମତକୁ ନିଜ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ ଥିବେ ।"

ଡ. ରାଜେନ୍ଦ୍ର ପ୍ରସାଦ
ଭାରତର ପ୍ରଥମ ରାଷ୍ଟ୍ରପତି


ଚିତ୍ର ୧୦.୧ ଗଣତନ୍ତ୍ର ଦିବସ ପରେଡର ଏକ ଦୃଶ୍ୟ

## ଆସ ଚିନ୍ତା କରିବା ?

୧. ସମ୍ବିଧାନ କ'ଣ ଏବଂ ଆମେ କାହିଁକି ଏହା ଆବଶ୍ୟକ କରୁଛେ ?

୨. ଭାରତର ସମ୍ବିଧାନ କିପରି ପ୍ରସ୍ତୁତ ହୋଇଥିଲା ?

୩. ଆମର ସ୍ୱାଧୀନତା ସଂଗ୍ରାମ ଏବଂ ସଭ୍ୟତାର ଐତିହ୍ୟ ସମ୍ବିଧାନକୁ କିପରି ପ୍ରଭାବିତ କରିଥିଲା ?

୪. ଭାରତର ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ? ଏହା କାହିଁକି ଏବେବି ପ୍ରାସଙ୍ଗିକ ଯଦିଓ ଏହା ସତୁରୀ ବର୍ଷରୁ ଅଧିକ ପୂର୍ବେ ଲିପିବଦ୍ଧ ହୋଇଥିଲା ।


ହିଲିୟମ୍ (Helium) : ଏହା ଏକ ଗ୍ୟାସ୍, ଯାହା କାଗଜ କିମ୍ବା କାଳି ସହିତ ପ୍ରତିକ୍ରିୟା କରେ ନାହିଁ। ଯାହା ସମ୍ବିଧାନକୁ ସମୟ ସହିତ ସଂରକ୍ଷଣ କରିବାରେ ସାହାଯ୍ୟ କରେ।

ପ୍ରତି ସାଧାରଣତନ୍ତ୍ର ଦିବସ ପରି, ଏହା ମଧ୍ୟ ଦିଲ୍ଲୀରେ ଜାନୁଆରୀ ମାସର ଏକ ଶୀତ ସକାଳ ଥିଲା। ଘର ଭିତରେ ମା'ଙ୍କ ସ୍ୱର ପ୍ରତିଧ୍ୱନିତ ହେଲା। "ଉଠ, ସମୟ ହେଲାଣି, ନହେଲେ ତମେ ତୁମ ପ୍ୟାରେଡ଼ ହାତଛଡ଼ା କରିବ।" ବାପା, ପୂର୍ବରୁ ଉଠି, ଦୂରଦର୍ଶନ ଲଗାଇ କହିଲେ କୁମାର, ନିହାରିକା ଶୀଘ୍ର ଆସ, ପ୍ୟାରେଡ଼ ଆରମ୍ଭ ହୋଇଗଲାଣି। ପିଲାମାନେ ତାଙ୍କ ଉଷୁମ ବିଛଣାରୁ ଉଠି ଟି.ଭି. ଆଗରେ ବସିବାକୁ ଦୌଡ଼ିଲେ। ସାଧାରଣତନ୍ତ୍ର ଦିବସର ପ୍ୟାରେଡ଼ ପାଇଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ହାତଛଡ଼ା କରିବାକୁ ଋହିଁଲେ ନାହିଁ।

ମହାନ ପ୍ୟାରେଡ଼ ବାଦ୍ୟ, ଚିତ୍ତାକର୍ଷକ ପ୍ରଦର୍ଶନୀ ଏବଂ କର୍ତ୍ତବ୍ୟ ପଥରେ ତ୍ରିରଙ୍ଗା ପତାକାର ଉତ୍ତୋଳନ ଦୃଶ୍ୟ ତାଙ୍କ କୋଠରୀକୁ ଗର୍ବ ଓ ଉତ୍ସାହରେ ଭରି ଦେଇଥିଲା।

ଆମ ପାଇଁ ଏହି ଦିନଟିର ଏକ ବିଶେଷ ମହତ୍ତ୍ୱ ରହିଛି – ଏହା ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବାର ସୂଚନା ଦିଏ।

ଚିତ୍ରରେ ଥିବା ପୁସ୍ତକଟି ହେଉଛି ଆମର ସମ୍ବିଧାନ। ସୁରକ୍ଷିତ ରଖିବା ପାଇଁ ଏହାକୁ ସଂସଦରେ ହିଲିୟମପୂର୍ଣ୍ଣ ଏକ କାଚ ବାକ୍ସରେ ଯତ୍ନର ସହିତ ସଂରକ୍ଷିତ ରଖାଯାଇଛି। କିନ୍ତୁ ଉକ୍ତ ସମ୍ବିଧାନ କ'ଣ ? ଏହା ଆମ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି ?




ଚିତ୍ର ୧୦.୨ ହିଲିୟମ ପୂର୍ଣ୍ଣକାଚ ପାତ୍ରରେ ରଖାଯାଇଥିବା ଭାରତର ସମ୍ବିଧାନ



## ଆସ ମନେରଖିବା

ମନେପକାଅ ଯେ ଷଷ୍ଠଶ୍ରେଣୀରେ ଆମେ "ସମ୍ବିଧାନ" ଶବ୍ଦର ଅର୍ଥ ପଢ଼ିଥିଲେ– ଏହା ଏକ ଦଲିଲ ଯାହା ଭିତ୍ତିରେ ଏକ ଦେଶର ମୌଳିକ ନୀତି ଏବଂ ନିୟମ ଧାର୍ଯ୍ୟ କରିଥାଏ। ତିନିଜଣିଆ ଛୋଟ ଗୋଷ୍ଠୀରେ ବିଭାଜିତ ହୋଇ ଏକ ଦେଶର ସମ୍ବିଧାନ ବିଷୟରେ ତୁମ ମନକୁ ଆସୁଥିବା ସମସ୍ତ ପ୍ରଶ୍ନର ଏକ ତାଲିକା ପ୍ରସ୍ତୁତ କର।

ଭାରତର ସମ୍ବିଧାନ ହେଉଛି ଏକ ଦସ୍ତାବିଜ (ଦଲିଲ) ଯାହାକୁ କାଏମ୍ ରଖିବା ନିମନ୍ତେ ଆମ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଶପଥ ନେଇଥାନ୍ତି। ରାଷ୍ଟ୍ରପତି ଏହାର ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିହତ କରିବାକୁ ଶପଥ ନେଇଥାନ୍ତି। ପ୍ରଧାନମନ୍ତ୍ରୀ, ମନ୍ତ୍ରୀପରିଷଦ ଏବଂ ବିଚାରପତିମାନେ ଏହାର ସମସ୍ତ ବ୍ୟବସ୍ଥା (ନୀତିନିୟମ)କୁ ଅନୁସରଣ କରିବାକୁ ପ୍ରତିଜ୍ଞା କରିଥାନ୍ତି।

## ସମ୍ବିଧାନ କ'ଣ ?

ଏହାର ଏକ ସରଳ ଉତ୍ତର ହେଉଛି ଯେ ଏହା ଏକ ଦସ୍ତାବିଜ, ଯାହା ଏକ ଦେଶର ମୌଳିକ ନୀତି ଓ ଆଇନକୁ ବର୍ଣ୍ଣନା କରିଥାଏ। ଏହା ଉଲ୍ଲେଖ କରିଥାଏ ଯେ;

- ସରକାରଙ୍କ ତିନୋଟି ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଓ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ।
- ସରକାରଙ୍କ ତିନୋଟି ଅଙ୍ଗ ମଧ୍ୟରେ ନିୟନ୍ତ୍ରଣ ରକ୍ଷାକରି ନିରପେକ୍ଷତା, ଦାୟିତ୍ୱ ଏବଂ ଉତ୍ତର ଦାୟିତ୍ୱ।
- ନାଗରିକମାନଙ୍କ ଅଧିକାର ଓ କର୍ତ୍ତବ୍ୟ।
- ଦେଶର ଦୀର୍ଘସୂତ୍ରୀ ଲକ୍ଷ୍ୟ ଏବଂ ଆକାଂକ୍ଷାର ଏକ ରୂପରେଖ।

## ଆମର ସମ୍ବିଧାନ ଆବଶ୍ୟକ କାହିଁକି ?

### ଆସ ଅନୁସନ୍ଧାନ କରିବା



କଳ୍ପନା କର ଯେ ତୁମ ବିଦ୍ୟାଳୟ ରାଜ୍ୟସ୍ତରରେ କବାଡ଼ିରେ ଫାଇନାଲ ତଥା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୁମ ବିରୋଧି ଦଳ ଏକ ଶକ୍ତିଶାଳୀ ଦଳ ଯିଏ ଲଗାତାର ଦୁଇବର୍ଷ ଧରି ଟୁର୍ଣ୍ଣାମେଣ୍ଟ ଜିତିଛି। ଯିଏକି ତୃତୀୟ ଥର ପାଇଁ ଜିତିବାକୁ ଲକ୍ଷ୍ୟ ରଖିଛି। ଯାହା ଏକ ହ୍ୟାଟ୍ରିକ। ମ୍ୟାଚ ଚାଲିଛି ଏବଂ ତୁମ ଦଳର ଜଣେ ଖେଳାଳୀ ଅନ୍ୟ ଦଳର ଜଣେ ଖେଳାଳୀଙ୍କୁ ଆଉଟ କରିଦେଇଛି, ତା'ପରେ ଏ ସମୟରେ ବିବାଦ ଦେଖାଦେଇଛି ଆଉଟ ହୋଇଥିବା ଖେଳାଳୀ ଜଣକ ଜିଦ୍ ଧରିଛନ୍ତି ଯେ – ତୁମ ଦଳର ଖେଳାଳୀ ତାଙ୍କୁ ଆଉଟ କରିବା ପୂର୍ବରୁ ସେ ନିଜ ଦଳ ଅଞ୍ଚଳର ପ୍ରବେଶ କରି ସାରିଥିଲେ। ରେଫରୀ ଦେଖିଛନ୍ତି ଯେ ଅନ୍ୟ ଦଳର ଖେଳାଳୀ ପ୍ରକୃତରେ ଆଉଟ ହୋଇ ଯାଇଛନ୍ତି। ବିବାଦର ସମାଧାନ ପାଇଁ ସେ ଏକ ଛୋଟ ସରକାରୀ ନିୟମ ପୁସ୍ତକ ବାହାର କରନ୍ତି। ଦଳର ଅଧିନାୟକମାନେ ରେଫରୀଙ୍କ ସହ ଆଲୋଚନା କରନ୍ତି ଏବଂ ନିୟମ ଦେଖନ୍ତି। ତା'ପରେ ସେମାନେ ସହମତ ହୁଅନ୍ତି ଯେ ଖେଳାଳୀ ଜଣକ ପ୍ରକୃତରେ ଆଉଟ ହୋଇଛନ୍ତି। ଏବଂ ତୁମ ଦଳ ରାଜ୍ୟସ୍ତରୀୟ ଟ୍ରଫି ଜିତିଛି।

ତୁମ ଗୋଷ୍ଠୀରେ ଆଲୋଚନା କର – ଯଦି କୌଣସି ଆନୁଷ୍ଠାନିକ ନିୟମ ପୁସ୍ତିକା ନଥାନ୍ତା, ତେବେ କ'ଣ ଘଟିଥାନ୍ତା ଏବଂ ଦଳର ରେଫରୀ ଏବଂ ଅଧିନାୟକମାନେ କାହାକୁ ଅନୁସରଣ କରିପାରିଥାନ୍ତେ ? ସମସ୍ତେ ନିୟମ ପୁସ୍ତିକା ମାନିବାକୁ କିପରି ସୁନିଶ୍ଚିତ କରାଯିବ ଯଦି ଦଳର ଅଧିନାୟକମାନେ ନିୟମ ପୁସ୍ତିକା ଅନୁସରଣ କରିବାକୁ ରାଜି ନ ହୁଅନ୍ତି, ତେବେ କ'ଣ ହୋଇପାରେ ?

ତୁମେ ସାଧାରଣତଃ ଖେଳୁଥିବା ଏକ ଖେଳ ବିଷୟରେ ଚିନ୍ତାକର ଏବଂ ତୁମେ ଅନୁସରଣ କରୁଥିବା ନିୟମଗୁଡ଼ିକର ତାଲିକା ପ୍ରସ୍ତୁତି କର । ପ୍ରତ୍ୟେକ ଦଳର ପିଲାମାନେ ତାଲିକାଭୁକ୍ତ କରିଥିବା ନିୟମଗୁଡ଼ିକୁ ଶ୍ରେଣୀରେ ଉପସ୍ଥାପନା କରିବେ । ପ୍ରତ୍ୟେକ ଉପସ୍ଥାପନାଗୁଡ଼ିକୁ ଶୁଣ, ନିୟମଗୁଡ଼ିକୁ ଆଲୋଚନା କର ଏବଂ ଏକତ୍ରୀତ ହୋଇ ଖେଳର ସାଧାରଣ ନିୟମ ସ୍ଥିର କର । ସମସ୍ତେ ସହମତି ହେଉଥିବା ନିୟମରେ ପହଞ୍ଚିବା ପାଇଁ ତୁମେ କେଉଁ ଅସୁବିଧାର ସମ୍ମୁଖୀନ ହେଉଛ ?

ଆମ ସମ୍ବିଧାନ ମଧ୍ୟ ଦେଶ ଚଳାଇବା ନିମନ୍ତେ ସେହି ନିୟମ ପୁସ୍ତିକା ପରି ଅଟେ ।




## ମନେରଖ

ଯେପରି ତୁମ ପାଠ୍ୟ ପୁସ୍ତକରେ ଅନେକ ବିଭାଗ ଓ ଆଧ୍ୟାୟ ରହିଛି । ସେହିପରି ଭାରତର ସମ୍ବିଧାନ ପୁସ୍ତିକାରେ ମଧ୍ୟ ୨୫ଟି ବିଭାଗ ଓ ୧୨ଟି ଅନୁସୂଚୀ ରହିଅଛି । ପ୍ରତ୍ୟେକ ବିଭାଗର ଉପବିଭାଗ ମଧ୍ୟ ରହିଛି । ଏହା ପୃଥିବୀର ସର୍ବବୃହତ୍ ଲିଖିତ ସମ୍ବିଧାନ ଅଟେ । ପ୍ରାଥମିକ ଭାବରେ କାର୍ଯ୍ୟକାରୀ ହେଲା ବେଳକୁ ଏଥିରେ ୨୨ଟି ବିଭାଗ ଓ ୮ଟି ଅନୁସୂଚୀ ଥିଲା । ଏହି ସଂଖ୍ୟା ତୁମେମାନେ ମନେ ରଖିବା ନିହାତି ଜରୁରୀ ନୁହେଁ କିନ୍ତୁ ତୁମେମାନେ ଅନୁମାନ କରିପାରୁଛ କି ୧୯୫୦ ମସିହା ପରଠାରୁ ଏହା କାହିଁକି ବୃଦ୍ଧି ପାଇଲା ?

ସମ୍ବିଧାନର ମୌଳିକ ନିୟମ ଏବଂ ନୀତିଗୁଡ଼ିକ ସ୍ଥିର କରେ ସରକାର କି ପ୍ରକାରର ହେବ ଏହାର ଗଠନ ପ୍ରକ୍ରିୟା କିପରି ହେବ ଏବଂ ଏହା କିପରି କାର୍ଯ୍ୟ କରିବ । ଏଥିରେ ଅନେକ ନୀତି ଅନ୍ତର୍ଭୁକ୍ତ, ଯାହା ଆମେ ପୂର୍ବ ଅଧ୍ୟାୟରେ ଦେଖିଥିଲୁ, ଯେପରିକି ବିଧାନସଭା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା କିପରି ଗଠିତ ହୁଅନ୍ତି ଏବଂ ସେମାନେ କିପରି କାର୍ଯ୍ୟ କରନ୍ତି । ଉଦାହରଣ ସ୍ୱରୂପ : ଏକ ସମ୍ବିଧାନ ଉଲ୍ଲେଖ କରେ ଆଇନ କିପରି ପ୍ରଣୟନ ଓ କାର୍ଯ୍ୟକାରୀ କରାଯିବ, କିଏ କାର୍ଯ୍ୟ ପାଳିକାଙ୍କୁ ନିର୍ବାଚିତ କରୁଛି ଏବଂ ନ୍ୟାୟପାଳିକା କିପରି ଗଠିତ ହୁଏ ଏବଂ ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସବୁ କ'ଣ ଅଟେ । ଭାରତୀୟ ସମ୍ବିଧାନ ସହିତ ଅନେକ ଦେଶର ସମ୍ବିଧାନ ସେମାନେ କେଉଁ ମୂଲ୍ୟବୋଧ ଓ ଆଦର୍ଶ ପ୍ରତି ପ୍ରତିବଦ୍ଧ ହେବେ ତାହା ମଧ୍ୟ ବର୍ଣ୍ଣନା କରେ । ଉଦାହରଣ ସ୍ୱରୂପ–

ସମସ୍ତଙ୍କ ପାଇଁ ସମାନତା, ନ୍ୟାୟ, ଭ୍ରାତୃତ୍ୱ, ବହୁବିଧତା ଏବଂ ସ୍ୱାଧୀନତା। ପ୍ରକୃତରେ ଏହି ମୂଲ୍ୟବୋଧ ଓ ଆଦର୍ଶଗୁଡ଼ିକ ସାଧାରଣତଃ ଏକ ସମ୍ବିଧାନରେ ସ୍ଥାନ ପାଇଥାଏ, ଯାହା ଭିତ୍ତିରେ ନୀତି ଓ ନିୟମ ତିଆରି ହୁଏ।

ଅଧିକାଂଶ ସମ୍ବିଧାନରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ:




## ଭାରତର ସମ୍ବିଧାନ ଲିଖନ

> "ମୁଁ ଆପଣମାନଙ୍କର କାର୍ଯ୍ୟର ସଫଳତା କାମନା କରୁଛି ଏବଂ ଦିବ୍ୟ ଆଶୀର୍ବାଦ ଭିକ୍ଷା କରୁଛି ଯାହାଦ୍ୱାରା ଆପଣମାନଙ୍କର ଲିଖିତ ଅଭିବ୍ୟକ୍ତି କେବଳ ସୁବିବେକ, ସାଧାରଣ ଆତ୍ମା ଏବଂ ପ୍ରକୃତ ଦେଶ ପ୍ରେମଦ୍ୱାରା ନୁହେଁ, ବରଂ ଜ୍ଞାନ, ସହିଷ୍ଣୁତା, ନ୍ୟାୟ ଏବଂ ସମସ୍ତଙ୍କ ପ୍ରତି ସମାନତା ଦ୍ୱାରା ମଧ୍ୟ ଚିହ୍ନିତ ହେଉ ଏବଂ ସର୍ବୋପରି ଭାରତକୁ ଏହାର ପୂର୍ବ ଗୌରବକୁ ଫେରାଇ ଆଣିବା ଏବଂ ବିଶ୍ୱର ମହାନ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ମାନ ଓ ସମାନତାର ସ୍ଥାନ ଦେବାର ଦୂରଦର୍ଶୀତା ରହୁ।
>
> ଡଃ ସଚ୍ଚିଦାନନ୍ଦ ସିହ୍ନା, ସମ୍ବିଧାନ ସଭାର ସଭାପତି (ପ୍ରାରମ୍ଭିକ ଅବସ୍ଥାରେ)

ଯେତେବେଳେ ଭାରତ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇଁ ସଂଗ୍ରାମ କରୁଥିଲା, ସେତେବେଳେ ଆମେ କିପରି ନିଜକୁ ଶାସନ କରିବୁ ସେ ବିଷୟରେ ଯୋଜନା ଆରମ୍ଭ କରିବା ଆବଶ୍ୟକ ଥିଲା। ଭାରତ ଭଳି ଏକ ବୃହତ ଦେଶରେ, ସାଂସ୍କୃତିକ ଭାବରେ ବିବିଧତାପୂର୍ଣ୍ଣ ଏବଂ ଅନେକ ଜଟିଳ ବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେବାକୁ ଥିଲା ଯଥା–ଆମର କେଉଁ ପ୍ରକାରର ସରକାର ରହିବା ଉଚିତ ? କେଉଁ ନୀତି ଓ ନିୟମ ଆମକୁ ଦିଗଦର୍ଶନ ଦେବା ଆବଶ୍ୟକ ? କାହାର ଭୋଟ ଦେବାର ଅଧିକାର ରହିବା ଉଚିତ ? ବିବାଦର ସମାଧାନ କିପରି କରିବା ଉଚିତ ?

**ସମ୍ବିଧାନ ପ୍ରଣୟନ ସଭାରେ ଓଡ଼ିଶାରୁ ପ୍ରତିନିଧିତ୍ୱ :** ୧୩ ଜଣ ପୁରୁଷ ପ୍ରତିନିଧି ଏବଂ ଜଣେ ମହିଳା (ମାଳତୀ ଚୌଧୁରୀ, ପରେ ସେ ଇସ୍ତଫା ଦେଇଥିଲେ) ।

ଏପରି ଅନେକ ପ୍ରଶ୍ନର ଉତ୍ତର ଦେବାକୁ ୧୯୪୬ ମସିହାରେ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା । ଆରମ୍ଭରେ ଏଥିରେ ୩୮୯ ଜଣ ସଦସ୍ୟ ଥିଲେ, (କିନ୍ତୁ ଭାରତ ବିଭାଜନ ପରେ ତାହା ୨୯୯କୁ ହ୍ରାସ ପାଇଥିଲା) ଯେଉଁଥିରେ କି ୧୫ ଜଣ ମହିଳା ଥିଲେ । ଏହି ସଭାର ସଦସ୍ୟମାନେ ଭାରତର ବିଭିନ୍ନ ଅଞ୍ଚଳ, ବୃତ୍ତି ଏବଂ ସାମାଜିକ ଗୋଷ୍ଠୀର ପ୍ରତିନିଧିତ୍ୱ କରିଥିଲେ ।

## ଆମ ସମ୍ବିଧାନ କିପରି ବିକାଶ ଲାଭ କରିଥିଲା ?

ଭାରତୀୟ ସମ୍ବିଧାନକୁ ପ୍ରାୟ ତିନିବର୍ଷ ମଧ୍ୟରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଲିଖିତ ଓ ବିକଶିତ କରାଯାଇଥିଲା । ଏହା ୧୯୪୬ ମସିହା ଡିସେମ୍ବର ୯ ତାରିଖ ଦିନ ଗଠନ କରାଯାଇଥିଲା । ଏହାର ସଭ୍ୟମାନେ ପ୍ରତି ପ୍ରଦେଶରେ ବିଧାନ ସଭା ମାଧ୍ୟମରେ ନିର୍ବାଚିତ ହୋଇଥିଲେ । (ଯାହାର ସସସ୍ୟମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ) ଡଃ ରାଜେନ୍ଦ୍ର ପ୍ରସାଦ ଉକ୍ତ ସମ୍ବିଧାନ ସଭାର ଅଧ୍ୟକ୍ଷ ଥିଲେ । ଏହି କାର୍ଯ୍ୟ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ସମାପ୍ତି ହୋଇଥିଲା ଏବଂ ଫଳସ୍ୱରୂପ ଉକ୍ତ ଦଲିଲକୁ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ଭାରତର ନିଜସ୍ୱ ସମ୍ବିଧାନ ଭାବରେ କାର୍ଯ୍ୟକାରୀ କରାଯାଇଥିଲା । ସେଥିପାଇଁ ଆମେ ଉକ୍ତ ଦିନକୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ରୂପେ ପାଳନ କରିଥାଉ ।

ସମ୍ବିଧାନର ପ୍ରାରମ୍ଭିକ ପାଠ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଏକ ଚିଠା ସମିତି ଦ୍ୱାରା ପ୍ରସ୍ତୁତ କରାଯାଇଥିଲା, ଯିଏ କି ଜଣେ ଉଚ୍ଚକୋଟୀର ସମାଜ ସଂସ୍କାରକ ଏବଂ ସ୍ୱାଧୀନ ଭାରତରେ ପ୍ରଥମ ଆଇନ ଓ ନ୍ୟାୟ ମନ୍ତ୍ରୀ ଥିଲେ ।



ଚିତ୍ର ୧୦.୩ ଡଃ. ବି.ଆର୍. ଆମ୍ବେଦକର (ବସିଥିବା, ମଧ୍ୟଭାଗ ) ଚିଠା ସମିତିର ଅନ୍ୟ କେତେକ ସଦସ୍ୟଙ୍କ ସହିତ

## ଆସ ଅନୁସନ୍ଧାନ କରିବା

ଛୋଟ ଛୋଟ ଦଳରେ ବିଭକ୍ତ ହୋଇ, ତୁମ ଅଞ୍ଚଳରେ ଥିବା ଲୋକମାନଙ୍କର ନାମ ଅନୁସନ୍ଧାନ କର । ଯେଉଁମାନେ କି ସମ୍ବିଧାନ ନିର୍ମାଣ କରିବାରେ ସାହାଯ୍ୟ କରିଥାଇପାରନ୍ତି । ଏହି କାର୍ଯ୍ୟକୁ ସଂଗ୍ରହ କରିବା ପାଇଁ, ତୁମେ କେଉଁ କେଉଁ ପଦ୍ଧତି ଅବଲମ୍ବନ କରିପାରିବ ? (ପଦ୍ଧତି – ତୁମ ବିଦ୍ୟାଳୟ କିମ୍ବା ସ୍ଥାନୀୟ ପାଠାଗାରର ପୁସ୍ତକ ଗୁଡ଼ିକୁ ଅନୁସନ୍ଧାନ କର । ତୁମେ ତୁମ ଶିକ୍ଷକ, ପିତାମାତା ଏବଂ ପାଖ ପଡ଼ିଶାରେ ଥିବା ଅନ୍ୟ ବୟୋଜ୍ୟେଷ୍ଠ ଲୋକଙ୍କୁ ମଧ୍ୟ ପଚାରିପାର । (ଇଣ୍ଟରନେଟ୍ ସାହାଯ୍ୟରେ ସମ୍ବିଧାନର ସଭା ବିଷୟରେ ଅନୁସନ୍ଧାନ କର ।)

## ଭାରତୀୟ ସମ୍ବିଧାନକୁ ପ୍ରଭାବିତ କରିଥିବା ଆଧାର

ଯଦିଓ ସମ୍ବିଧାନକୁ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ବିକଶିତ କରାଯାଇଥିଲା ତଥାପି ଏହା ଅନେକ ବିଷୟ ଦ୍ୱାରା ପ୍ରଭାବିତ ହୋଇଥିଲା । ଏଥିରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅଭିଜ୍ଞତା, ଚିନ୍ତାଧାରା ଏବଂ ଆଦର୍ଶର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଥିଲା । ଏଥି ସହିତ ଭାରତର ସଭ୍ୟତା, ଐତିହ୍ୟ ଏବଂ ସଂସ୍କୃତି ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଅନ୍ୟ ଦେଶର ସମ୍ବିଧାନରୁ ଉପଯୋଗୀ ଶିକ୍ଷଣ ବିନ୍ଦୁକୁ ମଧ୍ୟ ବିଚାରକୁ ନିଆଯାଇଥିଲା ।

### ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନେକ ମୁଖ୍ୟ ଆଦର୍ଶ ଏବଂ ମୂଲ୍ୟବୋଧ ସମ୍ବିଧାନରେ ସ୍ଥାନୀତ ହୋଇଅଛି । ସ୍ୱାଧୀନ ଭାରତ ଶାସନ ପାଇଁ ସମ୍ବିଧାନ ଜରୁରୀ ଥିଲା । ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ନେତା ସମ୍ବିଧାନ ସଭାର ସଦସ୍ୟ ଥିଲେ ଏବଂ ସେଥିପାଇଁ ସ୍ୱାଧୀନତା ସଂଗ୍ରାମରୁ ସେମାନଙ୍କ ଅଭିଜ୍ଞତା ଏବଂ ଚିନ୍ତାଧାରାକୁ ସମ୍ବିଧାନକୁ ନେଇଥିଲେ । ଏହି ମୂଲ୍ୟବୋଧ ଓ ଆଦର୍ଶଗୁଡ଼ିକ ମଧ୍ୟରୁ କେତେକ ହେଉଛି ସମସ୍ତଙ୍କ ପାଇଁ ସମାନତା, ସମସ୍ତଙ୍କ ପାଇଁ ନ୍ୟାୟ, ସ୍ୱାଧୀନତା, ଭ୍ରାତୃଭାବ, ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ସମ୍ବିଧାନକୁ ଏହି ମୂଲ୍ୟବୋଧ ଏବଂ ଆଦର୍ଶ ହାସଲ କରିବାର ମାଧ୍ୟମ ଭାବରେ ବ୍ୟବହାର କରିବାର ଚିନ୍ତାଧାରା ଅଟେ ।

କିପରି ଏବଂ କ'ଣ ଆଦି ପ୍ରଶ୍ନଗୁଡ଼ିକର ଅନେକ ଉତ୍ତର ମଧ୍ୟ ସ୍ୱାଧୀନତା ସଂଗ୍ରାମର ସେହି ମହାନ ଅଭିଜ୍ଞତା ଓ ଶିକ୍ଷଣରୁ ଆସିଅଛି ।



ଚିତ୍ର ୧୦.୪୧ ସମ୍ବିଧାନ ପ୍ରଣୟନ ଓ ସଭାର କାର୍ଯ୍ୟ




ଚିତ୍ର : ୧୦.୪.୨ ଏବଂ ଚିତ୍ର : ୧୦.୪.୩ : ଭାରତୀୟ ସମ୍ବିଧାନର ପ୍ରଣୟନ ସଭାର କାର୍ଯ୍ୟ

- ଆମେ କିପରି ନିଶ୍ଚିତ ରହିବା ଯେ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବାର ଅଧିକାର ରହିଛି ?
- ଆମେ କିପରି ନିଶ୍ଚିତ କରିବା ଯେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକାର କ୍ଷମତାକୁ ପୃଥକ ରଖାଯାଇଛି ?
- ଆମେ କିପରି ନିଶ୍ଚିତ କରିବା ଯେ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର ସମ୍ମାନିତ ହେଉଛି ?
- ଯଦି ଆମେ ସମ୍ବିଧାନ ସଂଶୋଧନ କରିବାକୁ ଚାହୁଁଛୁ ତେବେ ପ୍ରକ୍ରିୟା କ'ଣ ହେବା ଉଚିତ ?
- କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମ୍ପର୍କ କ'ଣ ହେବା ଉଚିତ ? ଇତ୍ୟାଦି ।

ଏହି ସମସ୍ତ ବିଷୟ କିପରି ସମ୍ବିଧାନରେ ସ୍ଥାନିତ ହୋଇଛି, ତା'ର କିଛି ଝଲକ ଆମେ ଏହି ଅଧ୍ୟାୟରେ ଜାଣିବା ।

## ଭାରତ ସଭ୍ୟତାର ଐତିହ୍ୟ ଓ ଇତିହାସ



### ଆସ ମନେ ରଖିବା

ଷଷ୍ଠ ଶ୍ରେଣୀରେ "ବିଭିନ୍ନତା ମଧ୍ୟରେ ଏକତା" କିମ୍ବା "ଅନେକରେ ଏକ" ଅଧ୍ୟାୟରେ ଆମେ ଅଧ୍ୟୟନ କରିଥିଲେ ଯେ ବିବିଧତାକୁ ଆପଣେଇଥିବା କେଉଁ ଅନ୍ତର୍ନିହିତ ଏକତା ଭାବ ଭାରତକୁ ଏକ ଦେଶ ରୂପେ ଗଢ଼ି ଅଛି ।

ଭାରତ ଏକ ଦେଶ ହେବାର ଏହି ଧାରଣା ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଛି । କେତେକ ମୌଳିକ ନୀତି ଆମ ସଂସ୍କୃତିରେ ଅନ୍ତର୍ଭୁକ୍ତ ହୋଇଛି– ଲୋକମାନଙ୍କ ଯେ ଭିନ୍ନ ଦୃଷ୍ଟିକୋଣ ରହିପାରେ ଏହି ବିଚାରର ଗ୍ରହଣୀୟତା, ପବିତ୍ର ପ୍ରକୃତି, ଶିକ୍ଷା ଓ ଜ୍ଞାନର ସ୍ପୃହା ମହିଳାମାନଙ୍କ ପ୍ରତି ସମ୍ମାନ, ବସୁଧୈବ କୁଟୁମ୍ବକମ୍‌ର ଆଦର୍ଶ (ବିଶ୍ୱ ଏକ ପରିବାର) ଏବଂ ସର୍ବେ ଭବନ୍ତୁ ସୁଖିନର ଧାରଣା ।

ସୁଖୀନଃ (ଯାହା ଏକ ସଂସ୍କୃତ ଶବ୍ଦ ସମସ୍ତ ପ୍ରାଣୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଉଦ୍‌ଘୋଷିତ), ଆମ ସମ୍ବିଧାନରେ ଏହି ସମସ୍ତ ସମୃଦ୍ଧ ନୀତି ସ୍ଥାନ ପାଇଛି । ଯଦିଓ ଏହା ସ୍ଥଳ ବିଶେଷରେ ଭିନ୍ନ ଭାବେ ପରିଭାଷିତ ହୋଇଛି ।

### ଆସ ମନେ ରଖିବା

ପୂର୍ବରୁ ଭାରତରେ ପ୍ରଚଳିତ ବିଭିନ୍ନ ପ୍ରକାରର ଶାସନ ବିଷୟରେ ଆମେ ଜାଣିଲେ । ଯଥା– ଜନପଦ, ସଂଘ, ଶାସକ ଓ ସେମାନଙ୍କର ପରିଷଦ, କୌଟିଲ୍ୟଙ୍କ ଶପ୍ତାଙ୍ଗର ଧାରଣା, ରାଜଧର୍ମ ଇତ୍ୟାଦି । ସର୍ବୋପରି ଶାସନ ବ୍ୟବସ୍ଥାରେ ଲୋକମାନଙ୍କର କର୍ତ୍ତବ୍ୟ ଓ ଭୂମିକା ଉପରେ ମଧ୍ୟ ବହୁତ ଗୁରୁତ୍ୱ ଦିଆଯାଇଛି ।

ଆମ ସମ୍ବିଧାନର ନିର୍ମାତାମାନେ ଆମ ସଂସ୍କୃତିକ ଐତିହ୍ୟର ଏହି ଧାରଣାଗୁଡ଼ିକୁ ସ୍ୱାଭାବିକ ଭାବେ ସମ୍ବିଧାନରେ ସ୍ଥାନିତ କରିଛନ୍ତି । ଉଦାହରଣସ୍ୱରୂପ 'ମୌଳିକ କର୍ତ୍ତବ୍ୟ' ଏହା ଏକ ଅଂଶ ।

## ବିଶ୍ୱରୁ ଶିକ୍ଷା

ଭାରତର ପାରମ୍ପରିକ ଦର୍ଶନ "ବିଭିନ୍ନ ଦିଗରୁ ସମସ୍ତ ମହତ୍ ଚିନ୍ତାଧାରା ମୋ ମଧ୍ୟକୁ ପ୍ରବେଶ କରୁ" ଅନୁସରଣ କରିବା ସହିତ ଆଧୁନିକ ଭାରତର ସମ୍ବିଧାନ ନିର୍ମାତାମାନେ ଫ୍ରାନ୍ସ, ଆମେରିକା, ବ୍ରିଟେନ, ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ ସହିତ ପୃଥିବୀର ଅନ୍ୟ ଦେଶର ଗଣତାନ୍ତ୍ରିକ ପ୍ରଣାଳୀକୁ ଅଧ୍ୟୟନ କରିଥିଲେ ଏବଂ ଯାହା ଆମ ଦେଶ ପାଇଁ ଉପଯୋଗୀ ତାହା ସମ୍ବିଧାନରେ ସ୍ଥାନିତ କରିଥିଲେ । ଯେପରି 'ସ୍ୱତନ୍ତ୍ରତା', 'ସମାନତା', 'ଭ୍ରାତୃତ୍ୱର' ଆଦର୍ଶ ଫ୍ରାନ୍ସର ସମ୍ବିଧାନରୁ ଅଣାଯାଇଛି (ଯାହା ୧୭୮୯ ମସିହାରୁ ଫରାସୀ ରାଷ୍ଟ୍ର ବିପ୍ଳବରୁ ଜାତ)' 'ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି' ଆଇରିସ୍ ସମ୍ବିଧାନରୁ ଏବଂ ସ୍ୱତନ୍ତ୍ର ଓ ସ୍ୱାଧୀନ ନ୍ୟାୟ ବ୍ୟବସ୍ଥା ଯାହା ଆମେରିକା ସମ୍ବିଧାନ ଦ୍ୱାରା ପ୍ରଭାବିତ ।




ଚିତ୍ର : ୧୦.୫

ମଣିଷ ଏବଂ ନାଗରିକର ଅଧିକାରର ଘୋଷଣା, ଯାହା ସମସ୍ତଙ୍କ ପାଇଁ ସମାନତା, ସ୍ୱାଧୀନତା ଓ ନ୍ୟାୟ ଉପରେ ଗୁରୁତ୍ୱ ଦେଇଥିଲେ । ତାହା ୧୭୮୯ର ଫରାସୀ 'ରାଷ୍ଟ୍ର ବିପ୍ଳବରେ' ପ୍ରସ୍ତୁତ କରାଯାଇଥିଲା । ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏହାକୁ ଆପଣାଇଛନ୍ତି ଏବଂ ସେହି ଆଦର୍ଶଗୁଡ଼ିକୁ ଆପଣାଇଛନ୍ତି ।

# ଭାରତର ସମ୍ବିଧାନରେ ବର୍ଣ୍ଣିତ କିଛି ବିଷୟ ବସ୍ତୁ




ଚିତ୍ର : ୧୦.୬ – ଏକ ପ୍ରାଚୀନ ଗୁରୁକୁଳର ଦୃଶ୍ୟ




ଚିତ୍ର : ୧୦.୭ – ରାମାୟଣର ଏକ ଦୃଶ୍ୟ, ରାମଚନ୍ଦ୍ରଙ୍କର ଲଙ୍କା ବିଜୟ ଏବଂ ସୀତାଙ୍କୁ ଉଦ୍ଧାର




ଚିତ୍ର : ୧୦.୮ – ମହାଭାରତର ଏକ ଦୃଶ୍ୟ, କୃଷ୍ଣ, ଅର୍ଜ୍ଜୁନଙ୍କୁ ଗୀତା ଉପଦେଶ ଦେଉଛନ୍ତି ।




ଚିତ୍ର : ୧୦.୯ – ଓଡ଼ିଶାର ମୂର୍ତ୍ତି କଳାର ଏକ ଦୃଶ୍ୟ




ଚିତ୍ର : ୧୦.୧୦ – ନଟରାଜଙ୍କ ଏକ ପ୍ରତିଛବି ।




ଚିତ୍ର : ୧୦.୧୧ – ମହାବଳୀପୁରମର ବାସ – ରିଲିଫରୁ ଦୃଶ୍ୟ, ଭଗୀରଥଙ୍କ ତପସ୍ୟା ଏବଂ ଗଙ୍ଗାଙ୍କ ଅବତଣ ।




ଚିତ୍ର : ୧୦.୧୨ – ଆକବରଙ୍କ ସହିତ ମୋଗଲ ସ୍ଥାପତ୍ୟର ଏକ ଦୃଶ୍ୟ



ଚିତ୍ର : ୧୦.୧୩ – ଭାରତର ପ୍ରାଚୀନ ବିଶ୍ୱ ବିଦ୍ୟାଳୟମାନଙ୍କ ମଧ୍ୟରୁ ନାଳନ୍ଦାକୁ ଚିତ୍ରଣ କରୁଥିବା ଏକ ଦୃଶ୍ୟ

## ଭାରତୀୟ ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ

ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଜାଣିବା ପୂର୍ବରୁ, ଆସନ୍ତୁ ଆମେ ଷଷ୍ଠ ଶ୍ରେଣୀରେ ପଢ଼ିଥିବା କିଛି ଧାରାକୁ ମନେପକାଇବା ।



### ଆସ ମନେରଖିବା

→ ସରକାରଙ୍କର ତିନୋଟି ଅଙ୍ଗ ଅଛି, ସେଗୁଡ଼ିକ ହେଉଛି– ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା । ଏଗୁଡ଼ିକର ଯଥାର୍ଥ କାର୍ଯ୍ୟକାରୀତା ନିମନ୍ତେ କ୍ଷମତାର ପୃଥିକୀକରଣ ଅପରିହାର୍ଯ୍ୟ ଅଟେ ।

→ ବ୍ୟବସ୍ଥାପିକା ସଭା ଆଇନ ପ୍ରଣୟନ କରେ ।

→ କାର୍ଯ୍ୟପାଳିକା ଦ୍ୱାରା ଆଇନ କାର୍ଯ୍ୟକାରୀ ହୁଏ, ପ୍ରଧାନମନ୍ତ୍ରୀ ତା'ର ନେତୃତ୍ୱ ନିଅନ୍ତି ।

→ ନ୍ୟାୟପାଳିକା ସମ୍ବିଧାନର ରକ୍ଷା କବଚ, ପ୍ରଣୀତ ଆଇନ ସମ୍ବିଧାନ ଅନୁରୂପ ଅଛି କି ନାହିଁ, କୌଣସିଠାରେ ଆଇନ ଭଙ୍ଗ ହୋଇଛି କି ଏବଂ କି ପ୍ରକାର ଦଣ୍ଡର ଆବଶ୍ୟକ ତାହା ନ୍ୟାୟପାଳିକାର କାର୍ଯ୍ୟ ।

→ ଭାରତରେ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ପ୍ରଚଳିତ କେନ୍ଦ୍ରୀୟ ଶାସନ, ରାଜ୍ୟ ଶାସନ ଓ ସ୍ଥାନୀୟ ଶାସନ (ପଞ୍ଚାୟତିରାଜ ବ୍ୟବସ୍ଥା)

→ କିଛି କ୍ଷମତା ଓ କାର୍ଯ୍ୟ କେନ୍ଦ୍ରସରକାରଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଥିବା ବେଳେ ଅନ୍ୟ କେତେକ କ୍ଷମତା କାର୍ଯ୍ୟ ରାଜ୍ୟ ସରକାରଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି ।

ସମ୍ବିଧାନ ବିସ୍ତୃତ ଭାବରେ ଏହି ପ୍ରସଙ୍ଗଗୁଡ଼ିକୁ ବର୍ଣ୍ଣନା କରେ । ଏହା ସରକାରଙ୍କର ବିଭିନ୍ନ ଅଙ୍ଗର ଭୂମିକା କାର୍ଯ୍ୟ, ଦାୟିତ୍ୱ ଏବଂ ଉତ୍ତର ଦାୟତ୍ୱର ଆଦି ମାପଦଣ୍ଡକୁ ବ୍ୟାଖ୍ୟା କରେ ।

ଏକ ନିର୍ବାଚନ ବ୍ୟବସ୍ଥା ପ୍ରଣୀତ ହୋଇଛି ଯାହା ନିର୍ବାଚନ ମାଧ୍ୟମରେ ପ୍ରତ୍ୟେକ ନାଗରିକର ଭୋଟ ଦେବା ଅଧିକାର ସୁନିଶ୍ଚିତ କରେ ।

ସମ୍ବିଧାନର ଅନ୍ୟ ମୁଖ୍ୟ ଦିଗଗୁଡ଼ିକ ହେଉଛି ମୌଳିକ କର୍ତ୍ତବ୍ୟ, ମୌଳିକ ଅଧିକାର ଓ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି (ରାଷ୍ଟ୍ରନୀତି)

ଚିତ୍ର ୧୦.୧୪ ଆମକୁ କେତେକ ମୌଳିକ କର୍ତ୍ତବ୍ୟ ଏବଂ ଅଧିକାରର ଉଦାହରଣ ପ୍ରଦାନ କରୁଛି । (ଯାହା SCERT ର ସମସ୍ତ ପାଠ୍ୟ ପୁସ୍ତକ ଆରମ୍ଭରେ ପୂର୍ଣ୍ଣ ଭାବରେ ତାଲିକାଭୁକ୍ତ ହେଉଛି) ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି, (ଯାହା ସାଧାରଣ ଭାବେ ଡି.ପି.ଏସ୍.ପି. କୁହାଯାଏ) ଭାରତ ପାଇଁ ସମ୍ବିଧାନର ପ୍ରଣେତାମାନଙ୍କର ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣର ସାରାଂଶକୁ ପ୍ରତିନିଧିତ୍ୱ କରେ । ସୂଚିତ ଛବିରେ ଆମେ ଉପସ୍ଥାପନା କରିଥିବା ଉଦାହରଣ ଗୁଡ଼ିକୁ ସେମାନେ ପାଳନ କରିବାକୁ ଚାହୁଁଥିବା ନୀତିଗୁଡ଼ିକୁ ଦର୍ଶାଏ ।



## ମନେରଖ

ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି (ରାଷ୍ଟ୍ରନୀତି) ହେଉଛି ସରକାରଙ୍କର ଲକ୍ଷ୍ୟ ଯାହା ସେ ହାସଲ୍ କରିବା ପାଇଁ ଚେଷ୍ଟା କରିବା ଉଚିତ। ତାହା ସମସ୍ତ ଦେଶବାସୀଙ୍କର ନିଶ୍ଚିତ ଉନ୍ନତି ପ୍ରତିଫଳିତ କରେ। ଉଦାହରଣ ସ୍ୱରୂପ ଦେଶର ପ୍ରତ୍ୟେକ ଜନସାଧାରଣଙ୍କ ଜୀବନ ଧାରଣର ମାନ ନିଶ୍ଚିତ ଭଲ ହେବା ଆବଶ୍ୟକ କିନ୍ତୁ ଯଦି ସରକାର ଏଥିନିମନ୍ତେ ପ୍ରୟାସ ନ କରନ୍ତି ତେବେ ଜନସାଧାରଣ ତାଙ୍କ ନ୍ୟାୟ ପାଇଁ ସରକାରଙ୍କ ବିରୁଦ୍ଧରେ ବିଚାରାଳୟକୁ ଯାଇ ପାରିବେ ନାହିଁ। ଅପର ପକ୍ଷରେ ମୌଳିକ ଅଧିକାର ଗୁଡ଼ିକ ବାଧ୍ୟତା ମୂଳକ ଅଟେ। ଯଦି କେହି ତୁମ ସହିତ ଅଶାଳୀନ ବ୍ୟବହାର କରେ ତେବେ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ ବିଚାରପତି ତୁମକୁ ସହାୟତ କରିବେ।

ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନ ଲିପିବଦ୍ଧ କରିଛନ୍ତି। ସେମାନେ ଚାହୁଁଥିଲେ କେତେକ ଅଧିକାର ଯାହା ଅନିବାର୍ଯ୍ୟ ତାହା ତତ୍‌କ୍ଷଣାତ୍ ମିଳୁ (ମୌଳିକ ଅଧିକାର) ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ (ଡି.ପି.ଏସ୍.ପି.) ତାହା ସମୟ ସାପେକ୍ଷ ଏବଂ ଦେଶର ପ୍ରଗତି ସହିତ ତାହା ମଧ୍ୟ କାର୍ଯ୍ୟକାରୀ ହେଉ।

## ଆସ ଅନୁସନ୍ଧାନ କରିବା



ନିମ୍ନରେ ଦିଆଯାଇଥିବା ଉଦ୍ଧୃତିଟି ପଢ଼, ସମ୍ବିଧାନର କେଉଁ ଧାରା ବିଷୟରେ ସେ କହୁଥିଲେ ବୋଲି ତୁମେ ଭାବୁଛ ? ସେ କାହିଁକି କହିଥିଲେ ଯେ, ମହିଳାମାନଙ୍କର ସମାନତା ଭାରତରେ କୌଣସି ନୂଆ ଧାରଣା ନୁହେଁ ? ଶ୍ରେଣୀ ଗୃହରେ ଆଲୋଚନା କର।

"ଭାରତର ମହିଳାମାନେ ଜୀବନ ଓ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ପୁରୁଷମାନଙ୍କ ସହିତ ସମ୍ପୂର୍ଣ୍ଣ ସମାନତାର ନିଜର ଯଥାର୍ଥ ଐତିହ୍ୟର ପାଦ ଦେଇ ଖୁସି ଅଛନ୍ତି। ଏହା ଏକ ନୂଆ ଆରଣା ନୁହେଁ, ଯାହା ସମ୍ବିଧାନ ଉଦ୍ଦେଶ୍ୟ ପାଇଁ ପ୍ରସ୍ତୁତ କରାଯାଇଛି ବରଂ ଏହା ଏକ ଆଦର୍ଶ ଯାହା ଭାରତରେ ଦୀର୍ଘ ଦିନ ଧରି ଚାଲି ଆସିଛି। ଯଦିଓ କିଛିଦିନ ପାଇଁ ସାମାଜିକ ଅବସ୍ଥା ନିମନ୍ତେ ଏହା ବନ୍ଦଥିଲା। ଏହି ସମ୍ବିଧାନ ସେହି ଆଦର୍ଶକୁ ସୁନିଶ୍ଚିତ କରେ ଯାହା ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଅଧିକାର ନିମନ୍ତେ ଆଇନ ପ୍ରଣୟନ ବ୍ୟବସ୍ଥା ରଖେ।

ବେଗମ୍ ଏଜାଜ ରସୁଲ, ୨୨ ନଭେମ୍ବର ୧୯୪୯
ସମ୍ବିଧାନ ପ୍ରଣୟନ ସଭାର ବିତର୍କ ସମୟରେ।

## ମୌଳିକ ଅଧିକାର

- ସମାନତା ଅଧିକାର (ଧାରା ୧୪ ଆଇନ ଆଗରେ ସମାନତା)
- ସ୍ୱାଧୀନତା ଅଧିକାର (ଧାରା ୨୧, ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା)
- ଶୋଷଣ ବିରୋଧରେ ଅଧିକାର
- ଧାରା ୨୧ (କ) ଶିକ୍ଷାଗତ ଅଧିକାର

## ରାଷ୍ଟ୍ର ନିର୍ଦ୍ଦେଶାତ୍ମକ ନୀତି

- ଧାରା ୪୧ : ଜନମଙ୍ଗଳ ସରକାର
- ଧାରା ୪୪ : ସମାନ ନାଗରିକ ସଂହିତା
- ଧାରା ୩୮ : ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ
- ଧାରା ୪୯ : ଜାତୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ସ୍ମାରକୀ ଓ ବସ୍ତୁଗୁଡ଼ିକର ସୁରକ୍ଷା
- ଧାରା ୪୭ : ପୁଷ୍ଟି, ଜୀବନ ଧାରଣମାନ ଏବଂ ସ୍ୱାସ୍ଥ୍ୟ ସେବା

## ମୌଳିକ କର୍ତ୍ତବ୍ୟ

କ. ସମ୍ବିଧାନକୁ ମାନିବା ଏବଂ ଏହାର ଆଦର୍ଶ ଏବଂ ଅନୁଷ୍ଠାନ, ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ କରିବା।

ଖ. ଦେଶକୁ ରକ୍ଷା କରିବା ଏବଂ ବିପଦ ସମୟରେ ଯେତେବେଳେ ଆବଶ୍ୟକ ଜାତୀୟ ସେବା ପ୍ରଦାନ କରିବା

ଗ. ଆମ ବିବିଧତା ପୂର୍ଣ୍ଣ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେବା ଓ ସଂରକ୍ଷଣ କରିବା।

ଘ. ଜଙ୍ଗଲ, ନଦୀ, ହ୍ରଦ, ବନ୍ୟଜନ୍ତୁଙ୍କ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ଉନ୍ନତି ସହିତ ଜୀବେଦୟା ଭାବ ପ୍ରଦର୍ଶନ କରିବା।

ଙ. ବ୍ୟକ୍ତିଗତ କିମ୍ବା ସାମୂହିକ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଆଣିବାକୁ ଚେଷ୍ଟା କରିବା ଯାହା ଦ୍ୱାରା ରାଷ୍ଟ୍ର କ୍ରମାଗତ ଭାବରେ ଉଚ୍ଚ ସଫଳତା ଲାଭ କରିବ।

ଚ. ପିତାମାତା କିମ୍ବା ଅଭିଭାବକ ଛଅରୁ ଚଉଦ ବର୍ଷ ବୟସର ତାଙ୍କ ଶିଶୁ (ପୁଅ ବା ଝିଅ)ମାନଙ୍କୁ ଶିକ୍ଷା ଲାଭ କରିବାର ସୁଯୋଗ ଦେବା।

ଚିତ୍ର ୧୦.୧୪ ସମ୍ବିଧାନର ବିଭିନ୍ନ ବିଭାଗ କିପରି ସଂଗଠିତ ହୋଇଛି ତାହାର ଏକ ଝଲକ

## ସମ୍ବିଧାନ ଏକ ଜୀବନ୍ତ ଦଲିଲ

ଆମ ସମ୍ବିଧାନ ନିର୍ମାତାମାନେ ଅନୁଭବ କଲେ ଯେ, ସମୟ ସହିତ ନୂତନ ଆଇନ ଏବଂ ନିୟମର ଆବଶ୍ୟକତା ଉପୁଜିବ। ଉଦାହରଣ ସ୍ୱରୂପ ଭାଗ–୪(କ) ମୌଳିକ କର୍ତ୍ତବ୍ୟ ୧୯୭୬ ମସିହାରେ ସମ୍ବିଧାନରେ ସ୍ଥାନିତ କରାଗଲା। ତଥାପି ଆମେ ମନେରଖିବା ଉଚିତ ଯେ, ସମ୍ବିଧାନର କୌଣସି ପରିବର୍ତ୍ତନ (ଯାହାକୁ ସମ୍ବିଧାନ ସଂଶୋଧନ କୁହାଯାଏ) ଗ୍ରହଣ କରିବା ପୂର୍ବରୁ ସଂସଦରେ ବିସ୍ତୃତ ଓ ବ୍ୟାପକ ଭାବରେ ବିତର୍କ ବା ଆଲୋଚନା ହୁଏ। କେତେକ କ୍ଷେତ୍ରରେ ଏଥି ନିମନ୍ତେ ବିଧାନ ସଭାରେ ମଧ୍ୟ ବିତର୍କ ଆବଶ୍ୟକ ହୁଏ। ଅନେକ ସମୟରେ ସାଧାରଣ ଜନତାଙ୍କ ମତାମତ ନିଆଯାଏ। କେତେକ ପରିବର୍ତ୍ତନ ଲୋକପ୍ରିୟ ଆନ୍ଦୋଳନରୁ ମଧ୍ୟ ଆରମ୍ଭ କରାଯାଇପାରେ।

### ଆସ ଅନୁସନ୍ଧାନ କରିବା




- ଏକ ସମୟରେ ଲୋକମାନେ ନିଜ ଘରେ ଜାତୀୟ ପତାକା ଉଡ଼ାଇବା ଅନୁମତି ନ ଥିଲା। ଏହା ୨୦୦୪ ମସିହାରେ ବଦଳିଗଲା। ଯେତେବେଳେ ଜଣେ ନାଗରିକ ଅନୁଭବକଲେ ଯେ ଏହା ତାଙ୍କର ଦେଶ ପ୍ରତି ଗର୍ବ କରିବାର ଏକ ନିଦର୍ଶନ ଏବଂ ସେ ଏହି ନିୟମକୁ ବିଚାରାଳୟରେ ଉପସ୍ଥାପନ କରିଥିଲେ। ସୁପ୍ରିମ୍ କୋର୍ଟ ସହମତି ପ୍ରକାଶ କଲେ ଜଣଙ୍କର ସ୍ୱାଧୀନତାର ପରିପ୍ରକାଶ ନିମନ୍ତେ ପତାକା ଉତ୍ତୋଳନ ମୌଳିକ ଅଧିକାରର ଏକ ଅଂଶ। ଏବେ ଆମେ ପତାକା ଉଡ଼ାଇ ପାରିବା। କିନ୍ତୁ ଏହାକୁ କେବେ ବି ଅସମ୍ମାନ କରାଯିବା ଉଚିତ ନୁହେଁ।
- ଆମେ ଷଷ୍ଠ ଶ୍ରେଣୀରେ ପଞ୍ଚାୟତିରାଜ ବିଷୟରେ ଅଧ୍ୟୟନ କରିଥିଲେ, ଏହା ମୂଳ ସମ୍ବିଧାନର ଅଂଶ ନଥିଲା। ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ମାଧ୍ୟମରେ ଏହା ସମ୍ବିଧାନରେ ଅନ୍ତର୍ଭୁକ୍ତ କରାଯାଇଥିଲା।
- ବିଗତ ଦଶ ବର୍ଷ ମଧ୍ୟରେ ସମ୍ବିଧାନରେ କ'ଣ ସବୁ ସଂଶୋଧନ କରାଯାଇଛି ତାହା ତୁମେ ଖୋଜି ପାରିବ କି ?

ସରକାର ଲୋକମାନଙ୍କୁ ପ୍ରସ୍ତାବିତ ଆଇନ କିମ୍ବା ନିୟମରେ ପରିବର୍ତ୍ତନ ଉପରେ ମତାମତ ଦେବାକୁ ମଧ୍ୟ ସୁଯୋଗ ସୃଷ୍ଟି କରନ୍ତି। ପରବର୍ତ୍ତୀ ପୃଷ୍ଠାରେ ବିଶେଷ ଭାବରେ ସୂଚିତ ହୋଇଥିବା ଅଂଶଟି ଦେଖ।



### ମନେରଖ

ଭାରତୀୟ ସମ୍ବିଧାନ କେବଳ ଏକ ଆଇନଗତ ଦଲିଲ ନୁହେଁ ବରଂ ଏହା ଏକ କଳାକୃତି ମଧ୍ୟ। କାଲି ଗ୍ରାଫର ପ୍ରେମ ବିହାରୀ ନାରାୟଣ ରାଇଜାଦା ଏହାର ପାଠ୍ୟକୁ ନିଜ ହାତରେ ଲେଖିଥିଲେ ଏବଂ ନନ୍ଦଲାଲ ବୋଷ ଏବଂ ତାଙ୍କ ଦଳ ମହେଞ୍ଜୋଦାରଠାରୁ ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟନ୍ତ ଭାରତୀୟ ଇତିହାସର ଦୃଶ୍ୟ ସହିତ ଏହାର ପୃଷ୍ଠାଗୁଡ଼ିକୁ ଚିତ୍ରିତ କରିଥିଲେ (ଚିତ୍ର ୧୦.୬ ରୁ ୧୦.୧୩ ଦେଖ)




ଚିତ୍ର ୧୦.୧୫

## ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ ବୁଝିବା

ଭାରତୀୟ ସମ୍ବିଧାନର ମୌଳିକ ମୂଲ୍ୟବୋଧ ହେଉଛି ନୀତି ଏବଂ ନିଷ୍ପତ୍ତି ଗ୍ରହଣ ପାଇଁ କେତେକ ମାର୍ଗଦର୍ଶିକା, ଯାହା ସରକାର ଅନୁସରଣ କରିବା ପାଇଁ ଆଶା କରାଯାଏ। ନାଗରିକମାନେ ମଧ୍ୟ ସେମାନଙ୍କର ସର୍ବୋତ୍ତମ କ୍ଷମତା ଅନୁଯାୟୀ ସେଗୁଡ଼ିକୁ ଅଭ୍ୟାସ କରିବାକୁ ଆଶା କରାଯାଏ। ଏହି ମାର୍ଗଦର୍ଶକ ମୂଲ୍ୟବୋଧଗୁଡ଼ିକ ସମ୍ପୂର୍ଣ୍ଣ ସମ୍ବିଧାନରେ ଉଲ୍ଲିଖିତ ଅଛି। କିନ୍ତୁ ସେଗୁଡ଼ିକର ସାରାଂଶ ପ୍ରସ୍ତାବନାରେ ଲେଖାଯାଇଛି। ତେଣୁ ଆସ, ପ୍ରସ୍ତାବନା ଅଧ୍ୟୟନ କରିବା ଯାହା ଏହି ଅଧ୍ୟାୟର ଏକ ଉପଯୁକ୍ତ ଅନ୍ତ ଅଟେ।

# ଭାରତୀୟ ସମ୍ବିଧାନର ପ୍ରସ୍ତାବନା

ଆମେ ଭାରତର ଲୋକମାନେ ଭାରତର ସମ୍ବିଧାନ ଭାରତୀୟମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ। ଏହା କୌଣସି ରାଜା କିମ୍ବା ବାହ୍ୟ ଶକ୍ତିଙ୍କ ଠାରୁ ସେମାନଙ୍କୁ ହସ୍ତାନ୍ତର ହୋଇନାହିଁ।

**ସାର୍ବଭୌମ**

ଭାରତର ଆଭ୍ୟନ୍ତରୀଣ ଓ ବାହ୍ୟ ବିଷୟଗୁଡ଼ିକ ଉପରେ ନିଷ୍ପତ୍ତି ନେବାର ସର୍ବୋଚ୍ଚ ଅଧିକାର ଅଛି। କୌଣସି ବାହ୍ୟ ଶକ୍ତି ଭାରତ ସରକାରଙ୍କୁ କୌଣସି ନିର୍ଦ୍ଦେଶ ଦେଇ ପାରିବ ନାହିଁ।

**ସମାଜବାଦୀ**

ସମ୍ପତ୍ତି ସାମାଜିକ ଭାବରେ ଉତ୍ପନ୍ନ ହୁଏ ଏବଂ ସମାଜ ଦ୍ୱାରା ବଣ୍ଟନ ହେବା ଉଚିତ। ସରକାର ଭୂମି ଏବଂ ଶିଳ୍ପର ମାଲିକାନାକୁ ନିୟନ୍ତ୍ରଣ କରିବା ଉଚିତ ଯାହାଦ୍ୱାରା ସାମାଜିକ-ଆର୍ଥନୈତିକ ଅସମାନତା ହ୍ରାସ ପାଇବ।

**ଧର୍ମନିରପେକ୍ଷ**

ନାଗରିକମାନେ ଯେ କୌଣସି ଧର୍ମ ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। ସରକାର ସମସ୍ତ ଧାର୍ମିକ ବିଶ୍ୱାସ ଏବଂ ପଦ୍ଧତିକୁ ସମାନ ସମ୍ମାନ ଦିଅନ୍ତି। ରାଷ୍ଟ୍ରର କୌଣସି ସରକାରୀ ଧର୍ମ ନାହିଁ।

## ଭାରତର ସମ୍ବିଧାନ

### ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

**ଗଣତାନ୍ତ୍ରିକ**

ଏକ ସରକାର ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ସମାନ ରାଜନୈତିକ ଅଧିକାର ଉପଭୋଗ କରି ଶାସନ ନିର୍ବାଚନ କରନ୍ତି। ସରକାର କେତେକ ମୌଳିକ ଆଇନ ଦ୍ୱାରା ପରିଚାଳିତ ହୁଏ।

**ସାଧାରଣତନ୍ତ୍ର**

ଦେଶର ସର୍ବୋଚ୍ଚ ଶାସକ ନିର୍ବାଚିତ ହେଉଥାନ୍ତି ଏବଂ ସେ ବଂଶାନୁକ୍ରମିକ ନୁହଁନ୍ତି।

**ନ୍ୟାୟ**

ଜାତିଧର୍ମ ନିର୍ବିଶେଷରେ ଆଇନ ଆଗରେ ସମସ୍ତେ ସମାନ। ସାମାଜିକ ଅସମତାର ହ୍ରାସ, ସରକାରଙ୍କ କାର୍ଯ୍ୟ ଜନମଙ୍ଗଳକାରୀ ହେବା ଉଚିତ। ବିଶେଷକରି ସରକାର ସାମାଜିକ ଅନଗ୍ରସର ଶ୍ରେଣୀକୁ ଅଧିକ ଦେଖିବା।

**ସ୍ୱତନ୍ତ୍ରତା**

ଭାରତରେ ସମ୍ବିଧାନ ଲୋକମାନଙ୍କର ଚିନ୍ତାଧାରା, ଇଚ୍ଛା ଏବଂ ଭାବନା ବ୍ୟକ୍ତ କରିବାରେ କଟକଣା ରଖିନାହିଁ।

**ସମାନତା**

ଆଇନତଃ ସମସ୍ତେ ସମାନ ଅଟନ୍ତି। ସାମାଜିକ ଅସମାନତାର ଅନ୍ତ ହେବା ଉଚିତ। ସରକାର ସମସ୍ତଙ୍କ ନିମନ୍ତେ ସମାନ ସୁଯୋଗ ସୃଷ୍ଟି କରିବା ଉଚିତ।

**ଭ୍ରାତୃଭାବ**

ଆମର ପରସ୍ପର ପ୍ରତି ବ୍ୟବହାର ଏପରି ହେବା ଉଚିତ ଯେପରି ଆମେ ସଭିଏଁ ଗୋଟିଏ ପରିବାରର ସଦସ୍ୟ ଅଟୁ। କେହି କାହାରିକୁ ନୀଚ ଭାବିବା ଅନୁଚିତ।

ଚିତ୍ର : ୧୦.୧୬ 'ସମାଜବାଦ' ଏବଂ ଧର୍ମନିରପେକ୍ଷ ଶବ୍ଦ ୪୨ ତମ ସମ୍ବିଧାନ ସଂଶୋଧନ (୧୯୭୬) ମାଧ୍ୟମରେ ପ୍ରସ୍ତାବନାରେ ସ୍ଥାନ ପାଇଛି।



## ଆସ ଅନୁସନ୍ଧାନ କରିବା

ପ୍ରସ୍ତାବନାରେ ଦିଆଯାଇଥିବା ବୈଶିଷ୍ଟ୍ୟଗୁଡ଼ିକର ତାଲିକା ତଳେ ଦିଆଯାଇଛି । ଉପରୋକ୍ତ ଚିତ୍ରରୁ ସେଗୁଡ଼ିକୁ ଭଲ ଭାବରେ ପଢ଼ ଏବଂ ତୁମ ଘରିପାଖରେ ଦୈନନ୍ଦିନ ଜୀବନରେ ଏହି ମୂଲ୍ୟବୋଧଗୁଡ଼ିକର ପ୍ରୟୋଗର ଉଦାହରଣ ଲେଖ:

ତୁମ ନିମନ୍ତେ ଦୁଇଟି ଉଦାହରଣ ଦିଆଯାଇଛନ୍ତି ।

| ପ୍ରସ୍ତାବନର ବୈଶିଷ୍ଟ୍ୟ | ଆମର ଦୈନନ୍ଦିନର ଜୀବନରେ ଆମେ ସେଗୁଡ଼ିକୁ କିପରି ଦେଖୁ |
|---|---|
| ସାର୍ବଭୌମ | |
| ଧର୍ମନିରପେକ୍ଷ | ଜଣେ ବ୍ୟକ୍ତି ନିଜର ଧର୍ମ ପାଳନରେ ରାଷ୍ଟ୍ରଠାରୁ ଅନୁମତି ନେବାକୁ ପଡ଼େ ନାହିଁ ଯଦି ତାହା କାହାର ଦୈନନ୍ଦିନ ଜୀବନରେ ବାଧା ସୃଷ୍ଟି କରିନଥାଏ । |
| ସାଧାରଣତନ୍ତ୍ର | |
| ନ୍ୟାୟ | ଜାତି, ଧର୍ମ, ଲିଙ୍ଗ ଇତ୍ୟାଦି ନିର୍ବିଶେଷରେ ରାଷ୍ଟ୍ର ସମସ୍ତଙ୍କୁ ଚାକିରି କ୍ଷେତ୍ରରେ ସମାନ ସୁଯୋଗ ଦେଇଥାଏ । |
| ସ୍ୱତନ୍ତ୍ରତା | |
| ସମାନତା | |
| ଭ୍ରାତୃଭାବ | |



## ଆମେ କ'ଣ ଶିଖିଲେ...

→ ଭାରତର ସମ୍ବିଧାନ ଏକ 'ମାର୍ଗଦର୍ଶିକା' କିମ୍ବା 'ନିୟମ' ପୁସ୍ତିକା ଯାହା ସମସ୍ତ ନାଗରିକଙ୍କୁ ସୁରକ୍ଷା ଦେଇଥାଏ । ନାଗରିକମାନେ ମଧ୍ୟ ମୌଳିକ କର୍ତ୍ତବ୍ୟ ପାଳନ କରିବା ଆଶା ରଖାଯାଏ ।

→ ଭାରତର ସମୃଦ୍ଧ ସଭ୍ୟତାର ଐତିହ୍ୟ, ସ୍ୱାଧୀନତା ସଂଗ୍ରାମ ଏବଂ ଅନ୍ୟ ଦେଶ ସମ୍ବିଧାନରୁ ଅଣାଯାଇଥିବା ଭଲ ବ୍ୟବସ୍ଥା ଭାରତୀୟ ସମ୍ବିଧାନ ମୁଖ୍ୟ ଉପାଦାନ ଅଟେ ।

→ ଏହାର ମୁଖ୍ୟ ବୈଶିଷ୍ଟଗୁଡ଼ିକ ଦେଶର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଗଠନ ଏବଂ ସଂସଦୀୟ ସରକାରଙ୍କୁ ବ୍ୟାଖ୍ୟା କରେ ।

→ ଏହା ଏକ ଜୀବନ୍ତ ଦଲିଲ୍ ଯାହା ଆବଶ୍ୟକତା ଅନୁସାରେ ପରିମାର୍ଜିତ କରାଯାଇ ପାରେ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. "ଭାରତର ସମ୍ବିଧାନ ପ୍ରଣୟନ ସଭାରେ ବିଭିନ୍ନ ପୃଷ୍ଠଭୂମିରୁ ପ୍ରତିନିଧିମାନେ ଥିଲେ।" ସମଗ୍ର ଭାରତରୁ ବିଭିନ୍ନ ପ୍ରତିନିଧି ରଖିବା କାହିଁକି ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ତୁମେ ଭାବୁଛ ?

୨. ନିମ୍ନଲିଖିତ ଉକ୍ତିଗୁଡ଼ିକୁ ଭଲଭାବେ ପଢ଼ ଏବଂ ଭାରତର ସମ୍ବିଧାନରେ କେଉଁ କେଉଁ ମୁଖ୍ୟ ବୈଶିଷ୍ଟ୍ୟ/ମୂଲ୍ୟବୋଧ ପ୍ରତିଫଳିତ ହେଉଛି ତାହାକୁ ଚିହ୍ନଟ କର ?

କ. ରାମ, ଲକ୍ଷ୍ମଣ ଓ ରାଧା ଏକ ଧାଡ଼ିରେ ଛିଡ଼ା ହୋଇଛନ୍ତି। ସେମାନେ ସାଧାରଣ ନିର୍ବାଚନରେ ପ୍ରଥମଥର ନିମନ୍ତେ ଭୋଟ୍ ଦେବାକୁ ଉତ୍ସାହିତ ଅଛନ୍ତି।

ଖ. ରାଧା, ସୀତା ଓ ଜଟିଆ ସମାନ ବିଦ୍ୟାଳୟରେ ସମାନ ଶ୍ରେଣୀରେ ପଢ଼ନ୍ତି।

ଗ. ପିତାମାତାମାନେ ସେମାନଙ୍କର ପିଲାମାନଙ୍କର ଶିକ୍ଷାଲାଭ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରିବା ଉଚିତ।

ଘ. ସମସ୍ତ ଜାତି, ଲିଙ୍ଗ ଓ ଧର୍ମର ଲୋକମାନେ ଗାଁ କୂଅ ବ୍ୟବହାର କରିପାରିବେ।

୩. କୁହାଯାଏ ଯେ, ଭାରତରେ ସମସ୍ତ ନାଗରିକ ଆଇନ ଆଗରେ ସମାନ। ତୁମେ ଭାବୁଛ କି ଏହା ଏକ ବାସ୍ତବତା ? ଯଦି ହଁ, କାହିଁକି ? ଯଦି ନୁହେଁ, କାହିଁକି ନୁହେଁ ? ତୁମ ଯୁକ୍ତିଗୁଡ଼ିକୁ ପ୍ରସ୍ତୁତ କର।

୪. ତୁମେ ଜାଣିଛ ଯେ, 'ଭାରତ ଏକମାତ୍ର ଦେଶ, ଯିଏ ଆରମ୍ଭରୁ ହିଁ ନିଜ ନାଗରିକମାନଙ୍କୁ ସାର୍ବଜନୀନ ସାବାଳକ ଭୋଟ ଅଧିକାର ପ୍ରଦାନ କରିଥିଲା। ଭାରତ ଏହା କାହିଁକି କଲା, ବୁଝାଇ ପାରିବ କି ?


୫. ଭାରତର ସମ୍ବିଧାନ ପ୍ରସ୍ତୁତ କରିବାରେ ସ୍ୱାଧୀନତା ସଂଗ୍ରାମ କିପରି ପ୍ରେରଣା ଦେଇଥିଲା ? ଭାରତରେ ସଭ୍ୟତାର ଐତିହ୍ୟ ଭାରତର ସମ୍ବିଧାନର କେତେକ ମୁଖ୍ୟ ବୈଶିଷ୍ଟ୍ୟଗୁ କିପରି ପ୍ରେରଣା ଦେଇଥିଲା ? ବ୍ୟାଖ୍ୟା କର।

୬. ତୁମେ ଭାବୁଛ କି ଆମେ ଏକ ସମାଜ ଭାବରେ ସମ୍ବିଧାନର ସମସ୍ତ ଆଦର୍ଶ ହାସଲ କରିଛୁ ? ଯଦି ନୁହେଁ, ତେବେ ନାଗରିକ ଭାବରେ ଆମ ଦେଶକୁ ଏହି ଆଦର୍ଶ ଆଡ଼କୁ ନେଇଯିବା ପାଇଁ ଆମେ ପ୍ରତ୍ୟେକ କ'ଣ କରିପାରିବା ?

୭. ଭାରତରେ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଧାରଣାଗୁଡ଼ିକୁ ଚିହ୍ନଟ କରିବା ପାଇଁ ପରବର୍ତ୍ତୀ ପୃଷ୍ଠାର ଚିତ୍ର ସୂଚନାଗୁଡ଼ିକୁ ଧ୍ୟାନର ସହିତ ପଢ଼।

ନିମ୍ନ ସୂଚନା ଅନୁସାରେ ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଗ୍ରୀଡ୍ ଟିକୁ ଇଂରାଜୀରେ ପୂରଣ କରି ଏହାର ଓଡ଼ିଆ ଅର୍ଥକୁ ଲେଖ ।

(REPUBLIC, HELIUM, LEGISLATURE, PREAMBLE, FUNDAMENTAL DUTIES, SUPREME COURT, FUNDAMENTAL RIGHTS, AMENDMENT, CONSTITUENT ASSEMBLY, CONSTITUTION)




**ବାମରୁ ଡାହାଣକୁ**

୨. ଆଇନ ପ୍ରଣୟନ କରୁଥିବା ସଂସ୍ଥା ।

୭. ନାଗରିକମାନଙ୍କର ଦେଶ ପ୍ରତି କର୍ତ୍ତବ୍ୟ ବର୍ଣ୍ଣନା କରୁଥିବା ସମ୍ବିଧାନର ଅଂଶ ।

୮. ସମ୍ବିଧାନକୁ ସୁରକ୍ଷା ଦେଉଥିବା ଭାରତର ସର୍ବୋଚ୍ଚ ଅଦାଲତ ।

୯. ଏକ ବ୍ୟବସ୍ଥା, ଯେଉଁଠାରେ ରଷ୍ଟ୍ରର ମୁଖ୍ୟ ନିର୍ବାଚିତ, ବଂଶାନୁକ୍ରମିକ ନୁହଁନ୍ତି ।

୧୦. ସମୟ କ୍ରମେ ସମ୍ବିଧାନଙ୍କୁ ପରିବର୍ତ୍ତନ କରାଯାଇପାରିବା ପ୍ରକ୍ରିୟା ।

**ଉପରୁ ତଳକୁ**

୧. ଭାରତର ସମ୍ବିଧାନ ଲେଖିଥିବା ଲୋକଙ୍କ ଗୋଷ୍ଠୀ

୩. ସମ୍ବିଧାନର ଆରମ୍ଭରେ ଥିବା ବିବୃତ୍ତି ଯାହା ଆମକୁ ଏହାର ମୂଲ୍ୟବୋଧ ବିଷୟରେ କହିଥାଏ ।

୪. ଏକ ଦଲିଲ୍ ଯାହା ଦେଶର ନିୟମ ଏବଂ ଆଇନ ଧାର୍ଯ୍ୟ କରିଥାଏ ।

୫. ମୂଳ ସମ୍ବିଧାନକୁ ସୁରକ୍ଷିତ ଭାବରେ ସଂରକ୍ଷିତ କରିବା ପାଇଁ ବ୍ୟବହୃତ ହୋଇଥିବା ଗ୍ୟାସ୍ ।

୬. ପ୍ରତ୍ୟେକ ନାଗରିକମାନଙ୍କୁ ଦିଆଯାଇଥିବା ମୌଳିକ ଅଧିକାର, ଯେପରିକି ସ୍ୱାଧୀନତା ଓ ସମାନତା ।

ଅଧ୍ୟାୟ ୧୧

# ଦ୍ରବ୍ୟ ବିନିମୟରୁ ମୁଦ୍ରା ପର୍ଯ୍ୟନ୍ତ

" ଅର୍ଥ; ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଯୋଗସୂତ୍ରର ଭୂମିକା ଗ୍ରହଣ କରିଥାଏ।

ଜନ ମେନାର୍ଡ଼ କେନସ୍
ବିଂଶ ଶତାବ୍ଦୀର ପ୍ରସିଦ୍ଧ ଅର୍ଥନୀତିଜ୍ଞ "



ଚିତ୍ର ୧୧.୧

**ଆସ ଚିନ୍ତା କରିବା ?**

୧. ମୁଦ୍ରା ପ୍ରଚଳନ ପୂର୍ବରୁ ବିନିମୟ କିପରି ହେଉଥିଲା ?
୨. ମୁଦ୍ରା ପ୍ରଚଳନ କାହିଁକି ହେଲା ?
୩. ସମୟାନୁକ୍ରମେ ମୁଦ୍ରା କିପରି ବିଭିନ୍ନ ସ୍ୱରୂପରେ ପରିବର୍ତ୍ତନ ହୋଇଛି ?

"ଅତୀତର ସ୍ମୃତିଫର୍ଦ୍ଦ" ବିଷୟରେ ଲୋକମାନେ ଉତ୍ପନ୍ନ କରୁଥିବା ବିଭିନ୍ନ ଶସ୍ୟ ସମ୍ପର୍କରେ ତୁମେ ପଢ଼ିଛ। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ଖାଦ୍ୟଶସ୍ୟ ତଥା ଗୋମେଧ ଆଦି ମୂଲ୍ୟବାନ ପଥରମାଳି (Carnelian beads) ଅନ୍ତର୍ଭୁକ୍ତ। ଏହି ସବୁ ପଦାର୍ଥ ସହିତ ସେମାନେ ଆବଶ୍ୟକ କରୁଥିବା ଦ୍ରବ୍ୟଗୁଡ଼ିକୁ କିପରି ବିନିମୟ କରୁଥିଲେ ବୋଲି ତୁମେ ଭାବୁଛ ?

**ବିନିମୟ ପଦ୍ଧତି (Bater System) :** ଟଙ୍କା/ମୁଦ୍ରା ବ୍ୟବହାର ନ କରି ଦ୍ରବ୍ୟ ଓ ସେବା ବିନିମୟ କରିବାର ଉପାୟ

**ଟଙ୍କା (Money) :** ଦ୍ରବ୍ୟ ଏବଂ ସେବା ବିନିମୟରେ ଦେୟ କିମ୍ବା ଗ୍ରହଣ କରିବା ପାଇଁ ସମସ୍ତଙ୍କ ଦ୍ୱାରା ସାଧାରଣ ଭାବେ ଗ୍ରହଣ କରାଯାଉଥିବା ଉପକରଣ ବା ସାଧନ ।

**କାରବାର (Transaction):** ଏକ ପ୍ରକାର ବ୍ୟବସାୟ ଯାହାଦ୍ୱାରା ଲୋକଙ୍କ ମଧ୍ୟରେ କ୍ରୟ କିମ୍ବା ବିକ୍ରୟ ଭଳି କରାଯାଉଥିବା କାର୍ଯ୍ୟ ।

**ଦ୍ରବ୍ୟ (Commodities) :** ସାମଗ୍ରୀ କିମ୍ବା ଉତ୍ପାଦ ଯାହା ବାଣିଜ୍ୟରେ କ୍ରୟ ଏବଂ ବିକ୍ରିୟ କରାଯାଇପାରିବ ।

ଲୋକମାନେ ବିଭିନ୍ନ ଦ୍ରବ୍ୟ ଓ ସେବା ପାଇବା ପାଇଁ ଅନ୍ୟ ଦ୍ରବ୍ୟ ଓ ସେବା ବିନିମୟ କରୁଥିଲେ । ଏହାକୁ ବଦଳ ବ୍ୟବସ୍ଥା ବା ଦ୍ରବ୍ୟ ବିନିମୟ ବ୍ୟବସ୍ଥା କୁହାଯାଏ । ଏହା କିପରି କାମ କରେ ? ମନେକର, ତୁମେ ସ୍କୁଲକୁ ପେନ୍‌ସିଲ୍ ନେବାକୁ ଭୁଲିଯାଇଛ । ତେବେ ତୁମ ପାଖରେ ଦୁଇଟି ରବର ଅଛି । ତୁମ ସହପାଠୀଙ୍କ ପାଖରେ ଦୁଇଟି ପେନ୍‌ସିଲ୍ ଅଛି, ମାତ୍ର ସେ ରବର ଆଣିବାକୁ ଭୁଲି ଯାଇଛି । ଏ କ୍ଷେତ୍ରରେ ତୁମେ ନିଜର ଅତିରିକ୍ତ ରବର ସହ ସହପାଠୀଙ୍କ ଅତିରିକ୍ତ ପେନସିଲ ବଦଳେଇ ପାରିବ । ଏହାଦ୍ୱାରା କ'ଣ ତୁମର ତଥା ତୁମ ସହପାଠୀଙ୍କ ଆବଶ୍ୟକତା ପୂରଣ ହେଲାନାହିଁ କି ? ଏହିପରି ଭାବେ ବଦଳ ବା ବିନିମୟ ବ୍ୟବସ୍ଥା କାମ କରେ ।

ଆଜିକାଲି ଆମେ ମୁଦ୍ରା ବା ଟଙ୍କା ମାଧ୍ୟମରେ ଦ୍ରବ୍ୟ କିଣା ବିକା କରୁଛେ । ଏହି କାରବାରପାଇଁ ଲୋକମାନେ ମଧ୍ୟ ମୋବାଇଲ୍ ଫୋନ୍ ଓ କମ୍ପ୍ୟୁଟରର ସାହାଯ୍ୟ ନେଉଛନ୍ତି ।

ବଦଳ ବ୍ୟବସ୍ଥା ବିନିମୟର ସର୍ବପୁରାତନ ମାଧ୍ୟମ । ପୃଥିବୀର ବିଭିନ୍ନ ଅଞ୍ଚଳରୁ ଏ ସମ୍ବନ୍ଧରେ ତଥ୍ୟଭିତ୍ତିକ ପ୍ରମାଣ ମିଳିଥାଏ । ଲୋକମାନେ ବିନିମୟ ଦ୍ରବ୍ୟ ଭାବେ କଉଡ଼ି, ଲୁଣ, ଚ' ଧୂଆଁପତ୍ର, ବସ୍ତ୍ର, ଗୃହପାଳିତ ପଶୁ (ଗାଈ, ଛେଳି, ମେଣ୍ଢା, ଘୋଡ଼ା ଆଦି) ତଥା ମଞ୍ଜି ଆଦିକୁ ବ୍ୟବହାର କରୁଥିଲେ ।

ଚିତ୍ର : ୧୧.୨.୧ : ପଥର ଟଙ୍କା : ପ୍ରଶାନ୍ତ ମହାସାଗରୀୟ ଦେଶ ମାଇକ୍ରୋନେସିଆ ଅନ୍ତର୍ଗତ ଯାପ୍ ଦ୍ୱୀପରେ ପଥରର ବିଶାଳ ଡିସ୍କ ଯାହାକୁ ରାଇ ପଥର କୁହାଯାଏ- ଟଙ୍କା ଭାବରେ ବ୍ୟବହୃତ ହେଉଥିଲା ।





ଚିତ୍ର ୧୧.୨.୨ : ଆଜଟେକ୍ ତମ୍ବା ତାଜାଡେରୋ (ସ୍ପାନିସ୍ ଶବ୍ଦ ଯାହାର ଅର୍ଥ କଟା ଛୁରୀ) କେନ୍ଦ୍ରୀୟ ମେକ୍ସିକୋ ଏବଂ କେନ୍ଦ୍ରୀୟ ଆମେରିକାର କେତେକ ଅଞ୍ଚଳରେ, ଏ ପ୍ରକାର ଟଙ୍କା ବ୍ୟବହୃତ ହେଉଥିଲା ।

ଚିତ୍ର ୧୧.୨.୩ : ସୋଲୋମନ୍ ଦ୍ୱୀପପୁଞ୍ଜରେ ଟଙ୍କା ଭାବରେ ବ୍ୟବହୃତ ଟେଭାଉ (ପକ୍ଷୀଙ୍କ ପରରୁ ତିଆରି ଲାଲ୍ ପରର କୁଣ୍ଡଳୀ)



ଚିତ୍ର : ୧୧.୨.୩

# ଆମେ ଟଙ୍କା କାହିଁକି ଆବଶ୍ୟକ କରୁଛୁ ?

## ଆସ ଅନୁସନ୍ଧାନ କରିବା






ଧରିନିଅ ତୁମେ ଜଣେ ଚାଷୀ ଏବଂ ତୁମ ରହୁଥିବା ସ୍ଥାନରେ ଲୋକମାନେ ବଦଳ ବ୍ୟବସ୍ଥା ବ୍ୟବହାର କରୁଛନ୍ତି । ତୁମେ ତୁମ ଜେଜେ ମା'ଙ୍କ ପାଇଁ ହଳେ ନୂଆ ଜୋତା, ଔଷଧ ଓ ସ୍ୱେଟର ଆଦି ବିଭିନ୍ନ ପ୍ରକାର ଜିନିଷ ଆଣିବାକୁ ଚାହୁଁଛ । ତେବେ ତୁମ ପାଖରେ ବିନିମୟ ପାଇଁ କେବଳ ବଳଦଟିଏ ଅଛି । ଚିନ୍ତାକର, ବିଭିନ୍ନ ବ୍ୟକ୍ତି ଓ ସ୍ଥାନରୁ ମିଳୁଥିବା ଏସବୁ ଜିନିଷ ପାଇଁ, ତୁମେ ବଳଦକୁ କିପରି ବଦଳେଇ ପାରିବ ? ତୁମେ କେଉଁ ସବୁ ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ଅଛି ?



ପ୍ରଥମେ, ତୁମକୁ ବଳଦ ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିକୁ ଖୋଜିବାକୁ ହେବ। ତେବେ, ବଳଦ ବଦଳରେ ହଳେ ଜୋତା ଆସିବା ଆଦୌ ଏକ ନ୍ୟାୟ ସଙ୍ଗତ ବିନିମୟ ହେବନାହିଁ। ସୁତରାଂ, ତୁମକୁ ଅନେକ ବିନିମୟ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ପ୍ରଥମେ ବଳଦ ପ୍ରତିବଦଳରେ ଅନେକଗୁଡ଼ିକ ଧାନବସ୍ତା ଦେବାକୁ ରାଜି ଥିବା ଲୋକଟିଏ ଖୋଜିବାକୁ ହେବ। ସେସବୁ ଧାନବସ୍ତାଗୁଡ଼ିକୁ ପରିବହନ କରି ଆଣିବାକୁ ପଡ଼ିବ। କିଛି ଧାନ ବସ୍ତା ନେଇ ଜୋତା ଦେବାକୁ ଜଣେ ବ୍ୟକ୍ତି, ସ୍ୱେଟର ଦେବାକୁ ଆଉ ଜଣେ ବ୍ୟକ୍ତି ଓ ଔଷଧ ଦେବାକୁ ରାଜିଥିବା ଅନ୍ୟ ଜଣେ ବ୍ୟକ୍ତିକୁ ଖୋଜିବାକୁ ପଡ଼ିବ।



ଏସବୁ ପ୍ରତ୍ୟେକ କ୍ଷେତ୍ରରେ, ଯୋତା ବା ସ୍ୱେଟର ପାଇଁ କେତେ ପରିମାଣର ଧାନ ଦେବାକୁ ପଡ଼ିବ ଉଭୟପକ୍ଷ ମଧ୍ୟରେ ଆଲୋଚନା ଦ୍ୱାରା ସ୍ଥିର କରାଯାଏ ।









ଯଦି ଧାନବସ୍ତା ବଳିଯାଏ । ତାହେଲେ ତାକୁ ନେଇ କୌଣସି ଏକ ସ୍ଥାନରେ ସୁରକ୍ଷିତ ଭାବେ ସଂରକ୍ଷଣ କରିବାକୁ ପଡ଼ିବ । ପରବର୍ତ୍ତୀ ସମୟରେ କିଛି ଜିନିଷ ଦରକାର ପଡ଼ିଲେ ତୁମକୁ ପୁଣି ଥରେ ସେହି ଧାନ ବସ୍ତାଗୁଡ଼ିକୁ ସଙ୍ଗରେ ନେଇ ଯିବାକୁ ପଡ଼ିବ ।

## ଏହା ବିଷୟରେ ଚିନ୍ତାକର

ଉପରୋକ୍ତ ପରିସ୍ଥିତିରେ ତୁମେ କେଉଁ ସବୁ ଅସୁବିଧାର ସମ୍ମୁଖୀନ ହେଲ ?

ଋଷୀଙ୍କ ଏହି କାହାଣୀରେ କଳ୍ପନା କର, ଋଷୀଜଣକ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜିବେ ଯିଏ ବଳଦ ବିନିମୟରେ ହଳେ ଯୋତା, ସ୍ୱେଟର ଓ ଔଷଧ ଦେଇପାରୁଥିବ । ଏପରି ସ୍ଥିତିରେ ପହଞ୍ଚିବା କ'ଣ ସହଜ ହେବ ?

ଯେଉଁ ଲୋକମାନେ ବଦଳ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। ସେମାନେ ଏହି ଋଷୀଙ୍କ ଭଳି ନିତିଦିନିଆ ଜୀବନରେ ଜିନିଷପତ୍ର ବିନିମୟ ଜନିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବେ। ଏପରିସ୍ଥଳେ ଅଦଳବଦଳ ପାଇଁ ଥିବା ଉଦ୍ଦିଷ୍ଟ ସାମଗ୍ରୀ ଉଭୟ ପକ୍ଷର ବ୍ୟକ୍ତିଙ୍କ ଆବଶ୍ୟକତା ପୂରଣ କରୁଥିବା ଜରୁରୀ। ଏହାକୁ "ଚାହିଦାର ଦ୍ୱୈତ ସଂଯୋଗ" (Double coincidence of wants) କୁହାଯାଏ।

ଦୁଇଜଣ ବ୍ୟକ୍ତି ପରସ୍ପରର ଦ୍ରବ୍ୟ ଆଦାନପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ବି ଅନ୍ୟ ସମସ୍ୟା ଉପୁଜିପାରେ – ଦୁଇଟି ସାମଗ୍ରୀ କେଉଁ ଅନୁପାତରେ ବିନିମୟ କରାଯିବା ଉଚିତ ? ଏହି ପରିସ୍ଥିତିରେ ଗୋଟିଏ ସାମଗ୍ରୀର ମୂଲ୍ୟ ଅନ୍ୟ ସାମଗ୍ରୀର ମୂଲ୍ୟ ସହିତ ତୁଳନା କରିବା କଷ୍ଟକର ହୋଇପଡ଼େ। କେହି ଜଣେ ଅନୁଭବ କରେ ଯେ ଏହି ବିନିମୟ ତା' ପାଇଁ କ୍ଷତିକାରକ ତାହେଲେ ସେ ସାମଗ୍ରୀ ବଦଳ କରିବା ପାଇଁ ଆଗ୍ରହୀ ହେବେ ନାହିଁ। କାରଣ ବିଭିନ୍ନ ଦ୍ରବ୍ୟ ମୂଲ୍ୟର କୌଣସି ସାଧାରଣ ମାପକ ନାହିଁ।

**ଚାହିଦାର ଦ୍ୱୈତ ସଂଯୋଗ (Double coincidence of wants):** ଏହା ଏପରି ଏକ ପରିସ୍ଥିତି ଯେଉଁଠାରେ ଦୁଇଜଣ ବ୍ୟକ୍ତିଙ୍କ ପାଖରେ ପରସ୍ପର ଋହୁଁଥିବା ଜିନିଷ ଅଛି ଏବ ସେମାନେ ସିଧାସଳଖ ସେଗୁଡ଼ିକୁ ବିନିମୟ କରିପାରିବେ। ଏହା ଏକ ଅର୍ଥନୈତିକ ଧାରଣା।

**ମୂଲ୍ୟର ସାଧାରଣମାନକ ମାପ** (Common standard measure of value)**:** କାରବାର ପାଇଁ ଏହା ଏକ ସହମତ ମୂଲ୍ୟ ଯାହା ଅର୍ଥନୀତିରେ ଦ୍ରବ୍ୟ ଏବଂ ସେବାର ମୂଲ୍ୟ ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ।

**ବିଭାଜନ** (Divisibility)**:** ଏକ ଦ୍ରବ୍ୟ କିମ୍ବା ସାମଗ୍ରୀର କ୍ଷମତା ଯାହା ଖଣ୍ଡ ବା ଅଂଶରେ ଭାଗ ହେଇପାରେ।

**ବହନ ଯୋଗ୍ୟତା** (Portability)**:** ଏକ ଦ୍ରବ୍ୟ କିମ୍ବା ସାମଗ୍ରୀର ଦକ୍ଷତା ଯାହା ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ବା ବହନ ହୋଇପାରେ।

## ଏହା ବିଷୟରେ ଚିନ୍ତାକର

ଉପରୋକ୍ତ ଆଲୋଚନା ପ୍ରସଙ୍ଗରେ ଅଭାବରେ ଦ୍ୱୈତ ସଂଯୋଗର କି ଉଦାହରଣ ରହିଛି ?

ସେହିପରି ବଳଦର କୌଣସି ଏକ ଅଂଶକୁ କାଟି ସ୍ୱେଟର ପାଇଁ ଆମେ ବଦଳ କରିପାରିବା ନାହିଁ। ଏହା ହିଁ ବିଭାଜନର ଏକ ସମସ୍ୟା । ବଳଦକୁ ସବୁ ସ୍ଥାନକୁ ନେଇ କି ଯିବା ମଧ୍ୟ ଏକ ବହନ ଜନିତ ସମସ୍ୟା। ବଳଦ ବଦଳରେ ଧାନବସ୍ତା ଆଣିବା ଦ୍ୱାରା ତୁମେ ଏହି ସମସ୍ୟାର ଆଂଶିକ ସମାଧାନ କରିପାରିଛ। କିନ୍ତୁ ଧାନକୁ ଦୀର୍ଘ ଦିନ ଧରି ସଞ୍ଚୟ କରି ରଖିବା ସମ୍ଭବ ନୁହେଁ। ଏହାକୁ କୀଟମାନେ ନଷ୍ଟ କରି ଦିଅନ୍ତି କିମ୍ବା ମୂଷାମାନେ ଖାଇ ଯିବାର ସମ୍ଭାବନା ଥାଏ। ତେଣୁ ଏଠାରେ ସ୍ଥାୟୀତ୍ୱର ସମସ୍ୟା ଉପୁଜି ଥାଏ।

## ଏହା ବିଷୟରେ ଚିନ୍ତା କର

ଉପରୋକ୍ତ ପରିସ୍ଥିତିରେ ରକ୍ଷୀର ସମସ୍ୟାଗୁଡ଼ିକୁ ସହଜ କରିବାରେ 'ଅର୍ଥ /ଟଙ୍କା ବା ମୁଦ୍ରା' କେଉଁ ସବୁ ପ୍ରକାରେ ସାହାଯ୍ୟ କରିପାରେ ବୋଲି ତୁମେ ଭାବୁଛ ?

## ମନେରଖ

**ସ୍ଥାୟୀତ୍ୱ (Durability) :** ଏକ ବସ୍ତୁ କିମ୍ବା ଦ୍ରବ୍ୟର ଗୁଣ ଯାହା ଏହାର ସ୍ଥାୟୀତ୍ୱ ଏବଂ କ୍ଷତି ସହିବାର କ୍ଷମତାକୁ ସୂଚୀତ କରେ ଯାହାଦ୍ୱାରା ଏହାକୁ ଅଧିକ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ।



ଚିତ୍ର : ୧୧.୩

ସମଗ୍ର ପୃଥିବୀରେ ଆଧୁନିକ ଅର୍ଥବ୍ୟବସ୍ଥା ପାରମ୍ପରିକ ଦ୍ରବ୍ୟ ବିନିମୟ ପଦ୍ଧତିର ସ୍ଥାନ ଅଧିକାର କରିଛି। ତେବେ କେତେକ କ୍ଷେତ୍ରରେ ଏହା ଏବେବି ତିଷ୍ଠି ରହିଛି। ଏଗୁଡ଼ିକ ମଧ୍ୟରେ ଆସାମର ମୋରିଗାଓଁ ଜିଲ୍ଲାର 'ଜୁନବିଲ୍' (ଅସମୀୟ ଭାଷାରେ ଜୁନ ଅର୍ଥ ଚନ୍ଦ୍ର ଓ ବିଲ୍ ଅର୍ଥ ଆର୍ଦ୍ରଭୂମିକୁ ବୁଝାଏ) ଏଠାରେ ଅନୁଷ୍ଠିତ ତିନିଦିନିଆ ସାମାଜିକ ସାଂସ୍କୃତିକ ମେଳାକୁ ନିଆଯାଇପାରେ। କୌତୁହଳର ବିଷୟ ଯେ, ପ୍ରାରମ୍ଭରେ ଅଗ୍ନିପୂଜା ସହ ସମଗ୍ର ବିଶ୍ୱ କଲ୍ୟାଣ ନିମନ୍ତେ ଏଠାରେ ପ୍ରାର୍ଥନା କରାଯାଇ ମେଳା ଆରମ୍ଭ ହୁଏ।



ଚିତ୍ର : ୧୧.୪

ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଏହି ମେଳା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଏଥିରେ ଆସାମ ଓ ମେଘାଳୟର ତିଓ୍ୱା, କାର୍ବୀ, ଖାସି ଓ ଜୟନ୍ତିଆ ଆଦି ଜନଜାତି ସଂପ୍ରଦାୟର ମୁଖ୍ୟମାନେ ମିଳିତ ହୋଇ ବିଭିନ୍ନ ରାଜନୈତିକ ପ୍ରସଙ୍ଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରଖିବା ନିମନ୍ତେ ଆଲୋଚନା କରିଥାନ୍ତି। କାଳକ୍ରମେ ଏହିସବୁ ଜନଜାତିର ଲୋକମାନେ ଏଠାରେ ଏକତ୍ରିତ ହେବାକୁ ଲାଗିଲେ ଏବଂ ଏହା ଏକ ମେଳାରେ ପରିଣତ ହେଲା। ଲୋକମାନେ ସେମାନଙ୍କ ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟକୁ ସାଥିରେ ଧରି ଆସିଲେ ଏବଂ ପରସ୍ପର ମଧ୍ୟରେ ବିନିମୟ କଲେ। ଆଜି ପର୍ଯ୍ୟନ୍ତ ଏହା ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଚାଲି ଆସୁଅଛି।

ପଣ୍ୟ ବା ଦ୍ରବ୍ୟ ବିନିମୟ ବଡ଼ି ଭୋରରୁ ଆରମ୍ଭ ହୁଏ। ବିଭିନ୍ନ ଉଦ୍ଭିଦର ଚେର, ପନିପରିବା, ଫଳ, ଔଷଧୀୟ ଗୁଳ୍ମ ଓ ବିଭିନ୍ନ ମସଲା ଆଦିର କିଣାବିକା ସହ ଏହି ମେଳା ଆରମ୍ଭ ହୁଏ। ପାହାଡ଼ ଜଙ୍ଗଲରେ ମିଳୁଥିବା ପ୍ରାକୃତିକ ସାମଗ୍ରୀ ବ୍ୟବହାରରେ ପ୍ରସ୍ତୁତ ବିଭିନ୍ନ ହାତ ତିଆରି ସାମଗ୍ରୀ ଓ କାରୁକାର୍ଯ୍ୟ ଆଦି ମେଳାର ଶୋଭାବର୍ଦ୍ଧନ କରିଥାନ୍ତି। ସମତଳ ଅଞ୍ଚଳର ଅଧିବାସୀଙ୍କ ପ୍ରସ୍ତୁତ ଚାଉଳ ପିଠା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସହ ଉପରୋକ୍ତ ସାମଗ୍ରୀ ଗୁଡ଼ିକର ଦେଣନେଣ ହୋଇଥାଏ। ପାହାଡ଼ିଆ ଅଞ୍ଚଳରେ ଅନ୍ୟାନ୍ୟ ଚାଷ ସମ୍ଭବ ହେଉନଥିବାରୁ ଚାଉଳ ପିଠା ସହ ଏପରି ବିନିମୟ କରିବାହିଁ ଏହାର ମୁଖ୍ୟ କାରଣ।




ଚିତ୍ର : ୧୧.୫

## ପୁସ୍ତକ ବିନିମୟ

- ଏକ ମଜାଳିଆ ପରିବେଶ ଓ କ୍ଲବ୍ ସମ୍ବନ୍ଧରେ ଚିନ୍ତାକର, ଯେଉଁଠି ବନ୍ଧୁମାନେ ନିଜର ପୁରୁଣା ବହିଗୁଡ଼ିକୁ ନିଜ ନିଜ ମଧ୍ୟରେ ବିନିମୟ କରୁଛନ୍ତି। ଏହା ଏକ ଗୁପ୍ତଧନ ଖୋଜିବା ଗପ ସଦୃଶ ଅଟେ। ପଢ଼ିଥିବା ବହି ସବୁକୁ ତୁମେ ଆଣ ଏବଂ ବହୁତ ବହି ମଧ୍ୟରୁ କିଛି ବହି ତୁମେ ବାଛ। ଉଦାହରଣସ୍ୱରୂପ – ତୁମେ ତୁମର ଜଙ୍ଗଲ ରହସ୍ୟ ବହି ବଦଳରେ ବନ୍ଧୁଙ୍କ ଅନ୍ୟାନ୍ୟ ରହସ୍ୟମୟ ପୁସ୍ତକ ଅଦଳବଦଳ କରିପାର। ଏହା ବିନା ଖର୍ଚ୍ଚରେ ଅପୂର୍ବ ଅନୁଭବ ପାଇବାର ଏକ ସରଳ ଉପାୟ।



ଚିତ୍ର : ୧୧.୬

- ପୁରୁଣା ବସ୍ତ୍ର ବିନିମୟରେ ବାସନକୁସନ କିଣିବା ଏହାର ଅନ୍ୟ ଏକ ଉଦାହରଣ। ବହୁ ବର୍ଷ ଧରି ଏ ପ୍ରକାର କାରବାର ଚାଲି ଆସୁଛି। ଏପରି ପ୍ରଥାରେ, ବୁଲାବିକାଳିମାନେ, ଘରକୁ ଘର ବା ଗଳିକୁ ଗଳି ବୁଲି ପୁରୁଣା ଶାଢ଼ୀ ବା ଲୁଗାପଟା ବଦଳରେ ନୂଆ ବାସନକୁସନ ବା ଘରକରଣା ସାମଗ୍ରୀ ନେଇଥାନ୍ତି। ଏହି ବିନିମୟ ଉଭୟ ପକ୍ଷ ପାଇଁ ଲାଭ ପ୍ରଦ ହୋଇଥାଏ। ଘରୋଇ



ଚିତ୍ର : ୧୧.୭

ବ୍ୟକ୍ତିମାନେ ସେମାନଙ୍କର ପୁରୁଣା ବ୍ୟବହାର ଅଯୋଗ୍ୟ ଜିନିଷଗୁଡ଼ିକୁ ଦେଇ ଖୁସି ହୋଇଥାନ୍ତି । ବିକ୍ରେତା ମଧ୍ୟ ଏସବୁ ଜିନିଷର ପୁନଃବିକ୍ରୀ, ପୁନଃ ପ୍ରକ୍ରିୟାକରଣ ବା ପୁନଃଉଦ୍ଦେଶିତ (Repurposed) ଦ୍ୱାରା ଲାଭାନ୍ୱିତ ହୋଇଥାଏ ।

## ଆସ ଅନୁସନ୍ଧାନ କରିବା

ଉପରୋକ୍ତ ଦୃଷ୍ଟାନ୍ତ ଲୋକଙ୍କଦ୍ୱାରା ଏବେ ସୁଦ୍ଧା ଚଳିଥିବା ଦ୍ରବ୍ୟ ବିନିମୟର କିଛି ଉଦାହରଣ । ତୁମ ଅଞ୍ଚଳରେ ଏପରି ଦ୍ରବ୍ୟ ବିନିମୟର କିଛି ଘଟଣା ଘଟୁଛି କି ? ଏହି ପ୍ରକ୍ରିୟାରେ ଲୋକମାନଙ୍କର କି କି ପ୍ରକାର ଅନୁଭୂତି ରହିଛି ?

## ଟଙ୍କା ବା ମୁଦ୍ରାର ମୌଳିକ କାର୍ଯ୍ୟ

କଥାରେ ଅଛି "ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ" । କ୍ରମଶଃ ସାମଗ୍ରୀଗୁଡ଼ିକର ପ୍ରକାର ଓ ପରିମାଣ ବୃଦ୍ଧିସହ ପଣ୍ୟ ବା ଦ୍ରବ୍ୟ ବିନିମୟ ନିମନ୍ତେ ନିର୍ଦ୍ଧାରିତ ସ୍ଥାନଗୁଡ଼ିକ ମଧ୍ୟରେ ଦୂରତା ବୃଦ୍ଧି ପାଇଲା । ପଣ୍ୟ ବା ଦ୍ରବ୍ୟ ବିନିମୟ ପରିବର୍ତ୍ତେ ଏକ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହେଲା । ବିନିମୟର ଏକ ସାଧାରଣ ମାଧ୍ୟମ ହିଁ କିଣାବିକାକୁ ସହଜ କରିପାରିବ, ଏହାର ଆବଶ୍ୟକତା ପଡ଼ିଲା ଓ ଏହି କାରଣରୁ 'ମୁଦ୍ରା'ର ଉଦ୍ଭବ ହେଲା । ଦେଣ ନେଣ କାରବାରରେ ଅଧିକରୁ ଅଧିକ ଲୋକ ମୁଦ୍ରା ବ୍ୟବହାର କରିବାରୁ ଏହା ଦେୟ ପ୍ରଦାନର ପ୍ରକ୍ରିୟା ଭାବେ ସ୍ୱୀକୃତି ଲାଭ କଲା । ଆମେ ପୂର୍ବକଥିତ ଋଷୀ ପ୍ରସଙ୍ଗରେ ଆଲୋଚନା ବେଳେ ଜାଣିଛେ ଯେ ସେ ଧାନକୁ ଦୀର୍ଘ ଦିନ ଧରି କୀଟ ଓ ମୂଷା ଦାଉରୁ ସଂରକ୍ଷିତ କରିପାରିନଥିଲା ।



ଚିତ୍ର ୧୧.୮

ଯଦି ଚାଷୀ ଧାନ ପରିବର୍ତ୍ତେ ମୁଦ୍ରା ଆଣିଥାନ୍ତା, ତାହେଲେ ମୁଦ୍ରାକୁ ସେ ଦୀର୍ଘ ସମୟ ଧରି ସଞ୍ଚୟ କରିପାରିଥାନ୍ତା ଓ ପରବର୍ତ୍ତୀ ସମୟରେ ଆବଶ୍ୟକ ସାମଗ୍ରୀ କିଣି ପାରିଥାନ୍ତା । ସୁତରାଂ ମୁଦ୍ରା, ମୂଲ୍ୟକୁ ସଞ୍ଚୟ କରିବାରେ ସହାୟକ ହୁଏ ଯାହା ପରବର୍ତ୍ତୀ ସମୟରେ ବ୍ୟବହାର କରାଯାଇପାରିବ । ଏହା କୌତୁହଳପ୍ରଦ ନୁହେଁ କି !

ବିଭିନ୍ନ ଦ୍ରବ୍ୟ ଏବଂ ସେବାର ମୂଲ୍ୟ ନିର୍ଦ୍ଧାରଣରେ ମୁଦ୍ରା ଏକ ସାଧାରଣ ପରିମାପକ ଭାବେ କାର୍ଯ୍ୟ କରିଥାଏ । ଏହା ଦ୍ୱାରା ଦ୍ରବ୍ୟ ଓ ସେବାକୁ ସେମାନଙ୍କ ମୂଲ୍ୟ ଭିତ୍ତିରେ ତୁଳନା କରିବା ସମ୍ଭବ ହୁଏ ।

ଉଦାହରଣ ସ୍ୱରୂପ ତୁମ ପିତାମାତା ଦୋକାନୀଠାରୁ ବିଭିନ୍ନ ସାମଗ୍ରୀ କିଣିବା ପ୍ରତିବଦଳରେ ଟଙ୍କା ଦେଇଥାନ୍ତି । ଏହି ଟଙ୍କା ଦୋକାନୀ ନିଜ କର୍ମଚାରୀମାନଙ୍କୁ ଦରମା ଆକାରରେ ଦେଇଥାନ୍ତି । କର୍ମଚାରୀ ସେହି ଟଙ୍କାକୁ ନିତ୍ୟ ଆବଶ୍ୟକ ସାମଗ୍ରୀ, ଅନ୍ୟାନ୍ୟ ଦ୍ରବ୍ୟ ଓ ପିଲାଙ୍କ ସ୍କୁଲ ଦରମା ଆଦି ଦେବାରେ ବ୍ୟୟ କରିଥାନ୍ତି ।



ଚିତ୍ର ୧୧.୯

## ଏହା ବିଷୟରେ ଚିନ୍ତାକର

ମନେକର ତୁମେ ବହିଟିଏ କିଣିବାକୁ ଚାହୁଁଚ । ତୁମ ପାଖରେ ୫୦ ଟଙ୍କା ଅଛି । ତୁମ ଘର ପାଖରେ ଥିବା ବହି ଦୋକାନରେ ତୁମେ ବହିର ଦାମ୍ ୧୦୦ ଟଙ୍କା ବୋଲି ଜାଣିଲ । ସେହିଦିନ ବହିଟି କିଣିବା ପାଇଁ ତୁମ ପାଖରେ କି ବିକଳ୍ପ ଅଛି ? ତୁମେ ଦୋକାନୀକୁ ପରେ ଟଙ୍କା ଦେଇଦେବା ପାଇଁ ଅନୁରୋଧ କରିବ କି ?

ବାକି ଦେୟ ପ୍ରଦାନରେ ଅର୍ଥକୁ ଗ୍ରହଣ କରାଯାଇ ଥିବାରୁ ତାହାକୁ ସ୍ଥଗିତ ବା ବାକି ଦେୟର ଏକ ମାନକ (Standard of deferred payment) ଭାବେ ବିବେଚନା କରାଯାଏ ।

# ମୁଦ୍ରା ବା ଟଙ୍କାର ଯାତ୍ରା



## ଆସ ଅନୁସନ୍ଧାନ କରିବା


ନିମ୍ନରେ ଦିଆଯାଇଥିବା ସମୟ ରେଖାକୁ ଲକ୍ଷ୍ୟ କର । ମୁଦ୍ରା କାରବାରରେ କିପରି ପରିବର୍ତ୍ତନ ତୁମେ ଲକ୍ଷ୍ୟ କରୁଛ ?

ପୁରାତନ କାଳରେ ଧାତବ ମୁଦ୍ରାଗୁଡ଼ିକ (Coins) ଟଙ୍କାର ଏକ ପ୍ରାରମ୍ଭିକ ପ୍ରରୂପ ଥିଲା । ସେହି ସମୟରେ ବିଭିନ୍ନ ରାଜ୍ୟର ଶାସକମାନେ ନିଜ ରଜ୍ୟର ନାଗରିକ ମାନଙ୍କ ପାଇଁ ମୁଦ୍ରା ପ୍ରଚଳନ କରୁଥିଲେ । ସେହି ମୁଦ୍ରାର ବ୍ୟବହାର ସେମାନଙ୍କ ରାଜ୍ୟ ମଧ୍ୟରେ ସୀମିତ ଥିଲା । ମୁଦ୍ରା ପ୍ରସ୍ତୁତି ଓ ପ୍ରଚଳନ ଶାସକମାନଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିଲା । ସମୟାନୁକ୍ରମେ କେତେକ ଶକ୍ତିଶାଳୀ ଶାସକଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରା ନିଜ ରାଜ୍ୟ ବ୍ୟତୀତ ଅନ୍ୟାନ୍ୟ ରାଜ୍ୟରେ ସ୍ୱୀକୃତ ହୋଇଥିଲା । ଏହା ଯୋଗୁଁ ବିସ୍ତୀର୍ଣ୍ଣ ଭୌଗୋଳିକ କ୍ଷେତ୍ରରେ ବାଣିଜ୍ୟ କାରବାର ସହଜ ହୋଇଥିଲା ।

ସେହି ମୁଦ୍ରାଗୁଡ଼ିକ ସୁନା, ରୂପା ଏବଂ ତମ୍ବା ପରି ମୂଲ୍ୟବାନ ଧାତୁ କିମ୍ବା ମିଶ୍ରଧାତୁରୁ ତିଆରି ହୋଇଥିଲା । ସେଗୁଡ଼ିକୁ 'କାର୍ଷାପଣ' ବା ସଂକ୍ଷେପରେ 'ପଣ' କୁହାଯାଉଥିଲା । ସେହି ମୁଦ୍ରାଗୁଡ଼ିକ ଉପରେ ବିଭିନ୍ନ ପ୍ରତୀକ ଖୋଦିତ ହୋଇଥିଲା ଏବଂ ସେଗୁଡ଼ିକୁ 'ରୂପ' କୁହାଯାଉଥିଲା ।

**ମୁଦ୍ରା ତିଆରି (Minting):** ମୁଦ୍ରା ପ୍ରସ୍ତୁତ ପ୍ରକ୍ରିୟା । ଏହି ପ୍ରକ୍ରିୟା ମୁଦ୍ରା (Coin) ଉତ୍ପାଦନ ସୁବିଧାକୁ ବୁଝାଏ; ଯାହା ଧାତବ ମୁଦ୍ରା ଉତ୍ପାଦନ କରେ ଏବଂ ଏହା ଦେଶର ମୁଦ୍ରା ଭାବେ ବ୍ୟବହୃତ ହୁଏ ।

**ମିଶ୍ରଧାତୁ (Alloy) :** ଦୁଇ ବା ତତୋଽଧିକ ଧାତୁ ମିଶ୍ରଣରେ ତିଆରି ହୋଇଥିବା ଏକ ଧାତୁ । ଏହା ମୁଦ୍ରାକୁ ଶକ୍ତିଶାଳୀ କରିଥାଏ ।




ଚିତ୍ର : ୧୧.୧୦

ଆମେ ଆଜିକାଲି ଭାରତରେ ଟଙ୍କା ପାଇଁ ବ୍ୟବହାର କରୁଥିବା ଶବ୍ଦ ସହିତ ଏହାର (ପଣ) କିଛି ସାମଞ୍ଜସ୍ୟ ଅଛି କି ?

## ମନେରଖ

- ତାମିଲ, ତେଲୁଗୁ ଓ ମାଲାୟଲମରେ 'ପଣ' ଶବ୍ଦକୁ 'ପଣମ୍' ଓ କନ୍ନଡ଼ରେ 'ହଣ' ଭାବେ ଏବେ ବି ବ୍ୟବହାର କରାଯାଉଛି । ଏହା ବେଶ୍ ମଜାଦାର ତଥ୍ୟ ନୁହେଁ କି ?
- ଆଗେ ମୁଦ୍ରା (Mint coin) ପ୍ରସ୍ତୁତିରେ ରୂପା ଓ ତମ୍ବାର ମିଶ୍ରଧାତୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ମୁଦ୍ରାଗୁଡ଼ିକ ମୁଖ୍ୟତଃ ଲୌହମିଶ୍ରିତ ଧାତୁରେ ତିଆରି । ଏଥିରେ କ୍ରୋମିୟମ୍, ସିଲିକନ୍ ଓ କାର୍ବନ ଭଳି ସାମଗ୍ରୀ ସଠିକ୍ ଅନୁପାତରେ ମିଶିଥାଏ । ଏହି ମିଶ୍ରଧାତୁ ସମ୍ବନ୍ଧରେ ବିଜ୍ଞାନ ପୁସ୍ତକରେ ଅଧିକଭାବେ ଆଲୋଚନା କରାଯାଇଛି ।

**ମୁଦ୍ରାର ଆଖପାଖ**
(Obverse) : ମୁଦ୍ରା କିମ୍ବା ପଦକର ମୁଣ୍ଡ କିମ୍ବା ମୁଖ୍ୟ ଖୋଦିତ (ଡିଜାଇନ୍) ବହନ କରିଥିବା ପାର୍ଶ୍ୱ ।

ପ୍ରାଚୀନ ଧାତବ ମୁଦ୍ରାର ଦୁଇପାର୍ଶ୍ୱ ଯଥା ମୁଣ୍ଡ (Head-obverse) ଓ ଲାଞ୍ଜ (Tail-reverse) ପଟେ ଭିନ୍ନ ଭିନ୍ନ ପ୍ରତୀକ ତଥା ରୂପ ଖୋଦିତ ହେଉଥିଲା । ଏଥିରେ ପ୍ରାଣୀ, ଗଛ ଓ ପାହାଡ଼ ପରି ପ୍ରକୃତି ରୂପ ଏବଂ ରାଜା, ରାଣୀ କିମ୍ବା ଦେବତାଙ୍କ ରୂପ ଅନ୍ତର୍ଭୁକ୍ତ ଥିଲା ।

ଉଦାହରଣ ସ୍ୱରୂପ ଚାଲୁକ୍ୟ ରାଜାଙ୍କ ମୁଦ୍ରାଗୁଡ଼ିକରେ ଗୋଟିଏ ପାର୍ଶ୍ୱରେ ବରାହଙ୍କ ପ୍ରତିଛବି (ବିଷ୍ଣୁଙ୍କ ତୃତୀୟ ଅବତାର) ଏବଂ ଅନ୍ୟ ପାର୍ଶ୍ୱରେ ତ୍ରିସ୍ତରୀୟ ଛତ୍ରୀ (Parasol) ରହିଥିଲା ।



କଲ୍ୟାଣର ଚାଲୁକ୍ୟଙ୍କ ମୁଦ୍ରା ଯାହା ବରାହ (ବିଷ୍ଣୁଙ୍କ ଅବତାର) ଓ ରାଜକୀୟ ଛତ୍ରୀକୁ ବୁଝାଉଛି



ଚୋଳଙ୍କ ବାଘ ଚିହ୍ନ ଦର୍ଶାଉଥିବା ରୂପା ମୁଦ୍ରା (୮୫୦-୧୨୭୯ ଖ୍ରୀଷ୍ଟାବ୍ଦ)

ଚିତ୍ର : ୧୧.୧୧

## ଆସ ଅନୁସନ୍ଧାନ କରିବା

ଚିତ୍ର : ୧୧.୧୨ରେ ପ୍ରଦତ୍ତ ମୁଦ୍ରାଗୁଡ଼କ ତାମିଲନାଡୁର ପୁଡୁକୋଟାଇରୁ ଖନନବେଳେ ମିଳିଥିଲା । ସେଗୁଡ଼ିକର ମୁଣ୍ଡ ପାର୍ଶ୍ୱରେ ରୋମ ଶାସକଙ୍କ ଛବି ରହିଛି । ଏହି ତଥ୍ୟରୁ ଆମେ କେଉଁ ନିଷ୍କର୍ଷରେ ପହଞ୍ଚିବା ?



ଚିତ୍ର ୧୧.୧୨ : ଭାରତର ପୁଡୁକୋଟାଇରେ ଖନନରୁ ମିଳିଥିବା ରୋମ୍‌ର ସ୍ୱର୍ଣ୍ଣ ମୁଦ୍ରା

ଧାତବ ମୁଦ୍ରାର ବ୍ୟବହାର ଭାରତର ସାମୁଦ୍ରିକ ବାଣିଜ୍ୟକୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରସାରଣରେ ସାହାଯ୍ୟ କରିଥିଲା । ଏହାର ସୂଚନା କେରଳ ଓ ତାମିଲନାଡୁରୁ ମିଳିଥିବା ବୈଦେଶିକ ମୁଦ୍ରାରୁ ଜଣାପଡ଼େ । ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ସହ ଦକ୍ଷିଣ ଭାରତର ବାଣିଜ୍ୟ କାରବାର ସମ୍ପର୍କରେ ଏହା ଆଲୋକପାତ କରେ । ଲବ୍ଧ ତଥ୍ୟ ଭିତ୍ତିରେ, ଭାରତର ବାଣିଜ୍ୟ ଲାଭକାରୀ ହୋଇଥିବାର ବିଶାରଦମାନେ ମତପୋଷଣ କରନ୍ତି ।

## ମନେରଖ

ଏକ ଅଣା କହିଲେ ଏକ ଟଙ୍କା ୧/୧୬ ଭାଗ ସହ ସମାନ । ଅନ୍ୟ ଅର୍ଥରେ, ୧୬ ଅଣା ଏକ ଟଙ୍କା ସହ ସମାନ । ୧୯୪୭ ମସିହାରେ ଏକ ଅଣାରେ ଜଣେ ଡଜନ୍ କଦଳୀ କିଣିପାରୁଥିଲେ ।



୧ ଅଧଅଣା
୧୯୪୨



୧ ପାକ୍ଷିକ (Quarter) ଅଣା
୧୯୧୮



୧ ଅଣା
୧୯୪୩



୧ ପଇସା
୧୯୪୫

ଚିତ୍ର : ୧୧.୧୩

ପ୍ରଦତ୍ତ ଚିତ୍ରରେ (ଚିତ୍ର ନଂ.୧.୧୪) ବିଭନ୍ନ ଆକାର ଓ ମୂଲ୍ୟ ବହନ କରୁଥିବା ଧାତବ ମୁଦ୍ରା ଦିଆଯାଇଛି । ସେହି ମୁଦ୍ରାଗୁଡ଼ିକରେ ଉଭୟ ହିନ୍ଦୀ ଓ ଇଂରାଜୀ ଭାଷା ରହିଛି । ଜାତୀୟ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ଘଟଣାବଳୀ ସ୍ଥାନ ପାଇଥିବା ସ୍ୱତନ୍ତ୍ର ମୁଦ୍ରା ମଧ୍ୟ ପ୍ରସ୍ତୁତ କରାଯାଇଥାଏ ।

## ମନେରଖ

ଟଙ୍କାର ₹ ଏହି ସଙ୍କେତକୁ ୨୦୧୦ ମସିହାରେ ଭାରତ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ (IIT), ବମ୍ବେ (ମୁମ୍ବାଇ)ର ଶ୍ରୀ ଉଦୟ କୁମାର ଏହାର ଡିଜାଇନ୍ କରିଛନ୍ତି । ଏହି ସଙ୍କେତଗୁଡ଼ିକ ଦେବନାଗରୀ ଲିପିର 'ରା' ଓ ରୋମାନ ଲିପିର 'R' ର ମିଶ୍ରଣ । ଏଥିରେ ଦୁଇଟି ପରସ୍ପର

ସଂଯୁକ୍ତ ସମାନ୍ତରାଳ ରେଖା ଉପରେ ରହିଛି । ଏହି ସମାନତାର ପଟି ଜାତୀୟ ପତାକା ଓ ସମାନ (=) ଚିହ୍ନକୁ ପ୍ରତିନିଧିତ୍ୱ କରୁଛି ।



ଆଜିର ମୁଦ୍ରାଯୁଗ



୨୦୨୧ ମସିହାରେ ଭାରତର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିକୁ ସୂଚାଉଥିବା ପ୍ରତୀକ ସହିତ ମୁଦ୍ରା

ଚିତ୍ର : ୧୧.୧୪

## ଆସ ଅନୁସନ୍ଧାନ କରିବା



ନିଜ ଶ୍ରେଣୀରେ ପାଞ୍ଚଜଣିଆ ଦଳ ଗଠନ କର । ଦଳଗତ ପ୍ରକଳ୍ପ ଭାବେ ପ୍ରତ୍ୟେକ ନିଜ ଘରର ସଦସ୍ୟ, ପଡ଼ୋଶୀ ଓ ଦୋକାନୀ ଆଦି ଲୋକଙ୍କଠାରୁ ପୁରୁଣା ମୁଦ୍ରା ସଂଗ୍ରହ କର । ସେହି ମୁଦ୍ରାଗୁଡ଼ିକର ବିଭିନ୍ନ ବିଶେଷଣଗୁଡ଼ିକୁ ଲେଖିରଖ । ସେଗୁଡ଼ିକ କେଉଁଥିରେ ଓ କେଉଁ ମସିହାରେ ତିଆରି ହୋଇଛି ଏବଂ ଏହାର ଉଭୟ ପାର୍ଶ୍ୱରେ କେଉଁ ଛବି ବା ଲେଖା ରହିଛି, ଏସବୁର ତାଲିକା ପ୍ରସ୍ତୁତ କର । ଏହି ଅନୁଧ୍ୟାନରୁ ତୁମେ କ'ଣ ଅନୁମାନ କରିପାରୁଛ ? ତୁମର ଅନୁମାନ ଠିକ୍ ବା ଭୁଲ, କିପରି ଜାଣିପାରିବ ?

ବଦଳ ବ୍ୟବସ୍ଥାରେ ଅଣ-ଧାତୁ ମୁଦ୍ରା ବ୍ୟବହୃତ ହେଉଥିବାବେଳେ ଧାତବ ମୁଦ୍ରା କ୍ଷେତ୍ରରେ ମୁଦ୍ରାର ପ୍ରକାର ଭିନ୍ନରୂପ ନେଇଥିଲା ।

## କାଗଜ ମୁଦ୍ରା

## ଆସ ଅନୁସନ୍ଧାନ କରିବା



ସମସ୍ତ ପ୍ରକାର ଦେଣନେଣ ଯଥା ପନିପରିବା କିଣିବା ବା ଜମି କିଣିବା ସମୟରେ ଧାତବ ମୁଦ୍ରା ବ୍ୟବହାର ଯୋଗୁଁ କ'ଣ ସବୁ ଘଟିଥିବ ବୋଲି ଅନୁମାନ କରୁଛ ? ଏଥିରେ କି, କି, ସମସ୍ୟା ଉପୁଜୁଥିବ ?

ତୁମେ ସମ୍ଭବତଃ ଅନୁମାନ କରିଥିବ ଯେ ବହୁତ ଗୁଡ଼ିଏ ଧାତବ ମୁଦ୍ରାକୁ ନେବା ଆଣିବା କରିବା କଷ୍ଟକର ଓ ସେଗୁଡ଼ିକୁ ସଞ୍ଚୟ କରି ରଖିବା ମଧ୍ୟ ସମସ୍ୟାଯୁକ୍ତ ହୋଇଥିଲା ।

ଏହାର ଏକ ଉପଯୁକ୍ତ ବିକଳ୍ପର ଅନୁସନ୍ଧାନ କାଗଜ ମୁଦ୍ରାର ପ୍ରଚଳନ ସହ ସମାପ୍ତ ହେଲା। କାଗଜ ମୁଦ୍ରା ବା ଟଙ୍କାର ବ୍ୟବହାର ପ୍ରଥମେ ଚୀନ୍‌ରେ ହୋଇଥିଲା। ଭାରତରେ ଏହାର ପ୍ରଚଳନ ଅଷ୍ଟାଦଶ ଶତାବ୍ଦୀ ଆଡ଼କୁ ହେଲା। କମ୍ ମୂଲ୍ୟ ବିଶିଷ୍ଟ ମୁଦ୍ରାଗୁଡ଼ିକ ପାଇଁ ଧାତବମୁଦ୍ରା ଓ ଅଧିକ




ଚିତ୍ର ୧୧.୧୫ : ବ୍ୟାଙ୍କ୍ ଅଫ୍ ବମ୍ବେରୁ ବ୍ୟାଙ୍କ୍ ଅଫ୍ ବେଙ୍ଗଲ (ବାମ) ଏବଂ ଦଶ ଟଙ୍କା ନୋଟ୍ (ଉତ୍ସ RBI)ର ଏକମୁଖୀ ନୋଟ

ମୂଲ୍ୟ ପାଇଁ କାଗଜମୁଦ୍ରା ବା "ନୋଟ୍" ବ୍ୟବହୃତ ହେଲା।

ଆଜିକାଲି ଅଧିକାଂଶ 'ନୋଟ୍' ଗୁଡ଼ିକ ଚିତ୍ର ନଂ : ୧୧.୧୬ରେ ପ୍ରଦତ୍ତ ନମୁନା ଭଳି ଦେଖାଯାଏ।




ଚିତ୍ର ୧୧.୧୬ : ଆଜିକାର କାଗଜ ମୁଦ୍ରା


**ମୁଦ୍ରା (Currency)** : ଏକ ନିର୍ଦ୍ଦିଷ୍ଟ ଦେଶରେ ବ୍ୟବହୃତ ମୁଦ୍ରା ପ୍ରଣାଳୀ । ଉଦାହରଣ ସ୍ୱରୂପ ଭାରତରେ ଟଙ୍କା ନାମରେ ବ୍ୟବହୃତ ଧାତବ ମୁଦ୍ରା ଏବଂ କାଗଜ ନୋଟ୍ ହେଉଛି ଭାରତୀୟ ମୁଦ୍ରା ।

**ମୁଦ୍ରାର ସ୍ୱରୂପ (Denominations)**: ଯେଉଁ ସଂଖ୍ୟା ମାଧ୍ୟମରେ ମୁଦ୍ରା ଏବଂ କାଗଜ ନୋଟ୍ ବର୍ଗିକୃତ ହୋଇଛି। ଉଦାହରଣସ୍ୱରୂପ ଭାରତୀୟ ମୁଦ୍ରା ମୂଲ୍ୟରେ ୫୦ ପଇସା, ₹1, ₹2, ₹5, ₹10, ₹20 ମୁଦ୍ରା ଟଙ୍କା ₹5, ₹10, ₹20, ₹50, ₹100, ₹200, ₹500 ଏବଂ ₹1000 ର କାଗଜ ନୋଟ୍ ଅନ୍ତର୍ଭୁକ୍ତ।



## ଆସ ଅନୁସନ୍ଧାନ କରିବା

ପ୍ରଦତ୍ତ ୫୦ ଓ ୧୦୦ ଟଙ୍କିଆ ନୋଟ୍‌କୁ ଦେଖ। ନୋଟ୍‌ର ପଛପଟରେ ଭାରତର ସାଂସ୍କୃତିକ ଐତିହ୍ୟକୁ ଚିତ୍ରିତ କରୁଥିବା ନମୁନାଗୁଡ଼ିକୁ ଚିହ୍ନି ପାରୁଛନ୍ତି କି ? ସେଗୁଡ଼ିକ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟାକର।



ଚିତ୍ର ୧୧.୧୭

ନୋଟ୍‌ର ପୃଷ୍ଠଭାଗକୁ ଭଲଭାବେ ସ୍ପର୍ଶ କଲେ ତୁମେ କିଛି ଅନୁଭବ କରିପାରିବ । ଏହି ନୋଟ୍‌ର କେଉଁ ବିଶେଷ ବୈଶିଷ୍ଟ୍ୟ ଯୋଗୁଁ ଦୃଷ୍ଟିହୀନ ବ୍ୟକ୍ତିମାନେ ନୋଟ୍‌ର ମୂଲ୍ୟ ଜାଣିପାରିଥାନ୍ତି ?

ଏହି ଅଧ୍ୟାୟର ପୂର୍ବରୁ ପଢ଼ିଲେ ଯେ ପ୍ରାଚୀନ କାଳରେ ରାଜା ତଥା ଶାସକମାନେ ମୁଦ୍ରା ଜାରି କରୁଥିଲେ । ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଭଳି କେନ୍ଦ୍ରୀୟ କର୍ତ୍ତୃପକ୍ଷ ମୁଦ୍ରା ଜାରିକୁ ନିୟନ୍ତ୍ରଣ କରୁଛନ୍ତି । ରିଜର୍ଭ ବ୍ୟାଙ୍କ ବ୍ୟତୀତ ଅନ୍ୟ କେହି ମୁଦ୍ରା ଜାରି କରିବା ଆଇନସଂଗତ ନୁହେଁ ।

## ମୁଦ୍ରାର ନୂତନ ପ୍ରରୂପ

ସମୟର ଅଗ୍ରଗତି ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସହ ଆଜିକାଲି ମୁଦ୍ରାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଉଛି । ଆସ, କେତେକ ପ୍ରରୂପ ସମ୍ବନ୍ଧରେ ଆଲୋଚନା କରିବା ।

**QR କୋଡ୍ (QR Code) :** ଖୁବ୍ ଶୀଘ୍ର ସମାଧାନ ପାଇଁ QR କୋଡ୍ ବ୍ୟବହୃତ ହୁଏ । ଏହା କେତେଗୁଡ଼ିକ କଳା ଏବଂ ଧଳା ବର୍ଗାକାର ସଂଗୃହୀତ ଚିହ୍ନ, ଯାହା ସ୍ମାର୍ଟ ଫୋନ୍ ଏବଂ QR କୋଡ୍ ସ୍କାନର ଭଳି ଯନ୍ତ୍ରଦ୍ୱାରା ପଠନୀୟ । ଏଗୁଡ଼ିକରେ ଗ୍ରହଣକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିଷୟରେ ସୂଚନା ଥାଏ ଏବଂ ଏହା ଆର୍ଥିକ କାରବାର ପାଇଁ ବ୍ୟବହୃତ ହୁଏ ।

ଗୋବିନ୍ଦ ତାଙ୍କ ଠେଲାଗାଡ଼ିରେ ଋତୁକାଳୀନ ଫଳ ବିକ୍ରି କରନ୍ତି । ସୁନ୍ଦର ଭାବେ ସଜାଡ଼ି ରଖିଥିବା ଫଳ ସହିତ ସେ ତାଙ୍କ ଗାଡ଼ିରେ ଏକ QR କୋଡ୍ ଛପା ହୋଇଥିବା ଏକ ଛୋଟ କାର୍ଡ଼ ରଖିଛନ୍ତି । ଗ୍ରାହକମାନେ କିଣୁଥିବା ଫଳର ଦେୟ ଦେବାପାଇଁ ମୋବାଇଲ୍‌ରେ QR କୋଡ୍‌କୁ ସ୍କାନ କରନ୍ତି ଓ ଦେୟ ଡିଜିଟାଲ ଆକାରରେ ଦେଇଥାନ୍ତି । ଉକ୍ତ ଦେୟ ସିଧାସଳଖ ଗୋବିନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଚାଲିଯାଏ ।



ଚିତ୍ର ୧୧.୧୮

ସିକ୍‌କା (କଏନ୍) ଓ କାଗଜ ନୋଟ୍ ଭଳି ଦୃଶ୍ୟମାନ ରୂପ ବ୍ୟତୀତ ମୁଦ୍ରାର ଅଦୃଶ୍ୟରୂପ ମଧ୍ୟ ରହିଛି । ଏପରି କ୍ଷେତ୍ରରେ ମୁଦ୍ରାକୁ ଛୁଇଁବା ବା ଅନୁଭବ କରିବା ସମ୍ଭବ ହୋଇନଥାଏ । ଇଲେକ୍ଟ୍ରୋନିସ୍ ରୂପରେ ଉପଲବ୍ଧ ଏହି ମୁଦ୍ରାକୁ ଡିଜିଟାଲ ମୁଦ୍ରା କୁହାଯାଏ । ତୁମ ଆଖପାଖରେ ଥିବା ଲୋକମାନେ ସିକ୍କା ବା କାଗଜ ନୋଟ ବିନା ଅର୍ଥ ଦେଣନେଣ କରୁଥିବାର ଦେଖିଛ କି ? ଏଥିପାଇଁ ଡେବିଟ୍ କାର୍ଡ଼, କ୍ରେଡ଼ିଟ୍ କାର୍ଡ, ନେଟ୍ ବ୍ୟାକିଙ୍ଗ, ୟୁପିଆଇ (UPI – Unitied Payments Interface) ଆଦି ଅର୍ଥ କାରବାରରେ ବ୍ୟବହୃତ ହୋଇଥାଏ । ଏହି ମାଧ୍ୟମଗୁଡ଼ିକ ସାହାଯ୍ୟରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ସିଧାସଳଖ ଚାଲିଯାଇଥାଏ । ପରବର୍ତ୍ତୀ ସମୟରେ ତୁମେ ମୁଦ୍ରା କାରବାରର ଆଧୁନିକ ପଦ୍ଧତି ବିଷୟରେ ଓ ସବିଶେଷ ଜାଣିବ ।



## ଆମେ କ'ଣ ଶିଖିଲେ...

→ ମୁଦ୍ରା ପ୍ରଚଳନ ପୂର୍ବରୁ ଦ୍ରବ୍ୟ ବିନିମୟ/ ବଦଳ ପଦ୍ଧତି ପ୍ରଚଳିତ ହେଉଥିଲା । ଦେଣନେଣରେ ଅନେକ ଗୁଡ଼ିଏ ସାମଗ୍ରୀ ବ୍ୟବହୃତ ହେଉଥିଲା ।

→ ବଦଳ ପଦ୍ଧତିର ସୀମିତତା ଯୋଗୁଁ ମୁଦ୍ରାକୁ ଦେଣନେଣ ମାଧ୍ୟମ ଦ୍ୱାରା ମୁଦ୍ରାର ବିକାଶ ଘଟିଲା ।

→ ସମୟାନୁକ୍ରମେ ମୁଦ୍ରାର ବିଭିନ୍ନ ପ୍ରରୂପ ଯଥା– କଉଡ଼ି, ସିକ୍କା ଓ କାଗଜନୋଟ୍ ପ୍ରଚଳିତ ହେଲା । ମୁଦ୍ରାର ବିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି । ଆମେମାନେ ନୂତନ ତଥା ସହଜ ଉପାୟରେ ମୁଦ୍ରା ବିନିମୟର ଉପାୟମାନ ବାହାର କରିବାରେ ଲାଗିଛେ । ପୂର୍ବରୁ ଆଲୋଚିତ QR କୋଡ୍ ଏହାର ଉଦାହରଣ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ବିନିମୟ ବ୍ୟବସ୍ଥା କିପରି କାର୍ଯ୍ୟ କରିଥାଏ ଓ ଏଥିରେ ବିନିମୟ ପାଇଁ କେଉଁ ପ୍ରକାରର ସାମଗ୍ରୀ ବ୍ୟବହାର କରା ଯାଉଥିଲା ?

୨. ବିନିମୟ ବ୍ୟବସ୍ଥାରେ କେଉଁ ସବୁ ଅସୁବିଧା ଥିଲା ?

୩. ପ୍ରାଚୀନ ଭାରତୀୟ ମୁଦ୍ରାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ କ'ଣ ଥିଲା ?

୪. ସମୟାନୁକ୍ରମେ ବିନିମୟର ମାଧ୍ୟମ ଭାବରେ ମୁଦ୍ରା କିପରି ପରିବର୍ତ୍ତିତ ହୋଇଛି ?

୫. ପ୍ରାଚୀନ ସମୟରେ କେଉଁ ସବୁ ପଦକ୍ଷେପ ଦ୍ୱାରା ଭାରତୀୟ ମୁଦ୍ରା ଦେଶ ମଧ୍ୟରେ ବିନିମୟର ମାଧ୍ୟମ ହୋଇ ପାରିଥିଲା ?

୬. ଅର୍ଥଶାସ୍ତ୍ରର ନିମ୍ନୋକ୍ତ ଧାଡ଼ିଗୁଡ଼ିକୁ ପଢ଼ ।

ଦୈନିକ ଏକ ଅଢ଼କା ଶସ୍ୟ ଦ୍ୱାରା ବାର୍ଷିକ ୬୦ ପଣକୁ ବଦଳାଯାଇ ପାରିବ । ଏକ ଅଢକା ୪ ଜଣଙ୍କ ଖାଦ୍ୟ ସହ ସମାନ । (ଏକ ଅଢ଼କା ପ୍ରାୟ ତିନି କିଲୋଗ୍ରାମ ସହ ସମାନ) । ଏଠାରେ ଗୋଟିଏ ପଣର ମୂଲ୍ୟ ବିଷୟରେ କ'ଣ ସୂଚନା ମିଳୁଛି ?

ପଡ଼ୋଶୀଙ୍କୁ ସାହାଯ୍ୟ କରିବାରେ ବିଫଳ ହେବାରୁ ୧୦୦ ପଣ ଜୋରିମାନା ଧାର୍ଯ୍ୟ ହୋଇଥିଲା । ଏହାକୁ ବାର୍ଷିକ ଦରମା ସହ ତୁଳନା କର । ଏହା ମାଧ୍ୟମରେ ମାନବିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରାଯାଉଥିବା ବିଷୟରେ ତୁମେ କ'ଣ ନିଷ୍କର୍ଷ ବାହାର କରିପାରିବ ?

୭. ଲୋକମାନେ କିପରି ପରସ୍ପରକୁ କଉଡ଼ିକୁ ବିନିମୟର ମାଧ୍ୟମ ଭାବରେ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଥିବେ, ତାହା ଦେଖାଇବା ପାଇଁ ଏକ ବ୍ୟଙ୍ଗ ନାଟକ ଲେଖି ଅଭିନୟ କର ।

୮. କାଗଜ ନୋଟ୍ ଛାପିବା ଓ ବିତରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ମାତ୍ର ଅନୁମୋଦିତ ଉତ୍ସ । କାଗଜ ଟଙ୍କାର ବିନିମୟ ଛାପା ତଥା ବ୍ୟବହାରକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ନୋଟ୍‌ରେ ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ସେହି ବ୍ୟବସ୍ଥାଗୁଡ଼ିକୁ ଚିହ୍ନଟ କର ଓ ଶ୍ରେଣୀରେ ଆଲୋଚନା କର ।

୯. ତୁମ ପରିବାରର ସଦସ୍ୟ ତଥା ସ୍ଥାନୀୟ ଦୋକାନୀଙ୍କଠାରୁ ଦେଣନେଣର କେଉଁ ମାଧ୍ୟମକୁ ସେମାନେ ପସନ୍ଦ କରନ୍ତି ପଚାରି ବୁଝ । ସେମାନେ ନଗଦ ରାଶି ନା ୟୁ.ପି.ଆଇ. (UPI) ପସନ୍ଦ କରୁଛନ୍ତି ଓ କାହିଁକି ?

# ଆମ ଲେଖା ଆମ ଚିତ୍ର



ଅଧ୍ୟାୟ ୧୨

# ବଜାରକୁ ବୁଝିବା

> ଲୋକମାନେ ଆବଶ୍ୟକ କରୁଥିବା ଦ୍ରବ୍ୟ ଓ ସେବା ନିଜେ ସୃଷ୍ଟି ନ କରିପାରିବା କାରଣରୁ ବଜାରର ବିକାଶ ହୁଏ ଓ ବଜାର ସମୃଦ୍ଧି ଆଣିଥାଏ ।
>
> – ଆଦାମ୍ ସ୍ମିଥ୍, ଅଷ୍ଟାଦଶ ଶତାବ୍ଦୀର ଅର୍ଥନୀତିଜ୍ଞ

## ଆସ ଚିନ୍ତା କରିବା ?

୧. ବଜାର କ'ଣ ଏବଂ ଏହା କିପରି କାର୍ଯ୍ୟ କରେ ?

୨. ଲୋକମାନଙ୍କ ଜୀବନ ଉପରେ ବଜାରର କି ଭୂମିକା ରହିଛି ?


୩. ବଜାର କାରବାରରେ ସରକାରଙ୍କର କି ଭୂମିକା ରହିଛି ?

୪. ଉପଭୋକ୍ତାମାନେ କିଣୁଥିବା ଦ୍ରବ୍ୟ ଓ ସେବାର ଗୁଣବତ୍ତା କିପରି ପରଖି ପାରିବେ ?


ଚିତ୍ର : ୧୨.୧ ଓ ୧୨.୨ରେ ଲୋକମାନେ ପନିପରିବା, ଫଳ, ବସ୍ତ୍ର, ତେଜରାତି, ମୋବାଇଲ୍ ଫୋନ୍, ରେଫ୍ରିଜିରେଟର ଆଦି କିଣାବିକା କରୁଥିବାର ତୁମେ ଲକ୍ଷ୍ୟ କରିପାରିବ । ଏହି ଦ୍ରବ୍ୟଗୁଡ଼ିକ ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ ଆଦି ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଛି ବୋଲି ତୁମେ ଷଷ୍ଠ ଶ୍ରେଣୀରେ ପଢ଼ିଛ । ତେବେ ସେହି ଦ୍ରବ୍ୟଗୁଡ଼ିକ ଆମ ନିକଟରେ କିପରି ପହଞ୍ଚେ ?



ଚିତ୍ର : ୧୨.୧




ଚିତ୍ର : ୧୨.୨


MALL

**ଆବଶ୍ୟକତା (Needs) :** ଅର୍ଥନୀତିରେ ଆବଶ୍ୟକତା ହେଉଛି ଏପରି ଏକ ଦ୍ରବ୍ୟ ଯାହା ଜଣେ ବ୍ୟକ୍ତିକୁ ବଞ୍ଚିବା ପାଇଁ ଆବଶ୍ୟକ ହୁଏ ; ଯଥା– ଖାଦ୍ୟ, ଜଳ, ବସ୍ତ୍ର ଏବଂ ବାସଗୃହ ।

**ଚାହିଦା (Wants) :** ଅର୍ଥନୀତିରେ ଚାହିଦା ଏପରି ଏକ ଦ୍ରବ୍ୟ ଯାହା ଜଣେ ବ୍ୟକ୍ତି ପାଇବାକୁ ଇଚ୍ଛାକରେ କିନ୍ତୁ ତାହା ତା'ର ବଞ୍ଚିବା ପାଇଁ ଅତ୍ୟାବଶ୍ୟକ ନଥାଏ ।

## ବଜାର କ'ଣ ?

ଯେଉଁ ସ୍ଥାନରେ ଲୋକମାନେ ସାମଗ୍ରୀ କିଣାବିକା କରିଥାନ୍ତି ତାକୁ ବଜାର କହନ୍ତି । ଏହାକୁ ମଧ୍ୟ ହାଟ (ହିନ୍ଦୀ ଓ ଓଡ଼ିଆରେ) ଏବଂ କନ୍ନଡ଼ରେ 'ମରୁକାଟେ' କୁହାଯାଏ । ତୁମ ଅଞ୍ଚଳରେ ଏହାକୁ କ'ଣ କୁହାଯାଏ ? ଏହା ଭୂ-ପୃଷ୍ଠସ୍ଥ କୌଣସି ସ୍ଥାନ କିମ୍ବା ଆଜିକାଲି ଜନପ୍ରିୟ ହୋଇଥିବା "ଅନ୍‌ଲାଇନ୍" ବା ଆଭାସୀ ମଧ୍ୟ ହୋଇଥାଇପାରେ । ବ୍ୟକ୍ତିବିଶେଷ, ପରିବାର ଏବଂ ବ୍ୟବସାୟ ପାଇଁ ବିଭିନ୍ନ ସାମଗ୍ରୀ ଓ ସେବା ମାଧ୍ୟମରେ ଉପଲବ୍ଧ ହୋଇଥାଏ । ବର୍ଷ ବର୍ଷ ଧରି ଲୋକମାନେ ବିଭିନ୍ନ ସାମଗ୍ରୀ ଓ ସେବା ମାଧ୍ୟମରେ ସେମାନଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ବଜାର ଉପରେ ନିର୍ଭର କରିଆସୁଅଛି । ଅଧିକନ୍ତୁ ବଜାରଗୁଡ଼ିକ ଲୋକ, ପରମ୍ପରା ତଥା ଚିନ୍ତାଧାରା ଆଦିକୁ ଯୋଡ଼ିଥାଏ ।

ଆସ ଷୋଡ଼ଶ ଶତାବ୍ଦୀରେ ଭାରତରେ ଚାଲୁଥିବା ଏକ ବଜାର ସମ୍ବନ୍ଧରେ ଜାଣିବା

### କର୍ଣ୍ଣାଟକ ରାଜ୍ୟର ଗୌରବମୟ ହାମ୍ପି ବଜାର ।



ଚିତ୍ର : ୧୨.୩ ହାମ୍ପି ବଜାରର ବର୍ତ୍ତମାନ ଦୃଶ୍ୟ

**ବାଣିଜ୍ୟ (Trade) :** ବ୍ୟକ୍ତି କିମ୍ବା ଦେଶ ମଧ୍ୟରେ ଦ୍ରବ୍ୟ ଏବଂ ସେବାର କ୍ରୟ ଏବଂ ବିକ୍ରୟ କିମ୍ବା ବିନିମୟକୁ ବାଣିଜ୍ୟ କୁହାଯାଏ ।

କର୍ଣ୍ଣାଟକର ବିଜୟନଗର ସାମ୍ରାଜ୍ୟ ଅନ୍ତର୍ଗତ 'ହାମ୍ପି' ବଜାର ଅତୀତରେ ଏକ ସମୃଦ୍ଧ ବାଣିଜ୍ୟ ସ୍ଥଳୀ ଥିଲା । ବିରୁପାକ୍ଷ ମନ୍ଦିର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଥିବା ଏହି ବଜାରଟି ବିକଶିତ ବାଣିଜ୍ୟର କେନ୍ଦ୍ରସ୍ଥଳ ଥିଲା । ଏହି ସହରର ପ୍ରାଚୁର୍ଯ୍ୟ ଓ ସମୃଦ୍ଧିକୁ ଅନେକ ବିଦେଶୀ ବିବରଣୀରେ ବର୍ଣ୍ଣନା କରାଯାଇଛି ।

ପ୍ରସିଦ୍ଧ ପର୍ତ୍ତୁଗୀଜ ପରିବ୍ରାଜକ 'ଡୋମିଙ୍ଗୋସ୍ ପେସ୍' ଏହାକୁ ବିଶ୍ୱର ସର୍ବୋତ୍ତମ "ଯୋଗାଣ ଭିତ୍ତିକ ସହର" ବୋଲି କହିଥିଲେ । କାରଣ ଏଠାରେ ବିଭିନ୍ନ ପ୍ରକାର ଉତ୍ପାଦ ଯଥା– ଶସ୍ୟ, ବିହନ, କ୍ଷୀର, ତେଲ, ରେଶମ, ଗାଈ, ଠେକୁଆ, ଘୋଡ଼ା ଓ ଏପରି କି ଗୁଣ୍ଡୁରୀ ଚଢ଼େଇ ଓ ହରଡ଼ ଚଢ଼େଇ ଭଳି ପକ୍ଷୀ ଆଦିର କିଣାବିକା ହେଉଥିଲା । ଆଉ ଜଣେ ପର୍ତ୍ତୁଗୀଜ ପରିବ୍ରାଜକ 'ଫର୍ଣ୍ଣାଓ ନୁନୀଜ' ତାଙ୍କ ବିବରଣୀରେ ଆହୁରି ଅନେକ ତଥ୍ୟ ପ୍ରଦାନ କରିଛନ୍ତି ।

ତାଙ୍କ ମତରେ "ଏହି ବଜାରର ବିଭିନ୍ନ ଗଳିରେ କରତ ତିଆରି କାଠକାମ, ସୁନା ଅଳଙ୍କାର, ମୂଲ୍ୟବାନ ପଥର ଯଥା ମାଣିକ୍ୟ, ହୀରା ଓ ମୁକ୍ତା ସମେତ ଅନ୍ୟାନ୍ୟ ମୂଲ୍ୟବାନ ପଥରର ବିଭିନ୍ନ ସାମଗ୍ରୀ କାରିଗରମାନେ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଏଠାରେ କପା ପ୍ରସ୍ତୁତ କପଡ଼ା ଓ ଲୁଗା ଏବଂ ପ୍ରଚୁର ପରିମାଣରେ ଘାସ ଓ ନଡ଼ା ମଧ୍ୟ ବିକ୍ରି ପାଇଁ ଉପଲବ୍ଧ ଥିଲା। ଏଠାକାର ନିରସ ଭୂମିରେ ପ୍ରାୟ ସମସ୍ତ ସାମଗ୍ରୀର ଭରପୁର ଭଣ୍ଡାର ବିଷୟରେ ବର୍ଣ୍ଣନା କଲାବେଳେ ଏହା ବିଶ୍ୱାସ କରିହୁଏ ନାହିଁ।"

## ଆସ ଅନୁସନ୍ଧାନ କରିବା



- → ତୁମେ ଭାବି ପାରୁଛ କି ଏହି ବଜାର ନିଜର ପୂର୍ଣ୍ଣ ବିକାଶ ସମୟରେ କିପରି ଦିଶୁଥିବ ?
- → ତୁମ ଅଞ୍ଚଳର କୌଣସି ପ୍ରାଚୀନ ବଜାର ସମ୍ବନ୍ଧରେ ଜାଣିଛ କି ? ସେଗୁଡ଼ିକ ଆଜିକାଲିର ବଜାରଠାରୁ କିପରି ସମାନ ବା ଭିନ୍ନ ଥିଲେ। ନିଜ ପରିବାର ତଥା ଆଖପାଖ ବୟସ୍କ ଲୋକଙ୍କଠାରୁ ଏହି ବିଷୟରେ ପଚାରି ବୁଝ।

ଆସ, ବଜାର କିପରି କାର୍ଯ୍ୟକରେ, ସେ ବିଷୟରେ ଅଧିକ ଜାଣିବା !

## ଆସ ଅନୁସନ୍ଧାନ କରିବା



ଚିତ୍ର : ୧୨.୪କୁ ଲକ୍ଷ୍ୟ କର। ଏହି ଦୁଇ ଜଣ କ'ଣ ଆଲୋଚନା କରୁଛନ୍ତି ? ତୁମେ ଓ ତୁମର ବନ୍ଧୁ ନିଜକୁ ପିଜୁଳିର ଜଣେ କ୍ରେତା ଓ ଅନ୍ୟଜଣେ ବିକ୍ରେତା ବୋଲି ଭାବ। ତୁମ ଭିତରେ କେଉଁ ସବୁ କଥାବାର୍ତ୍ତା ହୋଇଥାଇପାରେ, ତାକୁ ଲେଖି ରଖି ଏକ ବ୍ୟାଙ୍ଗାତ୍ମକ ନାଟକ ମାଧ୍ୟମରେ ଶ୍ରେଣୀରେ ଉପସ୍ଥାପନ କର।



ଚିତ୍ର ୧୨.୪

କୌଣସି ସ୍ଥାନକୁ ବଜାର ବୋଲି କହିବା ପାଇଁ କିଛି ବୈଶିଷ୍ଟର ଆବଶ୍ୟକ ଥାଏ। ଏହି ଅଧ୍ୟାୟ ଆରମ୍ଭରେ ଚିତ୍ର ୧୨.୨ରେ ପ୍ରଦତ୍ତ ବଜାର ଛବିରେ କ୍ରେତା ଓ ବିକ୍ରେତାମାନ ଥିବାର ଦେଖିପାରିବ। କୌଣସି ସାମଗ୍ରୀର କିଣାବିକା ପାଇଁ ଉଭୟଙ୍କୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ସହମତ ହେବାକୁ ପଡ଼ିଥାଏ। ସୁତରାଂ, ଦେଣନେଣ ପାଇଁ ସାମଗ୍ରୀର ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଅଟେ।

**ମୂଲ୍ୟ (Price) :** ମୂଲ୍ୟ ହେଉଛି ସେହି ପରିମାଣ, ଯେଉଁଥିରେ ଜଣେ କ୍ରେତା କିଣିବାକୁ ରାଜି ହୁଏ, ଏବଂ ଜଣେ ବିକ୍ରେତା ନିର୍ଦ୍ଦିଷ୍ଟ ସାମଗ୍ରୀ କିମ୍ବା ସେବା ବିକ୍ରୟ କରିବାକୁ ଇଚ୍ଛା ପ୍ରକାଶ କରେ।

ବହୁ ସମୟରେ କ୍ରେତା ଓ ବିକ୍ରେତାମାନେ ଏକ ଗ୍ରହଣୀୟ ମୂଲ୍ୟରେ ପହଞ୍ଚିବା ପାଇଁ ପରସ୍ପର ମଧ୍ୟରେ ମୂଲଚାଲ କରିଥାନ୍ତି । ତୁମେ କରିଥିବା ବ୍ୟଙ୍ଗାତ୍ମକ ନାଟକରେ କି ପ୍ରକାର ମୂଲଚାଲ ଓ ଦାମ ନିର୍ଦ୍ଧାରଣ ହୋଇଥିଲା ?

### ଏହା ବିଷୟରେ ଚିନ୍ତାକର

ତୁମେ ଏପରି କିଛି ବଜାର ବିଷୟରେ ଜାଣିଛ କି, ଯେଉଁଠି ମୂଲଚଲ କମ୍ ହୋଇଥାଏ ? ଏହାର କାରଣ କ'ଣ ?

## ମୂଲ୍ୟ ଓ ବଜାର

ବଜାରରେ ବହୁ କ୍ରେତା ବିକ୍ରେତା ଥିଲେ କ'ଣ ହୁଏ ? କ୍ରେତା ବିକ୍ରେତାଙ୍କ ମଧ୍ୟରେ ମୂଲଚାଲରେ ସାମଗ୍ରୀଗୁଡ଼ିକର ଦର କିପରି ଧାର୍ଯ୍ୟ ହୋଇଥାଏ ?

ଚିତ୍ର ନଂ : ୧୨.୫ରେ ଠେଲାଗାଡ଼ି ବିକାଳି ଜଣକ ପିଜୁଳି କିଲୋପ୍ରତି ୮୦ ଟଙ୍କାରେ ବିକ୍ରି କରିବାକୁ ସ୍ଥିର କରିଛନ୍ତି । ତେବେ, କ୍ରେତାମାନେ ସେହି ଦରରେ ପିଜୁଳି କିଣିବାକୁ ରାଜି ନ ହୋଇପାରନ୍ତି । କ୍ରେତାଙ୍କୁ ମୂଲ୍ୟ ଅଧିକ ଲାଗିଲେ, ସେମାନେ ନିଜକୁ ସୁହାଇବା ଦରରେ କିଣିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି । ବିକ୍ରେତା କିନ୍ତୁ କ୍ରେତାଙ୍କ ମନସ୍ଥ ଦରରେ ବିକିବାକୁ ରାଜି ନହୋଇ ପାରନ୍ତି । କାରଣ ଏହାଦ୍ୱାରା ସେ କ୍ଷତିଗ୍ରସ୍ତ ହେବେ । ଉଭୟ କେତ୍ରା ଓ ବିକ୍ରେତା ଏକ ସହମତ ଦରରେ ପହଞ୍ଚିବା ପର୍ଯ୍ୟନ୍ତ ମୂଲଚାଲ ଚାଲିଥାଏ । ଦରସ୍ଥିରୀକୃତ ହେବାପରେ ହିଁ କାରବାର ସମାପ୍ତ ହୋଇଥାଏ । ସହମତ ଭିତ୍ତିରେ ଦର ନ ଛିଡ଼ିଲେ, କାରବାର ହୋଇପାରେ ନାହିଁ ।

ଆସ, କିଛି ଦୃଶ୍ୟପଟ ମାଧ୍ୟମରେ ଏହାକୁ ବୁଝିବା

**୧. ବିକ୍ରେତା ଅଧିକ ଦର ସ୍ଥିର କରିଥିଲେ କଣ ହୁଏ ?**




ଚିତ୍ର ୧୨.୫

୨. ବିକ୍ରେତା ଜଣକ ଦର କମ୍ ରଖିଥିଲେ କ'ଣ ହୁଏ ?




ଚିତ୍ର ୧୨.୬

୩. ସମୟ ସହିତ ପିଜୁଳିର ଦର ଏପରି ସଠିକ୍ ଭାବେ ସ୍ଥିର ହୁଏ ଯେ ଏହା କ୍ରେତାଙ୍କ ପାଇ ଖୁବ୍ ଅଧିକ ନୁହେଁ କି ବିକ୍ରେତାଙ୍କ ପାଇଁ ବହୁତ କମ୍ ନୁହେଁ।




ଚିତ୍ର ୧୨.୭

ପ୍ରଦତ୍ତ ତିନିଗୋଟି ଦୃଶ୍ୟ ପଟରୁ ଶିକ୍ଷା ଲାଭ କରି ବିକ୍ରେତା ପ୍ରାୟତଃ କ୍ରେତାଙ୍କ ଦ୍ୱାରା କେତେ ପରିମାଣର ପିଜୁଳି ଆବଶ୍ୟକ ହେବ ତା'ର ଆକଳନ କରିଥାନ୍ତି ଏବଂ ଭବିଷ୍ୟତରେ ସେହି ପରିମାଣର ପିଜୁଳି ବଜାରକୁ ଆଣିଥାନ୍ତି।

ସମୟାନୁକ୍ରମେ ବିକ୍ରେତାମାନେ ଆଣୁଥିବା ଦ୍ରବ୍ୟର ପରିମାଣ ଓ କ୍ରେତାମାନେ ଆବଶ୍ୟକ କରୁଥିବା ପରିମାଣ ଦ୍ୱାରା ସାମଗ୍ରୀର ଦର ସ୍ଥିରୀକୃତ ହୋଇଥାଏ। ଏହା ବିକ୍ରେତା ଓ କ୍ରେତା ଉଭୟଙ୍କୁ ଗ୍ରହଣଯୋଗ୍ୟ ଅନୁଭବ ହୁଏ।

## ଏହା ବିଷୟରେ ଚିନ୍ତାକର

ସାପ୍ତାହିକ ହାଟଗୁଡ଼ିକରେ ଦିନ ତୁଳନାରେ ରାତ୍ରୀବୃଦ୍ଧି ସହ ପନିପରିବା ଶସ୍ତାରେ ବିକ୍ରି ହୁଏ। ଏମିତି ହେବାର କାରଣ ତୁମେ କ'ଣ ଭାବୁଛ ? ଶୀତ ଋତୁ ଶେଷରେ ପୋଷାକ ଦୋକାନଗୁଡ଼ିକ ଉଲ୍/ପଶମ ପୋଷାକ ଉପରେ ଅଧିକ ରିହାତି ପ୍ରଦାନ କରିଥାନ୍ତି। ଏପରି କାହିଁକି ଘଟିଥାଏ ?

## ଆମ ଚତୁଃପାର୍ଶ୍ୱସ୍ଥ ବଜାର

ବଜାର ପ୍ରାୟ ସବୁଠାରେ ଓ ବିଭିନ୍ନ ରୂପରେ ଉପଲବ୍ଧ ହୋଇଥାଏ।


**ଉତ୍ପାଦନ ପାଇଁ ସାଧନ (Inputs for production) :** ସାମଗ୍ରୀ କିମ୍ବା ସମ୍ବଳ ଯାହା ଦ୍ରବ୍ୟ ଏବଂ ସେବା ଉତ୍ପାଦନରେ ବ୍ୟବହୃତ ହୁଏ।

### ଭୌତିକ ଓ ଅନ୍‌ଲାଇନ୍ ବଜାର

ଭୌତିକ ବଜାରରେ କ୍ରେତା ଓ ବିକ୍ରେତା ପରସ୍ପରକୁ ଭେଟିଥାନ୍ତି ଏବଂ ମୁଦ୍ରା ବଦଳରେ ଦ୍ରବ୍ୟ ଓ ସେବା କ୍ରୟ କରିଥାନ୍ତି। ଏହା ବଜାରର ସବୁଠାରୁ ସାଧାରଣ ରୂପ। ଏଥିରେ ସାପ୍ତାହିକ ବଜାର ବା ହାଟ ମଧ୍ୟ ଅନ୍ତର୍ଭୁକ୍ତ। ଏଥିରେ ବିକ୍ରେତାମାନେ ଧାଡ଼ିଧାଡ଼ି କରି ବସି କିମ୍ବା ଠେଲାଗାଡ଼ି ମାଧ୍ୟମରେ ପନିପରିବା, ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ଓ ହସ୍ତଶିଳ୍ପ ସାମଗ୍ରୀ ଆଦି ବିକ୍ରି କରିଥାନ୍ତି। ଦୋକାନ ଘର ଥିବା ସ୍ଥାନୀୟ ବଜାର ତଥା ରାସ୍ତାକଡ଼ ଖାଦ୍ୟ ଓ ଘର ସାଜସଜ୍ଜା ସାମଗ୍ରୀ ବିକୁଥିବା ଲୋକଙ୍କ ଦ୍ୱାରା ସୃଷ୍ଟି କୋଳାହଳପୂର୍ଣ୍ଣ ସ୍ଥାନ ମଧ୍ୟ ଭୌତିକ ବଜାର ଅନ୍ତର୍ଭୁକ୍ତ। ସହର ଓ ନଗରୀମାନଙ୍କରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ଗଢ଼ି ଉଠିଥିବା ବହୁତଳ ବିଶିଷ୍ଟ କୋଠା ବା ମଲ୍‌ଗୁଡ଼ିକରେ ଅନେକଗୁଡ଼ିକ ଷ୍ଟୋର ରହିଥାଏ।

**ନିର୍ମାତା (Manufacturer) :** ବିକ୍ରିୟ ପାଇଁ ସାମଗ୍ରୀ ପ୍ରସ୍ତୁତ କରୁଥିବା ବ୍ୟକ୍ତି କିମ୍ବା କମ୍ପାନୀ।

ଆଜିକାଲି କ୍ରେତା ବିକ୍ରେତାମାନେ କିଣାବିକା ନିମନ୍ତେ ପରସ୍ପରକୁ ଭେଟିବାର ଆବଶ୍ୟକତା ନାହିଁ। ସେମାନେ ପରସ୍ପର ଠାରୁ ହଜାର ହଜାର କିଲୋମିଟର ଦୂରରେ ଥାଇ ମଧ୍ୟ କିଣାବିକା କରିପାରିବେ। ଏଥିପାଇଁ ସେମାନେ ମୋବାଇଲ୍ ଫୋନ୍ ବା କମ୍ପ୍ୟୁଟରରେ ସପିଂ ଆପ୍ ବ୍ୟବହାର କରିଥାନ୍ତି। ଏହି ସପିଂ ଆପ୍ ଗୁଡ଼ିକ ବ୍ୟବସାୟ ସଂସ୍ଥା ଗୁଡ଼ିକଦ୍ୱାରା ସୃଷ୍ଟି ହୋଇଥାଏ। ଏହା ମାଧ୍ୟମରେ ଲୋକମାନଙ୍କୁ ବିବିଧ ପ୍ରକାରର ସାମଗ୍ରୀ ଓ ସେବା ଯୋଗାଇ ଦିଆଯାଏ। ଏହା କିପରି କାର୍ଯ୍ୟକରେ, ସେ ବିଷୟରେ ଆମେ ନିମ୍ନ ବିଭାଗରେ ଜାଣିବା।




ଅନ୍‌ଲାଇନ୍ ମାଧ୍ୟମରେ ପୁସ୍ତକ, ପୋଷାକ, ଫର୍ଣ୍ଣିଚର, ତେଜରାତି ଦ୍ରବ୍ୟ ଓ ଏପରିକି ଟି.ଭି, ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଆଦି ଜଣେ ବ୍ୟକ୍ତିଙ୍କ ଦୁଆର ମୁହଁରେ ପହଞ୍ଚିଥାଏ। ବିନିର୍ମାଣକାରୀମାନେ ମଧ୍ୟ ଅନ୍‌ଲାଇନ୍‌ରେ ବିଭିନ୍ନ ଯନ୍ତ୍ରାଂଶ କିଣି ସେମାନଙ୍କର ଉତ୍ପାଦନ ବୃଦ୍ଧି କରିଥାନ୍ତି। ଦ୍ରବ୍ୟଗୁଡ଼ିକ ବ୍ୟତୀତ ଘରୁ ବାହାରକୁ ନଯାଇ ଅନ୍‌ଲାଇନ୍ ପାଠପଢ଼ା ଭଳି ସେବା ମଧ୍ୟ ମିଳିପାରୁଛି। ଏସବୁ ସେବା ପାଇଁ ଦେୟ ମଧ୍ୟ ଅନ୍‌ଲାଇନ୍‌ରେ ପୈଠ କରିହେଉଛି।

## ଏହା ବିଷୟରେ ଚିନ୍ତାକର

→ ଅନ୍‌ଲାଇନ୍ ଓ ଭୌତିକ କିଣାବିକାରେ କି କି ସୁବିଧା ଓ ଅସୁବିଧା ରହୁଛି ବୋଲି ତୁମେ ଭାବୁଛ ? ଉଭୟ କ୍ରେତା ଓ ବିକ୍ରେତାଙ୍କ ଦୃଷ୍ଟିକୋଣରୁ ଏହି ପ୍ରସଙ୍ଗ ବିଷୟରେ ଅନୁସନ୍ଧାନ କର ।

→ ସିଲେଇ ଭଳି କେତେକ ସେବାରେ ବ୍ୟକ୍ତିଗତ ସମ୍ପର୍କର ଆବଶ୍ୟକତା ଥାଏ । ଭୌତିକ ବଜାରର ଆବଶ୍ୟକ ଥିବା ଆଉ କିଛି ସେବାର ଉଦାହରଣ ତୁମେ ଦେଇ ପାରିବ କି ?

ଆଉ କେତେକ ପ୍ରକାର ବଜାର ରହିଛି ଯାହା ଦ୍ରବ୍ୟ ବା ସେବା କାରବାର କରେନାହିଁ । ସେଗୁଡ଼ିକ ମଧ୍ୟରେ ସେୟାର ବା ଷ୍ଟକ୍ ବଜାର ଅନ୍ୟତମ । ଏ ବିଷୟରେ ଅଧିକ ଜାଣିବା ପାଇଁ ତୁମେ ତୁମ ନିଜ ପରିବାରର ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆଖପାଖ ଲୋକଙ୍କୁ ପଚାରି ବୁଝ ।



ଚିତ୍ର ୧୨.୯


## ଘରୋଇ ଓ ଆନ୍ତର୍ଜାତିକ ବଜାର

ଯେଉଁ ବଜାରରେ ଦେଶର ଭୌଗୋଳିକ ପରିସୀମା ଭିତରେ କିଣା ବିକା ହୋଇଥାଏ, ତାକୁ ଘରୋଇ ବଜାର କୁହାଯାଏ । ଉଦାହରଣ ସ୍ୱରୂପ, ଏହି ପାଠ୍ୟପୁସ୍ତକ ସଂକଳନରେ ବ୍ୟବହୃତ କାଗଜ ଦେଶର ବଡ଼ ବଡ଼ କାଗଜ ଶିଳ୍ପରେ ପ୍ରସ୍ତୁତ ହୋଇଛି । ଏଥିପାଇଁ କ୍ରେତା ବିକ୍ରେତାଙ୍କ ମଧ୍ୟରେ କାଗଜ କିଣାବିକା ଦେଶ ଭିତରେ ହିଁ ହୋଇଛି ।

ଆନ୍ତର୍ଜାତୀୟ ବଜାରଗୁଡ଼ିକ କୌଣସି ଦେଶର ସୀମା ବାହାରେ ଥାଏ । ଗୋଟିଏ ଦେଶର ବିକ୍ରେତାମାନେ ସେମାନଙ୍କର ଉତ୍ପାଦ ଅନ୍ୟ ଏକ ଦେଶକୁ ରପ୍ତାନୀ କରନ୍ତି ବା କୌଣସି ଦେଶର କ୍ରେତାମାନେ ଅନ୍ୟ ଏକ ଦେଶର ଉତ୍ପାଦକୁ ଆମଦାନୀ କରିଥାନ୍ତି । ଏହିପରି ଭାବେ ଦେଶରେ ସୀମା ପାର ବାଣିଜ୍ୟ ସଂଘଟିତ ହୋଇଥାଏ ।

**ରପ୍ତାନୀ (Export) :** କୌଣସି ଦେଶର ଉତ୍ପାଦିତ ଦ୍ରବ୍ୟ ଓ ସେବା ଅନ୍ୟ ଦେଶର କ୍ରେତାଙ୍କୁ ବିକ୍ରି କରିବାକୁ ରପ୍ତାନୀ କୁହାଯାଏ ।

**ଆମଦାନୀ (Import) :** ଅନ୍ୟ ଦେଶରୁ ଦ୍ରବ୍ୟ ବା ସେବା କିଣି ନିଜ ଦେଶକୁ ଆଣିବାକୁ ଆମଦାନୀ କୁହାଯାଏ ।





## ମନେରଖ

୨୦୨୪ ମସିହାରେ ତାଳତେଲ, ସୂର୍ଯ୍ୟମୁଖୀ ତେଲ ଓ ସୋୟାବିନ୍ ଆଦି ବନସ୍ପତି ତେଲ ଆମଦାନୀରେ ଭାରତ ପୃଥିବୀର ଅଗ୍ରଣୀ ତୈଳ ଆମଦାନୀକାରୀ ଦେଶ। ତାଳତେଲ ମୁଖ୍ୟତଃ ମାଲେସିଆ, ଇଣ୍ଡୋନେସିଆ ଓ ଥାଇଲାଣ୍ଡରୁ ଆମଦାନୀ କରାଯାଏ।

## ପାଇକାରୀ ଓ ଖୁଚୁରା ବଜାର


ବଜାରର ସୁପରିଚାଳନାରେ ଅନେକ ଅଂଶଗ୍ରହଣକାରୀଙ୍କ ଭୂମିକା ରହିଛି ।




ଚିତ୍ର ୧୨.୧୧

### ଆସ ଅନୁସନ୍ଧାନ କରିବା

ଚିତ୍ର ୧୨.୧୧ କୁ ଲକ୍ଷ୍ୟ କର ଏବଂ ଦ୍ରବ୍ୟ ନିର୍ମାଣକାରୀ/ଉତ୍ପାଦନକାରୀଙ୍କ ଠାରୁ ଉପଭୋକ୍ତା/ଗ୍ରାହକ ନିକଟକୁ ଦ୍ରବ୍ୟର ପ୍ରବାହକୁ ବର୍ଣ୍ଣନା କର । ଏହି ପ୍ରବାହରେ ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କର କି ଭୂମିକା ରହିଛି ?



ଭୌତିକ ବଜାର କ୍ଷେତ୍ରରେ ପାଇକାରୀ ବ୍ୟବସାୟୀମାନେ ଉତ୍ପାଦନକାରୀ ବା ନିର୍ମାଣକାରୀଙ୍କଠାରୁ ବହୁ ପରିମାଣରେ ଦ୍ରବ୍ୟ କିଣିଥାନ୍ତି । ଉଦାହରଣ ସ୍ୱରୂପ, ଶସ୍ୟ, ପନିପରିବା ଓ ଫଳ ଆଦି ପାଇକାରୀ ବ୍ୟବସାୟୀମାନେ ସିଧାସଳଖ କୃଷିଫାର୍ମ ଗୁଡ଼ିକରୁ କିଣିଥାନ୍ତି । ସେଗୁଡ଼ିକ ସେମାନେ ବୃହତ୍ ପଣ୍ୟାଗାରରେ ସାଇତି ରଖିଥାନ୍ତି, ଯାହାକୁ ଗୋଦାମ ଘର କୁହାଯାଏ ।



ଚିତ୍ର ୧୨.୧୨ ପନିପରିବା ପାଇଁ ଶୀତଳ ଭଣ୍ଡାର ସଂରକ୍ଷଣ ବ୍ୟବସ୍ଥା

ଶୀଘ୍ର ପଚିସଢ଼ି ଯାଉଥିବା ଦ୍ରବ୍ୟ କ୍ଷେତ୍ରରେ ଶୀତଳ ଭଣ୍ଡାର ବ୍ୟବହାର କରାଯାଇଥାଏ। ପରେ ସେଗୁଡ଼ିକ ବଜାରକୁ ଛଡ଼ାଯାଏ, ଯାହାକୁ ମଣ୍ଡି କୁହାଯାଏ।

**ଶୀତଳ ଭଣ୍ଡାର (Cold storage):** ବିଶେଷ ଗୋଦାମ କିମ୍ବା ଶୀଘ୍ର ପଚିସଢ଼ି ନଷ୍ଟହୋଇଯାଉଥିବା ଦ୍ରବ୍ୟକୁ ଏକ ନିର୍ଦ୍ଦିଷ୍ଟ ନିମ୍ନ ତାପମାତ୍ରାରେ ସଂରକ୍ଷିତ ରଖୁଥିବା ଗୃହ।



ଚିତ୍ର : ୧୨.୧୩ ଚିତ୍ର ୧୨.୧୩ : ଶସ୍ୟ ସଂରକ୍ଷଣ କରୁଥିବା ଗୋଦାମ



ଚିତ୍ର ୧୨.୧୪ : ପାଇକାରୀ ଦୋକାନର ବଡ଼ ଗୋଦାମ

ସେହିପରି ଅନ୍ୟାନ୍ୟ ସାମଗ୍ରୀ ଯଥା ରାସାୟନିକ ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଓ ଯନ୍ତ୍ରାଂଶ, ନିର୍ମାଣ ସାମଗ୍ରୀ, ଗାଡ଼ି ମଟର ଯନ୍ତ୍ରାଂଶ ଆଦି ପାଇଁ ମଧ୍ୟ ପାଇକାରୀ ବଜାର ରହିଛି।



ଚିତ୍ର ୧୨.୧୫ : ପୁରୁଣା ଦିଲ୍ଲୀସ୍ଥିତ ଖାରିବାଓଲି ମସଲା ବଜାର (ମସଲା ଏବଂ ଶୁଖିଲା ଫଳ)



ଚିତ୍ର ୧୨.୧୬ : ବେଙ୍ଗାଲୁରର ଫୁଲ ବଜାର

ପାଇକାରୀ ବ୍ୟବସାୟୀମାନେ ଛକ ତଥା ଗଳିକନ୍ଦିରେ ଥିବା ଛୋଟ ଛୋଟ ଦୋକାନୀଙ୍କୁ ସାମଗ୍ରୀ ଯୋଗାଇଥାନ୍ତି। ଏହି ଛୋଟ ଛୋଟ ଦୋକାନୀଙ୍କୁ ଖୁଚୁରା ଦୋକାନୀ କୁହଯାଏ। ଶେଷରେ ଉପଭୋକ୍ତାମାନଙ୍କୁ ଖୁଚୁରା ଦୋକାନୀମାନେ ଜିନିଷ ବିକିଥାନ୍ତି। ଖୁଚୁରା ଦୋକାନୀମାନେ ଅଳ୍ପ ଅଳ୍ପ ପରିମାଣରେ ଦ୍ରବ୍ୟ ବିକିଥାନ୍ତି। ଏହା ପୁନଃବିକ୍ରିପାଇଁ ନୁହେଁ ବରଂ ଉପଭୋଗ ପାଇଁ ବ୍ୟବହୃତ ହୋଇଥାଏ। ବିଭିନ୍ନ ସେବା ଯଥା– ସେଲୁନ, ସିନେମା ହଲ୍ ଓ ରେଷ୍ଟୁରାଣ୍ଟ ଆଦି ଖୁଚୁରା ବ୍ୟବସାୟ ଅନ୍ତର୍ଗତ। ଖୁଚୁରା ଦୋକାନୀମାନେ ଗୃହସ୍ଥମାନଙ୍କୁ ବିଭିନ୍ନ ଦ୍ରବ୍ୟ ଓ ସେବା ଉପଲବ୍ଧତା ବଢ଼ାଇବାରେ ସାହାଯ୍ୟ କରିଥାନ୍ତି ।




ଚିତ୍ର ୧୨.୧୭ : ଜୟପୁରସ୍ଥିତ ଜୋହରି ବଜାର (ମୂଲ୍ୟବାନ ପଥର ଓ ଅଳଙ୍କାର)

କେତେକ କ୍ଷେତ୍ରରେ, ପାଇକାରୀ ବ୍ୟବସାୟୀମାନେ ଦୂରତା ତଥା ଭୂ-ଉଚ୍ଚାବାଚ ଦୃଷ୍ଟିରୁ ସମସ୍ତ ଖୁଚୁରା ବ୍ୟବସାୟୀଙ୍କ ନିକଟରେ ସାମଗ୍ରୀ ଯୋଗାଇ ପାରିନଥାନ୍ତି। ବିତରଣକାରୀମାନେ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିଥାନ୍ତି। ତୁମେ ଷଷ୍ଠଶ୍ରେଣୀ ଅମୂଲ ଗଳ୍ପରେ ଦୁଗ୍ଧ କାରବାରରେ ଲିପ୍ତ ମଧ୍ୟସ୍ଥିମାନଙ୍କୁ ମନେରଖିଛ କି ?

ତେବେ, ଆନ୍‌ଲାଇନ୍ ବଜାର କ୍ଷେତ୍ରରେ ବିତରଣ ପ୍ରଣାଳୀ ଭିନ୍ନ ଅଟେ। ଏଠାରେ ଉତ୍ପାଦନକାରୀମାନେ ବିପୁଳ ପରିମାଣରେ ଦ୍ରବ୍ୟ ଅନ୍‌ଲାଇନ୍ ଆପ୍ ଜରିଆରେ ବିକ୍ରି ପାଇଁ ବ୍ୟବସାୟୀଙ୍କ ଗୋଦାମକୁ ପଠାଇଥାନ୍ତି। ଗ୍ରାହକମାନେ ଅନ୍‌ଲାଇନ୍ ବିକଳ୍ପ ମାଧ୍ୟମରେ (ୱେବସାଇଟ୍ କିମ୍ବା ମୋବାଇଲ୍ ପ୍ରୟୋଗ) ଏ ସବୁ ଦ୍ରବ୍ୟ କିଣିଥାନ୍ତି। ଏ ପ୍ରକାର ବ୍ୟବସାୟକୁ ଏକଜୁଟକାରୀ କୁହାଯାଏ। ଏକଜୁଟକାରୀମାନେ ବିଭିନ୍ନ ଦ୍ରବ୍ୟଗୁଡ଼ିକୁ ବନ୍ଦ ବା ପ୍ୟାକ୍ କରି ଅନ୍‌ଲାଇନ୍ ଗ୍ରାହକଙ୍କୁ ଯୋଗାଇ ଦେଇଥାନ୍ତି।

ବିତରକ (Distributors) : ଉତ୍ପାଦନକାରୀ ଏବଂ ପାଇକାରୀ ବ୍ୟବସାୟୀଙ୍କ ଠାରୁ ଦ୍ରବ୍ୟ ଆଣି ବ୍ୟକ୍ତିବିଶେଷ କିମ୍ବା ବ୍ୟବସାୟୀଙ୍କୁ ଯୋଗାଉଥିବା ସଂସ୍ଥା।

ସଂଗ୍ରାହକ ବା ଏକଜୁଟକାରୀ (Aggregator) : ୱେବ୍‌ସାଇଟ୍ କିମ୍ବା ମୋବାଇଲ ଆପ୍ଲିକେସନ୍ ଯାହାକି ଏକାଧିକ ବିକ୍ରେତାଙ୍କ ଠାରୁ ଅଫରଗୁଡ଼ିକୁ ସଂଗଠିତ ଏବଂ ମିଶ୍ରଣ କରି ସେଗୁଡ଼ିକୁ ଗୋଟିଏ ସ୍ଥାନରେ ଗ୍ରାହକଙ୍କୁ ବିକ୍ରୟ କରୁଥିବା ସଂସ୍ଥା।



ଚିତ୍ର : ୧୨.୧୭ ପୋଷାକ ଦୋକାନ




ଚିତ୍ର : ୧୨.୧୭ ସେଲୁନ୍



ଚିତ୍ର : ୧୨.୨୦ ମଲ




ଚିତ୍ର : ୧୨.୨୧ ତେଜେରାତି ଦୋକାନ

ଆସ ଗୁଜୁରାଟର ସୁରତ ଭୌତିକ କପଡ଼ା ବଜାରରେ ଚଳୁଥିବା ଯୋଗାଣ ଶୃଙ୍ଖଳ ଉପରେ ଅନୁସନ୍ଧାନ କରିବା। ଏହା ଏସିଆ ମହାଦେଶର ସର୍ବ ବୃହତ କପଡ଼ା ବଜାର ଓ ଏହି ସହର କପଡ଼ାର କେନ୍ଦ୍ରସ୍ଥଳ ଭାବେ ପ୍ରସିଦ୍ଧ। ସୁରତର ହଜାର ହଜାର କାରଖାନାରୁ ପ୍ରସ୍ତୁତ ତୁଳାସୂତା ଓ ସିନ୍ଥେଟିକ କପଡ଼ା ବଜାରକୁ ଆସିଥାଏ। କାର୍ପାସ ବୟନ କ୍ଷେତ୍ରରେ ବ୍ୟବହୃତ କପା ମହାରାଷ୍ଟ୍ରର କପା ବଜାର ତଥା ଗୁଜରାଟରୁ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ। କପାକୁ ବିଭିନ୍ନ ପର୍ଯ୍ୟାୟ ପ୍ରକ୍ରିୟାକରଣ ଯଥା– ଶକ୍ତିଚାଳିତ ତନ୍ତରେ ସୂତା କଟାଯାଏ, ପରେ ରଙ୍ଗ ଦିଆଯାଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କପଡ଼ା ବା ପୋଷାକରେ ପରିଣତ କରାଯାଏ। ଉତ୍ପାଦଟି ବଜାର ମାଧ୍ୟମରେ ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ପର୍ଯ୍ୟାୟକୁ ଗତି କରେ। ବୁଣା କପଡ଼ା, ରଙ୍ଗୀନ କପଡ଼ା ତଥା ଶାଢ଼ୀ ଓ ପ୍ରସ୍ତୁତ ପୋଷାକ ଭଳି ଶେଷ ଉତ୍ପାଦନ ପାଇଁ ପର୍ଯ୍ୟାୟକ୍ରମେ ଅଲଗା ଅଲଗା ହୋଇଥାଏ।




ଚିତ୍ର : ୧୨.୨୨

କପଡ଼ାରୁ ପ୍ରସ୍ତୁତ ଶେଷ ଉତ୍ପାଦଗୁଡ଼ିକ ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ପାଇକାରୀ ବଜାରରେ ବିକ୍ରି ହୁଏ। କପଡ଼ା ଯୋଗାଣ କ୍ଷେତ୍ରରେ ପାଇକାରୀ ବ୍ୟବସାୟୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେମାନେ ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ ଛୋଟ ଦୋକାନୀ ଓ ବଡ଼ ଖୁଚୁରା ଦୋକାନୀମାନଙ୍କୁ ଉତ୍ପାଦ ବଣ୍ଟନର ଦାୟିତ୍ୱ ନେଇଥାନ୍ତି। ସେମାନେ ମଧ୍ୟ ଖୁଚୁରା ବ୍ୟବସାୟୀଙ୍କ ଆବଶ୍ୟକତାର ଆକଳନ କରିଥାନ୍ତି। ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଯଥେଷ୍ଟ ଉତ୍ପାଦନ ବଜାୟ ରଖିବାରେ ସାହାଯ୍ୟ କରେ ଓ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରେ।




ଚିତ୍ର : ୧୨.୨୩-ସୁରଟରୁ ଆଖପାଖ କପା ଅଞ୍ଚଳରୁ କଞ୍ଚା କପା (raw cotton) ଯୋଗାଣ




ଚିତ୍ର : ୧୨.୨୪ ସୁରତ ସହରର ମାନଚିତ୍ର



ଚିତ୍ର ୧୨.୨୫ : ଜଣେ ପାଇକାରୀଙ୍କ କପଡ଼ା ଗୋଦାମ

## ଆସ ଅନୁସନ୍ଧାନ କରିବା

ତୁମେ ଘରପାଖରେ ଥିବା ଦୋକାନୀଗୁଡ଼ିକୁ କୌଣସି ଏକ ସାମଗ୍ରୀର ଉତ୍ପାଦନ ସ୍ଥାନ ଓ ଦୋକାନରେ ପହଞ୍ଚିବା ପର୍ଯ୍ୟନ୍ତ ବିଭିନ୍ନ ମଧ୍ୟସ୍ଥ ବା ଯୋଗାଣକାରୀଙ୍କ ବିଷୟରେ ପଚାରି ବୁଝ । ଚିତ୍ର ୧୨.୧୧ ପରି ଏକ ପ୍ରବାହ ଚିତ୍ର ମାଧ୍ୟମରେ ଲିପିବଦ୍ଧ କର ଓ ଶ୍ରେଣୀ ପିଲାଙ୍କ ସହ ଆଲୋଚନା କର ।

## ମନେରଖ

- ବୟନ ଶିଳ୍ପ ବ୍ୟତୀତ, ସୁରତ୍ ବିଶ୍ୱର ସର୍ବବୃହତ୍ ହୀରା ଶିଳ୍ପର କେନ୍ଦ୍ର । ଏଠାରେ ପ୍ରାୟ ୧୫ ଲକ୍ଷ କାରିଗର ବିଶାଳ ସ୍ତରରେ ହୀରା କାଟିବା ଓ ଚିକ୍କଣ କରିବା କାର୍ଯ୍ୟପଳାପରେ ନିଯୁକ୍ତି ଅଛନ୍ତି । ଷୋଡ଼ଶ ଶତାବ୍ଦୀରୁ ଏଠାରେ ବାଣିଜ୍ୟ ବିକାଶ ଚାଲିଆସୁଛି । ଦେଶର ପଶ୍ଚିମ ତଟରେ ଅବସ୍ଥିତ ଏହି ସହର ଯୋଗୁଁ ବନ୍ଦର ଓ ସୁବ୍ୟବସ୍ଥିତ ସଡ଼କ ବ୍ୟବସ୍ଥା ଗଢ଼ି ଉଠିଥିଲା । ଏହି ପରିବହନ ଭିତ୍ତିଭୂମି ଆଜି ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ବିଶେଷଜ୍ଞ କାରୀଗର ଓ କୁଶଳୀ ବ୍ୟକ୍ତିବିଶେଷଙ୍କ ସମ୍ପ୍ରଦାୟ ଏଠାରେ ଶତାବ୍ଦୀ ଶତାବ୍ଦୀ ଧରି ବସବାସ କରୁଛନ୍ତି । ସେମାନଙ୍କର ଦକ୍ଷତା ପିଢ଼ି ପରେ ପିଢ଼ି ଏହାକୁ ଏକ ସମୃଦ୍ଧ ସହର କରି ଗଢ଼ି ତୋଳିଛି ।
- ତୁମେ ଚିତ୍ର ୧୨.୨୪ରେ ଥିବା ବନ୍ଦର, ରାଜପଥ ଓ ରେଳ ବ୍ୟବସ୍ଥାକୁ ଦେଖିଲ କି ? ଏଗୁଡ଼ିକ ସୁରଟକୁ କିପରି ଏକ ବାଣିଜ୍ୟ କେନ୍ଦ୍ର ରୂପେ ଗଢ଼ିବାରେ ସାହାଯ୍ୟ କରିଥିଲେ ବୋଲି ଭାବୁଛ ?

## ଜନଜୀବନରେ ବଜାରର ଭୂମିକା

ଉପରୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ଯେ ବଜାର ଜନସାଧାରଣଙ୍କ ଆର୍ଥିକ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ଉତ୍ପାଦନକାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ କାରବାରକୁ ସହଜ କରିଥାଏ । ବଜାରଗୁଡ଼ିକ ବ୍ୟକ୍ତି, ପରିବାର ଓ ବ୍ୟବସାୟ ସଂସ୍ଥାଗୁଡ଼ିକୁ ନିଜସ୍ୱ ଉତ୍ପାଦନ ନଥିବା ବିଭିନ୍ନ ସାମଗ୍ରୀ ଓ ସେବା ଉପଲବ୍ଧ କରିବାରେ ସାହାଯ୍ୟ କରିଥାଏ ।



### ଏହା ବିଷୟରେ ଚିନ୍ତା କର

ପୂର୍ବରୁ ବଜାରର ବିଭିନ୍ନ ପରିସର ବିଷୟରେ ଆଲୋଚନା କରାଯାଇଛି । ବଜାର ବିନା ଜୀବନ କିପରି ହୋଇପାରେ, କଳ୍ପନା କରି ପାରୁଛ କି ? ଯଦି ଚାଷୀମାନେ, ଚାଉଳ, ଗହମ, ଡାଲି, ପରିବା ଓ ଫଳମୂଳ ଆଦି ବଜାରକୁ ଆଣି ନଥାନ୍ତେ, ତେବେ କ'ଣ ହୁଅନ୍ତା ? ଯଦି ସୁରଟର କପଡ଼ା ଉତ୍ପାଦନକାରୀମାନେ ବଜାରରୁ କପା ବା ଅନ୍ୟାନ୍ୟ କଞ୍ଚାମାଲ ସଂଗ୍ରହ କରିନପାରନ୍ତି, ତା'ହେଲେ କ'ଣ ହେବ ?

ଆସ, ବଜାରର ଅନ୍ୟ କିଛି ଦିଗ ଉପରେ ଆଲୋକପାତ କରିବା ।

ଆକୃତି ଜଣେ ବୃତ୍ତିଗତ କଳାକାର । ସେ କାନଭାସରେ ତୈଳ ଚିତ୍ର ଆଙ୍କିଥାନ୍ତି । ତାଙ୍କ ଚିତ୍ରକୁ ଲୋକମାନେ ବହୁତ ପ୍ରଶଂସା କରିଥାନ୍ତି । ମାତ୍ର ଏଗୁଡ଼ିକୁ ବିକ୍ରି କରିବାପାଇଁ ଆକୃତିଙ୍କୁ ଗ୍ରାହକ ଖୋଜିବା କଷ୍ଟକର ହୋଇଥାଏ । ସେ ତୈଳଚିତ୍ରଗୁଡ଼ିକୁ କେଉଁଠି ଓ କେତେ ଦାମରେ ବିକ୍ରି କରିବେ, ସେଥିପାଇଁ ଚିନ୍ତିତ । ପିଜୁଳି ବିକାଳୀ ପାଇଁ ଅନେକ ଗ୍ରାହକ ଥିବାବେଳେ ଚିତ୍ରକଳା କିଣିବାକୁ ଆଖପାଖରେ ଖୁବ୍ କମ୍ ଗ୍ରାହକ ମିଳିଥାନ୍ତି ।

ତୁମେ ଆଉ କିଛି ଉତ୍ପାଦ ବିଷୟରେ ଜାଣିଛକି ଯାହାପାଇଁ ସାଧାରଣ ବଜାର ନାହିଁ ? ଏହା କ୍ରୟ ବିକ୍ରୟ କରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ କିପରି ପ୍ରଭାବିତ କରେ । ଆଜିକାଲି କେଉଁ ସବୁ ଉପାୟରେ କଳାକାର ମାନେ ସେମାନଙ୍କର କଳାକୃତି ପାଇଁ କ୍ରେତା ପାଇପାରିବେ ?

## ବଜାର ସମାଜପାଇଁ କିପରି ଲାଭଦାୟକ

### ଆସ ଅନୁସନ୍ଧାନ କରିବା



ଉପଭୋକ୍ତାମାନେ କମ୍ ବିଦ୍ୟୁତ୍ ଶକ୍ତି ବିନିଯୋଗରେ ଚାଲୁଥିବା ରେଫ୍ରିଜରେଟର କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ତେବେ ଏହି ପ୍ରକାର ବିଦ୍ୟୁତ୍ ସଞ୍ଚୟକାରୀ ରେଫ୍ରିଜରେଟର ଅଧିକରୁ ଅଧିକ ଉପଭୋକ୍ତା କିଣିବା ଆରମ୍ଭ କଲେ, ଚିତ୍ର. ୧୨.୧୧ ଯୋଗାଣ ଜାଲକରେ କ'ଣ ଘଟିବ ବୋଲି ଭାବୁଛ ?

ଏହି ପରିସ୍ଥିତିରେ ଉପଭୋକ୍ତାମାନେ କେଉଁ ସାମଗ୍ରୀ କିଣିବେ, ଉତ୍ପାଦନକରୀମାନେ ସେ ସମ୍ପର୍କୀୟ ସୂଚନା ପାଇପାରିଥାନ୍ତି। ସେମାନେ ବିଦ୍ୟୁତ୍ ସଞ୍ଚୟକାରୀ ରେଫ୍ରିଜରେଟର ଉତ୍ପାଦନ କରନ୍ତି। ଏହି ଶକ୍ତି-ଦକ୍ଷ ରେଫ୍ରିଜରେଟର ବିଦ୍ୟୁତ୍ ସଞ୍ଚୟ ମାଧ୍ୟମରେ ସମାଜକୁ ଲାଭ ପହଞ୍ଚାଇଥାଏ।

କିଣାବିକା ମୁଦ୍ରା କାରବାର ଭିତ୍ତିକ ଏକ ଆର୍ଥିକ କାର୍ଯ୍ୟକଳାପ। ତେବେ, ବଜାର କାରବାର ପ୍ରାୟତଃ ଉତ୍ପାଦ କିମ୍ବା ସେବା ବିଷୟରେ ବୁଝୁଥିବା ବ୍ୟକ୍ତି ବା ଉଭୟ ପକ୍ଷ ମଧ୍ୟରେ ମୂଲଚାଲ ଆଦି ପାରସ୍ପରିକ କ୍ରିୟାଠାରୁ ଆଗକୁ ବଢ଼ିଥାଏ। ଅଧିକାଂଶ ସମୟରେ କ୍ରେତା ଓ ବିକ୍ରେତା ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥାଏ। ଏ ସମ୍ପର୍କ ପିଢ଼ି ପରେ ପିଢ଼ି ଜାରି ରହେ। କିଛି ପରିବାର ସେମାନଙ୍କର ଦର୍ଜୀ, ଗହଣା ଦୋକାନୀ ଓ ଡାକ୍ତରଙ୍କ ସହ ଦଶନ୍ଧି ଦଶନ୍ଧି ଧରି ସହ ଦୀର୍ଘସ୍ଥାୟୀ ବିଶ୍ୱସ୍ତ ସମ୍ପର୍କ ରଖିଥାନ୍ତି। ଭାରତରେ ଅନେକ ପରିବାର ସ୍ଥାନୀୟ କିରାଣା (ତେଜରାତି) ଦୋକାନଙ୍କ ପାଖରେ ବାକି ଖାତା ରଖିଥାନ୍ତି ଓ ମାସ ଶେଷରେ ଦେୟ ପ୍ରଦାନ କରିଥାନ୍ତି।

ଆର୍ଥନୀତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବାରେ ବଜାର ପ୍ରାଥମିକ ଭୂମିକା ନେଇଥିଲେ ମଧ୍ୟ ଅନେକ ଲୋକଙ୍କ କ୍ଷେତ୍ରରେ ଏହାର ଅଣ-ଆର୍ଥିକ ଗୁରୁତ୍ୱ ମଧ୍ୟ ରହିଛି।

ମଣିପୁରର ମଇତେଇ ଭାଷାରେ 'ଇମା କୈଥଲ'(Ima Keithal) 'ମା'ମାନଙ୍କ ବଜାର' ଭାବେ ଇମ୍ଫାଲର ଏକ ସ୍ୱତନ୍ତ୍ର ବଜାର। ପ୍ରାୟ ୩୦୦ ମହିଳା ଏହି ବଜାରସ୍ଥ ସମସ୍ତ ଦୋକାନର ମାଲିକ ଓ ପରିଚାଳକ। ସେମାନେ ପନିପରିବା, ପାରମ୍ପରିକ ମଣିପୁରୀ ପୋଷାକ ସମତେ ହସ୍ତତନ୍ତ ଓ ହସ୍ତଶିଳ୍ପ, ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ ଏବଂ ସହର ତଥା ଆଖାପାଖ ଅଞ୍ଚଳର ଲୋକଙ୍କ ପାଇଁ ଆବଶ୍ୟକ ଦୈନନ୍ଦିନ ଜିନିଷପତ୍ର ବିକ୍ରୟ କରନ୍ତି। ଆର୍ଥିକ ଦୃଷ୍ଟିରୁ ଏହି ବଜାର ନିଯୁକ୍ତି ପ୍ରଦାନ କରେ ଓ ହଜାର ହଜାର ପରିବାର ପାଇଁ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇଥାଏ। ଅନ୍ୟ ଦୃଷ୍ଟିରୁ, ଏହି ବଜାର ସଂସ୍କୃତିର ଏକ ମିଶ୍ରଣ। ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇ ଭାବନା ତଥା ପରମ୍ପରାର ଆଦାନ ପ୍ରଦାନ କରିଥାନ୍ତି।



ଚିତ୍ର ୧୨.୨୬ : ଇମ୍ଫାଲର "ଇମା କୈଥଲ" ବଜାର

## ମନେରଖ

ଏପରିକି ଆଜି ମଧ୍ୟ କିଣାବିକାର ଉର୍ଦ୍ଧ୍ୱରେ ଅନେକ ପରମ୍ପରା ରହିଛି । ଦକ୍ଷିଣ ଭାରତରେ ହଳଦୀ ଓ କୁଙ୍କୁମ ବେପାରୀମାନେ କ୍ରେତାମାନଙ୍କ ମଙ୍ଗଳ ମନାସି ତଥା ଶୁଭକାମନା ପାଇଁ ହଳଦୀ ଓ କୁଙ୍କୁମ ପୁଡ଼ିଆ ମାଗଣାରେ ଦେଇଥାନ୍ତି ।



## ଆସ ଅନୁସନ୍ଧାନ କରିବା

ତୁମେ ନିଜ ସମ୍ପ୍ରଦାୟ ବା ଆଖାପାଖ ଅଞ୍ଚଳରେ ଏପରି କିଛି ପ୍ରଥା ଦେଖିଛ କି ? ଏହି ପ୍ରଥାକୁ ଏକ ଚିତ୍ର ଭାବରେ ବା କ୍ଷୁଦ୍ର ଅନୁଚ୍ଛେଦ ଆକାରରେ ବର୍ଣ୍ଣନା କର ।

## ବଜାର ବ୍ୟାପାରରେ ସରକାରଙ୍କ ଭୂମିକା

କ୍ରେତାଙ୍କ ଚାହିଦା ଓ କ୍ରେତା ତାଙ୍କ ଯୋଗାଣ ଜନିତ ପାରସ୍ପରିକ କ୍ରିୟାଦ୍ୱାରା ବଜାର କାର୍ଯ୍ୟ କରିଥାଏ । ତେବେ, କେତେକ ପରିସ୍ଥିତିରେ କିଣାବିକା କାର୍ଯ୍ୟ ସୂଚାରୁ ଭାବେ ସମ୍ପନ୍ନ ହୋଇପାରନଥାଏ । ଏପରି ଅସ୍ୱାଭାବିକ ପରିସ୍ଥିତିର ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସରକାର ଉପଭୋକ୍ତା ଓ ଉତ୍ପାଦନକାରୀଙ୍କ ପାରସ୍ପରିକ ସମ୍ପର୍କ ଉପରେ ନଜର ରଖିଥାନ୍ତି ଓ ନ୍ୟାୟପୂର୍ଣ୍ଣ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି ।

## କ୍ରେତା ଓ ବିକ୍ରେତାଙ୍କ ସୁରକ୍ଷା ନିମନ୍ତେ ମୂଲ୍ୟ ନିୟନ୍ତ୍ରଣ

ସରକାର କେତେକ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ କରିଥାନ୍ତି । ଉଦାହରଣସ୍ୱରୂପ, ବିକ୍ରେତା କୌଣସି ସାମଗ୍ରୀ ସର୍ବାଧିକ ମୂଲ୍ୟ କେତେ ନେଇପାରିବେ, ତାହା ସରକାର ସ୍ଥିର କରିଥାନ୍ତି । ଜୀବନ ରକ୍ଷାକାରୀ ଔଷଧୀ ଭଳି ଅନେକ ଅତ୍ୟାବଶ୍ୟକ ଦ୍ରବ୍ୟ ସ ସେବାର ମୂଲ୍ୟର ସର୍ବାଧିକ ସୀମା ଧାର୍ଯ୍ୟ କରିଥାନ୍ତି । ଅନ୍ୟ ପ୍ରକାରେ, ଧାନ, ଗହମ ଓ ମକା ଭଳି ଅତ୍ୟାବଶ୍ୟକୀୟ କୃଷି ଉତ୍ପାଦଗୁଡ଼ିକର ସର୍ବନିମ୍ନ ବଜାର ମୂଲ୍ୟ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥାଏ । ଚାଷୀମାନେ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି । ଏହାଦ୍ୱାରା ନିଶ୍ଚିତ ହୋଇଥାଏ । ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ କର୍ମଚାରୀମାନଙ୍କ ନିମନ୍ତେ ସରକାର ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିଥାନ୍ତି । ଏହାଦ୍ୱାରା ସମସ୍ତଙ୍କୁ ଉଚିତ୍ ପ୍ରାପ୍ୟ ମିଳିଥାଏ ।

**ଚାହିଦା (Demand) :** ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଉତ୍ପାଦ କିମ୍ବା ସେବାର ପରିମାଣ ଯାହାକୁ ଗ୍ରାହକମାନେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଏବଂ ନିର୍ଦ୍ଦିଷ୍ଟ ସମୟରେ କିଣିବାକୁ ଇଚ୍ଛୁକ ବା ସକ୍ଷମ ଅଟନ୍ତି ।

**ଯୋଗାଣ (Supply):** ଏକ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରେତାମାନେ ଏକ ଉତ୍ପାଦ କିମ୍ବା ସେବାର ପରିମାଣକୁ ବିକ୍ରୟ କରିବାକୁ ଇଚ୍ଛୁକ ବା ସକ୍ଷମ ଅଟନ୍ତି ।

ତେବେ, ସରକାରଙ୍କୁ ମୂଲ୍ୟର ସୀମା ନିର୍ଦ୍ଧାରଣ ସତର୍କତାର ସହ କାର୍ଯ୍ୟକାରୀ କରିବା ଆବଶ୍ୟକ । ଯଦି ନିର୍ଦ୍ଧାରିତ ମୂଲ୍ୟ ଅତ୍ୟଧିକ କମ୍ ହୁଏ, ତେବେ ଉତ୍ପାଦନକାରୀମାନେ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ । ଅନ୍ୟ ପ୍ରକାରେ ଯଦି ମୂଲ୍ୟ ଅତି ଅଧିକ ହୁଏ, ତା'ହେଲେ ଉପଭୋକ୍ତାମାନେ କ୍ଷତିଗ୍ରସ୍ତ ହେବେ ।



### ଆସ ଅନୁସନ୍ଧାନ କରିବା

→ ଭାରତର ଅଧିକାଂଶ ସ୍ଥାନରେ ପିଆଜ, ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିଛି ଋତୁରେ, ବଜାରରେ ପିଆଜ ଯୋଗାଣ ହ୍ରାସ ପାଇଥାଏ । ଏପରିସ୍ଥଳେ, ପିଆଜର ମୂଲ୍ୟଉପରେ କି ପ୍ରଭାବ ପଡ଼ିବ ବୋଲି ଭାବୁଛ ?

→ ବଜାରର ଆବଶ୍ୟକତା ଅନୁଯାୟୀ ଯୋଗାଣକାରୀମାନେ ଅନୁରୂପ ପରିମାଣରେ ପିଆଜ ନ ଆଣିଲେ କ'ଣ ହେବ ? ଏପରି ସ୍ଥିତିରେ ସରକାର କ'ଣ କରିବା ଉଚିତ୍ ବୋଲି ତୁମେ ଭାବୁଛ ?

## ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ସୁନିଶ୍ଚିତ କରିବା

ଖାଉଟି କଲ୍ୟାଣ ତଥା ଖାଉଟିଙ୍କୁ ବିଭିନ୍ନ ପ୍ରକାର ଶୋଷଣରୁ ରକ୍ଷା କରିବାରେ ସରକାରଙ୍କର ଭୂମିକା ରହିଛି । ନିର୍ମାତମାନେ ସାମଗ୍ରୀ ଉତ୍ପାଦନ ଓ ସେବା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ପାଳନ ପାଇଁ ସରକାର ସୁନିଶ୍ଚିତ କରିଥାନ୍ତି । ଉଦାହରଣ ସ୍ୱରୂପ, ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବିଭିନ୍ନ ରୋଗ ଚିକିତ୍ସା ପାଇଁ ଔଷଧ ପ୍ରସ୍ତୁତ କରିଥାନ୍ତି । ସରକାର ଔଷଧର ଅନୁମୋଦନ ପାଇଁ ପ୍ରକ୍ରିୟା ସ୍ଥିର କରନ୍ତି ଓ ଉତ୍ପାଦିତ ଔଷଧ ଗୁଣବତ୍ତା ମାନଦଣ୍ଡ ଯାଞ୍ଚ କରିବାପାଇଁ ନମୁନା ପରୀକ୍ଷା କରିଥାନ୍ତି । ସରକାରୀ ନିୟମଗୁଡ଼ିକ ଔଷଧର ଗୁଣବତ୍ତା ଓ ସୁରକ୍ଷାକୁ ସୁନିଶ୍ଚିତ କରିଥାଏ । ଫଳତଃ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି କୌଣସି ବିପଦ ନଥାଏ ।

## ବଜାରର ବାହ୍ୟ ପ୍ରଭାବକୁ ହ୍ରାସ କରିବା

କିଣାବିକା ବ୍ୟତୀତ ବଜାରଗୁଡ଼ିକର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦାହରଣ ସ୍ୱରୂପ, ବଜାର ଆବଶ୍ୟକ କରୁଥିବା କେତେକ ସାମଗ୍ରୀର ଉତ୍ପାଦନ କଳକାରଖାନାରେ ହୋଇଥାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷିତ ହୋଇଥାଏ । ସରକାର ବଜାରର ଏପରି ପ୍ରଭାବକୁ ବୁଝିବା ଓ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଉଦାହରଣ ସ୍ୱରୂପ, ଏକକ-ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଭଳି କିଛି ସାମଗ୍ରୀର ଉତ୍ପାଦନ କରିବେଶକୁ ପ୍ରଦୂଷିତ କରେ ଓ ଗ୍ରାହକଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରେ । ଏପରି ପରିସ୍ଥିତିରେ, ସରକାର ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ କଠୋର ନିୟମାବଳୀ ଜାରିକରି ହସ୍ତକ୍ଷେପ କରଥାନ୍ତି ।

ଏହିପରି ସରକାର ମୁଦ୍ରିତ ବା ପ୍ୟାକେଟ୍ ହୋଇଥିବା ଉତ୍ପାଦଗୁଡ଼ିକର ଓଜନ ଓ ପରିମାଣ ଯାଞ୍ଚ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି ।

### ଏହା ବିଷୟରେ ଚିନ୍ତାକର

ଶାସକମାନେ ଖାଉଟିମାନଙ୍କୁ ସୁରକ୍ଷା ଦେବା କଥା ଆଧୁନିକ ଭାରତର ଘଟଣା ନୁହେଁ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଘୃତ ବ୍ୟବସାୟୀମାନଙ୍କ ପାଇଁ ବିଧି ନିର୍ଦ୍ଦେଶ ରହିଛି । ମାପ ଘଡ଼ିରେ ଘିଅ ଲାଗି ରହୁଥିବାରୁ, କ୍ରେତାମାନଙ୍କର କ୍ଷତିପୂରଣ ପାଇଁ କ୍ରୟ ପରିମାଣରେ ୧/୫୦ ଅଂଶ ଅଧିକ ଘିଅ ମାନଶ୍ରଭ (Manasrava) ଭାବେ ବ୍ୟବସାୟୀମାନେ ଦେବାର ବ୍ୟବସ୍ଥା ଥିଲା ।

ବଜାର ନ୍ୟାୟସଂଗତ କାର୍ଯ୍ୟ କରିବା ତଥା ଖାଉଟିମାନଙ୍କୁ ଶୋଷଣ ମୁକ୍ତ କରିବା ପ୍ରଣୟନ କରିଥାନ୍ତି । ତେବେ, ଅଧିକ ନିୟମକାନୁନ ବଜାରର ସଠିକ୍ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥାଏ ।

**ସାର୍ବଜନୀନ ସାମଗ୍ରୀ (Public Goods) :** ସେବା କିମ୍ବା ସାମଗ୍ରୀ ଯାହା ସମାଜର ସମସ୍ତ ସଦସ୍ୟଙ୍କ ପାଇଁ ସୁଲଭ କିମ୍ବା ଉପଲବ୍ଧ । ଏହା ସେମାନଙ୍କର ବର୍ତ୍ତମାନ ବ୍ୟବହାର, ଭବିଷ୍ୟତ ବ୍ୟବହାର ପାଇଁ ଉପଲବ୍ଧତାକୁ ହ୍ରାସ କରେ ନାହିଁ ।

## ସାର୍ବଜନୀନ ସାମଗ୍ରୀ ବା ଦ୍ରବ୍ୟ ଯୋଗାଇବା

ଉତ୍ପାଦନକାରୀମାନେ ଲାଭ ପାଇବା ଆଶାରେ ବିଭିନ୍ନ ଦ୍ରବ୍ୟ ତିଆରି କରିବା ସହ ଯୋଗାଇଥାନ୍ତି । ତେବେ କେତେକ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଉତ୍ପାଦନକାରୀମାନେ ଲାଭ ପାଇବା ଆଶା ରଖି ନଥାନ୍ତି । ସେଗୁଡ଼ିକ ହେଲା ସାର୍ବଜନୀନ ପାର୍କ, ରାସ୍ତା ତଥା ପୋଲିସ ବା ଗାର୍ଡ଼ ନିଯୁକ୍ତି ଆଦି । ପୂର୍ବ ଅଧ୍ୟାୟରେ କିଛି କଲ୍ୟାଣକାରୀ ବ୍ୟବସ୍ଥା ପାଇଁ ନାଗରିକମାନଙ୍କର ଅଧିକାର ବିଷୟରେ ପଢ଼ିଛେ । ସରକାର ଏସବୁ ସାର୍ବଜନୀନ ସାମଗ୍ରୀ ଓ ସେବା ପ୍ରଦାନ କରିଥାନ୍ତି ।

### ଏହା ବିଷୟରେ ଚିନ୍ତାକର

- ଆଉ କେଉଁ ସବୁ କ୍ଷେତ୍ରରେ ସରକାର ବଜାର ସହିତ ଜଡ଼ିତ ଅଛନ୍ତି ବୋଲି ଭାବୁଛ ?
- କେଉଁ କ୍ଷେତ୍ର ବିଶେଷରେ ସରକାରୀ ହସ୍ତକ୍ଷେପ ହ୍ରାସ ହେବା ଆବଶ୍ୟକ ? ପରିବାର ବା ସମ୍ପର୍କୀୟଙ୍କ ସହ ଆଲୋଚନା କର ।

## ଗ୍ରାହକମାନେ ଦ୍ରବ୍ୟ ଓ ସେବାର ଗୁଣବତ୍ତା କପରି ମୂଲ୍ୟାଙ୍କନ କରିପାରିବେ ?

ବଜାରଗୁଡ଼ିକ ବିଭିନ୍ନ ଦ୍ରବ୍ୟ ଓ ସେବାର ଉପଲବ୍ଧ ସୁଯୋଗ ଗ୍ରାହକମାନଙ୍କୁ ଦେଇଥାଏ । ଗ୍ରାହକମାନେ କ'ଣ କିଣିବାକୁ ଚାହୁଁଥାନ୍ତି ଓ କିପରି ନିଷ୍ପତ୍ତି ନେବେ ?

## ଏହା ବିଷୟରେ ଚିନ୍ତାକର

ତୁମ ସାହି ଓ ପାଖ ସାହି ମଧ୍ୟରେ ଏକ ପ୍ରଦର୍ଶନୀଭିତ୍ତିକ ପ୍ରତିଯୋଗିତା ହେଉଛି । ସେଠି ତୁମ ଅଞ୍ଚଳରେ ହେଉଥିବା ବିଭିନ୍ନ ହସ୍ତକଳା ସାମଗ୍ରୀ ପ୍ରଦର୍ଶିତ ହେଉଛି । ତୁମେ ପ୍ରତିଯୋଗିତା ପାଇଁ ନିଜ ପାଖରେ ଥିବା ୧୫୦ ଟଙ୍କାର କୌଣସି ଦ୍ରବ୍ୟ କିଣିବାକୁ ଦୋକାନକୁ ଗଲ । ପ୍ରତିଯୋଗିତାରେ ଜିତିବା ପାଇଁ ତୁମେ ଦ୍ରବ୍ୟର କେଉଁ ଗୁଣଗୁଡ଼ିକ ଦେଖିବ ?



ଚିତ୍ର ୧୨.୨୮

ତୁମେ କ'ଣ କିଣିବା ସମୟରେ ଦ୍ରବ୍ୟର ମୂଲ୍ୟ, ଆକାର, ସ୍ଥାୟିତ୍ୱ ଓ ଆକର୍ଷଣୀୟ ରଙ୍ଗ ବିଷୟରେ ଚିନ୍ତା କରିଥିଲ କି ? ତୁମେ ଜାଣିପାରୁଥିବ ଯେ, ପ୍ରତ୍ୟେକ ଗ୍ରାହକଙ୍କୁ ସେମାନେ କିଣୁଥିବା ସାମଗ୍ରୀ ସବୁର ମୂଲ୍ୟାୟନ କରିବାକୁ ପଡ଼ିଥାଏ । ନିମ୍ନଲିଖିତ ପରିଚ୍ଛେଦରେ ଆମେ ବିଭିନ୍ନ ଉପାୟରେ ଏହା କିପରି କରିପାରିବା ଆସ ବୁଝିବା ।

ଧରିନିଅ ଯେ ତୁମର ପିତାମାତା ତୁମକୁ ଘର ପାଖ ଦୋକାନକୁ ଏକ ବାରମଜା/ଚେନାଚୁର ପ୍ୟାକେଟ୍ ଆଣିବାକୁ ପଠାଇଥିଲେ । ତୁମେ ଦୋକାନରେ ବିଭିନ୍ନ ପ୍ରକାର ବାରମଜା/ଚେନାଚୁର ପ୍ୟାକେଟ୍ ଥିବାର ଦେଖିଲ । ପ୍ରତ୍ୟେକ ପ୍ୟାକେଟ୍‌କୁ ଭଲଭାବେ ନିରୀକ୍ଷଣ କର । ତୁମେ କେମିତି ଜାଣିପାରିବ ଯେ କେଉଁ ପ୍ୟାକେଟ୍ ଗୁଣବତ୍ତାର ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି ?

କୌଣସି ବାରମଜା/ଚେନାଚୁର ପ୍ୟାକେଟ୍‌ରେ FSSAI ଚିହ୍ନ (ଲୋଗୋ) ଥିବାର ଦେଖିଲ କି ?



FSSAI ର ଅର୍ଥ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ । ଖାଦ୍ୟ ପ୍ୟାକେଟ୍‌ରେ ଏହି ଚିହ୍ନ ଥିଲେ ଏହା ସରକାରଙ୍କ ଦ୍ୱାରା ପରୀକ୍ଷିତ ହୋଇଛି ଓ ଏହା ଖାଇବା ନିରାପଦ ବୋଲି ଜଣାପଡ଼େ । ସରକାରୀ ସଂସ୍ଥାଗୁଡ଼ିକ ଏପରି ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି । ଏହା କ୍ରେତାମାନଙ୍କୁ ଉତ୍ପାଦର ଗୁଣବତ୍ତା ମୂଲ୍ୟାୟନ କରିବାରେ ସାହାଯ୍ୟ କରେ ।

**ଆମ ପ୍ରତ୍ୟେକ ପଟି ଚିହ୍ନ (Lablel) ବା ଲୋଗର ଅର୍ଥ କ'ଣ ଜାଣିବା**

- ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (FSSAI) ଭଳି ଭାରତୀୟ ମାନକ ବିଭାଗ (BIS-Bureau of Indian Standards) ଦ୍ୱାରା ଜାରି ହୋଇଥିବା ଭାରତୀୟ ମାନକ ପ୍ରତିଷ୍ଠାନ (Indian Standard Institute – ISI) ଚିହ୍ନ ରହିଛି । ଏହା ସାଧାରଣତଃ ବୈଦ୍ୟୁତିକ ଉପକରଣ, ନିର୍ମାଣ ସାମଗ୍ରୀ, ମୋଟରଗାଡ଼ି ଟାୟାର ଓ କାଗଜ ଆଦିରେ ରହିଥାଏ । ଏହା ଗୁଣବତ୍ତା ସୁନିଶ୍ଚିତ କରେ ଓ ଉତ୍ପାଦ ବ୍ୟବହାର ପାଇଁ ସୁରକ୍ଷିତ ବୋଲି ଦର୍ଶାଏ ।

- ସେହିପରି, AGMARK (AG – Agriculture ବା କୃଷିକୁ ସୂଚାଏ) ବିଭିନ୍ନ ପନିପରିବା, ଫଳ, ଶସ୍ୟ, ଡାଲି, ମସଲା ଓ ମହୁ ଇତ୍ୟାଦି କୃଷି ଉତ୍ପାଦ ପାଇଁ ପ୍ରମାଣପତ୍ର ଚିହ୍ନ ।

- ଟି.ଭି., ଲାପ୍‌ଟପ୍, ବାତାନୁକୂଳଯନ୍ତ୍ର (Air Conditioner) ଆଦି ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ମୂଲ୍ୟାୟନ BEE STAR ଦ୍ୱାରା କରାଯାଇଥାଏ । BEE (Bureau of Energy Efficiency) ର ଅର୍ଥ ଶକ୍ତି ଦକ୍ଷତା ବିଭାଗ । ଏହାଦ୍ୱାରା ଉତ୍ପାଦଗୁଡ଼ିକର ମୂଲ୍ୟାଙ୍କନ ତାରା (Star) ଚିହ୍ନ ଦ୍ୱାରା ମୁଦ୍ରିତ ହୋଇଥାଏ । କୌଣସି ବିଦ୍ୟୁତ୍ ଚାଳିତ ଉପକରଣରେ ଅଧିକ ତାରା ଚିହ୍ନ ଥିଲେ ଏହା କମ୍ ଶକ୍ତି ଓ ବିଦ୍ୟୁତ୍ ବ୍ୟବହାର ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବିଲ୍ କମ୍ ଆସିବ ଓ ଏହା ମଧ୍ୟ ପରିବେଶ ପାଇ ଅନୁକୂଳ ହେବ ।

**ଆସ ଅନୁସନ୍ଧାନ କରିବା**

ତୁମେ ଘରେ ଥିବା ବିଭିନ୍ନ ବୈଦ୍ୟୁତିକ ଉପକରଣଗୁଡ଼ିକରେ ଥିବା BEE STAR ଚିହ୍ନ ଯାଞ୍ଚ କର ଓ ଶକ୍ତି ଦକ୍ଷତାର ବର୍ଦ୍ଧିତ କ୍ରମରେ ଏଗୁଡ଼ିକର ଏକ ତଥ୍ୟ ଫର୍ଦ୍ଦ ପ୍ରସ୍ତୁତ କର ।



ଅନ୍ୟପକ୍ଷରେ, କ୍ରେତାମାନଙ୍କ କ୍ରୟ ନିଷ୍ପତ୍ତି ଉତ୍ପାଦନ ବା ଦ୍ରବ୍ୟର ଖ୍ୟାତି ଦ୍ୱାରା ପ୍ରଭାବିତ ହୋଇଥାଏ । ତୁଣ୍ଡରୁ ତୁଣ୍ଡକୁ କଥା ମାଧ୍ୟମରେ ଏହା ଗଢ଼ି ଉଠିଥାଏ । ବନ୍ଧୁବାନ୍ଧବ ତଥା ସମ୍ପର୍କୀୟଙ୍କ ପରାମର୍ଶ କ୍ରମେ ତୁମ ପରିବାର କିଛି ସାମଗ୍ରୀ କିଣିଛନ୍ତି କି ?

ଆଭାସୀ ବା ଅନ୍‌ଲାଇନ୍ ମାଧ୍ୟମରେ କିଣିବା କି ନାହିଁ ନିଷ୍ପତ୍ତି ନେବାବେଳେ, ଅନ୍ୟ ଗ୍ରାହକମାନଙ୍କ ଉତ୍ପାଦ ବା ସେବା ସମ୍ପର୍କୀୟ ଅନ୍‌ଲାଇନ୍ ସମୀକ୍ଷା ଓ ପ୍ରତିକ୍ରିୟା ସାହାଯ୍ୟ କରିଥାଏ ।



ଚିତ୍ର ୧୨.୩୦

## ଆମେ କ'ଣ ଶିଖିଲେ...



→ ବଜାରଗୁଡ଼ିକ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ପାରସ୍ପରିକ ସହମତି ମୂଲ୍ୟରେ ଦରନିୟନ୍ତ୍ରଣର ସୁବିଧା ଦେଇଥାଏ । ଏହି ମୂଲ୍ୟ କ୍ରେତାଙ୍କ ଚାହିଦା ଓ ବିକ୍ରେତାଙ୍କ ଯୋଗାଣ ଦ୍ୱାରା ସ୍ଥିର ହୋଇଥାଏ ।

→ ବଜାରଗୁଡ଼ିକରେ ନିର୍ମାତା, ପାଇକାରୀ ବ୍ୟବସାୟୀ, ବିତରକ ଓ ଖୁଚୁରା ବ୍ୟବସାୟୀଙ୍କ ପରି ଅଂଶଗ୍ରହଣକାରୀଙ୍କ ଏକ ଶୃଙ୍ଖଳ ରହିଥାଏ । ଏହା ଶେଷରେ ରହିଥିବା ଗ୍ରାହକଙ୍କୁ ଦ୍ରବ୍ୟ ବା ସାମଗ୍ରୀ ଯୋଗାଣରେ ସହାୟକ ହୋଇଥାଏ ।

→ ବଜାରଗୁଡ଼ିକ ମଧ୍ୟ ପାରସ୍ପରିକ କ୍ରିୟା ପାଇଁ ଏକ ସ୍ଥାନ; କାରଣ ସେମାନେ ଲୋକଙ୍କୁ ଏକାଠି କରନ୍ତି ଏବଂ ଚିନ୍ତାଧାରା ଓ ପରମ୍ପରା ଆଦିର ବିନିମୟକୁ ସୁଗମ କରିଥାନ୍ତି ।

→ ବଜାରରେ ଉତ୍ପାଦ ଓ ସେବାପାଇଁ ଗୁଣାତ୍ମକ ମାନଦଣ୍ଡ ତଥା ନ୍ୟାୟପୂର୍ଣ୍ଣ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ନିୟାମକ ଭୂମିକା ଗ୍ରହଣ କରିଥାନ୍ତି । ତଥାପି, ଗ୍ରାହକମାନେ ଉତ୍ପାଦ ଉପରେ ସରକାରୀ ସଂସ୍ଥାଗୁଡ଼ିକ ପ୍ରଦତ୍ତ ପ୍ରମାଣ ପତ୍ର ଚିହ୍ନ ଓ ଅନ୍‌ଲାଇନ୍ ସମୀକ୍ଷା ମାଧ୍ୟମରେ ଉତ୍ପାଦ ଓ ସେବାର ମୂଲ୍ୟାୟନ କରିପାରିବେ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ବଜାରର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ? ତୁମେ କିଛି ଦିନ ପୂର୍ବେ ବଜାରକୁ କିଛି ସାମଗ୍ରୀ କିଣିବାକୁ ଯାଇଥିବା କଥା ମନେପକାଅ । ଏହି ପରିଦର୍ଶନ ସମୟରେ ତୁମେ ସେହି ବଜାରର କେଉଁ ସବୁ ବୈଶିଷ୍ଟ୍ୟ ଦେଖିଲ ଲେଖ ।

୨. ଏହି ଅଧ୍ୟାୟର ଆରମ୍ଭରେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ପ୍ରସିଦ୍ଧ ଉକ୍ତି ମନେପକାଅ । ଏହି ଅଧ୍ୟାୟର ପାଠ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କର ।

୩. ପିଜୁଳି କିଣାବିକା ଉଦାହରଣରେ ଭାବ ଯେ, ବିକାଳୀ ଜଣକ ଭଲ ମୂଲ୍ୟ ପାଉଛି ଓ ସେ ଲାଭବାନ ହେଉଛନ୍ତି । ସେ ଚାଷୀମାନଙ୍କଠାରୁ ଆହୁରି ପିଜୁଳି କିଣି ଆଣିବାକୁ ଚେଷ୍ଟା କରିବେ ଓ ସେହି ମୂଲ୍ୟରେ ବିକ୍ରି କରି ତାଙ୍କର ରୋଜଗାର ବୃଦ୍ଧି କରିପାରିବେ ।

ଏହି ପ୍ରକାର ପରିସ୍ଥିତିରେ ଚାଷୀ କ'ଣ କରିବାର ସମ୍ଭାବନା ଅଛି ? ସେ କ'ଣ ପରବର୍ତ୍ତୀ ଋତୁରେ ପିଜୁଳିର ଚାହିଦା ବିଷୟରେ ଚିନ୍ତା କରିବେ ବୋଲି ଭାବୁଛ ? ତାଙ୍କ ମନରେ କ'ଣ ପ୍ରତିକ୍ରିୟା ହେବାର ସମ୍ଭାବନା ଅଛି ?

୪. ନିମ୍ନଲିଖିତ ପ୍ରକାରର ବଜାର ସହ ସେମାନଙ୍କ ବୈଶିଷ୍ଟ୍ୟ ମେଳ କରାଅ ।

| କ୍ର. ସଂଖ୍ୟା | ବଜାର | ଲକ୍ଷଣ |
|---|---|---|
| ୧. | ଭୌତିକ ବଜାର | ଦ୍ରବ୍ୟ ଓ ସେବା ଦେଶ ସୀମା ବାହାରକୁ ସ୍ଥାନାନ୍ତର ହୋଇଥାଏ |
| ୨. | ଆଭାସୀ ବା ଅନ୍‌ଲାଇନ୍ ବଜାର | ବହୁ ପରିମାଣରେ ସାମଗ୍ରୀ ବ୍ୟାପାର |
| ୩. | ଘରୋଇ ବଜାର | ଅନ୍ତିମ ଉପଭୋକ୍ତାମାନଙ୍କୁ ସାମଗ୍ରୀ ଓ ସେବା ପ୍ରଦାନ |
| ୪. | ଆନ୍ତର୍ଜାତୀୟ ବଜାର | କ୍ରେତା ଓ ବିକ୍ରେତାଙ୍କ ବ୍ୟକ୍ତିଗତ ଉପସ୍ଥିତି ଆବଶ୍ୟକ କରେ |
| ୫. | ପାଇକାରୀ ବଜାର | କ୍ରେତା ଓ ବିକ୍ରେତା ଆଭାସୀ (ଭର୍ଚୁଆଲ) ସାକ୍ଷାତ କରନ୍ତି ଓ ଯେକୌଣସି ସମୟରେ କାରବାର କରିପାରନ୍ତି |
| ୬. | ଖୁଚୁରା ବଜାର | ଏକ ଦେଶର ସୀମା ମଧ୍ୟରେ କାରବାର |

୫. ଦ୍ରବ୍ୟର ମୂଲ୍ୟ ସାଧାରଣତଃ କ୍ରେତାଙ୍କ ଚାହିଦା ଓ ବିକ୍ରେତାଙ୍କ ଯୋଗାଣ ମଧ୍ୟରେ ପାରସ୍ପରିକ କ୍ରିୟା ଦ୍ୱାରା ନିର୍ଣ୍ଣୟ କରାଯାଏ । ତେବେ କ୍ରେତାଙ୍କ ସଂଖ୍ୟା କମ୍ ଥିବା ସତ୍ତ୍ୱେ କୌଣସି ଉତ୍ପାଦର ମୂଲ୍ୟ ଅଧିକ ରହିବା କଥା ଭାବି ପାରୁଛ କି ? ଏହାର କାରଣ କ'ଣ ହୋଇପାରେ ।

୬. ଏକ ପରିବା ବିକାଳୀ ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ଏକ ଘଟଣାକୁ ଲକ୍ଷ୍ୟକର ! ଏକ ପରିବାର ବଜାରକୁ ପରିବା କିଣିବା ପାଇଁ ଆସିଲେ । ଠେଲାଗାଡ଼ି ପରିବା ବିକାଳି ଜଣକ ବିନ୍ସର ଦର କିଲୋ ପ୍ରତି ୩୦ ଟଙ୍କା କହୁଛନ୍ତି । ଉକ୍ତ ପରିବାରର ଜଣେ ଭଦ୍ର ମହିଳା ପରିବା ବିକାଳିଙ୍କ ସହ ମୂଲଚାଲ କରି ଏହାକୁ ୨୫ ଟଙ୍କାରେ କ୍ରୟ କରିବାକୁ ଚାହୁଁଛନ୍ତି । ବିକାଳି ଜଣକ ପ୍ରତିବାଦ କରୁଛନ୍ତି ଓ ସେହି ଦରରେ ବିକିଲେ ତାଙ୍କର କ୍ଷତି ହେବ ବୋଲି କହି ବିକ୍ରି ପାଇଁ ରାଜି ହେଉ ନାହାଁନ୍ତି । ଭଦ୍ର ମହିଳା ଜଣକ ବିନ୍ ନକିଣି ଚାଲିଗଲେ । ନିକଟରେ ଥିବା ଏକ ସୁପର ବଜାରରେ ପରିବାର ସହ ପହଞ୍ଚିଲେ । ସେଠାରେ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ସୁନ୍ଦର ଭାବେ ପାକିଂ ହୋଇଥିବା ବିନ୍ ଏକ କିଲୋକୁ ୪୦ ଟଙ୍କା ଦେଇ କିଣିଲେ । ସେ ପରିବାରର ଏପରି ବ୍ୟବହାରର କାରଣ କ'ଣ ? ସାମଗ୍ରୀର ଦାମ୍ ବ୍ୟତୀତ ଆଉ କିଛି କାରଣ କିଣାବିକାକୁ ପ୍ରଭାବିତ କରୁଛି କି ?

୭. ଭାରତର କେତେକ ଜିଲ୍ଲା ବିଲାତି ବାଇଗଣ ଚାଷ ପାଇଁ ପ୍ରସିଦ୍ଧ । ତେବେ, କେତେକ ଋତୁରେ ଚାଷୀମାନଙ୍କ ପାଇଁ ପରିସ୍ଥିତି ଅନୁକୂଳ ହୋଇ ନଥାଏ । ପ୍ରଚୁର ପରିମାଣର ଉତ୍ପାଦନ ସମୟରେ ଚାଷୀମାନେ ଉତ୍ପାଦକୁ ନଷ୍ଟକରି ଦେଉଥିବାର ଖବର ମିଳିଥାଏ । ତାଙ୍କର କଠିନ ପରିଶ୍ରମ ନିଷ୍ଫଳ ହୋଇଯାଏ । ଚାଷୀମାନେ ଏପରି କାହିଁକି କରିଥାନ୍ତି ବୋଲି ଭାବୁଛ ? ଏ ପରିସ୍ଥିତିରେ ପାଇକାରୀ ବେପାରୀମାନଙ୍କ କି ଭୂମିକା ରହିଛି ? ବିଲାତିବାଇଗଣ ନଷ୍ଟ ନ ହେବା ନିଶ୍ଚିତ କରିବା ପାଇଁ ତଥା ଚାଷୀମାନେ କ୍ଷତିଗ୍ରସ୍ତ ନହେବାପାଇଁ କେଉଁ ସମ୍ଭାବ୍ୟ ପନ୍ଥାମାନ ରହିଛି ?

୮. ତୁମେ ନିଜ ସ୍କୁଲ ବା ଆଖାପାଖ ସ୍କୁଲରେ ହେଉଥିବା କୌଣସି ମେଳା ବିଷୟରେ ଶୁଣିଛ ବା ଯାଇଛ କି ? ନିଜ ସାଙ୍ଗ ଓ ଶିକ୍ଷକଙ୍କ ସହ ମିଶି ସେଠାରେ ପିଲାମାନେ କେଉଁ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ଆଲୋଚନା କର । ସେମାନେ ବିକ୍ରିକାମ କିପରି ପରିଚାଳନା କରିଥାନ୍ତି ଓ କ୍ରେତାଙ୍କ ସହ କିପରି ମୂଲଚାଲ କରିଥାନ୍ତି ?


୯. ଯେକୌଣସି ୫ ଗୋଟି ସାମଗ୍ରୀ ବାଛ ଓ ସେଥିରେ ଥିବା ପଟିଚିହ୍ନ (Label) ପ୍ରମାଣପତ୍ର ଗୁଡ଼ିକୁ ପୁସ୍ତକରେ ହୋଇଥିବା ଆଲୋଚନା ଆଧାରରେ ଯାଞ୍ଚକର । ତୁମେ ସଂସ୍ଥାର ପ୍ରତୀକ ଚିହ୍ନ ନଥିବା କୌଣସି ସାମଗ୍ରୀ ପାଇଲ କି ? ଏପରି କାହିଁକି ହେଲା ବୋଲି ଭାବୁଛ ?

୧୦. ତୁମ ଓ ସାଙ୍ଗମାନେ ମିଶି ଏକ ସାବୁନ ଖଣ୍ଡ ତିଆରି କରିଛ । ଏହା ପାଇଁ ଏକ ପଟିଚିହ୍ନ ପ୍ରସ୍ତୁତ କର । ଏହି ପଟିଚିହ୍ନରେ କେଉଁ ସବୁ ତଥ୍ୟ ରହିଲେ ଉପଭୋକ୍ତାମାନେ ଉତ୍ପାଦ ବିଷୟରେ ଅଧିକ ଜାଣିପାରିବେ ?




https://pminewyork.gov.in/pdf/menu/Political_Map_of_India.pdf

ରାଜନୈତିକ ମାନଚିତ୍ର




*Physical Map of India*

ପ୍ରାକୃତିକ ମାନଚିତ୍ର